# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଫେବୃୟାରୀ ୧/୨୦୨୦ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, February 1/2020 | ★★★★★★

୪୬ଶ ଭାଗ ୬୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




## 'ମ୍ୟାନ୍ ଭର୍ସେସ ୱାଇଲ୍ଡ'ରେ ଦୀପିକା

ବିୟର ଗ୍ରିଲ୍ସଙ୍କ ଲୋକପ୍ରିୟ ଟିଭି ଶୋ 'ମ୍ୟାନ୍ ଭର୍ସେସ୍ ୱାଇଲ୍ଡ'ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରଜନୀକାନ୍ତ, ଅକ୍ଷୟ କୁମାରଙ୍କ ପରେ ବଲିଉଡ୍ ମସ୍ତାନୀ ଗର୍ଲ ଦୀପିକା ପାଦୁକୋନ୍ ସାମିଲ ହେବେ।

୦୯

୧୯

## ଥିମ୍ ଅଷ୍ଟ୍ରେଲିଆନ ଓପନ୍ ଫାଇନାଲରେ

ଅଷ୍ଟ୍ରିଆର ଡୋମିନିକ୍ ଥିମ୍ ପ୍ରଥମ ଥର ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାର ଫାଇନାଲରେ ପ୍ରବେଶ କରିଛନ୍ତି।



# ଆଜି କେନ୍ଦ୍ର ବଜେଟ

ନୂଆଦିଲ୍ଲୀ,୩୧ା୧

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଶନିବାର ପାର୍ଲାମେଣ୍ଟରେ ୨୦୨୦-୨୧ ବର୍ଷ ଲାଗି ବଜେଟ ଉପସ୍ଥାପନ କରିବେ। ଅର୍ଥମନ୍ତ୍ରୀ ଭାବେ ଏହା ତାଙ୍କର ଦ୍ୱିତୀୟ ବଜେଟ। ଗତବର୍ଷ ଜୁଲାଇରେ ସେ ନରେନ୍ଦ୍ର ମୋଦି ସରକାରଙ୍କ ପ୍ରଥମ ବଜେଟ ଉପସ୍ଥାପନ କରିଥିଲେ। ଦେଶ ଏବେ ଆର୍ଥିକ ମାନ୍ଦାବସ୍ଥା ଦେଇ ଗତି କରୁଥିବାବେଳେ ଏହା ଅର୍ଥନୀତିଜ୍ଞ ଓ ରାଜନେତାମାନଙ୍କ ଚିନ୍ତା ବଢ଼ାଇଦେଇଛି। ତେଣୁ ମାନ୍ଦାବସ୍ଥାରୁ ଅର୍ଥନୀତିକୁ ମୁକୁଳାଇବା ଅର୍ଥମନ୍ତ୍ରୀଙ୍କ ପ୍ରାଥମିକତା ହେବ ବୋଲି ଆଶା କରାଯାଉଛି। ଏଥିପାଇଁ କିଛି ମାସ ହେଲା ସୀତାରାମନ ଅର୍ଥନୀତିଜ୍ଞ ଓ ବିଭିନ୍ନ କ୍ଷେତ୍ରର ପ୍ରତିନିଧିମାନଙ୍କ ସହ ଆଲୋଚନା ଚଳାଇଥିଲେ। ଅର୍ଥନୀତିକୁ ଆଗେଇ ନେବା ଲାଗି ଦ୍ୱିତୀୟ ପାଳିର ମୋଦି ସରକାର ବଜେଟରେ କେତେକ ନୂଆ ନୀତି ଘୋଷଣା କରିପାରନ୍ତି। ଗ୍ରାମ୍ୟ ଅର୍ଥନୀତିକୁ ସୁଧାରିବା, ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଓ ଲୋକଙ୍କ କ୍ରୟଶକ୍ତି ବଢ଼ାଇବା ପାଇଁ ଅର୍ଥମନ୍ତ୍ରୀ ଗ୍ରାମାଞ୍ଚଳ ପାଇଁ ଅଧିକ ବ୍ୟୟବରାଦ କରିବା ସହ ଟିକସ ହ୍ରାସ କରିବା ଆଶା କରାଯାଉଛି। ବିତ୍ତୀୟ ନିଅଣ୍ଟ ବୃଦ୍ଧି ପାଇଥିବାରୁ ଏହାକୁ କମାଇବା ପାଇଁ ସରକାର ବର୍ଣ୍ଟବିକ୍ରି ମାଧ୍ୟମରେ ଅଧିକ ଅର୍ଥ ସଂଗ୍ରହ କରିପାରନ୍ତି ବୋଲି କୁହାଯାଉଛି। ସେହିପରି କମ୍ପାନୀମାନେ ବିଦେଶରୁ ଯେପରି ସହଜରେ ଋଣ କରିପାରିବେ ସେଥିପାଇଁ ସରକାର ପଦକ୍ଷେପ ନେବେ ବୋଲି ନିବେଶକମାନେ ଅନୁମାନ କରୁଛନ୍ତି। ତେଣୁ ସୀତାରାମନଙ୍କ ବଜେଟ ଉପରେ ସାରା ଦେଶର ନଜର ରହିଛି।

# ନିର୍ଭୟା ଦୋଷୀଙ୍କ ଫାଶୀ ସ୍ଥଗିତ

ନୂଆଦିଲ୍ଲୀ,୩୧ା୧(ପି.ଟି./ଆଇଏଏନ୍ଏସ୍)



- ଅନ୍ୟାଦେଶ ପର୍ଯ୍ୟନ୍ତ ୪ ଦୋଷୀଙ୍କୁ ଦିଆଯିବ ନାହିଁ ମୃତ୍ୟୁଦଣ୍ଡ
- ଦ୍ୱିତୀୟ ଡେଥ୍ ୱାରେଣ୍ଟ ଉପରେ ସ୍ଥଗିତାଦେଶ ଜାରି କଲେ କୋର୍ଟ
- ଆଇନର ଗଳାବାଟ ଦେଇ ଦୋଷୀଙ୍କୁ ପୁଣି କିଛିଦିନ ବଞ୍ଚାଇଦେଲେ ଓକିଲ

ଦୁଇ ଦୁଇଥର ଡେଥ୍ ୱାରେଣ୍ଟ ଜାରି ପରେ ବି ପୁଣି କିଛିଦିନ ପାଇଁ ଫାଶୀକୁ ଟାଳିଦେବାରେ ସକ୍ଷମ ହୋଇଛନ୍ତି ନିର୍ଭୟା ମାମଲାର ଦୋଷୀମାନଙ୍କ ଓକିଲ। ଏହି ବହୁଚର୍ଚ୍ଚିତ ମାମଲାର ୪ ଦୋଷୀ ମୁକେଶ ସିଂ(୩୨), ବିନୟ ଶର୍ମା(୨୬), ଅକ୍ଷୟ ସିଂ(୩୧) ଓ ପବନ ଗୁପ୍ତା(୨୫)ଙ୍କୁ ଶନିବାର ଫାଶୀଖୁଣ୍ଟରେ ଝୁଲାଇବା ପାଇଁ ଅଦାଲତଙ୍କ ନିର୍ଦ୍ଦେଶ ରହିଥିବାବେଳେ ଏହାର ୧୨ ଘଣ୍ଟା ପୂର୍ବରୁ ଦଣ୍ଡାଦେଶକୁ ସ୍ଥଗିତ ରଖାଯାଇଛି। ଅନ୍ୟାଦେଶ ଜାରି ନ ହେବା ଯାଏ ସେମାନଙ୍କୁ ମୃତ୍ୟୁଦଣ୍ଡ ଦିଆଯିବ ନାହିଁ ବୋଲି ଦିଲ୍ଲୀର ପଟିଆଲା ହାଉସ୍ କୋର୍ଟସ୍ଥିତ ଅତିରିକ୍ତ ସେସନ୍ସ ଜଜ୍ ଧର୍ମେନ୍ଦ୍ର ରାଣା ଶୁକ୍ରବାର ସନ୍ଧ୍ୟାରେ ☞ପୃଷ୍ଠା-୪

# ଫୁଲବାଣୀ ଡାକ୍ତରୀ ଛାତ୍ରଙ୍କୁ କରୋନା ସନ୍ଦେହ

ଫୁଲବାଣୀ ଅଫିସ୍, ୩୧ା୧

- ଚାଇନାର ସାଉଥ-ୱେଷ୍ଟ ମେଡିକାଲ ୟୁନିଭର୍ସିଟିରେ ପଢ଼ୁଛନ୍ତି ଏମ୍‌ବିବିଏସ୍
- ଭୟଭୀତ ନ ହେବାକୁ ସିଡିଏମ୍‌ଓଙ୍କ ପରାମର୍ଶ

କରୋନା ଭୂତାଣୁ ସଂକ୍ରମଣ ସନ୍ଦେହରେ କନ୍ଧମାଳର ଜଣେ ଡାକ୍ତରୀ ଛାତ୍ର ଶୁକ୍ରବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଫୁଲବାଣୀ ଅଞ୍ଚଳର ଏହି ଛାତ୍ର ଜଣକ ଚାଇନାର ସିଚୁଆନସ୍ଥିତ ସାଉଥ-ୱେଷ୍ଟ ମେଡିକାଲ ୟୁନିଭର୍ସିଟିରେ ଏମ୍‌ବିବିଏସ୍ ପଢ଼ୁଛନ୍ତି। ଗତ ୧୧ତାରିଖରେ ସେ ଫୁଲବାଣୀ ଫେରିଥିଲେ । ପ୍ରାୟ ଏକ ସପ୍ତାହ ହେବ ତାଙ୍କର ସର୍ଦ୍ଦି ଓ କାଶ ହେଉଛି। ଏଥିପାଇଁ ସେ ଔଷଧ ଖାଇଥିଲେ ମଧ୍ୟ ସୁସ୍ଥ ନ ହେବାରୁ କରୋନା ସଂକ୍ରମିତ ହୋଇଥିବା ସନ୍ଦେହ କରି ଶୁକ୍ରବାର ଜିଲା ମୁଖ୍ୟ ଚିକିତ୍ସାଳୟକୁ ☞ପୃଷ୍ଠା-୪

# ଅଧିକ ଅନୁଦାନ ଆଶାରେ ଓଡ଼ିଶା

ଭୁବନେଶ୍ୱର,୩୧ା୧(ବ୍ୟୁରୋ)

- କେନ୍ଦ୍ର ବଜେଟ୍‌ରୁ ଜିଏସ୍‌ଟି କ୍ଷତିପୂରଣ, ରେଳବାଇ ଅନୁଦାନ ଉପରେ ନଜର
- କେନ୍ଦ୍ର-ରାଜ୍ୟ ଯୋଜନା ସମ୍ମିଶ୍ରଣ ନେଇ ମିଳିପାରେ ସୂଚନା

୨୦୨୦-୨୧ ଆର୍ଥିକ ବର୍ଷ ପାଇଁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଶନିବାର ପାର୍ଲାମେଣ୍ଟରେ ବଜେଟ ଉପସ୍ଥାପନ କରିବେ। ସାମ୍ପ୍ରତିକ ଅର୍ଥ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ପାଇଁ ବଜେଟରେ କ'ଣ ରହୁଛି, ତାହା ଉପରେ ସମସ୍ତଙ୍କ ନଜର ରହିବ। ଓଡ଼ିଶା ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଏକ ପଛୁଆ ରାଜ୍ୟ। ଅନ୍ୟ ସମସ୍ତ ରାଜ୍ୟ ଅପେକ୍ଷା ଓଡ଼ିଶାର ଦୀର୍ଘଦିନରୁ ଆହୁରି କେତେକ ଦାବି ରହି ଆସିଛି। ଟିକସ ଏବଂ ଯୋଜନା ବାବଦକୁ ପୂର୍ବାପେକ୍ଷା ଅଧିକ ଅନୁଦାନ ମଧ୍ୟ ରାଜ୍ୟ ଆଶା କରୁଛି। ବିଶେଷ କରି ରେଳବାଇ ଏବଂ ସାମଗ୍ରୀ ଓ ସେବାକର(ଜିଏସ୍‌ଟି)ବାବଦକୁ ଅଧିକ ଅର୍ଥ ରାଜ୍ୟ ପାଇଁ ପ୍ରମୁଖ ଆବଶ୍ୟକତା ବୋଲି ସମୀକ୍ଷକମାନେ କହିଛନ୍ତି।

ଗତ ବର୍ଷ ମେ'ରେ ରାଜ୍ୟର ଉପକୂଳ ଭୟାନକ ସାମୁଦ୍ରିକ ଝଡ ଫନୀ ଦ୍ୱାରା ପ୍ରଭାବିତ ହୋଇଥିଲା। ଏହାଦ୍ୱାରା ରାଜ୍ୟର ବହୁତ କ୍ଷତି ହୋଇଥିଲା। ନିୟମିତ ବ୍ୟବଧାନରେ ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କରୁଥିବାରୁ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ମିଳୁ ବୋଲି ଦାବି ହୋଇ ଆସୁଛି। ହେଲେ ଏହାକୁ କେନ୍ଦ୍ର ଏଯାବତ୍ ଗ୍ରହଣ କରିନାହିଁ। ତେଣୁ ଗତବର୍ଷରୁ ରାଜ୍ୟକୁ ସ୍ୱତନ୍ତ୍ର ଅର୍ଥନୈତିକ କ୍ଷମତା ତଥା ସ୍ୱତନ୍ତ୍ର ଧାନକେନ୍ଦ୍ରିକ ରାଜ୍ୟର ମାନ୍ୟତା ମିଳୁ ବୋଲି ଦାବି ହେଉଛି। ଏହା ଦ୍ୱାରା ଓଡ଼ିଶା ଅଧିକ ପରିମାଣର କେନ୍ଦ୍ରୀୟ ଅନୁଦାନ ପାଇବ। ତେଣୁ ଏ ସମ୍ପର୍କିତ କିଛି ଘୋଷଣା ଆଶାରେ ଓଡ଼ିଶା ରହିବ। ନିକଟ ଅତୀତରେ ଚାଷୀମାନଙ୍କ ପାଇଁ କରାଯାଇଥିବା କାଳିଆ ଏବଂ ପିଏମ୍‌କିଷାନ ଯୋଜନା ସମ୍ମିଶ୍ରଣ ହୋଇଯାଇଛି। ତେଣୁ ଆୟୁଷ୍ମାନ-ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ) ଏବଂ ବସୁଧା ଓ ହର୍ ଘର୍ ଜଳ ଯୋଜନାର ସମ୍ମିଶ୍ରଣ ନେଇ କି ସୂଚନା ମିଳୁଛି, ତାହା ଉପରେ ସମୀକ୍ଷକଙ୍କ ନଜର ରହିବ। ସାରା ଦେଶରେ ଭିତ୍ତିଭୂମି ☞ପୃଷ୍ଠା-୪

# ଜିଡିପି ୬.୫% ଛୁଇଁବା ଆଶା

ନୂଆଦିଲ୍ଲୀ,୩୧ା୧

ଶୁକ୍ରବାରଠାରୁ ୨୦୨୦-୨୧ ଆର୍ଥିକ ବର୍ଷ ଲାଗି ବଜେଟ ଅଧିବେଶନ ଆରମ୍ଭ ହୋଇଛି। ଏହି ଅବସରରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ସଂସଦରେ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ କରିଛନ୍ତି। ଏପ୍ରିଲ ପହିଲାରୁ ଆରମ୍ଭ ହେଉଥିବା ଆସନ୍ତା ଆର୍ଥିକ ବର୍ଷରେ ଦେଶର ଜିଡିପି ବିକାଶ ହାର ୬ରୁ ୬.୫% ରହିବ ବୋଲି ସର୍ଭେ ରିପୋର୍ଟରେ ଆକଳନ କରାଯାଇଛି। ୨୦୧୯-୨୦ ଆର୍ଥିକ ବର୍ଷ ଲାଗି ଦେଶର ବିକାଶ ହାର ୫% ରହିବା ନେଇ ଆଗୁଆ ପୂର୍ବାନୁମାନ କରାଯାଇଛି। ବିଶ୍ୱ ସ୍ତରର ମାନ୍ଦାବସ୍ଥା ଭାରତ ଉପରେ ପ୍ରଭାବ ପକାଇବା ଯୋଗୁ ଦେଶ ମଧ୍ୟରେ ନିବେଶ ଏବଂ ଚାହିଦା କମିଛି। ଦେଶର ବିକାଶ ହାର ଏବେ ଦଶନ୍ଧିର ସର୍ବନିମ୍ନ ସ୍ତରକୁ ଖସିଯିବ ବୋଲି ପୂର୍ବାନୁମାନ କରାଯାଇଛି। ଜୁଲାଇ-ସେପ୍ଟେମ୍ବର ତ୍ରୈମାସରେ ଜିଡିପି ଅଭିବୃଦ୍ଧି ୪.୫% ସ୍ତରକୁ ଖସିଥିବା ବେଳେ ସାରା ବର୍ଷ ଲାଗି ୫% ରହିବା ନେଇ ଆକଳନ କରାଯାଇଛି। ବାଣିଜ୍ୟିକ ଧାରାରେ ଉନ୍ନତି ଆସୁଥିବାରୁ ବିକାଶ ହାର ତ୍ୱରାନ୍ୱିତ ହେବ ବୋଲି ରିପୋର୍ଟରେ ସୂଚନା ଦିଆଯାଇଛି।



ଅର୍ଥନୈତିକ ସର୍ଭେ ରିପୋର୍ଟକୁ ଉପସ୍ଥାପନ କରୁଛନ୍ତି ସିଇଏ କେ.ଭି. ସୁବ୍ରମଣ୍ୟନ୍ (ମଝି) ଏବଂ ବରିଷ୍ଠ ଅଧିକାରୀ।

ଚଳିତ ବର୍ଷର ସର୍ଭେ ରିପୋର୍ଟକୁ ଲାଭେଣ୍ଡର ରଙ୍ଗଯୁକ୍ତ ପେପରରେ ଛପାଯାଇଛି। ଏହାର କଭର ପେଜ୍‌ରେ ଟଙ୍କା ଚିହ୍ନ ରହିଛି। ନୂଆ ୧୦୦ ଟଙ୍କିଆ ନୋଟ ଭଳି ଏହାର ରଙ୍ଗ ସମାନ ରହିଛି। ବଜେଟ ପୂର୍ବରୁ ଆସିଥିବା ଏହି ସର୍ଭେ ରିପୋର୍ଟରେ ଦେଶ ମଧ୍ୟରେ ସମ୍ପତ୍ତିର ବଣ୍ଟନ, ସମ୍ପତ୍ତି ସୃଷ୍ଟି ଏବଂ ସମ୍ପତ୍ତି ସୃଷ୍ଟିକର୍ତ୍ତାଙ୍କୁ ସମ୍ମାନ ଭଳି ପ୍ରସଙ୍ଗ ଉଲ୍ଲେଖ ରହିଛି। ପିଆଜ ସମେତ ଅନ୍ୟ ସାମଗ୍ରୀର ଦରଦାମ ଉପରେ ନିୟନ୍ତ୍ରଣ ଜାରି କରିବା ଲାଗି ସରକାର ସକ୍ଷମ ହୋଇ ନ ଥିବା ରିପୋର୍ଟରେ କୁହାଯାଇଛି। ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଲାଗି ଆସେମ୍ବଲ ଇନ୍ ଇଣ୍ଡିଆ ଫର ଦ ୱାର୍ଲଡ ଭଳି ନୂଆ ନୂଆ ଚିନ୍ତାଧାରା ଉପରେ ଗୁରୁତ୍ୱାରୋପ କରାଯାଇଛି। ବାଣିଜ୍ୟ ସୁଗମତାକୁ ବଢାଇବା ଲାଗି ନାଲିଫିତାବାଦକୁ ହଟାଇବା, ରପ୍ତାନି ପ୍ରୋତ୍ସାହନ, ଷ୍ଟାର୍ଟ ଅପ୍ ଗୁଡ଼ିକ ଲାଗି ପଦକ୍ଷେପ, ସମ୍ପତ୍ତି ପଞ୍ଜୀକରଣ ଭଳି ଅନ୍ୟ ଦିଗ ଉପରେ ଉଲ୍ଲେଖ ରହିଛି। ସେହିଭଳି କର୍ପୋରେଟ ସେକ୍ଟର ବ୍ୟାଙ୍କଗୁଡ଼ିକର ଗଭର୍ନାନ୍ସରେ ଉନ୍ନତି, ଭରସା ସୃଷ୍ଟି ଲାଗି ସୂଚନା ପ୍ରଦାନକୁ ତ୍ୱରାନ୍ୱିତ କରିବା ଏବଂ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ନୂତନ କୌଶଳ ଉପରେ ରିପୋର୍ଟରେ ପ୍ରାଥମିକତା ଦିଆଯାଇଛି।

ରିପୋର୍ଟ ମୁତାବକ, ଏପ୍ରିଲ ୨୦୧୯ରେ ମୁଦ୍ରାସ୍ଫୀତି ୩.୨%ରୁ ଡିସେମ୍ବର ୨୦୧୯ରେ ୨.୬%କୁ ହ୍ରାସ ଘଟିଛି। ☞ପୃଷ୍ଠା-୪

### ଅର୍ଥନୈତିକ ସର୍ଭେ ୨୦୧୯-୨୦

- ଉପସ୍ଥାପନ କଲେ ନିର୍ମଳା ସୀତାରାମନ
- ଚଳନ୍ତି ଖାତା ନିଅଣ୍ଟ ଜିଡିପିର ୧.୫%
- ବିତ୍ତୀୟ ନିଅଣ୍ଟ ୩.୩%, ରେକର୍ଡ ସ୍ତରରେ ବିଦେଶୀ ମୁଦ୍ରା ଭଣ୍ଡାର
- ୮ ମାସରେ ୨୪.୪ ବିଲିୟନ ଡଲାର ଏଫ୍‌ଡିଆଇ
- ବାଣିଜ୍ୟ ସୁଗମତା, ସମ୍ପତ୍ତି ସୃଷ୍ଟିକୁ ଗୁରୁତ୍ୱ

# ଏଥର ଅନ୍‌ଲାଇନରେ ଓଜେଇଇ

ଭୁବନେଶ୍ୱର, ୩୧ା୧(ବ୍ୟୁରୋ)

ଏଥର ଅନ୍‌ଲାଇନରେ ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ) ହେବ। ଚଳିତବର୍ଷ ଓଜେଇଇ କମ୍ପ୍ୟୁଟର ବେସ୍‌ଡ ଟେଷ୍ଟ ବା ସିବିଟି ମାଧ୍ୟମରେ ହେବ। ଉଭୟ ପିଜି ଓ ୟୁଜି କୋର୍ସ ପାଇଁ ସିବିଟି ପଦ୍ଧତି ଲାଗୁହେବ। ଏନେଇ ଓଜେଇଇ ଆପେକ୍ସ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି। ମେ' ପ୍ରଥମ ସପ୍ତାହରେ ପ୍ରଥମ ଓଜେଇଇ ହେବ। ଏ ସମ୍ପର୍କରେ ଶୁକ୍ରବାର ଓଜେଇଇ ଅଧ୍ୟକ୍ଷ ସୁଦୀପ କୁମାର ଚାନ୍ଦ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ କେବଳ ପିଜି କୋର୍ସରେ ସିବିଟି ପଦ୍ଧତି ଲାଗୁ ହୋଇଥିଲା।


ମାଟ୍ରିକ ପରୀକ୍ଷା ସାଥୀ ଦେଖନ୍ତୁ
ପୃଷ୍ଠା-୧୦ ଓ ୧୧



ଆଜିର ସମ୍ପାଦକୀୟ
ବାବୁଙ୍କ ଲାଗି ଲଢ଼େଇ



ଗାଡ଼ିରୁ ଘର-ଖଟିରୁ ବଜାର
ସବୁଠି 91.9 ସାର୍ଥକ FMର ସ୍ୱର
91.9 ସାର୍ଥକ FM
ଏଥର ଜମିଲା...
୨୪ଘଣ୍ଟା Super Hit ଓଡ଼ିଆ ଗୀତ



Vencobb
Taste the difference!
FRESH CHICKEN
31.01.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 64 | 111 | 121 |
| CTC | 66 | 114 | 124 |
| DKL | 69 | 118 | 128 |
| BDK | 66 | 114 | 124 |
| BLS | 66 | 114 | 124 |
| ANG | 70 | 119 | 129 |
| BHM | 66 | 114 | 124 |

*Conditions Apply
Issued in the Interest of Consumers




ଆନନ୍ଦପୁର ବ୍ୟାରେଜକୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରିବା ପରେ ବୁଲି ଦେଖୁଛନ୍ତି।

# ଆନନ୍ଦପୁର ବ୍ୟାରେଜ୍ ଲୋକାର୍ପିତ

ଆନନ୍ଦପୁର/ଘସିପୁରା/କେନ୍ଦୁଝର, ୩୧ା୧ (ସ୍ୱ.ପ୍ର./ଡି.ଏନ୍.ଏ.)

- ୪୭୫ କୋଟି ଟଙ୍କା ବ୍ୟୟରେ ନିର୍ମିତ
- ଜଳଧାରଣ କ୍ଷମତା ୩୫୦ ଲକ୍ଷ ଘନମିଟର
- ଉପକୃତ ହେବେ ବାଲେଶ୍ୱର,କେନ୍ଦୁଝର ଜିଲାର ଚାଷୀ
- ୨୧୦୦ କୋଟି ଟଙ୍କାର ପାନୀୟଜଳ ପ୍ରକଳ୍ପର ଶିଳାନ୍ୟାସ

ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବହୁ ପ୍ରତୀକ୍ଷିତ ଆନନ୍ଦପୁର ବ୍ୟାରେଜ ଲୋକାର୍ପଣ କରିଛନ୍ତି । ୨୦୦୯ରେ ମୁଖ୍ୟମନ୍ତ୍ରୀ ଆନନ୍ଦପୁର ଗସ୍ତ ଅବସରରେ ଏହି ବ୍ୟାରେଜର ଶିଳାନ୍ୟାସ କରିଥିଲେ। ୪୭୫ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଏହି ବ୍ୟାରେଜରେ ୩୫୦ ଲକ୍ଷ ଘନମିଟର ଜଳଧାରଣର କ୍ଷମତା ରହିଛି। ଏଥିରେ ୩୩ଟି ଗେଟର ବ୍ୟବସ୍ଥା ରହିଥିବାବେଳେ ୮ ସ୍ଲୁଇସ୍ ଗେଟ୍ ଦ୍ୱାରା ଜଳବଣ୍ଟନର ସୁବିଧା କରାଯାଇଛି। ଏହି ବ୍ୟାରେଜରେ ଜଳ ସଂରକ୍ଷଣ କରାଯାଇ ବୈତରଣୀ ବାମପାର୍ଶ୍ୱ, ଡାହାଣପାର୍ଶ୍ୱ, ସାଳନ୍ଦୀ ବାମପାର୍ଶ୍ୱ କେନାଲ ଦ୍ୱାରା କେନ୍ଦୁଝର ଓ ବାଲେଶ୍ୱର ଜିଲାର ୬୦ ହଜାର ହେକ୍ଟର ଚାଷ ଜମିକୁ ଜଳସେଚନ କରାଯିବ । କେନ୍ଦୁଝର ଜିଲାର ଘସିପୁରା, ହାଟଡିହୀ, ଆନନ୍ଦପୁର, ବାଲେଶ୍ୱର ଜିଲାର ଖଇରା, ଔପଦା, ସୋର, ବାହାନଗା, ନୀଳଗିରି, ରେମୁଣା, ବାଲେଶ୍ୱର ଆଦି ଅଞ୍ଚଳର ଚାଷୀମାନେ ଏହି ବ୍ୟାରେଜ ଦ୍ୱାରା ଉପକୃତ ହୋଇପାରିବେ ବୋଲି ଜଣାପଡ଼ିଛି । ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ☞ପୃଷ୍ଠା-୪

# ଟି୨୦ରେ ଭାରତର ବିରଳ ବିଜୟ

ୱେଲିଂଟନ, ୩୧ା୧



ହାମିଲଟନ ପରେ ୱେଲିଂଟନ। ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଚାଲିଥିବା ଟି୨୦ ସିରିଜର କ୍ରମାଗତ ୨ଟି ମ୍ୟାଚ ଟାଇ ରହିବାପରେ ସୁପର ଓଭରରୁ ଆସିଛି ମ୍ୟାଚ ଫଳାଫଳ। ଉଭୟ ଥର ଚାପ ପରିସ୍ଥିତିରେ ମାନସିକ ଦୃଢ଼ତା ଦେଖାଇଛି ଟିମ୍ ଇଣ୍ଡିଆ। ୨ ଥରଯାକ କଷ୍ଟସାଧ୍ୟ ପରିସ୍ଥିତିରୁ ମୁକୁଳିବାରେ ସକ୍ଷମ ହୋଇଛି ବିରାଟ ବାହିନୀ। ହାମିଲଟନରେ ଅନୁଷ୍ଠିତ ତୃତୀୟ ଦିନିକିଆରେ ରୋହିତ ଶର୍ମା ଓ ଲୋକେଶ ରାହୁଲ ଭାରତକୁ ଚିତ୍ତାକର୍ଷକ ବିଜୟ ଦେଇଥିବାବେଳେ ୱେଲିଂଟନରେ ନ୍ୟୁଜିଲାଣ୍ଡକୁ ଚକ୍‌ମା ଦେଇଛନ୍ତି ଯଶପ୍ରୀତ ବୁମ୍‌ରା, ରାହୁଲ ଓ ଅଧିନାୟକ ବିରାଟ କୋହଲି। ଟି୨୦ କ୍ରିକେଟ ଇତିହାସରେ ଭାରତ ପାଇଁ ଏହା ଏକ ବିରଳ ବିଜୟ। କାରଣ ଏହା ପୂର୍ବରୁ ଭାରତ କ୍ରମାଗତ ୨ଟି ଅନ୍ତର୍ଜାତୀୟ ମ୍ୟାଚରେ କେବେ ହେଲେ ସୁପର ଓଭରରେ ଜିତି ନ ଥିଲା। ୱେଲିଂଟନର ସ୍କାଏ ଷ୍ଟାଡିୟମରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୬୫ ରନ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ଏକଦା ବିଜୟର ନିକଟତର ହୋଇଥିଲେ ହେଁ ଶେଷ ଓଭରରେ ୭ ରନ କରି ନ ପାରି ମ୍ୟାଚକୁ ଟାଇ ରଖିଥିଲା। ଫଳରେ ସୁପର ଓଭରର ସହାୟତା ନିଆ ଯାଇଥିଲା। ଏହି ପର୍ଯ୍ୟାୟରେ ବୁମ୍‌ରାଙ୍କ ଓଭରରୁ ୨ ଚୌକା ସହାୟତାରେ ନ୍ୟୁଜିଲାଣ୍ଡ ୧ ଉଇକେଟ ହରାଇ ୧୩ ରନ କରିଥିଲା। ୧୪ ରନ ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ଭାରତ ଟିମ୍ ସୌଦୀଙ୍କ ଓଭରରୁ ୧ ଛକା ଓ ୨ ଚୌକା ସହାୟତାରେ ୫ ବଲ୍‌ରୁ ୧୬ ରନ ସଂଗ୍ରହ କରି ନେଇଥିଲା। ☞ପୃଷ୍ଠା-୧୫

### ଶାର୍ଦ୍ଦୂଳ ଠାକୁର

- ବ୍ୟାଟିଂ: ୧୫ ବଲ, ୨୦ ରନ, ୨ ଚୌକା
- ବୋଲିଂ: ୪-୦-୩୩-୨
- ମ୍ୟାନ ଅଫ ଦି ମ୍ୟାଚ

## ୨ ଭାରତୀୟ ନାବିକଙ୍କ ମୃତ୍ୟୁ

ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ଉପକୂଳଠାରୁ ୨୧ ମାଇଲ ଦୂରରେ ଥିବା ଏକ ତୈଳବାହୀ ଜାହାଜରେ ବୁଧବାର ସନ୍ଧ୍ୟାରେ ନିଆଁ ଲାଗିଯାଇଥିଲା। ଏଥିରେ ଥିବା ଦୁଇଜଣ ଭାରତୀୟ ନାବିକଙ୍କର ମୃତ୍ୟୁ ହେବା ସହ ଅନ୍ୟ ଦୁଇଜଣ ଗୁରୁତର ଥିବା ଜଣାପଡିଛି। ଅନେକ ନିଖୋଜ ରହିଛନ୍ତି। ସେମାନଙ୍କୁ ଖୋଜି ବାହାର କରିବା ଲାଗି ଉଦ୍ୟମ ଜାରି ରହିଛି। ଜାହାଜରେ ୧୨ କର୍ମଚାରୀଙ୍କ ସମେତ ୫୫ ଜଣ ଥିଲେ।

# ସିଏଏକୁ ରାଷ୍ଟ୍ରପତିଙ୍କ ପ୍ରଶଂସା

ନୂଆଦିଲ୍ଲୀ,୩୧।୧(ପି.ଟି.)



## ପାର୍ଲାମେଣ୍ଟରେ କୋବିନ୍ଦଙ୍କ ଅଭିଭାଷଣ

## ନାଗରିକତ୍ୱ ସଂଶୋଧନ ଆଇନ ଐତିହାସିକ

## ପ୍ରତିବାଦରେ କଳାପଟି ବାନ୍ଧିଲେ ବିରୋଧୀ

ପାର୍ଲାମେଣ୍ଟର ବଜେଟ ଅଧିବେଶନ ଶୁକ୍ରବାର ଆରମ୍ଭ ହୋଇଛି। ପ୍ରାରମ୍ଭରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ସଂସଦର କେନ୍ଦ୍ରୀୟ ହଲ୍‌ରେ ଉଭୟ ଗୃହର ମିଳିତ ଅଧିବେଶନକୁ ସମ୍ବୋଧିତ କରିବା ଅବସରରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ଐତିହାସିକ ବୋଲି କହିଛନ୍ତି। ଏହା ମହାତ୍ମା ଗାନ୍ଧୀଙ୍କ ସ୍ୱପ୍ନକୁ ପୂରଣ କରିଥିବା ସେ ମତ ଦେଇଛନ୍ତି। କାରଣ ଦେଶ ବିଭାଜନ ପରେ ପାକିସ୍ତାନରେ ରହିବାକୁ ଚାହୁଁ ନ ଥିବା ହିନ୍ଦୁ ଓ ଶିଖ୍‌ମାନେ ଯଦି ଭାରତ ପଳାଇଆସନ୍ତି, ତେବେ ସେମାନଙ୍କୁ ସାଧାରଣ ଜୀବନଯାପନର ସୁବିଧା ଯୋଗାଇଦେବା ଭାରତ ସରକାରଙ୍କ କର୍ତ୍ତବ୍ୟ ବୋଲି ଗାନ୍ଧିଜୀ କହିଥିଲେ। ଯେକୌଣସି ପ୍ରସଙ୍ଗ ଉପରେ ବିତର୍କ ଓ ଆଲୋଚନା ଦ୍ୱାରା ଗଣତନ୍ତ୍ର ସୁଦୃଢ଼ ହୋଇଥାଏ। ଅନ୍ୟପକ୍ଷରେ ଆନ୍ଦୋଳନ ବେଳେ ହିଂସାକାଣ୍ଡ ଗଣତନ୍ତ୍ରକୁ ଦୁର୍ବଳ କରିଦେଇଥାଏ ବୋଲି ରାଷ୍ଟ୍ରପତି କହିଥିଲେ। ରାଷ୍ଟ୍ରପତିଙ୍କ ଏଭଳି ମନ୍ତବ୍ୟକୁ କେତେକ ବିପକ୍ଷ ଦଳ ସଦସ୍ୟ ବିରୋଧ କରିଥିଲେ। ସେମାନେ ବ୍ୟାନର ପ୍ରଦର୍ଶନ କରିବା ସହ 'ଲଜ୍ଜା, ଲଜ୍ଜା' ସ୍ଲୋଗାନ ଦେଇଥିଲେ।

ରାଷ୍ଟ୍ରପତି ତାଙ୍କ ଅଭିଭାଷଣରେ କହିଥିଲେ, ନୂଆ ଭାରତ ଗଠନ ଲାଗି ଦେଶବାସୀ ସରକାରଙ୍କୁ ଜନାଦେଶ ଦେଇଛନ୍ତି। ଏହି ସରକାରର ମନ୍ତ୍ର ହେଉଛି, ସବ୍‌କା ସାଥ୍, ସବ୍‌କା ବିକାଶ ଓ ସବ୍‌କା ବିଶ୍ୱାସ। ରାଜନେତାମାନଙ୍କୁ ସ୍ମରଣ କରାଇଦେଇ ରାଷ୍ଟ୍ରପତି କହିଥିଲେ, ସେମାନେ ସବୁବେଳେ ମନେରଖିବା ଉଚିତ ଯେ ସେମାନେ ପ୍ରଥମେ ହେଉଛନ୍ତି ଦେଶର ନାଗରିକ ଓ ପରେ କୌଣସି ଦଳର ନେତା ବା ନିର୍ଦ୍ଦିଷ୍ଟ ନୀତି ଆଦର୍ଶର ସମର୍ଥକ। ତେଣୁ ଦଳ ଆନୁଗତ୍ୟ ଅପେକ୍ଷା ରାଷ୍ଟ୍ରର ମର୍ଯ୍ୟାଦା ଅଧିକ ଗୁରୁତ୍ୱପୂର୍ଣ୍ଣ। ରାଷ୍ଟ୍ରୀୟ ସ୍ୱାର୍ଥ ଲାଗି ପ୍ରତି ନାଗରିକ ନିଜର କର୍ତ୍ତବ୍ୟ ପ୍ରତି ସଚେତନ ଓ ଉତ୍ସର୍ଗୀକୃତ ରହିବା ଆବଶ୍ୟକ। ଚଳିତ ଦଶନ୍ଧିକୁ କର୍ତ୍ତବ୍ୟ ପୂରଣ କରିବାର ଦଶନ୍ଧିରେ ପରିଣତ କରିବା ପାଇଁ ସମସ୍ତେ ଏକାଠି ହେବା ଲାଗି ସେ ଆହ୍ୱାନ ଦେଇଥିଲେ।

ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଏବଂ ୩୫ଏ ଉଚ୍ଛେଦକୁ ନେଇ ରାଷ୍ଟ୍ରପତି କହିଥିଲେ, ଏହା ଜମ୍ମୁ-କଶ୍ମୀର ଓ ଲଦାଖ ଅଞ୍ଚଳ ତଥା ଏହାର ଜନସାଧାରଣଙ୍କ ପାଇଁ ସମାନ ବିକାଶର ସୁଯୋଗ ପ୍ରଦାନ କରିବ ଏବଂ ସେମାନେ ଦେଶର ଅନ୍ୟ ଭାଗ ଭଳି ସମାନ ଅଧିକାର ପାଇବେ। ସେହିପରି ରାମ ଜନ୍ମଭୂମି ସମ୍ପର୍କିତ ସୁପ୍ରିମକୋର୍ଟଙ୍କ ରାୟ ପ୍ରତି ଦେଶବାସୀ ପରିପକ୍ୱ ମନୋଭାବ ପ୍ରଦର୍ଶନ କରିଥିବାରୁ ରାଷ୍ଟ୍ରପତି ଏହାର ଭୂୟସୀ ପ୍ରଶଂସା କରିଥିଲେ। ନୂଆ ସରକାରଙ୍କ ପ୍ରଥମ ୭ ମାସରେ ପାର୍ଲାମେଣ୍ଟ ତିନି ତଲାକ୍ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ବିଲ୍‌କୁ ଅନୁମୋଦନ କରି ରେକର୍ଡ ସୃଷ୍ଟି କରିଛି। ଏହି ଅବସରରେ ରାଷ୍ଟ୍ରପତି ସରକାରଙ୍କ ଗତ ୫ ବର୍ଷର ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଅବତାରଣା କରିଥିଲେ। ବିଭିନ୍ନ ଅନ୍ତର୍ଜାତୀୟ ର୍‍ୟାଙ୍କିଙ୍ଗ୍ ସୂଚକାଙ୍କରେ ଭାରତର ଅଗ୍ରଗତିକୁ ଏହା ସହାୟତା କରିଛି। ପର୍ଯ୍ୟଟନ ସୂଚକାଙ୍କରେ ଭାରତ ୫୨ରୁ ୩୪ତମ ସ୍ଥାନକୁ ଉନ୍ନୀତ ହୋଇଥିବାବେଳେ ବିଶ୍ୱବ୍ୟାଙ୍କର ଇଜ୍ ଅଫ୍ ଡୁଇଙ୍ଗ୍ ବିଜ୍‌ନେସ ର୍‍ୟାଙ୍କରେ ଏହା ୭୯ରୁ ୬୩ତମ ସ୍ଥାନକୁ ଉନ୍ନତି କରିଛି। ୮ କୋଟି ଲୋକଙ୍କୁ ମାଗଣା ଏଲ୍‌ପିଜି ସଂଯୋଗ ଦିଆଯିବା ସହ ୨ କୋଟି ଗୃହ ମାଗଣାରେ ଯୋଗାଇଦିଆଯାଇଛି। ସେହିପରି ୩୮ କୋଟି ଲୋକ ବ୍ୟାଙ୍କ ଆକାଉଣ୍ଟ ଖୋଲିପାରିଛନ୍ତି। ସଂଖ୍ୟାଲଘୁମାନଙ୍କ କଲ୍ୟାଣ ଲାଗି ସରକାର ଅନେକ ପଦକ୍ଷେପ ନେଇଛନ୍ତି। ଦେଶର ବିକାଶରେ କୃଷକମାନଙ୍କ ଅବଦାନକୁ ଉଚ୍ଚପ୍ରଶଂସା କରି ରାଷ୍ଟ୍ରପତି କହିଥିଲେ, ସରକାର ସେମାନଙ୍କ ଜୀବନ ଧାରଣ ମାନରେ ଉନ୍ନତି ଉପରେ ପ୍ରାଥମିକତା ଦେଉଛନ୍ତି। ସେହିପରି ଗ୍ରାମୀଣ ଅର୍ଥନୀତିକୁ ମଜଭୁତ କରିବା ଲାଗି ସରକାର ଆଗାମୀ ବର୍ଷଗୁଡ଼ିକରେ ୨୫ ଲକ୍ଷ କୋଟି ଟଙ୍କା ବିନିଯୋଗ କରିବାକୁ ଯାଉଥିବା ରାଷ୍ଟ୍ରପତି କହିଛନ୍ତି। ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ ୮ କୋଟିରୁ ଊର୍ଦ୍ଧ୍ୱ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ୪୩ ହଜାର କୋଟି ଟଙ୍କାରୁ ଅଧିକ ଜମା ହୋଇଛି। କୃଷିବ୍ୟୟର ଦେଢ଼ଗୁଣା ଚାଷୀଙ୍କୁ ଯୋଗାଇଦେବା ଦିଗରେ ସରକାର କାର୍ଯ୍ୟ କରୁଛନ୍ତି।

ସେହିପରି ରାଷ୍ଟ୍ରପତି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସରକାର ନେଇଥିବା ବିଭିନ୍ନ ପଦକ୍ଷେପ ଓ ଆୟୁଷ୍ମାନ୍ ଭାରତ ଯୋଜନା ସମ୍ପର୍କରେ କହିଥିଲେ। ସେହିପରି ମହିଳାମାନଙ୍କ ସୁରକ୍ଷା ପାଇଁ ଦେଶରେ ୬୦୦ରୁ ଅଧିକ ୱାନ୍ ଷ୍ଟପ୍ ସେଣ୍ଟର ନିର୍ମାଣ କରାଯାଇଛି ଓ ସମ୍ପୃକ୍ତ ଅପରାଧୀଙ୍କୁ ଚିହ୍ନଟ କରିବା ଲାଗି ଏକ ଜାତୀୟ ଡାଟାବେସ୍ ସୃଷ୍ଟି କରାଯାଇଛି। ତ୍ୱରିତ ନ୍ୟାୟ ପ୍ରଦାନ ପାଇଁ ହଜାରେରୁ ଊର୍ଦ୍ଧ୍ୱ ଫାଷ୍ଟ ଟ୍ରାକ୍ କୋର୍ଟ ପ୍ରତିଷ୍ଠା ହୋଇଛି। ଆତଙ୍କବାଦ ପ୍ରସଙ୍ଗରେ ରାଷ୍ଟ୍ରପତି କହିଥିଲେ, ଦେଶକୁ ଆତଙ୍କବାଦର ଭୟାବହତାରୁ ମୁକ୍ତକରିବା ପାଇଁ ସରକାର ପ୍ରତିବଦ୍ଧ ଏବଂ ଏଦିଗରେ ପୂରାଦମ୍‌ରେ କାର୍ଯ୍ୟ କରୁଛନ୍ତି। ଏଥିପାଇଁ ସେନାକୁ ପୂର୍ଣ୍ଣକ୍ଷମତା ଦିଆଯାଇଛି। ଜମ୍ମୁ-କଶ୍ମୀରରେ ଆତଙ୍କବାଦୀ କାର୍ଯ୍ୟକଳାପ ହ୍ରାସ ପାଇଛି। ଉତ୍ତରପୂର୍ବାଞ୍ଚଳ ସ୍ଥିତିରେ ମଧ୍ୟ ବେଶ୍ ଉନ୍ନତି ହୋଇଛି ବୋଲି ରାଷ୍ଟ୍ରପତି କହିଥିଲେ।

ଅଧିବେଶନର ପ୍ରଥମ ଦିନରୁ ବିରୋଧୀ ଦଳ ସିଏଏ, ଏନ୍‌ଆର୍‌ସି ଏବଂ ଏନ୍‌ପିଆରକୁ ପ୍ରବଳ ବିରୋଧ କରିଥିଲେ। କଂଗ୍ରେସ ସମେତ ୧୪ଟି ବିରୋଧୀ ଦଳର ସଦସ୍ୟମାନେ ରାଷ୍ଟ୍ରପତିଙ୍କ ଅଭିଭାଷଣ ବେଳେ ହାତରେ କଳାପଟି ବାନ୍ଧି ବସିଥିବା ଦେଖାଯାଇଥିଲା। ସିଏଏକୁ ସରକାର ସଫଳତା କହିବା ଲଜ୍ଜାଜନକ ବୋଲି ସେମାନେ କହିଥିଲେ। ଏହା ପୂର୍ବରୁ ବିରୋଧୀ ନେତାମାନେ ପାର୍ଲାମେଣ୍ଟ ଭବନ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ସିଏଏ, ଏନ୍‌ଆର୍‌ସି ଏବଂ ଏନ୍‌ପିଏ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପ୍ରତିବାଦ ସ୍ୱରୂପ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଓ ରାଜ୍ୟ ସଭାରେ ବିରୋଧୀ ଦଳ ନେତା ଗୁଲାମ ନବୀ ଆଜାଦ ସେଣ୍ଟ୍ରାଲ ହଲ୍‌ରେ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଆସନରେ ବସି ନ ଥିଲେ।




ପାର୍ଲାମେଣ୍ଟ ପରିସରରେ ଥିବା ଗାନ୍ଧୀ ମୂର୍ତ୍ତି ନିକଟରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ସମେତ ବିରୋଧୀ ଏମ୍‌ପିମାନେ ସିଏଏ ଏବଂ ଏନ୍‌ଆର୍‌ସିକୁ ବିରୋଧ କରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ବିରୋଧୀଙ୍କୁ ମୁକାବିଲା କର

ନୂଆଦିଲ୍ଲୀ,୩୧।୧(ପି.ଟି.)



## ଏନ୍‌ଡିଏ ନେତାଙ୍କୁ ମୋଦିଙ୍କ ପରାମର୍ଶ

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ନେଇ ତାଙ୍କ ସରକାର ରକ୍ଷାତ୍ମକ ଅନୁଭବ କରିବାର କୌଣସି କାରଣ ନାହିଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏନ୍‌ଡିଏ ବୈଠକରେ କହିଛନ୍ତି। ପାର୍ଲାମେଣ୍ଟରେ ସିଏଏକୁ ଦୃଢ଼ ସମର୍ଥନ କରିବା ଲାଗି ସେ ଏନ୍‌ଡିଏ ନେତାମାନଙ୍କୁ ଅନୁରୋଧ କରିଛନ୍ତି। ବଜେଟ ଅଧିବେଶନରେ ଏନ୍‌ଡିଏର ରଣକୌଶଳ କ'ଣ ରହିବ ତାହା ଉପରେ ଆଲୋଚନା ପାଇଁ ଭାଜପା ଓ ସହଯୋଗୀ ଦଳର ନେତାମାନଙ୍କ ବୈଠକ ଡକାଯାଇଥିଲା। ସିଏଏରେ ମୁସଲମାନଙ୍କ ପ୍ରତି ପକ୍ଷପାତ କରାଯାଇଥିବା ବିରୋଧୀ ଅଭିଯୋଗ କରୁଛି। ସରକାର ନାଗରିକତ୍ୱ ଆଇନରେ ସଂଶୋଧନ ଆଣି କିଛି ଭୁଲ୍ କରିନାହାନ୍ତି। ତେଣୁ ବିରୋଧୀଙ୍କୁ ଆକ୍ରମଣାତ୍ମକ ଢଙ୍ଗରେ ସମ୍ମୁଖୀନ ହେବା ଲାଗି ଏନ୍‌ଡିଏ ନେତାମାନଙ୍କୁ କୁହାଯାଇଛି। ସେହିପରି ବୋଡୋ ଚୁକ୍ତିନାମା ଏବଂ ତ୍ରିପୁରାରେ ବ୍ରୁ ସମ୍ପ୍ରଦାୟର ଥଇଥାନ ପାଇଁ ସରକାର ନେଇଥିବା ପଦକ୍ଷେପକୁ ଏନ୍‌ଡିଏ ନେତାମାନେ ପ୍ରଶଂସା କରିଥିଲେ।

# ବ୍ୟବସାୟୀଙ୍କୁ ଛୁରି ଭୁସି ହତ୍ୟା

ଔରଙ୍ଗାବାଦ,୩୧।୧(ପି.ଟି.)

ମହାରାଷ୍ଟ୍ରର ଔରଙ୍ଗାବାଦରେ ଶୁକ୍ରବାର ଗୁଜରାଟର ଜଣେ ଯୁବ ବ୍ୟବସାୟୀଙ୍କୁ ତିନିଜଣ ଦୁର୍ବୃତ୍ତ ଛୁରିଭୁସି ହତ୍ୟା କରିଛନ୍ତି। ପ୍ରକାଶଭାଇ ଯଶୱନ୍ତଭାଇ ପଟେଲ ନାମକ ଏହି ବ୍ୟବସାୟୀ କୌଣସି କାମରେ ଆସି କିଛିସମୟ ପୂର୍ବରୁ ଔରଙ୍ଗାବାଦରେ ପହଞ୍ଚିଥିଲେ। ତାଙ୍କର ନଗରଖାନା ଲେନ୍‌ରେ ଥିବା ଅଫିସରେ ୩ ଦୁର୍ବୃତ୍ତ ପ୍ରବେଶ କରି ସାଙ୍ଗରେ ଯିବାକୁ କହିଥିଲେ। ସେମାନଙ୍କ ମଧ୍ୟରେ ଜଣେ ପଟେଲଙ୍କୁ ବନ୍ଧୁକ ଦେଖାଇଥିଲେ। ପଟେଲ ଯିବାକୁ ମନାକରିବାରୁ ସେମାନେ ଛୁରିଭୁସି ହତ୍ୟା କରିଥିଲେ। ୩ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ ହେବା ସହ ପୋଲିସ ସିସିଟିଭି ଫୁଟେଜ୍ ଦେଖି ସେମାନଙ୍କୁ ଧରିବା ପାଇଁ ଉଦ୍ୟମ ଚଳାଇଛି।

# ପିଲାଙ୍କୁ ବନ୍ଧକ ରଖିଥିବା ବ୍ୟକ୍ତିଙ୍କ ସ୍ତ୍ରୀଙ୍କୁ ମାରିଦେଲେ ଲୋକେ

ଫାରୁଖାବାଦ,୩୧।୧

ଉତ୍ତରପ୍ରଦେଶର ଫାରୁକାବାଦ ଜିଲାରେ ଗୁରୁବାର ୨୩ ପିଲାଙ୍କୁ ବନ୍ଧକ ରଖିଥିବା ଜଣେ ହତ୍ୟା ଅଭିଯୁକ୍ତ ନିହତ ହୋଇଥିବାବେଳେ ଉତ୍ତ୍ୟକ୍ତ ଲୋକେ ତାଙ୍କ ସ୍ତ୍ରୀଙ୍କୁ ମାରିଦେଇଛନ୍ତି। ସୁଭାଷ ବଥାମ୍ ଜନ୍ମଦିନ ପାଳିବା ପାଇଁ ପିଲାମାନଙ୍କୁ ଡାକିନେଇ ଘରେ ବନ୍ଧକ ରଖିଥିଲେ। ୧୦ ଘଣ୍ଟାର ଅପରେଶନ ପରେ ପୋଲିସ ପିଲାମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲା। ପୋଲିସ ଗୁଳିରେ ସୁଭାଷ ନିହତ ହୋଇଥିଲେ। ପରେ ଉତ୍ତ୍ୟକ୍ତ ଲୋକେ ସୁଭାଷଙ୍କ ସ୍ତ୍ରୀଙ୍କୁ ଘରୁ ଘୋଷାଡି ନେଇ ମାଡ଼ ମାରିବା ସହ ଢେଲାମାଡ଼ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଛି।



୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ପାର୍ଲାମେଣ୍ଟରେ ଶନିବାର କେନ୍ଦ୍ରୀୟ ବଜେଟ୍ ଉପସ୍ଥାପନ ହେବାକୁ ଥିବାବେଳେ ଏହାର ଦିନକ ପୂର୍ବରୁ ଫଟୋ ପୋଜ୍ ଦେଉଛନ୍ତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍, ଅର୍ଥରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁରଙ୍କ ସହ ମନ୍ତ୍ରଣାଳୟର ଅଧିକାରୀମାନେ।

# ଅଘୋଷିତ ଡ୍ରୋନ୍ ଉଡ଼ାଇଲେ କାର୍ଯ୍ୟାନୁଷ୍ଠାନ

ନୂଆଦିଲ୍ଲୀ,୩୧।୧

ଦେଶର ୨୦,୦୦୦ରୁ ଊର୍ଦ୍ଧ୍ୱ ଡ୍ରୋନ୍ ବ୍ୟବହାରକାରୀ ସରକାରଙ୍କ ନିକଟରେ ପଞ୍ଜୀକୃତ ହୋଇଛନ୍ତି। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ପୋର୍ଟାଲରେ ପ୍ରାୟ ୧୫ ଦିନ ଧରି ଚାଲିଥିବା ଏହି ପଞ୍ଜୀକରଣ କାର୍ଯ୍ୟ ଶୁକ୍ରବାର ସନ୍ଧ୍ୟାରେ ଶେଷ ହୋଇଛି। ଏଣିକି ୱାନ୍ ଟାଇମ୍ ଭୋଲ୍ୟୁଣ୍ଟାରି ଡିସ୍‌କୋର୍ସ ସ୍କିମ୍‌ରେ ପଞ୍ଜୀକୃତ ହୋଇ ନ ଥିବା ଡ୍ରୋନ୍‌କୁ କେହି ଉଡ଼ାଇଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ସମ୍ପୃକ୍ତ ବ୍ୟବହାରକାରୀଙ୍କୁ ଜେଲ୍ କିମ୍ବା ଜରିମାନା ଅଥବା ଉଭୟ ଦଣ୍ଡ ମିଳିପାରେ ବୋଲି ମନ୍ତ୍ରଣାଳୟର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଅଧିକାରୀ ଜଣକ କହିଛନ୍ତି, ଜାନୁୟାରୀ ୧୪ରୁ ୩୧ ମଧ୍ୟରେ ପ୍ରାୟ ୧୦ ହଜାର ୟୁଜର୍ସ ପଞ୍ଜୀକରଣ କରିବେ ବୋଲି ଆମେ ଆଶା କରିଥିଲୁ। କିନ୍ତୁ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ୧୯,୫୫୩ ବ୍ୟକ୍ତି ସେମାନଙ୍କ ୨୦,୫୩୧ ଡ୍ରୋନ୍‌ର ପଞ୍ଜୀକରଣ କରାଇଛନ୍ତି। ସୁରକ୍ଷାଗତ କାରଣରୁ ଡ୍ରୋନ୍ ବ୍ୟବହାରକାରୀଙ୍କୁ ନେଇ ଡାଟାବେସ୍ ପ୍ରସ୍ତୁତ କରିବା ପାଇଁ ଏପରି ପଦକ୍ଷେପ ନିଆଯାଇଛି। ପ୍ରକାଶ ଯେ, ୨୦୧୮ ଅଗଷ୍ଟରେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ ଡ୍ରୋନ୍ ଉଡ଼ାଣ ନେଇ କେତେକ ନିୟମାବଳୀ ଜାରି କରାଯାଇଥିଲା। ଭାରତୀୟ ବାୟୁସୀମାରେ ଉଡ଼ାଣ କରୁଥିବା ଡ୍ରୋନ୍‌ଗୁଡ଼ିକ ଲାଗି ୟୁନିକ୍ ଆଇଡେଣ୍ଟିଫିକେଶନ ନମ୍ବର (ୟୁଆଇଏନ୍), ଅନ୍‌ମ୍ୟାନଡ ଏୟାରକ୍ରାଫ୍ଟ ଅପରେଟର ପରମିଟ୍ (ୟୁଏଓପି) ଓ ଅନ୍ୟ ଆବଶ୍ୟକ ପ୍ରମାଣପତ୍ର ହାସଲ ପାଇଁ ନିର୍ଦ୍ଦେଶ ରହିଥିଲା। ଅଣପଞ୍ଜୀକୃତ ଡ୍ରୋନ୍ ବ୍ୟବହାରକାରୀଙ୍କୁ ୬ ମାସ ପର୍ଯ୍ୟନ୍ତ ଜେଲ୍ ଓ ୧ ହଜାର ଟଙ୍କା ଜରିମାନା ଦେବା ପାଇଁ ଏଥିରେ ବ୍ୟବସ୍ଥା ରହିଛି।



# ଦିଲ୍ଲୀବାସୀଙ୍କୁ ବିଶୁଦ୍ଧ ଜଳ, ଛାତ୍ରୀଙ୍କୁ ଇ-ସ୍କୁଟର

## ଭାଜପାର ନିର୍ବାଚନୀ ଇସ୍ତାହାର

**ନୂଆଦିଲ୍ଲୀ, ୩୧।୧(ପି.ଟି.):** ଦିଲ୍ଲୀ ବିଧାନସଭା ନିର୍ବାଚନ ଆଉ ୮ ଦିନ ବାକି ଥିବାବେଳେ ଭାଜପା ପକ୍ଷରୁ ଶୁକ୍ରବାର ଲୋଭନୀୟ ପ୍ରତିଶ୍ରୁତି ଦିଆଯାଇଛି। ନିର୍ବାଚନୀ ଇସ୍ତାହାରରେ ଭାଜପା ପ୍ରତ୍ୟେକ ଦିଲ୍ଲୀବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଓ ଉଚ୍ଚ ମାଧ୍ୟମିକ ଶିକ୍ଷାରେ ପଢୁଥିବା ଆର୍ଥିକ ଦୁର୍ବଳ ଶ୍ରେଣୀର ଛାତ୍ରୀଙ୍କୁ ମାଗଣାରେ ଇ-ସ୍କୁଟର ଦେବ ବୋଲି ଘୋଷଣା କରିଛି। ଦିଲ୍ଲୀ ଭାଜପା ମୁଖ୍ୟ ମନୋଜ ତିୱାରୀ, ଦିଲ୍ଲୀ ନିର୍ବାଚନ ଦାୟିତ୍ୱରେ ଥିବା କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର, କେନ୍ଦ୍ରମନ୍ତ୍ରୀ ନୀତିନ୍ ଗଡ଼କରୀ, କେନ୍ଦ୍ରମନ୍ତ୍ରୀ ହର୍ଷବର୍ଦ୍ଧନ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।

ଦିଲ୍ଲୀରେ ଭାଜପା ସରକାର ଗଢ଼ିଲେ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ୍ ଭାରତ ଯୋଜନା କାର୍ଯ୍ୟକାରୀ କରାଯିବ ବୋଲି ତିୱାରୀ କହିଥିଲେ। ଏଥିସହ ଗରିବଙ୍କୁ ଅଟା କିଲୋ ମାତ୍ର ୨ ଟଙ୍କାରେ ଯୋଗାଯିବା ସହ ବ୍ୟବସାୟୀଙ୍କ ସମସ୍ୟାର ସମାଧାନ, ନ୍ୟୁ କଲୋନୀର ବିକାଶ ଆଦି କାର୍ଯ୍ୟ ସମ୍ପନ୍ନ ହେବ ବୋଲି ଭାଜପା ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି।

# ୩ ଜେଇଏମ୍ ଆତଙ୍କବାଦୀ ନିହତ



ଆତଙ୍କବାଦୀଙ୍କ ମୃତଦେହକୁ ସୁରକ୍ଷାକର୍ମୀମାନେ ବୋହି ନେଉଛନ୍ତି।

ଜମ୍ମୁ, ୩୧।୧(ପି.ଟି.)

## ଟ୍ରକ୍‌ରେ ଯାଉଥିବାବେଳେ ଏନ୍‌କାଉଣ୍ଟର

ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥ ନିକଟ ଟୋଲ୍ ପ୍ଲାଜାରେ ସୁରକ୍ଷାକର୍ମୀଙ୍କ ସହ ଏନ୍‌କାଉଣ୍ଟରରେ ପାକିସ୍ତାନ ସମର୍ଥିତ ୩ ଜୈଶ୍-ଇ-ମହମ୍ମଦ(ଜେଇଏମ୍) ଆତଙ୍କବାଦୀ ନିହତ ହୋଇଛନ୍ତି। ଜମ୍ମୁ ସହରଠାରୁ ୨୮ କି.ମି. ଦୂର ବାନ୍ ଟୋଲ୍ ପ୍ଲାଜା ନିକଟରେ ଏକ ଟ୍ରକ୍ ଯୋଗେ କଶ୍ମୀର ଉପତ୍ୟକାକୁ ଯାଉଥିବା ଏହି ଆତଙ୍କବାଦୀଙ୍କୁ ଅଟକାଯାଇଥିଲା। ପୋଲିସ ସନ୍ଦେହ କରି ସେମାନଙ୍କୁ ଧରିବାବେଳେ ଉଭୟ ପକ୍ଷରୁ ଗୁଳିମାଡ଼ କରାଯାଇଥିଲା। ଜଣେ ଆତଙ୍କବାଦୀ ଘଟଣାସ୍ଥଳରେ ନିହତ ହୋଇଥିବାବେଳେ ଜଣେ ଯବାନ ଆହତ ହୋଇଥିବା ଡିଜିପି ଦିଲ୍‌ବାଗ୍ ସିଂ କହିଛନ୍ତି। ଟ୍ରକ୍ ଡ୍ରାଇଭର ଓ କଣ୍ଡକ୍ଟରଙ୍କୁ ଗିରଫ କରାଯିବା ପରେ ଜମ୍ମୁ-ଶ୍ରୀନଗର ହାଇୱେକୁ ବନ୍ଦ କରାଯାଇ ସମଗ୍ର ଜଙ୍ଗଲାଞ୍ଚଳକୁ କର୍ଡନ କରାଯାଇ ସର୍ଚ୍ଚ ଅପରେଶନ କରାଯାଇଥିଲା। ଏହି ଅପରେଶନରେ ହେଲିକପ୍ଟର, ଡ୍ରୋନ୍, ସ୍ନିଗର ଡଗ୍ ବ୍ୟବହାର କରାଯାଇଥିଲା। ପରେ ଗୁଳିମାଡ଼ରେ ୨ ଜେଇଏମ୍ ଆତଙ୍କବାଦୀ ନିହତ ହୋଇଥିଲେ। ନିହତ ଆତଙ୍କବାଦୀମାନେ ବୁଲେଟ୍‌ପ୍ରୁଫ୍ ଜ୍ୟାକେଟରେ ବନ୍ଧୁକ ସହ ଥିଲେ। ଜମ୍ମୁ-କଶ୍ମୀରର ସୁରକ୍ଷାକର୍ମୀଙ୍କ କ୍ୟାମ୍ପ ଉପରେ ଆକ୍ରମଣ ଲାଗି ଏମାନେ ଯୋଜନା କରିଥିଲେ ବୋଲି ଜଣାପଡ଼ିଛି।

# ଭାରତରେ 'କରୋନା' ଛନକା

ନୂଆଦିଲ୍ଲୀ, ୩୧।୧(ପି.ଟି.)

- ଦିଲ୍ଲୀ ହସ୍ପିଟାଲରେ ୬ ସନ୍ଦିଗ୍ଧଙ୍କୁ ଚିକିତ୍ସା
- ଅବ୍‌ଜର୍‌ଭେଶନରେ କେରଳର ୧୦୫୩
- ଥ୍ରିଶୂର୍‌ରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍
- ଉହାନ୍ ଗଲା ଏୟାର୍ ଇଣ୍ଡିଆ ବିମାନ
- ଚାଇନାରେ ୨୧୩ ମୁଣ୍ଡ ଗଡ଼ିଲାଣି
- ଗ୍ଲୋବାଲ ହେଲ୍ଥ ଇମର୍‌ଜେନ୍‌ସି ଘୋଷଣା କଲା ଡବ୍ଲ୍ୟୁଏଚ୍‌ଓ

ଭାରତରେ କରୋନା ଭାଇରସ୍ କାୟା ବିସ୍ତାର କରିବାରେ ଲାଗିଛି। ଶୁକ୍ରବାର ୬ ସନ୍ଦିଗ୍ଧଙ୍କୁ ଚିକିତ୍ସା ଲାଗି ଦିଲ୍ଲୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ କେରଳରେ ୧୦୫୩ ଜଣ ବ୍ୟକ୍ତିଙ୍କୁ ଅବ୍‌ଜରଭେଶନରେ ରଖାଯାଇଛି। ଦିଲ୍ଲୀର ରାମ୍ ମନୋହର ଲୋହିଆ ହସ୍ପିଟାଲର ସ୍ୱତନ୍ତ୍ର ୱାର୍ଡରେ ୬ ସନ୍ଦିଗ୍ଧଙ୍କ ପରୀକ୍ଷାନିରୀକ୍ଷା କରାଯାଉଥିବା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ସେମାନଙ୍କ ମଧ୍ୟରେ ଥିବା ଜଣେ ମହିଳା ୨୦୧୫ରୁ ଚାଇନାରେ ଥିବାବେଳେ ଭାରତ ଫେରିଥିଲେ। ସମସ୍ତଙ୍କ ସାମ୍ପଲ ସଂଗ୍ରହ କରାଯାଇ ପରୀକ୍ଷା ଲାଗି ପଠାଯାଇଥିବା ହସ୍ପିଟାଲ କର୍ତ୍ତୃପକ୍ଷ କହିଛନ୍ତି।

କେରଳରେ ପରିସ୍ଥିତି ବିଗିଡ଼ିବାରେ ଲାଗିଛି। ଚାଇନାର ହୁବେଇ ପ୍ରଦେଶର ଉହାନ୍‌ରୁ ଫେରିଥିବା ଜଣେ ଛାତ୍ରୀ ଏଥିରେ ଆକ୍ରାନ୍ତ ହେବା ପରେ କେରଳ ସରକାର କଡ଼ା ପଦକ୍ଷେପ ଗ୍ରହଣ କରିଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ କେ.କେ. ଶୈଳଜା କହିଛନ୍ତି, ୨୪ ଲୋକଙ୍କ ସାମ୍ପଲ ପୁଣେକୁ ପରୀକ୍ଷା ଲାଗି ପଠାଯାଇଥିବାବେଳେ ୧୫ ଜଣ ହସ୍ପିଟାଲ ଅବ୍‌ଜରଭେଶନରେ ଅଛନ୍ତି। ଅଧିକାଂଶ ସନ୍ଦିଗ୍ଧଙ୍କୁ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଯାଉଥିବା ସେ ମତ ଦେଇଛନ୍ତି। କେରଳ ସରକାର କେତେକ ସରକାରୀ ହସ୍ପିଟାଲ ଡାକ୍ତରଙ୍କ ମୋବାଇଲ ନମ୍ବର ଜାରି କରିଛନ୍ତି। ଥ୍ରିଶୂର୍ ଜିଲା ମେଡ଼ିକାଲ ଅଫିସରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇ ଲୋକଙ୍କ ସୁବିଧା ଲାଗି ମୋବାଇଲ୍ ନମ୍ବର ଜାରି କରାଯାଇଛି। ଜନସଚେତନତା ଲାଗି ପ୍ରଚାର ସହ ରୋଗ ପ୍ରତିଷେଧକ ବ୍ୟବସ୍ଥା କରାଯାଉଛି। ଗୁରୁବାର କେରଳରେ ପ୍ରଥମ ଥର ଲାଗି କରୋନା ଭାଇରସ୍ ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଥିଲା। ତ୍ରିପୁରାର ଜଣେ ଯୁବକ ଏହି ରୋଗ ସଂକ୍ରମଣ ଯୋଗୁ ମାଲେସିଆରେ ବୁଧବାର ପ୍ରାଣ ହରାଇଥିଲେ। ପଡ଼ୋଶୀ ଚାଇନାରେ ଏହି ଭାଇରସ୍ ୨୧୫ରୁ ଊର୍ଦ୍ଧ୍ୱ ମୁଣ୍ଡ ନେଇଥିବାବେଳେ ପ୍ରାୟ ୧୦ ହଜାର ବ୍ୟକ୍ତିଙ୍କୁ ଆକ୍ରାନ୍ତ କରିଛି। ସେଠାରେ ଥିବା ଭାରତୀୟମାନେ ଏବେ ଭୟଭୀତ ଅବସ୍ଥାରେ ଅଛନ୍ତି। ସେମାନଙ୍କୁ ସ୍ୱଦେଶ ଫେରାଇଆଣିବା ଲାଗି ୫ ଜଣିଆ ଡାକ୍ତରୀ ଟିମ୍‌କୁ ନେଇ ଏୟାର୍ ଇଣ୍ଡିଆର ୪୨୩ ସିଟର୍ ଜୁମ୍ବୋ ବିମାନ ଶୁକ୍ରବାର ଅପରାହ୍ନରେ ଉହାନ୍ ଅଭିମୁଖେ ଯାଇଥିଲା। ସେଠାରୁ ୩୭୦ ଜଣଙ୍କୁ ବିମାନରେ ଅଣାଯାଉଛି। ୨ ଜଣଙ୍କୁ ଜ୍ୱର ହୋଇଥିବାରୁ ସେମାନଙ୍କୁ ଅଣାଯାଇନଥିବା ଜଣାପଡିଛି। ଦକ୍ଷିଣ ଦିଲ୍ଲୀରେ ସଂକ୍ରମଣ ପରୀକ୍ଷା ଲାଗି ଆଇଟିବିପି ପକ୍ଷରୁ ୬୦୦ ବେଡ୍‌ର ସୁବିଧା କରାଯାଇଛି। ସରକାରଙ୍କ ପକ୍ଷରୁ ସମସ୍ତ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ପ୍ରକାଶଥାଉ କି, ଚାଇନାରେ କରୋନା ଭାଇରସ୍ ମୁଣ୍ଡ ନେବା ପରେ ଏବେ ପ୍ରାୟ ୧୭ଟି ଦେଶକୁ ଏହି ରୋଗ ସଂକ୍ରମଣ କରିସାରିଲାଣି। ଭୟାବହତାକୁ ଦୃଷ୍ଟିରେ ରଖି ବିଶ୍ୱସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ଗ୍ଲୋବାଲ୍ ହେଲ୍‌ଥ ଇମରଜେନ୍‌ସି ଘୋଷଣା କରାଯାଇଛି।



ଚାଇନାରୁ ଭାରତୀୟଙ୍କୁ ବିମାନରେ ଅଣାଯାଉଛି।


Reliance fresh
Reliance Growth is Life
@RelianceFreshOfficial
@RelianceFreshIN
@RelianceFreshOfficial
ପ୍ରତି ମାସରେ ବୋନସ୍
ମାସିକିଆ ସଉଦା ରେ ସଞ୍ଚୟ ଏମିତି, ବୋନସ୍ ଯେମିତି
ପ୍ରତି ମାସର 10 ତାରିଖ ପର୍ଯ୍ୟନ୍ତ
ଗୋଲ୍ଡ ୱିନର୍ ରିଫାଇନ୍ଡ ସନ୍‌ଫ୍ଲାୱାର୍ ଅଏଲ୍ 5 ℓ + ଇଣ୍ଡିଆ ଗେଟ୍ ରୋଜାନା ବାସମତୀ ଚାଉଳ 5 kg + ଗୁଡ୍ ଲାଇଫ୍ ସୁଗାର୍ 2 kg
ସମଷ୍ଟିଗତ MRP ₹1205 ₹929 ସଞ୍ଚନ୍ତୁ ₹276
ଡବଲ୍ ହିରନ୍ ସୋରିଷ ତେଲ 1 ℓ
ଆମ ମୂଲ୍ୟ ₹117 MRP ₹130 ସଞ୍ଚନ୍ତୁ ₹13
1014 ବଏଲ୍ଡ୍ ରାଇସ୍ 10 kg
ଆମ ମୂଲ୍ୟ ₹385 MRP ₹500 ସଞ୍ଚନ୍ତୁ ₹115
ଓମ୍‌ଫେଡ୍ ଘିଅ 1 ℓ
ଆମ ମୂଲ୍ୟ ₹529 MRP ₹570 ସଞ୍ଚନ୍ତୁ ₹41
ପାର୍ଲେ ଜି ଗୋଲ୍ଡ 1 kg / ଗୁଡ଼ଡେ କ୍ୟାଶ୍ୟୁ 600 g / ହାଇଡ୍ ଆଣ୍ଡ ସୀକ୍ ଚକୋଲେଟ୍ 350 g / ଡାର୍କ ଫାଣ୍ଟାସୀ ଚକୋଫିଲ୍ସ 300 g (ବଛା ବଛା ପ୍ରକାର)
ସଞ୍ଚନ୍ତୁ ₹25 MRP ₹100 ତେଣିକି ଆମ ମୂଲ୍ୟ ₹75 ତେଣିକି
ଟାଟା ଗୋଲ୍ଡ ଲିଫ୍ ଟୀ 500 g
ସଞ୍ଚନ୍ତୁ ₹60 MRP ₹230 ଆମ ମୂଲ୍ୟ ₹170
ପେଅର୍ସ ପ୍ୟୋର୍ ଆଣ୍ଡ ଜେଣ୍ଟଲ୍ ସୋପ୍ 125 g x 3 ୟୁନିଟ
Exclusive Offer for RelianceOne Members
ସଞ୍ଚନ୍ତୁ ₹30 MRP ₹140 ଆମ ମୂଲ୍ୟ ₹110 (ଉପରେ ଅଫର୍)
ହେଡ୍ ଆଣ୍ଡ ଶୋଲ୍ଡର୍ସ ଶାମ୍ପୁ 340 ml (ବଛା ବଛା ପ୍ରକାର)
ସଞ୍ଚନ୍ତୁ ₹100 MRP ₹275 ଆମ ମୂଲ୍ୟ ₹175
Exclusive Offer for RelianceOne Members
ଖୋଲା ଚିନି 1 kg ବଜାର ମୂଲ୍ୟ ₹42 ଆମ ମୂଲ୍ୟ ₹40
ଖୋଲା ହରଡ଼ ଡାଲି ଭାଲ୍ୟୁ 1 kg ବଜାର ମୂଲ୍ୟ ₹92 ଆମ ମୂଲ୍ୟ ₹89
ଖୋଲା ଚଣା ଡାଲି 1 kg ବଜାର ମୂଲ୍ୟ ₹68 ଆମ ମୂଲ୍ୟ ₹65
ଖୋଲା ମୁଗ ଡାଲି 1 kg ବଜାର ମୂଲ୍ୟ ₹106 ଆମ ମୂଲ୍ୟ ₹103
ଖୋଲା ମିନିକେଟ୍ ପ୍ରିମିଅମ ରାଇସ୍ 1 kg ବଜାର ମୂଲ୍ୟ ₹39 ଆମ ମୂଲ୍ୟ ₹37
ଚକ୍କି ଫ୍ରେଶ୍ ଅଟା 5 kg MRP ₹225 ଆମ ମୂଲ୍ୟ ₹159 ସଞ୍ଚନ୍ତୁ ₹66
ଇଣ୍ଡିଆ ଗେଟ୍ ଡାବର୍ ବାସ୍‌ମତୀ ଚାଉଳ 1 kg MRP ₹123 ଆମ ମୂଲ୍ୟ ₹95 ସଞ୍ଚନ୍ତୁ ₹28
ଗୁଡ୍ ଲାଇଫ୍ ଆଲ୍‌ମଣ୍ଡ 500 g MRP ₹461 ଆମ ମୂଲ୍ୟ ₹389 ସଞ୍ଚନ୍ତୁ ₹72
ବେସନ / ସୁଜି / ମଇଦା 500 g / 1 kg/ ଗୁଡ୍ ଲାଇଫ୍ ସୋୟା ଚଙ୍କସ 200 g MRP ₹40 ତେଣିକି BUY1 GET1 FREE ସଞ୍ଚନ୍ତୁ ₹40 ତେଣିକି
ଗୁଡ୍ ଲାଇଫ୍ ଚିଲି / ଟର୍ମରିକ୍ / କୋରିଆଣ୍ଡର୍ ପାଉଡ଼ର (ପ୍ରତ୍ୟେକ 100 g) MRP ₹42 ତେଣିକି BUY1 GET1 FREE ସଞ୍ଚନ୍ତୁ ₹42 ତେଣିକି
ମିଲ୍‌କୀ ମୁ ପନୀର୍ 200 g MRP ₹70 ଆମ ମୂଲ୍ୟ ₹66
ପାର୍ଲେ ରସ୍କ 273 g / 400 g MRP ₹40 ତେଣିକି ହଟ୍ ଅଫର୍ ସର୍ବୋଚ୍ଚ 25% ଛାଡ଼
ୟିପ୍ପି ! ନୁଡଲ୍ସ ପାୱର ଅପ୍ / ମୁଡ୍ ମସଲା 70 g MRP ପ୍ରତ୍ୟେକ ସକାଶେ ₹15 ତେଣିକି BUY2 GET1 FREE ସଞ୍ଚନ୍ତୁ ₹15 ତେଣିକି
ହଲଦିରାମ୍'ସ ପ୍ରଭୁଜୀ ନମକୀନ୍ 200 g (ବଛା ବଛା ପ୍ରକାର) MRP ₹55 ପ୍ରତ୍ୟେକ BUY2 GET1 FREE
କେଲଗ୍'ସ ଚୋକୋସ୍ / କର୍ନ୍ ଫ୍ଲେକ୍ସ 1.2 kg MRP ₹425 ତେଣିକି ଆମ ମୂଲ୍ୟ ₹345 ତେଣିକି ସଞ୍ଚନ୍ତୁ ₹80
ଲୋଟେ ଚୋକୋ ପାଇ 336 g MRP ₹140 ସଞ୍ଚନ୍ତୁ ₹41 ଆମ ମୂଲ୍ୟ ₹99
ପାର୍ଲେ'ସ୍ ୱେଫର୍ସ 85 g (ବଛା ବଛା ପ୍ରକାର) MRP ₹30 ତେଣିକି BUY1 GET1 FREE ସଞ୍ଚନ୍ତୁ ₹30 ତେଣିକି
ଷ୍ଟାଣ୍ଡାର୍ଡ ହର୍ଲିକ୍ସ 1 kg MRP ₹444 ଆମ ମୂଲ୍ୟ ₹384 ସଞ୍ଚନ୍ତୁ ₹60
ମାଜା 1.2 ℓ MRP ₹70 ଆମ ମୂଲ୍ୟ ₹52 ସଞ୍ଚନ୍ତୁ ₹18
କ୍ଲୋଜ୍ ଅପ୍ ରେଡ୍ ଜେଲ୍ ଟୁଥପେଷ୍ଟ 300 g MRP ₹144 ଆମ ମୂଲ୍ୟ ₹104 ସଞ୍ଚନ୍ତୁ ₹40
Exclusive Offer for RelianceOne Members
ଡିଓ 120 ml ତେଣିକି (କାମସୂତ୍ର / ପାର୍କ ଏଭେନ୍ୟୁ / ଫଗ୍ / ଏନଗେଜ୍ / ଆକ୍ସ / ସେଟ୍ ୱେଟ୍ / ୱାଇଲ୍ଡ ଷ୍ଟୋନ୍) (ବଛା ବଛା ପ୍ରକାର) MRP ₹190 ତେଣିକି BUY1 GET1 FREE ସଞ୍ଚନ୍ତୁ ₹190 ତେଣିକି
ଲାଇଫବୟ / ଡେଟଲ୍ / ସାଭଲନ୍ ସେଫ୍ ଲାଇଫ୍ ହ୍ୟାଣ୍ଡୱାଶ୍ 750 ml (ବଛା ବଛା ପ୍ରକାର) MRP ₹115 ତେଣିକି BUY1 GET1 FREE ସଞ୍ଚନ୍ତୁ ₹115 ତେଣିକି (ଉପରେ ଅଫର୍)
ହାର୍ପିକ୍ ଟୟଲେଟ୍ କ୍ଲିନର୍ + ଲାଇଜଲ୍ ଫ୍ଲୋର୍ କ୍ଲିନର୍ 500 ml (ବଛା ବଛା ପ୍ରକାର) MRP ₹179 ଆମ ମୂଲ୍ୟ ₹131 ସଞ୍ଚନ୍ତୁ ₹48* *ପ୍ୟାକ୍ ଉପରେ ₹23 ଛାଡ଼କୁ ମିଶାଇ (ଉପରେ ଅଫର୍)
Exclusive Offer for RelianceOne Members
ରିନ୍ ଡିଟର୍ଜେଣ୍ଟ ପାଉଡର 4 kg (ବଛା ବଛା ପ୍ରକାର) MRP ₹338 ଆମ ମୂଲ୍ୟ ₹258 ସଞ୍ଚନ୍ତୁ ₹80
Pay using Paytm. Get up to ₹800 Paytm CASHBACK
T&C Apply. Offer valid till 29 Feb 2020 on min payment of ₹599
MobiKwik SAVE 15%
*T&C Apply: Max SuperCash ₹250 | On min.transaction of ₹499 | Valid once per month
10% Cashback freecharge
T&C Apply: Offer valid on minimum bill of ₹250 Maximum cashback upto ₹50, Valid on 1st & 3rd transaction
5% Cashback HDFC BANK We understand your world
On Min. Shopping of ₹2000 Max. Cashback upto ₹500 per card with HDFC Credit Cards
Valid till 9th Feb. 2020
ଫାଇଲ୍ କରନ୍ତୁ ନିଃଶୁଳ୍କ ନମ୍ବର 1800-103-2022 ପାଇଁ

**ଆଜିର ମନ୍ତବ୍ୟ**
ଆତଙ୍କବାଦର ମୁକାବିଲା ପାଇଁ ସୁରକ୍ଷା ବଳକୁ ସ୍ୱାଧୀନତା ଦିଆଯାଇଛି।
–ରାମନାଥ କୋବିନ୍ଦ, ରାଷ୍ଟ୍ରପତି

**କିଛି ତଥ୍ୟ**
ରାଜସ୍ୱ ସଂଗ୍ରହ ହ୍ରାସ ହେବା ଯୋଗୁ ଡିସେମ୍ବର ପର୍ଯ୍ୟନ୍ତ ବିତ୍ତୀୟ ନିଅଣ୍ଟ ବଜେଟ ଧାର୍ଯ୍ୟ ଲକ୍ଷ୍ୟର ୧୩୨% ଛୁଇଁଛି।
– ଅର୍ଥ ମନ୍ତ୍ରଣାଳୟ ତଥ୍ୟ




## ଜନ୍ମଦିନର ଶୁଭେଚ୍ଛା

ନାମ: ..............................................
ବୟସ:..............................................
ଜନ୍ମ ତାରିଖ: ..............................................


ସୃଷ୍ଟି ନନ୍ଦ
ପରିବାରବର୍ଗ


ଶ୍ରୀୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ପ୍ରଥମ ପୃଷ୍ଠାରୁ...

## ଅଧିକ ଅନୁଦାନ ...

ଉନ୍ନୟନରେ କେନ୍ଦ୍ର ଏକ ଲକ୍ଷ କୋଟି ଟଙ୍କାରୁ ଅଧିକ ବ୍ୟୟ କରିବ ବୋଲି ଆଶା କରାଯାଉଛି। ଏଥି ମଧ୍ୟରୁ ଓଡ଼ିଶା ଭାଗ କେତେ ରହୁଛି, ତାହା ବଜେଟ ଉପସ୍ଥାପନ ପରେ ହିଁ ଜଣାପଡିବ। କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ଅର୍ଥ ଏବଂ ଜାରି ରହିଥିବା ରେଳ ପ୍ରକଳ୍ପକୁ ଧାର୍ଯ୍ୟ ସମୟରେ ସାରିବା ନେଇ ରାଜ୍ୟ ଅଧିକ ଆଶା କରୁଛି। ଖୋର୍ଦ୍ଧା–ବଲାଙ୍ଗୀର, ତାଳଚେର–ବିମଳାଗଡ, ଅନୁଗୋଳ–ସୁକିନ୍ଦା ରେଳପଥ ନେଇ ରାଜ୍ୟ ଅଧିକ ଅର୍ଥ ଆଶା କରୁଛି। ସେହିଭଳି ଜିଏସ୍‌ଟି କ୍ଷତିପୂରଣ ବାବଦକୁ ରାଜ୍ୟକୁ ଠିକ୍ ସମୟରେ ଅର୍ଥ ମିଳୁ ବୋଲି ରାଜ୍ୟ ଆଶା କରିବ। ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ କହିଛନ୍ତି ଯେ, ବଜେଟରେ ଯେପରି ଅତୀତରେ କର୍ପୋରେଟ ଜଗତକୁ ଧ୍ୟାନ ଦିଆଯାଇଛି। ସେହିପରି ନିମ୍ନ ମଧ୍ୟବିତ୍ତ ଏବଂ ଗରିବ ଶ୍ରେଣୀକୁ ଧ୍ୟାନ ଦିଆଯାଉ। ସେମାନଙ୍କ କ୍ରୟ ଶକ୍ତି ବଢିଲେ ହିଁ ଅର୍ଥନୀତିରେ ଗତିଶୀଳ ହେବ ବୋଲି କାନୁନ୍‌ଗୋ କହିଛନ୍ତି।

## ଆନନ୍ଦପୁର ବ୍ୟାରେଜ୍ ...

ମୁଖ୍ୟମନ୍ତ୍ରୀ ହେଲିକପ୍ଟର ଯୋଗେ ଆସି ଦିନ ୧୧ଟା୪୫ରେ ବି.ଏନ.ହାଇସ୍କୁଲ ପଡିଆରେ ନିର୍ମିତ ଅସ୍ଥାୟୀ ହେଲିପ୍ୟାଡ଼ରେ ଓହ୍ଲାଇଥିଲେ । ଏହାପରେ ୧୧.୫୫ରେ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କିଛି ସମୟ ଏକାକୀ ବ୍ୟାରେଜ୍ ଉପରେ କଟାଇଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ମଧ୍ୟାହ୍ନ ୧୨ଟାରେ ବି.ଏନ. ହାଇସ୍କୁଲ ପ୍ଲାଟିନମ୍ ଜୁବିଲି ଉତ୍ସବକୁ ଉଦ୍‌ଘାଟନ କରି ସମୟର ସଦୁପଯୋଗ କରିବା ପାଇଁ ଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ଲାଟିନମ୍ ଜୁବିଲି ଉତ୍ସବର କର୍ମକର୍ତ୍ତାମାନଙ୍କ ସହିତ ମନ୍ତ୍ରୀ, ବିଧାୟକ ଓ ଏମ୍‌ପିମାନେ ଯୋଗଦେଇ ସ୍କୁଲର ଉନ୍ନୟନ ନିମନ୍ତେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

ଅପରାହ୍ନ ପ୍ରାୟ ୧୨ଟା ୫୦ମିନିଟରେ ମୁଖ୍ୟମନ୍ତ୍ରୀ ଆନନ୍ଦପୁର ଷ୍ଟାଡିୟମ୍‌ରେ ଆୟୋଜିତ ସାଧାରଣ ସଭାରେ ଯୋଗଦେଇଥିଲେ । ଆନନ୍ଦପୁର ବିଧାୟକ ଭାଗୀରଥି ସେଠି, ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟମନ୍ତ୍ରୀ ଜିଲାରେ ପାନୀୟଜଳ ଯୋଗାଣ ନିମନ୍ତେ ୨୧୦୦ କୋଟି ଟଙ୍କାର ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ପରେ ଭୂମିହୀନ ବସ୍ତି ବାସିନ୍ଦାଙ୍କୁ ଜମିପଟ୍ଟା ପ୍ରଦାନ କରିଥିଲେ। ସଭାରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ସାଧାରଣ ଲୋକମାନଙ୍କୁ ସେବା ଯୋଗାଇବାକୁ ପ୍ରତିଶ୍ରୁତି ଦେବା ସହିତ ଓଡ଼ିଶା ବିକାଶ ପଥରେ ଆଗେଇ ଚାଲିଥିବା କହିଥିଲେ। ଏହି ଅବସରରେ ଆନନ୍ଦପୁର ବିଧାୟକ ଭାଗୀରଥି ସେଠି ଆନନ୍ଦପୁର ମହାବିଦ୍ୟାଳୟକୁ ସରକାରୀ କରଣ କରିବା, ପ୍ରସ୍ତାବିତ ଆନନ୍ଦପୁରକୁ ରେଳପଥର ବ୍ୟବସ୍ଥା, ଆନନ୍ଦପୁରରେ ଅତିରିକ୍ତ ପରିବହନ ବିଭାଗ କାର୍ଯ୍ୟାଳୟ ପ୍ରତିଷ୍ଠା କରିବା, ଆନନ୍ଦପୁର ମିନି ଷ୍ଟାଡିୟମ୍‌କୁ ଏକ ମୁଖ୍ୟ ଷ୍ଟାଡିୟମରେ ପରିଣତ କରିବା ପାଇଁ ଦାବି ଉପସ୍ଥାପନ କରିଥିଲେ।

ମୁଖ୍ୟମନ୍ତ୍ରୀଙ୍କ ଉପରୋକ୍ତ କାର୍ଯ୍ୟକ୍ରମରେ ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ଦକ୍ଷତା ବିକାଶ, ବୈଷୟିକ ଶିକ୍ଷାମନ୍ତ୍ରୀ ପ୍ରେମାନନ୍ଦ ନାୟକ, କେନ୍ଦୁଝରେ ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ, ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର ପ୍ରମୁଖ ଉଦ୍‌ବୋଧନ ଦେଇ ସରକାରଙ୍କ ଜନହିତକର କାର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସଭାରେ ପାଟଣା ବିଧାୟକ ଜଗନ୍ନାଥ ନାୟକ, ଚମ୍ପୁଆ ବିଧାୟକ ମୀନାକ୍ଷୀ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ ଆଶିଷ ଠାକରେ ଓ ଏସ୍‌ପି ମିତ୍ରଭାନୁ ମହାପାତ୍ର ଉପସ୍ଥିତି ରହି ପରିସ୍ଥିତି ଉପରେ ନଜର ରଖିଥିଲେ।

## ନିର୍ଭୟା ଦୋଷୀଙ୍କ ...

ରାୟ ଦେଇଛନ୍ତି। ୨୦୧୨ ଡିସେମ୍ବର ୧୬ ରାତିରେ ଦିଲ୍ଲୀରେ ଏକ ଚଳନ୍ତା ବସ୍‌ରେ ୬ ଅଭିଯୁକ୍ତ ୨୩ ବର୍ଷୀୟା ପାରାମେଡିକାଲ ଛାତ୍ରୀ ନିର୍ଭୟାଙ୍କୁ ଗଣବଳାତ୍କାର କରି ରାସ୍ତାକୁ ଫିଙ୍ଗି ଦେଇଥିଲେ। ପୀଡ଼ିତାଙ୍କୁ ସିଙ୍ଗାପୁରସ୍ଥିତ ମାଉଣ୍ଟ ଏଲିଜାବେଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେ ମୃତ୍ୟୁ ସହ ସଂଗ୍ରାମ କରି ଶେଷରେ ୨୯ ତାରିଖରେ ଆଖି ବୁଜିଦେଇଥିଲେ। ବସ୍ ଡ୍ରାଇଭର ରାମ ସିଂ ତିହାର ଜେଲରେ ଆତ୍ମହତ୍ୟା କରିଥିଲେ। ନାବାଳକ ଦୋଷୀ ୩ ବର୍ଷ ଜେଲଦଣ୍ଡ ଭୋଗିବା ପରେ ମୁକୁଳିଥିଲେ। ମୁକେଶ, ବିନୟ, ଅକ୍ଷୟ ଓ ପବନଙ୍କୁ ଶନିବାର ସକାଳ ୬ଟାରେ ତିହାର ଜେଲରେ ଫାଶୀଖୁଣ୍ଟରେ ଝୁଲାଇବା ପାଇଁ ସ୍ଥିର ହୋଇଥିଲା। ଦୋଷୀମାନଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ଏ.ପି. ସିଂ ଏବଂ ବୃନ୍ଦା ଗ୍ରୋଭର ଏହାକୁ ଚ୍ୟାଲେଞ୍ଜ କରି ଦୁଇଟି ପିଟିଶନ ଦାଏର କରିଥିଲେ। ଜଣେ ଦୋଷୀଙ୍କ ଆବେଦନ ବିଚାରାଧୀନ ଥିବାରୁ ଅନ୍ୟ ୩ ଦୋଷୀଙ୍କୁ ଫାଶୀ ଦିଆଯାଇ ପାରିବ ନାହିଁ ବୋଲି ସେମାନେ ଯୁକ୍ତି ବାଢ଼ିଥିଲେ। ପବନ, ବିନୟ ଓ ଅକ୍ଷୟଙ୍କ ଓକିଲ ଏ.ପି. ସିଂ କହିଥିଲେ, ବିନୟଙ୍କ ରାଜକ୍ଷମା ଆବେଦନ ରାଷ୍ଟ୍ରପତିଙ୍କ ନିକଟରେ ରହିଛି। ତେଣୁ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଫାଶୀକୁ ସ୍ଥଗିତ କରାଯାଉ। ବିଚାରପତି ଧର୍ମେନ୍ଦ୍ର ରାଣା ସେମାନଙ୍କ ଆବେଦନର ଶୁଣାଣି କରି ଶୁକ୍ରବାର ମଧ୍ୟାହ୍ନରେ ରାୟ ସଂରକ୍ଷିତ ରଖିଥିଲେ। ସନ୍ଧ୍ୟାରେ ସେ ଦ୍ୱିତୀୟ ଡେଥ୍ ୱାରେଣ୍ଟ ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି। ଶୁଣାଣି ବେଳେ ଦୋଷୀଙ୍କ ପକ୍ଷରୁ ଦାଏର ପିଟିଶନଗୁଡ଼ିକୁ ତିହାର ଜେଲ କର୍ତ୍ତୃପକ୍ଷ ଚ୍ୟାଲେଞ୍ଜ କରିଥିଲେ। ବିନୟଙ୍କ ବ୍ୟତୀତ ଅନ୍ୟ କାହାର ଆବେଦନ ବିଚାରାଧୀନ ନାହିଁ। ଅନ୍ୟ ତିନିଜଣ ଦୋଷୀଙ୍କୁ ଶନିବାର ସକାଳେ ଫାଶୀ ଦେବା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବାରୁ ଏଥିସକାଶେ ଅନୁମତି ମାଗିଥିଲେ। ହେଲେ ଅଦାଲତ ଏଥିରେ ସହମତି ପ୍ରକାଶ କରି ନ ଥିଲେ।

ପ୍ରକାଶ ଯେ, ଗତ ୭ରେ ତଳ କୋର୍ଟ ଅତିରିକ୍ତ ସେସନ୍ସ ଜଜ୍ ସତୀଶ କୁମାର ଆରୋରା ୪ ଦୋଷୀଙ୍କ ବିରୋଧରେ ମୃତ୍ୟୁ ୱାରେଣ୍ଟ ଜାରି କରି ଜାନୁୟାରୀ ୨୨ ତାରିଖରେ ଫାଶୀ ଦିଆଯିବ ବୋଲି ସ୍ଥିର କରିଥିଲେ। ପରେ ୧୭ରେ ଡେଥ୍ ୱାରେଣ୍ଟ ଜାରି କରି ଫେବୃୟାରୀ ୧ ତାରିଖରେ ଫାଶୀ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଦୋଷୀମାନଙ୍କ ଓକିଲ ଆଇନର ଗଳାବାଟକୁ ବ୍ୟବହାର କରି ଏହାକୁ ଟାଳିଦେବାରେ ସକ୍ଷମ ହୋଇଛନ୍ତି। ମୁକେଶଙ୍କ ରାଜକ୍ଷମା ଆବେଦନକୁ ରାଷ୍ଟ୍ରପତି ଗତ ୧୭ ତାରିଖରେ ଖାରଜ କରିଥିଲେ। ଏହାକୁ ଚ୍ୟାଲେଞ୍ଜ କରି ହୋଇଥିବା ପୁନର୍ବିଚାର ଆବେଦନକୁ ସୁପ୍ରିମକୋର୍ଟ ବୁଧବାର ରଦ୍ଦ କରିଦେଇଥିଲେ। ସେହିପରି ବିନୟ ଓ ଅକ୍ଷୟଙ୍କ କ୍ୟୁରେଟିଭ୍ ପିଟିଶନ ମଧ୍ୟ ସୁପ୍ରିମକୋର୍ଟରେ ଖାରଜ ହୋଇସାରିଛି। ଏବେ କେବଳ ପବନ କ୍ୟୁରେଟିଭ୍ ପିଟିଶନ ଦାଏର କରିପାରିବେ। ତାଙ୍କ ପିଟିଶନ ଖାରଜ ହେବା ପରେ ସେ ରାଷ୍ଟ୍ରପତିଙ୍କ ନିକଟରେ ମର୍ସି ପିଟିଶନ ଦାଏର କରିପାରିବେ। ଏହା ପୂର୍ବରୁ ପବନ ଅପରାଧ ଘଟାଇବାବେଳେ ନାବାଳକ ଥିବା ଦର୍ଶାଇ ମାମଲାର ପୁନର୍ବିଚାର ପାଇଁ କରିଥିବା ଆବେଦନକୁ ସର୍ବୋଚ୍ଚ ଅଦାଲତ ଖାରଜ କରିସାରିଛନ୍ତି।

## ଜିଡିପି ୬.୫% ଛୁଇଁବ...

୨୦୧୯–୨୦ ଏପ୍ରିଲ–ସେପ୍ଟେମ୍ବର ସମୟରେ ଚଳନ୍ତି ଖାତା ନିଅଣ୍ଟ ଜିଡିପିର ୧.୫%, ବିତ୍ତୀୟ ନିଅଣ୍ଟ ଜିଡିପିର ୩.୩%, ଚଳିତ ଆର୍ଥିକ ବର୍ଷ ଏପ୍ରିଲ–ନଭେମ୍ବର ସମୟରେ ଜିଏସ୍‌ଟି ସଂଗ୍ରହରେ ୪.୧% ବୃଦ୍ଧି ଘଟିଥିବା କୁହାଯାଇଛି। ୨୦୧୯–୨୦ରେ ୫ଥର ଜିଏସ୍‌ଟି ସଂଗ୍ରହ ୧ ଲକ୍ଷ କୋଟି ଟଙ୍କାରୁ ଊର୍ଦ୍ଧ୍ୱ, ଅଣଟିକସ ରାଜସ୍ୱ ସଂଗ୍ରହରେ ବୃଦ୍ଧି ଯୋଗୁ ଗତ ବର୍ଷ ଏପ୍ରିଲ–ନଭେମ୍ବରରେ ରାଜସ୍ୱ ସଂଗ୍ରହ ୧୩% ବୃଦ୍ଧି, ଚଳିତ ଆର୍ଥିକ ବର୍ଷ ପ୍ରଥମ ୮ ମାସରେ ୨୪.୪ ବିଲିୟନ ଡଲାର ଏଫ୍‌ଡିଆଇ ରେକର୍ଡ କରାଯାଇଛି। ଦେଶର ବିଦେଶୀ ମୁଦ୍ରା ଭଣ୍ଡାର ବର୍ତ୍ତମାନ ସୁଦ୍ଧା ୪୬୧.୨ ବିଲିୟନ ଡଲାର ଛୁଇଁଛି। ଏହାବାଦ ବାଲାନ୍ସ ଅଫ୍ ପେମେଣ୍ଟରେ ଉନ୍ନତି, ୨୦୧୮–୧୯ ତୁଳନାରେ ୨୦୧୯–୨୦ରେ କୃଷି, ପ୍ରତିରକ୍ଷା ଏବଂ ସେବା କ୍ଷେତ୍ରରେ ଅଭିବୃଦ୍ଧି ହାର ଅଧିକ ରହିଥିବା ରିପୋର୍ଟରେ କୁହାଯାଇଛି। ସେହିଭଳି ଉଦାରୀକରଣ ପରେ ଲୋକଙ୍କର ମୁଣ୍ଡପିଛା ଜିଡିପିରେ ଉଲ୍ଲେଖନୀୟ ବୃଦ୍ଧି, ବ୍ୟବସାୟ ଅନୁକୂଳ ନୀତିକୁ ପ୍ରୋତ୍ସାହନ, ନୂଆ ନିବେଶକଙ୍କୁ ସମାନ ସୁଯୋଗ, ଉଚିତ ପ୍ରତିଦ୍ୱନ୍ଦ୍ୱିତା, ବ୍ୟବସାୟିକ ସୁଗମତା ଉପରେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଦୃଢ଼ ପଦକ୍ଷେପ ଜରିଆରେ ବଜାରକୁ ଅନାବଶ୍ୟକ ଢଙ୍ଗରେ ଅଣଦେଖା କରୁଥିବା ନୀତିକୁ ଶେଷ କରିବା, ନିଯୁକ୍ତି ସୁଯୋଗ ଲାଗି ବ୍ୟବସାୟକୁ ସୁନିଶ୍ଚିତ କରିବା, ବ୍ୟାଙ୍କିଙ୍ଗ କ୍ଷେତ୍ରରେ ଦକ୍ଷତା ଉପରେ ଗୁରୁତ୍ୱ ରହିଛି।

ରିପୋର୍ଟରେ କୁହାଯାଇଛି ଯେ, ଉତ୍ପାଦକତାକୁ ଦ୍ରୁତ କରିବା ଲାଗି ତୃଣମୂଳ ସ୍ତରରେ ଉଦ୍ୟୋଗବିକାଶ ମନୋଭାବକୁ ପ୍ରୋତ୍ସାହନ ଦେବା ଉଚିତ। ସେହିଭଳି ପ୍ରିୟାପ୍ରୀତି ତୋଷଣ ନୀତିରୁ ଦୂରରେ ରହିବା ଦିଗରେ ଏଥିରେ ଗୁରୁତ୍ୱାରୋପ କରାଯାଇଛି। ଏହା ଦ୍ୱାରା ଶକ୍ତିଶାଳୀ ଘରୋଇ ସ୍ୱାର୍ଥକୁ ପ୍ରୋତ୍ସାହନ ମିଳିଥାଏ ବୋଲି କୁହାଯାଇଛି। ଭଲ ଉଦ୍ଦେଶ୍ୟ ଥିବା ଅତିରିକ୍ତ ସରକାରୀ ହସ୍ତକ୍ଷେପ ଯୋଗୁ କିଭଳି ଅନେକ କାର୍ଯ୍ୟରେ ବାଧା ଆସୁଛି ତାହା ମଧ୍ୟ ସର୍ଭେ ରିପୋର୍ଟରେ ଉଲ୍ଲେଖ ରହିଛି। ସେହିଭଳି ଅସମୟରେ ସରକାରୀ ହସ୍ତକ୍ଷେପ ଯୋଗୁ ଲୋକଙ୍କୁ ଅସୁବିଧା, ଇସିଏ ଅନ୍ତର୍ଗତ ଔଷଧ ମୂଲ୍ୟ ନିୟନ୍ତ୍ରଣ ଦ୍ୱାରା ଏହାର ମୂଲ୍ୟ ଅନିୟନ୍ତ୍ରିତ ଔଷଧ ତୁଳନାରେ ଅଧିକ ବୃଦ୍ଧି ପାଇଥିବା ବିଷୟ ମଧ୍ୟ ସ୍ଥାନିତ ହୋଇଛି। ଏହାବାଦ ଖାଦ୍ୟଶସ୍ୟ ବଜାରରେ ସରକାରଙ୍କ ହସ୍ତକ୍ଷେପ, କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଋଣ ଛାଡର ସମୀକ୍ଷା, ନେଟୱର୍କ ଉତ୍ପାଦରେ ବିଶେଷଜ୍ଞତା ଦ୍ୱାରା ନିଯୁକ୍ତି ଓ ବିକାଶ, କର୍ପୋରେଟ ଟିକସ ହାର ପରିବର୍ତ୍ତନ ଭଳି ଟିକସରେ ଢାଞ୍ଚାଗତ ପରିବର୍ତ୍ତନ ଭଳି ଅନ୍ୟ ପ୍ରମୁଖ ଦିଗ ଏହି ରିପୋର୍ଟରେ ଉଲ୍ଲେଖ ରହିଛି।

## ଫୁଲବାଣୀ ଡାକ୍ତରୀ ଛାତ୍ରଙ୍କୁ ...

ନିଜର ପରୀକ୍ଷା କରାଇବା ପାଇଁ ଯାଇଥିଲେ। ପରୀକ୍ଷା ପରେ ତାଙ୍କୁ ସ୍ୱତନ୍ତ୍ର ସଂକ୍ରମଣ ୱାର୍ଡରେ ଭର୍ତ୍ତି କରାଯାଇ ନିରୀକ୍ଷଣରେ ରଖାଯାଇଥିବା ଡାକ୍ତର କହିଛନ୍ତି। ଫୁଲବାଣୀରେ କରୋନା ଭୂତାଣୁ ପରୀକ୍ଷା ସୁବିଧା ନ ଥିବାରୁ ସନ୍ଦିଗ୍ଧ ଛାତ୍ରଙ୍କୁ କଟକ ବଡ଼ ମେଡିକାଲକୁ ରେଫର କରାଯାଇଛି। ରାତିରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ କଟକ ପଠାଯିବ ବୋଲି ସିଡିଏମଓ ଡା. ରାଜଶ୍ରୀ ପଟ୍ଟନାୟକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ସିଡିଏମ୍‌ଓ ଆହୁରି କହିଛନ୍ତି, ଦେଶରେ କରୋନା ଭାଇରସ ସମ୍ପର୍କିତ ଖବର ଆସିବା ପରେ ଗତ ୨୮ ତାରିଖରେ ଜିଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଷ୍ଟାଫ୍‌ମାନଙ୍କୁ ଏଥିପାଇଁ ସଚେତନ କରାଯାଇଛି। ୨୯ ତାରିଖରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ଅଧିକାରୀମାନଙ୍କୁ ନେଇ ଟାସ୍କଫୋର୍ସ ଗଠନ କରାଯାଇଛି। ତେଣୁ ଜିଲାବାସୀ କୌଣସି ପ୍ରକାର ଭୟଭୀତ ନ ହେବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଶୁକ୍ରବାର ଟାସ୍କଫୋର୍ସର ବୈଠକ ବସିଥିଲା। କରୋନା ଭୂତାଣୁକୁ ନେଇ ଭୟଭୀତ ନ ହେବା ଓ ଏ ନେଇ ପୋଷ୍ଟର, ବ୍ୟାନର ଓ ମାଇକ୍ ଯୋଗେ ପ୍ରଚାର କରି ଲୋକଙ୍କୁ ସଚେତନ କରିବାକୁ ନିଷ୍ପତ୍ତି ନିଆଯାଇଛି । ଖାଇବା ପୂର୍ବରୁ ସାବୁନରେ ହାତ ଧୋଇବା, କାଶ, ଛିଙ୍କ ସମୟରେ ମୁହଁରେ ରୁମାଲ ଘୋଡାଇବା, ମାଂସ ଓ ଅଣ୍ଡାକୁ ଭଲ ଭାବେ ସିଝାଇ ଖାଇବା, ଫାର୍ମରେ ଥିବା ପ୍ରାଣୀଙ୍କ ସଂସ୍ପର୍ଶରେ ଆସିବା ବେଳେ ସତର୍କତା ଅବଲମ୍ବନ କରିବାକୁ ସିଡିଏମ୍‌ଓ ପରାମର୍ଶ ଦେଇଛନ୍ତି। ଏଥିସହ କରୋନା ଭୂତାଣୁ ସମ୍ପର୍କିତ କୌଣସି ସୂଚନା ପାଇଁ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି ଓ ଏଥିପାଇଁ ଜରୁରିକାଳୀନ ଟେଲିଫୋନ ନଂ.୯୦୪୦୧୩୬୩୬୭ ଓ ୦୬୮୪୨୨୫୩୪୨୯କୁ ଯୋଗାଯୋଗ କରିବାକୁ କୁହାଯାଇଛି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଡିପିଏଚଓ ଡା. କଲ୍ୟାଣୀ ମିଶ୍ର, ଡା. ବ୍ରଜକିଶୋର ଜେନା, ଡାକ୍ତରଖାନା ଅଧୀକ୍ଷକ ଡା. ନାରାୟଣ ସୁବୁଦ୍ଧି, ଡା. ବସନ୍ତ କୁମାର ପାତ୍ର, ଡିପିଏମ ମନୋରଞ୍ଜନ ସାହୁ, ଜିଲା ପ୍ରଜନନ ଓ ଶିଶୁ ଅଧିକାରୀ ଆଶିଷ କୁମାର ମହାନ୍ତି, ଭାରପ୍ରାପ୍ତ ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ସୂଚନା ଅଧିକାରୀ ଜ୍ୟୋସ୍ନାରାଣୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ଜନ୍ମ ଚନ୍ଦ୍ର ପ୍ରଭାବରୁ ଅର୍ଥଲାଭ, ବି ଷୟଗତ ଚିନ୍ତା, କିନ୍ତୁ ଦୂରଯାତ୍ରା, ବିବାଦ, ଗୃହାରମ୍ଭ ବର୍ଜନୀୟ । ରାହୁଙ୍କ ପ୍ରଭାବରେ ସମସ୍ୟା ସମାଧାନରେ ସଫଳ ହେବେ। ବୁଧ ଓ ଶୁକ୍ର ସ୍ଥିତିରୁ ଫଳପ୍ରଦ ଆଲୋଚନା ଓ ଶିକ୍ଷା, ସନ୍ତାନଙ୍କ ଗୌରବରୁ ଖୁସି ରହିବେ । ପାପଗ୍ରହଯୁକ୍ତ ନବମ ସ୍ଥାନ ତୀର୍ଥାଟନ ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ମିଳିବ ।

**ବୃଷ**
ନବମ ଓ ଦଶମ ସ୍ଥାନର ଶୁଭପ୍ରଭାବରେ ଧର୍ମକାର୍ଯ୍ୟ, ତୀର୍ଥାଟନ, ସଭାସମିତିରେ ବନ୍ଧୁମିଳନ ଓ ଆନୁଷ୍ଠାନିକ କାମରେ ନିଯୁକ୍ତ ହୋଇପାରନ୍ତି। ଭାଇ,ବନ୍ଧୁ କିମ୍ବା ପଡ଼ୋଶୀଙ୍କ ସହ ସୁସମ୍ପର୍କ ରହିବା କଷ୍ଟକର ହେବ । ସ୍ୱଗୃହୀ ମଙ୍ଗଳଜନିତ ଗୃହଭୂମି ଲାଭ, ଯାନ୍ତ୍ରିକ ଜିନିଷ କିଣାବିକା, ବ୍ୟବସାୟ, ବାଣିଜ୍ୟ ପାଇଁ ଦିନଟି ବହୁତ ଭଲ ।

**ମିଥୁନ**
ଧନାଧିପ ଏକାଦଶସ୍ଥ ଯୋଗୁ ଅର୍ଥନୈତିକ ଅଭିବୃଦ୍ଧି ମୁହଁରେ ହସ ଫୁଟାଇବ। ମନ ଭୁଲାଣିଆ କଥା କହି କାମ ହାସଲରେ ସଫଳ ହେବେ। ବୁଧ ଓ ଶୁକ୍ରଙ୍କ ଶୁଭଦୃ ହେତୁ ବନ୍ଧୁଙ୍କ ଅନୁରକ୍ତି , ସଭାସମିତିରେ ସାହିତ୍ୟଚର୍ଚ୍ଚା ସାଙ୍ଗକୁ ମନୋରଞ୍ଜନର ମଜା ମଧ୍ୟ ଉଠାଇପାରନ୍ତି। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବ, କିନ୍ତୁ ମାନସିକ ସ୍ଥିତି ରାହୁଙ୍କ କୁପ୍ରଭାବରୁ ବିଚଳିତ ରହିପାରେ।

**କର୍କଟ**
ରାଶ୍ୟାଧିପ କର୍ମଭାବସ୍ଥ ଯୋଗୁ କର୍ମକ୍ଷେତ୍ରର ସନ୍ତୋଷଜନକ ସ୍ଥିତି ସାଙ୍ଗକୁ ପରିବାରର ସୁଖ ସମୃଦ୍ଧି ମନକୁ ଖୁସି ରଖିବ। ସପ୍ତମଭାବସ୍ଥ ରବି ଓ ଶନି ରାଜନୀତି, ସଙ୍ଗଠନ, ଆଇନ ଅଦାଲତ, ରପ୍ତାନି ବାଣିଜ୍ୟ, ଦୁଃସ୍ଥାନଗତ ଧନାଧିପଙ୍କ ପ୍ରଭାବରୁ ଋଣପ୍ରାପ୍ତି ସକାଶେ ବ୍ୟାଙ୍କ କିମ୍ବା ଋଣଦାତାଙ୍କ ଦ୍ୱାରସ୍ଥ ହେବାକୁ ପଡ଼ିପାରେ।

**ସିଂହ**
ରାଶ୍ୟାଧିପ ରବି ବଳବାନ୍ ଶନି ସାଙ୍ଗରେ ରହିଥିବାରୁ ବିବାଦୀୟ କ୍ଷେତ୍ରରେ ଅବସ୍ଥାନ କରି ନିଜକୁ ସଙ୍କୁଚିତ ମନେକରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ନୂତନ ପଦକ୍ଷେପ ନେବା ପୂର୍ବରୁ ଭଲଭାବରେ ଚିନ୍ତା କରିବା ଭଲ ହେବ। ସମୟ ସୁବିଧା ନେଇ ବନ୍ଧୁଙ୍କ ପାଖରେ ଦୁଃଖ ଜଣାଇଲେ ଅବଶ୍ୟ ଉପକୃତ ହେବେ।

**କନ୍ୟା**
ସମୟୋଚିତ ପଦକ୍ଷେପ ନେଇ ଅର୍ଥନୈତିକ କାରବାର, କୂଟନୈତିକ କାର୍ଯ୍ୟ ସାଧନ କରିପାରିବେ। କଳା, ସଙ୍ଗୀତ, କ୍ରୀଡ଼ା,ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ସମାଧାନକରି ଖୁସି ରହିପାରନ୍ତି। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ଅସୁବିଧା କ୍ଷେତ୍ରରେ ନେତୃ ସ୍ଥାନୀୟ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଉପକୃତ ହେବେ। ସାମୟିକ ଅସ୍ଥିରତା ମଧ୍ୟରେ ନିଜକୁ ନିୟନ୍ତ୍ରଣରେ ରଖିପାରିବେ।

**ତୁଳା**
ଭାଗ୍ୟାଧିପ ରାଶ୍ୟାଧିପଙ୍କ ସହ କୋଣଭାବସ୍ଥ ଯୋଗୁ ଆପଣଙ୍କ ଇଚ୍ଛା, ଉଦ୍ଦେଶ୍ୟ ଓ ଅଭିଳାଷ ପୂରଣ ହେବାରେ କୌଣସି ପ୍ରତିବନ୍ଧକ ରହିବ ନାହିଁ। ସାମାଜିକ ସ୍ତରରେ ସମ୍ମାନ ଲାଭ କରିବା ସହ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି। ଥଣ୍ଡା ଓ କାଶଜନିତ ସାମାନ୍ୟ ଅସୁସ୍ଥି ରହିପାରେ ,କିନ୍ତୁ ପାରିବାରିକ, ବ୍ୟବସାୟିକ ସ୍ଥିତି ପୂର୍ବପରି ରହିବ।

**ବିଛା**
ଦୈହିକ ସ୍ୱାସ୍ଥ୍ୟ ଭଲ ରହିବ, କିନ୍ତୁ ଶନି ଦୃଷ୍ଟ ଚନ୍ଦ୍ର ଜନିତ ମାନସିକ ସ୍ଥିତି ସେତେଟା ଭଲ ରହି ନ ପାରେ। କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଆଜି ହିଁ ସମ୍ପନ୍ନ କରିବାକୁ ଭାବୁଥିବା କାମଟିକୁ ଶେଷ କରିପାରିବେନି। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟ ଯୋଗୁ ବ୍ୟସ୍ତ ରହିବେ।

**ଧନୁ**
କର୍ମାଧିପ ଉପଚୟ ସ୍ଥାନରେ ରହିଥିବାରୁ ଆକସ୍ମିକ ଭାବରେ ସ୍ଥାନାନ୍ତର କିମ୍ବା ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ। ପ୍ରତ୍ୟେକ କ୍ଷେତ୍ରରେ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ପାରିବାରିକ କ୍ଷେତ୍ରରେ ସବୁ କଥାକୁ ହାଲୁକା ଭାବେ ଗ୍ରହଣକଲେ କ୍ଷତିରେ ପଡ଼ିବେ। ବିଶେଷ ଭ୍ରମଣ କଲେ ମଧ୍ୟ ସ୍ୱାସ୍ଥ୍ୟ ପାଇଁ ପ୍ରତିକୂଳ ପ୍ରଭାବ ପଡ଼ିବ ନାହିଁ।

**ମକର**
ରାଶ୍ୟାଧିପତି ସହ ଅଷ୍ଟମାଧିପତି ଅସୁସ୍ଥ ମାନସିକତା ପ୍ରଦାନ କରି ବିବାଦୀୟ ଚିନ୍ତାରେ ନିମଗ୍ନ କରାଇପାରନ୍ତି। ଯେତେ ଚେଷ୍ଟାକଲେ ମଧ କାମରେ ପ୍ରତିବନ୍ଧକ ଯୋଗୁ ଅଗ୍ରଗତି ହୋଇପାରିବ ନାହିଁ। କିନ୍ତୁ ଚନ୍ଦ୍ରଙ୍କ ପ୍ରଭାବରେ ଘରେ କିମ୍ବା ବାହାର ଲୋକଙ୍କ ସହ ସୁସମ୍ପର୍କ ରଖି କାର୍ଯ୍ୟ ହାସଲରେ ସମର୍ଥ ହେବେ।

**କୁମ୍ଭ**
ବୁଧ ଓ ଶୁକ୍ର ରାଶିରେ ବୌଦ୍ଧିକ ଉତ୍କର୍ଷ, ମାନସିକ ସୁସ୍ଥତା ପ୍ରଦାନ କରି ସାମାଜିକ ସମ୍ମାନ ପ୍ରଦାନ କରିବେ। ଧନ ଭାବସ୍ଥ ଚନ୍ଦ୍ର ଋଣ, ଲଟେରି, ବିବାଦୀୟ ଅର୍ଥଲାଭରେ ସହାୟକ ହୋଇପାରନ୍ତି। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରେ ଆସି ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିପାରନ୍ତି। ପାରିବାରିକ କ୍ଷେତ୍ର ବୁଝାମଣା ମାଧ୍ୟମରେ ଶୃଙ୍ଖଳିତ ହେବା ଆଶା ରହିଛି।

**ମୀନ**
ରାଶିରେ ଚନ୍ଦ୍ର ବନ୍ଧୁଙ୍କ ସହ ମନ୍ତ୍ରଣା, ରଚନାତ୍ମକ କାର୍ଯ୍ୟରୁ ଆତ୍ମସନ୍ତୋଷ ମିଳିବ। ଉତ୍ତରଭାଦ୍ରପଦ୍ ନକ୍ଷତ୍ର କେତେକ କ୍ଷେତ୍ରରେ ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି। କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଉପରିସ୍ଥ କର୍ମଚାରୀଙ୍କ ତାଗିଦା ପାଇବେ। ବନ୍ଧୁଙ୍କ ସହ ଅଧିକାଂଶ ସମୟ ଆଳାପ ଆଲୋଚନାରେ କଟାଇବାର ସୁଯୋଗ ମିଳିପାରେ।

ଆଜି ମାଘ ଶୁକ୍ଳପକ୍ଷର ତିଳସପ୍ତମୀ ଶନିବାର, ଚନ୍ଦ୍ରଭାଗା ସ୍ନାନ ଓ ଯାତ୍ରା, ଫେବୃୟାରୀ ୧ ତାରିଖ, ଅତିବଡ଼ୀ ଜଗନ୍ନାଥ ଦାସଙ୍କ ବ୍ରହ୍ମଲୀନ ଦିବସ, ଆଦିକବି ଶୂଦ୍ରମୁନୀ ଶାରଳା ଦାସଙ୍କ ଶ୍ରାଦ୍ଧଦିବସ, ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ଜୟନ୍ତୀ, ନବଦିନବ୍ୟାପୀ ଖଣ୍ଡଗିରି ମେଳା ଆରମ୍ଭ। ରାଶି ନକ୍ଷତ୍ର–ଅଶ୍ୱିନୀ/ମେଷ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ୧୦।୦୯ମି. ଗତେ ଘ୧।୦୭ମି. ମଧ୍ୟେ ଅମୃତବେଳା । ସକାଳ ଘ୭।୫୦ମି. ଗତେ ଘ୯।୧୩ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୯।୧୩ମି. ଗତେ ଘ୧୦।୩୬ମି. ମଧ୍ୟେ ରାହୁକାଳ ।


# classifieds Everyday
0674-2580101, 2549302



**SALE**

SC House ready to move 24,00,000/- Hanspal, Gharabari plot Bhingarpur- 8093465134. D-68653

**2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-16131

ପୁରୀ ନିକଟସ୍ଥ **Gharabari, patta, boundarywall, electricity** ସୁବିଧାଥାଇ **sqft.920/-** ମିଳୁଅଛି। **7008067338.** D-68478

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1200sqft. 3,50,000. Contact: 8908492594. D-16256

ଭୁବନେଶ୍ୱର **Tamando** ଥାନାଠାରୁ **1k.m** ଦୂରତାରେ **yellowzone plot** ମିଳୁଅଛି। **8594954102.** D-68485

ସୁନ୍ଦରପଦା– ଜଟଣୀ ରୋଡ ପ୍ରଧାନ ସାହି ଏବଂ ଜାମୁକୋଳିରେ ୩୦ଫୁଟ ରୋଡଥାଇ ଘରବାରି ପୋଜେସନ୍ ପ୍ଲଟ୍ ସୁଲଭ ମୂଲ୍ୟରେ ମିଳୁଅଛି। ଯୋଗାଯୋଗ– 7205504254, 7978554467. D-67528

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-16132

ଭୁବନେଶ୍ୱର କଟଣୀ ଗେଟ୍ ଠାରେ **1200sqft. 2,20,000/-,** ନଖରା ତ୍ରିନାଥ ବଜାରଠାରେ **SC plot 1200sqft. 3,44,000/- (outright), 7894433357, 9776974912.** D-68476

Finished Simplex, 2BHK- 33,00,000/, 1BKH- 23,00,000/, near Hanspal, 8908015464, 9853347909. D-68483

ଭୁବନେଶ୍ୱର ହଂସପାଳଛକଠାରୁ **4k.m** ଦୂରତାରେ **30’** ପିଚୁରୋଡ଼କୁ ଲାଗି ଘରବାରି ପାଚେରି ପ୍ଲଟ ବେଣ୍ଟପୁର ପେଟ୍ରୋଲ ପମ୍ପ ପାଖରେ **@ 10,80,000/-, 9437033320.** D-68479

ଭୁବନେଶ୍ୱର **AIIMS Medical** ଠାରେ **30’** ରାସ୍ତାଥାଇ **yellowzone,** ଘରବାରି, **boundary plot** ମିଳୁଅଛି। **1st possesion/ registration- 9937819395.** D-68481

Khandagiri to Dhauli bypass ଦୟାନଦୀ ବନ୍ଧରୁ Revenue ରାସ୍ତାଥାଇ 10,00,000/-ରେ Registration, Electry ସହିତ 6ଟି ସ୍ଥିତିବାନ ପ୍ଲଟ୍ ବିକ୍ରିହେବ। 9777236619. D-16430

ଭୁବନେଶ୍ୱର ହଂସପାଳଛକରୁ **1.2km.** ଦୂରତାରେ ଘରବାରି **yellowzone plot 1750sqft**କୁ **30,00,000/-** ମୌଜା– ହରିଦାସପୁର **9937025111.** D-68484

**4000 sqft. GA plot immediately sale at Surya Nagar, Bhubaneswar, only buyer contact Deepak: 9937329999.** D-68057

4/5 BHK Duplex at Balianta. (Construction - 2200 @ 60Lakhs/ 2600 @ 70Lakhs). Finance by Lic. Mplanets: 9938219397, 9861022055. D-16482



**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-16229



Two bedroom ground floor house, Laxmisagar, Bhubaneswar. Contact: 9437075580, 9439205580. D-67282

2BHK semi furnished flat on rent in Kalyani Heights, Bhimpur, Pahal, Bhubaneswar. 9437778744. D-68560

Area 70x30x16 for godown near Rasulgarh (BBSR). 8917525377. D-16481

Room for shop/ office/ clinic/ store, Cuttack Road, Budheswari. 9114599824. D-56187



Rejuvenate and ayurvedic full body massage by smart therapist. 9114402304. D-68946

Refresh your body with smart and expert therapist. Contact: 8457855286. D-68978

Herbal full body massage by smart / expert therapist. Contact: 8338067247. D-68974

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68975

Joint pain ଓ full body massage ପାଇଁ home service ଚାହୁଁଛନ୍ତି କି? Contact କରନ୍ତୁ: 8456835401. D-16454

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68764

Full body herbal massage with refreshment expert therapist. 7381239385, 06742540855. D-68972

Experience full body massage with us (expert). Call: 7377048581, 06742597822. D-68973

Refresh your mind and soul with best therapy at Orchid Salon/Spa. 9937287222. D-68767

Full body massage with expert therapy gents & ladies 9090377418. D-59944

Sai herbal spa refresh your body with smart, expert therapist. 7608062524. D-68971

Ayurvedic full body massage ladies and gents. Contact: 9861064981. D-68769

Newly open full body massage by ladies, gents therapist. 8018656899 D-60868

Ayurvedic full body massage by ladies, gents therapist. 7008773793 D-60869

Kasturi massage club, fully relaxed by expert lady, home service: 9178845612. D-68771

Ayurvedic full body massage ladies/gents smart experts therapist:- 8480939300. D-68772

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**LOST**

ଦେବଗଡ଼: ଦେବଗଡ଼ ନିବାସୀ– ଜାମୁମୁଣ୍ଡା (ପରା), ଥାନା– କୁଣ୍ଢେଇଗୋଳା, ଜିଲ୍ଲା– ଦେବଗଡ଼ ଗତ ତା।୨୦।୦୧।୨୦୨୦ରି ଖ ଦିନ ମୋର ଜମି ପଟ୍ଟା ଖାତା ନଂ. ୧୧୮/୨୪ କବଲାଟି ହଜିଯାଇଛି। ଯଦି କେହି ସହୃଦୟ ବ୍ୟକ୍ତି ଉକ୍ତ କବଲାଟି ପାଇଛନ୍ତି ତା’ହେଲେ କୁଣ୍ଢେଇଗୋଳା ଥାନାରେ ଦେଇ ଦେବା ପାଇଁ ଅନୁରୋଧ କରୁଛି। ନିବେଦକ: ବାଲୁଙ୍କେଶ୍ୱର ଗଡ଼ନାୟକ । 9938150588. D-16484

**AFFIDAVIT**

By an affidavit before the Notary Public, Sambalpur I Usha Oram, W/o- Dubaraj Oram, R/o. Village- Hapriyabahal, Po- Jayantpur, Dist.- Sambalpur, Odisha declare that my son Prakash Oram’s educational certificates/ other records my name has been wrongly mentioned as Ushabati Oram. That both the names Usha Oram and Ushabati Oram belongs to one and same person. D-37393

**୧୩ତମ ଜନ୍ମଦିନ ଶୁଭେଚ୍ଛା**



**ପ୍ରୀତିପର୍ଣ୍ଣା ପଟ୍ଟନାୟକ**
**(ଶ୍ରୀୟା)**
ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା ।
–:ଶୁଭେଚ୍ଛା ସହ:–
ବାବା, ମାମା, ଅଜା, ରିଙ୍କୁ ଅପା, ସିପ୍ରା ଅପା, ବାବି ମାମୁ, ନେହା ମାଇଁ, ନିତୁଭାଇ, ସମସ୍ତ ବନ୍ଧୁ ଏବଂ ପରିବାରବର୍ଗ ।
ଧ–୧୬୪୮୫

## ସଂକ୍ଷେପରେ

### ସ୍କୁଲ ପାଠ୍ୟକ୍ରମରେ ରହିବ 'ମୌଳିକ ଅଧିକାର'

**ଭୁବନେଶ୍ୱର, ୩୧।୧(ବ୍ୟୁରୋ):** ସ୍କୁଲ ସମୟରୁ ହିଁ ପିଲାମାନେ ମୌଳିକ ଅଧିକାର ବିଷୟରେ ଜାଣିବେ। ସ୍କୁଲ ପାଠ୍ୟକ୍ରମରେ ନାଗରିକର ମୌଳିକ ଅଧିକାର ବିଷୟକୁ ଏବେଠାରୁ ସାମିଲ କରାଯିବ। ଏହାସହ ପିଲାଙ୍କୁ ମୌଳିକ କର୍ତ୍ତବ୍ୟ ବିଷୟରେ ମଧ ପଢ଼ାଯିବ। ଏଥିପାଇଁ ସ୍ୱତନ୍ତ୍ର କ୍ଲାସ୍ ନ ହେଲେ ମଧ ସଚେତନ କରାଯିବ। ଛାତ୍ରୀଛାତ୍ରଙ୍କୁ ସ୍କୁଲ ସମୟରୁ ଏ ଦିଗରେ ଅବଗତ କରାଇବା ଉଚିତ୍ ବୋଲି ଅନୁଭବ କରି ଗଣଶିକ୍ଷା ବିଭାଗ ଏଭଳି ନିଷ୍ପତ୍ତି ନେଇଛି। ଏନେଇ ଶୁକ୍ରବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ମୌଳିକ କର୍ତ୍ତବ୍ୟ ବିଷୟରେ ସମସ୍ତଙ୍କ ଜାଣିବାର ଆବଶ୍ୟକତା ରହିଛି। ହେଲେ ଏହାକୁ ଯେତିକି ଗୁରୁତ୍ୱ ମିଳିବା କଥା ତାହା ମିଳିନି। ତେଣୁ ଏ ଦିଗରେ ପିଲାଙ୍କୁ ଅବଗତ କରାଯିବ ବୋଲି ମନ୍ତ୍ରୀ ଦାଶ କହିଛନ୍ତି।

### କାରଖାନାରେ ଦୁର୍ଘଟଣା, ଯୁବକ ମୃତ

**ରେଙ୍ଗାଲି, ୩୧।୧ (ଡି.ଏନ.ଏ.):** ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ ପଣ୍ଡଲୋଇ ସ୍ଥିତ ଶ୍ୟାମ ମେଟାଲିକ୍ସ କାରଖାନାରେ ଗୁରୁବାର ଦିନ ପ୍ରାୟ ୧୧ଟା ସମୟରେ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । କାରଖାନା ଭିତରେ ପଲେଟ ପ୍ଲାଣ୍ଟ ସାଇଡରେ ୨୦ ଫୁଟ ଉପରୁ ତଳକୁ ଖସି ଜଣେ ଯୁବକଙ୍କ ଜୀବନ ଯାଇଛି । ଝାରସୁଗୁଡା ଏକତାଲିର ବସନ୍ତ ମେହେର ଇଲେକ୍ଟ୍ରିସିଆନ୍ ଭାବେ କାମ କରୁଥିଲେ। ସେ ୨୦ ଫୁଟ ତଳକୁ ଖସି ପଡିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ବୁର୍ଲା ଡାକ୍ତରଖାନା ନିଆଯାଇଥିଲା। ଅପରାହ୍ନରେ ତାଙ୍କର ମୃତ୍ୟୁ ଘଟିଛି । ବସନ୍ତ ବିଦ୍ୟୁତ ଆଘାତ ପରେ ତଳକୁ ଖସି ପଡିଥିଲେ ବୋଲି ଆଲୋଚନା ହେଉଛି।

ନିର୍ଭୟା ଦୋଷୀଙ୍କ ଫାଶୀ ପୁଣି ଘୁଞ୍ଚିଲା !




# ଖଣି ଆବଣ୍ଟନ ପ୍ରକ୍ରିୟା ଆରମ୍ଭ

**ଭୁବନେଶ୍ୱର, ୩୧।୧ (ବ୍ୟୁରୋ):** ରାଜ୍ୟ ସରକାରଙ୍କ ପକ୍ଷରୁ ଖଣି ଆବଣ୍ଟନ ପ୍ରକ୍ରିୟା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଆସନ୍ତା ଫେବୃୟାରୀ ୧୮ ଯାଏ ୧୯ଟି ଖଣିର ଏହି ପରି ଆବଣ୍ଟନ କରାଯିବ। ପ୍ରଥମ ଦିନ ନୂଆଗାଁ ଲୁହାପଥର ଖଣିକୁ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲକୁ ମିଳିଛି। ଏହି ଖଣିର ପୂର୍ବ ଲିଜ୍ ଅବଧି ଆସନ୍ତା ମାର୍ଚ୍ଚ ୩୧ରେ ଶେଷ ହେବାକୁ ଯାଉଛି। ନିଲାମୀ ପ୍ରକ୍ରିୟାରେ ଆଦାନୀ, ଆର୍ସେଲର ମିତ୍ତଲ, ରୁଙ୍ଗ୍‌ଟା ସନ୍ସ, ବେଦାନ୍ତ ଭଳି କମ୍ପାନୀକୁ ଜେଏସ୍‌ଡବ୍ଲ୍ୟୁ ପଛରେ ପକାଇ ଦେଇଛି। ଦ୍ୱିତୀୟ ଦିନ ନାରାୟଣପୋଷୀ ଖଣି ଆବଣ୍ଟନ କରାଯିବ ବୋଲି ଜଣାପଡିଛି। ଏହି ଖଣି ପାଇଁ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ ସମେତ ଜେଏସ୍‌ପିଏଲ୍, ଆର୍ସେଲର ମିତ୍ତଲ ଇଣ୍ଡିଆ, ମର୍ଚ୍ଚାଣ୍ଟ ମାଇନର୍ସ ରୁଙ୍ଗ୍‌ଟା ମାଇନ୍ସ ଏବଂ କେଜେଏସ୍ ଆଲୁୱାଲିଆ ରହିଛନ୍ତି। ଏହିପରିଭାବେ ପ୍ରତ୍ୟେକ ଦିନ ଗୋଟିଏ ଗୋଟିଏ ଖଣିର ଆବଣ୍ଟନ କରାଯିବ। ପ୍ରତିଦିନ ସନ୍ଧ୍ୟାରେ ତାହାର ପରବର୍ତ୍ତୀ ଦିନ ନିଲାମ ହେବାକୁ ଥିବା ଖଣି ସମ୍ପର୍କରେ ସୂଚନା ମିଳିବ ବୋଲି ଜଣାପଡିଛି।

# ବିଭାଗୀୟ ସ୍ଥାୟୀ କମିଟି-୧ର ସପ୍ତମ ବୈଠକ

**ଭୁବନେଶ୍ୱର, ୩୧।୧ (ବ୍ୟୁରୋ):** ଓଡ଼ିଶା ବିଧାନସଭାର ବିଭାଗୀୟ ସ୍ଥାୟୀ କମିଟି -୧ଙ୍କର ସପ୍ତମ ବୈଠକ ବିଧାୟକ ରୋହିତ ପୂଜାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବିଧାନସଭାସ୍ଥିତ ପ୍ରକୋଷ୍ଠ ନଂ-୫୪ରେ ଅନୁଷ୍ଠିତ ଏହି ବୈଠକରେ ବିଧାନସଭାରେ ଗତବର୍ଷ ଜୁଲାଇ ୧୨ରେ ଉପସ୍ଥାପିତ ହୋଇଥିବା ଗୃହ ଓ ଆଇନ ବିଭାଗ ସମ୍ପର୍କିତ କମିଟିର ୨୦୧୯-୨୦ ବର୍ଷ ପାଇଁ ପ୍ରଥମ ରିପୋର୍ଟରେ ଥିବା ଟିପ୍ପଣୀ/ସୁପାରିସ ଉପରେ ଆଲୋଚନା ହୋଇଥିଲା । ସେହିପରି ଜାତୀୟ ରାଜପଥରେ ପାଟ୍ରୋଲିଂ, ସର୍ବସାଧାରଣଙ୍କ ସ୍ଥାନରେ ଅଧିକ ସିସିଟିଭି ଲାଗୁ କରିବା, ଦଣ୍ଡ ଦାନ ବ୍ୟବସ୍ଥାରେ ଉନ୍ନତି ଆଣିବା, ତଥ୍ୟ ରେକର୍ଡରେ ଡିଜିଟାଲାଇଜେସନ୍‌କୁ ଗୁରୁତ୍ୱ, ସାଇବର ଅପରାଧକୁ ନିୟନ୍ତ୍ରଣ ସମ୍ପର୍କିତ ପ୍ରସଙ୍ଗ ଉପରେ ମଧ ଆଲୋଚନା ହୋଇଥିଲା।

# ଶେଷ ହେଲା ପ୍ରଥମ ପର୍ଯ୍ୟାୟ ପଦୋନ୍ନତି ଅଦାଲତ

- ୩ ଦିନରେ ୧୪୬୫ ମାମଲାର ଶୁଣାଣି
- ନିର୍ଦ୍ଧାରିତ ସମୟ ସୁଦ୍ଧା ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରଶାସନିକ ବିଭାଗକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୩୧।୧(ବ୍ୟୁରୋ)**

ଗତ ୨୮ ତାରିଖରୁ ଆରମ୍ଭ ହୋଇଥିବା ୩ ଦିନିଆ ପ୍ରଥମ ପର୍ଯ୍ୟାୟ ପଦୋନ୍ନତି ଅଦାଲତ ଶୁକ୍ରବାର ଶେଷ ହୋଇଛି । ଏଥିରେ ମୋଟ ୧୪୬୫ଟି ମାମଲାର ଶୁଣାଣି ହୋଇଛି। ମୁଖ୍ୟ ଶାସନ ସଚିବ ଅସୀତ କୁମାର ତ୍ରିପାଠୀ ଏବଂ ୫ ଜଣ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ଫେବୃୟାରୀ ୨୮, ୨୯ ଓ ୩୧ ତାରିଖରେ ମାମଲାଗୁଡିକର ଶୁଣାଣି ହୋଇଥିଲା। ଅଦାଲତ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶକୁ ନିର୍ଦ୍ଧାରିତ ସମୟରେ କାର୍ଯ୍ୟକାରୀ କରିବାକୁ ମୁଖ୍ୟ ଶାସନ ସଚିବ ପ୍ରଶାସନିକ ବିଭାଗଗୁଡିକୁ ନିର୍ଦ୍ଦେଶ ଦେଇଛନ୍ତି। ଅଦାଲତ ନିର୍ଦ୍ଦେଶଗୁଡିକୁ ଫେବୃୟାରୀ ସୁଦ୍ଧା କାର୍ଯ୍ୟକାରୀ କରି ସାଧାରଣ ପ୍ରଶାସନ ବିଭାଗକୁ ଜଣାଇବାକୁ କୁହାଯାଇଛି। ଏଥିସହିତ ଯେଉଁ ଅଧିକାରୀଙ୍କ ଯୋଗୁ ପଦୋନ୍ନତି ଗଡି ଚାଲିଥିଲା ସେହି ଅଧିକାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନେବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

ତୃତୀୟ ଦିବସ ପଦୋନ୍ନତି ଅଦାଲତରେ ୧୨ଟି ବିଭାଗର ୪୪୭ଟି ମାମଲାର ଶୁଣାଣି ହୋଇଛି। ସେଗୁଡିକ ହେଲା ଜଙ୍ଗଲ ଓ ପରିବେଶ, ଦକ୍ଷତା ଓ ବୈଷୟିକ ଶିକ୍ଷା, ଅବକାରୀ, ସୂଚନା ଓ ଲୋକ ସମ୍ପର୍କ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ, ସମବାୟ, ପର୍ଯ୍ୟଟନ, ଓଡିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି, ଗୃହ , ସାଧାରଣ ପ୍ରଶାସନ, ସୂକ୍ଷ୍ମ, କ୍ଷୁଦ୍ର ଓ ମଧମ ଉଦ୍ୟୋଗ ବିଭାଗ।

ଗତ ଦୁଇଦିନ ଅର୍ଥାତ ଜାନୁୟାରୀ ୨୮ରେ ମୋଟ ୪୦୨ଟି ମାମଲାର ଶୁଣାଣି ହୋଇଥିବା ବେଳେ ୨୯ ତାରିଖରେ ୬୧୬ଟି ଆବେଦନର ଶୁଣାଣି ହୋଇଛି। ଫେବୃୟାରୀ ସୁଦ୍ଧା କ୍ୟାଡ଼ର ଗଠନ କରି ଗ୍ରେଡେଶନ ତାଲିକା ପ୍ରସ୍ତୁତ କରିବାକୁ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗୀୟ ପଦୋନ୍ନତି କମିଟି(ଡିପିସି) ବସାଇବାରେ ବିଳମ୍ବ କରିବା ନେଇ ବିଭାଗଗୁଡିକୁ ମଧ ଚେତାବନୀ ଦିଆଯାଇଛି। ଯଦି କୌଣସି ବିଭାଗ ଜାଣିଶୁଣି ଡିପିସି ବସାଇବାରେ ବିଳମ୍ବ କରିବେ ତେବେ ସେହି ବିଭାଗ ଅଧିକାରୀଙ୍କ ବିରୋଧରେ କଡା ପଦକ୍ଷେପ ନିଆଯିବ ବୋଲି ମଧ ଚେତାବନୀ ଦିଆଯାଇଛି।

ମୁଖ୍ୟ ଶାସନ ସଚିବ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଶୁଣାଣି କରିଥିବା ବେଳେ ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର ଗୋପବନ୍ଧୁ ଏକାଡେମୀ ସମ୍ମିଳନୀ କକ୍ଷ, କୃଷି ଉତ୍ପାଦନ କମିଶନର ପ୍ରଦୀପ୍ତ ମହାପାତ୍ର କୃଷି ଭବନ ସମ୍ମିଳନୀ କକ୍ଷ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଆର.କେ. ଶର୍ମା କଳିଙ୍ଗ ଷ୍ଟାଡିୟମ କନଫରେନ୍ସ ହଲ, ଗ୍ରାମ୍ୟ ଉନ୍ନୟନ ବିଭାଗ ସଚିବ ପ୍ରଦୀପ କୁମାର ଜେନା ଏସଆଇଆରଡି କନଫରେନ୍ସ ହଲ, ଜଙ୍ଗଲ ଓ ପରିବେଶ ବିଭାଗ ସଚିବ ମୋନା ଶର୍ମା ଇଡ୍‌କୋ ପଞ୍ଚମ ମହଲା କନଫରେନ୍ସ ହଲରେ ଶୁଣାଣି କରିଥିଲେ।

ଏଠାରେ ସୂଚନାଯୋଗ୍ୟ, ପଦୋନ୍ନତି ଅଦାଲତକୁ ଅନଲାଇନ ଜରିଆରେ ମୋଟ ୮୯୦୯ ଆବେଦନ ପତ୍ର ଆସିଥିଲା। ସେଥିରୁ ପ୍ରଥମ ପର୍ଯ୍ୟାୟ ପାଇଁ ୨୩୦୯ ଆବେଦନପତ୍ରକୁ ତାଲିକା ଭୁକ୍ତ କରାଯାଇଥିଲା। ସେଥି ମଧ୍ୟରୁ ୨୨୭୩ ଅନଲାଇନ ଜରିଆରେ ଆସିଥିବା ବେଳେ ୩୬ଟି ହାର୍ଡ କପି ଆବେଦନ ଆସିଥିଲା।

# ଇଞ୍ଜେକ୍ସନ ନେବା ପରେ ବ୍ୟକ୍ତିଙ୍କ ମୃତ୍ୟୁ

**ବରୀ/ରତ୍ନଗିରି, ୩୧।୧ (ସ୍ୱ.ପ୍ର./ଡିଏନଏ)**

ବରୀ ବ୍ଲକ ଅଧୀନ ଅଟିରା ପଞ୍ଚାୟତର ମହମ୍ମଦପୁର ଗ୍ରାମର ଜଣେ ବ୍ୟକ୍ତି ଇଞ୍ଜେକ୍ସନ ନେବାର କିଛି ସମୟ ମଧରେ ଗୁରୁତର ହୋଇପଡ଼ିଥିଲେ। ଏହାପରେ ତାଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ନାଁ କୈଳାସ ମଲିକ(୬୦) ବୋଲି ଜଣାପଡ଼ିଛି। ସ୍ଥାନୀୟ ସନ୍ଥନ ଛକ ନିକଟସ୍ଥ ଏକ ମେଡିସିନ ଷ୍ଟୋରକୁ କୈଳାସ ଇଞ୍ଜେକ୍ସନ୍ ନେବାକୁ ଆସିଥିଲେ। ଉକ୍ତ ଔଷଧ ଦୋକାନର ଜଣେ କର୍ମଚାରୀ ତାଙ୍କୁ ସେଠାରେ ଇଞ୍ଜେକ୍ସନ୍ ଦେବା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ଦୀର୍ଘ ସମୟ ଧରି ସେ ଅସୁସ୍ଥ ଅବସ୍ଥାରେ ଔଷଧ ଦୋକାନ ବାରଣ୍ଡାରେ ପଡ଼ିରହିବା ପରେ ତାଙ୍କୁ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସରେ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହା ଜଣାପଡ଼ିବା ପରେ ପରିବାର ଲୋକେ ଓ ଗ୍ରାମବାସୀ ବରୀ-କଳାମାଟିଆ ପୂର୍ତ୍ତ ବିଭାଗ ରାସ୍ତାକୁ ଦୀର୍ଘ ସମୟ ଧରି ଟାୟାର ଜାଳି ଅବରୋଧ କରିବା ଯୋଗୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଘଟଣାସ୍ଥଳରେ ବରୀ ପୋଲିସ ନାରାୟଣ ପ୍ରସାଦ ବେହେରା ପହଞ୍ଚି ଆଲୋଚନା କରି ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସୂଚନା ଥାଉକି, ୧୫ଦିନ ତଳେ କୈଳାସଙ୍କ ଦେହ ଅସୁସ୍ଥ ହୋଇଥିଲା। ସେ ସ୍ଥାନୀୟ ନେଉଳାସ୍ଥିତ ଜଣେ ଡାକ୍ତରଙ୍କ ନିକଟରେ ଚିକିତ୍ସିତ ହେଉଥିଲେ। ଭିଟାମିନ ଇଜେକ୍ସନ ଦିନେ ଛାଡ଼ି ଦିନେ ନେବାକୁ ଡାକ୍ତରଙ୍କ ପରାମର୍ଶ ରହିଥିଲା। ସନ୍ଥନ ଛକସ୍ଥିତ ଉକ୍ତ ଔଷଧ ଦୋକାନରେ କୈଳାସ ପୂର୍ବରୁ ୪ଥର ଏହି ଇନ୍‌ଜେକ୍ସନ ନେଇ ସାରିଥିବାବେଳେ ଶୁକ୍ରବାର ମଧ ଦୋକାନ କର୍ମଚାରୀଙ୍କ ଦ୍ୱାରା ଇଞ୍ଜେକ୍ସନ ନେଇଥିଲେ। ମାତ୍ର ଇଞ୍ଜେକ୍ସନ ନେବାର କିଛି ସମୟ ପରେ କୈଳାସ ଦୋକାନ ସମ୍ମୁଖରେ ଟଳି ପଡିଥିଲେ। ବରୀ ପୋଲିସ ଏ ନେଇ ଏକ ମାମଲା (ନଂ.୨/୨୦) ରୁଜୁ କରି ଔଷଧ ଦୋକାନୀଙ୍କୁ ଥାନାକୁ ଆଣି ତଦନ୍ତ ଜାରି ରଖିଥିଲା। ତେବେ ସନ୍ଧ୍ୟାରେ ସମ୍ପୃକ୍ତ କର୍ମଚାରୀଙ୍କୁ ପିଆର ବଣ୍ଡରେ ସନ୍ଧ୍ୟାରେ ଛାଡି ଦେଇଥିବା ଜଣାପଡ଼ିଛି।

**ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ**


## ବାର୍ଡ ଫ୍ଲୁ ଜନିତ ସ୍ୱାସ୍ଥ୍ୟ ସଚେତନତା

ବାର୍ଡ ଫ୍ଲୁ ଏକ ଭୂତାଣୁଜନିତ ରୋଗ । ଏଥିରେ କୁକୁଡା ଆଦି ପକ୍ଷୀମାନେ ବିଶେଷ ଭାବରେ ଆକ୍ରାନ୍ତ ହୋଇଥାନ୍ତି । ବେଳେ ବେଳେ ବାର୍ଡ ଫ୍ଲୁ ଭୂତାଣୁ ପକ୍ଷୀଠାରୁ ମଣିଷକୁ ସଂକ୍ରମିତ ହେବାର ସମ୍ଭାବନା ଥାଏ । ତେବେ, ଆଜି ପର୍ଯ୍ୟନ୍ତ ଆମ ଦେଶରେ କୌଣସି ବ୍ୟକ୍ତିଙ୍କୁ ଏହି ରୋଗ ହୋଇନାହିଁ ।

**ରୋଗର ପ୍ରତିଷେଧକ ହିଁ ସର୍ବୋତ୍ତମ ଉପାୟ ।**

- ରୋଗାକ୍ରାନ୍ତ ପକ୍ଷୀମାନଙ୍କର ପର, ଲାଳ, ମଳ ଇତ୍ୟାଦି ମାଧ୍ୟମରେ ଏହି ରୋଗ ସଂକ୍ରମଣ ହେବାର ସମ୍ଭାବନା ଥିବାରୁ, ସେସବୁ ସଂସ୍ପର୍ଷରେ ଆସିବା ପରେ ହାତକୁ ସାବୁନରେ ଭଲଭାବରେ ଧୁଅନ୍ତୁ ।
- କୁକୁଡା ବା ପକ୍ଷୀଙ୍କ ସଂସ୍ପର୍ଷରେ ଆସି ଯଦି କୌଣସି ବ୍ୟକ୍ତି ବା ଶିଶୁଙ୍କର ଜ୍ୱର, ଛିଙ୍କ, କାଶ ଲାଗିରହେ ତେବେ ଶୀଘ୍ର ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ଏବଂ କାଶ, ଛିଙ୍କ ସମୟରେ ମୁହଁ ଓ ନାକକୁ ରୁମାଲ୍‌ରେ ଘୋଡାଇ ରଖନ୍ତୁ ।
- ମରିଯାଉଥିବା କାଉ,କୁକୁଡା ଆଦି ଏଣେ ତେଣେ ନ ଫିଙ୍ଗି ସେସବୁକୁ ପୋତି ଦିଅନ୍ତୁ ଏବଂ ଉକ୍ତ ସ୍ଥାନରେ ବ୍ଲିଚିଂ ସିଞ୍ଚନ କରନ୍ତୁ । ଏହା କଲାବେଳେ ହାତରେ ଗ୍ଲୋବ୍ସ ଓ ମୁହଁରେ ମାସ୍କ ବ୍ୟବହାର କରନ୍ତୁ ।
- ନିଜ ଆଖି, ନାକ କିମ୍ବା ମୁହଁକୁ ବାରମ୍ବାର ସ୍ପର୍ଶ କରନ୍ତୁ ନାହିଁ ।
- କୁକୁଡା ମାଂସ ଓ ଅଣ୍ଡାକୁ ଭଲଭାବରେ ସିଝାଇ ରାନ୍ଧି ଖାଆନ୍ତୁ ।
- ଜ୍ୱର ଥିଲେ ବା ଶରୀର ଅସୁସ୍ଥ ଲାଗୁଥଲେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର ସହ ପରାମର୍ଶ କରନ୍ତୁ ।

DSPL-251

**ଧ୍ୟାନ ଦିଅନ୍ତୁ**

ବାର୍ଡ ଫ୍ଲୁ ଜନିତ ରୋଗ ସମ୍ପର୍କରେ ଜନସାଧାରଣ ବିଚଳିତ ହେବାର କୌଣସି କାରଣ ନାହିଁ । ସଂକ୍ରମଣର ପ୍ରତିରୋଧ ପାଇଁ ସରକାରଙ୍କ ଦ୍ୱାରା ସମସ୍ତ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

ଅଧିକ ସୂଚନା ପାଇଁ ରାଜ୍ୟ ଜନସ୍ୱାସ୍ଥ୍ୟ ନିୟନ୍ତ୍ରଣ କକ୍ଷ
ଫୋନ୍- ୦୬୭୪-୨୩୯୦୪୬୬ ରେ ଯୋଗାଯୋଗ କରିପାରିବେ ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

10003/13/0067/1920

facebook.com/HFWOdisha http://www.health.odisha.gov.in/ @HFWOdisha



ON HUGE PUBLIC DEMAND ONCE AGAIN
MIDNIGHT Sale
ଜୟରାମ ଲେଙ୍କା
All New Arrival & PREMIUM BRANDS
flat 50%* off
*T&C Apply
SUNDAY 2nd Feb. 20
ONLY ONE DAY 12pm - Till Mid Night
Men, Women, Teen & Kids
SUITS • BLAZERS • JACKETS • PULLOVERS • CARDIGANS • BLANKETS • SHAWLS
Rabi's Jayram Lenka SINCE 1956
WHERE STYLE SPEAKS
JAJPUR ROAD, Chorda Mob.: 94380 78501 — NEW MEGA FLAGSHIP PREMIUM MEN'S STORE
CUTTACK, Mangalabag Mob.: 99376 09569 | TALCHER, Hatatota Mob.: 63701 86114 | JAJPUR ROAD, Chorda Mob.: 98615 35127
Levi's · Spykar · U.S. POLO ASSN. · JACK & JONES · OXEMBERG · ColorPlus · CRIMSOUNE CLUB · Pepe Jeans · LOUIS PHILIPPE · parx · LINEN CLUB · celio* · VAN HEUSEN · Allen Solly
JEROME design2-20

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧ ଫେବୃୟାରୀ, ୨୦୨୦

ମଣିଷ ଗୋଟିଏ ମଧ୍ୟବର୍ତ୍ତିକାଳୀନ ଜୀବସତ୍ତା। ସେ କିନ୍ତୁ ସୃଷ୍ଟି ବିକାଶର ଶେଷ ପର୍ଯ୍ୟାୟ ନୁହେଁ। ମଣିଷଠାରୁ ଅତିମାନବ ଆଡକୁ ପଦକ୍ଷେପ ନେବା ହେଉଛି ପୃଥିବୀ ବିବର୍ତ୍ତନର ଆଗାମୀ ସଫଳତା। ଏହା ଅପରିହାର୍ଯ୍ୟ। କାରଣ ଏହା ଏକାବେଳକେ ଅନ୍ତରାତ୍ମାର ଉଦ୍ଦେଶ୍ୟ ଓ ପ୍ରକୃତିର ପ୍ରକ୍ରିୟାର ଯୁକ୍ତିସଙ୍ଗତ କାରଣ।
–ଶ୍ରୀଅରବିନ୍ଦ



# ବାବୁଙ୍କ ଲାଗି ଲଢ଼େଇ



ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ପଞ୍ଜାବ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଦିନକର ଗୁପ୍ତାଙ୍କ ନିଯୁକ୍ତି କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲ (କ୍ୟାଟ୍) ଦ୍ୱାରା ରଦ୍ଦ ହେବା ରାଜ୍ୟ ସରକାରଙ୍କ ପାଇଁ ଏକ ଶକ୍ତ ଝଟ୍‌କା ହୋଇଛି, ଯଦିଓ ଏହା ସମ୍ପୂର୍ଣ୍ଣ ଅପ୍ରତ୍ୟାଶିତ ନୁହେଁ। ଟ୍ରିବ୍ୟୁନାଲ ମଧ୍ୟ ଦର୍ଶାଇଛନ୍ତି ଯେ, ଗତବର୍ଷ ଫେବୃୟାରୀରେ ହୋଇଥିବା ଗୁପ୍ତାଙ୍କ ନିଯୁକ୍ତି ପ୍ରକ୍ରିୟା ସୁପ୍ରିମ୍‌କୋର୍ଟଙ୍କ ଉଲ୍ଲିଖିତ ନିୟମ ବିରୋଧରେ ଥିଲା। ଅମ୍ରିନ୍ଦର ସିଂ ସରକାର ଗୁପ୍ତାଙ୍କୁ ରାଜ୍ୟର ଶୀର୍ଷ ପୋଲିସ ଅଧିକାରୀ ଭାବେ ନିଯୁକ୍ତି ଦେବାବେଳେ ପାଞ୍ଚଜଣ ଅଧିକାରୀଙ୍କୁ ଅଣଦେଖା କରିଥିଲେ। ଏମାନଙ୍କ ମଧ୍ୟରୁ ଦୁଇଜଣ ଅଧିକାରୀ ମହମ୍ମଦ ମୁସ୍ତାଫା ଏବଂ ସିଦ୍ଧାର୍ଥ ଚଟ୍ଟୋପାଧ୍ୟାୟ ସେତେବେଳେ ଏହି ନିଯୁକ୍ତିକୁ ବିରୋଧ କରି କ୍ୟାଟ୍‌ର ଦ୍ୱାରସ୍ଥ ହୋଇଥିଲେ, ଯାହା ଏବେ ଗୁପ୍ତାଙ୍କ ନିଯୁକ୍ତିକୁ ରଦ୍ଦ କରିଛି। ପୁନଶ୍ଚ ଟ୍ରିବ୍ୟୁନାଲ ଏହି କାର୍ଯ୍ୟକୁ ପକ୍ଷପାତମୂଳକ ଓ ମନମାନି ବୋଲି କହିଛନ୍ତି। ଟ୍ରିବ୍ୟୁନାଲ ଏବେ ନୂଆ ନିଯୁକ୍ତି ପାଇଁ ତିନିଜଣ ସବୁଠୁ ବରିଷ୍ଠ ଅଧିକାରୀଙ୍କ ନାମ ୟୁପିଏସ୍‌ସିକୁ ପଠାଇବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ବଡ଼ ଝଟ୍‌କା ସତ୍ତ୍ୱେ ରାଜ୍ୟ ସରକାର ଗୁପ୍ତାଙ୍କୁ ସୁରକ୍ଷା ଦେବା ପାଇଁ ନିଶ୍ଚିତ ଥିବା ସୂତ୍ରରୁ ଜଣାପଡ଼ିଛି। ଗୁପ୍ତା ଡିଜିପି ପଦରେ କାର୍ଯ୍ୟ କରିବେ ବୋଲି ମୁଖ୍ୟମନ୍ତ୍ରୀ ରାଜ୍ୟ ବିଧାନସଭାରେ କହିଛନ୍ତି। ରାଜ୍ୟ ସରକାର ଉଚ୍ଚନ୍ୟାୟାଳୟର ଦ୍ୱାରସ୍ଥ ହେବା ପରେ ବର୍ତ୍ତମାନ ଉଚ୍ଚନ୍ୟାୟାଳୟ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଉପରେ ସ୍ଥଗିତାଦେଶ ଦେଇଛନ୍ତି। ଏଣୁ ଏହି ଲଢ଼େଇ ଆଗକୁ ଲାଗିରହିବ ବୋଲି ଆଶା କରାଯାଉଛି।

## ନୂଆ ଟ୍ରାକ୍ ଅଭିମୁଖେ ରେଲ୍‌ୱେ

ରେଲୱେର ୮ଟି ସେବା କ୍ୟାଡର୍‌କୁ ମିଶାଇ ଗୋଟିଏ କରିବାକୁ କେନ୍ଦ୍ର କ୍ୟାବିନେଟ୍‌ର ନିଷ୍ପତ୍ତି ଘୋଷଣା ହେଲା ପରଠାରୁ ଅଧିକ ଅସନ୍ତୋଷ ପ୍ରକାଶ ପାଇଛି। କିନ୍ତୁ ଏହାର ସମ୍ମିଶ୍ରଣ ପରେ ନିଜ କ୍ୟାରିୟରର ଭବିଷ୍ୟତ ଏବଂ ବରିଷ୍ଠତାକୁ ନେଇ ଚିନ୍ତାରେ ଥିବା ଅଧିକାରୀମାନେ ସୋସିଆଲ ମିଡିଆରେ ଏହା ବିରୋଧରେ ଜୋର୍‌ଦାର ଅଭିଯାନ ଚାଲୁ ରଖିବା ସତ୍ତ୍ୱେ ସରକାର ଦୃଢ଼ତାର ସହ ଆଗକୁ ବଢୁଛନ୍ତି। କ୍ୟାବିନେଟ୍ ନିଷ୍ପତ୍ତି ଘୋଷଣା ହେବା ପରେ ବହୁ ଅଧିକାରୀ ଏକ ଅଭିଯାନ ଆରମ୍ଭ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ହଜାର ହଜାର ପୋଷ୍ଟକାର୍ଡରେ 'ସେଭ୍ ଇଣ୍ଡିଆନ୍ ରେଲ୍‌ୱେ' ଲେଖି ପଠାଇଥିଲେ। ଅନେକେ ଗୋପନୀୟତାଜନିତ ସୁରକ୍ଷାକୁ ଉପେକ୍ଷା କରି ସେମାନଙ୍କ ଅସନ୍ତୋଷ ପ୍ରକାଶ କରିବା ପାଇଁ ସୋସିଆଲ ମିଡିଆ ପ୍ଲାଟଫର୍ମକୁ ବାଛିନେଲେ। ତେବେ ମୋଟ ଉପରେ ସରକାର ଏକ ଆକ୍ରମଣାତ୍ମକ ଦୃଷ୍ଟିକୋଣ ଜାରି ରଖିଛନ୍ତି। ପୂର୍ବରୁ ଅନେକ କମିଟି ଏବଂ ନିକଟରେ ପ୍ରଖ୍ୟାତ ଅର୍ଥନୀତିଜ୍ଞ ତଥା ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦ (ଇଏସି)ର ଅଧ୍ୟକ୍ଷ ବିବେକ ଦେବରାୟଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ରିପୋର୍ଟ ଅନୁସାରେ ଇଣ୍ଡିଆନ୍ ରେଲ୍‌ୱେର ଏବକାର ଢାଞ୍ଚାକୁ ଭାଙ୍ଗିଦେବାକୁ ସୁପାରିସ କରାଯାଇଥିଲା ବୋଲି ଅଧିକାଂଶ ପର୍ଯ୍ୟବେକ୍ଷକ ମତ ଦେଇଛନ୍ତି। ବିଶେଷ କରି ନୂଆ ଭାରତୀୟ ରେଲ୍‌ୱେ ମ୍ୟାନେଜ୍‌ମେଣ୍ଟ ସର୍ଭିସ ପାଇଁ ୮,୪୦୧ ଜଣ ଅଧିକାରୀଙ୍କୁ ଏକାଠି କରିବା ସହଜ କାମ ନୁହେଁ। କିନ୍ତୁ ରେଲ୍‌ୱେ ସେଥିପାଇଁ କାମ ଆରମ୍ଭ କରିଛି। ଏହା ଇଞ୍ଜିନିୟରିଂ ସର୍ଭିସ ଓ ସିଭିଲ ସର୍ଭିସ ପରୀକ୍ଷାରୁ ନୂଆ ଅଧିକାରୀ ନିଯୁକ୍ତି ଦେବା ଲାଗି କରିଥିବା ଯୋଜନାକୁ ଚଳିତବର୍ଷ ବନ୍ଦ ରଖିଛି। ଏହି ବର୍ଷ ଏସବୁ ସେବାଗୁଡ଼ିକରେ ୨୫୦ ଜଣଙ୍କୁ ନିଯୁକ୍ତି ଦେବାର ଥିଲା।

## ଆର୍‌ବିଆଇରେ ହଲ୍‌ଚଲ୍

ନଭେମ୍ବର ୨୦୧୯ରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ରେ ୟୁନିଫାଏଡ୍ ରେଗୁଲେଟୋରି ଆଣ୍ଡ୍ ସୁପରଭାଇଜରି କ୍ୟାଡର୍ ଲାଗୁହେବା ପରେ ତାହା ଏବେ ସଙ୍କଟ ସୃଷ୍ଟି କରିଛି କାରଣ ଅନେକ ଅଧିକାରୀ ଏ କ୍ୟାଡରରେ ରହିବାକୁ ଚାହାନ୍ତି ନାହିଁ ବୋଲି ସୂଚନା ଦେଇଛନ୍ତି। ସେମାନଙ୍କ କ୍ୟାରିୟର ଉପରେ ନିଷ୍ପତ୍ତି ନେବାର ସମୟସୀମା ଏହି ମାସ ଶେଷରେ ପୂରିଯାଇଛି। ଆର୍‌ବିଆଇ ଇତିହାସରେ ଏହି ପ୍ରୟାସ ସମ୍ଭବତଃ ସବୁଠୁ ବଡ଼ ପରିବର୍ତ୍ତନ ଯାହା ମାର୍ଚ୍ଚ ୨୦୧୩ରେ ଶ୍ରୀକୃଷ୍ଣ କମିଟିର ସୁପାରିସ ଅନୁସାରେ କରାଯାଇଥିଲା। କିନ୍ତୁ ଏବେ ଜଣାପଡୁଛି, ଏହା ସଂସ୍ଥାରେ ଏକ ଅଭୂତପୂର୍ବ ଆଲୋଡନ ସୃଷ୍ଟି କରିଛି। ଆର୍‌ବିଆଇର କେନ୍ଦ୍ରୀୟ ବୋର୍ଡ ଫେବୃୟାରୀରେ ହେବାକୁ ଥିବା ବୈଠକରେ ୟୁନିଫାଏଡ କ୍ୟାଡର ଉପରେ ସମୀକ୍ଷା କରିବାର ସମ୍ଭାବନା ରହିଛି। ସୂତ୍ରରୁ ପ୍ରକାଶ ଯେ, ଆର୍‌ବିଆଇ କେବେ ବି ନୂଆ କ୍ୟାଡର ସମୀକ୍ଷାର ନକାରାତ୍ମକ ପ୍ରଭାବ ଅଧିକାରୀମାନଙ୍କ ଉପରେ ପଡିବ ବୋଲି କଳ୍ପନା କରି ନ ଥିଲା। ଏବେ ଏହା ଅଧିକାରୀମାନଙ୍କ ଭାବନାକୁ ହୃଦୟଙ୍ଗମ କରିବା ସହ ତୃଣମୂଳ ସ୍ତରକୁ ଭଲ ଭାବେ ଅନୁଭବ କରିପାରିଛି।

Email: dilipcherian@gmail.com

## ୨୫ ବର୍ଷ ତଳର ଧରିତ୍ରୀ

୧ ଫେବୃୟାରୀ ୧୯୯୫

- ଦୋହରା ଟିକସ ଉଚ୍ଛେଦ ଏବଂ ପର୍ଯ୍ୟଟନର ବିକାଶ ପାଇଁ ଭାରତ ଏବଂ ତୁର୍କୀ ମଧ୍ୟରେ ଦୁଇଟି ରାଜିନାମା ସ୍ୱାକ୍ଷରିତ।
- ଭାରତ ନିର୍ମିତ ଇନ୍‌ସାଟ–୨ 'ଇ'ର କେତେକ ଅଂଶକୁ ଲିଜ୍ ସୂତ୍ରରେ ନେବା ନେଇ ଭାରତୀୟ ମହାକାଶ ଗବେଷଣା ସଂସ୍ଥା ଓ ୱାଶିଂଟନସ୍ଥିତ ଅନ୍ତର୍ଜାତୀୟ ଟେଲି ଯୋଗାଯୋଗ ଉପଗ୍ରହ ସଂସ୍ଥା ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ।
- ଆଲଜିୟର୍ସଠାରେ ଏକ ଶକ୍ତିଶାଳୀ କାର ବୋମା ବିସ୍ଫୋରଣରେ ୩୮ ଜଣଙ୍କର ମୃତ୍ୟୁ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | E | B | | | | | D | | | A | | 9 | | 2 |
| 4 | | C | | 8 | 5 | | | | 0 | | 6 | B | | |
| 3 | | | | | | 0 | | 4 | | 5 | C | 7 | 1 | |
| 1 | | 9 | 6 | | | 8 | | A | 3 | B | | 5 | C | |
| | | | | | | | | | 1 | 8 | | | | |
| D | 8 | | | E | | | | 3 | | | A | 4 | 5 | |
| | | | | | 4 | C | | | | | | | A | |
| | B | | | | 8 | 6 | | | | 9 | D | E | 3 | |
| 9 | | 1 | A | | | | | | | 3 | | 6 | | |
| | | | 0 | B | | | | 1 | 4 | | | | | |
| | | | | | 7 | | 5 | C | | | | | | |
| | 4 | | | | 0 | | | E | | | | C | | |
| | | | | 2 | | | 3 | | | 1 | | | 6 | 8 |
| C | | A | | | B | | 0 | 6 | | 7 | | 3 | | 9 |
| | 3 | 6 | | | | | | | 5 | | 9 | | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | 0 | 6 | 4 | 7 | 3 | 8 | C | 5 | 2 | E | 1 | D | B | A |
| 3 | A | 5 | D | 1 | E | B | 9 | 0 | 7 | 6 | 4 | C | 2 | 8 |
| 1 | 2 | E | A | C | 6 | 4 | D | 7 | 8 | B | 3 | 5 | 0 | 9 |
| B | C | 7 | 5 | 8 | 0 | 6 | 2 | 3 | 9 | A | D | 4 | E | 1 |
| 4 | D | 8 | 2 | 9 | B | E | 1 | A | 0 | 5 | C | 6 | 7 | 3 |
| D | 4 | 2 | 7 | A | C | 1 | 0 | E | 5 | 3 | 8 | B | 9 | 6 |
| 5 | E | 0 | 6 | 3 | D | A | 4 | B | C | 9 | 2 | 8 | 1 | 7 |
| 6 | B | 1 | 9 | 5 | 4 | 3 | 8 | 2 | D | 7 | 0 | E | A | C |
| A | 9 | C | 0 | 2 | 8 | D | 7 | 6 | E | 1 | B | 3 | 5 | 4 |
| 8 | 7 | 3 | E | B | 1 | C | 5 | 9 | 6 | 4 | A | 0 | D | 2 |
| 7 | 5 | 4 | B | E | 2 | 9 | 3 | 8 | 1 | 0 | 6 | A | C | D |
| C | 1 | A | 8 | 6 | 9 | 0 | B | D | 4 | 2 | E | 7 | 3 | 5 |
| 0 | 3 | B | C | D | 7 | 5 | 6 | 1 | A | 8 | 9 | 2 | 4 | E |
| 2 | 8 | 9 | 3 | 4 | A | 7 | E | C | B | D | 5 | 1 | 6 | 0 |
| E | 6 | D | 1 | 0 | 5 | 2 | A | 4 | 3 | C | 7 | 9 | 8 | B |

ଗତକାଲିର ଉତ୍ତର

# ଓଡ଼ିଶାର ଲେନିନ୍ : ଭଗବତୀ ଚରଣ



ଡ. ପ୍ରଫୁଲ୍ଲ କୁମାର ସାହୁ

ମହାନ୍ ସ୍ୱାଧୀନତା ସଂଗ୍ରାମୀ ତଥା ବିପ୍ଳବୀ ଜନନାୟକ ଭଗବତୀ ଚରଣ ପାଣିଗ୍ରାହୀ ଥିଲେ ଚାଷୀ, ମୂଲିଆ, ଗରିବ ଓ ଅସହାୟ ମଣିଷର ଅସଲ ବନ୍ଧୁ। ବିଂଶ ଶତାବ୍ଦୀର ଚତୁର୍ଥ ଦଶକରେ ଯେତେବେଳେ ସାମ୍ୟବାଦୀ ଆନ୍ଦୋଳନର ନାଁ ଶୁଣିବା ମାତ୍ରେ ଭୟରେ ଥରିଉଠୁଥିଲେ ଶୋଷକବର୍ଗ, ସେତିକିବେଳେ ଭଗବତୀ ଚରଣଙ୍କ ନେତୃତ୍ୱରେ ଓଡ଼ିଶାର ରାଜନୈତିକ ବାତାବରଣକୁ ପ୍ରକମ୍ପିତ କରିଥିଲା ସାମ୍ୟବାଦୀ ଆନ୍ଦୋଳନର ତୂର୍ଯ୍ୟନାଦ।

ସାମ୍ୟବାଦ ଏକ ମହାନ୍ ମାନବବାଦୀ ଦର୍ଶନ, ଏକ ବୈପ୍ଳବିକ ସିଦ୍ଧାନ୍ତ ଓ ବିଜ୍ଞାନସମ୍ମତ ବିଚାରଧାରା। ଅଷ୍ଟାଦଶ ଶତାବ୍ଦୀର ଶିଳ୍ପବିପ୍ଳବ ପରବର୍ତ୍ତୀ ଅର୍ଥନୈତିକ ବୈଷମ୍ୟଜନିତ ପ୍ରତିକ୍ରିୟାରୁ ତା'ର ଜନ୍ମ। ଜର୍ମାନରେ ଜନ୍ମିତ ବିଶ୍ୱବିଖ୍ୟାତ ଦାର୍ଶନିକ କାର୍ଲମାର୍କସ ଏହାର ଜନକ ହୋଇଥିବାରୁ ମାର୍କସବାଦୀ ଦର୍ଶନ ନାମରେ ଏହା ପରିଚିତ। ଏକ ଶ୍ରେଣୀହୀନ, ଶୋଷଣମୁକ୍ତ ଓ ସମତୁଲ ସମାଜ ଗଠନର ଆଭିମୁଖ୍ୟ ନେଇ ସମସ୍ତେ ମିଳିମିଶି ଉତ୍ପାଦନ କରିବା ଓ ଆବଶ୍ୟକତା ଅନୁସାରେ ବାଣ୍ଟି ଖାଇବା ହେଉଛି ଏହି ଦର୍ଶନର ମୂଳକଥା। ମାର୍କସ ଜାଣିଥିଲେ କାଳ କାଳ ଧରି ସମାଜର ନୀତି, ନିୟମ ଓ ପରମ୍ପରା ନିର୍ଦ୍ଦିଷ୍ଟ ଶ୍ରେଣୀର ସ୍ୱାର୍ଥରକ୍ଷା ପାଇଁ ତିଆରି ହୋଇଥିବାରୁ କୌଣସି ବୈପ୍ଳବିକ ସିଦ୍ଧାନ୍ତ ବା ବିଚାରଧାରାକୁ କେବେ ସହଜରେ ଗ୍ରହଣ କରିବ ନାହିଁ ଉପଭୋଗୀଗୋଷ୍ଠୀ। ସେମାନଙ୍କଠାରୁ ଆପଣା ଅଧିକାର ଛଡ଼ାଇନେବା ପାଇଁ ବଞ୍ଚିତ ବର୍ଗକୁ ସେ ଦେଖାଇଲେ ବିପ୍ଳବର ବାଟ। ତାଙ୍କ ମତରେ ସର୍ବହରା ଓ ବୁର୍ଜୁଆଙ୍କ ମଧ୍ୟରେ ଶ୍ରେଣୀ ସଂଘର୍ଷ ବିନା ପ୍ରତିଷ୍ଠା ହୋଇପାରିବନି ଅର୍ଥନୈତିକ ସମାନତା। ଅର୍ଥାତ୍ କ୍ରାନ୍ତି ମାଧ୍ୟମରେ ଶାନ୍ତି ପ୍ରତିଷ୍ଠା ହିଁ ମାର୍କସୀୟ ଦର୍ଶନର ସୈଦ୍ଧାନ୍ତିକ ବକ୍ତବ୍ୟ।

ଏହି ସମାଜବାଦୀ ତତ୍ତ୍ୱ ପ୍ରଥମେ ପ୍ରୟୋଗ ହେଲା ରୁଷିଆରେ, ଅତ୍ୟାଚାରୀ ଜାର୍ ଶାସନ ବିରୋଧରେ। ସେଠାରେ କାର୍ଲମାର୍କସଙ୍କ ପଟ୍ଟଶିଷ୍ୟ ଲେନିନ୍‌ଙ୍କ ନେତୃତ୍ୱରେ ବିପ୍ଳବ କରି ସମାଜବାଦୀମାନେ ଦଖଲ କଲେ କ୍ଷମତା। ମାର୍କସଙ୍କ ଦର୍ଶନତତ୍ତ୍ୱ ସହିତ ଲେନିନ୍‌ଙ୍କ ବିପ୍ଳବତତ୍ତ୍ୱର ସମନ୍ୱୟରେ ପ୍ରକାଶ ପାଇଲା ସାମ୍ୟବାଦର ଅସଲ ଶକ୍ତି। ଋଷ୍ ବିପ୍ଳବର ଅକଳ୍ପନୀୟ ସଫଳତା ବିଶ୍ୱବ୍ୟାପୀ ନିର୍ଯାତିତ ମଣିଷକୁ ଶୁଣାଇଲା କ୍ରାନ୍ତି ମାଧ୍ୟମରେ ଶ୍ରେଣୀହୀନ ସମାଜ ଗଠନର ବାର୍ତ୍ତା। ସାହିତ୍ୟ ମାଧ୍ୟମରେ ତା'ର ପ୍ରଚାର ଓ ପ୍ରସାର ପାଇଁ ପ୍ରୟାସ ଆରମ୍ଭ କରିଦେଲେ ମାକ୍ସିମ୍ ଗର୍କି, ରୁଷୋ ଓ ଭୋଲ୍‌ଟେୟାର ପ୍ରମୁଖ ବିଶ୍ୱପ୍ରସିଦ୍ଧ ଲେଖକମାନେ। ପ୍ରଥମେ ଏହାକୁ ମାର୍କ୍ସବାଦୀ ସାହିତ୍ୟ କୁହାଯାଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଏହା ପୃଥିବୀର ବିଭିନ୍ନ ପ୍ରାନ୍ତୀୟ ସାହିତ୍ୟରେ ଆତ୍ମପ୍ରକାଶ କଲା ପ୍ରଗତିଶୀଳ ସାହିତ୍ୟ ନାମରେ।



ଜୟନ୍ତୀ ଉପଲକ୍ଷେ

ସ୍ୱାଧୀନତା ସଂଗ୍ରାମକୁ କେନ୍ଦ୍ରକରି ଯେତେବେଳେ ଭାରତୀୟ କବି ଓ ଲେଖକମାନେ ଜାତୀୟତାବାଦୀ ଭାବନାରେ ଅଭିମନ୍ତ୍ରିତ ହୋଇଥିଲେ, ସେତିକିବେଳେ ଭାରତୀୟ ସାହିତ୍ୟକୁ ପ୍ରବେଶକଲା ପ୍ରଗତିବାଦୀ ଚେତନା। ସେଥିରେ ଅନୁପ୍ରେରିତ ହୋଇ ଭଗବତୀ ଚରଣ ପାଣିଗ୍ରାହୀ ନବଯୁଗ ସାହିତ୍ୟ ସଂସଦ ପ୍ରତିଷ୍ଠା କଲେ (୧୯୩୫) ଏବଂ ତାଙ୍କ ସମ୍ପାଦନାରେ ପ୍ରକାଶ ପାଇଲା 'ଆଧୁନିକ' (୧୯୩୬) ପତ୍ରିକା। ସେହିବର୍ଷ 'ଆଧୁନିକ'ରେ ତାଙ୍କର କାଳଜୟୀ ଗଳ୍ପ 'ଶିକାର' ଆତ୍ମପ୍ରକାଶ କରିବାମାତ୍ରେ ଓଡ଼ିଆ ସାହିତ୍ୟକୁ ଆଲୋଡ଼ିତ କଲା ପ୍ରଗତିବାଦୀ ଚିନ୍ତା ଓ ଚେତନା। 'ଶିକାର' ଭଗବତୀ ଗଳ୍ପ ମାନସର ଆଦ୍ୟଫଳ ହେଲେ ବି ଏହା ତାଙ୍କ ପ୍ରଗତିବାଦୀ ଚେତନାର ଅଗ୍ନିବୀଜ। ଶ୍ରେଣୀ ସଂଘର୍ଷ ତତ୍ତ୍ୱକୁ ଅନୁସରଣ କରି ସେ ଏଥିରେ ଶୋଷିତ ହାତକୁ ବଢ଼ାଇ ଦେଇଛନ୍ତି ଶ୍ରେଣୀଶତ୍ରୁକୁ ସଂହାର କରିବାର ଅସ୍ତ୍ର। ମାର୍କସଙ୍କ ଦର୍ଶନ କହେ ଶୋଷକ ଓ ଶାସକଙ୍କ ସ୍ୱାର୍ଥରକ୍ଷା ପାଇଁ ପ୍ରତିଷ୍ଠା ହୋଇଥିବା ବିଚାରାଳୟରୁ କେବେ ମିଳେନି ଶୋଷିତ ଓ ସର୍ବହରାଙ୍କୁ ନ୍ୟାୟ। ସେଥିପାଇଁ ଆଇନର ସୂକ୍ଷ୍ମ ଜାଲରୁ ଖସିଯାଇପାରିନି ସାମନ୍ତବାଦୀ ଗୋଷ୍ଠୀର ଉଗ୍ର ପ୍ରତିନିଧି ଗୋବିନ୍ଦ ସର୍ଦ୍ଦାରକୁ ହତ୍ୟା କରିଥିବା ଗଳ୍ପ (ଶିକାର) ନାୟକ ଘିନୁଆ। ବରଂ ବକ୍‌ସିସ୍ ଦେବା ଆଳରେ ତାକୁ ଫାଶୀଖୁଣ୍ଟରେ ଚଢ଼ାଇ ଦେଇଛି ସାମାଜିକ ଆଇନ।

ସରଳ ଆଦିବାସୀ ଘିନୁଆର ମୃତ୍ୟୁ ହୋଇଛି ସତ କିନ୍ତୁ ଶିଥିଳ ହୋଇଯାଇନି ସର୍ବହରାର ବିଦ୍ରୋହ। ବରଂ ବୁର୍ଜୁଆ ଗୋଷ୍ଠୀ ବିରୋଧରେ ଅଧିକ ତେଜିଉଠିଛି ବିପ୍ଳବର ନିଆଁ। 'ଶିକାର' ବ୍ୟତୀତ 'ମୀମାଂସା' ଏବଂ 'ହାତୁଡ଼ି ଓ ଦା' ଆଦି ଗଳ୍ପରେ ମଧ୍ୟ ଶ୍ରେଣୀ ସଂଘର୍ଷର ଚିତ୍ର ଉପସ୍ଥାପନ କରି ଆଗାମୀ ବିପ୍ଳବ ପାଇଁ ଗାଳ୍ପିକ ପ୍ରସ୍ତୁତ କରିଛନ୍ତି ବିସ୍ତୃତ ପଟଭୂମି। ଜଣେ ସାହିତ୍ୟସ୍ରଷ୍ଟା ଭାବରେ ଭଗବତୀ ଚରଣ କେବଳ ଗାଳ୍ପିକ ନ ଥିଲେ, ଅଧିକନ୍ତୁ ସେ ଥିଲେ କବି, ପ୍ରାବନ୍ଧିକ ଓ ଅନୁବାଦକ। ଅଗଣିତ ଓଡ଼ିଆଙ୍କ ଭିତରେ ସାମ୍ୟବାଦୀ ଚିନ୍ତାଧାରାର ପ୍ରସାର ପାଇଁ ସେ କାର୍ଲମାର୍କସଙ୍କ 'କମ୍ୟୁନିଷ୍ଟ ମେନିଫେଷ୍ଟୋ'କୁ ଓଡ଼ିଆରେ ଅନୁବାଦ କରିଥିଲେ, ଯାହା ପ୍ରକାଶ ପାଇଥିଲା ବୈଜ୍ଞାନିକ 'ସମାଜବାଦ' ନାମରେ। ପ୍ରଗତିବାଦୀ ଚେତନାର ଆଦ୍ୟ ଆବାହକ ଭଗବତୀ ଚରଣଙ୍କ ସାହିତ୍ୟ ସାଧନାଠାରୁ ତାଙ୍କ ରାଜନୈତିକ ଜୀବନ ଥିଲା ଅଧିକ ସଂଘର୍ଷମୟ ଓ ସମର୍ପିତ। ଓଡ଼ିଶାରେ କମ୍ୟୁନିଷ୍ଟ ଦଳ ଗଠନ ହେବା ପୂର୍ବରୁ ସ୍ୱାଧୀନତା ସଂଗ୍ରାମ ପାଇଁ କଂଗ୍ରେସର ଛତାତଳେ ଥିବା ବାମପନ୍ଥୀ ଯୁବକମାନେ ଚାହୁଁଥିଲେ ଏକ ବୈପ୍ଳବିକ ପରିବର୍ତ୍ତନ। କଂଗ୍ରେସ ମହଲରେ ବାମପନ୍ଥୀ ସମାଜବାଦୀ ବିଚାରଧାରାର ପ୍ରବର୍ତ୍ତକ ଥିଲେ ନବକୃଷ୍ଣ ଚୌଧୁରୀ। ୧୯୩୪ ମସିହା ଫେବୃୟାରୀରେ ନବକୃଷ୍ଣ ଚୌଧୁରୀ ଓ ଭଗବତୀ ଚରଣଙ୍କ ମିଳିତ ଉଦ୍ୟମରେ ଜନ୍ମ ନେଇଥିଲା ଓଡ଼ିଶା କଂଗ୍ରେସ ସୋସିଆଲିଷ୍ଟ ଦଳ। ଏହି ନବଗଠିତ ଦଳର ସମ୍ପାଦକ ହୋଇଥିଲେ ଭଗବତୀ ଚରଣ ପାଣିଗ୍ରାହୀ। କଂଗ୍ରେସ ସୋସିଆଲିଷ୍ଟ ଦଳରେ ରହି କମ୍ୟୁନିଷ୍ଟମାନେ ଗଢ଼ିଲେ ଏକ ଗୁପ୍ତ ସଂଗଠନ। ୧୯୩୬ ମସିହାରେ ଭଗବତୀ ଚରଣ ପାଣିଗ୍ରାହୀ, ପ୍ରାଣନାଥ ପଟ୍ଟନାୟକ ଓ ଗୁରୁଚରଣ ପଟ୍ଟନାୟକ ପ୍ରମୁଖ ଅନେକ ବାମପନ୍ଥୀଙ୍କ ଉଦ୍ୟମରେ ଓଡ଼ିଶାରେ ବିଧିବଦ୍ଧ ଭାବେ ଗଠନ ହେଲା କମ୍ୟୁନିଷ୍ଟ ଦଳ। ଦଳର ପ୍ରଥମ ସମ୍ପାଦକ ଭାବେ ଭଗବତୀଙ୍କ ଦକ୍ଷ ଓ ଉଚ୍ଚକୋଟୀର ନେତୃତ୍ୱ ଯୋଗୁ ଛାତ୍ର, ଯୁବକ, ଶ୍ରମିକ ତଥା ମେହନତି ମଣିଷଙ୍କ ପ୍ରାଣରେ ବିଚ୍ଛୁରିତ ହୋଇପଡ଼ିଲା ସାମ୍ୟବାଦୀ ବିପ୍ଳବର ଅଗ୍ନିକଣିକା।

ପ୍ରଗତିର ଅଭିଯାତ୍ରୀ ଭଗବତୀ ଚରଣ ଥିଲେ କୃଷକ ଆନ୍ଦୋଳନର ଅନ୍ୟତମ କର୍ଣ୍ଣଧାର। ସାହୁକାର ଓ ଜମିଦାରମାନଙ୍କ ଦ୍ୱାରା ଶୋଷିତ ଚାଷୀମୂଲିଆଙ୍କ ସ୍ୱାର୍ଥରକ୍ଷା ପାଇଁ ସେ ନବକୃଷ୍ଣ ଚୌଧୁରୀଙ୍କ ସହ ମିଶି ଗଠନ କରିଥିଲେ କୃଷକ ସଂଗଠନ। କୃଷକମାନଙ୍କୁ ନିଜ ଅଧିକାର ସମ୍ପର୍କରେ ସଚେତନ କରାଇବା ପାଇଁ ତାଙ୍କ ସମ୍ପାଦନାରେ ପ୍ରକାଶ ପାଉଥିଲା 'କୃଷକ' ନାମରେ ଏକ ପତ୍ରିକା। ଏହା ଚାଷୀମୂଲିଆଙ୍କ ଭିତରେ ଯେତିକି ଜାଗରଣ ସୃଷ୍ଟି କରିଥିଲା, ସେତିକି ଆତଙ୍କ ଖେଳାଇ ଦେଇଥିଲା ସାମନ୍ତବାଦୀ ଶିବିରରେ। ଓଡ଼ିଶାରେ କମ୍ୟୁନିଷ୍ଟ ଦଳ ପ୍ରତିଷ୍ଠା ପରେ ସବୁଠାରୁ ବଡ଼ ଘଟଣାଥିଲା ଢେଙ୍କାନାଳ ପ୍ରଜାମଣ୍ଡଳ ଆନ୍ଦୋଳନ। ଢେଙ୍କାନାଳ ରାଜାଙ୍କ ଅନ୍ଧାରି ଶାସନ ବିରୋଧରେ ଯେଉଁ ଗଣ ଆନ୍ଦୋଳନ ହୋଇଥିଲା ସେଥିରେ ସାମିଲ ହୋଇ ଶହୀଦ୍ ହେଲେ ବାରବର୍ଷର ବାଳକ ବାଜି ରାଉତ ଓ ଅନେକ ନିରୀହ ମଣିଷ। ଢେଙ୍କାନାଳ ଗୁଳିକାଣ୍ଡ ପ୍ରତିବାଦରେ କଟକ ଟାଉନହଲରେ ପ୍ରାଣନାଥ ପଟ୍ଟନାୟକଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହେଲା ଏବଂ ସଭାର ନିଷ୍ପତ୍ତିକ୍ରମେ ଢେଙ୍କାନାଳ ପ୍ରଜାମଣ୍ଡଳ ଆନ୍ଦୋଳନର ନେତୃତ୍ୱ ନେବାକୁ ଆଗେଇ ଆସିଲେ ଭଗବତୀ ଚରଣ ପାଣିଗ୍ରାହୀ। ଢେଙ୍କାନାଳ ପ୍ରଜାମାନଙ୍କ ସହିତ ସମ୍ମିଳିତ ହୋଇ ବେଠିବେଗାରି ବିରୋଧରେ ଚଳାଇଲେ ଆଇନ ଅମାନ୍ୟ ଆନ୍ଦୋଳନ। ଏଥିପାଇଁ କାରାବରଣ ସହିତ ତାଙ୍କୁ ସହିବାକୁ ପଡ଼ିଛି ଅକଥନୀୟ ଅତ୍ୟାଚାର। ତଥାପି ଶ୍ରେଣୀବାଦର ବିଲୋପ ପାଇଁ ତାଙ୍କ ଲଢ଼େଇ ଥିଲା ସାଲିସ୍‌ବିହୀନ। ତାଙ୍କ ମତରେ ସୂର୍ଯ୍ୟକୁ ବନ୍ଧୁକ ଦେଖାଇ ଯେପରି ସକାଳେ ତା'ର ଉଦୟକୁ ଅଟକାଇ ହୁଏନି, ସେମିତି ସାମାଜିକ ବିପ୍ଳବ କେବେ ଅଟକିବ ନାହିଁ ଲାଠି, ଗୁଳି, ଜେଲ, ଜରିମାନା ଭୟରେ।

ପୁରୀ ଜିଲା ବାଲିପାଟଣା ଥାନା ଅନ୍ତର୍ଗତ ବିଶ୍ୱନାଥପୁର ଗ୍ରାମରେ ୧୯୦୮ ଫେବୃୟାରୀ ପହିଲାରେ ଜନ୍ମଗ୍ରହଣ କରିଥିବା ଭଗବତୀ ଚରଣଙ୍କ ଜୀବନଦୀପ ମାତ୍ର ୩୪ବର୍ଷ ବୟସରେ (୨୩।୧୦।୧୯୪୩) ଲିଭିଗଲା ସତ, କିନ୍ତୁ ନିଃସ୍ୱ, ଦଳିତ ଓ ସର୍ବହରା ମଣିଷଙ୍କ କଣ୍ଠରେ ଚିରନ୍ତନ ସଙ୍ଗୀତର ଘୋଷାପଦ ପରି ରହିଗଲା ତାଙ୍କ ତ୍ୟାଗ ଓ ତିତିକ୍ଷାମୟ ଜୀବନ କାହାଣୀ।

ବିଜୁ ପଟ୍ଟନାୟକ ନଗର, ଭଦ୍ରକ,
ମୋ–୯୪୩୮୮୫୫୦୮୮

# ଇଲେକ୍ଟୋରାଲ ବଣ୍ଡ: ଏସ୍‌ବିଆଇର ମିଛ



ନୀତିନ୍ ସେଠୀ

ବିବାଦୀୟ ଇଲେକ୍ଟୋରାଲ ବଣ୍ଡ ସମ୍ପର୍କରେ ସୂଚନା ଅଧିକାର ଆଇନ ଅନୁସାରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ)କୁ ତଥ୍ୟ ମଗାଗଲା ବେଳେ ଏହା ତ୍ରୁଟିପୂର୍ଣ୍ଣ, ଅସମ୍ପୂର୍ଣ୍ଣ ବା ସ୍ଥଳବିଶେଷରେ ମିଥ୍ୟା ତଥ୍ୟ ଦେଇଥିବା ବେଳେ ସ୍କିମ୍ ସମ୍ବନ୍ଧୀୟ ସବୁ ସୂଚନା ନିୟମିତଭାବେ ଅର୍ଥ ମନ୍ତ୍ରଣାଳୟକୁ ଦେଉଥିବା ହଫ୍‌ପୋଷ୍ଟ ସମୀକ୍ଷା କରିଥିବା ତଥ୍ୟରୁ ଜଣାପଡ଼ିଛି।

ସ୍ୱଚ୍ଛତା କର୍ମୀ ଭେଙ୍କଟେଶ ନାୟକ ସୂଚନା ଅଧିକାର ଆଇନ ଅନୁସାରେ ଏସ୍‌ବିଆଇକୁ ୧୩ଟି ପ୍ରଶ୍ନର ଉତ୍ତର ମାଗିଥିଲେ। କିନ୍ତୁ ବ୍ୟାଙ୍କ ଦେଇଥିବା ତ୍ରୁଟିପୂର୍ଣ୍ଣ ଓ ମିଥ୍ୟା ସୂଚନାରୁ ଜଣାପଡ଼ିଛି ଯେ, ଏହା ମୋଦି ସରକାରରେ ଥିବା ତା'ର ରାଜନୈତିକ ମୁନିବମାନଙ୍କୁ ସୁରକ୍ଷା ଦେବା ପାଇଁ ସଦା ତତ୍ପର। ବ୍ୟାଙ୍କ ଦେଇଥିବା ଉତ୍ତରଗୁଡ଼ିକରେ ଏହାର ଉପ ମହାପ୍ରବନ୍ଧକ ନରେଶ କୁମାର ରାହେଜା ଓ କେନ୍ଦ୍ରୀୟ ଜନ ସୂଚନା ଅଧିକାରୀ ଦସ୍ତଖତ କରିଥିଲେ। ଅସ୍ୱଚ୍ଛତାକୁ ନେଇ ସମାଲୋଚନା କରାଯାଉଥିବା ଏହି ବିବାଦୀୟ ସ୍କିମ୍‌ରେ ରହିଥିବା ବ୍ୟବସ୍ଥା ଅନୁଯାୟୀ କେଉଁ ସଂସ୍ଥା କେଉଁ ଦଳକୁ କେତେ ଟଙ୍କା ଦେଲେ ତାହା ସରକାର ଜାଣିପାରିବେ କିନ୍ତୁ ବିରୋଧୀ ଦଳଗୁଡ଼ିକ ଏବଂ ସାଧାରଣ ଜନତା କିଛି ବି ଜାଣିପାରିବେ ନାହିଁ।

୨୦୧୯ ଡିସେମ୍ବରରେ ହଫ୍‌ପୋଷ୍ଟ ଇଣ୍ଡିଆ ଜାଣିବାକୁ ପାଇଲା ଯେ ପ୍ରତ୍ୟେକ ଇଲେକ୍ଟୋରାଲ ବଣ୍ଡରେ ଏକ ଗୋପନୀୟ ସଂଖ୍ୟା ବା କୋଡ୍ ନମ୍ବର ଲେଖାଯିବାର ବ୍ୟବସ୍ଥା ରହିଛି ଯେଉଁଥିରୁ ବଣ୍ଡଟି କାହାକୁ ଦିଆଗଲା ତାହା ବ୍ୟାଙ୍କ ଜାଣିପାରିବ। ଅର୍ଥାତ୍ ଦାତାଙ୍କ ନାମ ଗୋପନ ରଖାଯିବାର ଯେଉଁ ନିୟମ ରହିଛି ଏହା ହେଉଛି ତା'ର ଉଲ୍ଲଂଘନ। ପୁଣି ଅର୍ଥ ମନ୍ତ୍ରଣାଳୟର ନିର୍ଦ୍ଦେଶରେ ବ୍ୟାଙ୍କ ମିଆଦ ପୂରିଯାଇଥିବା ବଣ୍ଡକୁ ମଧ୍ୟ ଗ୍ରହଣ କରିଥିବା ଜଣାପଡ଼ିଛି।

ସ୍ୱଚ୍ଛତା କର୍ମୀ ନାୟକ ଜାଣିବାକୁ ଚାହିଁଥିଲେ ଇଲେକ୍ଟୋରାଲ ବଣ୍ଡ ଯୋଜନାକୁ ଦାତାମାନେ କେମିତି ବ୍ୟବହାର କରିଛନ୍ତି। ଅର୍ଥାତ୍ ଫେବୃୟାରୀ ୨୦୧୭ରେ ଘୋଷିତ ଓ ମାର୍ଚ୍ଚ ୨୦୧୮ରେ କାର୍ଯ୍ୟକାରୀ ହୋଇଥିବା ଯୋଜନାରେ କେତେକ ଇଲେକ୍ଟୋରାଲ ବଣ୍ଡ ଛପା ହୋଇଛି, କେତେ ବିକ୍ରି ହୋଇଛି ଓ କିଣାଯାଇଛି ଏବଂ କେବେ ଏଗୁଡ଼ିକୁ ଭଙ୍ଗାଯାଇଛି ତା'ର ତାରିଖଯୁକ୍ତ ତଥ୍ୟ ପ୍ରଦାନ କରିବାକୁ ଆବେଦନ କରାଯାଇଥିଲା। ଏ ପ୍ରଶ୍ନଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ କାରଣ ଏଗୁଡ଼ିକ ବିୟରର ବଣ୍ଡ ହୋଇଥିବାରୁ ଏହାଦ୍ୱାରା କଳା ଟଙ୍କାକୁ ଧଳା କରିବାର ସମ୍ଭାବନା ରହିଛି ଏବଂ ବିପୁଳ ପରିମାଣରେ ଏହାର ବ୍ୟବହାର କରାଗଲେ ତାହାଦ୍ୱାରା ଭାରତୀୟ ମୁଦ୍ରା ବିଶ୍ୱସନୀୟତା ହରାଇବାର ଆଶଙ୍କା ଥିବାରୁ ଭାରତୀୟ ରିଜର୍ଭ ବ୍ୟାଙ୍କ ଉଦ୍‌ବେଗ ପ୍ରକାଶ କରିଥିଲା। କିନ୍ତୁ ୨୦୧୮ ଓ ୨୦୧୯ରେ କେତେ ବଣ୍ଡ ବିକ୍ରି ହୋଇଛି ବୋଲି ପ୍ରଶ୍ନର ଉତ୍ତରରେ ବ୍ୟାଙ୍କ ଉତ୍ତର ଦେଇଥିଲା ଯେ, ଏସବୁ ତଥ୍ୟ ବ୍ୟାଙ୍କ ପାଖରେ ଉପଲବ୍ଧ ନାହିଁ, ତେଣୁ ତଥ୍ୟ ଦେଇହେବ ନାହିଁ। ଏହା ସମ୍ପୂର୍ଣ୍ଣ ମିଛ। କାରଣ ଆଉ ଜଣେ ସ୍ୱଚ୍ଛତା କର୍ମୀ ଲୋକେଶ ବାତ୍ରା ଆର୍‌ଟିଆଇରେ ପ୍ରାପ୍ତ ତଥ୍ୟ ଅନୁସାରେ ଏସ୍‌ବିଆଇ ପାଖରେ ସବୁ ତଥ୍ୟ ରହିଛି। ଏହା ନିୟମିତ ଭାବେ ଅର୍ଥ ମନ୍ତ୍ରଣାଳୟକୁ ତଥ୍ୟ ଯୋଗାଉଛି ଏବଂ ମନ୍ତ୍ରଣାଳୟର ନିର୍ଦ୍ଦେଶ ଅନୁସାରେ ବଣ୍ଡ ଛାପୁଛି।

ଏପ୍ରିଲ ୪, ୨୦୧୮ରେ ପ୍ରଥମ ଦଫା ବଣ୍ଡ ବିକ୍ରି କରାଯାଇଥିଲା ଯାହାର ସମ୍ପୂର୍ଣ୍ଣ ତଥ୍ୟ ଅର୍ଥ ମନ୍ତ୍ରଣାଳୟକୁ ଦିଆଯାଇଥିଲା। ପ୍ରତ୍ୟେକ ବିକ୍ରି ଓ ଭଙ୍ଗାଣ ପରେ ବ୍ୟାଙ୍କ ମନ୍ତ୍ରଣାଳୟକୁ ଜଣାଉଥିଲା। କେଉଁ କେଉଁ ତାରିଖରେ ଏସ୍‌ବିଆଇର କେଉଁ କେଉଁ ଶାଖାରେ କେତେ ବଣ୍ଡ ବିକ୍ରି ଓ ଭଙ୍ଗାଣ ହୋଇଛି ତାହାର ବିବରଣୀ ଦେବାକୁ ଆବେଦନ କରାଯାଇଥିବା ବେଳେ ଏସ୍‌ବିଆଇ ଦାବି କରିଥିଲା ଯେ ବିଭିନ୍ନ ବ୍ୟାଙ୍କ ଶାଖାରେ ହୋଇଥିବା କାରବାର ସମ୍ପର୍କରେ ବ୍ୟାଙ୍କର ମୁଖ୍ୟାଳୟ ପାଖରେ ତଥ୍ୟ ନାହିଁ। ଏହା ମଧ୍ୟ ମିଛ। କାରଣ ହଫ୍‌ପୋଷ୍ଟ ଦ୍ୱାରା ପ୍ରାପ୍ତ ତଥ୍ୟ ଅନୁସାରେ ଏସ୍‌ବିଆଇର ଟ୍ରାଞ୍ଜାକ୍ସନ ବିଜ୍‌ନେସ ୟୁନିଟ୍ ନାମରେ ଏକ ସ୍ୱତନ୍ତ୍ର ଟିମ୍ ରହିଛି। ଇଲେକ୍ଟୋରାଲ ବଣ୍ଡ ସ୍କିମ୍‌କୁ ପରିଚାଳନା କରିବା ଏହାର କାମ। ଏହି ଟିମ୍ ପାଖରେ ସମସ୍ତ କାରବାରର ଏକ କେନ୍ଦ୍ରୀକୃତ ରେକର୍ଡ ରହିଛି। ଏହା ପ୍ରତି ୧୦–ଦିନିଆ ବିକ୍ରିକାଳ ଶେଷରେ ସମସ୍ତ ଶାଖାରୁ ତଥ୍ୟ ଏକତ୍ରିତ କରି ଅର୍ଥ ମନ୍ତ୍ରଣାଳୟକୁ ଯୋଗାଇଥାଏ। ବ୍ୟାଙ୍କର ୨୪୦୦୦ରୁ ଊର୍ଦ୍ଧ୍ୱ ଶାଖା ଥିବାବେଳେ ମାତ୍ର ୩୨ଟି ମନୋନୀତ ଶାଖାରେ ଇଲେକ୍ଟୋରାଲ ବଣ୍ଡର ବିକ୍ରି ଓ ଭଙ୍ଗାଣ କାର୍ଯ୍ୟ କରାଯାଏ। ଅଥଚ ବ୍ୟାଙ୍କ ଉତ୍ତରରେ କହିଲା କ'ଣ ନା ଏତେ ଶାଖାରେ ହେଉଥିବା କାରବାର ସମ୍ବନ୍ଧରେ ତଥ୍ୟ ଏକାଠି କରିବାକୁ ଗଲେ ବ୍ୟାଙ୍କର ମାନବସମ୍ବଳକୁ ଅସମାନୁପାତିକ ଭାବେ ଅଲଗା କାମରେ ନିୟୋଜିତ କରିବାକୁ ପଡ଼ିବ ଏବଂ ବ୍ୟାଙ୍କ କାର୍ଯ୍ୟରେ ବାଧା ସୃଷ୍ଟି ହେବ। ସେହି ଏକା ବାହାନା ଦେଖାଇ ପ୍ରତ୍ୟେକ ମୂଲ୍ୟବର୍ଗର ବଣ୍ଡର ବିକ୍ରି, ଖର୍ଦ୍ଦି ଓ ଭଙ୍ଗାଣ ସମ୍ପର୍କରେ ତାରିଖଭିତ୍ତିକ ସୂଚନା ଦେବାକୁ ବ୍ୟାଙ୍କ ମନା କରିଦେଲା। ଅଥଚ ସ୍ୱଚ୍ଛତା କର୍ମୀ ଲୋକେଶ ବାତ୍ରାଙ୍କ ହାତରେ ପଡ଼ିଥିବା ଅର୍ଥ ମନ୍ତ୍ରଣାଳୟର ରେକର୍ଡ ଅନୁସାରେ ଏସ୍‌ବିଆଇ ନିୟମିତ ଭାବେ ମନ୍ତ୍ରଣାଳୟକୁ ତଥ୍ୟ ଯୋଗାଉଥିଲା।

ନାୟକ ଆହୁରି ଜାଣିବାକୁ ଚାହିଁଥିଲେ ଯେ ଇଲେକ୍ଟୋରାଲ ବଣ୍ଡ ଯୋଜନାର ଆବର୍ତ୍ତୀ ମୂଲ୍ୟ (ରେକରିଂ କଷ୍ଟ) କ'ଣ ଥିଲା। ଏସ୍‌ବିଆଇ ଏହାର ଉତ୍ତର ନ ଦେଇ କହିଲା ଯେ ଆବେଦକ ଯେଉଁ ତଥ୍ୟ ମାଗିଛନ୍ତି ତାହା ବ୍ୟବସାୟିକ ଗୋପନୀୟତା ଅନ୍ତର୍ଗତ। ଏ ତଥ୍ୟ ପ୍ରଦାନ କରିହେବ ନାହିଁ କାରଣ ତା'ଦ୍ୱାରା ବ୍ୟାଙ୍କର ପ୍ରତିଯୋଗିତାମୂଳକ ସ୍ଥିତି ଉପରେ ଆଞ୍ଚ ଆସିବ। ଆର୍‌ଟିଆଇ ଆଇନର ଧାରା ୮(୧)(ଡି) ଅନୁସାରେ ଏପରି ତଥ୍ୟ ଦେବାକୁ ବାରଣ କରାଯାଇଛି। ବ୍ୟାଙ୍କର ଏ ଯୁକ୍ତି ଅସମର୍ଥନୀୟ କାରଣ ଇଲେକ୍ଟୋରାଲ ବଣ୍ଡ କାରବାରରେ ଏସ୍‌ବିଆଇର ମନୋପଲି ରହିଛି। ଅନ୍ୟ କୌଣସି ବ୍ୟାଙ୍କକୁ ଏ କାରବାର ପାଇଁ ଅନୁମତି ଦିଆଯାଇ ନାହିଁ। ତେଣୁ ପ୍ରତିଯୋଗିତାର ପ୍ରଶ୍ନ ଉଠୁଛି କେଉଁଠୁ? ଅଥଚ ଏପରି ଆଳ ଦେଖାଇ ବ୍ୟାଙ୍କ ତଥ୍ୟ ଦେଇ ନ ଥିବା ବେଳେ ଅର୍ଥ ମନ୍ତ୍ରଣାଳୟକୁ ନିୟମିତ ଭାବେ ତଥ୍ୟ ପ୍ରଦାନ କରିଆସୁଥିଲା।

moruoak00@gmail.com

## ଏଇ ଭାରତରେ

ଗରିବଙ୍କ ସେବା କୌଣସି ପୂଜାଠାରୁ ବି ଅଧିକ। ଏମିତି ଭାବନା ନେଇ ଧାନବାଦର କେତେଜଣ ଯୁବକ ପ୍ରତିମାସରେ ଗରିବଙ୍କୁ ଖାଇବାକୁ ଦେଉଛନ୍ତି। ସେମାନେ ନିଜସ୍ୱ ଉଦ୍ୟମରେ ଏହି ସେବା କରୁଛନ୍ତି। ଯୁବକମାନେ ଧାନବାଦ ରାଇଜିଂ ଚ୍ୟାରିଟେବଲ ସୋସାଇଟି ଗଠନକରି ପ୍ରତିମାସ ଦ୍ୱିତୀୟ ରବିବାରରେ ୩୫୦ଜଣ ଗରିବଙ୍କୁ ଖାଇବାକୁ ଦେଉଛନ୍ତି। ଧାନବାଦ ଗଲ୍ଫ ପଡିଆର ଖଣ୍ଡେଶ୍ୱରୀ ମନ୍ଦିର ସମ୍ମୁଖରେ ଭୋଜନର ବ୍ୟବସ୍ଥା କରାଯାଉଛି। ଏଥିରେ ବେଶି ଭିକାରୀ ଓ କୁଷ୍ଠରୋଗୀ ଭୋଜନ କରୁଛନ୍ତି। ଏଠାରେ ଜାତିଧର୍ମର ବାଧା ନାହିଁ। ସମସ୍ତେ ଗୋଟିଏ ଜାଗାରେ ବସି ଭୋଜନ କରୁଛନ୍ତି। ଖାସ୍ କଥା ହେଉଛି, ସଂସ୍ଥାର କେହି ସଭାପତି କି ସମ୍ପାଦକ ନାହାନ୍ତି। ସୋସାଇଟିର ସଦସ୍ୟ ରାଜନ ସିହ୍ନା ୧୯୮୬ରେ ଏକ କ୍ରିକେଟ କ୍ଲବ୍ ଗଢ଼ି ଖେଳର ପ୍ରସାର ଲାଗି କାର୍ଯ୍ୟ କରିଥିଲେ। ପରେ କ୍ଲବ୍‌ର ବହୁ ଖେଳାଳି ଚାକିରି କରିବାପରେ ରାଜନ ସେମାନଙ୍କ ସହଯୋଗରେ ଗରିବଙ୍କୁ ଭୋଜନ ଉପଲବ୍ଧ କରାଇବା ଲାଗି ୨୦୧୩ରେ ପ୍ରଥମେ ରାଇଜିଂ ଚ୍ୟାରିଟେବଲ ସୋସାଇଟି ପ୍ରତିଷ୍ଠା କରିଥିଲେ। ପ୍ରଥମେ ଏଥିରେ ୮୭ ଜଣ ସଦସ୍ୟ ଥିଲେ ଓ ୧୨୨ ଜଣଙ୍କୁ ଖାଇବାକୁ ଦିଆଯାଉଥିଲା। ଏବେ ଏହି ସଂସ୍ଥାରେ ୨୭୦ ଜଣ ସଦସ୍ୟ ରହିଛନ୍ତି। କେବଳ ଭୋଜନ ନୁହେଁ ଏହି ସୋସାଇଟି ପକ୍ଷରୁ ଗରିବଙ୍କୁ କମ୍ବଳ ଓ ବସ୍ତ୍ର ବିତରଣ କରାଯାଉଛି। ଏହି ସେବା ପାଇଁ ସୋସାଇଟିର ପ୍ରତ୍ୟେକ ସଦସ୍ୟ ବର୍ଷକୁ ୧ ହଜାର ଟଙ୍କା ଦେଉଛନ୍ତି। ଅଧିକ ଅର୍ଥ ଦରକାର ହେଲେ ସଦସ୍ୟମାନେ ତାହା ଦେଇଥାନ୍ତି।

## ଚିରନ୍ତନୀ

ଯେ ଥିଲା ଅତି ସତ ନିକଟତମ
କେସନ ତାକୁ ଆଜି କହିବି ଭ୍ରମ–
ଜୀବନ ହୋଇ ଦିନେ ଥିଲାଟି ଯାହା,
କେସନ ବୋଲିବି ସେ ମରଣ–ମାୟା !
ଦିନେ ଯେ ପୁଲକର ରୁଧିର
କଲା ଏ ଦେହମୟ ଅଧୀର,
ଲୁଚାଇଅଛି ତାହା ବୟସ ଆବରଣ
ନୁହଇ ମିଛ ତେବେ ନୁହେଁ ସେ ଅକାରଣ
ସେ ଲାଗି ସ୍ମୃତି ତା'ର ରଖିଛି ଆଜି ଯାକି
ଦୁଇଟି ଆଖି ଖାଲି ଦୁଇଟି କଳା ଆଖି !
(ଦୁଇଟି କଳା ଆଖି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବିଶ୍ୱାସର ସଙ୍କଟ

ମହାଶୟ,

ସିଏଏ ଓ ଏନ୍‌ଆର୍‌ସିକୁ ନେଇ ଦେଶସାରା ଯେଉଁ ବିରୋଧ ଲାଗିରହିଛି, ତା'ର ମୂଳକାରଣ ହେଉଛି ବିଶ୍ୱାସର ସଙ୍କଟ। ଏହାର କାରଣ ହେଉଛି, ଜେଡିୟୁ, ବିଜେଡି ଓ ୱାଇଏସ୍‌ଆର କଂଗ୍ରେସ ପରି ଯେଉଁ ରାଜନୈତିକ ଦଳ ସିଏଏ ବିଲ୍‌କୁ ସଂସଦରେ ସମର୍ଥନ କରିଥିଲେ, ସେମାନେ ଏନ୍‌ଆର୍‌ସିକୁ ବିରୋଧ କରିଛନ୍ତି। ଏହାଛଡା ଉଭୟ ସିଏଏ ଓ ଏନ୍‌ଆର୍‌ସିକୁ ବହୁ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ର, ବୁଦ୍ଧିଜୀବୀ ବିରୋଧ କରୁଛନ୍ତି। ପୂର୍ବରୁ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଘୋଷଣା କରିଥିଲେ ଯେ, ସମଗ୍ର ଦେଶରେ ଏନ୍‌ଆର୍‌ସି ଲାଗୁ କରାଯିବ। ମାତ୍ର ପରିବର୍ତ୍ତିତ ପରିସ୍ଥିତିରେ ପ୍ରଧାନମନ୍ତ୍ରୀ ସ୍ପଷ୍ଟୀକରଣ ଦେଲେ ଯେ, ଏନ୍‌ଆର୍‌ସି ଲାଗୁ କରିବା ପାଇଁ ନିଷ୍ପତ୍ତି ହୋଇ ନ ଥିବାରୁ ଏହାକୁ ନେଇ ଦେଶବାସୀ ଚିନ୍ତିତ ହୁଅନ୍ତୁ ନାହିଁ। ମାତ୍ର ପ୍ରଧାନମନ୍ତ୍ରୀ କେବେ କହିନାହାନ୍ତି ଯେ, ଏନ୍‌ଆର୍‌ସିକୁ ଦେଶରେ ଲାଗୁ କରାଯିବ ନାହିଁ। ଏଇଠି ସୃଷ୍ଟି ହୋଇଛି ବିଶ୍ୱାସର ସଙ୍କଟ। ଏହା ଦୂର ହୋଇଗଲେ ସ୍ୱାଭାବିକତା ଫେରି ଆସିବାକୁ ଅଧିକ ସମୟ ଲାଗିବ ନାହିଁ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

### ଦୁର୍ବଳ ଇପିଏଫ୍ ପେନ୍‌ସନ୍ ନୀତି

ସମ୍ପ୍ରତି ଘରୋଇ କ୍ଷେତ୍ରରେ କାର୍ଯ୍ୟରତ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଆମ ଦେଶରେ ପ୍ରଚଳିତ ପେନ୍‌ସନ ନୀତି ଅନାକର୍ଷଣୀୟ ହୋଇଛି। ଅବସର ସମୟରେ ମିଳୁଥିବା ମୂଳ ଦରମାର ଦଶଭାଗରୁ ଭାଗେ ମିଳିବ। ଏହା ଉପହାସ ନୁହେଁ ତ ଆଉ କ'ଣ? ପ୍ରଚଳିତ ପେନ୍‌ସନ ନୀତିର ସଂଶୋଧନ ଆସିବା ଅତ୍ୟନ୍ତ ଜରୁରୀ। ଏ ଯୁଗରେ କମ୍ ସେ କମ୍ ମୂଳ ଦରମାର ତିନିଭାଗରୁ ଭାଗେ ପେନ୍‌ସନ୍ ନ ମିଳିଲେ ଚଳିବା ମୁସ୍କିଲ।

ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ନୀତି ଆୟୋଗ ଢାଞ୍ଚାରେ ରାଜ୍ୟ ଯୋଜନା ବୋର୍ଡ

**ଭୁବନେଶ୍ୱର,୩୧।୧(ବ୍ୟୁରୋ):** କେନ୍ଦ୍ରୀୟ ନୀତି ଆୟୋଗ ଢାଞ୍ଚାରେ ରାଜ୍ୟ ଯୋଜନା ବୋର୍ଡର ପୁନର୍ଗଠନ କରାଯିବ। ଓଡ଼ିଶା ସରକାରଙ୍କ ଯୋଜନା ଓ ସଂଯୋଜନା ମନ୍ତ୍ରୀ ପଦ୍ମନାଭ ବେହେରା ଶୁକ୍ରବାର ଏହି ସୂଚନା ଦେଇଛନ୍ତି। ଏ ସମ୍ପର୍କିତ ଏକ ପ୍ରସ୍ତାବ ଅନୁମୋଦନ ପାଇଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ)କୁ ଫାଇଲ ପଠାଯିବ ବୋଲି ଜଣାପଡ଼ିଛି। କେରଳ ରାଜ୍ୟରେ ଥିବା ଯୋଜନା ବୋର୍ଡ ଢାଞ୍ଚାରେ ଓଡ଼ିଶାରେ ପୁନର୍ଗଠନ କରାଯିବ। ନିକଟ ଅତୀତରେ ସରକାରଙ୍କ ପକ୍ଷରୁ ବିଭିନ୍ନ ଜିଲା କମିଟିର ଅଧକ୍ଷଙ୍କ ନାଁ ଘୋଷଣା କରାଯାଇ ସାରିଛି। ହେଲେ ରାଜ୍ୟ ଯୋଜନା ବୋର୍ଡର ଉପାଧକ୍ଷ, ପରାମର୍ଶଦାତା, ସ୍ୱତନ୍ତ୍ର ସଚିବ ଭଳି ପଦରେ କାହାରିକୁ ଅବସ୍ଥାପିତ କରାଯାଇନାହିଁ।

# ତାରାତାରିଣୀ ମନ୍ଦିର ଉନ୍ନୟନ କାର୍ଯ୍ୟ ସମୀକ୍ଷା

**ପୁରୁଷୋତ୍ତମପୁର/ହିଞ୍ଜିଳିକାଟୁ, ୩୧।୧ (ଡି.ଏନ.ଏ.):** ୫-ଟି ସଚିବ ଭି. କାର୍ତ୍ତିକେୟନ ପାଣ୍ଡିଆନ୍ ଶୁକ୍ରବାର ଅଚାନକ ଗଞ୍ଜାମ ଜିଲା ଗସ୍ତରେ ଆସିଥିଲେ। ସକାଳେ ଜିଲାର ଇଷ୍ଟଦେବୀ ମା' ତାରାତାରିଣୀଙ୍କ ଦର୍ଶନ କରିବା ସହ ପୀଠରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ମାର୍ଚ୍ଚ ୧୦ରୁ ମା'ଙ୍କ ଚୈତ୍ର ମଙ୍ଗଳବାର ଯାତ୍ରା ଆରମ୍ଭ ହେବାକୁ ଥିବାରୁ ତୁରନ୍ତ ସମସ୍ତ

**୫-ଟି ସଚିବଙ୍କ ଗଞ୍ଜାମ ଜିଲା ଗସ୍ତ**

କାର୍ଯ୍ୟ ଶେଷ କରିବା, ଯାତ୍ରା ସମୟରେ ଭକ୍ତଙ୍କ ଲାଗି ସମସ୍ତ ପ୍ରକାରର ସୁବିଧା କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ନୂତନ ଶୈଳୀରେ ମନ୍ଦିରର କାର୍ଯ୍ୟ କରିବା ଲାଗି ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ୫-ଟି ସଚିବ ସମୀକ୍ଷା ସାରି ପ୍ରାୟ ୭ଟା ୧୭ରେ ହିଞ୍ଜିଳିକାଟୁ ଅଭିମୁଖେ ଯାଇଥିଲେ।


ତାରାତାରିଣୀ ପୀଠରେ ୫-ଟି ସଚିବ ଭି. କାର୍ତ୍ତିକେୟନ ପାଣ୍ଡିଆନ୍‌ଙ୍କ ସହ ଅନ୍ୟମାନେ।

ପ୍ରଥମେ ନନ୍ଦିକୀ ସରକାରୀ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟର ଯାଇ ଭିତ୍ତିଭୂମି ଦେଖିବା ସହ ବାଳକୃଷ୍ଣପୁର, ସାହାପୁର, ରଘୁନାଥପୁର, ବେଲଗାଁ, ଗଣେଶ ବିଦ୍ୟାପୀଠ ଗଣ୍ଡଳା, ଦୁର୍ବନ୍ଧ ଉଚ୍ଚବିଦ୍ୟାଳୟ ସହ ବ୍ଲକର ୨୦ରୁ ଅଧିକ ବିଦ୍ୟାଳୟ ପରିଦର୍ଶନ କରି ଭିତ୍ତିଭୂମି ଦେଖିବା ସହ ଓ ଶିକ୍ଷାଦାନ ସମ୍ପର୍କରେ ପଚାରି ବୁଝିଥିଲେ। ଶୈକ୍ଷିକ ବାତାବାରଣ ତିଆରି କରିବାକୁ ଉପସ୍ଥିତ ଶିକ୍ଷକ, ଶିକ୍ଷା ଅଧିକାରୀ, ବରିଷ୍ଠ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ପରେ ଦୟାପଲ୍ଲୀଠାରେ କଲ୍ୟାଣମଣ୍ଡପ, କୃଷକ ପୋଖରୀ, କଞ୍ଚୁରୁଠାରେ ଗ୍ରାମାଞ୍ଚଳ ଉଦ୍ୟାନ, ବଡଖଣ୍ଡୀରେ ବଜାର ଗୃହ ଓ ଗ୍ରାମାଞ୍ଚଳ ଉଦ୍ୟାନ, ସାପୁଆପଲ୍ଲୀରେ ଆଦର୍ଶ ପୋଖରୀ, ସାରୁଠାରେ ଗ୍ରାମ୍ୟ ପାଠାଗାର, ଆଳପୁରଠାରେ ଫୁଲଚାଷ କେନ୍ଦ୍ର ପରିଦର୍ଶନ କରିଥିଲେ।

ସଚିବଙ୍କ ଗସ୍ତ ସମୟରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ପୁରୁଷୋତ୍ତମପୁର ତହସିଲଦାର ଅରୁଣ କୁମାର ନାୟକ, ପୁରୁଷୋତ୍ତମପୁର ବିଡିଓ ସୀମାଞ୍ଚଳ ମହାନ୍ତି, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ତପନ କୁମାର ପାଣିଗ୍ରାହୀ, ମନ୍ଦିର ନିର୍ବାହୀ ଅଧିକାରୀ ତିରୁମାଲା କୁମାର ରେଡ୍ଡୀ, ପୂଜକ ବାପୁଜୀ ରଣାଙ୍କ ସମେତ ଗ୍ରାମ୍ୟ ଉନ୍ନୟନ ଓ ଜଳଯୋଗାଣ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ହିଞ୍ଜିଳିକାଟୁ ଗସ୍ତବେଳେ ଜିଲାପାଳ ଓ ପିଡିଙ୍କ ସହ ହିଞ୍ଜିଳିକାଟୁ ବିଡିଓ ପ୍ରଶାନ୍ତ ପାତ୍ର, ତହସିଲଦାର ଗୋପୀନାଥ କୁଅଁର, ମୁଖ୍ୟମନ୍ତ୍ରୀଙ୍କ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଶୁଟରଙ୍କୁ ଜାମିଆ ଛାତ୍ର କହିଥିଲେ, ଆସ କଥା ହେବା



**ନୂଆଦିଲ୍ଲୀ, ୩୧।୧**

ଦିଲ୍ଲୀର ଜାମିଆ ମିଲିଆ ଇସ୍‌ଲାମିଆ ୟୁନିଭର୍ସିଟି ନିକଟରେ ଗୁରୁବାର ଗୁଳିକାଣ୍ଡ ଘଟାଇଥିବା ନାବାଳକ ରାମଭକ୍ତ ଗୋପାଳଙ୍କୁ ଆକ୍ରମଣର ଶିକାର ହେବା ପୂର୍ବରୁ ଛାତ୍ର ଶାଦାବ ନଜାର କହିଥିଲେ, ରହିଯାଅ। ଆସ ବସି କଥା ହେବା। ହେଲେ ରାମଭକ୍ତ ତାଙ୍କ କଥା ନ ଶୁଣି ଗୁଳି ଚଳାଇଥିଲେ। ଶାଦାବଙ୍କ ହାତରେ ଗୁଳି ବାଜିଥିଲା। ରକ୍ତାକ୍ତ ଶାଦାବଙ୍କୁ ମିଧାତ୍ ନାମ୍ନୀ ଜଣେ ଛାତ୍ରୀ ଧରି ହୋଲି ଫାମିଲି ହସ୍ପିଟାଲକୁ ନେଇଥିଲେ। ଗୁଳିକାଣ୍ଡ ବେଳର ଅନୁଭୂତି ସମ୍ପର୍କରେ ଶୁକ୍ରବାର ମିଧାତ୍ କହିଛନ୍ତି, ଆମେ ପୋଲିସ ବ୍ୟାରିକେଡ୍ ଆଡ଼କୁ ଯାଉଥିବାବେଳେ ଜଣେ କିଶୋର ହଠାତ୍ ସାମ୍ନାକୁ ଆସି ବନ୍ଧୁକ ବୁଲାଇଲେ। ଶାଦାବ ଆଗକୁ ଯାଇ ତାଙ୍କୁ ଶାନ୍ତ କରିବାକୁ ଚେଷ୍ଟା କରିଥିଲେ। ଶାଦାବ ବନ୍ଧୁକ ତଳକୁ କରିବାକୁ ତାଙ୍କୁ ଦୁଇଥର କହିଥିଲେ। ସେ ଯେତେବେଳେ ତୃତୀୟଥର ପାଇଁ ତାଙ୍କୁ ଅନୁରୋଧ କଲେ ନାବାଳକ ତାଙ୍କୁ ଗୁଳି କରିଥିଲେ। ଗୁଳି ଫୁଟିବା ଶବ୍ଦ ଶୁଣିବା ପରେ ମୁଁ ଚକିତ ହୋଇ ଶାଦାବଙ୍କ ନିକଟକୁ ଦୌଡ଼ିଥିଲି। ତାଙ୍କ ହାତ ଧରି ହୋଲି ଫାମିଲି ହସ୍ପିଟାଲକୁ ନେଇଥିଲି। ବ୍ୟାରିକେଡ୍ ହଟାଇବା ପାଇଁ ପୋଲିସକୁ ବାରମ୍ବାର ଅନୁରୋଧ କରିଥିଲି। ହେଲେ ଶାଦାବ ତାଙ୍କ ଗୁଳିବିଦ୍ଧ ହାତ ନ ଦେଖାଇବା ଯାଏ ପୋଲିସ ବ୍ୟାରିକେଡ୍ ହଟାଇ ନ ଥିଲା। ଜଣେ ଫଟୋ ଜର୍ନାଲିଷ୍ଟ ହେବା ପାଇଁ ଲକ୍ଷ୍ୟ ରଖିଥିବା ଶାଦାବ ଦିଲ୍ଲୀରେ ସିଏଏ ବିରୋଧୀ ବିକ୍ଷୋଭ ନେଇ ଏକ ଡକ୍ୟୁମେଣ୍ଟାରି ନିର୍ମାଣ କରିବାକୁ ଚାହୁଁଥିଲେ। ଏଥିଲାଗି ସେଠାକୁ ବିବରଣୀ ସଂଗ୍ରହ ପାଇଁ ଯାଇଥିଲେ ବୋଲି ଛାତ୍ରୀ ଜଣକ

**୧୪ ଦିନିଆ ସୁରକ୍ଷାତ୍ମକ ହାଜତକୁ ଗଲେ ରାମଭକ୍ତ**

କହିଛନ୍ତି। ଅନ୍ୟପକ୍ଷରେ ଏମ୍ସର ଟ୍ରମା କେୟାର ସେଣ୍ଟରରୁ ଶାଦାବଙ୍କୁ ଶୁକ୍ରବାର ଡିସ୍‌ଚାର୍ଜ କରାଯାଇଛି। ସେ ଶନିବାର ପରୀକ୍ଷା ଦେଇ ସାରିବା ପରେ ଜମ୍ମୁସ୍ଥିତ ତାଙ୍କ ଘରକୁ ଯିବା ପାଇଁ ଯୋଜନା କରିଥିବା ଜଣାପଡ଼ିଛି। ଗୁଳିକାଣ୍ଡ ଘଟାଇଥିବା ନାବାଳକଙ୍କୁ ୧୪ ଦିନିଆ ସୁରକ୍ଷାତ୍ମକ ହାଜତ (ପ୍ରୋଟେକ୍ଟିଭ୍ କଷ୍ଟଡି)କୁ ପଠାଇ ଦିଆଯାଇଛି। ସେ ପ୍ରକୃତରେ ନାବାଳକ କି ନୁହନ୍ତି ତାହା ଯାଞ୍ଚ କରିବା ପାଇଁ ପୋଲିସ ରାମମନୋହର ଲୋହିଆ ହସ୍ପିଟାଲକୁ ବୋନ୍ ଓସିଫିକେଶନ ଟେଷ୍ଟ ଲାଗି ଆବେଦନ କରିଛି।

# ଜଗତ୍‌ସିଂହପୁରରେ ଶୁଭାରମ୍ଭ ହେଲା ଇ-ଅଫିସ୍



ଇ-ଅଫିସ୍ ଶୁଭାରମ୍ଭ ଅବସରରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଓ ଅନ୍ୟମାନେ।

**ଜଗତ୍‌ସିଂହପୁର ଅଫିସ୍, ୩୧।୧**

**ରାଜ୍ୟରେ ପ୍ରଥମ**

ସରକାରୀ ବ୍ୟବସ୍ଥାରେ ସୁଧାର ଓ ସ୍ୱଚ୍ଛତା ଆଣିବା ପାଇଁ ସରକାର ଇ-ଅଫିସ୍ ବ୍ୟବସ୍ଥା କାର୍ଯ୍ୟକାରୀ କରିଛନ୍ତି। ଏହା ରାଜ୍ୟ ସରକାରଙ୍କ ୫-ଟିର ଅଂଶବିଶେଷ। ରାଜ୍ୟର ପ୍ରଥମ ଜିଲା ଭାବେ ଜଗତ୍‌ସିଂହପୁରରେ ଇ-ଅଫିସ୍ କାର୍ଯ୍ୟକାରୀ ହୋଇଛି। ପ୍ରାଥମିକ ପର୍ଯ୍ୟାୟରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଇ-ଅଫିସ୍ ପରିସରଭୁକ୍ତ କରାଯାଇଛି। ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଏହାର ଶୁଭାରମ୍ଭ କରିଛନ୍ତି। ଖୁବଶୀଘ୍ର ଜିଲାର ସମସ୍ତ ତହସିଲ ଓ ବ୍ଲକକୁ ଇ-ଅଫିସ ଅନ୍ତର୍ଭୁକ୍ତ କରାଯିବ। ଏହି ଅବସରରେ ଜିଲାପାଳ କହିଥିଲେ, ଜଗତ୍‌ସିଂହପୁର ପାଇଁ ଆଜି ଏକ ଶୁଭଦିନ। ଏଣିକି ସମସ୍ତ ସରକାରୀ କାର୍ଯ୍ୟ ଇ-ଅଫିସ ମାଧ୍ୟମରେ କରାଯିବ। ଏହାଫଳରେ ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ରହିବା ସହିତ ବିନା କାଗଜରେ ଫାଇଲ କାର୍ଯ୍ୟ କରାଯାଇପାରିବ। ଏହାଦ୍ୱାରା ସମୟ ଅପଚୟ ହେବ ନାହିଁ।

# ଏବେ ହେବନି ସମବାୟ ନିର୍ବାଚନ

**ଭୁବନେଶ୍ୱର, ୩୧।୧ (ବ୍ୟୁରୋ)**

- ସରିଲା ୧୯୨୬ ସମବାୟ ସମିତି କାର୍ଯ୍ୟକାଳ
- ଦାୟିତ୍ୱରେ ରହିବେ ସମବାୟ ନିରୀକ୍ଷକ
- ମାର୍ଚ୍ଚ ଶେଷସୁଦ୍ଧା ସରିବ ଆଉ ୧୦୬୦ କାର୍ଯ୍ୟକାଳ

କାର୍ଯ୍ୟକାଳ ଶେଷ ହେଉଥିବା ସମବାୟ ସମିତି ନିର୍ବାଚନ ଏବେ ହେବନାହିଁ। ଯେଉଁ ସମବାୟ ସମିତିଗୁଡ଼ିକର କାର୍ଯ୍ୟକାଳ ଶେଷ ହୋଇଛି ସେଗୁଡ଼ିକର ଦାୟିତ୍ୱରେ ସମବାୟ ନିରୀକ୍ଷକ ରହିବେ। ଶୁକ୍ରବାର ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହି ସୂଚନା ଦେଇଛନ୍ତି। ୨୦୨୦ ଜାନୁୟାରୀ ୩୧ ସୁଦ୍ଧା ରାଜ୍ୟର ୧୯୨୬ଟି ସମବାୟ ସମିତିର କାର୍ଯ୍ୟକାଳ ଶେଷ ହେଉଥିବା ବେଳେ ଫେବୃୟାରୀ ଶେଷସୁଦ୍ଧା ୯୯୭ ଏବଂ ମାର୍ଚ୍ଚ ୩୧ ସୁଦ୍ଧା ୬୩ଟି ସମବାୟ ସମିତିର କାର୍ଯ୍ୟକାଳ ଶେଷ ହେବାକୁ ଯାଉଛି । ନିର୍ବାଚନକୁ ଯିବା ପୂର୍ବରୁ ସମବାୟ ନୀତିଗୁଡ଼ିକୁ ଠିକ କରିବା ସହ ସମିତିଗୁଡିକର ଆର୍ଥିକ ସ୍ଥିତି ସୁଧାରିବାକୁ ଉଦ୍ୟମ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ସମବାୟ ସମିତିଗୁଡ଼ିକରେ ହେଉଥିବା ଅନିୟମିତତା ସମ୍ପର୍କରେ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି ଯେ, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ସମବାୟ ସମିତି ଦୁର୍ନୀତିର ତଦନ୍ତ ଚାଲିଛି। ଦୋଷୀ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

ରାଜ୍ୟରେ ମୋଟ ୯ ହଜାର ୨୯୮ ପଞ୍ଜୀକୃତ ସମବାୟ ସମିତି ରହିଛି। ସେଥିରୁ ୯ ହଜାର ୧୨୭ଟି ପ୍ରାଥମିକ ସମବାୟ ସମିତି ଥିବା ବେଳେ ୧୪୮ଟି କେନ୍ଦ୍ରୀୟ ସମବାୟ ସମିତି ଏବଂ ୨୩ଟି ଆପେକ୍ସ ସମବାୟ ସମିତି ରହିଛି। ଶେଷ ଥର ପାଇଁ ୨୦୧୫ ଜାନୁୟାରୀ ୧୮ ଓ ୨୫ ତାରିଖରେ ସମବାୟ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ତେବେ ଏହି ନିର୍ବାଚନ ଚଳିତବର୍ଷ ବିଳମ୍ବ ହେବାର ସମ୍ଭାବନା ରହିଛି।

# ପିଓଏସ୍ ଚଳାଇବା ତାଲିମ ନେଲେ ମହିଳା ଏସ୍‌ଏଚ୍‌ଜି

**ଭୁବନେଶ୍ୱର,୩୧।୧(ବ୍ୟୁରୋ)**

**ଆଦାୟ କରିବେ ହୋଲ୍ଡିଂ ଟିକସ, ଟ୍ରେଡ ଲାଇସେନ୍ସ ଫି'**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପରିବେଶ ଅଞ୍ଚଳରେ ହୋଲ୍‌ଡିଂ ଟିକସ ଏବଂ ଟ୍ରେଡ ଲାଇସେନ୍ସ ଫି ' ଆଦାୟ କରିବେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ। ପଏଣ୍ଟ ଅଫ ସେଲ୍ (ପିଓଏସ୍) ମେଶିନ ଚଳାଇବା ନେଇ ସଦସ୍ୟମାନଙ୍କୁ ଶୁକ୍ରବାର ବିଏମ୍‌ସି କର୍ପୋରେଶନ ହଲରେ ତାଲିମ ଦିଆଯାଇଛି। ଦୁଇମାସ ଧରି ବିଏମ୍‌ସି ପକ୍ଷରୁ ଏସ୍‌ଏଚ୍‌ଜି ଚୟନ କାର୍ଯ୍ୟ ଆରମ୍ଭ ହୋଇଥିଲା। ଅତିରିକ୍ତ କମିଶନର ସୁରଥ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ୨୦ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟମାନେ ଯୋଗଦେଇଥିଲେ। ଡେପୁଟି କମିଶନର (ରାଜସ୍ୱ) ଶ୍ରୀମନ୍ତ ମିଶ୍ର ଏବଂ ଉତ୍ତର ମଣ୍ଡଳ ଜୋନାଲ ଡେପୁଟି କମିଶନର ପ୍ରମୋଦ କୁମାର ପୃଷ୍ଟି ଏବଂ ଦକ୍ଷିଣ ପଶ୍ଚିମ ମଣ୍ଡଳ ଜୋନାଲ ଡେପୁଟି କମିଶନର ରବୀନ୍ଦ୍ର କୁମାର ସେଠୀ ଉପସ୍ଥିତ ରହି ସଦସ୍ୟମାନଙ୍କୁ ସେମାନଙ୍କର ଦାୟିତ୍ୱ, କର୍ତ୍ତବ୍ୟ, ଉଦ୍ଦେଶ୍ୟ ଏବଂ ରାଜସ୍ୱ ଆଦାୟ ଯୋଗୁ ନାଗରିକ କଲ୍ୟାଣ କିପରି ସାଧିତ ହୋଇପାରିବ ତାହା ବୁଝାଇଥିଲେ। ପ୍ରତ୍ୟେକ ସଦସ୍ୟଙ୍କୁ ପିଓଏସ୍ ମେଶିନ ଯୋଗାଇ ଦିଆଯାଇଛି। ପ୍ରତ୍ୟେକ ସଂଘରୁ ୩ ଜଣ ଲେଖାଏ ସଦସ୍ୟଙ୍କୁ ତାଲିମ ଦିଆଯାଇଛି। ଏହି ଟିକସ ଆଦାୟ କରିବା ପାଇଁ ଏସ୍‌ଏଚ୍‌ଜି ଆକାଉଣ୍ଟରେ ଅତି କମ୍‌ରେ ୫୦ ହଜାର ଟଙ୍କା ଥିବା ବେଳେ ସଦସ୍ୟମାନେ ଅନ୍ୟୂନ ମାଟ୍ରିକ ପାସ୍ କରିଥିବା ସଦସ୍ୟମାନଙ୍କୁ ଚୟନ କରାଯାଇଛି। ଓଡିଶାର ମହିଳା ସଶକ୍ତୀକରଣକୁ ଆଗକୁ ନେବା ଦିଗରେ ଏହା ଏକ ବଳିଷ୍ଠ ପଦକ୍ଷେପ । ଏହାଦ୍ୱାରା ମହିଳାମାନଙ୍କୁ ଆର୍ଥିକ ସଶକ୍ତ କରାଯିବା ସହିତ ଟିକସ ଆଦାୟରେ ମଧ୍ୟ ଉନ୍ନତି ଆସି ପାରିବ ବୋଲି ଅତିରିକ୍ତ କମିଶନର ସୁରଥ ମଲ୍ଲିକ କହିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୨୦ଟି ୱାର୍ଡରେ ମହିଳା ଏସ୍‌ଏଚ୍‌ଜି ସଦସ୍ୟମାନେ ଟିକସ ଆଦାୟ କରିବେ। ସେହି ୱାର୍ଡଗୁଡିକ ହେଲା୧, ୭, ୧୯, ୨୦, ୨୧, ୨୨, ୩୧, ୩୨, ୩୪, ୩୫, ୩୭, ୩୯, ୪୭, ୪୯, ୫୩, ୫୭, ୫୮, ୬୦, ୬୧ ଏବଂ ୬୩ ।

# ବାର୍ଡ ଫ୍ଲୁ ନିୟନ୍ତ୍ରଣ ପାଇଁ କୋମ୍ବିଂ ଅଭିଯାନ ଜାରି

**ଭୁବନେଶ୍ୱର, ୩୧।୧ (ବ୍ୟୁରୋ):** ବାର୍ଡ ଫ୍ଲୁ ନିୟନ୍ତ୍ରଣ ଲାଗି ସଂକ୍ରମିତ ସ୍ଥାନ ଓୟୁଏଟି କୁକୁଡ଼ା ଫାର୍ମରେ ଶୁକ୍ରବାର ଚତୁର୍ଥ ଦିନ ପାଇଁ କୁକୁଡ଼ାମରା ଓ ବିଶୋଧନ କାର୍ଯ୍ୟ ଜାରି ରହିଥିଲା। ଏଥି ନିମନ୍ତେ ନିୟୋଜିତ ୭ ରାପିଡ୍ ରେସ୍‌ପନ୍ସ ଟିମ୍ କୁକୁଡ଼ା ଫାର୍ମର ଏକ କି.ମି. ବ୍ୟାସାର୍ଦ୍ଧ ଅଞ୍ଚଳରେ ବ୍ଲିଚିଂ ପାଉଡର, ୨% ସୋଡିୟମ ହାଇପୋକ୍ଲୋରାଇଟ୍ ଓ ୪% ଫରମାଲିନ ଦ୍ରବଣ ସିଞ୍ଚନ କରି ବିଶୋଧନ କରିଥିଲେ। ଏହାସହ କମ୍ବିଂ ଅଭିଯାନ (ବିନା କ୍ଷତିପୂରଣରେ କୁକୁଡ଼ାମରା) ମଧ୍ୟ ଚାଲିଥିଲା। ରାପିଡ୍ ରେସପନ୍ସ ଟିମ୍ ସମ୍ପୃକ୍ତ ଅଞ୍ଚଳରେ କୋମ୍ବିଂ ଅଭିଯାନ ଜାରି ରଖି କୁକୁଡ଼ା ଦୋକାନ ତଥା କୁକୁଡ଼ା ଚାଷୀଙ୍କ ୧୦ କୁକୁଡ଼ାଙ୍କୁ ମାରି ଗାତରେ ପୋତିଛନ୍ତି। ଏହାସହ ସେମାନେ ୩୮ ଅଣ୍ଡା ମଧ୍ୟ ଗାତରେ ପୋତିଛନ୍ତି। ପୋତିବା ସମୟରେ ଗାତରେ ବିଶୋଧକ ଭାବେ ଚୂନ ଓ ବ୍ଲିଚିଂ ପାଉଡର ପ୍ରୟୋଗ କରାଯାଇଥିଲା।

## ଜିଲା ଟିଠି



### ଢେଙ୍କାନାଳ

# ବୋଝ ଉପରେ ବୋଝ

ଏକଦା ହାତୀକୁ ନେଇ ଗର୍ବ କରୁଥିଲା ଢେଙ୍କାନାଳ। ହେଲେ ଏବେ ହାତୀ-ମଣିଷ ସଂଘର୍ଷ ପାଇଁ ଜାତୀୟସ୍ତରରେ ନିନ୍ଦିତ ହେଉଛି ଏହି ଜିଲା। ବର୍ଷତମାମ ହାତୀ ଉପଦ୍ରବ ବନ ବିଭାଗ ପାଇଁ ଚିନ୍ତାର କାରଣ ପାଲଟିଥିବାବେଳେ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିବା କପିଳାସ ଚିଡ଼ିଆଖାନାରେ ଏକ ନରହନ୍ତା ଦନ୍ତାକୁ ଆଣି ରଖାଯିବା ନୂଆ ଅଡୁଆ ସୃଷ୍ଟି କରିଛି। ଭିତ୍ତିଭୂମି ଅଭାବ, ଆନୁଷଙ୍ଗିକ ବ୍ୟବସ୍ଥା ନ ଥିବା ସତ୍ତ୍ୱେ ହିଂସ୍ର ହାତୀକୁ ଆଣି ରଖାଯିବାକୁ ନାପସନ୍ଦ କରିଛନ୍ତି ବୁଦ୍ଧିଜୀବୀ ଏବଂ ପରିବେଶବିତ୍ । କପିଳାସ ଜୁ'ରେ ରଖାଯାଇଥିବା ଦନ୍ତାର ପ୍ରବୃତ୍ତି ବେଶ୍ ହିଂସ୍ର। ତାଳଚେର-ପରଜଙ୍ଗ ସୀମାନ୍ତ ଅଞ୍ଚଳରେ ଦୀର୍ଘଦିନ ଧରି ଆତଙ୍କ ସୃଷ୍ଟି କରିଥିବା ଏହି ହାତୀ ନେଇଛି ୧୩ ଜୀବନ। ଏହାପରେ ଦନ୍ତାକୁ ଟ୍ରାଙ୍କୁଲାଇଜ କରି କପିଳାସ ଚିଡ଼ିଆଖାନା ପରିସରରେ ଥିବା ହାତୀ ରେସ୍‌କ୍ୟୁ ସେଣ୍ଟରରେ ରଖାଯାଇଛି। କପିଳାସ ରେଞ୍ଜ୍ କର୍ତ୍ତୃପକ୍ଷଙ୍କ ହାତରେ କପିଳାସ ଜୁ' ପରିଚାଳନା ଦାୟିତ୍ୱ ରହିଛି। କେନ୍ଦ୍ର ସରକାରଙ୍କ ଜୁ' ଅଥରିଟି ଅଫ୍ ଇଣ୍ଡିଆର ବାରମ୍ବାର ତାଗିଦ୍ ସତ୍ତ୍ୱେ ଏହାକୁ ସ୍ୱତନ୍ତ୍ର କରାଯାଉନାହିଁ। ଏପରି କି ସ୍ୱତନ୍ତ୍ର ଭାବେ ଦାୟିତ୍ୱ ପରିଚାଳନା କରା ନ ଗଲେ ଚିଡ଼ିଆଖାନାର ମାନ୍ୟତା ଫେରାଇ ନିଆଯିବ ବୋଲି ଜୁ' ଅଥରିଟି ଅଫ୍ ଇଣ୍ଡିଆ ଜିଲା ବନ ବିଭାଗକୁ ଚେତାବନୀ ଦେଇସାରିଛି। ଏହାକୁ ନେଇ ବନ ବିଭାଗ ଚିନ୍ତାରେ ପଡ଼ିଥିବାବେଳେ ନୂଆ ଆସିଥିବା ଦନ୍ତାର ରକ୍ଷଣାବେକ୍ଷଣ, ଖାଦ୍ୟପେୟ, ସ୍ୱାସ୍ଥ୍ୟର ଯତ୍ନ କିପରି ନିଆଯିବ ତାହା ଏବେ ବଡ଼ ଚ୍ୟାଲେଞ୍ଜ ପାଲଟିଛି। ଅନ୍ୟପଟେ ରେସ୍‌କ୍ୟୁ ସେଣ୍ଟରରେ ପୂର୍ବରୁ ୪ ହାତୀ ଅଛନ୍ତି। ସେମାନଙ୍କ ଦେଖାରଖା କରିବାକୁ ଆବଶ୍ୟକ କର୍ମଚାରୀ କି ମାହୁନ୍ତ ନାହାନ୍ତି। ଏପରି ସ୍ଥିତିରେ ହିଂସ୍ର ଦନ୍ତାକୁ ଆଣି ରଖାଯିବା ବୋଝ ଉପରେ ବୋଝ ବୋଲି ଆଲୋଚନା ହେଉଛି। ଏସବୁ ଭିତରେ ଯାଜପୁର ଦାନଗଦି ଅଞ୍ଚଳରେ ଉପଦ୍ରବ ସୃଷ୍ଟି କରିଥିବା ଅନ୍ୟ ଏକ ଦନ୍ତାକୁ କପିଳାସ ଆଣିବା ପାଇଁ ମସୁଧା କରାଯାଉଛି। ଏହା ଜଣାପଡ଼ିବା ପରେ ବନ ବିଭାଗ ଅଧିକାରୀ ଏବଂ କର୍ମଚାରୀ ମୁଣ୍ଡରେ ହାତ ଦେଇ ବସିଛନ୍ତି। ରାଜ୍ୟରେ ବାଘବଂଶ ବୃଦ୍ଧି ଲାଗି ବ୍ୟାଘ୍ର ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଏଥିରେ ଅଜସ୍ର ଟଙ୍କା ଖର୍ଚ୍ଚ କରାଯାଉଛି। ହେଲେ ଜାତୀୟ ଐତିହ୍ୟ ପ୍ରାଣୀ ଘୋଷଣା କରାଯିବା ସତ୍ତ୍ୱେ ହାତୀବଂଶର ସୁରକ୍ଷା ପାଇଁ ଆଖିଦୃଶିଆ ପଦକ୍ଷେପ ନିଆଯାଉନାହିଁ। ଫଳରେ ଧୀରେ ଧୀରେ ହାତୀମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ବେଳ ଥାଉ ଥାଉ ଏ ଦିଗରେ ଚିନ୍ତା କରା ନ ଗଲେ ହାତୀ ଭଳି ବିଶାଳକାୟ ଜୀବ କେବଳ ଇତିହାସ ପୃଷ୍ଠାରେ ସୀମିତ ହୋଇ ରହିଯିବ ବୋଲି ପ୍ରାଣୀପ୍ରେମୀ ମତ ଦେଲେଣି।

– ରତନ ନାୟାର

# ବାରାଣସୀକୁ ଉଡ଼ିଲା ବିମାନ

**ଭୁବନେଶ୍ୱର, ୩୧।୧(ବ୍ୟୁରୋ):** ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରୁ ଭାୟା ଭୁବନେଶ୍ୱର ଦେଇ ବାରାଣସୀକୁ ଶୁକ୍ରବାରଠାରୁ ବିମାନସେବା ଆରମ୍ଭ ହୋଇଛି। ଏଲାଏନ୍ସ ଏୟାର୍ ପକ୍ଷରୁ ଏହି ସେବା ଯୋଗାଇ ଦିଆଯାଉଛି। ପ୍ରଥମ ଦିନରେ ଝାରସୁଗୁଡ଼ାରୁ କେହି ଯାତ୍ରୀ ନ ଥିବାବେଳେ ଭୁବନେଶ୍ୱରରୁ ୪୦ଜଣ ବାରାଣସୀକୁ ଯାତ୍ରା କରିଛନ୍ତି। ୭୨ ସିଟ୍ ବିଶିଷ୍ଟ ଏହି ବିମାନଟି ପ୍ରତ୍ୟହ ଝାରସୁଗୁଡ଼ା ବିମାନବନ୍ଦରରୁ ପୂର୍ବାହ୍ନ ୧୦ଟାରେ ଉଡ଼ାଣ କରି ଭୁବନେଶ୍ୱରରେ ୧୧ଟା ୫ ମିନିଟ୍‌ରେ ପହଞ୍ଚିବ। ଭୁବନେଶ୍ୱରରୁ ଅପରାହ୍ନ ୧୨ଟା ୧୫ରେ ଉଡ଼ାଣ କରି ବାରାଣସୀରେ ଅପରାହ୍ନ ୨ଟାରେ ପହଞ୍ଚିବ। ବାରାଣସୀରୁ ବିମାନଟି ଅପରାହ୍ନ ୨ଟା ୩୦ରେ ଛାଡ଼ି ଭୁବନେଶ୍ୱରରେ ୪ଟା ୨୦ ମିନିଟ୍‌ରେ ପହଞ୍ଚିବ। ଆଉ ଭୁବନେଶ୍ୱରରୁ ଅପରାହ୍ନ ୪ଟା ୪୫ ମିନିଟ୍ ସମୟରେ ଉଡ଼ାଣ କରି ଅପରାହ୍ନ ୫ଟା ୫୦ରେ ବିମାନଟି ଝାରସୁଗୁଡ଼ାରେ ପହଞ୍ଚିବ।

# ଜନଗଣନା ଦାୟିତ୍ୱରେ ପ୍ରେମାନନ୍ଦ

**ଭୁବନେଶ୍ୱର, ୩୧।୧ (ବ୍ୟୁରୋ):** ୨୦୦୬ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ପ୍ରେମାନନ୍ଦ ଖୁଣ୍ଟିଆ ଜନଗଣନା ନିର୍ଦ୍ଦେଶାଳୟର ନୂଆ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ନେବେ। ପ୍ରେମାନନ୍ଦ ଡିରେକ୍ଟର ଅଫ୍ ସିଟିଜେନ୍ ରେଜିଷ୍ଟ୍ରେଶନ୍ (ନାଗରିକ ପଞ୍ଜୀକରଣ) ଦାୟିତ୍ୱ ମଧ୍ୟ ନିର୍ବାହ କରିବେ। ଓଡ଼ିଶା ସରକାରଙ୍କ ପକ୍ଷରୁ ସୁପାରିସ କରାଯାଇଥିବା ପ୍ରଶାସନିକ ଅଧିକାରୀଙ୍କ ନାମଗୁଡିକ ମଧ୍ୟରୁ ଖୁଣ୍ଟିଆଙ୍କୁ ମନୋନୟନ କରାଯାଇଥିବା ଜଣାପଡିଛି। କେନ୍ଦ୍ରୀୟ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ ପକ୍ଷରୁ ଏହି ଅନୁମୋଦନ ମିଳିଛି। ପ୍ରେମାନନ୍ଦ ଏବେ ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ସଚିବଭାବେ କାର୍ଯ୍ୟ କରୁଛନ୍ତି। ପ୍ରେମାନନ୍ଦଙ୍କ ତତ୍ତ୍ୱାବଧାନରେ ରାଜ୍ୟରେ ୨୦୨୧ ଜନଗଣନା କାର୍ଯ୍ୟକ୍ରମ କରାଯିବ।



CASH n GOLD
ISO 9001:2015 Certified Company
HIGHEST PAYOUT FOR YOUR GOLD
SELL YOUR GOLD & SETTLE YOUR GOLD LOAN at 100% market value.
CASH against GOLD
● ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ୧୦୦% ଉଚିତ୍ ମୂଲ୍ୟରେ ।
● ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ।
Plot No.: 622-A, Saheed Nagar, Near Khimji Jewellery, Bhubaneswar - 751007
Call: 7504335566 | 0674-2955566

**ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ନିୟାମକ ପରିଷଦ**
ୱାର୍ଲ୍ଡ ଟ୍ରେଡ୍ ସେଣ୍ଟର, ବାବର ରୋଡ୍, ନୂଆଦିଲ୍ଲୀ - ୧୧୦୦୦୧
ଦୂରଭାଷ ନଂ.: ୦୧୧-୨୩୪୫୭୭୦୦, ଫାକ୍ସ ନଂ. ୦୧୧-୨୩୭୦୯୧୫୧
ୱେବ୍‌ସାଇଟ୍: www.pngrb.gov.in
PNGRB
ତାରିଖ: ୨୨ ଜାନୁୟାରୀ, ୨୦୨୦

**ଶୁଦ୍ଧିପତ୍ର**

**ସର୍ବସାଧାରଣ ସୂଚନା ସଂଖ୍ୟା: ବିଡ୍/ଏନ୍‌ଜିପିଏଲ୍/୧୪/ ୨୦୧୯/୦୧/ଏମ୍‌ଏନ୍‌ଜେପିଏଲ୍/୦୩**

ମୁମ୍ବାଇ - ନାଗପୁର - ଝାରସୁଗୁଡ଼ା ପ୍ରାକୃତିକ ବାଷ୍ପ ପାଇପଲାଇନ୍‌ର ବିକାଶ ସମ୍ବନ୍ଧରେ ତା୨୩।୦୮।୨୦୧୯ରିଖର ସର୍ବସାଧାରଣ ସୂଚନା ସଂଖ୍ୟା ବିଡ୍/ଏନ୍‌ଜିପିଏଲ୍/୧୪/୨୦୧୯/୦୧/ଏମ୍‌ଏନ୍‌ଜେପିଏଲ୍/୦୧,ତା୧୪।୧୧।୨୦୧୯ରିଖରେ ଜାରି କରାଯାଇଥିବା ସ୍ପଷ୍ଟୀକରଣ ଏବଂ ତା୦୬।୧୨।୨୦୧୯ରିଖରେ ଜାରି କରାଯାଇଥିବା ଶୁଦ୍ଧିପତ୍ର ସନ୍ଦର୍ଭରେ ଜଣେ ସମ୍ଭାବ୍ୟ ବିଡର୍ ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ବାଷ୍ପ ନିୟାମକ ପରିଷଦକୁ ବିଡ୍ ଦାଖଲର ସମୟସୀମାକୁ ବୃଦ୍ଧି କରିବା ଲାଗି ଅନୁରୋଧ କରିଛନ୍ତି। ତଦନୁଯାୟୀ, ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ବାଷ୍ପ ନିୟାମକ ପରିଷଦ (ପ୍ରାକୃତିକ ବାଷ୍ପ ପାଇପଲାଇନ୍ ବିଛାଇବା, ନିର୍ମାଣ କରିବା, ପରିଚାଳନା କରିବା କିମ୍ବା ତାହାର ସମ୍ପ୍ରସାରଣ ପାଇଁ ପ୍ରାଧିକୃତ କରିବା) ଅଧିନିୟମ, ୨୦୦୮ର ଅଧିନିୟମ ୫ (୮) ତଥା ଅଧିନିୟମ ୫ (୯) ଅନୁଯାୟୀ ବିଡ୍ ଦାଖଲର ଶେଷ ତାରିଖ ଏବଂ ବୈଷୟିକ ବିଡ୍ ଖୋଲାଯିବାର ତାରିଖକୁ ନିମ୍ନ ଅନୁଯାୟୀ ସଂଶୋଧନ କରାଯାଇଛି:

| | |
|---|---|
| ବିଡ୍ କାଗଜପତ୍ର ଡାଉନ୍‌ଲୋଡ୍‌ର ଶେଷ ତାରିଖ ଓ ସମୟ | ୦୭।୦୨।୨୦୨୦, ୧୭.୩୦ ଘଟିକା |
| ବିଡ୍ ଦାଖଲର ଶେଷ ତାରିଖ ଓ ସମୟ | ୦୭।୦୨।୨୦୨୦, ୧୭.୩୦ ଘଟିକା |
| ବୈଷୟିକ ବିଡ୍ ଖୋଲାଯିବା ତାରିଖ ଓ ସମୟ | ୧୦।୦୨।୨୦୨୦, ୧୫.୦୦ ଘଟିକା |

davp 33112/11/0015/1920
ଅତିରିକ୍ତ ଉପଦେଷ୍ଟା

**ପୂର୍ବ ତଟ ରେଳପଥ**
**ଇଂଜିନିୟରିଂ କାର୍ଯ୍ୟ**
ଫାଇଲ୍ ନଂ.DRM/Engg/KUR/19-20/E-Tender/49,ତା.27.01.2020ରିଖ

(1) ଟେଣ୍ଡର ସଂ.e-Tender-BR-KUR-333-2019,ତା.17.01.2020ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର କେନ୍ଦ୍ରାପଡ଼ା ରୋଡ୍-କଟକ ସେକ୍ସନ ମଧ୍ୟରେ ବ୍ରିଜ୍ ନଂ.544 DNର ବର୍ତ୍ତମାନର ଫୁଟପାଥ ଚ୍ୟାନେଲ ଏବଂ ଫିସ୍ ବେଲି (Fish Belly) ଟାଇପ ପ୍ଲେଟ ଗର୍ଡରଗୁଡ଼ିକରେ ପ୍ରତି ସ୍ପାନ୍ 05 ଗୋଟି ଷ୍ଟେ ଆଙ୍ଗେଲ (Stay Angle) ନିମନ୍ତେ ଅତିରିକ୍ତ ସ୍ପ୍ଲାଇସ୍ (Splice) ଫୁଟପାଥ ଚ୍ୟାନେଲର ପ୍ରସ୍ତାବିତ ଫିକ୍ସିଙ୍ଗ୍ ଏବଂ ସ୍ପ୍ଲାଇସ୍ (Splice) ଜଏଣ୍ଟରେ ଫୁଟପାଥ ଚ୍ୟାନେଲ ତଥା ବଟମ୍ ଫ୍ଲେଞ୍ଜ (Bottom Flange) ନିକଟରେ ଅନ୍ୟ କ୍ଷୟଶୀଳ ମେମ୍ବର/ଗସେଟ ପ୍ଲେଟ୍‌ଗୁଡ଼ିକର ପ୍ରତିସ୍ଥାପନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : 83.39 ଲକ୍ଷ, EMD : 1,66,800/-, ଟେଣ୍ଡର ଫର୍ମର ମୂଲ୍ୟ : 5,900/-, ଶେଷ ହେବା ଅବଧି : 06 ମାସ।

(2) ଟେଣ୍ଡର ସଂ.e-Tender-HQ-KUR-334-2019,ତା.21.01.2020ରିଖ
ବିବରଣୀ : ବରିଷ୍ଠ ମଣ୍ଡଳ ଯନ୍ତ୍ରୀ(ମୁଖ୍ୟାଳୟ)/ଖୋର୍ଦ୍ଧା ରୋଡ୍ ଅଧିକାର କ୍ଷେତ୍ର ଅଧୀନସ୍ଥ ଖୋର୍ଦ୍ଧା ରୋଡ୍ ଠାରେ ପ୍ରଥମ ମହଲାରେ ଗୋଟିଏ ଭୋଜନ ହଲ୍ (Dining Hall)ର ନିର୍ମାଣ ସହିତ ବର୍ତ୍ତମାନର ଅଧିକାରୀ ବିଶ୍ରାମ ଗୃହ (ORH)ରେ 02 ଗୋଟି ଅତିରିକ୍ତ ସୁଟ୍ (Suites)ର ନିର୍ମାଣ ଏବଂ ମହାବାତ୍ୟା "ଫନି" 03.05.2019 କାରଣରୁ କ୍ଷତିଗ୍ରସ୍ତ ଆକାଉଣ୍ଟସ୍, ଟ୍ରାଫିକ କଲୋନୀ ଏବଂ ରେଡଙ୍ଗ କଲୋନୀ ସ୍ଥିତ ଷ୍ଟାଫ୍ କ୍ୱାର୍ଟରଗୁଡ଼ିକର କୋର୍ଟୟାର୍ଡ଼ ୱାଲ ଏବଂ ପାଥୱେର ମରାମତି।
କାର୍ଯ୍ୟର ଆନୁମାନିକ ମୂଲ୍ୟ : 184.49 ଲକ୍ଷ, EMD : 2,42,300/-, ଟେଣ୍ଡର ଫର୍ମର ମୂଲ୍ୟ : 5,900/-, ଶେଷ ହେବା ଅବଧି : 08 ମାସ।

(3) ଟେଣ୍ଡର ସଂ.e-Tender-SOUTH-KUR-337-2019,ତା.21.01.2020ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ଛତ୍ରପୁର କୋର୍ଟ ପାସେଞ୍ଜର ହଲ୍ଟ ଏବଂ କାଳିଜାଇ ପାସେଞ୍ଜର ହଲ୍ଟ ଠାରେ 02 bay ପ୍ଲାଟଫର୍ମ ସେଲ୍ଟର ସହିତ ଲୋ ଲେଭେଲ (Low Level) ରୁ ହାଇ ଲେଭେଲ (High Level) ପର୍ଯ୍ୟନ୍ତ ପ୍ଲାଟଫର୍ମ ଉପରକୁ ଉଠାଇବା।
କାର୍ଯ୍ୟର ଆନୁମାନିକ ମୂଲ୍ୟ : 249.74 ଲକ୍ଷ, EMD : 2,74,900/-, ଟେଣ୍ଡର ଫର୍ମର ମୂଲ୍ୟ : 11,800/-, ଶେଷ ହେବା ଅବଧି : 12 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.12.02.2020 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡରଗୁଡ଼ିକ ନିମନ୍ତେ)।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ୍
PR-688/K/19-20

See Career Appointment on every Wednesday & Saturday

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**
**କଣ୍ଟାକ୍ଟ ଓୟାର୍ ଉଚ୍ଚତା ବୃଦ୍ଧି କରିବା ପାଇଁ ଟେଣ୍ଡର ବିଜ୍ଞପ୍ତି**
ଟେଣ୍ଡର ବିଜ୍ଞପ୍ତି ନଂ.: ଟିଆର୍‌ଡି-ଆର୍-୨୦୧୯-ଇ୨୧, ତାରିଖ: ୨୮।୦୧।୨୦୨୦
କାର୍ଯ୍ୟର ନାମ: ରାୟପୁର ଡିଭିଜନର ବିପଦସଙ୍କୁଳ ସେକ୍ସନ (୬ କିମି)ର କଣ୍ଟାକ୍ଟ ଓୟାର ଉଚ୍ଚତା ବୃଦ୍ଧି କରିବା। ଟେଣ୍ଡର ମୂଲ୍ୟ: ୮୯,୩୫,୮୧୧/-, ଇଏମ୍‌ଡି : ୧,୭୮,୭୦୦/-, ଟେଣ୍ଡର ଦାଖଲ: ତା୨୭।୦୨।୨୦୨୦ରିଖ ୧୨.୦୦ ଘଟିକା ପର୍ଯ୍ୟନ୍ତ। ଟେଣ୍ଡର ଖୋଲାଯିବ: ତା୨୭।୦୨।୨୦୨୦ରିଖ ୧୨.୩୦ ଘଟିକା। ଟେଣ୍ଡର କାଗଜପତ୍ର, ଯୋଗ୍ୟତା ମାନଦଣ୍ଡ ସମ୍ପର୍କିତ ଅଧିକ ବିବରଣୀ ଓ ଉପରୋକ୍ତ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଟିଆର୍‌ଡି)/ଏସ୍‌ଇସିଆର୍ ରାୟପୁରଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ କିମ୍ବା ଆମ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଟେଣ୍ଡର କାଗଜପତ୍ର ଦେଖନ୍ତୁ/ଡାଉନଲୋଡ୍ କରନ୍ତୁ ।
ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଟିଆର୍‌ଡି)
PR/P/TRD/VR/200 ଏସ୍.ଇ.ସି. ରେଳପଥ/ରାୟପୁର
South East Central Railway @Secrail

**ପୂର୍ବ ତଟ ରେଳପଥ**
**ନିର୍ମାଣ କାର୍ଯ୍ୟ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCPMSBP2020008, ତା.28.01.2020ରିଖ
କାର୍ଯ୍ୟର ନାମ : ତାଳଚେର ରୋଡ୍ ତୃତୀୟ ଏବଂ ଚତୁର୍ଥ ଲାଇନ୍(47-44 କି.ମି.) ଠାରେ ଫ୍ଲାଇ ଓଭର ସହିତ ଜରପଡ଼ା-ବୁଢ଼ାପଙ୍କ : ଜରପଡ଼ା-କେରେଜଙ୍ଗ, କେରେଜଙ୍ଗ-ଅନୁଗୋଳ ଏବଂ ଅନୁଗୋଳ-ତାଳଚେର ରୋଡ୍ ବ୍ଲକ୍ ସେକ୍ସନଗୁଡ଼ିକରେ ଜରପଡ଼ା (କି.ମି.132.712) ଏବଂ ତାଳଚେର ରୋଡ୍ (କି.ମି.168.212) (ଜରପଡ଼ା, କେରେଜଙ୍ଗ, ଅନୁଗୋଳ ଏବଂ ତାଳଚେର ରୋଡ୍ ୟାର୍ଡ଼ ଅନ୍ତର୍ଭୁକ୍ତ) ମଧ୍ୟରେ ସେସ୍ (Cess) ରେ ଟ୍ରାକ୍ ବାଲାଷ୍ଟକୁ ମେସିନ ଦ୍ୱାରା ଭାଙ୍ଗି ଯୋଗାଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 2993.64 ଲକ୍ଷ, EMD (ଟଙ୍କାରେ) : 16,46,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 11,800/-, କାର୍ଯ୍ୟ ଶେଷ ହେବା ଅବଧି : 18 ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.28.02.2020 ରିଖ 1200 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
10% ରୁ ଅଧିକ ଟେଣ୍ଡର ମୂଲ୍ୟ ତୁଳନାରେ ସର୍ବନିମ୍ନ ମୋଟ ମୂଲ୍ୟ ପ୍ରଦାନ କରୁଥିବା ଟେଣ୍ଡରଦାତାମାନଙ୍କୁ ଟେଣ୍ଡର ମୂଲ୍ୟର ପ୍ରତିଶତ ସହିତ ସମାନ ମୂଲ୍ୟର ଅତିରିକ୍ତ ପରଫର୍ମାନ୍ସ ଗ୍ୟାରେଣ୍ଟି ଦାଖଲ କରିବାକୁ ହେବ, ଯଦ୍ୱାରା ପ୍ରସ୍ତାବ ସ୍ୱୀକୃତି ଉପରେ ପ୍ରସ୍ତାବ 10% ରୁ କମ୍ ହୋଇପାରିବ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-117/CC/19-20



ଥରେ ଖ୍ୟାତି ଅର୍ଜନ କରିଗଲେ ତାକୁ ଜୀବନ ତମାମ ଧରି ରଖିବା ଭାରି କଷ୍ଟ।
- ଭଲ୍‌ଟାୟର



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସଂସ୍କୃତିମ ଅର୍ଗାନାଇଜେଶନ ପକ୍ଷରୁ କବିଚନ୍ଦ୍ର ଡ. କାଳି ଚରଣ ପଟ୍ଟନାୟକ ଓଡ଼ିଶୀ ମ୍ୟୁଜିକ ସେମିନାର, ରବୀନ୍ଦ୍ର ମଣ୍ଡପ, ପୂର୍ବାହ୍ନ ୧୦ଟା।
- ବିଶ୍ୱ ପ୍ରସିଦ୍ଧ ସାଧୁ ସନ୍ଥ ମହାକୁମ୍ଭମେଳା, ଖଣ୍ଡଗିରି, ପୂର୍ବାହ୍ନ ୧୦ଟା ୪୫।
- ଶାରଳା ପ୍ରତକ୍ସନ, ସାରଳା ଆର୍ଟ ଏକାଡେମୀ ଏବଂ ଶ୍ରଦ୍ଧା ସୁମନ କ୍ରିଏଟିଭ ଆର୍ଟ ନିଉ ଦିଲ୍ଲୀ ଆନୁକୂଲ୍ୟରେ ୨୧ତମ ସାରଳା ଦାସ ସମ୍ମାନ-୨୦୨୦ ଉତ୍ସବ, ଗୀତଗୋବିନ୍ଦ ଭବନ, ପୂର୍ବାହ୍ନ ୧୧ଟା ୩୦।
- ଆହିସ୍ତା ଆହିସ୍ତା ଭିଡିଓ ରିଲିଜ ସେରିମନି, ହୋଟେଲ ଆର୍ୟା ପ୍ୟାଲେସ, ଜନପଥ, ସନ୍ଧ୍ୟା ୫ଟା।
- ଲିଟିଲ ଷ୍ଟାର ସ୍କୁଲର ୨୩ତମ ବାର୍ଷିକ ଦିବସ ସମାରୋହ, ରୁଚିକା ମାର୍କେଟ ଦୁର୍ଗା ମଣ୍ଡପ, ବରମୁଣ୍ଡା, ସନ୍ଧ୍ୟା ୫ଟା ୩୦।
- ମୟୂରଭଞ୍ଜ କଲଚରଲ ଆସୋସିଏଶନ ପକ୍ଷରୁ ମୟୂରଭଞ୍ଜ ଉତ୍ସବ, ଉତ୍କଳ ମଣ୍ଡପ, ସନ୍ଧ୍ୟା ୬ଟା।
- ସଂସ୍କୃତିମ ଅର୍ଗାନାଇଜେଶନ ପକ୍ଷରୁ କବିଚନ୍ଦ୍ର ଡ. କାଳି ଚରଣ ପଟ୍ଟନାୟକ ଓଡ଼ିଶୀ ସଙ୍ଗୀତ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।

**କଟକ**

- ଏବିଭିପିର ୪୪ତମ ରାଜ୍ୟ ଅଧିବେଶନର ଦ୍ୱିତୀୟ ଦିବସ, ବସୁନ୍ଧରା ପଡ଼ିଆ, ବିଡ଼ାନାସୀ, ପୂର୍ବାହ୍ନ ୧୧ଟା।
- ମହ୍ଲାର ପକ୍ଷରୁ ୨୩ତମ ମହ୍ଲାର ଫେଷ୍ଟ ଉତ୍ସବ, ୟୁଜିଏମ୍‌ଇ ସ୍କୁଲ ପରିସର, ମହାନଦୀ ବିହାର, ସନ୍ଧ୍ୟା ୬ଟା।

**ବାଲିଅନ୍ତା**

- ବିଶ୍ୱ କଲ୍ୟାଣ ମହାଯଜ୍ଞର ସୂର୍ଯ୍ୟପୂଜା, ଇଚ୍ଛାଦେଇପାଟଣା, ମୁକ୍ତେଶ୍ୱର ମହାଦେବ ମନ୍ଦିର, ପୂର୍ବାହ୍ନ ୯ଟା।
- ୮ମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞର ସୂର୍ଯ୍ୟପୂଜା, ଗଡ଼ଶ୍ରୀରାମପୁର, ପୂର୍ବାହ୍ନ ୯ଟା।
- ମୋ ସ୍କୁଲ ଅଭିଯାନର ସଭାଗୃହ ଓ ପାଠାଗାର ଉଦ୍‌ଘାଟନ, ଜଗନ୍ନାଥପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପୂର୍ବାହ୍ନ ୧୦ଟା ୩୦।
- ମା ଜାଗୁଳାଇ ସରସ୍ୱତୀ ଶିଶୁ ମନ୍ଦିରର ଏକାଦଶତମ ବାର୍ଷିକ ଉତ୍ସବ, ଅଲାରପୁର, ଅପରାହ୍ନ ୨ଟା ୩୦।
- ଫୁଟବଲ ଟୁର୍ଣ୍ଣାମେଣ୍ଟ, ଭିଙ୍ଗାରପୁର, ଶ୍ରୀ ବକ୍ରେଶ୍ୱର ହାଇସ୍କୁଲ ପଡ଼ିଆ, ଅପରାହ୍ନ ୩ଟା।
- ଜଗନ୍ନାଥପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ, ଅପରାହ୍ନ ୫ଟା।

## ସଂକ୍ଷେପରେ

### ବ୍ରାଉନସୁଗାର ଜବତ, ଜଣେ ଗିରଫ

**କଟକ ରୋଡ, ୩୧।୧(ଡି.ଏନ୍.ଏ.):** ବ୍ରାଉନସୁଗାର ବିକ୍ରି ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୋଲିସ ହଳଦୀପଡ଼ିଆ ବସ୍ତିରୁ ଶୁକ୍ରବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅଧୀନ ରାୟପଲ୍ଲୀ ଗ୍ରାମର ପ୍ରଦୀପ ପ୍ରଧାନ। ତାଙ୍କ ନିକଟରୁ ୮ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ସୂଚନା ଅନୁଯାୟୀ, ପ୍ରଦୀପ ଦୀର୍ଘଦିନ ଧରି ବସ୍ତିରେ ବ୍ରାଉନସୁଗାର ବିକ୍ରି କରୁଥିବା ନେଇ ଜଣାପଡ଼ିବା ପରେ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୧ଟା ରେ ପୋଲିସ ଚଢ଼ାଉ କରି ତାଙ୍କୁ ଧରିଥିଲା। ଏ ନେଇ ଥାନାରେ ଏକ ମାମଲା(ନଂ.୩୪/୨୦)ରୁଜ ହୋଇଛି। ସୂଚନାଥାଉ କି, ଗତ ୨୪ତାରିଖରେ ଉକ୍ତ ବସ୍ତିରୁ ପୋଲିସ ୪୪ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ଜଣେ ଯୁବତୀଙ୍କ ସମେତ ୩ ଜଣଙ୍କୁ ଗିରଫ କରିଥିଲା।

### ଲକ୍ଷାଧିକ ଟଙ୍କାର ସୁନାଅଳଙ୍କାର ଚୋରି

**ବାଲିଅନ୍ତା,୩୧।୧(ଡି.ଏନ୍.ଏ.):** ପାହାଲ ଫାଣ୍ଡି ଅଧୀନ ନଖରା ଗ୍ରାମ ନିକଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମ୍ମୁଖରେ ଥିବା ଏକ ଘରେ ଭଡ଼ାରେ ରହୁଥିବା ଜଣେ ବ୍ୟକ୍ତିଙ୍କ ଘରୁ ଚୋରି ହୋଇଥିବା ଶୁକ୍ରବାର ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ବ୍ୟକ୍ତି ଜଣଙ୍କ ଗୁରୁବାର ପରିବାର ସହ ନିଜ ଗ୍ରାମ ହରିଅନ୍ତାକୁ ଯାଇଥିଲେ। ଶୁକ୍ରବାର ସନ୍ଧ୍ୟାରେ ଭଡାରେ ରହୁଥିବା ଘରେ ପହଞ୍ଚିବା ପରେ ତାଙ୍କ ଘରୁ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଦୁର୍ବୃତ୍ତମାନେ ତାଙ୍କ ଘର ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନାଅଳଙ୍କାର ଓ ଟଙ୍କା ନେଇଯାଇଥିବା ସେ ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତିକରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

# ରାସ୍ତାକୁ ଗାଈ ଛାଡ଼ିଲେ ଧରିନେବ ସ୍କ୍ୱାଡ୍

**ଭୁବନେଶ୍ୱର, ୩୧।୧(ବ୍ୟୁରୋ)**



- କାଞ୍ଜିଆ ହୁଦାରେ ୩ ଦିନ ରଖାଯିବ
- ଗାଈ ନେବାକୁ ହେଲେ ୫ ହଜାର ଗଣିବେ ମାଲିକ
- ୩ ଦିନ ପରେ ନିକଟ ଜିଲାର ଏସ୍‌ଏଚ୍‌ଜିକୁ ହସ୍ତାନ୍ତର ହେବ

ଏଣିକି ରାସ୍ତାକୁ ଗାଈ ଛାଡ଼ିଲେ ମାଲିକ ଗଣିବେ ୫ହଜାର ଜରିମାନା। ନଚେତ୍ ପାଳିତ ଗାଈକୁ ହରାଇବାକୁ ପଡ଼ିବ। ଏଭଳି କଡ଼ା ନିଷ୍ପତ୍ତି ଗ୍ରହଣ କରିଛି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)। ରାଜଧାନୀ ତଥା ଉପକଣ୍ଠ ଅଞ୍ଚଳ ରାସ୍ତାରେ ଦଳ ଦଳ ହୋଇ ରହୁଥିବା ଗୋରୁ ପଲ ଯୋଗୁ ଟ୍ରାଫିକ ସମସ୍ୟା ସହ ଦୁର୍ଘଟଣା ବଢ଼ୁଛି। ଏନେଇ ବିଏମ୍‌ସିର ଚିନ୍ତା ବଢ଼ିଛି। ଗୋ-ମଙ୍ଗଳ କାର୍ଯ୍ୟ ଖସଡ଼ାକୁ ଗୁରୁତ୍ୱ ଦିଆଯିବା ସହ ଦୁର୍ଘଟଣା ଜନିତ ସମସ୍ୟାର ସମାଧାନ ପାଇଁ ଶୁକ୍ରବାର ଅତିରିକ୍ତ କମିଶନର ଅବନିକାନ୍ତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା। ବିଏମ୍‌ସି ଅଞ୍ଚଳରେ ପ୍ରାୟ ୧୨ ହଜାର ଗୃହପାଳିତ ଗାଈ ଅଛନ୍ତି। ମାଲିକମାନେ ବିଭିନ୍ନ ସମୟରେ ସେମାନଙ୍କ ଗାଈକୁ ଖୋଲାରେ ଛାଡ଼ିଦେଇଥାନ୍ତି। ତେଣୁ ଏଥିଯୋଗୁ ସୃଷ୍ଟି ହେଉଥିବା ସମସ୍ୟାକୁ ନେଇ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇ କେତେକ ନିଷ୍ପତ୍ତି ନିଆଯାଇଥିଲା। ମିଳିଥିବା ସୂଚନାନୁସାରେ, ଆସନ୍ତା ମାର୍ଚ୍ଚ ମାସଠାରୁ ଗୃହପାଳିତ ଗାଈଙ୍କୁ ରାସ୍ତା ଉପରେ ଦେଖିଲେ ବିଏମ୍‌ସିର ସ୍ୱତନ୍ତ୍ର ସ୍କ୍ୱାଡ୍ ଧରିନେବ। କାଞ୍ଜିଆହୁଦାରେ ୩ଦିନ ପାଇଁ ରଖାଯିବ। ଏହି ସମୟ ମଧ୍ୟରେ ମାଲିକମାନେ ଜରିମାନା ଦେଇ ସେମାନଙ୍କ ଗାଈକୁ ନେବେ। ଦ୍ୱିତୀୟଥର ଏପରି ବେଆଇନ କାର୍ଯ୍ୟ କଲେ ସମ୍ପୃକ୍ତ ମାଲିକଙ୍କୁ ଆଉ ଗାଈଟିକୁ ଫେରାଯିବ ନାହିଁ। ତାହାକୁ ବିଏମ୍‌ସି ନିକଟ ଜିଲାର ଗୋପାଳନ କରୁଥିବା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)କୁ ହସ୍ତାନ୍ତର କରିବ ବୋଲି ବିଏମ୍‌ସି ଡେପୁଟି କମିଶନର ତଥା ଗୋ-ମଙ୍ଗଳ କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜକ ଶ୍ୟାମସୁନ୍ଦର ସେଠୀ କହିଛନ୍ତି। ବୈଠକରେ ସବ୍‌ଡିଭିଜନାଲ ଭେଟେରିନାରି ଅଧିକାରୀ ଡକ୍ଟର ସୁଧୀର କୁମାର ସେନାପତି, ନୋଡାଲ ଅଫିସର ତ୍ରିଲୋଚନ ସାହୁ, ଗୋ-ମଙ୍ଗଳ ପରାମର୍ଶଦାତା ଡ. ମହେଶ ମିଶ୍ର ଏବଂ ଆଇନ ପରାମର୍ଶଦାତା ରାମକୃଷ୍ଣ ନନ୍ଦ ପ୍ରମୁଖ ଉପସ୍ଥିତ ରହି ଗୋ-ମଙ୍ଗଳର କାର୍ଯ୍ୟ ଖସଡା ବାବଦରେ ଆଲୋଚନା କରିଥିଲେ। ତେବେ ଭବିଷ୍ୟତରେ ଷଣ୍ଢ ଓ ଗାଈମାନଙ୍କ ମଙ୍ଗଳ ନିମନ୍ତେ ବିଏମ୍‌ସି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସହ ଜନସଚେତନତା ଜାରି ରଖିବ ବୋଲି ଅଧିକାରୀମାନେ କହିଛନ୍ତି।

# କ୍ଲବ୍ ୩୯ରେ ବୁଲିଲା ଖଣ୍ଡା

**ଭୁବନେଶ୍ୱର,୩୧।୧(ବ୍ୟୁରୋ)**

- ସଂଘବଦ୍ଧ ଆକ୍ରମଣରେ ଯୁବକ ଗୁରୁତର
- ମୁଖ୍ୟ ଅଭିଯୁକ୍ତ ସମେତ ୩ ଗିରଫ: ଖଣ୍ଡା, ବାଇକ୍ ଜବତ

ଖଣ୍ଡଗିରି ଥାନା ଅନ୍ତର୍ଗତ ଜାଗମରା ଅଞ୍ଚଳରେ ଥିବା କ୍ଲବ୍ ୩୯ରେ ପାର୍ଟି ଚାଲିଥିବାବେଳେ ଖଣ୍ଡା ବୁଲିଛି। ଦୁଇ ଗୋଷ୍ଠୀ ମଧ୍ୟରେ ବଚସାରୁ ବଡ଼ଧରଣର ଗଣ୍ଡଗୋଳ ଘଟିଛି। ସଂଘବଦ୍ଧ ଆକ୍ରମଣ ସହ ଖଣ୍ଡା ଚୋଟରେ ପ୍ରତିପକ୍ଷ ଗୋଷ୍ଠୀର ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଜାଗମରା ଅଞ୍ଚଳର ଅଭିଷେକ ଜେନା। ଏହି ଘଟଣାରେ ପୋଲିସ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଖଣ୍ଡଗିରି ଥାନା ସଁପୁର ଅଞ୍ଚଳର ମୁଖ୍ୟ ଅଭିଯୁକ୍ତ ସ୍ମୃତି ରଞ୍ଜନ ନାୟକ ଓରଫ ସାନ୍ଟୁ, ସହଯୋଗୀ ଅନ୍ଧାରୁଆ ଅଞ୍ଚଳର ରଙ୍କନିଧି ପ୍ରଧାନ, ଆକାଶ ରାୟ ଓ ଘାଟିକିଆ ଅଞ୍ଚଳର ସୁମନରାଜ ବାରିକ। ତେବେ ସମ୍ପୃକ୍ତ ଜଣେ ନାବାଳକଙ୍କୁ ପୋଲିସ ଧରି ପଚରାଉଚରା ପରେ ବାଳ ସୁଧାର ଗୃହକୁ ପଠାଇ ଦେଇଛି।

ପୋଲିସ ସୂଚନା ମୁତାବକ, ଗୁରୁବାର ବିଳମ୍ବିତ ରାତିରେ କ୍ଲବ ୩୯ରେ ମଉଜମସ୍ତି ଚାଲିଥିଲା। ଜାଗମରା ଅଞ୍ଚଳର ଅଭିଷେକ ସାଙ୍ଗମାନଙ୍କ ସହ ମିଶି ନାଚଗୀତରେ ମଜି ଯାଇଥିଲେ। ଏହି ସମୟରେ କୌଣସି କଥାକୁ ନେଇ ମୁଖ୍ୟ ଅଭିଯୁକ୍ତ ସ୍ମୃତି ଓ ଅଭିଷେକଙ୍କ ସାଙ୍ଗଙ୍କ ମଧ୍ୟରେ ପ୍ରଥମେ କଥା କଟାକଟି ଓ ପରେ ବଚସା ହୋଇଥିଲା। ଏହାପରେ ସ୍ମୃତି ଓ ତାଙ୍କର ସହଯୋଗୀ ସଂଘବଦ୍ଧ ଭାବେ ଅଭିଷେକ ଓ ତାଙ୍କ ସାଙ୍ଗଙ୍କୁ ଆକ୍ରମଣ କରିଥିଲେ। ଏହି ସମୟରେ ସ୍ମୃତି ଏକ ଖଣ୍ଡା ଆଣି ଅଭିଷେକଙ୍କୁ ଏକାଧିକ ଚୋଟ ପକାଇ ଫେରାର ହୋଇଯାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ରକ୍ତଲଗା ଖଣ୍ଡା, କପଡା ଓ ବାଇକ ଜବତ କରିଥିଲା। ଏ ନେଇ ଅଭିଷେକଙ୍କ ବଡ଼ଭାଇ ସୂର୍ଯ୍ୟକାନ୍ତ ଜେନା ଥାନାରେ ଅଭିଯୋଗ କରିବାପରେ ପୋଲିସ ୭୯/୨୦ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ଆରମ୍ଭ ହେଲା ଜାତୀୟ ଆଦିବାସୀ ନୃତ୍ୟ ମହୋତ୍ସବ

**ଭୁବନେଶ୍ୱର,୩୧।୧(ବ୍ୟୁରୋ)**

ପ୍ରଥମଥର ପାଇଁ ଆଦିବାସୀ ମେଳା ସହ ମିଳିତଭାବେ ଆୟୋଜିତ ହୋଇଛି ଜାତୀୟ ଆଦିବାସୀ ନୃତ୍ୟ ମହୋତ୍ସବ। ୟୁନିଟ୍-୩ସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ଆଦିବାସୀ ମେଳାର ଷଷ୍ଠ ଦିବସରୁ ମହୋତ୍ସବ ଆରମ୍ଭ ହୋଇଛି। ଓଡ଼ିଶା ସମେତ ନାଗାଲାଣ୍ଡ, ମିଜୋରାମ, ସିକିମ, ଆସାମ, ଛତିଶଗଡ଼, ରାଜସ୍ଥାନ, ମହାରାଷ୍ଟ୍ର, ଗୁଜରାଟ, ହିମାଚଳ ପ୍ରଦେଶ ଆଦି ରାଜ୍ୟରୁ ଆସିଥିବା ଜନଜାତି କଳାକାରଙ୍କ ପାରମ୍ପରିକ ନୃତ୍ୟରେ ମେଳା ପରିସରକୁ ପ୍ରକମ୍ପିତ କରିଥିଲା। ଦୀର୍ଘ ୩ ଦିନବ୍ୟାପୀ ଚାଲିବାକୁ ଥିବା ଏହି ଜାତୀୟ ନୃତ୍ୟ ମହୋତ୍ସବରେ ବିଭିନ୍ନ ରାଜ୍ୟର ଜନଜାତିମାନଙ୍କ ସ୍ୱତନ୍ତ୍ର ବେଶଭୂଷା ସାଙ୍ଗକୁ ବାଦ୍ୟ ଓ ନୃତ୍ୟ ପ୍ରମୁଖ ଆକର୍ଷଣ ରହିବ।

ଅନ୍ୟପକ୍ଷରେ ମେଳାର ପଞ୍ଚମ ସନ୍ଧ୍ୟାରେ ଶହୀଦ ଦିବସ ଉପଲକ୍ଷେ ବିଶିଷ୍ଟ ଗାୟକ ଲକ୍ଷ୍ମୀକାନ୍ତ ପାଲିତ୍ ଓ ସାଥୀଙ୍କ ଦ୍ୱାରା ପରିବେଷିତ ଦେଶାତ୍ମବୋଧକ ସଙ୍ଗୀତ ସହ ଭଜନ ଶ୍ରୋତାଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଥିଲା। ସରସ୍ୱତୀ ପୂଜା ପାଇଁ ଛୁଟି ଥିବାରୁ ପଞ୍ଚମ ଦିନରେ ଆଦିବାସୀ ମେଳାରେ ରେକର୍ଡ ପରିମାଣର ୬୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବିକ୍ରିବଟା ହୋଇଥିଲା। ମେଳା ଦାୟିତ୍ୱରେ ଥିବା ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ତାଲିମ ପ୍ରତିଷ୍ଠାନ ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ସଚିବ ଡ. ଅଖିଳ ବିହାରୀ ଓତା ଏନେଇ ସୂଚନା ଦେଇଛନ୍ତି। ସେହିଭଳି ବିଭିନ୍ନ ରାଜ୍ୟର ଜନଜାତି କଳାକାରଙ୍କ ନୃତ୍ୟ ଓ ବାଦ୍ୟ ପରିବେଷଣ ଦର୍ଶକଙ୍କ ମନ ଛୁଇଁଥିବାବେଳେ ମେଳା ପରିସରରେ ଥିବା ଆଦିବାସୀ ଖାଦ୍ୟ ପ୍ରାଙ୍ଗଣରେ ବିଭିନ୍ନ ପାରମ୍ପରିକ ଖାଦ୍ୟ ଖାଇବାକୁ ଲୋକେ ଅଧିକ ଆଗ୍ରହୀ ଥିଲେ। ଏହାବ୍ୟତୀତ ଆଦିବାସୀ ହାଟରୁ ଜୈବିକ ସାମଗ୍ରୀ କିଣିବାକୁ ବହୁ ଗ୍ରାହକ ଭିଡ଼ ଜମାଇଥିଲେ। ପ୍ରଥମଥର ପାଇଁ ମେଳା ପରିସରରେ ଜନଜାତିକଳାକାରମାନେ ସେମାନଙ୍କ କଳା ପ୍ରଦର୍ଶନ କରୁଥିବାବେଳେ ତାହା ଦେଖିବାକୁ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା।

# ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ




କର୍ମଶାଳାରେ ଯୋଗଦେଇଥିବା ଉଚ୍ଚଶିକ୍ଷାମନ୍ତ୍ରୀ ଅରୁଣ ସାହୁ ଓ ଅନ୍ୟମାନେ।

**କଟକ ଅଫିସ, ୩୧।୧**

ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ମଧୁସୂଦନ ପ୍ରେକ୍ଷାଳୟରେ ଦୁଇଦିନିଆ ଆନ୍ତର୍ଜାତିକ ସମ୍ମିଳନୀ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ଏହାକୁ ଉଦ୍‌ଘାଟନ କରି କହିଥିଲେ, ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନରେ ଏହିଭଳି ସମ୍ମିଳନୀ ହେବା ଉଚିତ, ଯାହାଦ୍ୱାରା ଛାତ୍ରୀଛାତ୍ରମାନେ ଗବେଷଣାତ୍ମକ ଶିକ୍ଷା ପାଇପାରିବେ। ଏଥିରେ ବକ୍ତାଭାବେ ପ୍ରଫେସର ଏଫ୍.ଏମ. ସାହୁ ଓ ଫିଲିପାଇନ୍ସସ୍ଥିତ ସେବୁ ନର୍ମାଲ ବିଶ୍ୱବିଦ୍ୟାଳୟର ପ୍ରଫେସର ଏମ.ଏ. ରୋସିତା ଆମ୍ପୋୟାସ ହେରନାନୀ ଯୋଗଦେଇଥିଲେ। କାନାଡା ଆଲବର୍ଟ ବିଶ୍ୱବିଦ୍ୟାଳୟର ପ୍ରଫେସର ଜେ.ପି. ଦାସ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଚିନ୍ମୟୀ ମହାପାତ୍ର ସ୍ୱାଗତ ଭାଷଣ, ମନସ୍ତତ୍ତ୍ୱବିଜ୍ଞାନ ବିଭାଗ ମୁଖ୍ୟ ଡ. ଝୁମ୍‌କି ରଥ ଅତିଥି ପରିଚୟ ପ୍ରଦାନ, ଅଧ୍ୟାପିକା ଗୋପାଙ୍ଗନା ଦାସ କାର୍ଯ୍ୟକ୍ରମ ପରିଚାଳନା ଓ ଡ. ଯୋଗମାୟା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ସମ୍ମିଳନୀରେ ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟରୁ ପ୍ରାୟ ୭୦ଜଣ ପ୍ରତିନିଧି ଯୋଗଦେଇଥିଲେ। ଉପସ୍ଥାପିତ ପ୍ରବନ୍ଧଗୁଡ଼ିକ ଏକ ପୁସ୍ତକରେ ସ୍ଥାନ ଦିଆଯିବ। ସେଥିମଧ୍ୟରୁ ଶ୍ରେଷ୍ଠ ବିବେଚିତ ପ୍ରବନ୍ଧକୁ ଉଦ୍‌ଯାପନୀ ଦିବସରେ ପୁରସ୍କୃତ କରାଯିବ।

# ନଦୀ ତୁଠରୁ ମିଳିଲା ଯୁବକଙ୍କ ମୃତଦେହ

**ବାରଙ୍ଗ, ୩୧।୧(ଡି.ଏନ.ଏ)**

ନନ୍ଦନକାନନ ଥାନା ପୋଲିସ ଶୁକ୍ରବାର ସକାଳେ କେନ୍ଦୁପାଟଣା ଗ୍ରାମ ପାଖ ଖଣ୍ଡିଆ ନଦୀ ଗାଧୁଆ ତୁଠ ପାଖରୁ ଜଣେ ଯୁବକଙ୍କ ମୃତଦେହକୁ ଉଦ୍ଧାର କରିଛି। ମୃତ ଯୁବକ ହେଲେ ଏହି ଥାନା ଅଧୀନ ବେଣାଗାଡିଆ ଗ୍ରାମର ନିରାକର ପୃଷ୍ଟିଙ୍କ ପୁଅ ମନୋଜ। ମନୋଜ ବଡବାଲିପଡା ଛକରେ ଥିବା ଏକ ଫଳ ଦୋକାନରେ କାମ କରୁଥିଲେ। ସ୍ଥାନୀୟ ଗ୍ରାମର କେତେଜଣ ଯୁବକ ଶୁକ୍ରବାର ବଡ଼ିଭୋରୁ ନଦୀକୁ ଶୌଚ ପାଇଁ ଯାଇଥିବାବେଳେ ମନୋଜଙ୍କ ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ। ତାଙ୍କ ବାଇକ୍ (ନଂ. ଓଆର୦୨ ଏସି ୬୮୦୨) ଭାଙ୍ଗି ପଡିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଥାନାରେ ନଂ. ୮/୨୦ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପାରିପାର୍ଶ୍ୱିକ ପରିସ୍ଥିତିକୁ ଆଧାର କରି ଏକ ଅଜଣା ଗାଡି ଧକ୍କାରେ ମନୋଜଙ୍କ ମୃତ୍ୟୁ ଘଟିଛି ବୋଲି ତଦନ୍ତକାରୀ ଅଫିସର ନବଘନ ମଲ୍ଲିକ କହିଛନ୍ତି।

# ବ୍ୟାଙ୍କ ଧର୍ମଘଟ




ୟୁନାଇଟେଡ ଫୋରମ୍ ଅଫ ବ୍ୟାଙ୍କ ୟୁନିଅନ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନସ୍ଥିତ ୟୁକୋ ବ୍ୟାଙ୍କ ସମ୍ମୁଖରେ ଦିଆଯାଇଥିବା ଧାରଣା।




ଅଶୋକନଗରସ୍ଥିତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ପରିସରରେ କର୍ମଚାରୀମାନେ କାର୍ଯ୍ୟବନ୍ଦ କରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଆରମ୍ଭ ହେଲା ୯ମ ମୟୂରଭଞ୍ଜ ଉତ୍ସବ




ଉତ୍କଳ ମଣ୍ଡପରେ ଆୟୋଜିତ ନବମ ମୟୂରଭଞ୍ଜ ଉତ୍ସବରେ ଝୁମର ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

**ଭୁବନେଶ୍ୱର,୩୧।୧(ବ୍ୟୁରୋ)**

ମୟୂରଭଞ୍ଜ ସାଂସ୍କୃତିକ ସଂସଦ ପକ୍ଷରୁ ଶୁକ୍ରବାରଠାରୁ ସ୍ଥାନୀୟ ଉତ୍କଳ ମଣ୍ଡପରେ ୯ମ ମୟୂରଭଞ୍ଜ ଉତ୍ସବ ଆରମ୍ଭ ହୋଇଯାଇଛି। ଏହି ଅବସରରେ ଅତିଥିଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ଉତ୍ସବ କମିଟି ଅଧ୍ୟକ୍ଷ ଅରୁଣ ରଥ ଏବଂ ମୟୂରଭଞ୍ଜ ସାଂସ୍କୃତିକ ସଂସଦ କାର୍ଯ୍ୟକାରୀ ସଭାପତି ତଥା ପୂର୍ବତନ ମନ୍ତ୍ରୀ ବୀରଭଦ୍ର ସିଂ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରୁ ମୟୂରଭଞ୍ଜ ଉପରେ ଏକ ଡକ୍ୟୁମେଣ୍ଟାରି ପ୍ରଦର୍ଶିତ ହୋଇଥିଲା। ଏହାପରେ ଉରସାହି ଛଉନୃତ୍ୟ ପ୍ରତିଷ୍ଠାନ ପକ୍ଷରୁ ବାରିପଦାର ଚିତ୍ତାକର୍ଷକ ଛଉନୃତ୍ୟ ପରିବେଷିତ ହୋଇଥିଲା। ପରେ ପରେ ସୁରେଇଡିହିର ଆଦିମ କୁଡ଼ମୀ ଝୁମର ଆଖଡ଼ାର ଝୁମର ଶିଳ୍ପୀମାନଙ୍କ ନାଚଗୀତ ସମବେତ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏହାସହ ଚଳଚ୍ଚିତ୍ର ନିର୍ଦ୍ଦେଶକ ତାପସ ସରଗରିଆଙ୍କ ଦ୍ୱାରା କମେଡି ପ୍ରଥମ ସନ୍ଧ୍ୟାର ପ୍ରମୁଖ ଆକର୍ଷଣ ସାଜିଥିଲା। ଭୁବନେଶ୍ୱର ଆଦିମ ଆଦିବାସୀ ମହାସଂଘ, ବାରିପଦାର ନୃତ୍ୟଶିଳ୍ପୀ ଈଶ୍ୱର ଅର୍ପିତା, ପରମେଶ୍ୱର ଷ୍ଟାର ଡ୍ୟାନ୍ସ ଏକାଡେମୀର ଦଳଗତ ଆଧୁନିକ ନୃତ୍ୟ ସାଙ୍ଗକୁ ସୁଜିତ ନାଥଙ୍କ ସଙ୍ଗୀତ ପରିବେଷଣ ସମସ୍ତଙ୍କୁ ଅଭିଭୂତ କରିଥିଲା। ତେବେ ଶୁକ୍ରବାର ଉତ୍ସବର ମୁଖ୍ୟ ଆକର୍ଷଣ ଥିଲେ ଓଲିଉଡ୍ ସିନେ ତାରକା ବାବୁସାନ। ବାବୁସାନଙ୍କୁ ଦେଖିବାକୁ ସନ୍ଧ୍ୟାରେ ପ୍ରବଳ ଭିଡ଼ ଜମିଥିଲା। ଏହାବ୍ୟତୀତ ମୟୂରଭଞ୍ଜ ତଥା ବାରିପଦାର ପ୍ରସିଦ୍ଧ ମୁଢ଼ି ମାଂସ, ଦଳା ଖେଚୁଡି, ରାମରୋଚକ ତରକାରି, କାକରା ଓ ମଣ୍ଡା ପିଠାର ଭରପୂର ମଜା ନେଇଥିଲେ ଦର୍ଶକ। କାର୍ଯ୍ୟକ୍ରମ ଶେଷରେ ସଂସଦର ସାଧାରଣ ସମ୍ପାଦକ ଗୋକୁଳଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ବିଶିଷ୍ଟ ଚଳଚ୍ଚିତ୍ର ସଂଳାପକାର ଚିନ୍ମୟ ଦାସ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବ୍ୟବଚ୍ଛେଦ ପରେ ପୋତାଗଲା ମୃତ ତିମି



ସମୁଦ୍ର ବାଲିରେ ଗାତ ଖୋଳି ମୃତ ତିମିକୁ ପୋତାଯାଉଛି।

**ବ୍ରହ୍ମଗିରି, ୩୧।୧(ଡି. ଏନ୍.ଏ)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ସାନପାଟଣା ସମୁଦ୍ରକୂଳରେ ଲାଗିଥିବା ମୃତ ତିମିର ମୃତଦେହକୁ ଶୁକ୍ରବାର ବ୍ୟବଚ୍ଛେଦ କରାଯିବା ପରେ ପୋତି ଦିଆଯାଇଛି। ବ୍ରହ୍ମଗିରି ମଣ୍ଡଳ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ମଳୟ କୁମାର ମିଶ୍ର ମୃତ ତିମିକୁ ବ୍ୟବଚ୍ଛେଦ କରିଥିଲେ। ପରେ ବନବିଭାଗ କର୍ମଚାରୀଙ୍କ ସମେତ ସ୍ଥାନୀୟ ଲୋକେ ସମୁଦ୍ର କୂଳରୁ କିଛି ଦୂରରେ ବାଲିରେ ଗାତ ଖୋଳି ତାହାକୁ ପୋତିଥିଲେ। ଏହି ସମୟରେ ବାଲୁଗାଁ ଏସିଏଫ ଶରତ କୁମାର ମିଶ୍ର, ବ୍ରହ୍ମଗିରି ବିଡିଓ ମଳୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ମୃତ ତିମି ଯେପରି ବାଲିରେ ଶୀଘ୍ର ନଷ୍ଟ ହୋଇଯିବ ସେଥିଲାଗି ମୃତଦେହ ଉପରେ ବ୍ଲିଚିଂ ପାଉଡର ସମେତ କିଛି ଔଷଧ ସିଞ୍ଚନ କରାଯାଇଛି। ତିମି ମୃତ୍ୟୁର କାରଣ ଜଣାପଡ଼ି ନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ରେଞ୍ଜ ଅଧିକାରୀ ସାନସ କୁମାର ମହାପାତ୍ର କହିଛନ୍ତି। ସୂଚନାଯୋଗ୍ୟ, ସାନପାଟଣା ସମୁଦ୍ର କୂଳରେ ଗୁରୁବାର ଅପରାହ୍ନରେ ୩୩ ଫୁଟ ଲମ୍ବର ଏକ ତିମି ମାଛ ମରି ଭାସୁଥିବା ସ୍ଥାନୀୟ ମତ୍ସ୍ୟଜୀବୀ ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ସେମାନେ ବନ ବିଭାଗକୁ ଜଣାଇଥିଲେ। ତିମିଟି ପଚି ନଷ୍ଟ ହୋଇଯାଇଥିବାବେଳେ ଏହାକୁ ସାତପଡ଼ା ବନବିଭାଗ ଜବତ କରିଥିଲା।



ସୂର୍ଯ୍ୟଙ୍କ ସ୍ପଷ୍ଟ ଫଟୋକୁ ଆମେରିକା ଜାରି କରିଛି। ଏହାକୁ ହାୱାଇର ନ୍ୟାଶନାଲ୍ ସାଇନ୍ସ ଫାଉଣ୍ଡେଶନ ପକ୍ଷରୁ ଡେନିୟଲ କେ ଇନୋୟ ଟେଲିସ୍କୋପ୍ ଦ୍ୱାରା ଉତ୍ତୋଳନ କରାଯାଇଛି। ଏଥିରେ ସୂର୍ଯ୍ୟରେ ସୁନା ଭଳି ଦାନାଦାର କଣିକା ଥିବା ଦେଖିବାକୁ ମିଳୁଛି। ଏହା ସହିତ ସୂର୍ଯ୍ୟରେ ହେଉଥିବା ବିସ୍ଫୋରଣର ୧୫ ସେକେଣ୍ଡର ଏକ ଭିଡ଼ିଓ ମଧ ଜାରି ହୋଇଛି। ହାୱାଇର ଏକ ପାହାଡ଼ ଉପରେ ଅବସ୍ଥାପିତ କରାଯାଇଥିବା ଏହି ଟେଲିସ୍କୋପ୍ ସୂର୍ଯ୍ୟର ୩୦ କିମି ଅଞ୍ଚଳର ଫଟୋ ଉଠାଇଥିବା କୁହାଯାଉଛି। ସୂର୍ଯ୍ୟ ପୃଥିବୀ ମଧ୍ୟରେ ଦୂରତା ୧୫ କୋଟି କିମି। ତେବେ ଏହି ଟେଲିସ୍କୋପ୍ ଦ୍ୱାରା ଅତି ସ୍ପଷ୍ଟ ଭାବେ ସୂର୍ଯ୍ୟ ପୃଷ୍ଠର ଫଟୋ ଉଠାଯାଇଛି।



# ତରଳୁଛି ହିମବାହ

## ଚେତାବନୀ ଦେଲେ ବୈଜ୍ଞାନିକ



**ୱାଶିଂଟନ:** ପୃଥିବୀ ଉପରେ ବିପଦ ମାଡ଼ି ଆସୁଛି। ଫ୍ଲୋରିଡାର କ୍ଷେତ୍ର ଭଳି ହିମପାହାଡ଼ ତରଳିବାରେ ଲାଗିଛି ବୋଲି ସମ୍ପୃକ୍ତି ଏକ ଗବେଷଣାରୁ ଜଣାପଡ଼ିଛି। ଜଳବାୟୁ ପରିବର୍ତ୍ତନ ଏବଂ ଗ୍ଲୋବାଲ ୱାର୍ମିଂ ଯୋଗୁ ପ୍ରଥମଥର ପାଇଁ ଆଣ୍ଟାର୍କଟିକାରେ ଗରମ ପାଣି ଯୋଗୁ ବରଫ ତରଳି ସମୁଦ୍ରର ଜଳସ୍ତର ବୃଦ୍ଧି ଘଟିଥିବା ବୈଜ୍ଞାନିକମାନେ କହିଛନ୍ତି। ଗବେଷଣାରୁ ଜଣାପଡ଼ିଛି ଯେ, ବରଫ ତଳେ ପାଣିର ତାପମାତ୍ରା ୨ଡିଗ୍ରୀ ସେଲ୍‌ସିୟସ୍‌ରୁ ଉପରେ କିମ୍ବା ୩.୬ଡିଗ୍ରୀ ଫାରେନ୍‌ହାଇଟ୍‌ରୁ କମ୍ ରହୁଛି, ଯାହା ସାଧାରଣ ଫ୍ରିଜିଂ ପଏଣ୍ଟଠାରୁ ଉପରେ ବୋଲି କୁହାଯାଇଛି। ବିଶେଷକରି ଏହା ଗ୍ଲେସିଅରର ତଳଭାଗର ତାପମାତ୍ରା ବୋଲି ବୈଜ୍ଞାନିକମାନେ କହିଛନ୍ତି। ତେବେ ଗ୍ଲେସିଅର କେଉଁ ଅନୁପାତରେ ତରଳୁଛି ତାହା ସ୍ପଷ୍ଟ କରାଯାଇନାହିଁ। କିନ୍ତୁ ବୈଜ୍ଞାନିକଙ୍କ ରିପୋର୍ଟ ଅନୁଯାୟୀ ଅନୁମାନ କରାଯାଇଛି, ହୁଏତ ଏହା କିଛି ଦଶନ୍ଧି ମଧ୍ୟରେ ସମ୍ପୂର୍ଣ୍ଣ ଭାବେ ତରଳିଯାଇପାରେ। କାରଣ ବରଫ ତଳେ ଥିବା ଗରମ ପାଣି ଯୋଗୁଁ ଏହା ଶୀଘ୍ର ତରଳିପାରେ ବୋଲି ଅନୁମାନ କରାଯାଇଛି। ଥ୍ୱାୟଟସ୍ ଗ୍ଲେସିୟର ଉପରେ ଗବେଷଣା କରି ବୈଜ୍ଞାନିକମାନେ ଏହି ତଥ୍ୟ ଦେଇଛନ୍ତି। ଆଣ୍ଟାର୍କଟିକାର ପଶ୍ଚିମରେ ଥିବା ପାଇନ ଦ୍ୱୀପ ସହ ଥ୍ୱାୟଟସ୍ ଗ୍ଲେସିଅରରୁ ଲଗାତାର ଭାବେ ବଡ଼ ବଡ଼ ବରଫ ଖଣ୍ଡ ତରଳୁଥିବାରୁ ସମୁଦ୍ରର ଜଳପତ୍ତନ ବୃଦ୍ଧି ପାଉଛି। ଭବିଷ୍ୟତରେ ସମୁଦ୍ରର ଜଳସ୍ତର ୧-୫ମିଟର ପର୍ଯ୍ୟନ୍ତ ବୃଦ୍ଧି ପାଇବ ବୋଲି ଅନୁମାନ କରାଯାଉଛି। ଏମିତି ହେଲେ ଉପକୂଳବର୍ତ୍ତୀ ଅନେକ ଅଞ୍ଚଳ ସମୁଦ୍ରଗର୍ଭରେ ଲୀନ ହୋଇଯିବା ଆଶଙ୍କା କରାଯାଉଛି। ସୂଚନାଯୋଗ୍ୟ, ନିକଟରେ ଉକ୍ତ ଗ୍ଲେସିଅରରେ କଣା କରାଯାଇ ଏହା ତଳେ ଥିବା ପାଣିର ତାପମାତ୍ରାକୁ ମପାଯାଇଥିଲା। ଏଥିରୁ ଜଣାପଡ଼ିଥିଲା ଗ୍ଲେସିଅର ତଳେ ଥିବା ଗରମପାଣି ଯୋଗୁ ଏଭଳି ପରିବର୍ତ୍ତନ ଦେଖାଦେଇଛି।

# ମନ୍ଦିରରେ ବ୍ୟବହୃତ ହୋଇନି ଲୁହା

**ଚଣ୍ଡିଗଡ଼:** ଉତ୍ତର ଭାରତର ଅମ୍ବାଲା ସହରର ଗୀତାନଗରୀରେ ଜୈନ ମୁନି ବିଜୟ ଇନ୍ଦ୍ରଦ୍ୟୁମ୍ନ ସୁରେଶ୍ବରଙ୍କ ସ୍ମୃତିରେ ଭିନ୍ନ ଧରଣର ଏକ ଗୋଲାକାର ମନ୍ଦିର ନିର୍ମାଣ କରାଯାଇଛି। ଏହି ମନ୍ଦିରର ବିଶେଷତ୍ୱ ହେଲା ଏଥିରେ କେବଳ ମାର୍ବଲ ବ୍ୟବହାର କରାଯାଇଛି। ଆଦୌ ଲୁହାର ବ୍ୟବହାର କରାଯାଇନାହିଁ। ଏପରିକି ଲୁହା କଣ୍ଟାଟିଏ ମଧ ବ୍ୟବହାର କରାଯାଇନାହିଁ। ପୁରାତନ ଭାରତୀୟ ଶୈଳୀରେ ଏହା ନିର୍ମିତ ହୋଇଛି। ଏଠାରେ ୩୬ଟି ଗମ୍ବୁଜ ଆକାରର ମନ୍ଦିର ତିଆରି ହୋଇଛି। ନିର୍ମାଣ କାର୍ଯ୍ୟ ୨୦୧୧ ମସିହାରୁ ଆରମ୍ଭ ହୋଇଥିଲେ ହେଁ ବର୍ତ୍ତମାନ ସୁଦ୍ଧା ଶେଷ ହୋଇନାହିଁ। ଏହାକୁ କୌଣସି ଆର୍କିଟେକ୍ଚର ନିର୍ମାଣ କରିନାହାନ୍ତି। ମୁନି ବିଜୟ ରତ୍ନାକର ସୁରେଶ୍ବର ହିଁ ନିର୍ମାଣ କରିଛନ୍ତି। ମନ୍ଦିର ଟ୍ରଷ୍ଟ ପକ୍ଷରୁ ପ୍ରକାଶ, ଅଢ଼େଇ ଏକର ପରିମିତ ଜାଗାରେ ୫୦୦ ବର୍ଗଗଜରେ ଏହି ଗୋଲାକାର ମନ୍ଦିରଟି ନିର୍ମାଣ କରାଯାଉଛି। ଏହାର କାର୍ଯ୍ୟ କେବେ ସମ୍ପୂର୍ଣ୍ଣ ହେବ ଏବଂ କେତେ ଟଙ୍କା ବ୍ୟୟ ହେବ ସେ ନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। କାରଣ ସବୁକିଛି ଚାନ୍ଦାରେ ଚାଲିଛି। ପର୍ଯ୍ୟଟକଙ୍କୁ ଦୃଷ୍ଟିରେ ରଖି ମନ୍ଦିରରେ ଧର୍ମଶାଳା, ଭୋଜନାଳୟ, ସାଧୁସନ୍ଥଙ୍କ ରହିବା ପାଇଁ ମଧ ଗୃହ ନିର୍ମାଣ କରାଯାଉଛି।



# ବରଫରେ ୪ କି.ମି. ଚାଲି କନ୍ୟାଘରେ ପହଞ୍ଚିଲେ ବର



**ଡେରାଡୁନ୍ (ଉତ୍ତରାଖଣ୍ଡ):** ଉତ୍ତରାଖଣ୍ଡରେ ଏବେ ମଧ ପ୍ରବଳ ବରଫପାତ ଜାରି ରହିଛି। ଏହା ଦ୍ୱାରା ସାଧାରଣ ଜୀବନଯାତ୍ରାକୁ ପ୍ରଭାବିତ ହୋଇଛି। ହେଲେ ଏହି ବରଫପାତ ଏକ ବର-କନ୍ୟା ଯୋଡ଼ିଙ୍କ ବିବାହରେ ବାଧକ ସାଜିବା ବଦଳରେ ଏହାକୁ ଅଧିକ ସ୍ମରଣୀୟ କରିଛି। ଇଚ୍ଛା ଓ ଆଗ୍ରହ ଥିଲେ କୌଣସି ସମସ୍ୟା ବାଧକ ସାଜିପାରେନି, ଉତ୍ତରାଖଣ୍ଡର ଜଣେ ଯୁବକ ଏହା ପ୍ରମାଣିତ କରିଛନ୍ତି। ଉତ୍ତରାଖଣ୍ଡ ରାଜ୍ୟ ଚାମୋଲି ଜିଲା ଅଧୀନ ବିଜରା ଗ୍ରାମରୁ ବର ବିବାହ ପାଇଁ ବରଯାତ୍ରୀଙ୍କ ସହ ବାହାରିଥିଲେ। ହେଲେ ରାସ୍ତାରେ ବରଫ ଜମି ରହିଥିବାରୁ ଯାତାୟାତ ସମ୍ଭବ ହୋଇ ନ ଥିଲା। ଯାନବାହନଗୁଡ଼ିକ ରାସ୍ତାରେ ଅଟକି ରହିଥିବାବେଳେ ବର ଓ ବରଯାତ୍ରୀ କନ୍ୟାଘରେ ପହଞ୍ଚିବା କଷ୍ଟକର ହୋଇପଡ଼ିଥିଲା। ହେଲେ ଏହା ସେମାନଙ୍କ ଉତ୍ସାହକୁ ଭାଙ୍ଗିପାରି ନ ଥିଲା। ବରଯାତ୍ରୀଙ୍କୁ ନେଇ ବର ୪ କି.ମି. ବରଫରେ ଚାଲି କନ୍ୟାଘରେ(ଲୁନ୍ତ୍ରା ଗ୍ରାମରେ) ପହଞ୍ଚିଥିଲେ। ସେଠାରେ ବିବାହ ମଧ ସମ୍ପନ୍ନ ହୋଇଥିବା ଜଣାପଡ଼ିଛି। ଏହାର ଫଟୋ ଏବଂ ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଛି। ବର ଛତା ଧରି ଖୁସିରେ ପରିବାର ଓ ସାଙ୍ଗମାନଙ୍କ ମଧ୍ୟରେ ବରଫରେ ଚାଲି ଚାଲି ଯାଉଥିବା ଭିଡିଓ ନଜରକୁ ଆସିଛି। ଏହାକୁ ଅନେକ ଲୋକ ପସନ୍ଦ କରିବା ସହ ବରକୁ ପ୍ରଶଂସା କରିଛନ୍ତି। ଏପରି ବିବାହ ସବୁଦିନ ପାଇଁ ମନେରହିବ ବୋଲି କେତେକ ଲୋକ କହିବା ସହ ଶୁଭେଚ୍ଛା ଜଣାଇଛନ୍ତି।

# 'ମ୍ୟାନ୍ ଭର୍ସେସ ୱାଇଲ୍ଡ'ରେ ବିରାଟ-ଦୀପିକା



**ମୁମ୍ବାଇ:** ବିୟର ଗ୍ରିଲ୍ସଙ୍କ ଲୋକପ୍ରିୟ ଟିଭି ଶୋ 'ମ୍ୟାନ୍ ଭର୍ସେସ୍ ୱାଇଲ୍ଡ' ପାଇଁ ଭାରତୀୟ ତାରକାଙ୍କ ଉତ୍ସାହ ଦିନକୁ ଦିନ ବଢ଼ୁଥିବା ଦେଖିବାକୁ ମିଳୁଛି। ସାରା ବିଶ୍ୱରେ ଏହି ଶୋ'ର ସର୍ବାଧିକ ଲୋକପ୍ରିୟତା ରହିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ ଶୋ'ରେ ଭାଗନେଇଥିଲେ। ତେବେ ଏହା ପରେ ଭାରତୀୟ ଦର୍ଶକଙ୍କ ମଧ ଶୋ'କୁ ନେଇ ବିଶେଷ ଆଗ୍ରହ ସୃଷ୍ଟି ହୋଇଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ପରେ ସିନେ ଜଗତରୁ ରଜନୀକାନ୍ତ ଏବଂ ଅକ୍ଷୟ କୁମାରଙ୍କ ନାଁ ଏହି ଲୋକପ୍ରିୟ ଶୋ ସହ ଯୋଡ଼ିହୋଇଗଲା। ତେବେ ଏହି ତାଲିକା ଏଠାରେ ସରିନି। ଆଗକୁ ବଲିଉଡ୍ ମସ୍ତାନୀ ଗର୍ଲ ଦୀପିକା ପାଦୁକୋନ୍ ଏବଂ ଲୋକପ୍ରିୟ ଭାରତୀୟ କ୍ରିକେଟର ବିରାଟ୍ କୋହଲି ମଧ ଏହି ଶୋ'ରେ ସାମିଲ ହେବେ ବୋଲି ଜଣାପଡ଼ିଛି। ଜାନୁୟାରୀ ୨୭ରୁ ୩୧ ମଧ୍ୟରେ 'ମ୍ୟାନ୍ ଭର୍ସସ୍ ୱାଇଲ୍ଡ' ଶୋ' ପାଇଁ ଅକ୍ଷୟ କୁମାର ଏବଂ ରଜନୀକାନ୍ତଙ୍କ ଶୁଟିଂ ସିଡ୍ୟୁଲ୍ ରହିଛି। କର୍ନାଟକସ୍ଥିତ ବାନ୍ଦିପୁର ବ୍ୟାଘ୍ର ସଂରକ୍ଷଣରେ ସେମାନେ ଡିସ୍କଭରୀ ଚ୍ୟାନେଲ୍‌ରେ ପ୍ରସାରିତ ଏହି ବିଶ୍ୱ ଆଦୃତ ଶୋ' ପାଇଁ ଏକ ସ୍ପେଶାଲ ଏପିଶୋଡ୍ ବିୟର ଗ୍ରିଲ୍ସଙ୍କ ସହ ଶୁଟିଂ କରିଛନ୍ତି। ଏ ନେଇ ହିନ୍ଦୀ ସିନେପ୍ରେମୀ ଓ ସାଉଥ୍ ସିନେପ୍ରେମୀଙ୍କ ମଧ୍ୟରେ ଦୁଇ ତାରକାଙ୍କୁ ଏହି ଶୋ'ରେ ଦେଖିବାକୁ ଉତ୍ସାହ ବଢ଼ିଯାଇଛି। ଏହି କ୍ରମରେ ଦୀପିକା ଓ ବିରାଟ୍ ମଧ ବିୟର ଗ୍ରିଲ୍ସଙ୍କ ସହ ଶୋ'ର ନୂଆ ସିରିଜ୍‌ରେ ନଜରକୁ ଆସିବେ ବୋଲି ଜଣାପଡ଼ିଛି। ତେବେ ଏ ନେଇ ବିଧିବଦ୍ଧ ଘୋଷଣା କରାଯିବା ଏଯାବତ୍ ବାକି ଅଛି।



# ମୋବାଇଲ ଲାଇଟରେ ବ୍ରେନ୍ ଅପରେଶନ୍

**ସେନ୍ ମେଗୁଏଲ୍:** ଚିଲିରେ ଏକ ଅଭାବନୀୟ ଘଟଣା ଘଟିଛି। ଏକ ହସ୍ପିଟାଲରେ ଜଣେ ଲୋକଙ୍କ ବ୍ରେନ୍ ଅପରେଶନ୍ ସମୟରେ ପାୱାର କଟ୍ ହେବାରୁ ଡାକ୍ତରୀ ଦଳ ବାଧ ହୋଇ ମୋବାଇଲ୍ ଲାଇଟ୍‌ରେ ଅପରେଶନ୍ ଶେଷ କରିଛନ୍ତି। ଏବେ ଏହା ସୋସିଆଲ୍ ମିଡ଼ିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ସ୍ଥାନୀୟ ବାରୋସ ଲୁକୋ ହସ୍ପିଟାଲରେ ଏଭଳି ଘଟଣା ଘଟିଛି। ଅନ୍ୟ କୌଣସି ବିକଳ୍ପ ନ ଥିବାରୁ ଡାକ୍ତରୀ ଦଳ ଏଭଳି କରିଥିବା କୁହାଯାଉଛି। ତେବେ ଅପରେଶନ ସଫଳ ରହିଥିବା ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀ ଅର୍ତ୍ତୁରୋ ଜୁନିଗା ସୂଚନା ଦେଇଛନ୍ତି। ୩୪ ବର୍ଷ ବୟସ୍କ ଜଣେ ବ୍ୟକ୍ତିଙ୍କ ବ୍ରେନ୍ ଟ୍ୟୁମର ଅପରେଶନ ସମୟରେ ଅଚାନକ ପାୱାର କଟ୍ ହୋଇଥିଲା। ହସ୍ପିଟାଲରେ ଥିବା ଜେନେରେଟର ମଧ କାମ କରି ନ ଥିଲା। ତେବେ ଡାକ୍ତରୀ ଦଳ ସାହସର ସହିତ ଏଭଳି ପଦକ୍ଷେପ ଗ୍ରହଣ କରିଥିଲେ। ସୋସିଆଲ୍ ମିଡ଼ିଆରେ ୟୁଜର ଅପରେଶନ୍ କରିଥିବା ଡାକ୍ତରଙ୍କୁ ପ୍ରଶଂସା କରିବାରେ ଲାଗିଛନ୍ତି। ହସ୍ପିଟାଲରେ ଜେନେରେଟର କାହିଁକି କାମ କଲାନି ଏହାର ତଦନ୍ତ ଜାରି ରହିଛି।



# ବିବାହରେ ଗାଈ ରହିବ ସାକ୍ଷୀ

**ସୁରଟ:** ଭାରତର ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ବିବାହ ପରମ୍ପରା ଦେଖିବାକୁ ମିଳିଥାଏ। ହିନ୍ଦୁ ବିବାହରେ ସାଧାରଣତଃ ଅଗ୍ନିକୁ ସାକ୍ଷୀ ରଖି ବିବାହ ହୋଇଥାଏ। ସମ୍ପ୍ରତି ଗୁଜରାଟ ସୁରଟରେ ଗାଈକୁ ସାକ୍ଷୀ ରଖି ବିବାହ କରିବାକୁ କନ୍ୟାବର ନିଷ୍ପତ୍ତି ନେଇଛନ୍ତି। ସେମାନଙ୍କ ବିବାହ ଫେବୃୟାରୀ ୩ରେ ଅନୁଷ୍ଠିତ ହେବ। ବର ରୋହିତ କୁମାର କନ୍ୟା ଅଭିଳାଷାଙ୍କୁ ବିବାହ କରିବେ। ଏଥିପାଇଁ ନିମନ୍ତ୍ରଣ ପତ୍ର ସଂସ୍କୃତରେ ଛପା ଯାଇଛି। ବରଯାତ୍ରୀଙ୍କ ଶୋଭା ଯାତ୍ରାରେ ଗାଈବାଛୁରୀଙ୍କୁ ସାମିଲ୍ କରାଯିବାର ଯୋଜନା ମଧ କରାଯାଇଛି। ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ବିବାହ ଉତ୍ସବରେ ୫ ହଜାର ମାଟି ଗ୍ଲାସ୍ ବ୍ୟବହାର କରାଯିବାକୁ ନିଷ୍ପତ୍ତି ହୋଇଛି। ଏନେଇ ଉଭୟ କନ୍ୟା ଏବଂ ବର ପକ୍ଷ ସହମତି ପ୍ରକାଶ କରିଛନ୍ତି।



# ୫୫ ବର୍ଷରେ ଆଇନ ଡିଗ୍ରୀ

**ଗାନ୍ଧୀନଗର:** ପାଠପଢ଼ାର କୌଣସି ବୟସ ନ ଥାଏ। ଯେ କୌଣସି ବୟସରେ ମଧ ଜଣେ ପାଠପଢ଼ି ପାରିବ। ଏହାର ସଦ୍ୟତମ ଉଦାହରଣ ପାଲଟିଛନ୍ତି ଗୁଜରାଟର ୫୫ ବର୍ଷ ବୟସ୍କା ନୀତି ରାୱଲ। ଗୃହିଣୀ ଭାବେ ୩୦ ବର୍ଷ ଘରକାମରେ ବ୍ୟସ୍ତ ରହି ସେ ପାଠ ପଢ଼ାଠାରୁ ଦୂରେଇ ଯାଇଥିଲେ। ଇତିମଧ୍ୟରେ ତାଙ୍କର ଝିଅ-ପୁଅଙ୍କ ପାଠପଢ଼ା ଶେଷ ହୋଇଥିଲା। ଦୁହେଁ ଆଇନରେ ଡିଗ୍ରୀ ହାସଲ କରିଥିଲେ। ଝିଅର ବିବାହ ହେବା ପରେ ପୁଅ ମୁମ୍ବାଇରେ ଏକ ଲ ଫାର୍ମରେ ଚାକିରି କରିଛନ୍ତି। ଘରେ ଏକା ବସି ବସି ନୀତିଙ୍କୁ ବ୍ୟସ୍ତ ଲାଗିବାରୁ ସେ ସ୍ୱାମୀ ମୋଲିନ ରାୱଲଙ୍କୁ ଏନେଇ କହିଥିଲେ। ଏକୁଟିଆପଣ ଦୂର କରିବା ପାଇଁ ସେ ଗୁଜରାଟ ବିଶ୍ୱବିଦ୍ୟାଳୟରେ ଆଇନ ପାଠ୍ୟକ୍ରମରେ ନାମ ଲେଖାଇଥିଲେ। ପାଠପଢ଼ା ପ୍ରତି ତାଙ୍କର ଝୁଙ୍କ୍ ଯୋଗୁ ସେ ସଫଳତା ସହିତ ଆଇନରେ ଡିଗ୍ରୀ ହାସଲ କରିଛନ୍ତି। ଦୀକ୍ଷାନ୍ତ ସମାରୋହରେ ନୀତିଙ୍କୁ ୪ଟି ଗୋଲ୍ଡ ମେଡାଲ ମଧ ପ୍ରଦାନ କରାଯାଇଛି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧ ଫେବୃୟାରୀ, ୨୦୨୦

# ମାଟ୍ରିକ ପରୀକ୍ଷା ସାଥୀ





## ସାଧାରଣ ବିଜ୍ଞାନ (GENERAL SCIENCE)

**Time: 2:30 Hours** **Full Marks - 100**

*Candidates are required to write the answers in their own words as far as practicable. The figures in the right-hand margin indicate marks. Answer all questions as directed.*

### PART – I (OBJECTIVE)

#### Physical Science

**1. ନିମ୍ନୋକ୍ତ ପ୍ରଶ୍ନର ଉତ୍ତର ଗୋଟିଏ ଶବ୍ଦରେ ଲେଖ। [1×5=5**

(i) ସୋଡ଼ିୟମ୍ ସଲ୍‌ଫେଟ୍ ସହ ବେରିୟମ୍ କ୍ଲୋରାଇଡ୍‌ର ପ୍ରତିକ୍ରିୟା ଘଟି କେଉଁ ଅବକ୍ଷେପ ସୃଷ୍ଟି ହୁଏ ?

(ii) $CaOCl_2$ ର ସାଧାରଣ ନାମ କ'ଣ ?

(iii) $Mg^{2+}$ ର ଇଲେକ୍ଟ୍ରନ୍ ସଂରଚନା କ'ଣ ?

(iv) କେଉଁ ଲେନ୍ସରେ ସର୍ବଦା ଆଭାସୀ ଓ ସଳଖ ପ୍ରତିବିମ୍ବ ଗଠିତ ହୁଏ ?

(v) ସମାନ୍ତର ସଂଯୋଗରେ ଦୁଇଟି ପ୍ରତିରୋଧୀ $1\Omega$ ଓ $2\Omega$ ର ସମୂହ ପ୍ରତିରୋଧ କେତେ ?

**2. ଶୂନ୍ୟସ୍ଥାନ ପୂରଣ କର। [1×5=5**

(i) 1200 ଲିଟର ଅମ୍ଳରାଜରେ ______ ଲିଟର ନାଇଟ୍ରିକ୍ ଅମ୍ଳ ଥାଏ।

(ii) ଧାତୁ ପତଳା ଚଦରରେ ପରିଣତ ହେବା ଗୁଣକୁ ______ କୁହାଯାଏ।

(iii) $CH_3–CH_2–CHO$ ଯୌଗିକର ନାମ ______।

(iv) ଅବତଳ ଦର୍ପଣରେ ବସ୍ତୁ ______ ଠାରେ ରହିଲେ ପ୍ରତିବିମ୍ବ ଫୋକସ୍‌ଠାରେ ଗଠିତ ହୁଏ।

(v) ପ୍ରତିରୋଧର ______ ସଂଯୋଗରେ ବିଦ୍ୟୁତ୍ ପ୍ରବାହ ଅଧିକ ହୋଇଥାଏ।

**3. ଠିକ୍ ଉକ୍ତ ପାଇଁ (✓) ଓ ଭୁଲ୍ ଉକ୍ତି ପାଇଁ (×) ଦିଆଯାଇଥିବା ବାକ୍ସରେ ଲେଖ। [1×5=5**

(i) ଜିଂକ୍ ଲଘୁ ହାଇଡ୍ରୋକ୍ଲୋରିକ୍ ଅମ୍ଳସହ ପ୍ରତିକ୍ରିୟା କରେ ନାହିଁ।

(ii) ନାଇଟ୍ରୋଜେନ ଅଣୁର ଇଲେକ୍ଟ୍ରନ୍ ଡଟ୍ ସଂରଚନା ହେଉଛି N:N:।

(iii) ପର୍ଯ୍ୟାୟ ସାରଣୀର ଦ୍ୱିତୀୟ ପର୍ଯ୍ୟାୟରେ ବୃହତ୍ତମ ଆକାର ବିଶିଷ୍ଟ ମୌଳିକର ନାମ ବୋରନ୍।

(iv) ଆଭାସୀ ପ୍ରତିବିମ୍ବ ପାଇଁ ପ୍ରତିବିମ୍ବର ଉଚ୍ଚତାକୁ ଯୁକ୍ତାତ୍ମକ ନିଆଯାଏ।

(v) ବିଦ୍ୟୁତ୍ ଖୁଣ୍ଟିରୁ ଘରକୁ ଆସିଥିବା ଦୁଇଟି ତାରକୁ ମୁଖ୍ୟ ବଣ୍ଟନ ତାର କୁହାଯାଏ।

**4. 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭର ମେଳ କର। [1×5=5**

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| (i) $Ca(NO_3)_2$ | (a) 4 ଟି ଇଲେକ୍ଟ୍ରନ୍ ଯୁଗଳ |
| (ii) K | (b) ଲାଲ ବିଦ୍ୟୁତ୍‌ରୋଧୀ |
| (iii) $CH_4$ | (c) ଲବଣ |
| (iv) ଲାଇଭ୍‌ତାର | (d) ନିକ୍ରୋମ୍ |
| (v) ହିଟର | (e) ବିଦ୍ୟୁତ୍ ବିଶ୍ଳେଷଣ |

**5. ପ୍ରଶ୍ନଗୁଡ଼ିକର ଉତ୍ତର ଗୋଟିଏ ବାକ୍ୟରେ ଦର୍ଶାଅ। [1×5=5**

(i) $Ca(OH)_2 + CO_2 \longrightarrow CaCO_3 + H_2O$
ଏହି ସମୀକରଣକୁ ସମତୁଲ କର।

(ii) ପ୍ଲାଷ୍ଟର୍ ଅଫ୍ ପ୍ୟାରିସ୍ କିପରି ଉତ୍ପନ୍ନ ହୁଏ ?

(iii) ହାଲୋଜେନ୍ ଶ୍ରେଣୀ କ'ଣ ?

(iv) ମସ୍ତିଷ୍କକୁ ଯାଉଥିବା ବିଦ୍ୟୁତ୍ ସଂକେତ କିପରି ସୃଷ୍ଟି ହୁଏ ?

(v) 1W କ'ଣ ?

#### Life Science

**6. ଶୂନ୍ୟସ୍ଥାନ ପୂରଣ କର : [1×5=5**

(i) ପିତ୍ତ ସ୍ନେହସାର ଜାତୀୟ ଖାଦ୍ୟର ______ କରାଇଥାଏ।

(ii) ବାମ ଅଳିନ୍ଦ ଓ ବାମ ନିଳୟ ମଧ୍ୟରେ ଥିବା କପାଟିକା ______ ପାଖୁଡ଼ା ବିଶିଷ୍ଟ।

(iii) ସ୍ନାୟୁ କୋଷରେ ______ ନଥିବାରୁ ଏହା ବିଭାଜିତ ହୋଇପାରେ ନାହିଁ।

(iv) ପରିବେଶରେ କବକ ହେଉଛନ୍ତି ______ ।

(v) ଅଷ୍ଟ୍ରାଲୋପିଥେକସ୍ ଜାତୀୟ ମାନବ ସଦୃଶ ବାନରରୁ ପର୍ଯ୍ୟାୟ-କ୍ରମେ ______ ପ୍ରଜାତି ମାନବର ଉଦ୍ଭବ ହେଲା।

**7. ଗୋଟିଏ ବା ଦୁଇଟି ଶବ୍ଦରେ ଉତ୍ତର ଦିଅ। [1×5=5**

(i) 1859 ମସିହାରେ କେଉଁ ବହି ଡାରଉଇନ୍‌ଙ୍କ ଦ୍ୱାରା ପ୍ରକାଶିତ ହୋଇଥିଲା ?

(ii) ସାଧାରଣତଃ ପେନିସିଲିୟମ୍ କାହାଦ୍ୱାରା ବଂଶବୃଦ୍ଧି କରେ ?

(iii) ପ୍ରାଥମିକ ଶୁକ୍ରାଣୁ କୋଷରୁ ଶୁକ୍ରାଣୁ ସୃଷ୍ଟି ହେବା ପର୍ଯ୍ୟନ୍ତ ଅବଧିକୁ କ'ଣ କୁହାଯାଏ ?

(iv) ଜିଆ, ଜୋକପରି ପ୍ରାଣୀମାନଙ୍କର ରେଚନ ଅଙ୍ଗଟିର ନାମ କ'ଣ ?

(v) 'ସର୍ବଜନଦାତା' ରକ୍ତବର୍ଗଟିର ନାମ କ'ଣ।

**8. ଗୋଟିଏ ବାକ୍ୟରେ ଉତ୍ତର ଦିଅ : [1×5=5**

(i) ସହଜୀବୀୟ ପୋଷଣ କହିଲେ କ'ଣ ବୁଝ ?

(ii) ଅମ୍ଳଜାନ ଉପସ୍ଥିତିରେ ହେଉଥିବା ଶ୍ୱସନ ଓ ଅମ୍ଳଜାନ ବିନା ହେଉଥିବା ଶ୍ୱସନର ନାମ ଲେଖ।

(iii) ଐଚ୍ଛିକ କ୍ରିୟା କ'ଣ, ଗୋଟିଏ ଉଦାହରଣସହ ଲେଖ।

(iv) ଉଦାହରଣସହ ଉଭୟଲିଙ୍ଗୀ ଫୁଲ କାହାକୁ କୁହାଯାଏ ଲେଖ।

(v) କେଉଁ ପରିସ୍ଥିତିରେ ପବନ କଳ କାର୍ଯ୍ୟ କରି ନଥାଏ ?

**9. 'କ' ସ୍ତମ୍ଭରେ ପ୍ରଥମ ଯୋଡ଼ାର ସମ୍ପର୍କକୁ ଲକ୍ଷ୍ୟ କରି 'ଖ' ସ୍ତମ୍ଭରେ ଦ୍ୱିତୀୟଟିରେ ଶୂନ୍ୟସ୍ଥାନ ପୂରଣ କର। [1×5=5**

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| (i) ଖାଦ୍ୟଶୃଙ୍ଖଳ : ସଳଖ | ଖାଦ୍ୟଜାଲି : ______। |
| (ii) ତେନ୍ତୁଳି : ଟାର୍ଟାରିକ ଅମ୍ଳ | ଲେମ୍ବୁ : ______ । |
| (iii) ଫୁଲଝଡ଼ିବା : ଏଥିଲିନ୍ | ଫୁଲଧରିବା : ______। |
| (iv) ସମବିଭାଜନ : ଅପତ୍ୟକୋଷ | ଅର୍ଦ୍ଧବିଭାଜନ : ______। |
| (v) ନ୍ୟୁକ୍ଲିଓଟାଇଡ : ଆର.ଏନ୍.ଏ. ଓ ଡି.ଏନ୍.ଏ. | ଏମିନୋ- ଏସିଡ଼ : ______। |

**10. ଠିକ୍ ଉକ୍ତି ପାଇଁ (✓) ଓ ଭୁଲ୍ ଉକ୍ତି ପାଇଁ (×) ଦିଆଯାଇଥିବା ବାକ୍ସରେ ସୂଚାଅ। [1×5=5**

(i) ପରିସଂସ୍ଥାରେ ଶକ୍ତିର ପ୍ରବାହ ଚକ୍ରାକାର।

(ii) ପାହାଡ଼ୀ ଛେଳି ବିଲୁପ୍ତପ୍ରାୟ ଜାତିର ଅନ୍ତର୍ଗତ।

(iii) ସଲ୍‌ଫର୍ ଫସ୍‌ଫରସ୍ ପରି ମୌଳିକ ଉପାଦାନ ସୂକ୍ଷ୍ମ ପୋଷକର ଅନ୍ତର୍ଭୁକ୍ତ।

(iv) ଅମ୍ଳଜାନ ଅନୁପସ୍ଥିତିରେ ପଦାର୍ଥର ବିଘଟନ ଦ୍ୱାରା ନିର୍ଗତ ଗ୍ୟାସ୍ ମିଶ୍ରଣକୁ 'ଜୈବଗ୍ୟାସ' କୁହାଯାଏ।

(v) ପ୍ରତିକୂଳ ପରିବେଶ ଓ ଖାଦ୍ୟପଦାର୍ଥର ଅଭାବ ଦେଖାଗଲେ ସ୍ପଞ୍ଜ୍ ଶରୀରରେ ଜେମ୍ୟୁଲ ତିଆରି କରେ।

### PART – II (SUBJECTIVE)

#### Physical Science

**11.(i)** ଡଟ୍ ଓ କ୍ରସ୍ ଇଲେକ୍ଟ୍ରନ୍ ସଂରଚନା ସହ କାଟାୟନ୍ ଏବଂ ଆନାୟନ୍ ଉଲ୍ଲେଖ କରି ଲିଥିୟମ୍ ଫ୍ଲୋରାଇଡ୍ ଅଣୁର ଗଠନ ଆଲୋଚନା କର। ଡଟ୍ ଓ କ୍ରସ୍ ଇଲେକ୍ଟ୍ରନ୍ ସଂରଚନା ସହାୟତାରେ ଏଥିନ୍ ଅଣୁର ଗଠନ ଆଲୋଚନା କର। [4

**କିମ୍ବା,** ରାସାୟନିକ ସମୀକରଣ ସହ ପ୍ରତ୍ୟେକର ଗୋଟିଏ ଲେଖାଏଁ ଉଦାହରଣ ଦେଇ କାଲ୍‌ସିନେସନ୍ କ'ଣ ଏବଂ ରୋଷ୍ଟିଂ କ'ଣ ବୁଝାଅ। ଉଭୟ ପ୍ରକ୍ରିୟାର ଉପଲବ୍ଧ ଉତ୍ପାଦଗୁଡ଼ିକର ବିଶୁଦ୍ଧ ଧାତୁ କିପରି ନିଷ୍କାସନ କରାଯାଏ ଅବଲମ୍ବନୀୟ ପଦ୍ଧତିଗୁଡ଼ିକ ଆଲୋଚନା କର।

**(ii)** ଜୁଲ୍‌ଙ୍କ ତାପନ ନିୟମ ପାଇଁ ଏକ ସୂତ୍ର ନିଗମନ କର। ଏକ ବିଦ୍ୟୁତ୍ ବଲବର ଗଠନ ଓ କାର୍ଯ୍ୟକାରିତା ଉଲ୍ଲେଖ କର। [4

**କିମ୍ବା,** ଆଲୋକର ପ୍ରତିସରଣର ନିୟମଗୁଡ଼ିକ ଲେଖ। ଏକ ମାଧ୍ୟମର ପ୍ରତିସରଣାଙ୍କ ଆଲୋକର ବେଗ ସହିତ କିପରି ସଂପର୍କିତ ବୁଝାଅ।

**12.(i)** Na, Mg ଓ Al - ପ୍ରତ୍ୟେକ ଜଳ ସହ କିପରି ପ୍ରତିକ୍ରିୟା କରନ୍ତି, ରାସାୟନିକ ସମୀକରଣ ସହ ବୁଝାଅ। [3

**କିମ୍ବା,** Fe, Pb, H, Cu ଏହା ପ୍ରତିକ୍ରିୟାଶୀଳତା ଅନୁକ୍ରମର ଏକ ଅଂଶ। ଏହାକୁ ଭିତ୍ତି କରି ଧାତୁଗୁଡ଼ିକର ପ୍ରତିକ୍ରିୟାଶୀଳତାର 3 ଟି ବୈଶିଷ୍ଟ୍ୟ ଆଲୋଚନା କର।

**(ii)** ଦ୍ୱୈତ ବିସ୍ଥାପନ ପ୍ରତିକ୍ରିୟାରେ ଆୟନ୍ ବିନିମୟ କିପରି ଘଟିଥାଏ, ଉଦାହରଣ ସହ ବୁଝାଅ। [3

**କିମ୍ବା,** ତାପ ପ୍ରୟୋଗ ଦ୍ୱାରା ବେକିଙ୍ଗ୍ ପାଉଡର ଓ ଧୋଇବା ସୋଡ଼ା ମଧ୍ୟରେ ପ୍ରଭେଦ କିପରି ଜାଣିହେବ ? ସମୀକରଣ ସହ ଦର୍ଶାଅ।

**(iii)** 30 ସେ.ମି. ବକ୍ରତା ବ୍ୟାସାର୍ଦ୍ଧ ବିଶିଷ୍ଟ ଉତ୍ତଳ ଦର୍ପଣଠାରୁ 10 ସେ.ମି. ଦୂରରେ 5 ସେ.ମି. ଉଚ୍ଚର ଏକ ବସ୍ତୁ ରହିଲେ, ଗଠିତ ପ୍ରତିବିମ୍ବର ଆକାର, ଅବସ୍ଥାନ ଓ ପ୍ରକୃତି ନିରୂପଣ କର। [3

**କିମ୍ବା,** 220V ଲାଇନ୍‌ରେ ଲଗାଯାଇଥିବା ଗୋଟିଏ ବିଦ୍ୟୁତ୍ ଚୁଲାରେ 2 ଟି 24 Ω ପ୍ରତିରୋଧ ବିଶିଷ୍ଟ ତାରକୁଣ୍ଡଳୀ ଅଛି। କୁଣ୍ଡଳୀ ଦୁଇଟିକୁ ଅଲଗା ଅଲଗା ପଙ୍‌କ୍ତିରେ ଓ ସମାନ୍ତର ଭାବେ ବ୍ୟବହାର କଲେ ପ୍ରତି କ୍ଷେତ୍ରରେ କେତେ ବିଦ୍ୟୁତ୍ ପ୍ରବାହ ହେବ ?

**13.(i)** ବୈଦ୍ୟୁତିକ ବିଘଟନ କ'ଣ ? ଗୋଟିଏ ଉଦାହରଣ ରାସାୟନିକ ସମୀକରଣ ସହ ଜିଅ। [2

**କିମ୍ବା,** ଶୁଷ୍କ HCl ଗ୍ୟାସ୍ ଅମ୍ଳୀୟ ପ୍ରକୃତି ଦର୍ଶାଏ ନାହିଁ, କିନ୍ତୁ ଜଳର ଉପସ୍ଥିତିରେ ଅମ୍ଳୀୟ ପ୍ରକୃତ ଦର୍ଶାଏ କାହିଁକି ?

**(ii)** ପାରଦର ଧାତୁପିଣ୍ଡର ନାମ କ'ଣ ? ଏହା ତା'ର ଧାତୁପିଣ୍ଡରୁ କିପରି ନିଷ୍କାସିତ ହୁଏ ? [2

**କିମ୍ବା,** ଅସମ ପରମାଣୁ କ'ଣ ? ଏମାନଙ୍କ ବିଶେଷତ୍ୱ କ'ଣ ?

**(iii)** ଏକ ଲେନ୍ସର ପାୱାର –2.5D । ଲେନ୍ସର ଫୋକସ୍ ଦୈର୍ଘ୍ୟ ଓ ପ୍ରକୃତି ସ୍ଥିର କର। [2

**କିମ୍ବା,** ବିଛୁରିତ ଆଲୋକର ବର୍ଣ୍ଣ କଣିକାଗୁଡ଼ିକର ଆକାର ଉପରେ କିପରି ନିର୍ଭର କରେ ?

**(iv)** ବିଦ୍ୟୁତ୍ ଉପାଂଶ ନିର୍ମାଣରେ ମିଶ୍ରଧାତୁର ଦୁଇଟି ବୈଶିଷ୍ଟ୍ୟ ଲେଖ।[2

**କିମ୍ବା,** ବୈଦ୍ୟୁତିକ ଲଘୁପଥନ କେତେବେଳେ ହୁଏ ?

#### Life Science

**14.(i)** ଶ୍ୱସନ କ'ଣ ? ଗ୍ଲାଇକୋଲିସିସ୍ ଓ ସୁରାସାର କିଣ୍ୱନ ବୁଝାଅ। [4

**କିମ୍ବା,** ରକ୍ତ ଜମାଟ ବାନ୍ଧିବା ପ୍ରକ୍ରିୟା ବୁଝାଅ ।

**(ii)** ଗୋବର ଗ୍ୟାସ ପ୍ଲାଣ୍ଟର ଗଠନ ବର୍ଣ୍ଣନା କର। [4

**କିମ୍ବା,** ତାପଗତି ବିଜ୍ଞାନରେ ନିୟମ ସହ ପରିସଂସ୍ଥାରେ ଶକ୍ତି ପ୍ରବାହର ଏକ ବିବରଣୀ ଦିଅ।

**15.(i)** ବାୟୁ ଉପଜୀବୀ ଶ୍ୱସନ ଓ ବାୟୁ ଅପଜୀବୀ ଶ୍ୱସନ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ। [3

**କିମ୍ବା,** ଏନ୍‌ଜାଇମ୍ ଓ ହରମୋନ୍ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ।

**(ii)** ଶିଳ୍ପସଂସ୍ଥାମାନେ ଜଳର ପୁନଶ୍ଚକ୍ରଣ କରିବା କାହିଁକି ଆବଶ୍ୟକ ? [3

**କିମ୍ବା,** ପରିସଂସ୍ଥାର ଗାଠନିକ ଅଜୈବିକ ଉପାଦାନଗୁଡ଼ିକ ବୁଝାଅ।

**(iii)** ହୃତ୍‌ପିଣ୍ଡର ବାହ୍ୟଗଠନର ନାମାଙ୍କିତ ଚିତ୍ର ଅଙ୍କନ କର। [3

**କିମ୍ବା,** ସ୍ନାୟୁକୋଷର ନାମାଙ୍କିତ ଚିତ୍ର ଅଙ୍କନ କର।

**16.(i)** କ୍ରେବ୍‌ସ ଚକ୍ର କ'ଣ ? [2

**କିମ୍ବା,** ୟୁରିଆ କିପରି ପ୍ରସ୍ତୁତ ହୁଏ ଓ କିପରି ନିଷ୍କାସିତ ହୁଏ ?

**(ii)** ଉଦ୍ଭିଦର ବୃଦ୍ଧିହ୍ରାସକ ହରମୋନ୍‌ର ନାମ ଓ କାର୍ଯ୍ୟ ଲେଖ। [2

**କିମ୍ବା,** ମେଣ୍ଡେଲଙ୍କ ଏକକ ଗୁଣ ନୀତି ବୁଝାଅ।

**(iii)** ସ୍ଲୁଇସ୍ ଗେଟ୍‌ର କାର୍ଯ୍ୟ ଲେଖ। [2

**କିମ୍ବା,** ଅମ୍ଳ ବର୍ଷା କ'ଣ ? ଏହାର ପ୍ରଭାବ ଲେଖ।

**(iv)** ପରିସଂସ୍ଥା କ'ଣ ? ଏହି ଶବ୍ଦର ବ୍ୟବହାର ପ୍ରଥମେ କିଏ କରିଥିଲେ ? [2

**କିମ୍ବା,** ଆପ୍ପିକୋ ଆନ୍ଦୋଳନ କ'ଣ ?

### ANSWER: PART – II (SUBJECTIVE)

#### Physical Science

1. (i) ବେରିୟମ୍ ସଲ୍‌ଫେଟ୍ (ii) ବ୍ଲିଚିଂ ପାଉଡ଼ର୍ (iii) 2,8 (iv) ଅବତଳ (v) 2/3 ଓମ୍

2. (i) 300 (ii) ନମନୀୟତା (iii) ଇଥାନାଲ୍ (iv) ଅନନ୍ତଦୂରତା (v) ସମାନ୍ତର

3. (i) ☒ (ii) ☑ (iii) ☒ (iv) ☑ (v) ☒

4.

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| (i) $Ca(NO_3)_2$ | (a) ଲବଣ |
| (ii) K | (b) ବିଦ୍ୟୁତ୍ ବିଶ୍ଳେଷଣ |
| (iii) $CH_4$ | (c) 4 ଟି ଇଲେକ୍ଟ୍ରନ୍ ଯୁଗଳ |
| (iv) ଲାଇଭ୍‌ତାର | (d) ଲାଲ ବିଦ୍ୟୁତ୍‌ରୋଧୀ |
| (v) ହିଟର | (e) ନିକ୍ରୋମ୍ |

5. (i) $Ca(OH)_2 + CO_2 \longrightarrow CaCO_3 + H_2O$ (ii) ଜିପ୍‌ସମ୍‌କୁ 373 K ତାପମାତ୍ରାରେ ଉତ୍ତପ୍ତକଲେ ଏହା ଜଳ ଅଣୁ ହରାଇ ପ୍ଲାଷ୍ଟର ଅଫ୍ ପ୍ୟାରିସ୍‌ରେ ପରିଣତ ହୁଏ। (iii) ଗ୍ରୁପ୍ -17 ରେ ଥିବା ମୌଳିକଗୁଡ଼ିକୁ ହାଲୋଜେନ୍ ଶ୍ରେଣୀ କୁହାଯାଏ। (iv) ଆଲୋକ ମୁକୁରିକା ଉପରେ ପଡ଼ିଲେ ଆଲୋକ ସଂବେଦୀ ସେଲ୍‌ଗୁଡ଼ିକ କ୍ରିୟାଶୀଳ ହୋଇ ବିଦ୍ୟୁତ୍ ସଂକେତ ସୃଷ୍ଟି କରନ୍ତି। (v) ବିଭବାନ୍ତର 1V ଓ ବିଦ୍ୟୁତ୍ ପ୍ରବାହ 1A ହେଲେ, ବିଦ୍ୟୁତ୍ ପାୱାର୍ 1W ହୁଏ।

#### Life Science

6. (i) ଅବଦ୍ରବୀକରଣ (ii) ଦୁଇ (iii) ସେଣ୍ଟ୍ରୋଜୋମ୍ (iv) ଅପଘଟକ (v) ହୋମୋ

7. (i) ଦି ଓରିଜିନ୍ ଅଫ୍ ସ୍ପେସିସ୍ (ii) ଅଚଳ ରେଣୁ (iii) ପରିପକ୍ୱନ ପ୍ରାବସ୍ଥା (iv) ନେଫ୍ରିଡ଼ିଆ (v) ରକ୍ତବର୍ଗ

8. (i) ଦୁଇଟି ଭିନ୍ନ ଜାତିର ଜୀବଙ୍କ ମଧ୍ୟରେ ପୋଷଣର ଆଦାନ ପ୍ରଦାନକୁ ସହଜୀବୀୟ ପୋଷଣ କୁହାଯାଏ। (ii) ବାୟୁ ଉପଜୀବୀ ଓ ବାୟୁ ଅପଜୀବୀ। (iii) ମସ୍ତିଷ୍କର ନିର୍ଦ୍ଦେଶରେ ପରିଚାଳିତ କାର୍ଯ୍ୟକୁ ଐଚ୍ଛିକ କ୍ରିୟା କୁହାଯାଏ। **ଉଦାହରଣ** – ଖାଇବା। (iv) ଉଭୟ କେଶର ଓ ଫଳିକା ଥିବା ଫୁଲକୁ ଉଭୟଲିଙ୍ଗୀ ଫୁଲ କୁହାଯାଏ। **ଉଦାହରଣ** – ମନ୍ଦାର। (v) ପବନର ବେଗ ଅତ୍ୟଧିକ କମିଗଲେ କିମ୍ବା ବଢ଼ିଗଲେ ପବନକଳ କାର୍ଯ୍ୟ କରି ନଥାଏ।

9. (i) ଛନ୍ଦାଛନ୍ଦି (ii) ସାଇଟ୍ରିକ୍ ଅମ୍ଳ (iii) ଫ୍ଲୋରିଜେନ୍ (iv) ଜନନ କୋଷ (v) ପ୍ରୋଟିନ୍

10. (i) ☒ (ii) ☑ (iii) ☒ (iv) ☑ (v) ☑

### ANSWER: PART – II (SUBJECTIVE)

#### Physical Science

**11. (i)(a)** ଲିଥିୟମ୍ ପରମାଣୁର ବାହ୍ୟତମ କକ୍ଷରେ 1 ଟି ଇଲେକ୍ଟ୍ରନ୍ ଅଛି। ଏହା ଏହି 1 ଟି ଇଲେକ୍ଟ୍ରନକୁ ତ୍ୟାଗକଲେ ହିଲିୟମ୍‌ର ସଂରଚନା ଧାରଣ କରିବ।
ଏହାର ପରମାଣୁର ନିଉକ୍ଲିୟସ୍‌ରେ 3 ଟି ପ୍ରୋଟନ୍ ଅଛି; କିନ୍ତୁ ଇଲେକ୍ଟ୍ରନ୍ ସଂଖ୍ୟା 2। ତେଣୁ ବଳକା ଗୋଟିଏ ଯୁକ୍ତ ଚାର୍ଜ ଲିଥିୟମ୍ କାଟାୟନ $Le^+$ ସୃଷ୍ଟି କରୁଛି।

$$\underset{2,\ 1}{Li} \rightarrow \underset{2}{Li^+}\ e^-$$

**(b)** ଅନ୍ୟ ପକ୍ଷରେ ଫ୍ଲୋରିନ୍ ପରମାଣୁର ବାହ୍ୟତମ କକ୍ଷରେ 7 ଟି ଇଲେକ୍ଟ୍ରନ୍ ଅଛି। ଅଷ୍ଟକ ପୂର୍ଣ୍ଣ ହେବାପାଇଁ ଆଉ ଗୋଟିଏ ମାତ୍ର ଇଲେକ୍ଟ୍ରନ୍‌ର ଆବଶ୍ୟକତା ରହିଛି। ଲିଥିୟମ୍ ସହିତ ଫ୍ଲୋରିନ୍‌ର ପ୍ରତିକ୍ରିୟା ହେଲେ ଲିଥିୟମ୍ ତ୍ୟାଗ କରିଥିବା ଇଲେକ୍ଟ୍ରନକୁ ଫ୍ଲୋରିନ୍ ଗ୍ରହଣକରିବ, ଫ୍ଲୋରିନ୍ ପରମାଣୁର 9 ଟି ଇଲେକ୍ଟ୍ରନ୍ ଅଛି। ଆଉ ଏକ ଇଲେକ୍ଟ୍ରନ୍ ଗ୍ରହଣ କରିବାଦ୍ୱାରା ଏହା ଆନାୟନ $F^-$ ସୃଷ୍ଟି କରିବ ଓ ନିୟନର ସଂରଚନା ଧାରଣ କରିବ।

$$\underset{2,\ 7}{F + e^-} \rightarrow \underset{2,\ 8}{F^-}$$

**(c)** ଲିଥିୟମ୍ ଓ ଫ୍ଲୋରାଇଡ୍‌ର ଆୟନଦ୍ୱୟ ବିପରୀତ ଚାର୍ଜବିଶିଷ୍ଟ ହୋଇଥିବାରୁ ପରସ୍ପରକୁ ଆକର୍ଷଣ କରି ଶକ୍ତିଶାଳୀ ସ୍ଥିର ବିଦ୍ୟୁତ୍ ଆକର୍ଷଣ ବଳଦ୍ୱାରା ଲିଥିୟମ୍ ଫ୍ଲୋରାଇଡ୍ (LiF) ଯୌଗିକ ଗଠନ କରିବେ।

$$Li + {}^{\times}\overset{\times\times}{\underset{\times\times}{F}}{}^{\times}_{\times} \rightarrow [Li^+][{}^{\bullet}_{\times}\overset{\times\times}{\underset{\times\times}{F}}{}^{\times}_{\times}]^- \rightarrow LiF$$

**(d)** ଏଥିନ୍ ଅଣୁରେ ପ୍ରତ୍ୟେକ କାର୍ବନ ପରମାଣୁ ସହିତ ଦୁଇଟି ହାଇଡ୍ରୋଜେନ୍ ରହିଛି। ପ୍ରତି କାର୍ବନ ପରମାଣୁ ପିଛା ଗୋଟିଏ ଯୋଜ୍ୟତା ଅସଂପୂର୍ଣ୍ଣ ରହୁଛି। ଦୁଇ କାର୍ବନ ମଧ୍ୟରେ ଦ୍ୱିବନ୍ଧ ରହିଲେ ଏହା ସଂପୂର୍ଣ୍ଣ ହୋଇପାରିବ।

H (×·) C (××)(××) C (×·) H
H (×·)          (×·) H

**କିମ୍ବା, (a) କାଲସିନେସନ୍ :** ସୀମିତ ପରିମାଣ ବାୟୁରେ କାର୍ବୋନେଟ୍ ଧାତୁପିଣ୍ଡକୁ ଉତ୍ତପ୍ତ କରି ଅକ୍ସାଇଡ୍‌ରେ ପରିବର୍ତ୍ତନ କରାଯାଏ। ଏହି ପ୍ରଣାଳୀକୁ କାଲସିନେସନ୍ କୁହାଯାଏ। **ଉଦାହରଣ :** କାଲସିନେସନ୍ ପ୍ରଣାଳୀରେ ଜିଙ୍କ୍ କାର୍ବୋନେଟ୍ ଜିଙ୍କ ଅକ୍ସାଇଡ୍‌ରେ ପରିଣତ ହୁଏ।

$$ZnCO_3 \xrightarrow{\text{ତାପ}} ZnO + CO_2$$

**(b) ରୋଷ୍ଟିଂ :** ଯଥେଷ୍ଟ ପରିମାଣ ବାୟୁରେ ସଲ୍‌ଫାଇଡ୍ ଧାତୁପିଣ୍ଡକୁ ଅଧିକ ଉତ୍ତପ୍ତ କରି ଅକ୍ସାଇଡ୍‌ରେ ପରିବର୍ତ୍ତନ କରାଯାଏ। ଏହି ପ୍ରଣାଳୀକୁ ରୋଷ୍ଟିଂ କୁହାଯାଏ। **ଉଦାହରଣ :** ରୋଷ୍ଟିଂ ପ୍ରଣାଳୀରେ ଜିଙ୍କ୍ ସଲ୍‌ଫାଇଡ୍ ଜିଙ୍କ୍ ଅକ୍ସାଇଡ୍‌ରେ ପରିଣତ ହୁଏ।

$$2ZnS + 3O_2 \xrightarrow{\text{ତାପ}} 2ZnO + 2SO_2$$

**(c) ଧାତୁ ନିଷ୍କାସନ :** କାଲସିନେସନ୍ ଓ ରୋଷ୍ଟିଂ ପ୍ରଣାଳୀରେ ମିଳିଥିବା ଉତ୍ପାଦ ଧାତବ ଅକ୍ସାଇଡ୍ କାର୍ବନ ପରି ଉପଯୁକ୍ତ ବିଜାରକ ଦ୍ୱାରା ଉପଯୋଗୀ ଧାତୁକୁ ବିଜାରିତ ହୋଇଥାଏ। **ଉଦାହରଣ :** ଜିଙ୍କ୍ ଅକ୍ସାଇଡ୍‌କୁ କାର୍ବନସହ ଉତ୍ତପ୍ତକଲେ, ତାହା ଧାତବ ଜିଙ୍କ୍‌କୁ ବିଜାରିତ ହୁଏ।

$$ZnO + C \rightarrow Zn + CO$$

**(ii) ଜୁଲ୍‌ଙ୍କ ତାପନ ନିୟମ :**
ଏକକ ସମୟ ମଧ୍ୟରେ ପରିପଥକୁ ଆସୁଥିବା ଶକ୍ତି, $P = VI$
∴ t ଏକକ ସମୟ ମଧ୍ୟରେ ପରିପଥକୁ ଆସୁଥିବା ଶକ୍ତି, $Pt = VIt$
ଏହି ଶକ୍ତି ତାପଶକ୍ତିକୁ ରୂପାନ୍ତରିତ ହେବା ଫଳରେ t ସମୟ ମଧ୍ୟରେ ଉତ୍ପନ୍ନ ତାପର ପରିମାଣ, $H = VIt = IR.I.t\,(V = IR) = I^2Rt$
ଏହାକୁ ଜୁଲ୍‌ଙ୍କ ତାପନ ନିୟମ କହନ୍ତି।

**ବିଦ୍ୟୁତ୍ ବଲ୍‌ବର ଗଠନ ଓ କାର୍ଯ୍ୟକରିତା :**

(a) ବଲ୍‌ବର ସୂତ୍ରଟି ଉଚ୍ଚ ଗଳନାଙ୍କ ବିଶିଷ୍ଟ ଶକ୍ତ ଧାତୁର ତିଆରି ହୋଇଥାଏ।

(b) ଟଙ୍ଗ୍‌ଷ୍ଟନ୍ ଧାତୁରୁ ବଲ୍‌ବର ସୂତ୍ର ତିଆରି ହୋଇଥାଏ ଯାହାର ଗଳନାଙ୍କ 3380°C ।

(c) ବଲ୍‌ବ ଭିତରେ ନିଷ୍କ୍ରିୟ ଯବକ୍ଷାରଜାନ ଓ ଆର୍ଗନ୍ ଗ୍ୟାସ୍ ଭର୍ତ୍ତି କରାଯାଇଥାଏ ଯାହା ସୂତ୍ରର ଆୟୁଷ ବଢ଼ାଏ।

(d) ସୂତ୍ରରେ ପ୍ରବାହିତ ହେଉଥିବା ବିଦ୍ୟୁତ୍ ସ୍ରୋତର ବେଶୀ ଅଂଶ ତାପ ସୃଷ୍ଟି କରୁଥିବାବେଳେ ଅଳ୍ପ ଅଂଶ ଆଲୋକ ସୃଷ୍ଟି କରେ।

**କିମ୍ବା, ପ୍ରତିସରଣର ନିୟମ :**

(a) ଆପତିତ ରଶ୍ମି, ପ୍ରତିସୃତ ରଶ୍ମି ଓ ଆପତନ ବିନ୍ଦୁଠାରେ ଦୁଇଟି ସ୍ୱଚ୍ଛ ମାଧ୍ୟମର ବ୍ୟବଧାନ ପୃଷ୍ଠ ପ୍ରତି ଅଙ୍କିତ ଅଭିଲମ୍ବ ଗୋଟିଏ ସମତଳରେ ରହେ।

(b) ଦୁଇଟି ନିର୍ଦ୍ଦିଷ୍ଟ ମାଧ୍ୟମ ଓ ଗୋଟିଏ ନିର୍ଦ୍ଦିଷ୍ଟ ବର୍ଣ୍ଣର ଆଲୋକ ପାଇଁ ଆପତନ କୋଣର ସାଇନ୍ ଓ ପ୍ରତିସରଣ କୋଣର ସାଇନ୍‌ର ଅନୁପାତ ଏକ ସ୍ଥିରାଙ୍କ ।

**ପ୍ରତିସରଣାଙ୍କର ଆଲୋକର ବେଗ ସହିତ ସଂପର୍କ :**

(a) ପ୍ରତିସରଣାଙ୍କ $\eta_{12} = \dfrac{\text{ଆଲୋକର ପ୍ରଥମ ମାଧ୍ୟରେ ବେଗ}}{\text{ଆଲୋକର ଦ୍ୱିତୀୟ ମାଧ୍ୟମରେ ବେଗ}} \dfrac{v_1}{v_1}$

$\Rightarrow \eta_{12} = \dfrac{v_2}{v_1}$

(b) ପରମ ପ୍ରତିସରଣାଙ୍କ, $\eta = \dfrac{\text{ଆଲୋକର ବାୟୁରେ ବେଗ}}{\text{ଆଲୋକର ମାଧ୍ୟମରେ ବେଗ}} = \dfrac{c}{v}$

**12.(i) (a)** Na ଧାତୁ ଥଣ୍ଡା ଜଳ ସହ ତୀବ୍ର ପ୍ରତିକ୍ରିୟା କରି ତାପ ଉତ୍ପନ୍ନ କରୁଥିବାରୁ ଉତ୍ପନ୍ନ ହାଇଡ୍ରୋଜେନ୍ ସଙ୍ଗେ ସଙ୍ଗେ ଜଳିଯାଏ।
$2Na + 2H_2O \rightarrow 2NaOH + H_2 +$ ତାପ ।

**(b)** Mg ଧାତୁ ଉତ୍ତପ୍ତ ଜଳ ସହ ପ୍ରତିକ୍ରିୟା କରି ମ୍ୟାଗ୍ନେସିୟମ୍ ହାଇଡ୍ରକ୍‌ସାଇଡ୍ ଓ $Mg + 2H_2O \rightarrow Mg(OH)_2 + H_2$ ।

**(c)** Al ଧାତୁ ଥଣ୍ଡା କିମ୍ବା ଗରମ ଜଳ ସହ ପ୍ରତିକ୍ରିୟା କରେ ନାହିଁ, କିନ୍ତୁ ବାମ୍ପ ସହ ପ୍ରତିକ୍ରିୟା କରି ଏଲୁମିନିୟମ୍ ଅକ୍ସାଇଡ୍ ଓ ହାଇଡ୍ରୋଜେନ୍ ଗ୍ୟାସ୍ ସୃଷ୍ଟି କରେ।
$2Al + 3H_2O \rightarrow Al_2O_3 + 3H_2$

**କିମ୍ବା,** Fe, Pb, H, Cu ପ୍ରତିକ୍ରିୟାଶୀଳତାର ଅନୁକ୍ରମ ଅନୁଯାୟୀ H ଉପରେ ଥିବାରୁ ଏଗୁଡ଼ିକ ଅଧିକ ପ୍ରତିକ୍ରିୟାଶୀଳ।

(a) Cu ପ୍ରତିକ୍ରିୟାଶୀଳତାର ଅନୁକ୍ରମ ଅନୁଯାୟୀ H ତଳେ ଥିବାରୁ ଏହା Fe ଓ Pb ଠାରୁ କମ୍ ପ୍ରତିକ୍ରିୟାଶୀଳ। ଏମାନଙ୍କ ମଧ୍ୟରେ Fe ସବୁଠାରୁ ଅଧିକ ପ୍ରତିକ୍ରିୟାଶୀଳ।

(b) ଏହି ଚାରୋଟି ମୌଳିକ ମଧ୍ୟରେ 3 ଟି ଧାତୁ ଥିବା ବେଳେ କେବଳ H ଅଧାତୁ।

**(ii) (a)** ସିଲଭର ନାଇଟ୍ରେଟ୍ ଦ୍ରବଣକୁ ସୋଡ଼ିୟମ୍ କ୍ଲୋରାଇଡ୍ ଦ୍ରବଣରେ ମିଶାଇଲେ ସିଲଭର କ୍ଲୋରାଇଡ୍‌ର ଧଳା ଅବକ୍ଷେପ ସୋଡ଼ିୟମ୍ ନାଇଟ୍ରେଟ୍ ଦ୍ରବଣ ସହ ଉତ୍ପନ୍ନ ହୁଏ।
$AgNO_3 + NaCl \rightarrow AgCl + NaNO_3$

**(b)** ସିଲ୍‌ଭର ନାଇଟ୍ରେଟ୍‌ର ସିଲଭର ଆୟନ୍ $(Ag^+)$ ସୋଡ଼ିୟମ କ୍ଲୋରାଇଡ଼ର୍ କ୍ଲୋରାଇଡ ଆୟନ୍ $(Cl^-)$ ସହ ପ୍ରତିକ୍ରିୟା କରି ସିଲଭର କ୍ଲୋରାଇଡ୍ (AgCl) ଗଠନ କରେ।

**(c)** ସେହିପରି ସୋଡ଼ିୟମ୍ କ୍ଲୋରାଇଡ୍‌ର ସୋଡ଼ିୟମ୍ ଆୟନ $(Na^+)$ ସିଲ୍‌ଭର ନାଇଟ୍ରେଟ୍‌ର ନାଇଟ୍ରେଟ୍ ଆୟନ $(NO_3^-)$ ସହ ପ୍ରତିକ୍ରିୟା କରି ସୋଡ଼ିୟମ୍ ନାଇଟ୍ରେଟ୍ $(NaNO_3)$ ଗଠନ କରେ।

**କିମ୍ବା,(a)** ବେକିଙ୍ଗ୍ ପାଉଡ଼ରର ରାସାୟନିକ ନାମ ଓ ସଂକେତ ଯଥାକ୍ରମେ ସୋଡ଼ିୟମ୍ ହାଇଡ୍ରୋଜେନ୍ କାର୍ବୋନେଟ୍ ଓ $NaHCO_3$। ଧୋଇବା ସୋଡ଼ାର ରାସାୟନିକ ନାମ ଓ ସଂକେତ ଯଥାକ୍ରମେ ସୋଡ଼ିୟମ କାର୍ବୋନେଟ୍ ଓ $Na_2CO_3.10H_2O$।

**(b)** ବେକିଙ୍ଗ୍ ପାଉଡ଼ରକୁ ଗରମ କଲେ $CO_2$ ଗ୍ୟାସ୍ ସୃଷ୍ଟି ହୁଏ।
$2NaHCO_3 \xrightarrow{\Delta} NO_2CO_3 + H_2O + CO_2$

**(c)** ଧୋଇବା ସୋଡ଼ାକୁ ଗରମ କଲେ $CO_2$ ଗ୍ୟାସ୍ ସୃଷ୍ଟି ହୁଏ ନାହିଁ।
$2NaHCO_3 \xrightarrow{\Delta} Na_2CO_3 + 10H_2O$

**(iii) (a)** $R = 30$ ସେ.ମି., $f = \dfrac{30}{2} = 15$ ସେ.ମି., $u = -10$ ସେ.ମି.,
$h_1 = 5$ ସେ.ମି. $\dfrac{1}{v} + \dfrac{1}{u} = \dfrac{1}{f}$
$\Rightarrow \dfrac{1}{v} = \dfrac{1}{f} - \dfrac{1}{u} = \dfrac{1}{15} - \dfrac{1}{-10} = \dfrac{2+3}{30} = \dfrac{5}{30} = \dfrac{1}{6}$
$\Rightarrow v = 6$ ସେ.ମି.
ପ୍ରତିବିମ୍ବ ଦର୍ପଣ ପଛପଟେ ଗଠିତ ହୁଏ। [1

**(b)** $m = \dfrac{-v}{u} = -\dfrac{6}{-10} = \dfrac{6}{10} = 0.6$
ବର୍ଦ୍ଧନ ଧନାତ୍ମକ ହୋଇଥିବାରୁ ପ୍ରତିବିମ୍ବ ଆଭାସୀ। [1

**(c)** $\dfrac{h_2}{h_1} = m \Rightarrow \dfrac{h_2}{5} = 0.6 \Rightarrow h_2 = 3$ ସେ.ମି.
∴ ପ୍ରତିବିମ୍ବର ଉଚ୍ଚତା = 3 ସେ.ମି.।

**କିମ୍ବା, (a)** $V = 220\,V, R = 24\,\Omega$
ପ୍ରତ୍ୟେକ କୁଣ୍ଡଳୀକୁ ପୃଥକ୍ ଭାବେ ସଂଯୁକ୍ତ କଲେ, ପ୍ରତ୍ୟେକ କୁଣ୍ଡଳୀରେ ପ୍ରବାହିତ
ବିଦ୍ୟୁତ୍ ସ୍ରୋତ, $I = \dfrac{V}{R} = \dfrac{220}{24} = 9.17A$

**(b)** କୁଣ୍ଡଳୀ ଦ୍ୱୟକୁ ପଙ୍‌କ୍ତିରେ ସଂଯୁକ୍ତ କଲେ, ସମୂହ ପ୍ରତିରୋଧ, $Rs = 2 \times 24 = 48\,\Omega$
∴ ବିଦ୍ୟୁତ୍ ସ୍ରୋତ, $I = \dfrac{V}{R} = \dfrac{220}{48} = 4.58A$

**(c)** କୁଣ୍ଡଳୀ ଦ୍ୱୟକୁ ସମାନ୍ତର ସଂଯୋଗ କଲେ, $\dfrac{I}{Rp} = \dfrac{2}{24} = \dfrac{1}{12}$
$\Rightarrow Rp = 12\Omega$ ∴ ବିଦ୍ୟୁତ୍ ସ୍ରୋତ, $I = \dfrac{V}{R} = \dfrac{220}{12} = 18.3\,A$

**13.(i)(a)** ଯେଉଁ ପ୍ରତିକ୍ରିୟାରେ ଏକ ଯୌଗିକ ଜଳୀୟ ଦ୍ରବଣରେ କିମ୍ବା ତରଳାବସ୍ଥାରେ ବିଘଟିତ ହୁଏ, ତା'କୁ ବୈଦ୍ୟୁତିକ ବିଘଟନ କୁହାଯାଏ।

**(b)** ତରଳ ଆଲୁମିନା ମଧ୍ୟଦେଇ ବିଦ୍ୟୁତ୍ ସ୍ରୋତ ପ୍ରବାହିତ କଲେ ତାହା ବିଘଟିତ ହୋଇ ଏଲୁମିନିୟମ୍ ଓ ଅକ୍ସିଜେନ୍ ମିଳିଥାଏ।
$2Al_2O_3 \xrightarrow[\text{ସ୍ରୋତ}]{\text{ବିଦ୍ୟୁତ୍}} 4Al + 3O_2$

**କିମ୍ବା, (a)** ଶୁଷ୍କ HCl ଗ୍ୟାସ୍ କୌଣସି ହାଇଡ୍ରୋଜେନ୍ ଆୟନ୍ ଧାରଣ କରୁନଥିବାରୁ ଏହା ଅମ୍ଳୀୟ ପ୍ରକୃତି ଦର୍ଶାଏ ନାହିଁ।

**(b)** ଶୁଷ୍କ HCl ଗ୍ୟାସ୍ ଜଳରେ ଦ୍ରବୀଭୂତ ହେଲେ ହାଇଡ୍ରୋକ୍ଲୋରିକ୍ ଅମ୍ଳରେ ପରିଣତ ହୁଏ ଏବଂ ଏହା $H^+(aq)$ ଆୟନ ଓ $Cl^-(aq)$ ଆୟନ ଉତ୍ପନ୍ନ କରେ।
$HCl + H_2O \rightarrow H_3O^+ + Cl^-$

**(ii) (a)** ପାରଦର ଧାତୁପିଣ୍ଡ ହେଉଛି ସିନାବାର (Hg S) । ଏହାକୁ ବାୟୁରେ ଉତ୍ତପ୍ତ କଲେ ଏହା ମରକ୍ୟୁରିକ୍ ଅକ୍ସାଇଡ୍‌ରେ ପରିଣତ ହୁଏ।
$2HgS + 3O_2 \xrightarrow{\text{ତାପ}} 2HgO + 2SO_2$

**(b)** ଏହାକୁ ଆହୁରି ଉତ୍ତପ୍ତ କଲେ ମରକ୍ୟୁରିକ୍ ଅକ୍ସାଇଡ୍ ବିଭାଜିତ ହୋଇ ମରକ୍ୟୁରୀ ମିଳେ।
$2HgO \xrightarrow{\text{ତାପ}} 2Hg + O_2$

**କିମ୍ବା, (a)** ହାଇଡ୍ରୋକାର୍ବନରେ ହାଇଡ୍ରୋଜେନ୍ ପରମାଣୁ ବଦଳରେ ଯେଉଁ ମୌଳିକ ପରମାଣୁ କିମ୍ବା କେତେକ ମୌଳିକ ପରମାଣୁର ଗ୍ରୁପ୍ ସ୍ଥାନ ପାଏ, ତାହାକୁ ଅସମ ପରମାଣୁ କୁହାଯାଏ।

**(b)** ଏହି ଅସମ ପରମାଣୁ କାର୍ବନ ଯୌଗିକର ଧର୍ମ ନିର୍ଦ୍ଧାରଣ କରେ।

**(iii) (a)** $P = \dfrac{1}{f(m)} \Rightarrow -2.5D = \dfrac{1}{f}$
$\Rightarrow f = \dfrac{1}{-2.5m} = \dfrac{-1}{2.5} \times 100 = -40\,cm$

**(b)** ପାୱାର ଋଣାତ୍ମକ ହେତୁ ଏହା ଏକ ଅବତଳ ଲେନ୍ସ।

**କିମ୍ବା, (a)** ଅତ୍ୟଧିକ କ୍ଷୁଦ୍ର କଣିକା ନୀଳ ଆଲୋକ ବିଛୁରଣ କରେ।

**(b)** ଅତ୍ୟଧିକ ବଡ଼ କଣିକା ଧଳା ଆଲୋକ ବିଛୁରଣ କରେ। କଣିକାଗୁଡ଼ିକର ଆକାର ବଡ଼ ହେଲେ ସେଗୁଡ଼ିକ ଅଧିକ ତରଙ୍ଗ ଦୈର୍ଘ୍ୟ ବିଶିଷ୍ଟ ଆଲୋକ ବିଛୁରଣ କରନ୍ତି।

**(iv)(a)** ମିଶ୍ରଧାତୁର ପ୍ରତିରୋଧିତା ତାହାର ଗଠନକାରୀ ମୂଳଧାତୁଠାରୁ ଅଧିକ ହୋଇଥାଏ।

**(b)** ମିଶ୍ରଧାତୁର ଗଳନାଙ୍କ ଉଚ୍ଚ ହୋଇଥିବାରୁ ଏହା ସହଜରେ ଜାରିତ ହୁଏ ନାହିଁ।

**କିମ୍ବା, (a)** ଲାଇଭ୍ ତାର ଓ ନିଉଟ୍ରାଲ ତାର ସିଧାସଳଖ ପରସ୍ପରକୁ ସ୍ପର୍ଶ କଲେ ବିଦ୍ୟୁତ୍ ପ୍ରବାହର ପରିମାଣ ହଠାତ୍ ବଢ଼ିଯାଏ। ଏହାକୁ ଲଘୁପଥନ କୁହାଯାଏ।

**(b)** ବିଦ୍ୟୁତ୍‌ରୋଧୀ ଆବରଣ ନଷ୍ଟ ହେଲେ କିମ୍ବା ଉପକରଣରେ ତ୍ରୁଟି ଥିଲେ ଏହା ଘଟିବାର ଆଶଙ୍କା ଥାଏ।

#### Life Science

**14.(i)(a) ଶ୍ୱସନ:** ଖାଦ୍ୟରୁ ଶକ୍ତି ନିର୍ଗତ ହେବା ପ୍ରକ୍ରିୟାକୁ ଶ୍ୱସନ କହନ୍ତି।

**(b) ଗ୍ଲାଇକୋଲିସିସ୍ :**

(କ) ଶ୍ୱସନର ପ୍ରଥମ ପର୍ଯ୍ୟାୟରେ ଗୋଟିଏ ଛଅ ଅଙ୍ଗାରକ ବିଶିଷ୍ଟ ଗ୍ଲୁକୋଜ ଅଣୁ ଦୁଇଟି ତିନି ଅଙ୍ଗାରକ ବିଶିଷ୍ଟ ପାଇରୁଭେଟ୍ ଅଣୁରେ ପରିଣତ ହୁଏ।

(ଖ) ଏଥିରେ ଗ୍ଲୁକୋଜ୍ ଅଣୁ ଭାଙ୍ଗୁଥିବାରୁ ଏହାକୁ ଗ୍ଲାଇକୋଲିସିସ୍ କୁହାଯାଏ। ଏହା କୋଷ ଜୀବକରେ ସଂଘଟିତ ହୁଏ।

**(c) ସୁରାସାର କିଣ୍ୱନ :**

(କ) ଇଷ୍ଟରେ ମୁକ୍ତ ଅମ୍ଳଜାନର ଅଭାବରେ ପାଇରୁଭେଟ୍‌ରୁ ସୁରାସାର ଓ ଅଙ୍ଗାରକାମ୍ଳ ସୃଷ୍ଟି ହୁଏ।

(ଖ) ଏହା ବାୟୁ ଅପଜୀବୀ ଶ୍ୱସନ, ଏହାକୁ ସୁରାସାର କିଣ୍ୱନ କୁହାଯାଏ।

ଅବଶିଷ୍ଟାଂଶ ପରବର୍ତ୍ତୀ ପୃଷ୍ଠାରେ...



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୪ କ୍ୟାରେଟ୍ ସୁନା। ତାଙ୍କ ଉଦ୍ଦେଶ୍ୟକୁ ନେଇ ସନ୍ଦେହ କରିବା ଅନୁଚିତ। ସିଏଏକୁ ନେଇ ବିରୋଧୀ ଦଳଗୁଡ଼ିକ ମୁସ୍‌ଲିମ ସମ୍ପ୍ରଦାୟ ମଧ୍ୟରେ ବିଭ୍ରାନ୍ତି ସୃଷ୍ଟି କରୁଛନ୍ତି।

-ରାଜନାଥ ସିଂ, ପ୍ରତିରକ୍ଷାମନ୍ତ୍ରୀ

# ଇୟୁରୁ ବିଦାୟ ନେଲା ବ୍ରିଟେନ



ବ୍ରସେଲ୍ସସ୍ଥିତ ୟୁରୋପୀୟ ପାର୍ଲାମେଣ୍ଟ ବାହାରେ ପାର୍ଲାମେଣ୍ଟ ଅଧ୍ୟକ୍ଷ ଡାଭିଡ୍ ସାସୋଲୀ, ୟୁରୋପୀୟ କାଉନ୍‌ସିଲ ଅଧ୍ୟକ୍ଷ ଚାର୍ଲସ ମିଚେଲ ଏବଂ ୟୁରୋପୀୟ କମିଶନ ଅଧ୍ୟକ୍ଷା ଉର୍ସୁଲା ଭନ୍ ଡେର୍ ଲେୟେନ ଗଣମାଧ୍ୟମକୁ ସୂଚନା ଦେଉଛନ୍ତି।

**ଲଣ୍ଡନ/ବ୍ରସେଲ୍ସ,୩୧।୧**

ଦୀର୍ଘ ସାଢ଼େ ୩ ବର୍ଷର ଉଦ୍ୟମ ପରେ ୟୁରୋପୀୟ ସଂଘ (ଇୟୁ)ରୁ ବ୍ରିଟେନ ଶୁକ୍ରବାର ରାତି ୧୧ଟାରେ ଅଲଗା ହୋଇଯାଇଛି। ଏହା ୟୁରୋପ ଏବଂ ବ୍ରିଟେନ ପାଇଁ ଏକ ଐତିହାସିକ ମୁହୂର୍ତ୍ତ ଥିଲା। ଦୀର୍ଘ ଅର୍ଦ୍ଧଶତାବ୍ଦୀର ସମ୍ପର୍କ ଛିନ୍ନ କରି ବ୍ରିଟେନ ଇୟୁରୁ ବିଦାୟ ନେଇ ଏକ ନୂଆ ତଥା ଅନିଶ୍ଚିତ ସକାଳ ଆଡ଼େ ମୁହାଁଇଛି। ୨୮ ସଦସ୍ୟ ବିଶିଷ୍ଟ ୟୁରୋପୀୟ ସଂଘରୁ ଓହରିଯିବାରେ ବ୍ରିଟେନ ପ୍ରଥମ ଦେଶ। ୨୦୧୬ ଗଣଭୋଟଠାରୁ ବ୍ରେକ୍‌ଜିଟକୁ ସମର୍ଥନ କରିଆସୁଥିବା ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ ବ୍ରିଟେନ ପାଇଁ ସମୃଦ୍ଧିର ନୂଆ ଯୁଗ ନିମନ୍ତେ ସମସ୍ତଙ୍କୁ ଏକାଠି କରିବାର ପ୍ରତିଶ୍ରୁତି ଦେଇଛନ୍ତି। ଏହା ଶେଷ ନୁହେଁ ଆରମ୍ଭ ମାତ୍ର ବୋଲି ସେ କହିଛନ୍ତି। ୟୁରୋପୀୟ ସଂଘ ପାଇଁ ଏହା ଏକ ବଡ଼ ପରିବର୍ତ୍ତନ ବୋଲି ଜର୍ମାନ ଚାନ୍‌ସେଲର ଆଞ୍ଜେଲା ମର୍କେଲ କହିଛନ୍ତି। ତେବେ ୧୧ ମାସ ପର୍ଯ୍ୟନ୍ତ ବିଶେଷ କିଛି ପରିବର୍ତ୍ତନ ଅନୁଭୂତ ହେବ ନାହିଁ। କାରଣ ଚୁକ୍ତି ଅନୁଯାୟୀ ବ୍ରିଟିଶମାନେ ଡିସେମ୍ବର ୩୧ ପର୍ଯ୍ୟନ୍ତ ଇୟୁ ରାଷ୍ଟ୍ରଗୁଡ଼ିକ ସହ ଅବାଧରେ ବାଣିଜ୍ୟ ଓ ଅନ୍ୟାନ୍ୟ କାର୍ଯ୍ୟ କରିପାରିବେ। ଆମେ ବ୍ରିଟେନ ସହ ଯଥାସମ୍ଭବ ଭଲ ସମ୍ପର୍କ ରଖିବାକୁ ଚାହିଁବୁ। ତେବେ ଏହା କଦାପି ସଦସ୍ୟତା ଭଳି ଭଲ ହେବନାହିଁ ବୋଲି ୟୁରୋପୀୟ କମିଶନ୍ ଅଧ୍ୟକ୍ଷ ଉର୍‌ସୁଲା ଭନ୍ ଡେର୍ ଲେୟେନ କହିଛନ୍ତି। ଇୟୁରୁ ବ୍ରିଟେନ ଓହରିଯିବା ଆମ ସମସ୍ତଙ୍କ ପାଇଁ ଏକ କ୍ଷତ ବୋଲି ୟୁରୋପୀୟ ପାର୍ଲାମେଣ୍ଟର ଅଧ୍ୟକ୍ଷ ଡାଭିଡ ସାସୋଲି ଟୁଇଟ୍ କରିଛନ୍ତି। ଆସନ୍ତାକାଲିଠାରୁ ଆମେ ବ୍ରିଟେନ ସହ ନୂଆ ସମ୍ପର୍କ ଆରମ୍ଭ କରିବା ବୋଲି ସେ କହିଛନ୍ତି।

## ଘଟଣାକ୍ରମ




**୨୦୧୩ ଜାନୁୟାରୀ ୨୩:** କଞ୍ଜରଭେଟିଭ ପାର୍ଟି ୨୦୧୫ ନିର୍ବାଚନରେ କ୍ଷମତାକୁ ଆସିଲେ ଇୟୁରୁ ବ୍ରିଟେନ ଅଲଗା ହୋଇଯିବ ବୋଲି ପ୍ରଧାନମନ୍ତ୍ରୀ ଡାଭିଡ କାମେରନ ପ୍ରତିଶ୍ରୁତି ଦେଇଥିଲେ।

**୨୦୧୬ ଜୁନ୍ ୨୩:** ୟୁରୋପୀୟ ସଂଘ ଛାଡ଼ିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଗଣଭୋଟ ନିଆଯାଇଥିଲା। ୫୨ ପ୍ରତିଶତ ବ୍ରେକ୍‌ଜିଟ ସପକ୍ଷରେ ଭୋଟ ଦେଇଥିଲେ। ଏହା ପରେ କାମେରନ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ।

**୨୦୧୬ ଜୁଲାଇ ୧୩:** କଞ୍ଜରଭେଟିଭ୍ ପାର୍ଟି ନେତା ନିର୍ବାଚିତ ହେବା ସହ ବ୍ରିଟେନ ପ୍ରଧାନମନ୍ତ୍ରୀ ହୋଇଥିଲେ ଥେରେସା ମେ।

**୨୦୧୮ ନଭେମ୍ବର ୨୫:** ବ୍ରେକ୍‌ଜିଟ ଚୁକ୍ତିକୁ ୟୁରୋପୀୟ ସଂଘ ନେତା ସମର୍ଥନ ଜଣାଇଥିଲେ।

**୨୦୧୯ ଜାନୁୟାରୀ ୧୫:** ଥେରେସାଙ୍କ ବ୍ରେକ୍‌ଜିଟ ଯୋଜନାକୁ ବ୍ରିଟିଶ୍ ଏମ୍‌ପିମାନେ ପ୍ରତ୍ୟାଖ୍ୟାନ କରିଥିଲେ।

**୨୦୧୯ ମାର୍ଚ୍ଚ ୧୨:** ପୁନର୍ବାର ସରକାରଙ୍କ ବ୍ରେକ୍‌ଜିଟ ଯୋଜନା ୩୯୧:୨୪୨ ଭୋଟରେ କାଟ୍ ଖାଇଥିଲା।

**୨୦୧୯ ଜୁନ୍ ୭:** ଟୋରୀ ନେତା ପଦରୁ ଥେରେସା ଓହରିଯାଇଥିଲେ।

**୨୦୧୯ ଜୁଲାଇ ୨୩:** ବୋରିସ୍ ଜନ୍‌ସନ କଞ୍ଜରଭେଟିଭ ପାର୍ଟି ନେତା ନିର୍ବାଚିତ ହୋଇ ବ୍ରିଟେନର ନୂଆ ପ୍ରଧାନମନ୍ତ୍ରୀ ହେଲେ।

**୨୦୧୯ ଡିସେମ୍ବର ୧୨:** ପ୍ରଧାନମନ୍ତ୍ରୀ ଜନସନଙ୍କ କଞ୍ଜରଭେଟିଭ ପାର୍ଟି ସାଧାରଣ ନିର୍ବାଚନରେ ବିଜୟୀ ହେଲା।

**୨୦୨୦ ଜାନୁୟାରୀ ୨୩:** ବ୍ରିଟେନ୍‌ର ବେକ୍‌ଜିଟ ବିଲ୍ ଆଇନରେ ପରିଣତ ହେଲା।

**୨୦୨୦ ଜାନୁୟାରୀ ୨୯:** ବ୍ରେକ୍‌ଜିଟ୍ ଚୁକ୍ତିକୁ ୟୁରୋପୀୟ ପାର୍ଲାମେଣ୍ଟର ଅନୁମୋଦନ।

**୨୦୨୦ ଜାନୁୟାରୀ ୩୧ ରାତି ୧୧ଟା:** ଇୟୁ ଛାଡ଼ିଲା ବ୍ରିଟେନ।

## 'ଅନନ୍ତ କାଳ ଯାଏ ଦିଆଯିବନି ଫାଶୀ'

**ନୂଆଦିଲ୍ଲୀ,୩୧।୧(ଆଇଏଏନ୍‌ଏସ୍)**

**ଦୋଷୀଙ୍କ ଓକିଲ ଚ୍ୟାଲେଞ୍ଜ କରିଥିବା ଅଭିଯୋଗ ଆଣିଲେ ନିର୍ଭୟାଙ୍କ ମା'**




ନିର୍ଭୟା ବଳାତ୍କାରୀ ଓ ହତ୍ୟାକାରୀମାନଙ୍କୁ ଅନନ୍ତ କାଳ ପର୍ଯ୍ୟନ୍ତ ଫାଶୀ ଦିଆଯିବ ନାହିଁ। ଦୋଷୀମାନଙ୍କ ଓକିଲ ଏ.ପି. ସିଂ ଏପରି ଚ୍ୟାଲେଞ୍ଜ କରିଥିବା ନିର୍ଭୟାଙ୍କ ମା' ଆଶାଦେବୀ ଅଭିଯୋଗ ଆଣିଛନ୍ତି। ପ୍ରଥମେ ଜାନୁୟାରୀ ୨୨ ଓ ପରେ ଫେବୃୟାରୀ ୧ରେ ଫାଶୀ ଦେବା ପାଇଁ ୱାରେଣ୍ଟ ଜାରି କରାଯିବା ପରେ ପଟିଆଲା ହାଉସ୍ କୋର୍ଟ ଏହା ଉପରେ ରୋକ ଲଗାଇଛନ୍ତି। ଏହାକୁ ନେଇ ସେ କୋର୍ଟ ପରିସରରେ ଭାଙ୍ଗିପଡ଼ିଥିଲେ। ତେବେ ଝିଅର ଦୋଷୀମାନଙ୍କୁ ଫାଶୀ ଦିଆ ନ ଯିବା ପର୍ଯ୍ୟନ୍ତ ସେ ଶାନ୍ତିରେ ଶୋଇବେ ନାହିଁ। ଲଢ଼େଇ ଜାରି ରଖିବେ ବୋଲି ଆଶାଦୋବୀ ଦୃଢ଼ୋକ୍ତି ବାଢ଼ିଛନ୍ତି।

## ପବନଙ୍କ ରିଭ୍ୟୁ ପିଟିଶନ ଖାରଜ

**ନୂଆଦିଲ୍ଲୀ,୩୧।୧(ଆଇଏଏନ୍‌ଏସ୍)**

ନିର୍ଭୟା ମାମଲାର ଅନ୍ୟତମ ଦୋଷୀ ପବନ ଗୁପ୍ତାଙ୍କ ରିଭ୍ୟୁ ପିଟିଶନକୁ ସୁପ୍ରିମକୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି। ୨୦୧୨ରେ ଅପରାଧ ଘଟାଇବାବେଳେ ପବନ ନାବାଳକ ଥିବା ଦର୍ଶାଇ ଦିଲ୍ଲୀ ହାଇକୋର୍ଟରେ ଏକ ପିଟିଶନ ଦାଏର କରିଥିଲେ। ହାଇକୋର୍ଟ ସମସ୍ତ ବିଷୟ ଅନୁଧ୍ୟାନ କରି ତାଙ୍କ ଆବେଦନକୁ ଖାରଜ କରିଦେଇଥିଲେ। ସେ ଏହାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟ ପବନଙ୍କ ପିଟିଶନକୁ ଖାରଜ କରିବା ପରେ ସେ ପୁଣି ଏହାର ପୁନର୍ବିଚାର ପାଇଁ ରିଭ୍ୟୁ ପିଟିଶନ ଦାଏର କରିଥିଲେ। ଜଷ୍ଟିସ୍ ଅଶୋକ ଭୂଷଣ, ଏ.ଏସ୍. ବୋପାନ୍ନା ଏବଂ ଆର୍. ବାନୁମତୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଚ୍ୟାମ୍ବରରେ ଶୁକ୍ରବାର ଏହାର ଶୁଣାଣି କରି କହିଛନ୍ତି, ପବନ ଗୁପ୍ତାଙ୍କ ନାବାଳକତ୍ୱ ପ୍ରସଙ୍ଗକୁ ନେଇ କୋର୍ଟଗୁଡ଼ିକରେ ଅନେକ ଥର ଶୁଣାଣି ହେଲାଣି। ଆମେ ସମାନ ପ୍ରସଙ୍ଗରେ ଆଉ କେତେ ବିଚାର କରିବୁ। ପ୍ରକାଶ ଯେ, ପବନ ଅପରାଧ ଘଟାଇବା ସମୟରେ ନାବାଳକ ନ ଥିଲେ ବୋଲି ୨୦୧୩ରେ ଏକ ଜୁଭେନାଇଲ ବୋର୍ଡ ଘୋଷଣା କରିଥିଲେ।

### [ଇତିହାସର ଆଇନାରେ]

**ଫେବୃୟାରୀ ୧ର ପ୍ରମୁଖ ଘଟଣା**

୧୯୯୨ ଫେବୃୟାରୀ ୧ରେ ଭୋପାଳ କୋର୍ଟର ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ୟୁନିୟନ୍ କାର୍ବାଇଡର ପୂର୍ବତନ ସିଇଓ ୱାରେନ୍ ଆଣ୍ଡରସନ୍‌ଙ୍କୁ ପଳାତକ ଘୋଷଣା କରିଥିଲେ। ଭୋପାଳ ଗ୍ୟାସ୍ ଟ୍ରାଜେଡି ମାମଲାରେ ସେ କୋର୍ଟରେ ହାଜର ନ ହେବାରୁ ଭାରତୀୟ ଆଇନ ଅନୁଯାୟୀ ବିଚାରପତି ଏଭଳି ଘୋଷଣା କରିଥିଲେ।

୨୦୦୪ ଫେବୃୟାରୀ ୧ରେ ସୌଦି ଆରବର ମକ୍କାରେ ଅନୁଷ୍ଠିତ ପବିତ୍ର ହଜ୍‌ଯାତ୍ରା ବେଳେ ଦଳାଚକଟା ହେବାରୁ ୨୫୪ ଜଣ ଶ୍ରଦ୍ଧାଳୁଙ୍କ ପ୍ରାଣହାନି ଘଟିଥିଲା। ପ୍ରାୟ ୨୫୦ ଜଣ ଏଥିରେ ଆହତ ହୋଇଥିଲେ। ପ୍ରତିବର୍ଷ ଏଠାରେ ହଜ୍ ଲାଗି ପ୍ରବଳ ଜନସମାଗମ ହୋଇଥାଏ।

## ବଦଳିବ ବହିର୍ବ୍ୟାପାର ମନ୍ତ୍ରଣାଳୟ ଢାଞ୍ଚା



**ନୂଆଦିଲ୍ଲୀ,୩୧।୧(ଆଇଏଏନ୍‌ଏସ୍)**

ବହିର୍ବ୍ୟାପାର ମନ୍ତ୍ରଣାଳୟ (ଏମ୍‌ଇଏ)ର ପ୍ରଶାସନିକ ସ୍ତରରେ ଏକ ବଡ଼ଧରଣର ସଂସ୍କାର ଆଣିବା ପାଇଁ କେନ୍ଦ୍ର ସରକାର ଏଥିରେ ଢାଞ୍ଚାଗତ ପରିବର୍ତ୍ତନ କରିବାକୁ ଯାଉଛନ୍ତି। ମନ୍ତ୍ରଣାଳୟ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ ଏମ୍‌ଇଏର ବିକେନ୍ଦ୍ରୀକରଣ କରାଯିବ। କନ୍‌ସୁଲାର ସେବାଗୁଡ଼ିକରେ ଭିନ୍ନ ଭିନ୍ନ ବ୍ୟବସ୍ଥା କରାଯିବ। ଏହାସହ ପ୍ରଶାସନିକ ବ୍ୟାପାରକୁ ମଧ୍ୟ କୂଟନୈତିକ ବ୍ୟପାରରୁ ପୃଥକ୍ କରାଯିବ। ପ୍ରତ୍ୟେକ ବିଭାଗରେ ଅତିରିକ୍ତ ସଚିବସ୍ତରର ଜଣେ ଲେଖାଏ 'ପଲିଟିକାଲ ଡାଇରେକ୍ଟର' ରହିବେ ବୋଲି ଜଣାପଡ଼ିଛି।

## ୨ ହଜାର କୋଟି ଟଙ୍କାର ହେରୋଇନ୍ ଜବତ

**ଅମୃତସର, ୩୧।୧**

ପଞ୍ଜାବ ପୋଲିସ ଶୁକ୍ରବାର ସୁଲ୍‌ତାନ୍‌ୱିଣ୍ଡ ଗ୍ରାମରେ ଥିବା ଏକ ଘରୁ ୨୦୦ କେ.ଜି. ଓଜନର ହେରୋଇନ୍ ଜବତ କରିବା ସହ ୬ ଜଣଙ୍କୁ ଗିରଫ କରିଛି। ଜବତ ହିରୋଇନର ଦାମ୍ ୨୦୦୦କୋଟି ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ଗିରଫ ବ୍ୟକ୍ତିଙ୍କ ମଧ୍ୟରେ ଜଣେ ଆଫ୍‌ଗାନ୍ ନାଗରିକ ଅଛନ୍ତି। ଅନ୍ୟ ପଦାର୍ଥ ମଧ୍ୟରେ ୩୮ କେ.ଜି. ଡେକ୍ସଟ୍ରୋମେଥୋର୍ଫାନ୍,, ୨୫ କେ.ଜି. କାଫେନ୍ ପାଉଡର ଜବତ କରାଯାଇଛି। ଏଗୁଡ଼ିକ ହେରୋଇନରେ ମିଶାଇ ବିକ୍ରି କରାଯିବାର ଯୋଜନା ଥିଲା ବୋଲି ଏସ୍‌ଟିଏଫ୍ ପକ୍ଷରୁ କୁହାଯାଇଛି। ଘର ଭିତରେ ବେଆଇନ ଭାବେ ନିର୍ମିତ ଲ୍ୟାବ୍‌କୁ ମଧ୍ୟ ଠାକ କରାଯାଇଛି।

**୬ ଗିରଫ**




ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

ରାଜ୍ୟ-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ସାମାନ୍ୟ ବର୍ଷା ହେବା ସହ ଶୀତ ଅନୁଭୂତ ହେବ।

ସ୍ଥାନୀୟ ଅଞ୍ଚଳ- ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ପାଗ ଆଂଶିକ ମେଘୁଆ ରହିବ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୧୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୫.୬ | ୧୪.୯ |
| ଚାନ୍ଦବାଲି | ୨୫.୦ | ୧୮.୦ |
| କଟକ | -- | -- |
| ପାରାଦ୍ୱୀପ | ୨୫.୪ | ୨୦.୦ |
| ଭୁବନେଶ୍ୱର | ୨୭.୯ | ୨୦.୧ |
| ଗୋପାଳପୁର | ୨୮.୫ | ୨୦.୪ |
| ପୁରୀ | ୨୭.୦ | ୧୮.୮ |
| ଅନୁଗୋଳ | ୨୮.୭ | ୧୨.୦ |
| ବାରିପଦା | ୨୪.୬ | ୧୫.୬ |
| ଝାରସୁଗୁଡ଼ା | ୨୬.୬ | ୧୧.୬ |
| କେନ୍ଦୁଝର | ୨୬.୨ | ୧୩.୪ |
| ସମ୍ବଲପୁର | ୨୭.୬ | ୧୩.୯ |
| ସୁନ୍ଦରଗଡ଼ | ୨୮.୫ | ୧୪.୦ |
| ହୀରାକୁଦ | ୨୭.୩ | ୧୫.୩ |
| ତାଳଚେର | ୨୯.୬ | ୧୫.୩ |
| ଭବାନୀପାଟଣା | ୨୭.୫ | ୧୪.୫ |
| ବଲାଙ୍ଗୀର | ୨୮.୫ | ୧୬.୦ |
| କୋରାପୁଟ | ୨୭.୦ | ୧୩.୦ |
| ଫୁଲବାଣୀ | ୨୬.୨ | ୧୩.୫ |
| ଟିଟିଲାଗଡ଼ | ୨୯.୨ | ୧୧.୧ |
| ମାଲକାନଗିରି | ୩୨.୦ | -- |
| ସୋନପୁର | ୨୭.୮ | ୧୦.୦ |
| ଦାରିଙ୍ଗିବାଡ଼ି | ୨୫.୦ | ୧୨.୫ |

ଡିଗ୍ରୀ ସେଲ୍‌ସିୟସ୍

# ସାଧାରଣ ବିଜ୍ଞାନ (GENERAL SCIENCE)

ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ...

**କିମ୍ବା,(a)** ଖଣ୍ଡିଆ ହୋଇ ରକ୍ତ ବାହାରିଲେ କ୍ଷତ ଟିସୁ ଓ ଭାଙ୍ଗିଯାଇଥିବା ଅଣୁଚକ୍ରିକା ବାୟୁ ସଂସ୍ପର୍ଶରେ ଆସିବା ଫଳରେ କ୍ଷତ ସ୍ଥାନରେ ଥ୍ରମ୍ବୋପ୍ଲାଷ୍ଟିନ୍ ନାମକ ଲିପୋପ୍ରୋଟିନ୍ ସୃଷ୍ଟି ହୁଏ।

**(b)** ଏହା ରକ୍ତରେ ଥିବା $CO^{++}$ ଆୟନ ତଥା ଏନ୍‌ଜାଇମ୍ ଉପସ୍ଥିତିରେ ପ୍ଲାଜମାରେ ଥିବା ପ୍ରୋଟିନ୍ ପ୍ରୋଥ୍ରମ୍ବିନ୍‌କୁ ଥ୍ରମ୍ବିନ୍ ନାମକ ଏକ ସକ୍ରିୟ ଏନଜାଇମ୍‌ରେ ପରିଣତ କରାଏ।

**(c)** ଥ୍ରମ୍ବିନ୍ ପ୍ରଭାବରେ ଫାଇବ୍ରିନୋଜେନ୍ ନାମକ ଅନ୍ୟ ଏକ ପ୍ଲାଜମା-ପ୍ରୋଟିନ୍ ଫାଇବ୍ରିନ୍‌ରେ ପରିଣତ ହୁଏ। ଅଦ୍ରବଣୀୟ ଓ ତନ୍ତୁପରି ଥିବା ଏହି ପ୍ରୋଟିନ୍ କ୍ଷତ ସ୍ଥାନରେ ଠୁଳହୋଇ ସେଠାରେ ଏକ ସୂକ୍ଷ୍ମ ଜାଲ ତିଆରି କରେ।

**(d)** ଏହି ଜାଲରେ ରକ୍ତକଣିକା ଓ ଅଣୁଚକ୍ରିକା ଛନ୍ଦିହେବାଦ୍ୱାରା କ୍ଷତ ସ୍ଥାନ ଉପରେ ଏକ ପତଳା ଆସ୍ତରଣ ତିଆରି ହେବାଫଳରେ କ୍ଷତରୁ ରକ୍ତ ବାହାରି ନ ପାରି ରକ୍ତସ୍ରାବ ବନ୍ଦ ହୋଇଯାଏ।

**(ii)(a) ପ୍ରବେଶ ପାତ୍ର :** ଏଥିରେ ଗୋବର ଓ ପାଣି 4:5 ଆୟତନ ଅନୁପାତରେ ମିଶାଇ ମଣ୍ଡ କରାଯାଇ ପ୍ରବେଶ ପାତ୍ରରେ ଭର୍ତ୍ତି କରାଯାଏ।

**(b) ଡାଇଜେଷ୍ଟର୍ କୂପ :** ଏହାର ଚାରିକାନ୍ଥ ଇଟା ଓ ସିମେଣ୍ଟରେ ତିଆରି ହୋଇଥାଏ। ଏହାର ପ୍ରାୟ ଏକ ତୃତୀୟାଂଶ ଭୂମିର ଉପରକୁ ଓ ଦୁଇ ତୃତୀୟାଂଶ ଭୂମିଠାରୁ ତଳକୁ ଥାଏ।

**(c) ଧାତୁ ନିର୍ମିତ ଡୋମ୍ :** ଏହି ଡୋମ୍‌ଟି ଇସ୍ପାତରେ ନିର୍ମିତ। ଏବେ ସିମେଣ୍ଟ ଓ କଂକ୍ରିଟ୍‌ରେ ଡୋମ୍ ନିର୍ମାଣ କରାଯାଇଛି। ଏହା କୂପକୁ ସଂପୂର୍ଣ୍ଣ ରୂପେ ଘୋଡ଼ାଇ ବାୟୁରୋଧୀ କରିଥାଏ।

**(d) ନିର୍ଗମ ନଳୀ :** ଏହି ଧାତବ ନଳୀ ଦେଇ ଗ୍ୟାସ୍ ରୋଷେଇ ଘର ଚୁଲାକୁ ଯାଏ। ନିୟନ୍ତ୍ରିତ ଚାପରେ ଏହାକୁ ଜଳାଇବାର ବ୍ୟବସ୍ଥା ହୋଇଥାଏ।

**କିମ୍ବା, (a) ପ୍ରଥମ ନିୟମ :** ଶକ୍ତିର ସୃଷ୍ଟି ନାହିଁ କି ବିଲୟ ନାହିଁ। ଏହା କେବଳ ଗୋଟିଏ ରୂପରୁ ଅନ୍ୟ ରୂପକୁ ସ୍ଥାନାନ୍ତରିତ ହୋଇଥାଏ।

**(b) ଦ୍ୱିତୀୟ ନିୟମ :** କୌଣସି କ୍ଷେତ୍ରରେ ଶକ୍ତିର ରୂପାନ୍ତରଣ ବା ସ୍ଥାନାନ୍ତରଣ ସଂପୂର୍ଣ୍ଣ ଭାବେ ହୋଇନଥାଏ। କିଛି ଶକ୍ତି ତାପ ରୂପେ ଅପସାରିତ ହୋଇଥାଏ।

**(c)** ପରିସଂସ୍ଥାରେ ଶକ୍ତିର ପ୍ରବାହ ସୂର୍ଯ୍ୟଙ୍କଠାରୁ ଆରମ୍ଭ ହୋଇ ଉତ୍ପାଦକ, ତୃଣଭୋଜୀ, ମାଂସାଶୀ କ୍ରମ 1 ଓ 2 ତଥା ଶୀର୍ଷ ଭକ୍ଷକଠାରେ ପହଞ୍ଚେ।

**(d)** ଯେକୌଣସି ପରିସଂସ୍ଥାରେ ଶକ୍ତିର ପ୍ରବାହ ସୂର୍ଯ୍ୟଙ୍କଠାରୁ ସ୍ୱଭୋଜୀ ଏବଂ ତା'ପରେ ସମସ୍ତ ଭକ୍ଷକ ଓ ଅପଘଟକମାନଙ୍କ ଭିତରେ ସିଧାସଳଖ ଏକ ଦିଗରେ ହୋଇଥାଏ। ତେଣୁ ଶକ୍ତିର ପ୍ରବାହ ଏକ ତରଫା।

**(e) ଶକ୍ତିର ପ୍ରବାହ :**

ଉତ୍ପାଦକ → ତୃଣଭୋଜୀ → ମାଂସାଶୀ-1 → ମାଂସାଶୀ-2
(100 Cal) (10 Cal) (1Cal) (0.1 Cal)

ଶେଷ ସ୍ତରରେ ସବୁଠାରୁ କମ୍ ଶକ୍ତି ମିଳିଥାଏ।

**15. (i) ବାୟୁ ଉପଜୀବୀ ଶ୍ୱସନ**

(a) ଅମ୍ଳଜାନ ଆବଶ୍ୟକ।
(b) ଏଥିରେ 38 ଟି ATP ଅଣୁ ଗଠିତ ହୁଏ।
(c) ଏଥିରେ ଅଙ୍ଗାରକାମ୍ଳ ଓ ଜଳ ମୁକ୍ତ ହୋଇଥାଏ।
(d) ଏଥିରେ ଗ୍ଲୁକୋଜ୍‌ର ସଂପୂର୍ଣ୍ଣ ଜାରଣ ହୁଏ।

**ବାୟୁ ଅପଜୀବୀ ଶ୍ୱସନ**

(a) ଅମ୍ଳଜାନ ଅନାବଶ୍ୟକ।
(b) ଏଥିରେ 2 ଟି ATT ଅଣୁ ଗଠିତ ହୁଏ।
(c) ଏଥିରେ ସୁରାସାର ବା ଲାକ୍‌ଟିକ୍ ଅମ୍ଳ ସୃଷ୍ଟି ହୋଇଥାଏ।
(d) ଏଥିରେ ଗ୍ଲୁକୋଜ୍‌ର ଅସଂପୂର୍ଣ୍ଣ ଜାରଣ ହୁଏ।

**କିମ୍ବା, ଏନ୍‌ଜାଇମ୍**

(a) ଏହା ବହିଃସ୍ରାବୀ ଗ୍ରନ୍ଥିରୁ କ୍ଷରିତ ହୁଏ।
(b) ରାସାୟନିକ ପ୍ରକ୍ରିୟା ପରେ ଏନ୍‌ଜାଇମ୍‌ର ଗଠନରେ କୌଣସ ପରିବର୍ତ୍ତନ ହୁଏ ନାହିଁ।
(c) ଉଦାହରଣ : ଲାଳରେ ଥିବା ଟାୟାଲିନ୍।

**ହରମୋନ୍**

(a) ଏହା ଅନ୍ତଃସ୍ରାବୀ ଗ୍ରନ୍ଥିରୁ କ୍ଷରିତ ହୁଏ।
(b) ନିର୍ଦ୍ଦିଷ୍ଟ କାର୍ଯ୍ୟ ସରିବା ପରେ ହରମୋନ୍ ନଷ୍ଟ ହୋଇଯାଏ।
(c) ଉଦାହରଣ : ଥାଇରଏଡ୍ ଗ୍ରନ୍ଥିରୁ କ୍ଷରିତ ଥାଇରକ୍ସିନ୍।

**(ii) (a)** ଶିଳ୍ପସଂସ୍ଥାମାନେ ଅଧିକ ଜଳ ଆବଶ୍ୟକ କରିଥାନ୍ତି। ଏହି ସଂସ୍ଥାରୁ ଦୂଷିତ ଜଳ ନିର୍ଗତ ହୋଇ ବିଶୋଧିତ ନ ହୋଇ ଭୂପୃଷ୍ଠ ଜଳରେ ମିଶିବା ଦ୍ୱାରା ଜଳ ପ୍ରଦୂଷଣ ହୋଇଥାଏ।

**(b)** ଶିଳ୍ପସଂସ୍ଥାମାନେ ବ୍ୟବହାର କରୁଥିବା ଜଳକୁ ଆବଶ୍ୟକତାନୁସାରେ ବିଶୋଧିତ କରି ପୁନଷ୍କ୍ରଣ କରିପାରିଲେ ପ୍ରଦୂଷଣଜନିତ ସମସ୍ୟା ଦୂର ହୋଇଥାଏ।

**(c)** ଜଳର ପୁନଷ୍କ୍ରଣ ଯୋଗୁଁ ଶିଳ୍ପ ସଂସ୍ଥାମାନଙ୍କର ଜଳର ଆବଶ୍ୟକତା ଭରଣା କରାଯାଇପାରିବ ଏବଂ ଭୂପୃଷ୍ଠ ଜଳ ସମ୍ପଦ ଉପରେ ସେମାନଙ୍କର ନିର୍ଭରଶୀଳତା କିଛି ମାତ୍ରାରେ କମିଯାଏ।

**କିମ୍ବା, (a)** ଜଳବାୟୁ ଓ ଏହାକୁ ନିୟନ୍ତ୍ରଣ କରୁଥିବା କାରକ, ଯଥା-ତାପମାତ୍ରା, ଆର୍ଦ୍ରତା ଓ ଆଲୋକ ଇତ୍ୟାଦି।

**(b)** ଜୀବ-ଭୂତତ୍ତ୍ୱ -ରସାୟନ ଚକ୍ର ବା ପୋଷକ ଚକ୍ରରେ ଭାଗନେଉଥିବା ଜଳ, ଅଙ୍ଗାରକ, ଯବକ୍ଷାରଜାନ, ଗନ୍ଧକ, ଫସଫରସ ପରି ଅଜୈବ ପଦାର୍ଥ।

**(c)** ପୁଷ୍ଟିସାର, ସ୍ନେହସାର ଓ ଶ୍ୱେତସାର ପରି ଜୈବିକ ପଦାର୍ଥ ଯାହା ଜୀବର ଶରୀରଗଠନ ଆଦିରେ ସାହାଯ୍ୟ କରିବା ସହ ଜୈବିକ ଉପାଦାନମାନଙ୍କ ମଧ୍ୟରେ ସଂଯୋଗ ସୃଷ୍ଟି କରନ୍ତି।

**(iii)**




**(ମଣିଷ ହୃତ୍‌ପିଣ୍ଡର ବାହ୍ୟଗଠନ)**

**କିମ୍ବା,**




**(ସ୍ନାୟୁକୋଷ)**

**16.(i) (a)** ବାୟୁ ଉପଜୀବୀ ଶ୍ୱସନରେ ମାଇଟୋକଣ୍ଡ୍ରିଆରେ ଅନେକ ପ୍ରକାର ଏନ୍‌ଜାଇମ୍ ଓ କୋଏନ୍‌ଜାଇମ୍ ଥିବାଯୋଗୁଁ ପାଇରୁଭେଟ୍‌ରୁ ସାଇଟ୍ରିକ୍ ଅମ୍ଳ ଓ ପରେ ପରେ ବିଭିନ୍ନ ଅମ୍ଳ ଚକ୍ରାକାରରେ ସୃଷ୍ଟି ହୁଏ।

**(b)** ସାର୍ ହାନ୍‌ସ କ୍ରେବ୍‌ସ ଏହି ସଂପର୍କରେ ଅଧିକ ଗବେଷଣା କରି ଏହାର କୌଶଳ ଦର୍ଶାଇଥିଲେ, ତେଣୁ ତାଙ୍କ ନାମାନୁସାରେ ସାଇଟ୍ରିକ୍ ଅମ୍ଳ ଚକ୍ରକୁ କ୍ରେବ୍‌ସ ଚକ୍ର କୁହାଯାଏ।

**କିମ୍ବା,(a)** ଯକୃତ୍‌ରେ ଏମୋନିଆ ଓ ଅଙ୍ଗାରକାମ୍ଳର ରାସାୟନିକ ସଂଯୋଗ ଘଟି ୟୁରିଆ ଗଠିତ ହୁଏ।

**(b)** ଏହା ବୃକ୍‌କ ଦ୍ୱାରା ନିଷ୍କାସିତ ହୁଏ।

**(ii) (a)** ଏଥିଲିନ୍ ଓ ଆବ୍‌ସିସିକ୍ ଅମ୍ଳ ବୃଦ୍ଧିହ୍ରାସକ ହରମୋନ୍ ଅଟନ୍ତି।

**(b)** ଏଗୁଡ଼ିକ ଉଦ୍ଭିଦର ବୃଦ୍ଧି ହ୍ରାସ କରିବା, ପତ୍ର, ଫୁଲ ଓ ଫଳ ଝଡ଼ାଇବା ସହିତ ଉଦ୍ଭିଦର ବାର୍ଦ୍ଧକ୍ୟ ତ୍ୱରାନ୍ୱିତ କରନ୍ତି।

**କିମ୍ବା, (a)** ଉଦ୍ଭିଦରେ ବିକଶିତ ହେଉଥିବା ପ୍ରତ୍ୟେକ ଗୁଣ ଗୋଟିଏ ଲେଖାଏଁ କାରକ ଦ୍ୱାରା ନିୟନ୍ତ୍ରିତ। କାରକମାନେ ସର୍ବଦା ଯୋଡ଼ା ହୋଇ ରହିଥାନ୍ତି, ଯଥା: TT ଡେଙ୍ଗା, (tt) ଗେଡ଼ା ଇତ୍ୟାଦି।

**(b)** ପ୍ରତିଯୋଡ଼ାରେ ଦୁଇଟି ଏକ ପ୍ରକାର କାରକ (T T ବା tt) ବା ବିକଳ୍ପ କାରକ (Tt) ରହିଥାନ୍ତି। ଅର୍ଦ୍ଧ ବିଭାଜନବେଳେ ତନ୍ମଧ୍ୟରୁ ଗୋଟିଏ ପ୍ରତ୍ୟେକ ଯୁଗ୍ମକକୁ ଯାଇଥାଏ ଓ ଯୁଗ୍ମଜ ଗଠନ ସମୟରେ ଦୁଇଟି ଯୁଗ୍ମକର କାରକ ମିଶି ଏକ ଯୋଡ଼ା କାରକ ହୋଇଥାଏ।

**(iii)(a)** ନଦୀର ମୁହାଣରେ ଜଳାଶୟ ନିର୍ମାଣ କରାଯାଇ ଯେଉଁ ଗେଟ୍ ଲଗାଯାଏ, ତାହାକୁ ସ୍ଲୁଇସ୍ ଗେଟ୍ କୁହାଯାଏ।

**(b)** ଉଚ୍ଚ ଜୁଆର ଆସିବା ସମୟରେ ଗେଟ୍‌କୁ ଖୋଲିଦିଆଯାଏ ଏବଂ ଜଳ ପ୍ରବେଶ କଲାପରେ ଗେଟ୍‌କୁ ବନ୍ଦ କରିଦିଆଯାଏ। ଏହାଦ୍ୱାରା ଜଳଭଣ୍ଡାର ସୃଷ୍ଟି କରାଯାଇଥାଏ।

**କିମ୍ବା, (a)** କଳକାରଖାନା ଓ ମୋଟରଯାନରୁ ନିର୍ଗତ $SO_2$ ଓ $NO_2$ ବାୟୁମଣ୍ଡଳକୁ ଯାଇ ଜଳୀୟବାଷ୍ପ ସହ ମିଶି ସଲଫ୍ୟୁରିକ୍ ଅମ୍ଳ ଓ ନାଇଟ୍ରିକ୍ ଅମ୍ଳରେ ପରିଣତ ହେବା ଫଳରେ ଅମ୍ଳ ବର୍ଷା ହୁଏ।

**(b)** ଏହାର ପ୍ରଭାବରେ ଜଙ୍ଗଲ, ଘାସପଡ଼ିଆ ଓ ଶସ୍ୟକ୍ଷେତ୍ରର ଉତ୍ପାଦନ କ୍ଷମତା ହ୍ରାସ ପାଇଲାଣି।

**(iv) (a)** ଗୋଟିଏ ଅଞ୍ଚଳରେ ବାସ କରୁଥିବା ସମସ୍ତ ଜୀବ (ଉଦ୍ଭିଦ, ପ୍ରାଣୀ, ଅଣୁଜୀବ) ଓ ନିର୍ଜୀବ ବସ୍ତୁ (ମାଟି, ପାଣି, ପବନ) କୁ ନେଇ ପରିସଂସ୍ଥା ଗଠିତ।

**(b)** ପରିସଂସ୍ଥା ଶବ୍ଦର ବ୍ୟବହାର ପ୍ରଥମେ 1935 ମସିହାରେ ଏ.ଜି. ଟାନ୍‌ସଲେ କରିଥିଲେ।

**କିମ୍ବା, (a)** ଆପ୍ପିକୋର ଅର୍ଥ କୁଣ୍ଢାଇ ଧରିବା। ଏହି ଆନ୍ଦୋଳନ 1983 ମସିହାରେ କର୍ଣ୍ଣାଟକରେ ସୂତ୍ରପାତ ହୋଇଥିଲା।

**(b)** ଏହି ଆନ୍ଦୋଳନ କ୍ରମଶଃ ଦେଶର ବିଭିନ୍ନ ଅଞ୍ଚଳକୁ ବ୍ୟାପିଲା ଓ ଲୋକମାନେ ସେମାନଙ୍କ ଅଞ୍ଚଳର ଜଙ୍ଗଲ ସୁରକ୍ଷା ନିମନ୍ତେ ଆଗଭର ହେଲେ।

❑❑❑



ନିଷ୍ପାପର ଲୋକ ହିଁ ଅନ୍ୟର ନିଷ୍ପାକୁ ଚିହ୍ନିପାରେ।
- କାର୍ଲାଇଲ



# ଆଜିଠାରୁ ଖଣ୍ଡଗିରି କୁମ୍ଭମେଳା

ଭୁବନେଶ୍ୱର,୩୧।୧(ବ୍ୟୁରୋ)

■ ୩ ହଜାରରୁ ଊର୍ଦ୍ଧ୍ୱ ସାଧୁସନ୍ଥଙ୍କ ସମାଗମ
■ ବିଶ୍ୱଶାନ୍ତି ପାଇଁ ୯ଦିନ ଧରି ହେବ ଯଜ୍ଞ

ଶନିବାରଠାରୁ ଆରମ୍ଭ ହେଉଛି ପ୍ରସିଦ୍ଧ ଖଣ୍ଡଗିରି ମାଘ ସପ୍ତମୀ ମେଳା। ଏଥିପାଇଁ ଉତ୍ସବମୁଖର ହୋଇଉଠିଛି ଖଣ୍ଡଗିରି ଉଦୟଗିରି ପାଦଦେଶ। ସାରା ଦେଶରୁ ୩ହଜାରରୁ ଊର୍ଦ୍ଧ୍ୱ ସାଧୁସନ୍ଥଙ୍କ ସମାଗମ ହୋଇଥିବାବେଳେ ପ୍ରତ୍ୟୁଷରୁ ଧୁନି ସ୍ଥାପନ ପରେ ଉଚ୍ଛୁଳି ଉଠିବ ମେଳା ପରିସର। ହଜାର ବର୍ଷ ତଳର ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ଆୟୋଜିତ ଏହି ମେଳା ସାରା ବିଶ୍ୱକୁ ଆଧ୍ୟାତ୍ମିକ ବାର୍ତ୍ତା ଦେବ।

କିମ୍ବଦନ୍ତୀ ଅନୁସାରେ, କଳିଙ୍ଗ ସମ୍ରାଟ ମହାମେଘନାଦ ଐର ଖାରବେଳଙ୍କ ସମୟରୁ ଜୈନ ସନ୍ଥମାନେ ଏଠାକୁ ସାଧନା ପାଇଁ ଆସୁଥିଲେ। ସେହିପରି ପାରଳାଖେମୁଣ୍ଡି ରାଜାଙ୍କ ପୁତ୍ର ସନ୍ଥ ଅରକ୍ଷିତ ଦାସ ୧୭ବର୍ଷ ଧରି ଲାଞ୍ଛନା, ଯାତନା ଓ ନିର୍ଯାତନା ସହି ଏଠାରେ ସାଧନା କରିଥିଲେ। ଏହି ପରମ୍ପରା ମୁତାବକ ମା' ବାରଭୁଜାଙ୍କ ସାଧନା ପୀଠରେ ସନ୍ଥମାନେ ନିଜ ନିଜ ଉପାୟରେ ଈଶ୍ୱରପ୍ରାପ୍ତି ପାଇଁ ସାଧନା କରିବେ। ବିଶ୍ୱଶାନ୍ତି ପାଇଁ ଦୀର୍ଘ ୯ଦିନ ଧରି ଏଠାରେ ଯଜ୍ଞ କରାଯିବ। ପ୍ରତିଦିନ ଅଖଣ୍ଡ ଧ୍ୱନି, ନାମ ଯଜ୍ଞ, ଗୀତାଜ୍ଞାନ ଯଜ୍ଞ ଆହୂତି, ନାମ ସଂକୀର୍ତ୍ତନ, ଆତ୍ମନାରାୟଣ ସେବା, ସାଧୁସନ୍ଥଙ୍କର ମହାମିଳନ ହେବ। ଉତ୍ତର ଭାରତରୁ ନାଗାନ୍ଦୀ, ବେଦାନ୍ତି, ରାମାନନ୍ଦୀ ଓ କୃଷ୍ଣାନ୍ଦୀ ଆଦି ସନ୍ଥମାନେ ଏଠାରେ ପହଞ୍ଚିସାରିଛନ୍ତି। ଭୋର୍ ୩ଟାରୁ ସାଧୁସନ୍ଥମାନେ ଅର୍କକ୍ଷେତ୍ର କୋଣାର୍କର ଚନ୍ଦ୍ରଭାଗାରେ ବୁଡ ପକାଇବା ପରେ ସୂର୍ଯ୍ୟ ଅଗ୍ନି ଧରି ଖଣ୍ଡଗିରି କୁମ୍ଭମେଳାସ୍ଥଳରେ ପହଞ୍ଚି ଧୁନି ସ୍ଥାପନ କରିବେ।

ଏହି ଉପଲକ୍ଷେ ଖଣ୍ଡଗିରିର ଅଧିଷ୍ଠାତ୍ରୀ ମା' ବାରଭୁଜାଙ୍କ ପୂଜା ପାଇଁ ଅଖଣ୍ଡ ଦୀପ ଜଳାଇବା ଲାଗି ବ୍ୟବସ୍ଥା କରାଯିବା ସହ ହନୁମାନଙ୍କ ନିକଟରେ ରାମଚରିତ ମାନସ ଓ ହନୁମାନ ଚାଳିଶା ପଢାଯିବ। ୭ଦିନ ଧରି ଯଜ୍ଞ ସହ ଅନ୍ନପ୍ରସାଦ ସେବନ ପାଇଁ ବ୍ୟବସ୍ଥା କରାଯିବ। ଏହି ସ୍ଥାନରେ ରାଧାକୁଣ୍ଡ, ଶ୍ୟାମ କୁଣ୍ଡ ଓ ଲଳିତ କୁଣ୍ଡ ରହିଥିବାବେଳେ ରାଧାକୁଣ୍ଡରେ ସନ୍ଥମାନେ ସ୍ନାନ କରିବେ। ଲଳିତା କୁଣ୍ଡରେ ପ୍ରଭୁ ଅନନ୍ତ କେଶରୀଙ୍କ ଚାପଖେଳ ଅନୁଷ୍ଠିତ ହେବ। ଶନିବାର ସନ୍ଧ୍ୟାରେ ଜାଗମରା ଗ୍ରାମର ଆରାଧ୍ୟ ଦେବ ପ୍ରଭୁ ଅନନ୍ତ କେଶରୀ ଦେବଙ୍କ ଯାତ୍ରା ଅନୁଷ୍ଠିତ ହେବ। ସନ୍ଧ୍ୟାରେ ଦିଅଁ ସୁସଜ୍ଜିତ ବିମାନରେ ବିରାଜମାନ କରିବାପରେ ଗ୍ରାମ ପରିକ୍ରମା କରିବେ।

## ଯାତ୍ରା ମହାସମର ଓ ମିନାବଜାର

ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଖଣ୍ଡଗିରି ମେଳାର ମୁଖ୍ୟ ଆକର୍ଷଣ ରହିବ ଯାତ୍ରା ମହାସମର। ରାଜ୍ୟର ଆଗଧାଡ଼ିର ପ୍ରମୁଖ ଯାତ୍ରା ଦଳଙ୍କ ଦ୍ୱାରା ଏଠାରେ ବଛାବଛା ଯାତ୍ରା ନାଟକ ପ୍ରଦର୍ଶିତ ହେବ। ସେହିଭଳି ଖଣ୍ଡଗିରି ମେଳାର ମିନାବଜାର ଆଉଏକ ପ୍ରମୁଖ ଆକର୍ଷଣ ରହିବ। ଖଣ୍ଡଗିରି ଉଦୟଗିରି ପାଦଦେଶରେ ଏଥିପାଇଁ ଏକାଧିକ ଷ୍ଟଲ ପଡ଼ିଥିବାବେଳେ ଏଠାରେ ବିଭିନ୍ନ ପ୍ରକାର ଘରସଜ୍ଜା ସାମଗ୍ରୀ ଓ ଗୃହଉପକରଣ ସାମଗ୍ରୀ ଉପଲବ୍ଧ ହେବ। ଏହାବ୍ୟତୀତ ଭଳିକି ଭଳି ଖାଦ୍ୟ ବା ଫୁଡ୍ ଷ୍ଟଲ୍ ଏଠାରେ ଦେଖିବାକୁ ମିଳିବ। କୁନି କୁନି ପିଲାମାନେ ଏଠାରେ ଚକ୍ରି ଦୋଳି, ବ୍ରେକ୍‌ଡ୍ୟାନ୍ସ ଆଦିର ମଜା ନେଇପାରିବେ।



# ୩୩ ଗ୍ରାମ୍ ବ୍ରାଉନସୁଗାର ଜବତ, ୩ ଗିରଫ

ଭୁବନେଶ୍ୱର,୩୧।୧(ବ୍ୟୁରୋ): ଶହୀଦନଗର ଥାନା ପୋଲିସ ଓ ଡ୍ରଗ୍ ଟାସ୍କଫୋର୍ସ ଭିଏସ୍‌ଏସ୍‌ନଗର ଅଞ୍ଚଳରେ ଚଢ଼ାଉ କରି ୩୩ ଗ୍ରାମ୍ ବ୍ରାଉନସୁଗାର ଜବତ କରିବା ସହ ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନାଞ୍ଚଳର ଶ୍ରୀକୁମାର ମହାନ୍ତି ଓରଫ୍ ଲିଟୁ, ଖୋର୍ଦ୍ଧା ଟାଉନ ଥାନା ଅଞ୍ଚଳର ତପନ କୁମାର ସାହୁ ଓ କପିଳ ସୁନ୍ଦରା। ସେମାନଙ୍କଠାରୁ ବ୍ରାଉନସୁଗାର ସହ ଗୋଟିଏ ସ୍କୁଟି(ଓଡି ୦୫ ଏଟି ୩୬୭୮), ୪ ମୋବାଇଲ୍ ଫୋନ୍ ଓ ନଗଦ ୪୧ ହଜାର ୩୮୦ ଟଙ୍କା ଜବତ କରିଛି ପୋଲିସ। ସୂଚନା ମୁତାବକ, ପଥରବନ୍ଧ ବସ୍ତି, ଶହୀଦ ନଗର, ଭିଏସ୍‌ଏସ୍‌ନଗର ଅଞ୍ଚଳରେ ବ୍ରାଉନସୁଗାର କାରବାର ଚାଲୁଥିବା ନେଇ ପୋଲିସ ନିକଟରେ ଖବର ପହଞ୍ଚିଥିଲା। ଶୁକ୍ରବାର ଅଭିଯୁକ୍ତମାନେ ଭିଏସ୍‌ଏସ୍ ନଗରର ଏକ ଏକାନ୍ତ ସ୍ଥାନରେ ବ୍ରାଉନସୁଗାର ବିକ୍ରି କରୁଥିବାବେଳେ ଡ୍ରଗ୍ ଟାସ୍କଫୋର୍ସ ଶହୀଦନଗର ପୋଲିସ ସହାୟତାରେ ସେଠାରେ ଚଢ଼ାଉ କରିଥିଲା। ଏନେଇ ଶହୀଦ ନଗର ଥାନାରେ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା(୫୩/୨୦) ରୁଜୁ କରି ଅଭିଯୁକ୍ତଙ୍କୁ ପଚରାଉଚରା ପରେ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ଖାରଜ ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।






ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



କାର୍ତ୍ତିକ



ମନୋଜ



ତ୍ରିଲୋଚନ



ବିଶ୍ୱଜିତ୍



ପୂର୍ଣ୍ଣଚନ୍ଦ୍ର



ପୁଷ୍ପିତା

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/




ସାପ-କୁକୁର ମୁହାଁମୁହିଁ ସମୟର ଦୃଶ୍ୟ।

# ପୋଷା କୁକୁର ଯୋଗୁ ପରିବାର ଲୋକଙ୍କ ଜୀବନ ରକ୍ଷା ହେଲା

ଜଟଣୀ,୩୧।୧(ଡି.ଏନ.ଏ.)

ପୋଷା କୁକୁର ନାଗ ସାପକୁ ଅଟକାଇବା ଦ୍ୱାରା ପରିବାର ଲୋକଙ୍କ ଜୀବନ ରକ୍ଷା ହୋଇଛି। ଏଭଳି ଦେଖିବାକୁ ମିଳିଛି ଜଟଣୀ କୁଦିଆରୀ ଗ୍ରାମରେ ସରୋଜ ସ୍ୱାଇଁ ଓ ମନୋଜ ସ୍ୱାଇଁଙ୍କ ଘରେ। ଶୁକ୍ରବାର ଅପରାହ୍ନରେ ହଠାତ୍ ପୋଷା କୁକୁର ଦୁଇଟି ବାରମ୍ବାର ଭୁକିବା ଶବ୍ଦ ଶୁଭିଲା। କେହି ଆସିଥିବା ଅନୁମାନ କରି ଘର ଭିତରୁ ପରିବାର ଲୋକେ ବାହାରି ଆସିଲେ। ଘର ସମ୍ମୁଖ କୋଠରି ଦ୍ୱାର ନିକଟରେ ୪ ଫୁଟ ଲମ୍ବର ଏକ ନାଗସାପ ଫଣା ଟେକି ରହିଥିବା ଦେଖିବାକୁ ପାଇଥିଲେ। ସମସ୍ତେ ଭୟଭୀତ ହୋଇପଡିଥିଲେ। ଦୁଇ ପୋଷା କୁକୁର ସେରା ଓ ସାରା ସାପ ଆଗରେ ଛିଡା ହୋଇ ଭୁକିବା ସହ ଘର ଭିତରକୁ ଛାଡୁ ନ ଥାନ୍ତି। ମନୋଜ ଓ ସରୋଜଙ୍କ ପରିବାର ସଦସ୍ୟ ଦୁଇ ପୋଷା କୁକୁର ସେରା ଓ ସାରାଙ୍କୁ ପାଟି କଲେ ମଧ୍ୟ ସାପ ଆଗରୁ ହଟୁ ନ ଥାନ୍ତି। କୁକୁରମାନଙ୍କ ପ୍ରତିରୋଧ ଯୋଗୁ ସାପଟି ଘର ପରିସରର ପାଚେରି ପାଖକୁ ପଳାଇଥିଲା। ହେଲେ ସେରା ଓ ସାରା ତାଙ୍କୁ ଛାଡୁ ନ ଥାନ୍ତି। ଶେଷରେ କୁକୁର ଦୁଇଟି ସାପଟିକୁ ଖିନ୍‌ଭିନ୍ କରି ମାରି ଦେଇଥିଲେ। ତେବେ ଦୁଇ କୁକୁରଙ୍କର କୌଣସି କ୍ଷତି ହୋଇ ନ ଥିଲା। ସେରା ଓ ସାରାଙ୍କ ଯୋଗୁ ପରିବାର ଲୋକଙ୍କ କୌଣସି କ୍ଷତି ହୋଇ ନ ଥିବା ମନୋଜ କହିଛନ୍ତି।

# ୭ରୁ ଧଉଳି-କଳିଙ୍ଗ ମହୋତ୍ସବ

ଭୁବନେଶ୍ୱର,୩୧।୧(ବ୍ୟୁରୋ)

■ ଯୋଗଦେବେ ଦେଶ, ବିଦେଶର କଳାକାର
■ ୩ ଦିନ ଧରି ପ୍ରକମ୍ପିତ ହେବ ଶାନ୍ତିସ୍ତୂପ ପାଦଦେଶ
■ ନୃତ୍ୟ-ସଙ୍ଗୀତ-ସମରକଳାର ମହାମିଳନ

କଳିଙ୍ଗ ବୀରମାନଙ୍କ ବୀରତ୍ୱର ଗାଥାକୁ ମନେପକାଇ ଶାନ୍ତିସ୍ତୂପ ଧଉଳି ପାହାଡ଼ର ପାଦ ଦେଶରେ ଅନୁଷ୍ଠିତ ହେବ ୧୬ତମ ଧଉଳି-କଳିଙ୍ଗ ମହୋତ୍ସବ। ଆସନ୍ତା ଫେବୃୟାରୀ ୭ରୁ ୯ ପର୍ଯ୍ୟନ୍ତ ଦୀର୍ଘ ୩ ଦିନବ୍ୟାପୀ ଚାଲିବାକୁ ଥିବା ଏହି ମହୋତ୍ସବରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଦେଶ ବିଦେଶରୁ ଖ୍ୟାତିସମ୍ପନ୍ନ କଳାକାରମାନେ ଯୋଗଦେବେ। ନୃତ୍ୟ ଓ ସଙ୍ଗୀତ ପରିବେଷଣ ମାଧ୍ୟମରେ ଶାନ୍ତିସ୍ତୂପକୁ ସାକ୍ଷୀ ରଖି କଳାକାରମାନେ ଶାନ୍ତି ଓ ମୈତ୍ରୀର ବାର୍ତ୍ତା ପ୍ରଦାନ କରିବେ।

ରାଜ୍ୟ ପର୍ଯ୍ୟଟନ ବିଭାଗ ଏବଂ ଓଡ଼ିଶା ଡ୍ୟାନ୍ସ ଏକାଡେମୀର ମିଳିତ ଆୟୋଜନରେ ଆର୍ଟ ଭିଜନ ସହଯୋଗରେ ଅନୁଷ୍ଠିତ ହେବାକୁ ଥିବା ମହୋତ୍ସବରେ ଶିଳ୍ପୀମାନେ ଭାରତୀୟ ଶାସ୍ତ୍ରୀୟ ନୃତ୍ୟ, ସଙ୍ଗୀତ ଏବଂ ଲୋକନୃତ୍ୟ ସହ ଦେଶ ବିଦେଶର ସମର କଳା ପ୍ରଦର୍ଶନ କରିବେ। ମହୋତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ଗୁରୁ କେଳୁଚରଣ ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପୂର୍ବକ ଓଡ଼ିଶା ଡ୍ୟାନ୍ସ ଏକାଡେମୀ ଏବଂ ସୃଜନର କଳାକାରମାନଙ୍କ ଦ୍ୱାରା ସ୍ୱତନ୍ତ୍ର ପଲ୍ଲବୀ ପରିବେଷଣ କରାଯିବ। ଏହାବ୍ୟତୀତ ରାମା ବୈଦ୍ୟନାଥନ୍ ଓ ସାଥୀଙ୍କ ଦ୍ୱାରା ଭାରତନାଟ୍ୟମ୍ ଏବଂ ବିଭୁଦତ୍ତ ଦାସ ଏବଂ ଗ୍ରୁପ୍ ଦ୍ୱାରା ଲୋକପ୍ରିୟ ମୟୂରଭଞ୍ଜ ଛଉ ପରିବେଷଣ କରାଯିବ। ସେହିଭଳି ଦ୍ୱିତୀୟ ସନ୍ଧ୍ୟାରେ ଓଡ଼ିଶା ଡ୍ୟାନ୍ସ ଏକାଡେମୀ ଦ୍ୱାରା ମଞ୍ଚସ୍ଥ ହେବାକୁ ଥିବା 'ଶାନ୍ତି ମନ୍ତ୍ର' ଆକର୍ଷଣ ରହିବ। କୋଲକାତାର ଶର୍ମିଳା ବିଶ୍ୱାସ ଏବଂ ସାଥୀଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ, ମୁମ୍ବାଇର ଆସ୍ତାଦ୍ ଦେବୁ ଏବଂ ଗ୍ରୁପ୍ ଦ୍ୱାରା ଏହି ସନ୍ଧ୍ୟାରେ କଣ୍ଟେମ୍ପୋରାରି ନୃତ୍ୟ ପରିବେଷିତ ହେବ। ଉଦ୍‌ଯାପନୀ ସନ୍ଧ୍ୟାରେ ଭୁବନେଶ୍ୱରର ସଚ୍ଚିଦାନନ୍ଦ ଦାସ ଏବଂ ସାଥୀଙ୍କ ଦ୍ୱାରା ମର୍ଦ୍ଦଳ ବାଦନ, ମୁମ୍ବାଇର ରାଜଶ୍ରୀ ସିର୍‌କେ ଏବଂ ଗ୍ରୁପ୍ ଦ୍ୱାରା କଥକ ନୃତ୍ୟ ଓ ବାଙ୍ଗାଲୋରର ରଞ୍ଜନ ମୁଲାରାଟ୍ ଏବଂ ଗ୍ରୁପ୍ ଦ୍ୱାରା କଳାରିପୟାଟ୍ଟୁ ପରିବେଷଣ କରାଯିବ। ଏହି ଅବସରରେ ନୃତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ଉତ୍କର୍ଷ ଲାଗି ଓଡ଼ିଶା ଡ୍ୟାନ୍ସ ଏକାଡେମୀ ତରଫରୁ ବୁଦ୍ଧ ସମ୍ମାନ ଓ ଗୁରୁ ଗଙ୍ଗାଧର ସ୍ମୃତି ସମ୍ମାନ ପ୍ରଦାନ କରାଯିବ। ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟଗୁରୁ ମାୟାଧର ରାଉତ ବୁଦ୍ଧ ସମ୍ମାନରେ ସମ୍ମାନିତ ହେବେ। ପୁରସ୍କାର ସ୍ୱରୂପ ତାଙ୍କୁ ୧ଲକ୍ଷ ଟଙ୍କା ସହ ମାନପତ୍ର ଓ ଅଙ୍ଗବସ୍ତ୍ର ପ୍ରଦାନ କରାଯିବ। ସେହିଭଳି ଓଡ଼ିଶୀ ସଙ୍ଗୀତ ଗୁରୁ ଘନଶ୍ୟାମ ପଣ୍ଡା, ବିଖ୍ୟାତ ଓଡ଼ିଶୀ ନୃତ୍ୟଶିଳ୍ପୀ ଗୁରୁ ଆଲୋକ କାନୁନ୍‌ଗୋ, ଆମେରିକାରେ ଓଡ଼ିଶୀ ନୃତ୍ୟର ପ୍ରଚାର ପ୍ରସାରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଡ. ଦେବୀ ମିଶ୍ର, ଡ. ନିରଞ୍ଜନ ତ୍ରିପାଠୀ, ଡ. ସ୍ୱାତୀ ତ୍ରିପାଠୀ ଏବଂ ଜଣାଶୁଣା ମଞ୍ଚ ଆଲୋକ ସମ୍ପାଦନାକାରୀ ଜୟଦେବ ଦାସଙ୍କୁ ଗୁରୁ ଗଙ୍ଗାଧର ପ୍ରଧାନ ସ୍ମୃତି ସମ୍ମାନ ପ୍ରଦାନ କରାଯିବ। ଶୁକ୍ରବାର ଓଡ଼ିଶା ଡ୍ୟାନ୍ସ ଏକାଡେମୀ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଚିନ ଆର୍. ଯାଦବ, ବିଭାଗୀୟ ବରିଷ୍ଠ ଅଧିକାରୀ ଡ. ରତିକାନ୍ତ ପଟ୍ଟନାୟକ, ଓଡ଼ିଶା ଡ୍ୟାନ୍ସ ଏକାଡେମୀର ଡ. ଅରୁଣା ମହାନ୍ତି ଏବଂ ଆର୍ଟ ଭିଜନର ଇଲିଆନା ଚିତାରିସ୍ତି ଏନେଇ ସୂଚନା ଦେଇଛନ୍ତି।





# ତାଲିକା ଧରି କୋଲକାତା ଗଲା ଏସ୍‌ଟିଏଫ୍ ଟିମ୍

ଭୁବନେଶ୍ୱର,୩୧।୧(ବ୍ୟୁରୋ)

**ବାଂଲାଦେଶୀ ଯୁବତୀଙ୍କୁ ଓଡ଼ିଶା ଚାଲାଣ ମାମଲା**

**ଅଞ୍ଜଳି, ଇବ୍ରାହିମ୍‌ଙ୍କୁ ମାରାଥନ ଜେରା**

ବାଂଲାଦେଶୀ ଯୁବତୀଙ୍କୁ ଓଡ଼ିଶା ଚାଲାଣ କରି ଦେହ ବ୍ୟବସାୟରେ ଲଗାଇବା ମାମଲାରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ହାତରେ ଏବେ ଆଉ ଏକ ବଡ଼ ସୁରାକ ଲାଗିଛି। ଏହି ର୍‍ୟାକେଟର କିଙ୍ଗ୍‌ପିନ୍ ଅଞ୍ଜଳି ଦିଦି ଓ ତାଙ୍କ ସ୍ୱାମୀ ଇବ୍ରାହିମ୍‌ଙ୍କୁ ଶୁକ୍ରବାର ରିମାଣ୍ଡରେ ଆଣି ଦିନତମାମ ମାରାଥନ ଜେରା କରିଛି ଏସ୍‌ଟିଏଫ୍। ତଦନ୍ତ ଓ ପଚରାଉଚରାବେଳେ ମିଳିଥିବା ତଥ୍ୟ ଅନୁସାରେ ବାଂଲାଦେଶରୁ ଯୁବତୀ ଚାଲାଣ ରୁଟ୍ ସହ ସମ୍ପୃକ୍ତ ମାଷ୍ଟରମାଇଣ୍ଡ୍ ଓ ଦଲାଲଙ୍କ ତାଲିକା ପ୍ରସ୍ତୁତ କରାଯାଇଛି। ସେହି ତାଲିକା ଧରି ଏସ୍‌ଟିଏଫ୍ ଟିମ୍ ଅଧିକ ଖୋଳତାଡ଼ ପାଇଁ ଶୁକ୍ରବାର କୋଲକତା ଯାତ୍ରା କରିଛି। ତେବେ ଆବଶ୍ୟକ ପଡ଼ିଲେ ଏହି ଟିମ୍ ବାଂଲାଦେଶ ଯାଇପାରେ ବୋଲି ସୂଚନା ମିଳିଛି।

ମିଳିଥିବା ସୂଚନାନୁସାରେ, ସମ୍ପୃକ୍ତ ଦଲାଲମାନେ ବାଂଲାଦେଶ ସୀମା ନିକଟରୁ ଯୁବତୀଙ୍କୁ ଆଣି କୋଲକତା ସହରରେ ଥିବା ଏକ ହୋଟେଲରେ ରଖୁଥିଲେ। ପରେ ଅଞ୍ଜଳିଙ୍କ ସହ ଯୋଗାଯୋଗ କରାଯାଇ ଅନ୍ୟ କେତେଜଣ ଦଲାଙ୍କ ସହ ଓଡ଼ିଶା ପଠାଯାଇ ସେକ୍ସ ର୍‍ୟାକେଟରେ ନିୟୋଜିତ କରାଯାଉଥିଲା। ଦଲାଲଙ୍କୁ ଧରି ଅଧିକ ତଥ୍ୟ ପାଇବାକୁ ଆଶା ରଖିଛି ଏସ୍‌ଟିଏଫ୍। ଏପରି କି କୋଲକତା ପୋଲିସ ଓ ବିଏସ୍‌ଏଫ୍ ମୁଖ୍ୟଙ୍କ ସହ ଆଲୋଚନା କରାଯିବ। ବାଂଲାଦେଶୀ ଯୁବତୀଙ୍କ ବେଆଇନ ପ୍ରବେଶ ରୋକାଯିବା ସହ ଏଥିରେ ସମ୍ପୃକ୍ତ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ସଂକ୍ରାନ୍ତରେ ସେମାନଙ୍କୁ ଅବଗତ କରାଇ ପଦକ୍ଷେପ ଗ୍ରହଣ କରିବାକୁ ଏସ୍‌ଟିଏଫ୍ ଯୋଜନା କରିଛି।

## ଧରାପଡ଼ିଲେ ଆଉଜଣେ ବାଂଲା ରୂପଜୀବୀ

ଶୁକ୍ରବାର ରାତିରେ ଏସ୍‌ଟିଏଫ୍ ଟିମ୍ ଭୁବନେଶ୍ୱରରୁ ଆଉଜଣେ ବାଂଲାଦେଶୀ ଯୁବତୀଙ୍କୁ ଧରିଛି। ଏସ୍‌ଟିଏଫ୍ ଅଧିକାରୀମାନେ ଏନେଇ ମୁହଁ ଖୋଲୁ ନ ଥିଲେ ମଧ୍ୟ କୌଣସି ଏକ ସ୍ଥାନରେ ତାଙ୍କୁ ରଖି ପଚରାଉଚରା କରୁଥିବା ଜଣାପଡିଛି। ଯୁବତୀ ଜଣକ ଏଠାରେ ଦେହ ବ୍ୟବସାୟରେ ଲିପ୍ତ ଥିବା ସୂଚନା ମିଳିଛି। ତେବେ ତାଙ୍କୁ କିଏ ଏଠାକୁ ଆଣିଥିଲା, ଜାଲ୍ କାଗଜପତ୍ରରେ ଓଡ଼ିଶା ଆସିଛନ୍ତି କି? ଏସବୁକୁ ନେଇ ଖୋଳତାଡ଼ ଚାଲିଛି।

ଅନ୍ୟପକ୍ଷରେ, ଡିଆଇଜି ର୍‍ୟାଙ୍କ୍‌ର ଜଣେ ଅଧିକାରୀ ଅଞ୍ଜଳି ଓ ଇବ୍ରାହିମଙ୍କୁ ପଚରାଉଚରାବେଳେ ଯୁବତୀ ଚାଲାଣ ର୍‍ୟାକେଟର ବହୁ ତଥ୍ୟ ମିଳିଥିବା କୁହାଯାଉଛି। ଏହାସହ ଲକ୍ଷ୍ମୀସାଗର ଥାନା ପୋଲିସ ଗିରଫ କରିଥିବା ୩ ଦଲାଲ, ପୁରୁଣା ଭୁବନେଶ୍ୱର ଅଞ୍ଚଳରୁ ଧରାପଡ଼ିଥିବା ୬ଜଣ ରୂପଜୀବୀଙ୍କ ସହ ଅଞ୍ଜଳି ଓ ଇବ୍ରାହିମ୍‌ଙ୍କୁ ଶନିବାର ମୁହାଁମୁହିଁ ଜେରା କରାଯିବ। ଜାଲ୍ ଆଧାରକାର୍ଡ ଓ କାଗଜପତ୍ର ତିଆରି କରୁଥିବା ସମ୍ବିତ୍‌ଙ୍କ ବିଷୟରେ ମଧ୍ୟ ପଚରାଉଚରା କରାଯିବ। ପ୍ରମାଣ ମିଳିଲେ ଏସ୍‌ଟିଏଫ୍ ସମ୍ବିତଙ୍କୁ ଗିରଫ କରିପାରେ ବୋଲି କୁହାଯାଉଛି।

# ସାହସ ଭରିଲା ଯୁଦ୍ଧାବସାନ ବାଦ୍ୟ



ପତାକା ଅବତରଣ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିବାଦନ ଗ୍ରହଣ କରୁଛନ୍ତି।



ସୈନିକମାନଙ୍କ ଦ୍ୱାରା ବାଦ୍ୟ ପରିବେଷଣ କରାଯାଉଛି।

ଭୁବନେଶ୍ୱର,୩୧।୧(ବ୍ୟୁରୋ)

**ପତାକା ଅବତରଣ ଉତ୍ସବ**

ପତାକା ଅବତରଣ ଉତ୍ସବ ୭ମ ବାଟାଲିୟନ ପଡିଆରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ସୈନିକମାନଙ୍କୁ ଉତ୍ସାହିତ କରିଥିଲେ। ପୋଲିସ ବିଭାଗରୁ ୩୨୨ଜଣ ମ୍ୟୁଜିସିଆନ ଭାଗ ନେଇ ବିଭିନ୍ନ ପ୍ରକାର ବାଦ୍ୟ ବଜାଇବା ସହ ମିଲିଟାରୀ ମାର୍ଚ୍ଚ କରିଥିଲେ। ଯୁଦ୍ଧ ଓ ଯୁଦ୍ଧାବସାନ୍ୟ ବାଦ୍ୟ ଉପସ୍ଥିତ ଅତିଥି, ଅଧିକାରୀ ଓ ସୈନିକଙ୍କ ମନରେ ସାହସ ଭରିଦେଇଥିଲା। ଶେଷରେ ଘୁମୁରା ଓ ଅନ୍ୟ ଦେଶାତ୍ମବୋଧକ ସଙ୍ଗୀତ ସହ ନୃତ୍ୟ ନିଆରା ପରିବେଶ ସୃଷ୍ଟି କରିଥିଲା। ଏହାମଧ୍ୟରେ ସୂର୍ଯ୍ୟ ଅସ୍ତ ହେଉଥିବାବେଳେ ପତାକାକୁ ଅବତରଣ କରାଯାଇଥିଲା। ଶେଷରେ ଆତସବାଜି କାର୍ଯ୍ୟକ୍ରମ କରାଯାଇଥିଲା। ସୂର୍ଯ୍ୟାସ୍ତ ପରେ ସୈନ୍ୟମାନଙ୍କୁ ଯୁଦ୍ଧରୁ ନିବୃତ ରହିବା ଲାଗି ପୂର୍ବରୁ ଯୁଦ୍ଧାବସାନ ବାଦ୍ୟ ସହ ପତାକା ଅବତରଣ କରାଯାଉଥିଲା। ସେହି ସ୍ମୃତି ଓ ପରମ୍ପରାର ଏକ ଜୀବନ୍ତ କାର୍ଯ୍ୟକ୍ରମ ହେଉଛି ପତାକା ଅବତରଣ ଉତ୍ସବ।

ଅତିଥି ଭାବେ ଯୋଗଦେଇଥିବା ପୋଲିସ ଡିଜି ଅଭୟ କହିଛନ୍ତି, ପତାକା ଅବତରଣ ଉତ୍ସବ ପରମ୍ପରା ବହୁବର୍ଷ ଧରି ଚାଲିଆସୁଛି। ଯବାନଙ୍କ ମନରେ ସାହସ ଆଣିବା ପାଇଁ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି, ୧୮୪୮ର ରାଡ଼ିଟ୍ରକ୍ ମାର୍ଚ୍ଚ ସବୁଠୁ ଭଲ ହୋଇଥିଲା। ଆଗାମୀ ବର୍ଷରେ ଅଧିକରୁ ଅଧିକ ସାଧାରଣ ଲୋକେ ଏହି କାର୍ଯ୍ୟକ୍ରମରେ ସାମିଲ୍ ହୋଇ ଦେଶ ପାଇଁ ଲଢୁଥିବା ସୈନିକଙ୍କ ଦକ୍ଷତାକୁ ଜାଣିବେ ତାହାର ବ୍ୟବସ୍ଥା କରାଯିବ। ଏଭଳି ପରମ୍ପରା ହେଉଛି ପୋଲିସ ବିଭାଗର ପରିଚୟ। ସୈନିକ ଓ ଯବାନଙ୍କ ମନରେ ଏହା ଉତ୍ସାହ ତଥା ଗୌରବ ଆଣିବ। ତେବେ ଏହାକୁ ମାହାତ୍ମାଗାନ୍ଧୀ ମାର୍ଗରେ କରାଯିବାକୁ ଯୋଜନା ରଖାଯାଇଥିଲା। କିନ୍ତୁ ରାସ୍ତା ଶଙ୍କୁଚିତ ହେଉଥିବାରୁ ସେଠାରେ ଏହାର ଆୟୋଜନ କରିବା ସମ୍ଭବ ହୋଇ ନ ଥିଲା ବୋଲି ଷଡ଼ଙ୍ଗୀ କହିଛନ୍ତି।



ନିଜର ପାପ କର୍ମ ପାଇଁ ମନୁଷ୍ୟକୁ ଜନ୍ମଜନ୍ମାନ୍ତର କଷ୍ଟ ଭୋଗ କରିବାକୁ ପଡେ।

- ମହାବୀର ଜୈନ



## ସଂକ୍ଷେପରେ

### ୨ରେ ରାଜ୍ୟସ୍ତରୀୟ ଗୀତା ଜ୍ଞାନ ପରୀକ୍ଷା

**ଭୁବନେଶ୍ୱର, ୩୧।୧(ବ୍ୟୁରୋ):** ଭାରତବର୍ଷରେ ଭଗବଦ୍ ଗୀତାର ପବିତ୍ର ଜ୍ଞାନକୁ ପରମ୍ପରା କ୍ରମେ ଭାରତୀୟମାନେ ଶିକ୍ଷା କରିଆସୁଛନ୍ତି। ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜଙ୍କ ମାର୍ଗଦର୍ଶନରେ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗୀତା ଜ୍ଞାନର ପ୍ରଚାର ପ୍ରସାର ତଥା ନୈତିକ ଶିକ୍ଷାର ବିକାଶ ପାଇଁ ପ୍ରଜ୍ଞାନ ମିଶନ ଦ୍ୱାରା ଆସନ୍ତା ୨ ତାରିଖ ଏକ ରାଜ୍ୟସ୍ତରୀୟ ଗୀତା ଜ୍ଞାନ ପରୀକ୍ଷା ଆୟୋଜନ କରାଯାଇଛି। ଶ୍ରୀମଦ୍ ଭଗବଦ୍ ଗୀତାର ପ୍ରଥମ ଅଧ୍ୟାୟ 'ଅର୍ଜୁନ ବିଷାଦ ଯୋଗ' ଉପରେ ଆଧାରିତ ଏହି ପରୀକ୍ଷା ରାଜ୍ୟର ୬୮ ପରୀକ୍ଷାକେନ୍ଦ୍ରରେ ଅନୁଷ୍ଠିତ ହେବ। ଏଥିରେ ୯୦୦୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିବେ। 'ଗୀତା ସୁଗୀତା କର୍ତ୍ତବ୍ୟା'ର ଜିଲାସ୍ତରୀୟ କାର୍ଯ୍ୟକର୍ତ୍ତାମାନେ ଏହି ପରୀକ୍ଷାକେନ୍ଦ୍ରଗୁଡ଼ିକୁ ପରିଚାଳନା କରିବେ। 'ଗୀତା ସୁଗୀତା କର୍ତ୍ତବ୍ୟା' ନାମରେ ଆୟୋଜିତ ଏହି ପରୀକ୍ଷା ତିନୋଟି ବିଭାଗରେ ଅନୁଷ୍ଠିତ ହେବ। ପଞ୍ଚମ ଶ୍ରେଣୀରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର 'କ' ବିଭାଗ, ଅଷ୍ଟମ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର 'ଖ' ବିଭାଗ ଏବଂ ଯୁକ୍ତ୨ଠାରୁ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର 'ଗ' ବିଭାଗରେ ପରୀକ୍ଷା ଦେବେ। ସକାଳ ୧୦ଟା ୩୦ରେ ପରୀକ୍ଷା ଆରମ୍ଭ ହୋଇ ମଧ୍ୟାହ୍ନ ୧୨ଟା ସୁଦ୍ଧା ଶେଷ ହେବ। ପରୀକ୍ଷା ଫଳ ଆସନ୍ତା ମାର୍ଚ୍ଚ ମାସ ପ୍ରଥମ ସପ୍ତାହରେ ପ୍ରକାଶ ପାଇବ। କୃତୀ ପରୀକ୍ଷାର୍ଥୀଙ୍କୁ ରାଜ୍ୟସ୍ତରୀୟ ଉତ୍ସବରେ ସମ୍ମାନିତ କରାଯିବା ସହ ମାସିକ ବୃତ୍ତି ପ୍ରଦାନ କରାଯିବ। ଏନେଇ ପ୍ରଜ୍ଞାନ ମିଶନ ପକ୍ଷରୁ ସୂଚନା ଦିଆଯାଇଛି।

### ସିପିଏମ୍‌ଏଫ୍ ସେବା ନିବୃତ୍ତ କର୍ମଚାରୀ ସଂଘର ବୈଠକ

**ଭୁବନେଶ୍ୱର, ୩୧।୧ (ବ୍ୟୁରୋ):** କେନ୍ଦ୍ରୀୟ ଅର୍ଦ୍ଧ ସାମରିକ ବାହିନୀ (ସିପିଏମ୍‌ଏଫ୍) ସେବା ନିବୃତ୍ତ କର୍ମଚାରୀ ୱେଲ୍‌ଫେୟାର ଆସୋସିଏଶନ ଓଡ଼ିଶା ଶାଖାର ଦ୍ୱିତୀୟ ବାର୍ଷିକ ସାଧାରଣ ବୈଠକ ସିଆର୍‌ପିଏଫ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସେବା ନିବୃତ୍ତ ଆଇଜି ଆର୍.ଏନ୍. ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ଦିବଂଗତ ସଭ୍ୟମାନଙ୍କ ସ୍ମୃତିରେ ନୀରବ ପ୍ରାର୍ଥନା କରାଯାଇଥିଲା। ସଂଘର ପୂର୍ବତନ ସମ୍ପାଦକ ରାମଚନ୍ଦ୍ର ପଣ୍ଡା ଓ ଡ. ପି.ସି.ଡି. ସାମନ୍ତଙ୍କୁ ଉପଢ଼ୌକନ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ସଂଘ ସଦସ୍ୟ ଓ ପରିବାରବର୍ଗଙ୍କ ସମସ୍ୟା ତଥା କଲ୍ୟାଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆସୋସିଏଶନ କୋଷାଧ୍ୟକ୍ଷ ବାର୍ଷିକ ଆୟବ୍ୟୟର ବିବରଣୀ ପାଠ କରିଥିଲେ।

### ସୁଭଦ୍ରା ପତ୍ରିକାର ସମ୍ପାଦିକାଙ୍କ ପରଲୋକ

**ପୁରୁଣା ଭୁବନେଶ୍ୱର, ୩୧।୧(ଡି.ଏନ.ଏ.):** ମହିଳା ତ୍ରୟମାସିକ ପତ୍ରିକା 'ସୁଭଦ୍ରା'ର ସମ୍ପାଦିକା କରୁଣାମୟୀ ଗାଙ୍ଗୁଲି(୬୭)ଙ୍କ ଗୁରୁବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ସେ କ୍ୟାପିଟାଲ ହସ୍ପିଟାଲରେ ଅସ୍ତ୍ରୋପଚାର ପରେ ହୃଦ୍‌ରୋଗ ବିଭାଗର କ୍ୟାବିନ୍‌ରେ ରହି ଚିକିତ୍ସିତ ହେଉଥିଲେ। ପରଲୋକ ଖବର ଜଣାପଡିବା ପରେ ହାଟସାହିସ୍ଥିତ ବାସଭବନରେ ବହୁ ବୁଦ୍ଧିଜୀବୀ, ସତ୍‌ସଂଘ ସଦସ୍ୟମାନେ ତାଙ୍କର ଶେଷ ଦର୍ଶନ କରିଥିଲେ। ଗାଙ୍ଗୁଲି ୪୦ ବର୍ଷ ହେଲା ତ୍ରୟମାସିକ ମହିଳା ପତ୍ରିକା 'ସୁଭଦ୍ରା'ର ସମ୍ପାଦିକା ଦାୟିତ୍ୱରେ ଥିଲେ। ଗାଙ୍ଗୁଲି ସତ୍‌ସଙ୍ଗର ସମ୍ପାଦିକା ମଧ୍ୟ ଥିଲେ। ସେ ଜଣେ ଧର୍ମପରାୟଣା ଓ ପରୋପକାରୀ ମହିଳା ଥିଲେ। ତାଙ୍କ ପରଲୋକରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳି ଯାଇଛି।

# ଟୁଟୁଆ ହତ୍ୟାକାରୀ ମିଞ୍ଜାଙ୍କୁ ଆଜୀବନ କାରାଦଣ୍ଡ

**ଭୁବନେଶ୍ୱର,୩୧।୧(ବ୍ୟୁରୋ)**

ଖୋର୍ଦ୍ଧା ଜିଲା ବାଲିପାଟଣା ଥାନାଞ୍ଚଳରେ ଘଟିଥିବା ବହୁ ଚର୍ଚ୍ଚିତ ପ୍ରଶାନ୍ତ ପ୍ରଧାନ ଓରଫ ଟୁଟୁଆ ହତ୍ୟା ଘଟଣାର ରାୟ ଶୁକ୍ରବାର ସ୍ପେଶାଲ ଜଜ୍ ସିବିଆଇ-୧ କୋର୍ଟରେ ପ୍ରକାଶ ପାଇଛି। ବିଚାରପତି ଗୋପାଳଚନ୍ଦ୍ର ବେହେରା ଦୋଷୀ ସାବ୍ୟସ୍ତ ହୋଇଥିବା ରୋହିତ ପ୍ରଧାନଙ୍କୁ ଆଜୀବନ କାରାଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ହେଲେ ଅଧିକ ଗୋଟିଏ ବର୍ଷ ସଜା ଭୋଗିବାକୁ ପଡ଼ିବ ବୋଲି ବିଚାରପତି ତାଙ୍କ ରାୟରେ ଶୁଣାଇଛନ୍ତି। ଏହାସହ ମୃତଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଡିଷ୍ଟ୍ରିକ୍ଟ ଲିଗାଲ ସର୍ଭିସ୍ ଅଥରିଟିଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଅର୍ଥାତ୍ ଗତ ମଙ୍ଗଳବାର କୋର୍ଟ ୨୨ଜଣଙ୍କ ସାକ୍ଷ୍ୟ ଓ ୩୩ କାଗଜପତ୍ରକୁ ପରଖିବା ପରେ ରୋହିତଙ୍କୁ ଦୋଷୀ ସାବ୍ୟସ୍ତ କରିଥିବାବେଳେ ଅନ୍ୟ ୫ଜଣ ଏସ୍.କେ. ସାବତ, ପ୍ରଦୀପ କୁମାର ନାୟକ, ବିପିନ କୁମାର ବେହେରା, ସଦାଶିବ ପ୍ରଧାନ



ମୃତ ପ୍ରଶାନ୍ତ ପ୍ରଧାନ(ଟୁଟୁଆ)

ଓ ମନୋରମା ନାୟକଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ। ମାମଲାର ପରିଚାଳନା କରିଥିଲେ ସରକାରୀ ପିପି ସୁରେଶ ବାରିକ।

ମାମଲାରୁ ପ୍ରକାଶ, ପୁରୀ ଜିଲା ନିମାପଡ଼ା ଥାନା କାନପୁର ଗ୍ରାମର ସଦାଶିବ ପ୍ରଧାନଙ୍କ ପୁଅ ପ୍ରଶାନ୍ତ ୨୦୧୦ ଜୁଲାଇ ୬ରେ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ଏନେଇ ନିମାପଡା ଥାନାରେ ଅଭିଯୋଗ କରିଥିଲେ। ସେହିମାସ ୧୦ ତାରିଖରେ ଖୋର୍ଦ୍ଧା ଜିଲା ବାଲିପାଟଣା ଥାନା ଅନ୍ତର୍ଗତ ଭଇରିପୁର ଗ୍ରାମସ୍ଥିତ ଏକ ପୋଖରୀରୁ ବସ୍ତାରେ ବନ୍ଧା ହୋଇଥିବା ଏକ ମୃତଦେହ ମିଳିଥିଲା। ମୃତଦେହକୁ ଖଣ୍ଡଖଣ୍ଡ କରି କଟାଯାଇଥିବା ଓ ପଚିଯାଇଥିବାରୁ ପରିବାର ଲୋକେ ଚିହ୍ନଟ କରିବା ସମ୍ଭବ ହୋଇ ନ ଥିଲା। ଡିଏନ୍‌ଏ ଟେଷ୍ଟରୁ ଉକ୍ତ ମୃତଦେହଟି ପ୍ରଶାନ୍ତଙ୍କର ବୋଲି ସ୍ପଷ୍ଟ ହୋଇଥିଲା। ମୃତ ପ୍ରଶାନ୍ତଙ୍କ ବାପା ସଦାଶିବଙ୍କ ଅଭିଯୋଗକ୍ରମେ ବାଲିପାଟଣା ଥାନା ପୋଲିସ କେସ୍ ନଂ-୯୩/୨୦୧୦ ଦଫା ୩୦୨, ୨୦୧ ଓ ୩୪ ଲଗାଇ ତଦନ୍ତ ଆରମ୍ଭ କରିଥିଲା। ଜୁଲାଇ ୧୫ରେ ମୁଖ୍ୟ ଅଭିଯୁକ୍ତ ରୋହିତଙ୍କୁ ନିମାପଡ଼ା ବସ୍‌ଷ୍ଟାଣ୍ଡ ନିକଟରୁ ଗିରଫ କରାଯାଇଥିଲା।

### ପୂରା ଘଟଣାକ୍ରମ...

କେରଳର ଏକ ସଂସ୍ଥାରେ ମ୍ୟାନେଜର ଭାବେ ଚାକିରି କରିଥିଲେ ପ୍ରଶାନ୍ତ। ତାଙ୍କ ଅଧୀନରେ ହତ୍ୟାକାରୀ ରୋହିତ କାମ କରୁଥିଲେ। ଚୌକି ଲୋଭରେ ପ୍ରଶାନ୍ତଙ୍କୁ ମାରିବାକୁ ଯୋଜନା କରିଥିଲେ ରୋହିତ। ଘଟଣା ଦିନ ରୋହିତ ତା'ର ଭଉଣୀ ଘର ପଛପଟ ବଗିଚାକୁ ପ୍ରଶାନ୍ତଙ୍କୁ ଡାକିଥିଲେ। ସେଠାରେ ରୋହିତଙ୍କର ୫ଜଣ ସହଯୋଗୀ ତାଙ୍କ ସହ କଥାହୋଇ ଚାଲିଯାଇଥିଲେ। ଏହାପରେ ରୋହିତ ଏକ କଟୁରୀରେ ପ୍ରଶାନ୍ତଙ୍କୁ ହାଣି ଅତି ବୀଭତ୍ସ ଭାବେ ହତ୍ୟା କରିଥିଲେ। ଶରୀରର ବିଭିନ୍ନ ଅଙ୍ଗକୁ ଖଣ୍ଡଖଣ୍ଡ କରି ପେଟ୍ରୋଲ ପକାଇ ଜାଳି ଦେଇଥିଲେ। ଏହାପରେ ଦରପୋଡ଼ା ଅଙ୍ଗକୁ ବସ୍ତାରେ ବାନ୍ଧି ପୋଖରୀକୁ ଫିଙ୍ଗି ଦେଇଥିଲେ। ଦେଢ଼ମାସ ତଳେ ପ୍ରଶାନ୍ତ ବିବାହ କରିଥିଲେ। ତେଣୁ ସେ ହାତରେ ପିନ୍ଧିଥିବା ୬ଟି ସୁନାମୁଦି, ଏକ ସୁନା ଚେନ୍ ଓ ଅନ୍ୟକିଛି ସୁନାଗହଣା ଲୁଟିନେବା ପରେ ରୋହିତ ତାହାକୁ ତାଙ୍କ ଭଉଣୀ ନିକଟରେ ରଖିଥିଲେ। ପୋଲିସ ରୋହିତଙ୍କୁ ଗିରଫ କରିବା ପରେ ଉକ୍ତ ସୁନା ଅଳଙ୍କାରକୁ ଜବତ କରିଥିଲା।

# ମହିଳା ଶ୍ରମିକଙ୍କୁ ମିଳୁନି ସାମାଜିକ ନିରାପତ୍ତା




**ଭୁବନେଶ୍ୱର, ୩୧।୧(ବ୍ୟୁରୋ)**

ସର୍ବନିମ୍ନ ମଜୁରି, ସ୍ୱାସ୍ଥ୍ୟସେବା ଓ ସାମାଜିକ ନିରାପତ୍ତା ତଥା କର୍ମକ୍ଷେତ୍ରରେ ସୁରକ୍ଷାକୁ ନେଇ ଶୁକ୍ରବାର ସିୱାଇଏସ୍‌ଡି ସଭାକକ୍ଷଠାରେ ଆକ୍ସନ୍‌ଏଡ୍ ଓ ସିସିଡବ୍ଲ୍ୟୁଡିର ମିଳିତ ଆନୁକୂଲ୍ୟରେ ଏକଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ମଜୁରି କୋଡ୍ ଓ ମହିଳା ଶ୍ରମିକଙ୍କ ସାମାଜିକ ନିରାପତ୍ତାକୁ ନେଇ ଘରୋଇ ପରିଚାଳିକା, ବିଡି ଶ୍ରମିକ, ସହରାଞ୍ଚଳରେ କାର୍ଯ୍ୟରତ ମହିଳା ଶ୍ରମିକମାନେ ସର୍ବନିମ୍ନ ମଜୁରି, ଉପଯୁକ୍ତ ସମ୍ମାନ, କାର୍ଯ୍ୟନିର୍ଘଣ୍ଟ, ଠିକ୍ ସମୟରେ ମଜୁରି ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। କର୍ମଶାଳାରେ ଅତିଥିଭାବେ ବରିଷ୍ଠ ଶ୍ରମିକ ନେତା ସୌରିବନ୍ଧୁ କର ଯୋଗଦେଇ କହିଥିଲେ, ୩୭ ମିଲିୟନ୍ ହୋମ୍‌ବେସ୍‌ଡ ୱାର୍କର କାମ କରୁଛନ୍ତି, ସେମାନଙ୍କ ସାମାଜିକ ନିରାପତ୍ତା ନାହିଁ। ମଜୁରି କୋଡ୍ ଭିତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଆସୁନାହିଁ ଓ ଦିନକୁ ଦିନ ନିଯୁକ୍ତି ହାର ହ୍ରାସ ପାଇବାରେ ମଧ୍ୟ ଲାଗିଛି। ଏଥିପାଇଁ ବିଧିବଦ୍ଧ ବ୍ୟବସ୍ଥାର ଆବଶ୍ୟକତା ରହିଛି। ଅନ୍ୟତମ ଅତିଥିଭାବେ ଏଚ୍‌ଏମ୍‌ଏସ୍‌ର ପଞ୍ଚାନନ ସେନାପତି, ସମାଜିକକର୍ମୀ ପ୍ରଭାତ ସାମନ୍ତରାୟ, ବରିଷ୍ଠ ପତ୍ରକାର ସୁରେନ୍ଦ୍ର ପାତ୍ର ଓ ବିଘ୍ନେଶ୍ୱର ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏଥିରେ ବଲାଙ୍ଗୀର, ସମ୍ବଲପୁର ଓ ଖୋର୍ଦ୍ଧା ଅଞ୍ଚଳରୁ ଆସିଥିବା ମହିଳା ଶ୍ରମିକମାନେ ବିଭିନ୍ନ ସମସ୍ୟା ଉପରେ ଅବଗତ କରାଇଥିଲେ। ଆକ୍ସନ୍‌ଏଡ୍‌ର ସୁଦେଷ୍ଣା ମିଶ୍ର କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିବା ବେଳେ ସିସିଡବ୍ଲ୍ୟୁଡି ସମ୍ପାଦକ ସଦାଶିବ ସ୍ୱାଇଁ ରାଜ୍ୟରେ ମହିଳା ଶ୍ରମିକଙ୍କ ସ୍ଥିତି ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ 'ଦି ଚାର୍ଟର ଅଫ୍ ୱିମେନ୍ ୱାର୍କର୍ସ' ପୁସ୍ତିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। କଲ୍ୟାଣୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଅଣସଂଗଠିତ ଶ୍ରମିକ ମଞ୍ଚ ଓ ଭୁବନେଶ୍ୱର ୟଙ୍ଗ୍ ଅର୍ବାନ ୱିମେନ୍ ଫୋରମ୍ ପ୍ରତିନିଧିମାନେ କର୍ମଶାଳାରେ ଅଂଶଗ୍ରହଣ କରିଥିଲେ।




ଆଶାଏଁ ତରଫରୁ ଶୁକ୍ରବାର ଇଡ୍‌କଲ ଅଡିଟୋରିୟମ୍‌ରେ ଅନୁଷ୍ଠିତ ଶିଶୁ ଉତ୍ସବରେ ଯୋଗଦେଇଥିବା ଅତିଥିଙ୍କ ଗହଣରେ କୃତୀ ପ୍ରତିଭା।

# ସଚେତନତା ବଢ଼ିଲେ ପଥପ୍ରାନ୍ତ ପିଲା ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ

**ଭୁବନେଶ୍ୱର, ୩୧।୧(ବ୍ୟୁରୋ)**

ଆଶାଏଁ ତରଫରୁ ପଥପ୍ରାନ୍ତ ପିଲାଙ୍କ ପାଇଁ ଶୁକ୍ରବାର ଇଡ୍‌କଲ ଅଡିଟୋରିୟମ୍‌ରେ ଷଷ୍ଠ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପଥପ୍ରାନ୍ତ ପିଲାଙ୍କ ଉତ୍ସାହ ଓ ପ୍ରତିଭାରେ ସମସ୍ତେ ବିମୋହିତ ହୋଇପଡ଼ିଥିଲେ। ଦିନେ ଯେଉଁମାନଙ୍କୁ ସମାଜରେ ଅବହେଳିତ ଅବସ୍ଥାରେ ଛାଡ଼ି ଦିଆଯାଇଥିଲା, ସେମାନେ ଏବେ ନିଜର ନିଆରା ପରିଚୟ ସୃଷ୍ଟି କରିଛନ୍ତି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବର୍ଜ୍ୟବସ୍ତୁରୁ ପ୍ରସ୍ତୁତ ଘରକରଣା ସାମଗ୍ରୀର ପ୍ରଦର୍ଶନ କରାଯାଇଥିଲା। ପିଲାମାନେ ଭଳିକିଭଳି ରଙ୍ଗିନ ପେନଷ୍ଟାଣ୍ଡ, ଫୁଲଦାନି, ଲାଇଟ୍ ଷ୍ଟାଣ୍ଡ ଇତ୍ୟାଦି ପ୍ରସ୍ତୁତ କରିଥିଲେ। ଅନେକ ଦର୍ଶକ ମଧ୍ୟ ସେଠାରୁ ଜିନିଷ କିଣିଥିଲେ। ସୋସିଆଲ ମିଡିଆରେ ପିଲାଙ୍କ ପ୍ରଥମ ପସନ୍ଦ ସାଜିଥିବା 'ନଟିଆ' କମେଡି କଳାକାର ଇଞ୍ଜିନିୟର ସ୍ମୃତି ରଞ୍ଜନ ମହାନ୍ତି ପିଲାଙ୍କୁ ମଜା ମଜା ନଟିଆ କମେଡି କହି ମନ ମୋହିଥିଲେ। ପଥପ୍ରାନ୍ତ ଶିଶୁ ଓ ସେମାନଙ୍କ ଭବିଷ୍ୟତ ସମ୍ପର୍କରେ ଏକ ଆଲୋଚନାଚକ୍ର କରାଯାଇଥିଲା। କେବଳ ଆଇନକାନୁନ ମାଧ୍ୟମରେ ନୁହେଁ ବରଂ ଲୋକ ସଚେତନତା ବଢ଼ିଲେ ଏହିଭଳି ପିଲାମାନେ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ ବୋଲି ଏଠାରେ ମତପ୍ରକାଶ ପାଇଥିଲା। ଆଶାଏଁ ଅଧ୍ୟକ୍ଷ ରତ୍ନାକର ସାହୁ ଆଶାଏଁର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ଏହି ଅବସରରେ ଆଶାଏଁର ୱେବ୍‌ସାଇଟ୍ ଓ ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ପିଲାମାନେ ନାଚି ଗାଇ ନିଜର ମନ କଥାକୁ ସମସ୍ତଙ୍କୁ ଜଣାଇଥିଲେ।

### ଘରେ ପଶି ଆଲ୍‌ମାରି ତାଡ଼ି ଚୋରି, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୩୧।୧(ବ୍ୟୁରୋ)**

ଖଣ୍ଡଗିରି ଥାନା ଅନ୍ତର୍ଗତ ଡୁମଡୁମା ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ଘରେ ପଶି ଆଲମିରା ତାଡି ଚୋରି କରୁଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅନ୍ତର୍ଗତ ଯଦୁପୁର ଅଞ୍ଚଳର ମହମ୍ମଦ ତସିବ। ସୂଚନା ମୁତାବକ, ଡୁମଡୁମା ହାଉସିଂବୋର୍ଡ କଲୋନୀ ଅଞ୍ଚଳରେ ବିଜୟ କୁମାର ନାୟକ ରୁହନ୍ତି। ଗୁରୁବାର ସନ୍ଧ୍ୟା ସାଢେ ୬ଟାରେ ବିଜୟ ତାଙ୍କ ପଡୋଶୀ ଘରକୁ ଯାଇଥିଲେ। ଏହି ସମୟରେ ବିଜୟଙ୍କ ଘରେ ପଶି ଆଲମିରା ତାଡ଼ି ସେଥିରୁ ଲାପଟପ, ୬ ହଜାର ଟଙ୍କା ଏବଂ ଦାମୀ ହତ ଘଣ୍ଟା ସହ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ଫେରାର ହେଉଥିଲେ ଅଭିଯୁକ୍ତ ମହମ୍ମଦ। ବିଜୟ ଘରକୁ ଆସି ଚୋର ପଶିଥିବା ଦେଖି ଚିତ୍କାର କରିଥବଲେ। ପଡ଼ୋଶୀ ଓ ସ୍ଥାନୀୟ ଲୋକେ ପହଞ୍ଚି ଅଭିଯୁକ୍ତ ମହମ୍ମଦଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ତାଙ୍କଠାରୁ ଚୋରି ଜିନିଷପତ୍ର ଉଦ୍ଧାର କରାଯାଇଥିଲା। ବିଜୟଙ୍କ ଅଭିଯୋଗ ପରେ ପୋଲିସ ୮୦/୨୦ରେ ମାମଲା ରୁଜୁ କରି ଅଭିଯୁକ୍ତ ମହମ୍ମଦଙ୍କୁ କୋର୍ଟ ଚାଲାଣ କରିଛି।

# ୩ରୁ କଳିଙ୍ଗ ନାଟ୍ୟ ମହୋତ୍ସବ

**ଭୁବନେଶ୍ୱର,୩୧।୧(ବ୍ୟୁରୋ)**

ନାଟ୍ୟାନୁଷ୍ଠାନ ଶତାବ୍ଦୀର କଳାକାର ପକ୍ଷରୁ ୨୨ତମ କଳିଙ୍ଗ ନାଟ୍ୟ ମହୋତ୍ସବ ଫେବୃୟାରୀ ୩ରୁ ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହେବ। ୪ଦିନ ଧରି ଚାଲିବାକୁଥିବା ଏହି ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ଶତାବ୍ଦୀର କଳାକାର ପକ୍ଷରୁ ଓଡ଼ିଆ ନାଟକ 'ଦଶାବତାର' ମଞ୍ଚସ୍ଥ ହେବ। ୨ୟ ସନ୍ଧ୍ୟାରେ ପଶ୍ଚିମବଙ୍ଗର ବୀର୍‌ଭୂମ୍ ସଂସ୍କୃତି ବାହିନୀ ପକ୍ଷରୁ ଉଜ୍ଜ୍ୱଳ ମୁଖାର୍ଜୀଙ୍କ ବଙ୍ଗଳା ନାଟକ 'ଧରମ ମଙ୍ଗଲ୍' ଓ ୩ୟ ସନ୍ଧ୍ୟାରେ ଭୁବନେଶ୍ୱରର ଇଣ୍ଟରଫେସ୍ ପକ୍ଷରୁ ଡ. ଗୌରାଙ୍ଗ ରାଉତଙ୍କ ନିର୍ଦ୍ଦେଶିତ ଓଡ଼ିଆ ନାଟକ 'ଅହଲ୍ୟାର ବାହାଘର' ମଞ୍ଚସ୍ଥ ହେବ। ଉଦ୍‌ଯାପନୀ ସନ୍ଧ୍ୟାରେ ନୂଆଦିଲ୍ଲୀର ଉତ୍ସବ ଅନୁଷ୍ଠାନ ପକ୍ଷରୁ ସୁକୁମାର ଟୁଡୁଙ୍କ ନିର୍ଦ୍ଦେଶନାରେ ହିନ୍ଦୀ ନାଟକ 'ଡମ୍ ୱେଟର୍' ମଞ୍ଚସ୍ଥ ହେବ। ଏହି ଅବସରରେ ଅଭିନେତ୍ରୀ ଆରତି ପାତ୍ରଙ୍କୁ 'ସୁମିତ୍ରା ସମ୍ମାନ' ଏବଂ ଅଭିନେତା ଓ ନିର୍ଦ୍ଦେଶକ ମନୋଜ ପଟ୍ଟନାୟକଙ୍କୁ 'ଅଲେଖ ସମ୍ମାନ'ରେ ସମ୍ମାନିତ କରାଯିବ। ନିର୍ଦ୍ଦେଶକ ତଥା ଅଭିନେତା ସତ୍ୟରଞ୍ଜନ ବେହେରା, ଅଭିନେତ୍ରୀ ମନିଷା ରଥ, ସାମ୍ବାଦିକା ସସ୍ମିତା ସାହୁ, ସଞ୍ଜୟ ଜେନା, ଫଟୋ ସାମ୍ବାଦିକ ବସନ୍ତ କୁମାର ପରିଡାଙ୍କୁ ଶତାବ୍ଦୀର କଳାକାର ସମ୍ମାନରେ ସମ୍ମାନିତ କରାଯିବ। ଶତାବ୍ଦୀ କଳାକାରର ସଦସ୍ୟ ସୁବାସ କରଙ୍କୁ 'ଜୀବନବ୍ୟାପୀ ସାଧନା ପୁରସ୍କାର'ରେ ସମ୍ମାନିତ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସାଧାରଣ ସମ୍ପାଦକ ଧୀରେନ୍ଦ୍ରନାଥ ମଲ୍ଲିକ ଓ ସଭାପତି ଡ. ଗୌରହରି ଦାସ ସୂଚନା ଦେଇଛନ୍ତି।

# ଏବିଭିପିର ରାଜ୍ୟ ଅଧିବେଶନ ଉଦ୍‌ଘାଟିତ



**କଟକ ଅଫିସ, ୩୧।୧:** ବିଡାନାସୀସ୍ଥିତ ବସୁନ୍ଧରା ପଡିଆଠାରେ ଶୁକ୍ରବାର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର(ଏବିଭିପି) ୪୪ତମ ରାଜ୍ୟ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ରାଷ୍ଟ୍ରୀୟ ସମ୍ପାଦକ ଆଶିଷ ଚୌହାନ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ରାଜ୍ୟ ସଭାପତି ଓ ସମ୍ପାଦକ ନିର୍ବାଚନ ହୋଇଥିଲା। ସଙ୍ଗଠନର ପ୍ରାକ୍ତନ ରାଜ୍ୟ ସଭାପତି ଦିଲ୍ଲୀପ ଦାସଙ୍କ ଦ୍ୱାରା ରାଜ୍ୟର ମହାନଗର ଓ ନଗର ଶାଖାର ମତ ଅନୁସାରେ ସଭାପତି ଭାବେ ଡ. ଭାଗୀରଥି ପୃଷ୍ଟି ଓ ସମ୍ପାଦକ ଭାବେ ଶଶିକାନ୍ତ ମିଶ୍ର ନିର୍ବାଚିତ ହୋଇଥିଲେ। ଏହି ଅଧିବେଶନରେ ଦେଶର ଶିକ୍ଷା ଓ ସାମାଜିକ ସ୍ଥିତି ଏବଂ ସଙ୍ଗଠନର କାର୍ଯ୍ୟାବଳୀ ଉପରେ ଆଲୋଚନା ହୋଇଥିଲା। ଏହି ଅଧିବେଶନରେ ପରିଚାଳନା ସମିତି ଅଧ୍ୟକ୍ଷ ସୌରଚନ୍ଦ୍ର ମହାପାତ୍ର, ଡ. କିଶାନଲାଲ ଅଗ୍ରୱାଲ, ଡ. ମାନସ ସାହୁ, ମହାନଗର ସମ୍ପାଦିକା ସୋନାଲୀ ବେହେରା, ସହଦେବ ସାହୁଙ୍କ ସମେତ ରାଜ୍ୟର ବହୁ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରୁ ୧ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଅଧିବେଶନର ଦ୍ୱିତୀୟ ଦିବସରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେବେ ବୋଲି ସଙ୍ଗଠନ ପକ୍ଷରୁ ସୂଚନା ଦିଆଯାଇଛି।

# ଖଣ୍ଡଗିରି ମେଳା ପାଇଁ ଟ୍ରାଫିକ କଟକଣା

**ଭୁବନେଶ୍ୱର,୩୧।୧(ବ୍ୟୁରୋ):** ଶନିବାରଠାରୁ ଆରମ୍ଭ ହେଉଛି ଖଣ୍ଡଗିରି ମାଘ ମେଳା। ଦିନରେ ଯଜ୍ଞ, ରାତିରେ ଯାତ୍ରା। ଏଥିସହ ମୀନା ବଜାର ମଧ୍ୟ ଖୋଲିଛି। ତେଣୁ ଲୋକଙ୍କ ଗହଳିକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ପକ୍ଷରୁ ୧୬ ତାରିଖ ପର୍ଯ୍ୟନ୍ତ କଟକଣା ଜାରି କରାଯାଇଛି। ଖଣ୍ଡଗିରି ଛକରୁ ଜୟଦେବ ବାଟିକାକୁ କୌଣସି ଗାଡି ଛଡାଯିବ ନାହିଁ। କୌଣସି ଗାଡି ଜାତୀୟ ରାଜପଥ ପାର୍ଶ୍ୱରେ ପାର୍କ କରାଯିବ ନାହିଁ। କେବଳ ଖଣ୍ଡଗିରି ଥାନା ନିକଟରେ ଥିବା ହୋଟେଲ ଖାରବେଳ ନିକଟରେ ଥିବା ଫାଙ୍କା ସ୍ଥାନ ଓ ସୁଲଭ ଶୌଚାଳୟ ନିକଟରେ ଗାଡି ପାର୍କିଂ କରାଯିବ। ଏହାସହ ଗ୍ରୀନ୍ ଆର୍ଥ ନର୍ସରୀ ନିକଟରେ ୨ ଚକିଆ ଏବଂ ଚାରି ଚକିଆ ପାର୍କିଂ ପାଇଁ ବ୍ୟବସ୍ଥା ହୋଇଛି। ଅପରାହ୍ନ ୫ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ଖୋର୍ଦ୍ଧା ପଟୁ ଆସୁଥିବା ଗାଡିଗୁଡ଼ିକ ପିତାପଲୀ ବାଟେ ଭାୟା ଚନ୍ଦକା ଦେଇ କଟକ ଯିବେ। ସେହିପରି କଟକରୁ ଆସୁଥିବା ଭାରିଯାନ ବାଲିକୁଦା ବାଟେ ପ୍ରବେଶ କରି ବାରଙ୍ଗ ଦେଇ ପିତାପଲ୍ଲୀ ଅଭିମୁଖେ ଯିବ।

# ଖଣିରେ ଚଢ଼ାଉ ବେଳେ ଚଢ଼ିଗଲା ଟ୍ରକ୍

## ଶ୍ରମିକ ମୃତ: ୧୫ ପାୱାରଟିଲର, ୧ ଜେସିବି ଜବତ

**ଖୋର୍ଦ୍ଧା ଅଫିସ,୩୧।୧**

ଖୋର୍ଦ୍ଧା ପୋଲିସ ଜିଲା ଜଙ୍କିଆ ଥାନାର ଅଁଳାଯୋଡି ମାଙ୍କଡାପଥର ଖଣି ଉପରେ ଶୁକ୍ରବାର ଚଢ଼ାଉ ସମୟରେ ଟ୍ରକ ଚଢ଼ି ଯିବାରୁ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ମଳିପଡା ସୁରେଶ ସାମନ୍ତରାୟ(୪୮)। ଜଙ୍କିଆ ଥାନା ପୋଲିସ ନଂ. ୨୮/୨୦ରେ ଦୁର୍ଘଟଣାଜନିତ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ସେହିଭଳି ୧୫ ପାୱାରଟିଲର ଓ ୧ ଜେସିବି ଜବତ ହୋଇଛି। କେତେଜଣ ମାଫିଆ ଗୋଟିଏ ଜେସିବିକୁ ଖସାଇ ନେଇଛନ୍ତି। ତେବେ ଆଉ ଏକ ଜେସିବିକୁ ଖସାଇ ନେଉଥିବା ଉଦ୍ୟମ ହେଉଥିବାବେଳେ ଟ୍ରକ ମଳିପଡା ସୁରେଶଙ୍କୁ ଟାଣିକି କିଛି ଦୂରରେ ପକାଇ ଦେଇଥିଲା। ଫଳରେ ସୁରେଶଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟପକ୍ଷେ ପୋଲିସ ମୟୂରଭଞ୍ଜର ଜଣେ ପାୱାରଟିଲର ଡ୍ରାଇଭରଙ୍କୁ ଅଟକ ରଖି ପଚରାଉଚୁରା କରୁଛି।

# ବସ୍-ଟ୍ରକ୍ ଧକ୍କା: ୩୦ ଆହତ, ୬ ଗୁରୁତର

**ରଣପୁର/ଟାଙ୍ଗୀ, ୩୧।୧(ସ୍ୱ.ପ୍ର./ଡି.ଏନ୍.ଏ.)**

ନୟାଗଡ ଜିଲା ଚାନ୍ଦପୁର ଥାନା ୧୬ ନମ୍ବର ଜାତୀୟ ରାଜପଥର ବେଷ୍ଟଛକ ନିକଟରେ ଶୁକ୍ରବାର ଅପରାହ୍ନରେ ଏକ ଟ୍ରକ ସହ ବସ୍‌ର ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଚାଳକଙ୍କ ସମେତ ୩୦ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୬ଜଣଙ୍କ ଅବସ୍ଥା ଗୁରୁତର ରହିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ୨ଟିକୁ ଜବତ କରିବା ସହିତ ଘଟଣାର ତଦନ୍ତ ଜାରି ରଖିଛି। ଏହି ଘଟଣାକୁ ନେଇ ଦୀର୍ଘ ୨ଘଣ୍ଟା ଧରି ରାସ୍ତାରୋକୋ କରାଯାଇଥିଲା।

ପ୍ରକାଶ ଯେ, ଓଡି୦୨ଏ ୯୨୩୭ ନମ୍ବର ବିଶିଷ୍ଟ ଓମ୍ ମା ନାମକ ଏକ ଘରୋଇ ବସ୍ ଭୁବନେଶ୍ୱରରୁ ବାହାରି ବାଲୁଗାଁ ଅଭିମୁଖେ ଯାଉଥିଲା ବେଳେ ଅପରାହ୍ନ ୩ଟାରେ ଚାନ୍ଦପୁର ନିକଟସ୍ଥ ବେଷ୍ଟଛକଠାରେ ବିପରୀତ ଦିଗରୁ ଆସୁଥିବା ଓଡି୦୭ ଏଲ୍ ୨୦୦୩ ନମ୍ବର ବିଶିଷ୍ଟ ଏକ ଟ୍ରକ ସହ ମୁହାଁମୁହିଁ ଧକ୍କା




ଦୁର୍ଘଟଣାଗ୍ରସ୍ତ ବସ୍।

ହୋଇଥିଲା। ଉକ୍ତ ବସ୍‌ରେ ପ୍ରାୟ ୪୦ରୁ ୪୫ ଯାତ୍ରୀ ଥିଲେ। ସେମାନଙ୍କ ମଧ୍ୟରୁ ପ୍ରାୟ ୩୦ଜଣ ଆହତ ହୋଇଥିବାବେଳେ ୬ଜଣଙ୍କ ଅବସ୍ଥା ଗୁରୁତର ଅଛି। ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ଟାଙ୍ଗୀ ଦମକଳ ବାହିନୀ ସହାୟତାରେ ଆହତ ଯାତ୍ରୀଙ୍କୁ ଉଦ୍ଧାର କରି ନିକଟସ୍ଥ ଚାନ୍ଦପୁର ଏବଂ ଟାଙ୍ଗୀ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ସେମାନଙ୍କ ମଧ୍ୟରୁ ବସ୍ ଡ୍ରାଇଭର ଅଖିଳ ବେହେରା (୫୫), ଯାତ୍ରୀ ଅନୀତା ସାହୁ (୧୪), ରଙ୍ଗଲତା ତାଡ (୬୨), ଅନୀତା ସାହୁ (୩୫), ଭୁବନେଶ୍ୱର ମହନ୍ତ (୪୫) ଏବଂ ବନମାଳୀ ପ୍ରଧାନ (୨୭)ଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଛି।

- ୨ ଘଣ୍ଟା ରାସ୍ତାରୋକୋ
- ଘଟଣାସ୍ଥଳରେ ପହଞ୍ଚିଲେ ଡିଆଇଜି

ଆହତ ବସଯାତ୍ରୀଙ୍କ ଘର ନିକଟସ୍ଥ ଟାଙ୍ଗୀ, ଚାନ୍ଦପୁର, ନାଚୁଣୀ, ବାଲୁଗାଁ ଅଞ୍ଚଳରେ ବୋଲି ଜଣାପଡ଼ିଛି। ବେଷ୍ଟଛକଠାରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ତାହାର ପ୍ରତିକାର ଦାବି ସହ ସେଠାରେ ଏକ ଓଭରବ୍ରିଜ ନିର୍ମାଣ ଦାବିରେ ସ୍ଥାନୀୟ ଲୋକମାନେ ଅପରାହ୍ନ ୪ଟାରୁ ସେଠାରେ ରାସ୍ତାରୋକୋ କରିଥିଲେ। ଫଳରେ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ବହୁ ଯାନବାହନ ଅଟକି ରହିଥିଲା। ଥାନା ଏସଆଇ ଏସ.ଏସ. ହରୋ ସେଠାରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଦୀର୍ଘ ୨ଘଣ୍ଟା ପରେ ଅର୍ଥାତ ସନ୍ଧ୍ୟା ୬ଟାରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଖବରପାଇ କେନ୍ଦ୍ରାଞ୍ଚଳ ଡିଆଇଜି ଆଶିଷ ସିଂ ସେଠାରେ ପହଞ୍ଚି ଘଟଣାର ତଦାରଖ କରିଥିଲେ।




ସିଏଏ, ଏନ୍‌ଆରସି ଏବଂ ଏନ୍‌ପିଆରକୁ ସମର୍ଥନ ଜଣାଇ ଶୁକ୍ରବାର କଳିଙ୍ଗ ସେନା ପକ୍ଷରୁ ଭୁବନେଶ୍ୱରରେ ଅନୁଷ୍ଠିତ ଶୋଭାଯାତ୍ରା।

# ବ୍ୟାଙ୍କ କାରବାର ଠପ୍



ଭୁବନେଶ୍ୱରସ୍ଥିତ ଏସ୍‌ବିଆଇ ସ୍ଥାନୀୟ ମୁଖ୍ୟ କାର୍ଯ୍ୟାଳୟ ନିକଟରେ ବ୍ୟାଙ୍କ କର୍ମଚାରୀମାନେ ଶୁକ୍ରବାର ଧର୍ମଘଟ କରୁଛନ୍ତି।

**ଭୁବନେଶ୍ୱର,୩୧।୧**

- ବନ୍ଦ ରହିଲା ରାଜ୍ୟର ୫ ହଜାର ଶାଖା
- ଧର୍ମଘଟରେ ରାଜ୍ୟର ୪୦ ହଜାର ବ୍ୟାଙ୍କ କର୍ମଚାରୀ
- ଏଟିଏମ୍ ସେବା ପ୍ରଭାବିତ ହେବା ଆଶଙ୍କା
- ଆଉ ୨ ଦିନ ବନ୍ଦ ରହିବ ବ୍ୟାଙ୍କ

ବେତନ ସଂଶୋଧନ ଦାବିରେ ବ୍ୟାଙ୍କ ସଂଘଗୁଡ଼ିକ ଦେଇଥିବା ୨ ଦିନିଆ ଧର୍ମଘଟ ଡାକରା ଯୋଗୁ ସାରା ଦେଶରେ ବ୍ୟାଙ୍କ କାରବାର ଠପ୍ ହୋଇଯାଇଛି। ୟୁନାଇଟେଡ ଫୋରମ୍ ଅଫ୍ ବ୍ୟାଙ୍କ୍ ୟୁନିୟନ୍ସ(ୟୁଏଫ୍‌ବିୟୁ) ପକ୍ଷରୁ ଦିଆଯାଇଥିବା ଏହି ଧର୍ମଘଟ ଡାକରାରେ ଦେଶର ୧୦ ଲକ୍ଷ ବ୍ୟାଙ୍କ କର୍ମଚାରୀ ସାମିଲ ହୋଇଛନ୍ତି। ଏହି ଧର୍ମଘଟରେ ଓଡ଼ିଶାର ୪୦ ହଜାର କର୍ମଚାରୀ ସାମିଲ ହୋଇଥିବା ସୂଚନା ରହିଛି। ଶୁକ୍ରବାର ଭୁବନେଶ୍ୱର ସମେତ ରାଜ୍ୟର ଅନ୍ୟ ସମସ୍ତ ସ୍ଥାନରେ କର୍ମଚାରୀମାନେ ବ୍ୟାଙ୍କ ସାମ୍ନାରେ ପିକେଟିଂ କରିବା ସହ ଧାରଣା ଦେଇଥିଲେ। କେତେକ ସ୍ଥାନରେ କର୍ମଚାରୀମାନେ ଘରୋଇ ବ୍ୟାଙ୍କ ଶାଖାକୁ ମଧ୍ୟ ପିକେଟିଂ କରି ବନ୍ଦ କରିଥିବା ଦେଖାଯାଇଥିଲା। ଏହି ଧର୍ମଘଟରେ ରାଜ୍ୟର ୫ ହଜାର ବ୍ୟାଙ୍କ ଶାଖା ବନ୍ଦ ରହିଛି। ଫଳରେ ବ୍ୟାଙ୍କ କାରବାର ଠପ୍ ହୋଇଯାଇଛି। ଗୁରୁବାର ସରସ୍ୱତୀ ପୂଜା ଯୋଗୁ ବ୍ୟାଙ୍କ ବନ୍ଦ ରହିଥିଲା। ଶୁକ୍ରବାର ଏବଂ ଶନିବାର ଧର୍ମଘଟ ଯୋଗୁ ବ୍ୟାଙ୍କ ସେବା ଲୋକ ପାଇବେ ନାହିଁ। ରବିବାର ଛୁଟି ଯୋଗୁ ବ୍ୟାଙ୍କ ବନ୍ଦ ରହିବ। ମୋଟାମୋଟି ଭାବେ କହିବାକୁ ଗଲେ ୪ ଦିନ ଲଗାତର ବ୍ୟାଙ୍କ ବନ୍ଦ ରହିବ। ଏହି ସମୟରେ ଏଟିଏମ୍ ସେବା ପ୍ରଭାବିତ ହେବ ବୋଲି ଆଶଙ୍କା କରାଯାଇଛି। ରାଜ୍ୟରେ ପ୍ରଥମ ଦିନ ଧର୍ମଘଟ ସଫଳ ହୋଇଥିବାରୁ କର୍ମଚାରୀଙ୍କୁ ଏଆଇବିଓସି ରାଜ୍ୟ ସଭାପତି ଦାମୋଦର ନନ୍ଦ ଧନ୍ୟବାଦ ଦେଇଛନ୍ତି। ଧର୍ମଘଟରେ ଏଆଇବିଇଏ, ଏଆଇବିଓସି, ଏନ୍‌ସିବିଇ, ଏଆଇବିଓଏ, ବିଇଏଫ୍‌ଆଇ, ଆଇଏନ୍‌ବିଇଏଫ୍, ଆଇଏନ୍‌ବିଓସି, ଏନ୍‌ଓବିଓଡବ୍ଲ୍ୟୁ ଏବଂ ଏନ୍‌ଓବିଓ ଭଳି ସଂଘ ଯୋଗ ଦେଇଛନ୍ତି। ସଂଘଗୁଡ଼ିକ ୧୨ ଦଫା ଦାବି ରଖିଛନ୍ତି। ମଜୁରି ସଂଶୋଧନରେ ୨୦% ବୃଦ୍ଧି, ୫ ଦିନ କାର୍ଯ୍ୟ ଦିବସ, ବେସିକ୍ ପେ ସହ ସ୍ୱତନ୍ତ୍ର ଭତ୍ତା ମିଶ୍ରଣ, ସ୍ୱତନ୍ତ୍ର ପେନସନ ସ୍କିମ, ପରିବାର ପେନସନ ବୃଦ୍ଧି ଭଳି ଦାବି ଏହା ମଧ୍ୟରେ ସାମିଲ ରହିଛି। ଦାବି ଉପରେ ବିହିତ ପଦକ୍ଷେପ ଗ୍ରହଣ କରା ନ ଗଲେ ମାର୍ଚ୍ଚ ମାସ ୧୧,୧୨ ଏବଂ ୧୩ ତାରିଖରେ ୩ ଦିନ ଧର୍ମଘଟ ହେବ। ପୁଣି ଯଦି ଦାବି ପୂରଣ ନ ହୁଏ ତେବେ ଏପ୍ରିଲ ପହିଲାରୁ ଅନିର୍ଦ୍ଦିଷ୍ଟ କାଳ ଲାଗି କର୍ମଚାରୀମାନେ ଧାରଣାରେ ବସିବେ।

# ଅଭିଯୋଗ ପରେ ବନ୍ଦ ହେଲା ମଦ ଦୋକାନ

**ପାଟକୁରା ନିର୍ବାଚନ ମଣ୍ଡଳୀରେ ୩ ସଚିବ**

**ଡେରାବିଶ (ସ୍ୱ.ପ୍ର.)/ ପାଟକୁରା (ଡି.ଏନ.ଏ.), ୩୧।୧:** ପାଟକୁରା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଡେରାବିଶ ଓ ଗରଦପୁର ବ୍ଲକ ଅଞ୍ଚଳର ବିକାଶ ନକ୍ସା ଆଙ୍କିବାକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ୩ ସଚିବ କେନ୍ଦ୍ରାପଡା ଜିଲାକୁ ଶୁକ୍ରବାର ଗସ୍ତ କରିଛନ୍ତି। ଜିଲା ପ୍ରଶାସନିକ ଅଧିକାରୀଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଡି. ଏସ. କୁଟ୍ଟେ, ଅତିରିକ୍ତ ସଚିବ ରୂପା ରୋଶନ ସାହୁ, ଅତିରିକ୍ତ ସଚିବ ପ୍ରଦୀପ୍ତ ମହାପାତ୍ର ୩ଟି ଟିମ୍‌ର ନେତୃତ୍ୱ ନେଇ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବିଦ୍ୟୁତ ଯୋଗାଣ ଆଦିର ଅନୁଧ୍ୟାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏହି ବରିଷ୍ଠ ଅଧିକାରୀମାନେ ପ୍ରତି ପଞ୍ଚାୟତର ବିଦ୍ୟାଳୟଗୁଡ଼ିକ ପରିଦର୍ଶନ କରିଥିଲେ। ଏଥିସହିତ ନିର୍ବାଚିତ ଲୋକପ୍ରତିନିଧି ଓ ଅଞ୍ଚଳବାସୀଙ୍କ ସହ ସ୍ଥାନୀୟ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଗସ୍ତ ସମୟରେ ଗରଦପୁର ବ୍ଲକ ସାନ ଅଡଙ୍ଗା ପଞ୍ଚାୟତବାସୀ ସ୍ୱତନ୍ତ୍ର ସଚିବ କୁଟ୍ଟେ ଓ କେନ୍ଦ୍ରାପଡା ଜିଲାପାଳ ସମର୍ଥ ବର୍ମାଙ୍କ ନିକଟରେ ଏକ ମଦ ଦୋକାନ ଖୋଲାଯିବା ନେଇ ଅଭିଯୋଗ କରିଥିଲେ। ସେମାନେ ଦର୍ଶାଇଥିଲେ ଯେ, ଏହି ମଦ ଦୋକାନ ଅନ୍ୟତ୍ର ଖୋଲିବା ପାଇଁ ମଞ୍ଜୁରୀ ମିଳିଛି। ତେବେ ମଦ ଦୋକାନ ସାନଅଡ଼ଙ୍ଗା ଗ୍ରାମର ଏକ ବିଦ୍ୟାଳୟ ନିକଟରେ ଖୋଲାଯାଇଛି। ଉଭୟ ପ୍ରଶାସନିକ ଅଧିକାରୀ ଏହାର ତଦାରଖ କରି ବ୍ୟବସାୟ ପ୍ରତିଷ୍ଠାନକୁ ସିଲ୍ କରିଥିଲେ। ସେହିପରି ଡେରାବିଶ ବ୍ଲକ ନହଙ୍ଗ ପଞ୍ଚାୟତ ଆର୍ତ୍ତେଶ୍ୱର ହାଇସ୍କୁଲ, ଖମୋଳ ପଞ୍ଚାୟତ ଡାଳିଜିସ୍ଥିତ ବାଗଦେବୀ ନୋଡାଲ ଉଚ୍ଚ ବିଦ୍ୟାପୀଠ ଓ ଗରଦପୁର ବ୍ଲକ କୋରୁଆ ହାଇସ୍କୁଲ ପରିସରରେ ଛାତ୍ରୀଛାତ୍ରଙ୍କ ସମସ୍ୟା ବୁଝିବା ସହ ମଧ୍ୟାହ୍ନ ଭୋଜନ ଖାଇଥିଲେ। ସୂଚନାଯୋଗ୍ୟ ଯେ ଗତ ପାଟକୁରା ନିର୍ବାଚନ ସମୟରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଏହି ନିର୍ବାଚନମଣ୍ଡଳୀ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ଏହି ୩ ବରିଷ୍ଠ ଅଧିକାରୀ ଅଚାନକ ଜିଲା ଗସ୍ତ କରିଥିବା ଜଣାଯାଇଛି। ଏହି ଗସ୍ତ ସମୟରେ ଏଡିଏମ ବସନ୍ତ କୁମାର ରାଉତ, ପିଡି ଦିଲୀପ କୁମାର ପରିଡା, ଉପଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଜିଲା ଅଧିକାରୀ ସାମିଲ ହୋଇଥିଲେ।



କୋରୁଆ ହାଇସ୍କୁଲରେ ଅନ୍ୟମାନଙ୍କ ଗହଣରେ ସ୍ୱତନ୍ତ୍ର ସଚିବ ଅଭିଯୋଗ ଶୁଣୁଛନ୍ତି।

# ୧୫ ସୁଦ୍ଧା ବକେୟା ପୈଠ ନ କଲେ ବିଦ୍ୟୁତ୍ ବିଚ୍ଛିନ୍ନ

**ବ୍ରହ୍ମପୁର ଅଫିସ,୩୧।୧**

ଦକ୍ଷିଣାଞ୍ଚଳ ବିଦ୍ୟୁତ ପରିବର୍ଣ୍ଣନ ସଂସ୍ଥା ସାଉଥକୋ ଅଧୀନ ୮ ଜିଲାର ୧୫ ଲକ୍ଷ ୭୩ ହଜାର ୮୧୫ ଉପଭୋକ୍ତାଙ୍କ ଉପରେ ୧୩୭୪.୨୬ କୋଟି ଟଙ୍କା ବକେୟା ପଡ଼ିଛି। ଆସନ୍ତା ୧୫ ତାରିଖ ସୁଦ୍ଧା ଉପଭୋକ୍ତା ବକେୟା ପୈଠ କରିବା ପାଇଁ ସମୟ ଧାର୍ଯ୍ୟ କରାଯାଇଛି। ନଚେତ୍ କେନ୍ଦ୍ରାଞ୍ଚଳ ବିଦ୍ୟୁତ୍ ସେବା ପ୍ରଦାନକାରୀ ସଂସ୍ଥା ସେସୁ ଭଳି ସାଉଥକୋ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିବ ବୋଲି ଚେତାବନୀ ଦେଇଛି। ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କନ୍ଧମାଳ ଓ ବୌଦ୍ଧ ଜିଲାର ଉପଭୋକ୍ତାମାନଙ୍କୁ ଏ ନେଇ ସଚେତନ କରାଯାଇଛି। ବକେୟା ପୈଠ ନ କଲେ ଆସନ୍ତା ୧୬ରୁ ପର୍ଯ୍ୟାୟକ୍ରମେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ଶୁକ୍ରବାର ବ୍ରହ୍ମପୁରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସାଉଥକୋର ନୂଆ ପ୍ରଶାସନିକ ଅଧିକାରୀ (ଏଓ) ପ୍ରଦୀପ କୁମାର ସାହୁ ସୂଚନା ଦେଇଛନ୍ତି। ଉପଭୋକ୍ତା ୧୦ ହଜାରରୁ ଅଧିକ ଟଙ୍କା ବକେୟା ରଖି ପୈଠ କରି ନ ଥିଲେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯିବ। ପର୍ଯ୍ୟାୟକ୍ରମେ ପୈଠ କରିବାର ସୁଯୋଗ ଦିଆଯିବ। କଳ କାରଖାନା, ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକ ପ୍ରତି ଆଦାୟ ଆଭିମୁଖ୍ୟ କଠୋର କରାଯିବ ବୋଲି ଏଓ ସ୍ପଷ୍ଟ କରିଦେଇଛନ୍ତି।

ଅନ୍ୟପକ୍ଷରେ ଯେଉଁ ଉପଭୋକ୍ତାଙ୍କ ତ୍ରୁଟିପୂର୍ଣ୍ଣ ବିଲ ଥିବ ତାହା ଏସଡିଓ ଏବଂ ଜେଇଙ୍କ ପାଖରେ ଅଭିଯୋଗ କରାଗଲେ ସଂଶୋଧନ କରାଯିବ ବୋଲି ଏଓ ସାହୁ ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ସାଉଥକୋ ବ୍ରହ୍ମପୁର ସିଟି ସର୍କଲ ଏସଇଙ୍କ ସମେତ ଅନ୍ୟ ଅଧିକାରୀ ଓ ଇଞ୍ଜିନିୟର ଉପସ୍ଥିତ ଥିଲେ।

# ଉପକୂଳ ଅଞ୍ଚଳରେ ପକ୍ଷୀ ମଡ଼କ

**ଦୁଇ ଦିନ ମଧ୍ୟରେ ୧୦ କାଉ, ବଗ, କୋଇଲି ମୃତ**

**ମହାକାଳପଡା, ୩୧।୧ (ଡି.ଏନ.ଏ.)**

କେନ୍ଦ୍ରାପଡା ଜିଲା ମହାକାଳପଡା ବ୍ଲକର ବଟୀଘର, ରାମନଗର, ଜମ୍ବୁ, ବଉଳକଣୀ ପଞ୍ଚାୟତର ସ୍ଥାନୀୟ ଛପାଲି ବଡତୋଟା ଗ୍ରାମରେ ପକ୍ଷୀ ମଡ଼କ ଦେଖିବାକୁ ମିଳିଛି। ଗତ ଦୁଇଦିନ ମଧ୍ୟରେ ଏହି ଗ୍ରାମରେ ୧୦ଟି କାଉ, ୨ କୋଇଲି ଓ ୪ ବଗ ମରିଥିବା ଗ୍ରାମର ପ୍ରିୟରଞ୍ଜନ ରାଉତ ପ୍ରକାଶ କରିଛନ୍ତି। ଏହି ପକ୍ଷୀମାନେ ତଳେ ପଡି କିଛି ସମୟ ଛଟପଟ ହୋଇ ମରି ଯାଉଥିବା ସ୍ଥାନୀୟ ଲୋକେ କହିଛନ୍ତି। ଗାଁ ଲୋକେ ପକ୍ଷୀଙ୍କ ମୃତଦେହ ମାଟି ଖୋଳି ପୋତି ଦେଇଥିବା ଜଣାଯାଇଛି। ଅପରପକ୍ଷରେ ଜାନୁୟାରୀ ମାସରେ ମହାକାଳପଡା ବନାଞ୍ଚଳ ଅଧୀନରେ ପକ୍ଷୀଗଣନା କରାଯାଇଥିବା ବେଳେ ୩୦ ହଜାରରୁ ଉର୍ଦ୍ଧ୍ୱ ପକ୍ଷୀ ଏଠାକୁ ଆସିଥିବା ରିପୋର୍ଟ ପ୍ରକାଶ ପାଇଛି। ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ପକ୍ଷୀଙ୍କ ଭିଡ ଜମିଛି। ତେବେ ବାର୍ଡ ଫ୍ଲୁ ବ୍ୟାପିବା ଆଶଙ୍କା ଦେଖା ଦେଇଥିବାରୁ ଦେଶୀ ଓ ବିଦେଶୀ ପକ୍ଷୀଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିପାଇଁ ବିହିତ ପଦକ୍ଷେପ ନେବାକୁ ପରିବେଶବିତ୍ ସମରେନ୍ଦ୍ର ମାହାଳି ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବ୍ଲକ ପ୍ରାଣୀ ଚିକିତ୍ସକ ଚନ୍ଦନ କୁମାର ମହାନ୍ତିଙ୍କ ମତାମତ ନେବାରେ ଅଞ୍ଚଳ ପରିଦର୍ଶନ କରାଯାଇ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।




## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

JAGRUTI FINANCE
Jagruti Finance ସମସ୍ତ ପ୍ରକାର Loan ଯୋଗାଇ ଦେଉଛି। ସୁଧ 2%, ବିଶେଷ ରିହାତି ଅଛି। ମାର୍କଶିଟ୍, କୃଷି, ବ୍ୟକ୍ତିଗତ ଗୃହଋଣ, ବ୍ୟବସାୟ ଓ ପଶୁପାଳନ। Online ସୁବିଧା ଅଛି।
8280202796
7750826959
8763049235
T-62, Yamuna puri, Exit Delhi, Gosainpada, Mahulpalli, Sambalpur-768227

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ। ୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
78950-82886
73765-91521
B-34/7 A Block Vijay Enclave, Bururi, New Delhi

ଆଡଭାନ୍ସ ନେଉନୁ ଧୋକା ଦେଉନୁ
AMERICAN FINANCE
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗୃହ, ମୁଦ୍ରା, ବିଜ୍‌ନେସ୍, ଏଗ୍ରିକଲ୍ଚର ସମସ୍ତ ଋଣ ମାତ୍ର 24 ଘଣ୍ଟାରେ।
2% ସୁଧ - 40% ସୁଧ
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ ଯୋଗାଯୋଗ କରନ୍ତୁ
87654-96495
87654-73190
104, Wadala Udyog Bhavan, Maharashtra.

Radhe Finance
ଆଣିଛନ୍ତି ସବୁ ପ୍ରକାର ଋଣ ଯେପରି:
• ପ୍ରପର୍ଟି ଋଣ
• ପର୍ସନାଲ ଋଣ
• କୃଷି ଋଣ
• ବ୍ୟବସାୟ ଋଣ
• ଗ୍ରୁପ୍ ଋଣ
2% ସୁଧ 40% ଛାଡ଼
ମହିଳାଙ୍କ ପାଇଁ ବିଶେଷ ରିହାତି।
9084917682
9557039782
Address: Ahmedabad

ପଇସା ଆମର ସଫଳତା ଆପଣଙ୍କର (ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା
ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ | 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
9990624548
7982465910

REAL ESTATE

GHARABARI PLOT, 40 Ft Revenue Road access to Plot for Sale at Balianta, 4.5 km from Hanspal @ 550/- Sq. Ft., 2 BHK Flat at Hanspal @ 34 lakhs.
Contact No.: 9178500350

BUSINESS

BUSINESS
Regd କମ୍ପାନୀ ଦ୍ୱାରା ନିଜର ଖାଲିଥିବା ଜମି, ଛାତ, ପ୍ଲଟ ଓ ଘର ଆଦି ସମସ୍ତ ସ୍ଥାନରେ ଡିଜିଟାଲ ଟାୱର ବସାଇ ଅଗ୍ରୀମ 55,000,00/-, ଭଡା 40,000/- ଟଙ୍କା ପାଆନ୍ତୁ।
Plot No 37 UA, Bungalow Rd, Kamla Nagar, New Delhi,
7664091295

SHINGHANIA TOWER
ଖାଲିଥିବା ଜମି ଓ ଛାତ ଉପରେ Shinghania Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଆଜି ହିଁ ସମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: shinghaniatowercompany4242@gmail.com
WhatsApp No 8887184570

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଳେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
8527425449

ଅଲ୍ ଇଣ୍ଡିଆ ଖୋଲା ଚାଲେଞ୍ଜ
2 ଘଣ୍ଟାରେ 100% ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା, ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ଝଗଡ଼ା, ପ୍ରେମବିବାହ, ଗୃହକ୍ଳେଶ, ପ୍ରପର୍ଟି, କୋର୍ଟ-କେସ୍, ଯାଦୁ-ଟୋନା, ବିଦେଶ ଯାତ୍ରା, ବଶୀକରଣ, ଗୁଣି-ଗାରେଡ଼ି
AtoZ ସମସ୍ୟାର ସମାଧାନ ଘରେ ବସି।
ବାବା ଅଲାଉଦ୍ଦିନ ବଙ୍ଗାଲି
ସ୍ପେ. ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦେବେ ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
କାମ ନ ହେଲେ ଟଙ୍କା ଫେରସ୍ତ
8376889657
9971793786

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
୨ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠ୍‌କରଣ
ତନ୍ତ୍ର ମନ୍ତ୍ର ର ସମ୍ରାଟ, କାମନହେଲେ ପଇସା ଫେରନ୍ତ, ଗୃହ କ୍ଳେଶ, ପତି ପତ୍ନୀ ମଧ୍ୟରେ ଝଗଡା, ବିବାହରେ ସମସ୍ୟା, ଲଭ୍ ମ୍ୟାରେଜ, ବ୍ୟବସାୟରେ ବାଧା, ରୋଗରେ ଔଷଧ କାମ ନକରିବା, ସନ୍ତାନ ପ୍ରାପ୍ତି, ବିଦେଶ ଯାତ୍ରା ମୋ କାମକୁ କାଟିଥିବା ଲୋକଙ୍କୁ ମନଚାହିଁ ପୁରସ୍କାର
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ଭୁବନେଶ୍ୱର
9773820765

HEALTH CARE

ଔଷଧ ସବୁ ପ୍ରକାରର ପୁରାତନ ଓ ନୂତନ ରୋଗ ହୋମିଓ ପାଥିକ୍ (ଔଷଧ) ଦ୍ୱାରା ଆରୋଗ୍ୟ କରାଯାଏ।
ଯୋଗାଯୋଗ କରନ୍ତୁ
ଲୋକସେବା କ୍ଲିନିକ୍
ଡାକ୍ତର ମୋହନ ଚରଣ ନାୟକ
ମୋବାଇଲ-9439043096
Regd No.-D/1307/70/ଓଡ଼ିଶା

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | GST 5% will be added extra |

on every Tuesday & Friday

DHARITRI Career appointment Every Wednesday and Saturday

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଆଗାମୀ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଭାଜପାକୁ ୪୦ ଆସନ ମିଳିବ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଶୁକ୍ରବାର କହିଛନ୍ତି। ଏନେଇ ଦଳ ପକ୍ଷରୁ ଗୁପ୍ତ ସର୍ଭେ କରାଯାଇଥିବା ସେ ପ୍ରକାଶ କରିଛନ୍ତି। ପ୍ରକାଶଥାଉ କି, ପୂର୍ବରୁ ଦିଲ୍ଲୀର ଭାଜପା ଅଧ୍ୟକ୍ଷ ମନୋଜ ତିୱାରୀ ନିର୍ବାଚନରେ ଦଳକୁ ୪୭ ଆସନ ମିଳିବ ବୋଲି କହିଥିଲେ। ସୂଚନାଯୋଗ୍ୟ, ଫେବୃୟାରୀ ୮ରେ ଏଠାରେ ଭୋଟଗ୍ରହଣ କରାଯିବାକୁ ଥିବାବେଳେ ୧୧ରେ ଭୋଟଗଣତି କରାଯିବ।



# ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡାଦେଶ

ଅନୁଗୋଳ ଅଫିସ୍, ୩୧।୧

ଅନୁଗୋଳ ଥାନା କାଙ୍ଗୁଲା ବିହାରୀ ଛକରେ ୨୦୧୫ ମେ ୧୯ରେ ଘଟିଥିବା ମାମୁଲି ବାରିକ ହତ୍ୟା ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ଜିଲା ଓ ଦୌରାଜଜ୍ ଅଶାନ୍ତ କୁମାର ଦାସ ଅଭିଯୁକ୍ତ ଜିତୁ ପରିଡ଼ା(୪୦)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଏକ ଲକ୍ଷ ଟଙ୍କା ଜରିମାନା ଦେବାକୁ ଓ ଅନାଦାୟସ୍ଥଳେ ଅଧିକ ଦୁଇ ବର୍ଷ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ମୃତକଙ୍କ ସ୍ତ୍ରୀଙ୍କୁ ଆଇନସେବା ପ୍ରାଧିକରଣ ପକ୍ଷରୁ ଅନୁକମ୍ପାମୂଳକ ସହାୟତା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

**କାଙ୍ଗୁଲା ବିହାରୀ ଛକରେ ହତ୍ୟା ମାମଲା**

ମାମଲାରୁ ପ୍ରକାଶ ଯେ, ଘଟଣାଦିନ ମାମୁଲି ଓ ଜିତୁ କାଙ୍ଗୁଲା ବିହାରୀ ଛକରେ ଥିବା ସଞ୍ଜୟ ପରିଡ଼ାଙ୍କ ଜଳଖିଆ ଦୋକାନରେ ବସିଥିଲେ। ମାମୁଲିଙ୍କ ଭାଇ ପ୍ରଦୀପ ଅନୁଗୋଳ ସହରରୁ ଅପରାହ୍ନରେ ଘରକୁ ଫେରୁଥିବାବେଳେ ସେଠାରେ ବସିବାକୁ ମାମୁଲିଙ୍କୁ ବାରଣ କରିଥିଲେ। ଏହାପରେ ଜିତୁ କିଛି ଟଙ୍କା ମାମୁଲିଙ୍କୁ ମାଗିଥିଲେ। କିନ୍ତୁ ସେ ଦେବାକୁ ମନା କରିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଜିତୁ ଦୋକାନରେ ଥିବା ଏକ ପନିକିରେ ମାମୁଲିଙ୍କୁ ଆକ୍ରମଣ କରି ହତ୍ୟା କରିଥିଲେ। ଦୋକାନୀଙ୍କଠାରୁ ଖବରପାଇ ପରିବାର ଲୋକେ ମାମୁଲିଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ପ୍ରଦୀପ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୨୬୦/୧୫ରେ ମାମଲା ରୁଜୁକରି ଅଭିଯୁକ୍ତ ଜିତୁଙ୍କୁ ଗିରଫ କରିଥିଲା। ୧୮ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି କୋର୍ଟ ଏହି ରାୟ ଶୁଣାଇଛନ୍ତି। ସରକାରୀ ପବ୍ଲିକ୍ ପ୍ରସିକ୍ୟୁଟର(ପିପି) ପ୍ରଦୀପ କୁମାର ଦାସ ମାମଲା ପରିଚାଳନା କରିଥିଲେ।

# ମାଓବାଦୀ ଅଞ୍ଚଳ ବୁଲିଲେ ସିଆର୍‌ପିଏଫ୍ ଡିଜି

**୨ ଦିନିଆ ଓଡ଼ିଶା ଗସ୍ତ**

- ମୁକାବିଲାରେ ତ୍ରୁଟି ସୁଧାରିବାକୁ ନିର୍ଦ୍ଦେଶ
- ପୂର୍ବାପେକ୍ଷା ମାଓବାଦୀ ସମସ୍ୟାରେ ସୁଧାର ଆସିଛି
- ରାଜ୍ୟ ସରକାର ଚାହିଁଲେ ଅଧିକ ଯବାନ ଯୋଗାଇ ଦିଆଯିବ

ଭୁବନେଶ୍ୱର,୩୧।୧(ବ୍ୟୁରୋ)

ସିଆର୍‌ପିଏଫ୍ ଡିଜି ଏ.ପି. ମାହେଶ୍ୱରୀ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସି ଶୁକ୍ରବାର ମାଲକାନଗିରି, କୋରାପୁଟ ଆଦି ରାଜ୍ୟର ବିଭିନ୍ନ ମାଓବାଦୀ ପ୍ରଭାବିତ ଜିଲା ବୁଲିଛନ୍ତି। କ୍ଷେତ୍ରୀୟ ଅନୁଧ୍ୟାନ ସହ ମାଓବାଦୀ ସ୍ଥିତିର ସମୀକ୍ଷା କରିଛନ୍ତି। ମାଓବାଦୀ ଦମନରେ ରହୁଥିବା ତ୍ରୁଟିର ସୁଧାର ଆଣିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ମାଓବାଦୀଙ୍କ ନୂଆ ନୂଆ ରଣନୀତିକୁ ଯେଭଳି ଭାବେ ସିଆର୍‌ପିଏଫ୍ ଯବାନ ପଣ୍ଡ କରିବାରେ ସଫଳ ହେବେ ତାହା ଉପରେ ଡିଜି ମାହେଶ୍ୱରୀ ଗୁରୁତ୍ୱ ଦେଇଛନ୍ତି। ଏହାସହ ସେ ମାଓଦମନ ପାଇଁ ସିଆରପିଏଫ୍‌ର ଆଗାମୀ ରଣନୀତି ସମ୍ପର୍କରେ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ବିଗତ ଦିନଗୁଡ଼ିକରେ ମାଓବାଦୀ ଦମନରେ ସିଆରପିଏଫ୍ ଯବାନଙ୍କ ସଫଳ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ତେବେ ରାଜ୍ୟର ମାଓବାଦୀଙ୍କ ସ୍ଥିତି ଓ ଆଇନ ଶୃଙ୍ଖଳା ସଂକ୍ରାନ୍ତରେ ଡିଜି ମାହେଶ୍ୱରୀ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ରାଜ୍ୟ ପୋଲିସ ଓ ଅନ୍ୟ ସୁରକ୍ଷା ବଳ ସହିତ ମିଶି ସିଆରପିଏଫ୍ ଅପରେଶନ ଜାରି ରଖିଛି। ଫଳରେ ପୂର୍ବ ଅପେକ୍ଷା ରାଜ୍ୟରେ ଆଇନ ଶୃଙ୍ଖଳା ଓ ମାଓବାଦୀ ସମସ୍ୟାରେ ବହୁ ସୁଧାର ଆସିଛି। ଆଗକୁ ମଧ୍ୟ ଏଭଳି ସ୍ଥିତି ଜାରି ରହିବ। ଯଦି ଆବଶ୍ୟକ ପଡ଼େ ଓଡ଼ିଶାରେ ଅଧିକ ସିଆର୍‌ପିଏଫ୍ ୟୁନିଟ୍ ମୁତୟନ ନେଇ ସମୀକ୍ଷା କରିବୁ। ସମସ୍ତ ସୁରକ୍ଷାବଳ ସହିତ ସମନ୍ୱୟ ଠିକ୍‌ଠାକ୍ ରହିଛି। ଜନସାଧାରଣଙ୍କ ସହଯୋଗ ମଧ୍ୟ ଆଗ ଅପେକ୍ଷା ଭଲ ମିଳୁଛି। ତେଣୁ ଅପରେଶନରେ ସୁଫଳ ମିଳୁଛି। ରାଜ୍ୟରେ ଶାନ୍ତିଶୃଙ୍ଖଳା ଭଲ ରହିଛି। ଏଥିପାଇଁ ରାଜ୍ୟର ମୁଖ୍ୟମନ୍ତ୍ରୀ ଯାହା ଚାହିଁବେ, ଆବଶ୍ୟକ କରିବେ ସେହି ଅନୁଯାୟୀ ପୂରା ସହଯୋଗ କରାଯିବ ବୋଲି ସିଆର୍‌ପିଏଫ୍ ଡିଜି ମାହେଶ୍ୱରୀ କହିଛନ୍ତି।



ସିଆର୍‌ପିଏଫ୍ ଡିଜି ଏ.ପି. ମାହେଶ୍ୱରୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସରେ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦାଣ୍ଡରେ କବାଟ ବାଡ଼ିରେ ତାଟି**
**ସାହୁ ପଡିଆରା ଝିଅ ଦିଓଟି ।**

ଯୁଗର ଦୌରାତ୍ମ୍ୟ କ୍ରମେ ଝିଅଙ୍କୁ ଘରେ ନିରାପଦ ଅବସ୍ଥାରେ ରଖିବାର ଯୋଜନା। ସାହୁକାର ଭୟରେ ଝିଅ ଦୁଇଟିଙ୍କୁ ଘରେ ଛାଡ଼ି ବାହାରକୁ ଯାଉ ନ ଥିବା ଗରିବ ଖାତକ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଦେହେ ମନ୍ଦାକିନୀ ରଜ ଲଗାଇ**
**ଗ୍ରାମ ଶୂକର କି ହୋଇବ ଗାଈ ?**

ଯେତେ ବାହ୍ୟ ଉପଚାର କଲେ ମଧ୍ୟ ଘୁଷୁରି କେବେ ବି ଗାଈ ହୋଇପାରି ନ ଥାଏ। ଯାହାର ପରିଚୟ ଯାହା, ସେ ଯେତେ ନିଜକୁ ମାର୍ଜିତ ବା ଉନ୍ନତ କଲେ ମଧ୍ୟ ନିଜ ମୌଳିକ ପରିଚୟରୁ ସେ କେବେହେଲେ ମୁକ୍ତ ହୋଇ ପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ବିଷ ପିଇ ଶାଳୀ ମୃତ, ଭିଣୋଇ ଗୁରୁତର

କୁଚିଣ୍ଡା,୩୧।୧(ଡି.ଏନ.ଏ.)

ସମ୍ବଲପୁର ଜିଲା ମହୁଲପାଲି ଥାନା ଅନ୍ତର୍ଗତ ବେନିଆଁପୋଷୀ ଗ୍ରାମର ବୈଶାଖୁ କିଷାନଙ୍କ ସ୍ତ୍ରୀ କ୍ଷୀରୋଦିନୀ (୪୫) ଓ ତାଙ୍କ ଭିଣୋଇ ବନ୍ଧୁରାମ କିଷାନ (୪୫) କୌଣସି କାରଣରୁ ବିଷପିଇ ଦେଇଥିଲେ । ଉଭୟଙ୍କୁ ନିକଟସ୍ଥ ଜଙ୍ଗଲରୁ ପରିବାର ଲୋକ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରେ କ୍ଷୀରୋଦିନୀଙ୍କ ମୃତ୍ୟୁ ଘଟିଛି । ବନ୍ଧୁରାମଙ୍କୁ ଗୁରୁତର ଅବସ୍ଥାରେ ଭିମ୍‌ସାର ସ୍ଥାନାନ୍ତର କରାଯାଇଛି । ଗୁରୁବାର ଅପରାହ୍ନରୁ କ୍ଷୀରୋଦିନୀ କୁଆଡ଼େ ନିଖୋଜ ହୋଇଯାଇଥିଲେ । ମଧ୍ୟରାତି ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ । ହେଲେ ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ଶେଷରେ ପରିବାର ଲୋକେ ପାଖ ଜଙ୍ଗଲରୁ କ୍ଷୀରୋଦିନୀ ଓ ତାଙ୍କ ଭିଣୋଇ ବନ୍ଧୁରାମଙ୍କୁ ଗୁରୁତର ଅବସ୍ଥାରେ ଭୋର ସମୟରେ ଉଦ୍ଧାର କରିଥିଲେ। ଉଭୟେ ବିଷପିଇ ଥିବା ଜଣାପଡିବା ପରେ ତୁରନ୍ତ ସେମାନଙ୍କୁ କୁଚିଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ କ୍ଷୀରୋଦିନୀଙ୍କ ମୃତ୍ୟୁ ଘଟିଥିଲା । ବନ୍ଧୁରାମଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି । କୁଚିଣ୍ଡା ଡାକ୍ତରଖାନାରେ କ୍ଷୀରୋଦିନୀଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ କୁଚିଣ୍ଡା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ପୋଲିସ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି । ତେବେ କେଉଁ କାରଣରୁ ଶାଳୀ ଭିଣୋଇ ବିଷ ପିଇଲେ ସେ ସଂକ୍ରାନ୍ତରେ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ତଦନ୍ତ ପରେ ସବୁ ସାମ୍ନାକୁ ଆସିବ ବୋଲି ପୋଲିସ କହିଛି।

# ଖପ୍ରାଖୋଲରୁ ସେକ୍ସ ର୍‍ୟାକେଟ୍ ଠାବ

ଖପ୍ରାଖୋଲ,୩୧।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ଅଞ୍ଚଳରେ ଦୀର୍ଘଦିନ ଧରି ଚାଲିଥିବା ଏକ ସେକ୍ସ ର୍‍ୟାକେଟ୍‌କୁ ଠାବ କରାଯାଇଛି। ଗୁରୁବାର ବିଳମ୍ବିତ ରାତିରେ ପୋଲିସର ଏକ ଟିମ୍ ଚଢାଉ କରି ଜଣେ ଯୁବତୀଙ୍କୁ ଉଦ୍ଧାର ସହ ଏହି ର୍‍ୟାକେଟ୍‌ରେ ସମ୍ପୃକ୍ତ ଦଲାଲ ଏବଂ ଜଣେ ଗ୍ରାହକକୁ ପୋଲିସ ଗିରଫ କରିଛି। ମିଳିଥିବା ସୂଚନା ମୁତାବକ, ଖପ୍ରାଖୋଲ ଧଣ୍ଡାମୁଣ୍ଡା ରାସ୍ତା ପାଟିମାଲ ନିକଟ ଏକ ନିଛାଟିଆ ଖଳା ପାଖରେ ସେକ୍ସ ର୍‍ୟାକେଟ ଚାଲିଥିବା ନେଇ ପୋଲିସକୁ ଖବର ମିଳିଥିଲା। ଏନେଇ ଥାନା ଏସ୍‌ଆଇ ପଞ୍ଚାନନ ନେଗୀଙ୍କ ନେତୃତ୍ୱରେ ପୋଲିସ ଟିମ୍ ସେଠାରେ ଚଢାଉ କରିଥିଲା।

## ପ୍ରଥମ ପୃଷ୍ଠାରୁ...

### ଟି୨୦ରେ ଭାରତର ...

ଭାରତର ବ୍ୟାଟିଂ ସମୟରେ ୧୫ ବଲ୍‌ରୁ ୨୦ ରନ କରିବା ସହ ଡେଥ୍ ଓଭରରେ ଚମତ୍କାର ବୋଲିଂ କରି ୨ଟି ଉଇକେଟ ନେଇଥିବା ଶାର୍ଦ୍ଦୂଳ ଠାକୁର ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ପୂର୍ବ ମ୍ୟାଚ ଭଳି ଏଥର ମଧ୍ୟ ସୁପର ଓଭର ରୋମାଞ୍ଚକ ହୋଇଥିଲା। ଭାରତ ତରଫରୁ ଯଶପ୍ରୀତ ବୁମ୍‌ରା ବୋଲିଂ କରିଥିଲେ ଓ ନ୍ୟୁଜିଲାଣ୍ଡ ପକ୍ଷରୁ ଟିମ୍ ସିଫର୍ଟ ଓ କଲିନ ମୁନ୍‌ରୋ ବ୍ୟାଟିଂ କରିବାକୁ ଆସିଥିଲେ। ଇନ୍‌ଫର୍ମ ସିଫର୍ଟ ପ୍ରଥମ ବଲ୍‌ରେ ଜୀବନଦାନ ପାଇଥିଲେ। ମିଡ୍‌ଉଇକେଟରୁ ଆସି ଶ୍ରେୟାସ ଆୟାର ତାଙ୍କ କ୍ୟାଚ୍ ଧରିବାକୁ ପ୍ରୟାସ କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଏହି ବଲ୍‌ରୁ ସିଫର୍ଟ ୨ ରନ ନେଇଥିଲେ। ଦ୍ୱିତୀୟ ବଲ୍‌କୁ ସିଫର୍ଟ ୱାଇଡ୍ ଲଙ୍ଗ୍ ଅଫ୍‌ରେ ଚୌକା ମାରିଥିଲେ। ତେବେ ତୃତୀୟ ବଲ୍‌ରେ ପୁଣି ଥରେ ସିଫର୍ଟଙ୍କ କ୍ୟାଚ୍ ମିସ୍ ହୋଇଥିଲା ଓ ସେ ୨ ରନ ସଂଗ୍ରହ କରିଥିଲେ। ଚତୁର୍ଥ ବଲ୍‌ରେ ସେ ଡିପ୍ ପଏଣ୍ଟରେ ୱାଶିଂଟନ ସୁନ୍ଦରଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ପଞ୍ଚମ ବଲ୍‌ରେ ମୁନରୋ ବ୍ୟାକ୍‌ୱାର୍ଡ ପଏଣ୍ଟକୁ ଚୌକା ମାରିବାରେ ସଫଳ ହୋଇଥିଲେ। ଅନ୍ତିମ ବଲ୍‌ରେ ମୁନରୋ ଶର୍ଟ ଫାଇନ ଲେଗ୍‌କୁ ଶଟ୍ ମାରି ୧ ରନ ନେଇଥିଲେ। ଏହାପରେ ଭାରତର ଲୋକେଶ ରାହୁଲ ଓ ବିରାଟ କୋହଲି ବ୍ୟାଟିଂ କରିବାକୁ ଆସି ଅଭିଜ୍ଞ ଟିମ୍ ସୌଦିଙ୍କୁ ସାମ୍ନା କରିଥିଲେ। ତେବେ ରାହୁଲ ପ୍ରଥମ ବଲ୍‌ରେ ଲେଗ୍ ସାଇଡ୍‌କୁ ଏକ ବିଶାଳ ଛକା ମାରିବା ପରେ ଦ୍ୱିତୀୟ ବଲ୍‌ରେ ଫାଇନ ଲେଗ୍‌ରେ ଚୌକା ମାରିଥିଲେ। ତେବେ ତୃତୀୟ ବଲ୍‌କୁ ମିଡ ଉଇକେଟ ଉପରେ ମାରିବା ଚକ୍କରରେ ସେ ବାଉଣ୍ଡରିରେ କଗ୍‌ଲିଜିନଙ୍କ ହାତରେ ଧରା ପଡିଥିଲେ। ଚତୁର୍ଥ ବଲ୍‌ରେ କୋହଲି ଗ୍ୟାପ୍‌ରେ ଶଟ୍ ମାରି ୨ ରନ ସଂଗ୍ରହ କରି ନେଇଥିଲେ। ଶେଷ ୨ ବଲ୍‌ରୁ ୨ ରନ ଆବଶ୍ୟକ ହେଉଥିବା ବେଳେ ପଞ୍ଚମ ବଲ୍‌ରେ ଡିପ୍ ମିଡ ଉଇକେଟକୁ ଚୌକା ମାରି ସେ ଗୋଟିଏ ବଲ୍ ପୂର୍ବରୁ ଭାରତକୁ ଜିତାଇ ଦେଇଥିଲେ।


**OFFICE OF THE SUPERINTENDENT**
**MAHARAJA KRISHNA CHANDRA GAJAPATI MEDICAL COLLEGE HOSPITAL**
**BERHAMPUR-760004, GANJAM, ODISHA**
**Tel. No: 0680-2292624, Fax: 0680-2292752,**
**E.mail: supdtmkcg@gmail.com, supdtmkcg-bam@gov.in**

**No. 1370 MCH/CS/2020** **Date: 29.01.2020**

**TENDER CALL NOTICE**

**No.E-709:-** The Superintendent, MKCG Medical College Hospital Berhampur-760004, Dist. Ganjam, Odisha Invites sealed tenders in the prescribed Proforma from the Registered and reputed Manufacturers, Authorized suppliers, Dealers, Stockiest and EPM rate Contract holders for **"Supply of Surgical Consumable & Disposable items"** from M.K.C.G. Medical College Hospital, Berhampur.

The detail information, terms and conditions can be obtained from the office of the undersigned in any working day after publication in news papers. The bidder can also download the tender documents directly from the website **www.ganjam.nic.in**.

The last date of receipt of tenders through Regd. Post/ Speed post is on or before Dt. 24.02.2020 at 05.00 Pm & the Tender will be open on 26.02.2020. It may be extended.

The Superintendent, M.K.C.G. Medical College Hospital, Berhampur reserves right to accept / reject/ cancel any or all the tenders in full or part without assigning any reason thereof.

**Sd./- Superintendent**
**MKCG Medical College Hospital, Berhampur**
**10028/11/0009/1920**



**No. A-628:**
**GOVERNMENT OF ODISHA**
**DEPARTMENT OF WATER RESOURCES,**
**OFFICE OF THE EXECUTIVE ENGINEER**
**KANDHAMAL MINOR IRRIGATION DIVISION, PHULBANI**

**e-Procurement Notice**

**BID IDENTIFICATION NO-PIb-MI-E-02/2019-20**
Letter No.- 78, Dt- 29.01.2020

| | |
|---|---|
| Name of work | : Improvement of Minor Irrigation Projects under Critical grant for the year 2019-20. |
| No. Works | : 08 (Eight) Nos. |
| Estimated Cost | : Varies from Rs. 8.85 lakh to Rs.13.26 lakh Approximately |
| Tender paper cost | : Rs.6000.00 & Rs.4000.00 (Non- refundable) |
| Period of completion | : 30 (Thirty days) only. |
| Availability of Bid documents | : From 10.00 AM of 06.02.2020 to 16.00 hrs of 12.02.2020 in website (www.tendersodisha.gov.in) |
| Time of receipt of bid through on line | : From 10.00 AM of 06.02.2020 to 16.00 hrs of 12.02.2020 through online |
| Date of opening of bid documents | : At 11.00 hrs of 13.02.2020 in the O/o E.E., K.M.I. Division, Phulbani |
| Digital signature certificate | : The bidder must possess compatible digital signature certificate (DSC) of class II or class-III |

The detail tender call notice can also be seen in the DOWR website http/dowrorissa.gov.in.

Name and address of the OIT:- Executive Engineer, K.M.I. Division, Phulbani, Ph No.06842- 253634, Fax:-06842-253816, E-mail: kmidplb@gmail.com

Further details can be seen from the e-procurement market place, http//www.tendersodisha.gov.in

*(Er. Jaminikanta Das), Executive Engineer*
*Kandhamal M.I. Division, Phulbani*
32040/11/0005/1920



**OFFICE OF THE SUPERINTENDING ENGINEER**
**NATIONAL HIGHWAY CIRCLE, SAMBALPUR**
**Email: senhsambalpur@gmail.com, Ph: 0663-2412461**
**Corrigendum to Bid Identification No. SENH(SBP)/04/2019-20**

**No.b-78:-** Following changes have been made for the work:- "PR such as Renewal coat with BC from 265/300 to 269/300 km of NH-49 for the year 2019-20".

1. Last date of receipt of bid for the above mentioned work is extended upto 17.00 hours of 17.02.2020.
2. Cover-I of the bid for the above work shall be opened on dt. 19.02.2020 at 11.30 hours.
3. All other terms and conditinos contained in Original notice shall remain in unchanged.

**Sd./- Superintending Engineer,**
**N.H. Circle, Sambalpur**
**34007/11/0005/1920**



**OFFICE OF THE**
**ANGUL MUNICIPALITY ANGUL**
**No.413 / dt. 29.01.2020**

**QUOTATION CALL NOTICE**

No. C-469: Quotation in sealed covers are invited from the intending reputed farms /suppliers/Dealers for supply of following sanitary materials as mentioned below by the office of the undersigned. The last date of submission of quotation is dt. 10.02.2020 to by 11.00 AM and the same will be opened in the same day at 12.00 Noon in the presence of the quotationer or their authorized representatives/agents. The rate of the materials mentioned below shall be inclusive of all taxes and to be supplied to Angul Municipality at their own cost, The materials shall be supplied within seven days of placement of purchase order.

| Sl No. | Name of the Items | Specification |
|---|---|---|
| 1 | Bleaching Powder | Grade-I (25 Kg per Bag) 33% chlorine |
| 2 | Broom Stick | Coconut Stick per quintal |
| 3 | Mosquitoes killed oil | Baitex 1000,Per 10 ltr. |
| 4 | Mosquitoes killed powder | Best quality per kg. |
| 5 | Mosquitoes larva killed oil | Best quality per ltr. |
| 6 | Mosquitoes larva killed Powder | Best quality per Kg. |
| 7 | Black phenyl | Best quality per ltr. |
| 8 | White phenyl | Best quality per ltr |
| 9 | Foreoxine powder | Best quality per Kg |
| 10 | Washing Acid | Best quality per ltr |
| 11 | Tricycle Dustbin Bucket | Best quality per PC(60ltr) |
| 12 | King fag Oil | Best quality per ltr |
| 13 | Spray Machine (12 ltr.) (Brass & Plastic) | Best quality per PC |
| 14 | Nursery Jug (Plastic) | Best quality per pc |
| 15 | Max | Best quality per PC |
| 16 | Gloves | Industrial Best quality per pair |
| 17 | Helmet | Best quality per PC |
| 18 | Apron | Best quality per PC |
| 19 | Wheel Barrow | Made out of Iron angle Frame, 35x35x5ms flat 25x5 side and bottom plate 16 gage C.R sheet fitting with 2 nos solid pavement wheel capacity 6cft shape trapezoidal complete painting with two coats of good quality paint and long handle |

**Terms and Conditions**

1. The quoted rate should be inclusive of transportation loading and unloading cost GST and other if any.
2. The authority reserves the right to accept rate quoted even in single items.
3. True Xerox copy of up to date GST clearance certificate, PAN card and company registration certificate, other certificate of materials with self attested most be produced with quotation, if called for original documents shall be produced for verification.
4. Cost of Tender paper is Rs. 4000,00 (Rupees four thousand) only Non refundable in shape of D.D and E.M.D Rs.25,000.00 ( Rupees twenty five thousand) only in shape of Demand Draft /Bank cheque in favour of Executive officer, Angul Municipality should be enclosed along with the quotation, EMD will be refund to unsuccessful quotationers in due course, the E.M.D of Successful quotation will be refunded without interest after completion of the audits.
5. The materials shall be specified brand only as mentioned in quotation schedule and strictly in accordance with relevant ISI mark.
6. The payment will be made as per available of fund.
7. They are requested to submit the sample of all items at the time of opening of tender for verification by the tender committee,
8. The Authority reserves the right to cancel any or all the quotation without assigning any reason thereof.

13085/11/0022/1920 **Sd./- Executive Officer, Angul Municipality**



**State Institute of Consumer Awareness (SICA)**
**Food Supplies & Consumer Welfare Department**
**O/o Directorate of Legal Metrology, Khandagiri, Bhubaneswar-751030**
**Tel. No: 0674 2351990 / 2351992,**
**E.mail: sicafscw@gmail.com**

**REQUEST FOR PROPOSAL**

**For Supply of Manpower for Performing and Managing day to day Activities of SICA, Bhubaneswar**

**RFP No.01/CW-SICA/2020 dated 01.02.2020**

**H-15:-** Request for Proposals are invited from interested bidders being registered under Companies Act-1956 and having valid registration certificates, GSTIN and eligibility as per the criteria in the RFP published in the official website **www.foododisha.in, www.dlm.pdsodisha.gov.in & www.OSCSC.in** for "Supply of Manpower for performing and managing day to day Activities of SICA as identified by the State of Odisha. The bidders are required to submit the document Fee of Rs. 5,000/- (Rupees Five Thousand Only) (non-refundable) by Demand Draft in favour of **"State Institue of Consumer Awareness (SICA)"** from any of the Nationalized bank payable at Bhubaneswar along with the Proposal.

| | |
|---|---|
| Last date for submission of bids | Date 19.02.2020 at 17.00 hours |
| Opening of Technical Bid | Date 20.02.2020 at 11.30 hours at Conference Hall of Directorate of Legal Metrology, Khandagiri, Bhubaneswar. |
| Date & Time for opening of Financial proposals | The date for opening of Finance Bid shall be issued by mail to those bidders who qualify in Technical bid. |

All submissions must be done through registered post/speed post only to the office of the SICA. SICA will not be responsible for delays caused by the registered post/speed post. The authority reserves the right to cancel any or the entire tender process without assigning any reason thereof.

**Sd./-**
**DCA-cum-Addl. Secretary to Govt.**
**& Vice President to SICA**
**F.S. & C.W. Department**

**07001/11/0013/1920**


See CAREERAPPOINTMENT on every Wednesday & Saturday


**THE ODISHA MINING CORPORATION LIMITED**
OMC House, Bhubaneswar-751001,Odisha, CIN: U13100OR1956SGC000313, www.omcltd.in
OMC ODISHA NEW OPPORTUNITIES

**No. CAD-891:-**

**E-Procurement Notice**

NIT No-OMC/E-PROC/C&P/14/2020 Dtd- 31 .01.2020

| | | |
|---|---|---|
| 1. | Name of the work | Supply of allopathic medicines and surgical items to the following dispensaries of OMC in Odisha for a period of three years. 1. Dispensaries at different Mines under Barbil Region in Keonjhar District. 2. Dispensaries at different Mines under Rayagada Region in Rayagada & Koraput District. |
| 2. | Availability of bid document in Govt. Portal | 01. 02.2020 to 24.02.2020 up to 5.00PM |
| 3. | Last date of online submission of tender in | 24.02.2020 up to 5.00PM. |
| 4. | Submission of EMD | 1. Rs.50,000.00 (Rupees Fifty Thousand) only for Barbil 2. Rs.20,000.00 (Rupees Twenty Thousand) only for Rayagada through online as available in www.tendersodisha.gov.in. |
| 5. | Date of opening of Technocommercial bid | 25.02.2020 at 11.00 AM |

All other details can be seen from the tender document available in Odisha Govt. website www.tendersodisha.gov.in & in OMC website www.omcltd.in

OMC reserves the right to reject any or all tenders without assigning any reason there for.

30005/11/0125/1920 *General Manager (Materials)*



**GOVT OF ODISHA, OFFICE OF THE EXECUTIVE ENGINEER**
**RURAL WORKS DIVISION, SONEPUR**
E.mail- rw_sonepur@yahoo.co.in

**e-Procurement Notice No. SNPR/Online-09/ 2019-20**

**No. O-961:-** The Executive Engineer Rural Works Division Sonepur on behalf of Governor of Odisha invites Percentage Rate bids in single cover system through e-procurement. The bid should be submitted Online against website www.tendersOdisha.gov.in for Improvement of respective work as detailed in the table by contractors registered with the State Government and Contractors of equivalent grade/class registered with central Govt./MES/Railways for Execution of Civil works on projection of definite proof from the appropriate authority. The bidders should have the necessary portal enrollment (with his own Digital Signature Certificate)

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender |
|---|---|---|---|---|---|
| | | From | To | | |
| Executive Engineer Rural Works Division, Sonepur | Notification No. SNPR / Online- 09/2019-20 | Dt.7.02.2020 at 11.00 AM | 17.02.2020 upto 5.00 PM | 15.02.2020 upto 5.00 PM | 18.2.2020 at 11.30 AM |

**Annexure**

| Sl. No. | Name of the work | Approximate estimated cost (Rs. in lakhs) | EMD required (in rupees) | Cost of tender paper (in Rs.) | Class of contractor for eligible | Time of completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | S/R to S.S. road to Chadaipank road | 35.36 | 35360/- | 6000.00 | C'&'B' Class | 1 (One) calender month |
| 2 | S/R to Kenjheriapali to Goudgada road | 26.52 | 26520/- | 6000.00 | C'&'B' Class | 1 (One) calender month |
| 3 | S/R to Davla Akahidadar road | 26.52 | 26520/- | 6000.00 | C'&'B' Class | 1 (One) calender month |

Further details can be seen from the website: www.tendersorissa.gov.in
25054/11/0018/1920 *Sd./- Executive Engineer, R.W. Division Sonepur*



ଜେଏନ୍‌ୟୁ ଛାତ୍ର ଶର୍ଜିଲ ଇମାମ୍‌ଙ୍କ ଭଳି ଲୋକଙ୍କୁ ସର୍ବସମ୍ମୁଖରେ ଗୁଳିକରି ହତ୍ୟା କରିଦେବା ଉଚିତ ବୋଲି ଭାଜପାର ସର୍ଧାନା ବିଧାୟକ ସଙ୍ଗୀତ ସୋମ୍ କହିଛନ୍ତି। ଶର୍ଜିଲ ସିଏଏକୁ ବିରୋଧ କରି ଦିଲ୍ଲୀର ଶାହିନ୍‌ବାଗ୍‌ରେ ଭାରତଠାରୁ ଆସାମକୁ ଅଲଗା କରିବା ନେଇ ମନ୍ତବ୍ୟ ଦେଇଥିଲେ। ବିବାଦୀୟ ମନ୍ତବ୍ୟ ଯୋଗୁ ତାଙ୍କ ବିରୋଧରେ ଦେଶଦ୍ରୋହ ମାମଲା ଲାଗିଥିବାବେଳେ ୫ ଦିନ ଲାଗି ପୋଲିସ ହାଜତକୁ ପଠାଇ ଦିଆଯାଇଛି। ସିଏଏ ବିରୋଧୀ ବିକ୍ଷୋଭ ଲାଗି ବିରୋଧୀ ଦଳଗୁଡ଼ିକ ଫଣ୍ଡିଂ କରୁଥିବା ସୋମ୍ ଅଭିଯୋଗ କରିଛନ୍ତି।

## ସଂକ୍ଷେପରେ

### ବ୍ୟାରେଜ୍ ପାଣିରେ ବୁଡ଼ିଲା କାର୍, ୨ମୃତ, ୩ ଗୁରୁତର



ପାଣି ଭିତରକୁ ଖସି ପଡ଼ିଥିବା କାର୍।

ପାରଳାଖେମୁଣ୍ଡି, ୩୧।୧ (ସ୍ୱ.ପ୍ର.) ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିଠାରୁ ଆନ୍ଧ୍ର ପ୍ରଦେଶର କାକିନାଡା ଫେରୁଥିବା ଏକ କାର ପାରଳାଖେମୁଣ୍ଡି ସୀମାନ୍ତ ହିରମଣ୍ଡଳ ଗ୍ରାମ ନିକଟସ୍ଥ ଗୋଟା ବ୍ୟାରେଜ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଭାରସାମ୍ୟ ହରାଇ କାରଟି ବ୍ୟାରେଜ ପାଣି ଭିତରକୁ ପଶିଯାଇଥିଲା। ଫଳରେ ଗାଡିରେ ବସିଥିବା ୫ଜଣ ଯାତ୍ରୀଙ୍କ ମଧ୍ୟରୁ ୨ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟ ୩ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଲେ କାକିନାଡା ଅଞ୍ଚଳର ଏନ୍.ଭି.ଏସ୍. ପବନ(୩୨) ଓ ଖମାମ ଅଞ୍ଚଳର ବି.ଚନ୍ଦ୍ରା (୪୫)। ଗୁରୁତର ଥିବା ୩ଜଣଙ୍କ ମଧ୍ୟରୁ କାକିନାଡା ଅଞ୍ଚଳର ଏସ୍.ପ୍ରବୀଣ, ଏସ୍.ମହେଶ୍ୱର ଓ ମୋଗୁଲୁତୁର ଅଞ୍ଚଳର ପି.ଭି. ଗିରିପ୍ରସାଦ ବୋଲି ହିରମଣ୍ଡଳ ଥାନା ପୋଲିସ ସୂତ୍ରରୁ ପ୍ରକାଶ। ଏହି ୫ଜଣ କାକିନାଡାରୁ ଆସି ପାରଳାଖେମୁଣ୍ଡି ସହର ଉପକଣ୍ଠସ୍ଥ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟକୁ ପ୍ରଥମେ ଯାଇଥିଲେ। ପରେ ସେମାନେ ପାରଳାଖେମୁଣ୍ଡି ଯାଇ ସେଠାରେ ଏକ ବିବାହ କାର୍ଯ୍ୟରେ ଯୋଗ ଦେଇଥିଲେ। ବିବାହ କାର୍ଯ୍ୟରେ ଯୋଗଦେଇ ରାତିରେ କାକିନାଡା ଫେରୁଥିବାବେଳେ ଏପରି ଦୁର୍ଘଟଣା ଘଟିଥିବା ଜଣାପଡିଛି।

### ମିନତି ମହାପାତ୍ରଙ୍କ ପରଲୋକ

**ଭୁବନେଶ୍ୱର,୩୧।୧(ବ୍ୟୁରୋ):** ଭଜନ, ଭକ୍ତି ଗୀତ ଲେଖିକା ମିନତି ମହାପାତ୍ରଙ୍କର ଶୁକ୍ରବାର ରାଜଧାନୀସ୍ଥିତ ଆଇଆର୍‌ସି ଭିଲେଜ୍ ବାସଭବନରେ ପରଲୋକ ହୋଇଛି। ତାଙ୍କୁ ୮୨ ବର୍ଷ ହୋଇଥିଲା। ସେ ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଅର୍ଥନୀତି ପ୍ରଫେସର ସ୍ୱର୍ଗତ ଦୟାନିଧି ମହାପାତ୍ରଙ୍କ ପତ୍ନୀ। ଉତ୍କଳ ପ୍ରସଙ୍ଗ ଏବଂ ଅନ୍ୟ ଖବରକାଗଜରେ ସ୍ୱର୍ଗତା ମିନତିଙ୍କ ବହୁ ରଚନା ପ୍ରକାଶ ପାଇଛି। ମୃତ୍ୟୁ ପରେ ତାଙ୍କର ଚକ୍ଷୁ ଦାନ କରାଯାଇଛି। ମୃତ୍ୟୁ ସମୟରେ ମିନତିଙ୍କ ନିକଟରେ ତାଙ୍କ ପୁଅ ତଥା ବରିଷ୍ଠ ଓଏଏସ୍ ଅଧିକାରୀ କାଳୀପ୍ରସନ୍ନ ମହାପାତ୍ର ଏବଂ ବୋହୂ ଉପସ୍ଥିତ ଥିଲେ।

# ଇସ୍କନ ବିରୋଧରେ ଏତଲା

**ମୁମ୍ବାଇରେ ଅଦିନିଆ ରଥଯାତ୍ରା ପ୍ରସଙ୍ଗ**

ପୁରୀ ଅଫିସ, ୩୧।୧

ଅଦିନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଅନୁଷ୍ଠିତ ହେଉଥିବା ବିଭିନ୍ନ ସମୟରେ ନଜରକୁ ଆସୁଛି। ଗୁରୁବାର ମୁମ୍ବାଇରେ ଇସ୍କନ ପକ୍ଷରୁ ଅସମୟରେ ରଥଯାତ୍ରା କରାଯାଇଛି। ଏହା ଶ୍ରୀଜଗନ୍ନାଥ ସଂସ୍କୃତି ଏବଂ ମହାପ୍ରଭୁଙ୍କ ପ୍ରତି ଘୋର ଅପମାନ। ତେଣୁ ଏ ନେଇ ଓଡ଼ିଶାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଶେଷକରି ମହାପ୍ରଭୁଙ୍କ ଲୀଳାସ୍ଥଳ ଶ୍ରୀକ୍ଷେତ୍ରରେ ଅଦିନିଆ ରଥଯାତ୍ରାକୁ ତୀବ୍ର ବିରୋଧ କରାଯାଇଛି। ବାରମ୍ବାର ଇସ୍କନ ଏଭଳି ଆଚରଣ ଦେଖାଇ ବିଧି, ପରମ୍ପରାକୁ ବେଖାତିର କରୁଛି ବୋଲି ଅଭିଯୋଗ କରିଛନ୍ତି ଶ୍ରୀମନ୍ଦିର ସେବାୟତ, ଭକ୍ତ, ବୁଦ୍ଧିଜୀବୀ, ଗବେଷକ। ବିଭିନ୍ନ ସଙ୍ଗଠନ ବି ଏହାର ତୀବ୍ର ପ୍ରତିବାଦ କରିଛନ୍ତି। ଏ ନେଇ ସଚେତନ ନାଗରିକ ମଞ୍ଚ ଶୁକ୍ରବାର ସିଂହଦ୍ୱାର ଥାନାରେ ଏତଲା ଦେଇଛି। ମଞ୍ଚ ସଭାପତି ଆଇନଜୀବୀ ପ୍ରସନ୍ନ ଦାଶ କହିଛନ୍ତି, ଇସ୍କନ ମୁମ୍ବାଇରେ ରଥଯାତ୍ରା



ସିଂହଦ୍ୱାର ଥାନାରେ ସଚେତନ ନାଗରିକ ମଞ୍ଚ କର୍ମକର୍ତ୍ତା ଏତଲା ଦେଉଛନ୍ତି।

କରି ଆମ ଧର୍ମ, ସଂସ୍କୃତି ଓ ପରମ୍ପରାକୁ ନଷ୍ଟ କରିବା ସହ କୋଟି କୋଟି ହିନ୍ଦୁଙ୍କ ଧାର୍ମିକ ଭାବନାକୁ କୁଠାରଘାତ କରିଛି। ପ୍ରତ୍ୟେକ ଧାର୍ମିକ କାର୍ଯ୍ୟକ୍ରମର ସ୍ୱତନ୍ତ୍ର ତିଥି ଓ ତାରିଖ ରହିଛି। ଏହାକୁ ସମସ୍ତେ ମାନିବା ଦରକାର। ପୂର୍ବରୁ ଧର୍ମ ଓ ସଂସ୍କୃତି ବିରୋଧରେ କହି କିମ୍ବା ଯାଇ ବିଭିନ୍ନ ସମୟରେ ବହୁ ଲୋକ କାରାବରଣ କରିଛନ୍ତି। କୌଣସି ଧର୍ମ କିମ୍ବା ପରମ୍ପରାକୁ ଆଘାତ ପହଞ୍ଚାଇବା ଭଳି କାର୍ଯ୍ୟ କରିବାକୁ ସମ୍ବିଧାନ ମଧ୍ୟ ବାରଣ କରିଛି। କିନ୍ତୁ ଇସ୍କନ ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ବିରୋଧରେ ଯାଇ ଅଦିନରେ ରଥଯାତ୍ରା କରିଛି। ରଥଯାତ୍ରା ଆଷାଢ ମାସ ଶୁକ୍ଳ ପକ୍ଷ ଦ୍ୱିତୀୟାରେ ପାଳିତ ହୋଇଥାଏ। ଏହା ସ୍କନ୍ଦ ପୁରାଣରେ ଉଲ୍ଲେଖ ରହିଛି। ଅଦିନ ଏବଂ ଅତିଥିରେ ରଥଯାତ୍ରା ଆୟୋଜନ କରି ଇସ୍କନ ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ ବେଖାତିର କରିବା ସହ କୋଟି କୋଟି ହିନ୍ଦୁଙ୍କ ଧାର୍ମିକ ଭାବନାକୁ ଆଘାତ ଦେଇଛି। ତେଣୁ ଏହି ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମଞ୍ଚ ଅନୁରୋଧ କରି ଥାନାରେ ଏତଲା ଦେଇଛି। ଏହି ଏତଲା ଦିଆଯିବା ସମୟରେ ଅଶୋକ କୁମାର ଆଢ୍ୟ, ଜୟକୃଷ୍ଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

**ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଆଲୋଚନା ହେବ: ରାମଚନ୍ଦ୍ର**

ଏ ନେଇ ଶ୍ରୀମନ୍ଦିର ପରିଚାଳନା କମିଟିର ବରିଷ୍ଠ ସଦସ୍ୟ ରାମଚନ୍ଦ୍ର ଦାସ ମହାପାତ୍ର କହିଛନ୍ତି, ଆଗାମୀ ୫ତାରିଖରେ କମିଟିର ବୈଠକ ବସିବ। ସେଥିରେ ଏହି ଅଦିନିଆ ରଥଯାତ୍ରା ପ୍ରସଙ୍ଗରେ ଆଲୋଚନା କରାଯିବ। ଆବଶ୍ୟକ ପଡ଼ିଲେ ଆମେ ରାଜ୍ୟ ସରକାର ଏବଂ କୋର୍ଟଙ୍କ ଦ୍ୱାରସ୍ଥ ମଧ୍ୟ ହେବୁ।

# ପୀଡ଼ିତା, ପରିବାର ଲୋକଙ୍କୁ ସୁରକ୍ଷା ଦିଅ: ଓଏଚ୍‌ଆର୍‌ସି

**ଭେଡେନ ଗଣ ବଳାତ୍କାର, ହତ୍ୟା ମାମଲା**

**ବ୍ୟକ୍ତିଗତ ହାଜର ହେବାକୁ ଏସ୍‌ଡିପିଓଙ୍କୁ ନିର୍ଦ୍ଦେଶ**

କଟକ ଅଫିସ, ୩୧।୧

ବରଗଡ ଜିଲା ଭେଡେନ୍ ଥାନା ଅଞ୍ଚଳରେ ଘଟିଥିବା ତିନି ଦଳିତ ମହିଳାଙ୍କୁ ଗଣବଳାତ୍କାର ଓ ଦୁଇଜଣଙ୍କୁ ହତ୍ୟା ଘଟଣାର ତଦନ୍ତରେ ଅହେତୁକ ବିଳମ୍ବ ଘଟିଛି। ଏହାକୁ ନେଇ ପୋଲିସ ଉପରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି ରାଜ୍ୟ ମାନବାଧିକାର କମିଶନ(ଓଏଚ୍‌ଆର୍‌ସି)। ପୀଡ଼ିତା ଜଣକ ନିଜ ଜୀବନ ବିପଦରେ ଥିବା ଓଏଚ୍‌ଆର୍‌ସି ନିକଟରେ ଦର୍ଶାଇଛନ୍ତି। ଏହାକୁ ଲକ୍ଷ୍ୟ ରଖି ପୀଡ଼ିତା ଓ ତାଙ୍କ ପରିବାର ଲୋକଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ଓଏଚ୍‌ଆର୍‌ସିଙ୍କ ପକ୍ଷରୁ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ତଦନ୍ତ ରିପୋର୍ଟ ଏପର୍ଯ୍ୟନ୍ତ ଦେଇ ନ ଥିବାରୁ ବରଗଡ ଏସ୍‌ଡିପିଓଙ୍କୁ ବ୍ୟକ୍ତିଗତ ହାଜର ହେବା ଲାଗି ମଧ୍ୟ ଓଏଚ୍‌ଆରସି ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗକାରିଣୀ, ୨୦୧୭ ମେ ୩ ତାରିଖରେ ଦେଇଥିବା ଏତଲା ଆଧାରରେ ମାମଲା ରୁଜୁ କରିବା ପାଇଁ ଓଏଚ୍‌ଆରସି ୨୦୧୯ ଅକ୍ଟୋବର ୩ରେ ନିର୍ଦ୍ଦେଶ ଦେଇଥିଲେ। ପୋଲିସ ଏତଲା ରୁଜୁ ନ କରି ମାନବିକ ଅଧିକାର ଉଲ୍ଲଂଘନ କରିଥିବାରୁ ପୀଡିତାଙ୍କୁ କାହିଁକି କ୍ଷତିପୂରଣ ଦିଆ ନ ଯିବ, ତାହାର ଉତ୍ତର ରଖିବାକୁ କମିଶନ ବରଗଡ ଏସପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏ ସମ୍ପର୍କରେ କମିଶନଙ୍କ ନିକଟରେ ପୋଲିସ ଜବାବ ରଖିନାହିଁ। ଆସନ୍ତା ମାର୍ଚ୍ଚ ୩ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ପୀଡିତାଙ୍କ ଓକିଲ ନିଶିକାନ୍ତ ମିଶ୍ର ସୂଚନା ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ପ୍ରଜା କୋର୍ଟ ଦ୍ୱାରା ବାସନ୍ଦ ହୋଇଥିବା ଗୋଟିଏ ପରିବାରର ତିନି ମହିଳାଙ୍କୁ ୨୦୧୬ ସେପ୍ଟେମ୍ବର ୨୩ରେ ଭେଡେନ୍ ଥାନାର କେତେଜଣ କର୍ମଚାରୀ ଘରୁ ପୋଲିସ ଭ୍ୟାନ୍‌ରେ ଉଠାଇ ନେଇଥିଲେ। ପରେ ସେମାନଙ୍କୁ ବଳାତ୍କାର କରାଯାଇଥିଲା। ଏହାପରେ ପୀଡ଼ିତାମାନଙ୍କୁ ପୋଲିସ ଗ୍ରାମବାସୀଙ୍କ ଜିମା ଦେଇଥିଲା। ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକ ସେମାନଙ୍କୁ ୧୦ ଦିନ ଜଙ୍ଗଲରେ ରଖି ବଳାତ୍କାର କରିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଖସି ଆସିଥିବାବେଳେ ଆଉ ଦୁଇଜଣଙ୍କୁ ସେମାନେ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଏହା ଉପରେ ପୋଲିସ କୌଣସି ପଦକ୍ଷେପ ନେଇ ନ ଥିଲା। ଖସି ଆସିଥିବା ମହିଳା ଜଣକ ଓଏଚ୍‌ଆରସିଙ୍କ ଦ୍ୱାରସ୍ଥ ହୋଇଥିଲେ। ମହିଳା ଜଣକ ତାଙ୍କ ବଡଭାଇଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ୨୦୧୭ ମେ ୫ରେ ତାଙ୍କ ଭାଇ ବରଗଡ ଏସ୍‌ପିଙ୍କୁ ଏ ସମ୍ପର୍କରେ ଲିଖିତ ଭାବେ ଜଣାଇବା ସହ ଅନ୍ୟ ପୋଲିସ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ମଧ୍ୟ ଅବଗତ କରାଇଥିଲେ। ମାତ୍ର କାର୍ଯ୍ୟାନୁଷ୍ଠାନ ବଦଳରେ ୨୦୧୭ ଜୁଲାଇ ୧୯ରେ ଅଭିଯୋଗ କରିଥିବା ଭାଇଙ୍କୁ ହତ୍ୟା କରାଯାଇଥିଲା। ଏଥିରେ ପୋଲିସ ଓ ଗାଁ ଲୋକଙ୍କ ସମ୍ପୃକ୍ତି ରହିଥିବା ଆବେଦନକାରିଣୀ କମିଶନଙ୍କୁ ଜଣାଇଥିଲେ।

# ମାଓବାଦୀ-ଗ୍ରାମବାସୀ ମୁହାଁମୁହିଁ ପରେ ଆଦିବାସୀ ଦୁଇ ଭାଗ

ଚିତ୍ରକୋଣ୍ଡା,୩୧।୧(ଡି.ଏନ.ଏ.)

ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ଯୋଡ଼ାମ୍ବ ପଞ୍ଚାୟତ ଅଞ୍ଚଳରେ ସରକାରୀ ଉନ୍ନୟନ ମୂଳକ କାମକୁ ନେଇ କିଛି ଦିନ ହେଲା ମାଓବାଦୀ-ଗ୍ରାମବାସୀଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିଥିଲା। ଗତ ୨୫ରେ ଯୋଡ଼ାମ୍ବ ପଞ୍ଚାୟତ ଜନ୍ତୁରାଇଠାରେ ମାଓବାଦୀ ଓ ଗ୍ରାମବାସୀ ମୁହାଁମୁହିଁ ହୋଇଥିଲେ। ଉଭୟ ପକ୍ଷଙ୍କ ମଧ୍ୟରେ ଢେଲା ପଥର ମାଡ ହୋଇଥିଲା। ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ଏହି ଘଟଣାରେ ଜଣେ ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଥିଲେ। ପରେ ମାଓବାଦୀମାନେ ପାଲଟା ଆକ୍ରମଣ କରି ଯୋଡ଼ାମ୍ବ ଗ୍ରାମର କେତେକ ଗ୍ରାମବାସୀଙ୍କ ଘରେ ନିଆଁ ଲଗାଇ ଦେଇଥିଲେ। ଜିଲା ପ୍ରଶାସନ ତରଫରୁ ଗ୍ରାମବାସୀଙ୍କୁ ସହାୟତା ଯୋଗାଇ ଦେବା ସହ ସେମାନଙ୍କ ସୁରକ୍ଷା ପାଇଁ ୧୨ଶହରୁ ଊର୍ଦ୍ଧ୍ୱ ଓଡିଶା ପୋଲିସ, ଏସଓଜି ଓ ବିଏସଏଫ ଯବାନ ନିୟୋଜିତ ଅଛନ୍ତି। ତେବେ



ବୈଠକରେ ଏକାଠି ହୋଇଥିବା ଗ୍ରାମବାସୀ।

ଯୋଡ଼ାମ୍ବ, ଜନ୍ତୁରାଇ ଓ ସିନ୍ଧିପୁଟ ଗ୍ରାମର ଆଦିବାସୀମାନେ ଏକତ୍ରିତ ହୋଇ ମାଓବାଦୀଙ୍କ ଅନ୍ୟାୟ ବିରୋଧରେ ଲଢୁଛନ୍ତି। ଏମାନଙ୍କୁ ବିଚ୍ଛିନ୍ନାଞ୍ଚଳର କେତେକ ଗ୍ରାମ ଏବଂ ପଞ୍ଚାୟତବାସୀ ସାହାଯ୍ୟ କରୁଛନ୍ତି। ଏପରିସ୍ଥଳେ କେତେକ ଗ୍ରାମର ଗ୍ରାମବାସୀ ବିଭିନ୍ନ ଆଳରେ ଏହା ବିଚ୍ଛିନ୍ନାଞ୍ଚଳର ସମସ୍ୟା ଦେଖାଇ ଗୋଟିଏ ସ୍ଥାନରେ ଏକତ୍ରିତ ହୋଇ ଯୋଡ଼ାମ୍ବ ଗ୍ରାମବାସୀଙ୍କ ବିରୋଧରେ ବିଭିନ୍ନ ଅଭିଯୋଗ ଆଣିଛନ୍ତି। ଏବେ ଯୋଡ଼ାମ୍ବ, ପଣଷପୁଟ, ଅଣ୍ଡିରାପାଲି, ଯନ୍ତ୍ରୀ ଓ ଗାଜୁଲୁମାମୁଡିର ଆଦିବାସୀ ଦୁଇଭାଗ ହୋଇ ରହିଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ ମାଓବାଦୀ ସଙ୍ଗଠନ ପକ୍ଷରୁ ତେଲୁଗୁ ଭାଷାରେ ଲିଖିତ ଚିଠି ଉକ୍ତ ଅଞ୍ଚଳରେ ଆସି ପହଞ୍ଚିଥିବା ଜଣାପଡିଛି।

# ବ୍ୟାପକ ହେବ କପିଳାସ ଏଲିଫ୍ୟାଣ୍ଟ ରେସ୍କ୍ୟୁ ସେଣ୍ଟର

ଢେଙ୍କାନାଳ ଅଫିସ, ୩୧।୧

କପିଳାସ ଚିଡ଼ିଆଖାନା ପରିସରରେ ଥିବା ଏଲିଫ୍ୟାଣ୍ଟ ରେସ୍କ୍ୟୁ ସେଣ୍ଟରକୁ ଅଧିକ ବ୍ୟାପକ କରାଯିବ। ଅଗ୍ରାଧିକାର ଭିତ୍ତିରେ ଜୁ'ରେ ଥିବା ପ୍ରାଣୀଙ୍କ ପାଇଁ ଚିକିତ୍ସା ବ୍ୟବସ୍ଥା କରାଯିବ। ଉକ୍ତ କେନ୍ଦ୍ରରେ ହାତୀ ସମେତ ଅନ୍ୟ ବନ୍ୟପ୍ରାଣୀଙ୍କ ଚିକିତ୍ସା ପାଇଁ ତାଲିମପ୍ରାପ୍ତ ଚିକିତ୍ସକ ନିଯୁକ୍ତ ହେବେ ବୋଲି କହିଛନ୍ତି ରାଜ୍ୟ ବନ୍ୟପ୍ରାଣୀ ବିଭାଗର ଅତିରିକ୍ତ ପିସିସିଏଫ୍ ଶଶି ପଲ୍। ଦୁର୍ଘଟଣାରେ ହାତୀମୃତ୍ୟୁ ଘଟଣାର ସମୀକ୍ଷା କରିବାକୁ ଢେଙ୍କାନାଳ ଆସିଥିବାବେଳେ ଶୁକ୍ରବାର ଅପରାହ୍ନରେ ଅତିରିକ୍ତ ପିସିସିଏଫ୍, ଅନୁଗୋଳ ଆର୍‌ସିସିଏଫ୍ ଡ. ପ୍ରଦୀପରାଜ କରାତ୍ ଏବଂ ଡିଏଫ୍‌ଓ ବିମଳ ପ୍ରସନ୍ନ ଆଚାର୍ଯ୍ୟ ଚିଡ଼ିଆଖାନା ପରିଦର୍ଶନ କରିଛନ୍ତି। ଏହି ଅବସରରେ ଅଧିକାରୀମାନେ କେଜ୍ ଏବଂ ହାତୀ ରେସ୍କ୍ୟୁ ସେଣ୍ଟର ବୁଲି ଦେଖିଥିଲେ।

ରେସ୍କ୍ୟୁ ସେଣ୍ଟରରେ ରଖାଯାଇଥିବା ନରହନ୍ତା ଦନ୍ତାର ଗତିବିଧି ଅନୁଧ୍ୟାନ କରି ଅତିରିକ୍ତ ପିସିସିଏଫ୍ ସୂଚନା ଦେଇଛନ୍ତି ଯେ, ଉକ୍ତ ହାତୀର ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି। ସେ ଶାନ୍ତ ଅଛି। ଜନବସତିରେ ଲୋକଙ୍କ ପ୍ରତି ବିପଦ ସୃଷ୍ଟି କରୁଥିବା ପ୍ରାଣୀଙ୍କୁ ଧରିବା ନିୟମ ରହିଛି। ହାତୀଟି ଜନବସତି ଲାଗି ବିପଦ ସୃଷ୍ଟି କରିଥିଲା। ସ୍ୱଭାବରେ ପରିବର୍ତ୍ତନ ଲାଗି ତାକୁ ଆଣି ରେସ୍କ୍ୟୁ ସେଣ୍ଟରରେ ରଖାଯାଇଛି। ରାଜ୍ୟରେ ୨୦୦୦ ହାତୀ ଅଛନ୍ତି। ସେଥିରୁ ମାତ୍ର ୨ଟି ଏପରି ହିଂସ୍ର ଆଚରଣ କରୁଥିବା ନଜରକୁ ଆସିଛି। ରେସ୍କ୍ୟୁ ସେଣ୍ଟରକୁ ଉନ୍ନତୀକରଣ କରାଗଲେ ସମସ୍ୟା ରହିବ ନାହିଁ।

# କରୋନା ପାଇଁ ମକ୍‌ଡ୍ରିଲ୍



**■ ପୁଣେ ପଠାଗଲା ୪ ଜଣଙ୍କ ସ୍ୱାବ୍ ଓ ରକ୍ତ ନମୁନା**

**■ ଉଚ୍ଚସ୍ତରୀୟ ଟାସ୍କଫୋର୍ସ ଗଠନ**

ଭୁବନେଶ୍ୱର, ୩୧।୧(ବ୍ୟୁରୋ)

ନଭେଲ୍ କରୋନା ଭୂତାଣୁର ସମ୍ଭାବ୍ୟ ସଂକ୍ରମଣ ମୁକାବିଲା ଲାଗି ଶୁକ୍ରବାର ଏକ ମକ୍‌ଡ୍ରିଲ୍ ଆୟୋଜିତ ହୋଇଯାଇଛି। ଡିଏମ୍‌ଇଟି ପ୍ରଫେସର ଡା. ସିବିକେ ମହାନ୍ତି, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ଅଜିତ୍ କୁମାର ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଡା. ଧନଞ୍ଜୟ ଦାସଙ୍କ ନେତୃତ୍ୱରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରଠାରେ ଏହି ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ସରକାରୀ ଗାଇଡ୍‌ଲାଇନ୍‌ର ଦ୍ରୁତ ପଦକ୍ଷେପ ଅନୁସାରେ ପ୍ରଥମେ ଡାକ୍ତର ସମ୍ଭାବ୍ୟ ସଂକ୍ରମଣ ଲକ୍ଷଣ ଥିବା ରୋଗୀଙ୍କୁ ଚିହ୍ନଟ କରିବା ପରେ ସଂକ୍ରମଣ ପ୍ରତିରୋଧ ବ୍ୟବସ୍ଥା ଅନୁସାରେ ଆମ୍ବୁଲାନ୍ସରେ ଅଣାଯାଇ କ୍ୟାପିଟାଲ୍ ହସ୍‌ପିଟାଲ୍ ଆଇସୋଲେଶନ୍ ୱାର୍ଡରେ ପହଞ୍ଚା ଯାଇଥିଲା। ଏହାପରେ ଡାକ୍ତରୀ ପରୀକ୍ଷା କରାଯାଇ ସ୍ୱାବ୍ ଓ ରକ୍ତ ନମୁନା ସଂଗ୍ରହ କରାଯାଇଥିଲା।

ଅନ୍ୟପଟେ ଜାନୁୟାରୀ ୧୫ ପରେ କରୋନା ସଂକ୍ରମିତ ଦେଶରୁ ଓଡ଼ିଶା ଫେରିଥିବା ୪ଜଣଙ୍କୁ ହୋମ୍ ଆଇସୋଲେଶନ୍‌ରେ ରଖାଯିବା ସହ ଶୁକ୍ରବାର ସେମାନଙ୍କ ସ୍ୱାବ୍ ଓ ରକ୍ତ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପୁଣେସ୍ଥିତ ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜି (ଏନ୍‌ଆଇଭି)କୁ ପଠାଯାଇଛି। ସ୍ୱାସ୍ଥ୍ୟ ବିଭାଗର ଏକ ସର୍ଭେଲାନ୍ସ ଟିମ୍ ଏହି ଆଇସୋଲେଟେଡ୍ ବ୍ୟକ୍ତିମାନଙ୍କ ସହ ନିୟମିତ ଯୋଗାଯୋଗରେ ଅଛନ୍ତି। ଆଗାମୀ ୧୪ ଦିନ ପର୍ଯ୍ୟନ୍ତ ସେମାନେ ନିରୀକ୍ଷଣ ମଧ୍ୟରେ ରହିବେ। ଶୁକ୍ରବାର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜନସ୍ୱାସ୍ଥ୍ୟ ସ୍ୱତନ୍ତ୍ର ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ଟାସ୍କଫୋର୍ସ ଗଠନ କରାଯାଇଛି। ଏହି ଟାସ୍କଫୋର୍ସ କରୋନା ସଂକ୍ରମଣ ପ୍ରତିରୋଧ ଦିଗରେ ତୀକ୍ଷ୍ଣ ନଜର ରଖିବା ସହ ପରିସ୍ଥିତି ଅନୁଯାୟୀ ପଦକ୍ଷେପ ଗ୍ରହଣ କରିବେ।

# ୭ ଲକ୍ଷ ଟଙ୍କାର କଫ୍ ସିରପ୍ ଜବତ

**ପିସ୍ତଲ ସହ ୫ ଅଭିଯୁକ୍ତ ଗିରଫ**

ନୂଆପଡା ଅଫିସ,୩୧।୧

ନୂଆପଡା ଜିଲା ସଦର ଥାନା ପୋଲିସ ବରଗଡରୁ ନୂଆପଡା ଦେଇ କୋମନାକୁ ଯୋଗାଣ ହେଉଥିବା ୭ ଲକ୍ଷ ଟଙ୍କାର କଫ୍ ସିରପ୍ ଜବତ କରିଛି। ଏହି ଅଭିଯୋଗରେ ୫ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ କୋମନାର ନେତ୍ରାନନ୍ଦ ସାହୁ (୩୪), ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନା ଚରୁଅନକା ଗାଁର ସନତେ ପୁଟେଲ (୨୩), ଉଦ୍ୟାନବନ୍ଧର ନରେଶ ଅହୀର (୨୬), ବଲାଙ୍ଗୀର ଜିଲା ବେଲପଡା ଥାନା ଲଠକେନର ଗୌର ଘିବେଲା (୩୦) ଏବଂ କଣ୍ଟାବାଞ୍ଜି ଥାନା ଡୁମେରଚୁଆଁର ରାଜୀବ ନାଗ (୨୨)। ଏମାନଙ୍କ ବିରୋଧରେ ଏନଡିପିଏସ ଆକ୍ଟ ୨୭(ଖ),୨୮ଡ୍ରଗ୍ସ ଆଣ୍ଡ କସମେଟିକ୍ସ ଆକ୍ଟ ୧୯୪୦, ୨୫ ଆର୍ମସ ଆକ୍ଟରେ ମାମଲା (ନଂ. ୧୭/୨୦) ରୁଜୁ କରାଯାଇଛି। ଏଥିସହ ସେମାନଙ୍କଠାରୁ ଗୋଟିଏ ପିସ୍ତଲ, ୬ ହଜାର ଟଙ୍କା, ୬ଟି ମୋବାଇଲ ଫୋନ୍ ଜବତ କରାଯାଇଛି । ଶୁକ୍ରବାର ପୂର୍ବାହ୍ନରେ ଆହୂତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ବିନୀତ କୁମାର ଅଗ୍ରୱାଲ ଏହି ସୂଚନା ଦେଇଛନ୍ତି। ଅଭିଯୁକ୍ତମାନଙ୍କୁ ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

URGENT REQUIRED
Required CCTV Technician
Call-9937790459
Bhubaneswar

LADY TAILOR ଆବଶ୍ୟକ
BHUBANESWAR ର LEWIS ROAD ବା TANKAPANI ROAD ପାଖ AREA ରୁ ଅଭିଜ୍ଞତା ଥାଇ FULL TIME LADY TAILOR ଦରକାର
CONTACT
7978878192

Home Service ଓ Home Nursing
ପାଇଁ ପିଲା ଆବଶ୍ୟକ । ଇଚ୍ଛୁକ ଥିବା ଝିଅପିଲା Contact କରନ୍ତୁ -
8456835401

WANTED
Security Guard (100 Nos.) / Security Marketing Manager (2 Nos.) / Front Office (1 No. (F))
GPRS SECURITY MANAGEMENT PVT. LTD.
HIG-114, K5, Kalinga Vihar, BBSR
M-7008030765, 7008060652

ଡ୍ରାଇଭର ଆବଶ୍ୟକ
ଓଡିଶାର ଏକ ପ୍ରତିଷ୍ଠିତ ନିର୍ମାଣ ସଂସ୍ଥାରେ ଭାରିଯାନ ଚଳାଇବା ଲାଗି ଦକ୍ଷ ଡ୍ରାଇଭର ଆବଶ୍ୟକ । ପ୍ରାର୍ଥୀଙ୍କର ହେଭିଭେଇକିଲ ଡ୍ରାଇଭିଂ ଲାଇସେନ୍ସ ସହିତ ଅନ୍ୟୁନ ୧୦ବର୍ଷର ଅଭିଜ୍ଞତା ଥିବ । ସଂପୂର୍ଣ୍ଣ ବିବରଣୀ ସହିତ ତା ୯.୨.୨୦୨୦ (ରବିବାର) ଦିନ ଘ.୧୦ରେ ଅନୁଷ୍ଠିତ ସାକ୍ଷାତକାରରେ ଯୋଗଦେବାକୁ ଅନୁରୋଧ ।
ଶ୍ରୀ ଦୁର୍ଗା କନ୍‌ଷ୍ଟ୍ରକ୍ସନ ପ୍ରା. ଲିଃ.
ତରୋଳ, ଜଗତପୁର (ଥାନା ରୋଡ), କଟକ
ଯୋଗାଯୋଗ: ୭୦୦୮୯୯୯୭୧୧
୯୪୩୭୯୬୨୨୪୪, ୯୪୩୭୯୬୧୯୬୯

REQUIRED
Zee Laboratories Ltd.
a WHO-GMP, CGMP & ISO 9001-2000 certified Pharmaceutical Company requires:
Managers having experience in eastern & western part given preference.
Medical Representatives for Anugul, Balasore, Bargarh, Baripada, Boudh, Bhadrak, Bhubaneswar, Bolangir, Cuttack, Kendrapara, Malkangiri, Phulbani, Puri, Rayagada & Sambalpur.
Mail your resume at zeelabodisha@gmail.com & Mob :6371101173

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ପାଇଁ ଯୁବକ/ଯୁବତୀ ଆବଶ୍ୟକ।
ଯୋଗ୍ୟତା: 10th/ above. ବୟସ: (18-35)yrs. Monthly Salary upto Rs. 27000/-
Contact : 9938676412

TORRENT ADVERTISERS
1. Marketing Executive (Male/Female)
2. Electrician (Male)
3. Supervisor (Male)
4. Accountant (Male), 5. Driver (Male)
R.Shed No-37, Rasulgarh Industrial Estate, Bhubaneswar-751010
Mob- 8847801799
torrentadv4@gmail.com

Officially Staff
For BBSR, CTC, Puri, Berhampur.
Qualification 10th above.
Salary upto Rs.25,000/-
M-9938699963

APPOINTMENT
Wanted Body Massage boy & House keeping boy for SPA at Bhubaneswar.
Contact: 9861550765

Hexaton Corporation, an Authorised Master Distributor of ITORQ Hydraulic Equipments, IS NOW HIRING!
Job Description: On-Field Marketing Executives.
Locations: Pan India
PRE-REQUISITES:
● Educated or Experienced in Engineering or its applications.
● Good communication skills with fluency in English & Hindi.
Interested Candidates can send their resume to careers@hexaton.in and attend the Walk-In Interview on 01-Feb-20 from 10:00 AM to 4:00 PM at:
Hotel Royale Midtown, Janpath Road, Ashok Nagar, Bhubaneswar, Odisha - 751 009
Hexaton Corporation
Contact Number: +91-943 700 1211 / +91-986 665 6555

REQUIRED
Accounts Executive, Sales Consultant, Service Advisor, Telecaller, Dentor, Technicians, Driver, Peon, Washing boys.
Call: 06746667709/6668822
Mail - admin@capitalford.net,
CC- siddharth9909@gmail.com

ସାଉଥ୍ ଆଫ୍ରିକାରେ ଇନ୍‌ଫ୍ରାଷ୍ଟ୍ରକ୍ଚର କନ୍‌ଷ୍ଟ୍ରକ୍ସନ୍, ହେଲପର, ଡ୍ରାଇଭର, ମେସନ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ, ଅପରେଟର ଏବଂ ସମସ୍ତ ପ୍ରକାର କାରିଗର ଆବଶ୍ୟକ।
ଦରମା- 40,000/-, ମଦର୍ଶ ଇଞ୍ଜିନିଅରିଂ (ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ)
କମଲ ପ୍ଲେସ୍‌ମେଣ୍ଟ
415, ରଙ୍ଗିଲା ପାର୍କ, ଦିନ୍‌ଦୋଲି, ସୁରତ, ଗୁଜୁରାଟ
9157012447, 9157312448

ନୋଟିସ
ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

COLOR CLASSIFIED DISPLAY
on Every Tuesday and Friday

Railway Job
● Petty Repair (ITI) Rs.14000/-
● Supervisor (+2,+3) : Rs.14000/-
● Bad Roll (10th) : Rs.12000/-
● House keeping (Under Matric) Rs.8000/- to Rs.10000/-
Posting- BBSR, Puri, Rayagada
7327065424, 8895725158

OFFICIALLY JOB
ଯୋଗ୍ୟତା : ଦଶମ ପାସ୍/ଫେଲ,
ବୟସ : (18-40)yrs.
Monthly salary upto Rs. 25,000/-
Contact : Immediately
Mob : 8763257042



ଏକ ଉନ୍ନତ ଆଗାମୀ କାଲି ଲାଗି ଦେଶର ଲୋକମାନେ ସ୍ଥାନୀୟ ପ୍ରଡକ୍ଟ କ୍ରୟକୁ ଗୁରୁତ୍ୱ ଦେବା ସହ ଭାରତକୁ ୫ ଟ୍ରିଲିୟନ ଡଲାର ଅର୍ଥ ବ୍ୟବସ୍ଥାରେ ରୂପାନ୍ତରିତ କରିବା ଲାଗି ଯୋଗଦାନ ରଖିପାରିବେ।
– ରାମନାଥ କୋବିନ୍ଦ, ରାଷ୍ଟ୍ରପତି



୫ ଟ୍ରିଲିୟନ ଡଲାର ଅର୍ଥ ବ୍ୟବସ୍ଥା ହାସଲ ସହ ୧୩୦ କୋଟି ଭାରତୀୟଙ୍କ ଲାଗି ସମ୍ପତ୍ତି ସୃଷ୍ଟି ଦିଗରେ ଅର୍ଥନୈତିକ ସର୍ଭେ ରିପୋର୍ଟରେ ଫୋକସ କରାଯାଇଛି।
– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

**ଅର୍ଥନୈତିକ ସର୍ଭେ ରିପୋର୍ଟ ୨୦୧୯-୨୦**

# ସମ୍ପତ୍ତି ସୃଷ୍ଟିରୁ ଥାଳିନୋମିକ୍ସ

- ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟ ଭାଗରୁ ଅଭିବୃଦ୍ଧି ତ୍ୱରାନ୍ୱିତ ହେବ
- ଏଫ୍‌ଡିଆଇ, ଚାହିଦା ବୃଦ୍ଧି ଯୋଗୁ ଆର୍ଥିକ କାର୍ଯ୍ୟକଳାପ ବଢ଼ିବ
- ଅଭିବୃଦ୍ଧି ଫେରାଇ ଆଣିବାକୁ ସଂସ୍କାର ଉପରେ ସରକାର କରନ୍ତୁ ଫୋକସ୍
- ନୀତିଗତ ଭାବେ ସମ୍ପତ୍ତି ସୃଷ୍ଟି ୫ ଟ୍ରିଲିୟନ ଡଲାର ଅର୍ଥ ବ୍ୟବସ୍ଥା ଦିଗରେ ଯୋଗଦାନ ରଖିବ
- ବାଣିଜ୍ୟ ସୁଗମ ନୀତି, ଅର୍ଥବ୍ୟବସ୍ଥା ଉପରେ ଭରସା ସୃଷ୍ଟି
- ୨୦୧୧-୧୨ ଏବଂ ୨୦୧୭-୧୮ ମଧ୍ୟରେ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ୨.୬୨ କୋଟି ନୂଆ ନିଯୁକ୍ତି
- ୨୦୧୧-୧୨ ତୁଳନାରେ ୨୦୧୭-୧୮ରେ ମହିଳାଙ୍କ ନିୟମିତ ନିଯୁକ୍ତି କ୍ଷେତ୍ରରେ ୮% ବୃଦ୍ଧି
- ଅତିରିକ୍ତ ସରକାରୀ ହସ୍ତକ୍ଷେପ ଅର୍ଥ ବ୍ୟବସ୍ଥା ଲାଗି ଖରାପ
- ଋଣ ଯୋଗାଣ ସଂସ୍କୃତିକୁ ଖରାପ କରୁଛି ଋଣ ଛାଡ ଯୋଜନା
- ନିଯୁକ୍ତି ସୃଷ୍ଟି ଲାଗି ଆସେମ୍ବଲ ଇଣ୍ଡିଆ, ମେକ ଇନ୍ ଇଣ୍ଡିଆ ମିଶ୍ରଣ
- ଚାଇନା ଭଳି ରପ୍ତାନି ଲାଗି ନେଟୱର୍କ ପ୍ରଡକ୍ଟ ଉପରେ ଫୋକସ ପାଇଁ ପ୍ରସ୍ତାବ
- ଶ୍ରମ ସଂସ୍କାର, ଶ୍ରମ ଶକ୍ତିରେ ମହିଳାଙ୍କ ଯୋଗଦାନ ନିଯୁକ୍ତିକୁ ପ୍ରୋତ୍ସାହିତ କରିବ
- ବହି,ୟୁନିଫର୍ମ, ଷ୍ଟେଶନାରୀରେ ଅଧିକ ଖର୍ଚ୍ଚ କରୁଛନ୍ତି ଗ୍ରାମାଞ୍ଚଳ ଛାତ୍ରୀଛାତ୍ର




## ଥାଳିନୋମିକ୍ସ

ଚଳିତ ଥର ଅର୍ଥନୈତିକ ସର୍ଭେ ରିପୋର୍ଟରେ ନୂଆ ଶବ୍ଦ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ସାରା ଦେଶରେ ଜଣେ ସାଧାରଣ ଲୋକ ଏକ ଥାଳି ଭରା ଖାଦ୍ୟ ଖାଇବା ପାଇଁ କେତେ ଅର୍ଥ ପ୍ରଦାନ କରିଥାଏ, ତାହା ଦର୍ଶାଇବା ଲାଗି ଥାଳିନୋମିକ୍ସ ଭଳି ବିଷୟ ଉଲ୍ଲେଖ କରାଯାଇଛି। ୨୦୦୬-୦୭ରୁ ୨୦୧୯-୨୦ ମଧ୍ୟରେ ଗୋଟିଏ ନିରାମିଷ ଥାଳି ଲାଗି ଲୋକମାନେ ପ୍ରଦାନ କରୁଥିବା ଅର୍ଥ ଅଧିକ ହାରରେ କମିଛି। ନିରାମିଷ ଥାଳି କ୍ଷେତ୍ରରେ ୨୯% ସୁଲଭତା ବଢ଼ିଥିବା ବେଳେ ଆମିଷ ଥାଳି କ୍ଷେତ୍ରରେ ଏହା ୧୮% ରହିଛି।

## ଭିତ୍ତିଭୂମି ପାଇଁ ଆବଶ୍ୟକ ୧.୪ ଲକ୍ଷ କୋଟି ଡଲାର

ଦେଶର ଭିତ୍ତିଭୂମି ବିକାଶ ଲାଗି ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ୫ ଟ୍ରିଲିୟନ ଡଲାର ଅର୍ଥ ବ୍ୟବସ୍ଥାକୁ ଧ୍ୟାନରେ ରଖି ଆଗାମୀ ୫ ବର୍ଷରେ ୧.୪ ଲକ୍ଷ କୋଟି ଡଲାର ଭିତ୍ତିଭୂମିରେ ଖର୍ଚ୍ଚ କରିବାର ଆବଶ୍ୟକତା ରହିଛି ବୋଲି ଅର୍ଥନୈତିକ ସର୍ଭେ ରିପୋର୍ଟରେ କୁହାଯାଇଛି। ଭିତ୍ତିଭୂମି ଉନ୍ନତ ନ ହେଲେ ଏହା ଦେଶର ସାମଗ୍ରିକ କ୍ଷେତ୍ର ବିକାଶ ଦିଗରେ ସହଯୋଗ ରଖି ପାରିବ ନାହିଁ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଛନ୍ତି।

## ରେଷ୍ଟୁରାଣ୍ଟ ପାଇଁ ୪୫, ବନ୍ଧୁକ ପାଇଁ ୧୯ ଦସ୍ତାବିଜ

ନୂଆ ରେଷ୍ଟୁରାଣ୍ଟ ଖୋଲିବା ଲାଗି ମଞ୍ଜୁରୀ ପ୍ରଦାନ କରିବାକୁ ଦିଲ୍ଲୀ ପୋଲିସ ପକ୍ଷରୁ ୪୫ ଦସ୍ତାବିଜ ମଗାଯାଉଛି। ଏଭଳି ସ୍ଥିତିରେ ବନ୍ଧୁକ ଲାଗି ଲାଇସେନ୍ସ ଦେବାକୁ ଦିଲ୍ଲୀ ପୋଲିସ ମାତ୍ର ୧୯ ଦସ୍ତାବିଜ ମାଗୁଥିବା ଜଣାପଡିଛି। ନ୍ୟାଶନାଲ ରେଷ୍ଟୁରାଣ୍ଟ ଆସୋସିଏଶନ ଅଫ ଇଣ୍ଡିଆ ତଥ୍ୟ ମୁତାବକ ବାଙ୍ଗାଲୋରରେ ରେଷ୍ଟୁରାଣ୍ଟ ଖୋଲିବା ଲାଗି ୩୬ ମଞ୍ଜୁରୀ ଏବଂ ମୁମ୍ବାଇରେ ୨୨ ରହିଛି। ଯାହା ଚାଇନା ଏବଂ ସିଙ୍ଗାପୁର ଭଳି ଦେଶଗୁଡ଼ିକରେ ମାତ୍ର ୪। ଅତିରିକ୍ତ ନିୟନ୍ତ୍ରଣ ଦ୍ୱାରା ବ୍ୟବସାୟ ମନୋବୃତ୍ତି ପ୍ରଭାବିତ ହେଉଥିବା କୁହାଯାଇଛି।

## ୫ ଟ୍ରିଲିୟନ ଅର୍ଥନୀତି ଲାଗି ବାଣିଜ୍ୟ ସୁଗମତା

୨୦୨୫ ସୁଦ୍ଧା ଦେଶର ଅର୍ଥ ବ୍ୟବସ୍ଥାକୁ ୫ ଟ୍ରିଲିୟନ ଡଲାର ଅର୍ଥ ବ୍ୟବସ୍ଥାରେ ପହଞ୍ଚାଇବା ଲାଗି ସରକାର ଯୋଜନା ରଖିଛନ୍ତି। ଏଥି ଲାଗି ବାଣିଜ୍ୟ ସୁଗମ ନୀତି ଉପରେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ଅର୍ଥନୈତିକ ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସରକାର ଏମିତି ନୀତି ଉପରେ ଜୋର ଦେବା ଆବଶ୍ୟକ ଯାହା ବାଣିଜ୍ୟକୁ ଆଗକୁ ବଢ଼ିବାରେ ସହାୟତା କରିବ। ସରକାର ପ୍ରତିଦ୍ୱନ୍ଦ୍ୱିତାକୁ ପ୍ରୋତ୍ସାହିତ କରିବାର ଆବଶ୍ୟକତା ରହିଛି। ମାତ୍ର କିଛି ବାଣିଜ୍ୟ ଗୋଷ୍ଠୀଙ୍କ ଲାଗି ଅନୁକମ୍ପାମୂଳକ ନୀତି ନ ଆଣିବା ଉପରେ ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହା ଅର୍ଥ ବ୍ୟବସ୍ଥା ଲାଗି ଖରାପ ବୋଲି କୁହାଯାଇଛି।

## ରାଜପଥ କ୍ଷେତ୍ରକୁ ଲୋଡା ୧୯.୬୩ ଲକ୍ଷ କୋଟି

୨୦୨୪-୨୫ ସୁଦ୍ଧା ଦେଶର ରାଜପଥ କ୍ଷେତ୍ରରେ ବିକାଶ ଲାଗି ୧୯.୬୩ ଲକ୍ଷ କୋଟି ଟଙ୍କା ନିବେଶର ଆବଶ୍ୟକତା ରହିଛି। ଅର୍ଥ ବ୍ୟବସ୍ଥାର ବିକାଶ ଲାଗି ରାଜପଥ ବିକାଶର ଆବଶ୍ୟକତା ଉପରେ ରିପୋର୍ଟରେ ଗୁରୁତ୍ୱାରୋପ କରାଯାଇଛି। ନ୍ୟାଶନାଲ ଇନଫ୍ରାଷ୍ଟ୍ରକଚର ପାଇପ ଲାଇନରେ ଭିତ୍ତିଭୂମିରେ ୧୦୨ ଲକ୍ଷ କୋଟି ଟଙ୍କା ନିବେଶ ନେଇ ଯୋଜନା ରଖାଯାଇଛି। ଏହି ଆଧାରରେ ରାଜପଥ କ୍ଷେତ୍ର ଲାଗି ୧୯.୬୩ ଲକ୍ଷ କୋଟି ଟଙ୍କା ଆବଶ୍ୟକ ହେବ ବୋଲି କୁହାଯାଇଛି।

## ମାନ୍ଦାବସ୍ଥା ପ୍ରଭାବ ଶେଷ: ତ୍ୱରାନ୍ୱିତ ହେବ ଅର୍ଥ ବ୍ୟବସ୍ଥା



ଘରୋଇ ବଜାରରେ ରହିଥିବା ମାନ୍ଦାବସ୍ଥା ପ୍ରଭାବ ଏବେ ଶେଷ ହୋଇଛି। ଏବେ ଠାରୁ ଅର୍ଥ ବ୍ୟବସ୍ଥା ତ୍ୱରାନ୍ୱିତ ହେବ ବୋଲି ସରକାରଙ୍କ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା କେ.ଭି. ସୁବ୍ରମଣ୍ୟନ ସୂଚନା ଦେଇଛନ୍ତି। ଦେଶର ବାଣିଜ୍ୟିକ ଧାରାରେ ଉନ୍ନତି ଆସୁଥିବାରୁ ଆସନ୍ତା ଆର୍ଥିକ ବର୍ଷରେ ବିକାଶ ହାର ତ୍ୱରାନ୍ୱିତ ହେବ ବୋଲି ସେ ମତ ଦେଇଛନ୍ତି।

## ୭% ବଢ଼ିଛି ସେନସେକ୍ସ

ଦେଶର ଜିଡ଼ିପି ଅଭିବୃଦ୍ଧି ଗତ ୬ ତ୍ରୈମାସ ଧରି ପ୍ରଭାବିତ ସ୍ଥିତିରେ ରହିଛି। ହେଲେ ଏହାର ପ୍ରଭାବ ଦେଶର ପୁଞ୍ଜି ବଜାର ଉପରେ ପରିଲକ୍ଷିତ ହୋଇପାରି ନାହିଁ। ମାର୍ଚ୍ଚ ୨୦୧୯ ପରଠାରୁ ଡିସେମ୍ବର ୧୯ ମଧ୍ୟରେ ପୁଞ୍ଜି ବଜାର ୭% ବଢ଼ିଥିବା ରିପୋର୍ଟରେ ଉଲ୍ଲେଖ ରହିଛି।

## ୱିକିପିଡିଆରୁ ଡାଟା ସଂଗ୍ରହ

ଚଳିତ ବର୍ଷ ଅର୍ଥନୈତିକ ସର୍ଭେ ରିପୋର୍ଟରେ ୱିକିପିଡିଆ ଏବଂ ଅନ୍ୟ ଘରୋଇ ସଂସ୍ଥାଗୁଡିକରୁ ଡାଟା ସଂଗ୍ରହ କରାଯାଇଛି। ୱିକିପିଡିଆକୁ ଭରସାଯୋଗ୍ୟ ସାଇଟ ଭାବେ ବିଚାର କରି ଡାଟା ସଂଗ୍ରହ କରାଯାଇଥିବା ବେଳେ ବ୍ଲୁମବର୍ଗ, ଇକ୍ରା, ସିଏମ୍‌ଆଇଇ, ଆଇଆଇଏମ୍ ବାଙ୍ଗାଲୋର, ଫୋର୍ବସ, ବିଏସ୍‌ଇ ଭଳି ସଂସ୍ଥାଙ୍କଠାରୁ ଡାଟା ଆସିଥିବା ଜଣାପଡିଛି।

## କର୍ପୋରେଟ ଟିକସ ହ୍ରାସରୁ ୧%ରୁ କମ୍ କମ୍ପାନୀଙ୍କୁ ଲାଭ

କେନ୍ଦ୍ର ସରକାର ଅର୍ଥ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ଲାଗି ଗତ ବର୍ଷ ସେପ୍ଟେମ୍ବରରେ କର୍ପୋରେଟ ଟିକସ ହ୍ରାସ କରିଥିଲେ। ଏହା ଦ୍ୱାରା ୧%ରୁ କମ୍ କମ୍ପାନୀ ଏହାର ଲାଭ ଉଠାଇ ଥିବା ସର୍ଭେ ରିପୋର୍ଟରେ କୁହାଯାଇଛି।

## ଇସ୍ପାତ, ତୈଳ ଓ ବାଷ୍ପ ଲାଗି ଆକଳନ ସକାରାତ୍ମକ

ଅର୍ଥନୈତିକ ସର୍ଭେ ରିପୋର୍ଟରେ ଇସ୍ପାତ ଏବଂ ତୈଳ ତଥା ବାଷ୍ପ କ୍ଷେତ୍ର ଲାଗି କରାଯାଇଥିବା ଆକଳନ ସକାରାତ୍ମକ ରହିଛି। ଚଳିତ ଆର୍ଥିକ ବର୍ଷ ଏପ୍ରିଲ-ଅକ୍ଟୋବର ସମୟରେ ଭାରତ ୬୪.୩ ନିୟୁତ ଟନ୍ ଅଶୋଧିତ ଇସ୍ପାତ ଏବଂ ୫୯.୬୩ ନିୟୁତ ଟନ୍ ଶୋଧିତ ଇସ୍ପାତ ଉତ୍ପାଦନ କରିଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଛନ୍ତି। ଏହି କ୍ଷେତ୍ରଗୁଡ଼ିକୁ ନେଇ ଅନେକ ଆଶାବାଦୀ ଥିବା ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମତ ଦେଇଛନ୍ତି।

## ରପ୍ତାନିକୁ ପ୍ରୋତ୍ସାହିତ କରୁନି ବାଣିଜ୍ୟ ଚୁକ୍ତି

ସରକାର ବାଣିଜ୍ୟକୁ ଉତ୍ସାହିତ କରିବା ଲାଗି ବିଭିନ୍ନ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ କରୁଛନ୍ତି। ମାତ୍ର ଅଧିକାଂଶ ବାଣିଜ୍ୟ ଚୁକ୍ତି ମୋଟାମୋଟି ମର୍ଚ୍ଚାଣ୍ଡାଇଜ ରପ୍ତାନି କ୍ଷେତ୍ରରେ କାର୍ଯ୍ୟ କରୁନାହିଁ।

## ଏସେନସିଆଲ କମୋଡିଟି ଆକ୍ଟ ହଟାଇବାକୁ ପ୍ରସ୍ତାବ

ଏସେନସିଆଲ କମୋଡିଟି ଆକ୍ଟ ୧୯୫୫କୁ ହଟାଇବା ଲାଗି ଅର୍ଥନୈତିକ ସର୍ଭେ ରିପୋର୍ଟରେ ଗୁରୁତ୍ୱାରୋପ କରାଯାଇଛି। ମୂଲ୍ୟର ହ୍ରାସ ବୃଦ୍ଧି ଉପରେ ଏହା କୌଣସି ନିୟନ୍ତ୍ରଣ ଜାରି କରି ପାରୁ ନ ଥିବା ବେଳେ ଏହା ଦ୍ୱାରା ଲୋକମାନେ ବିଭିନ୍ନ ହଇରାଣ ହେଉଛନ୍ତି। ଏହାବାଦ ଡାଇନାମିକ ଫୁଡଗ୍ରେନ ପଲିସି ଆଣିବା ଉପରେ ଗୁରୁତ୍ୱାରୋପ କରାଯାଇଛି।

## ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟ କୋହଳ ହୋଇପାରେ

ଦେଶର ଅଭିବୃଦ୍ଧି ଏବେ ପ୍ରଭାବିତ ସ୍ଥିତିରେ ଥିବା ଯୋଗୁ ଏଥି ଲାଗି ବିକଳ୍ପ ପନ୍ଥା ଗ୍ରହଣ କରାଯାଇପାରେ। ସରକାର ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟକୁ କୋହଳ କରି ପାରନ୍ତି ବୋଲି ସର୍ଭେ ରିପୋର୍ଟରେ କୁହାଯାଇଛି। ଚଳିତ ଆର୍ଥିକ ବର୍ଷରେ ଅଭିବୃଦ୍ଧି ୧୧ ବର୍ଷର ସର୍ବନିମ୍ନ ସ୍ତର ୫%କୁ ଖସିବା ନେଇ ଆକଳନ କରାଯାଇଛି। ଏହାକୁ ଧ୍ୟାନରେ ରଖି ଧାର୍ଯ୍ୟ ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟରେ କୋହଳ କରାଯାଇପାରେ ବୋଲି କୁହାଯାଇଛି।

## ବ୍ୟାଙ୍କ ବାଲାନ୍ସ ଶିଟ୍‌ରେ ସ୍ୱଚ୍ଛତା, ଘର ମୂଲ୍ୟ ହ୍ରାସ

ହାଉସିଂ ମୂଲ୍ୟ କମିଲେ ବିକ୍ରି ନ ହୋଇ ପଡି ରହୁଥିବା ଘରଗୁଡିକ ବିକ୍ରି ହେବ ବୋଲି ସର୍ଭେ ରିପୋର୍ଟରେ କୁହାଯାଇଛି। ସେହିଭଳି ଅଣବ୍ୟାଙ୍କିଙ୍ଗ ବିତ୍ତ ପ୍ରତିଷ୍ଠାନ(ଏନ୍‌ବିଏଫ୍ ସି)ଗୁଡିକର ବାଲାନ୍ସ ସିଟରେ ସ୍ୱଚ୍ଛତା ଉପରେ ଧ୍ୟାନ ରଖିବାକୁ ପରାମର୍ଶ ଦିଆଯାଇଛି।

## ଅଭିବୃଦ୍ଧି ଲାଗି ଲୋଡ଼ା ଦୃଢ଼ ସଂସ୍କାର

ସରକାର ଦେଶର ଜିଡିପି ଅଭିବୃଦ୍ଧିକୁ ପ୍ରାଥମିକତା ଦେବା ସହ ଏହାକୁ ତ୍ୱରାନ୍ୱିତ କରିବା ଲାଗି ବିଭିନ୍ନ ପଦକ୍ଷେପ ନିଅନ୍ତୁ ବୋଲି ଶିଳ୍ପ ଜଗତ ପକ୍ଷରୁ କୁହାଯାଇଛି। ଅର୍ଥନୈତିକ ସର୍ଭେ ରିପୋର୍ଟରେ ଯେଉଁ ଲକ୍ଷ୍ୟ ରଖାଯାଇଛି ତାହା ଚ୍ୟାଲେଞ୍ଜିଂ ବୋଲି ଶିଳ୍ପ ପକ୍ଷରୁ ମତ ପ୍ରକାଶ ଯାଇଛି।

## ଆସିବ ୧.୫ ଲକ୍ଷ ଆୟୁଷ୍ମାନ ଭାରତ ହେଲ୍‌ଥ ସେଣ୍ଟର

ସ୍ୱାସ୍ଥ୍ୟ ସେବାକୁ ତ୍ୱରାନ୍ୱିତ କରିବା ଲାଗି ସରକାର ଆୟୁଷ୍ମାନ ଭାରତରେ ୨୦୨୨ ସୁଦ୍ଧା ୧.୫ ଲକ୍ଷ ହେଲଥ ଏବଂ ୱେଲନେସ ସେଣ୍ଟର ସ୍ଥାପନ କରିବେ। ଅର୍ଥନୈତିକ ସର୍ଭେ ରିପୋର୍ଟ ସଂସଦରେ ଉପସ୍ଥାପନ କରି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଏହି ସୂଚନା ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ସାରା ଦେଶରେ ଏହି ଭଳି ୨୮ ହଜାରରୁ ଉର୍ଦ୍ଧ୍ୱ ସେଣ୍ଟର ଖୋଲାଯାଇଛି। ସେହିଭଳି ମିଶନ ଇନ୍ଦ୍ରଧନୁଷରେ ୩.୩୯ କୋଟି ଶିଶୁ ଏବଂ ୮୭.୧୯ ଲକ୍ଷ ଗର୍ଭବତୀ ମହିଳାଙ୍କୁ ଟିକାକରଣ କରାଯାଇଛି।

## ଘରୋଇକରଣରୁ ଉନ୍ନତ ଲାଭ

ଘରୋଇକରଣ ହୋଇଥିବା ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡିକ ଉନ୍ନତ ଲାଭ କରୁଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଉଦ୍ୟୋଗଗୁଡିକର ସମ୍ପତ୍ତି, ଲାଭ, ମୋଟ ରାଜସ୍ୱ, ବିକ୍ରି ଅଭିବୃଦ୍ଧି ସହ ଅନ୍ୟ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହୋଇଥିବା କୁହାଯାଇଛି।

## ସର୍ଭିସ ସେକ୍ଟରରେ ଅଧିକ ଫାର୍ମ

ଦେଶର ମାନୁଫାକଚରିଂ କ୍ଷେତ୍ର ତୁଳନାରେ ସର୍ଭିସ ସେକ୍ଟରରେ ଅଧିକ ନୂଆ ଫାର୍ମ ସୃଷ୍ଟି ହେଉଛି। ମାନୁଫାକଚରିଂ, ଭିତ୍ତିଭୂମି ଏବଂ କୃଷି କ୍ଷେତ୍ର ତୁଳନାରେ ଏହି କ୍ଷେତ୍ରଗୁଡିକ ଦେଶର ମୋଟ ଜିଡିପିକୁ ଉଲ୍ଲେଖନୀୟ ଯୋଗଦାନ ରଖୁଥିବା ସର୍ଭେ ରିପୋର୍ଟରେ କୁହାଯାଇଛି।

## କମିଛି ରେଳ ଦୁର୍ଘଟଣା

ଦୁର୍ଘଟଣାକୁ ଏଡାଇବା ପାଇଁ ରେଲୱେ ପକ୍ଷରୁ ନିରନ୍ତର ପଦକ୍ଷେପ ହାତକୁ ନିଆଯାଇଛି। ଏହି ଆଧାରରେ ୨୦୧୯ରେ ରେଳ ଦୁର୍ଘଟଣା ହ୍ରାସ କ୍ଷେତ୍ରରେ ରେଳପଥ ସଫଳତା ହାସଲ କରିଛି। ୨୦୧୭-୧୮ରେ ୭୩ ରେଳ ଦୁର୍ଘଟଣା ଘଟିଥିବା ବେଳେ ଏହା ୨୦୧୮-୧୯ରେ ୫୯ ଏବଂ ଚଳିତ ଆର୍ଥିକ ବର୍ଷ ବର୍ତ୍ତମାନ ସୁଦ୍ଧା ୪୧ ରହିଛି।

## କମିଛନ୍ତି ବିଦେଶୀ ପର୍ଯ୍ୟଟକ

୨୦୧୯ ଜାନୁୟାରୀ-ଅକ୍ଟୋବର ସମୟରେ ଦେଶ ମଧ୍ୟକୁ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟାରେ ୨.୭% ହ୍ରାସ ଘଟିଛି। ୨୦୧୫ରୁ ୧୭ ମଧ୍ୟରେ ଏହି ଧାରାରେ ଉନ୍ନତି ଆସିଥିବା ବେଳେ ଏଥିରେ ହ୍ରାସ ପରିଲକ୍ଷିତ ହୋଇଥିବା ସର୍ଭେ ରିପୋର୍ଟରେ କୁହାଯାଇଛି।

## ସ୍ୱଳ୍ପ ଟାରିଫ ଯୋଗୁ ଟେଲିକମ ଶିଳ୍ପରେ ସମସ୍ୟା

କଡା ପ୍ରତିଦ୍ୱନ୍ଦ୍ୱିତା ଏବଂ ସ୍ୱଳ୍ପ ଟାରିଫ ଯୋଗୁ ଦେଶର ଟେଲିକମ୍ ଶିଳ୍ପ ଏବେ କ୍ଷତିଗ୍ରସ୍ତ ହୋଇଥିବା ରିପୋର୍ଟରେ କୁହାଯାଇଛି। ୨୦୧୬ ପରଠାରୁ ଏହି ସମସ୍ୟା ବିଶେଷ ଭାବେ ଦେଖାଯାଇଛି। ୨୦୧୬-୧୯ ମଧ୍ୟରେ ଟେଲିକମ୍ ଶିଳ୍ପରେ ଡାଟା ଟାରିଫ ପ୍ରାୟ ୯୯% କମିଥିବା ସର୍ଭେ ରିପୋର୍ଟରେ ଉଲ୍ଲେଖ ରହିଛି।

**PARADIP PORT TRUST**

**e-TENDER CALL NOTICE**

Name of the work: **05th Dry Docking/Repairs of MV PUSHPAGIRI of Paradip Port Trust at Paradip.** Estimated Cost put to tender : **₹ 1,20,37,320/-** (excluding GST). Last date & time of submission of tender through on-line bidding is 1500 hours on dt. **19.02.2020**. For details, please log on to the website **https://eprocure.gov.in/eprocure/app**

Deputy Conservator

PPT/PR/635/19-20 Dt. 31.01.2020

**Office of the Collector & District Magistrate, Nuapada**

(SSD Section) No.324 Dt.28.01.2020

**ADVERTISEMENT**

For participating in the Urban Education Programme (ANWESHA) in the district of Nuapada from the year 2020-21, willingness and information are invited from intending English Medium Public Schools operating in Urban Areas of the district. The Criteria and detailed prescribed format for application is available in Nuapada district Official website, i.e., www.nuapada.nic.in.

Application forms from the intending English Medium Public Schools, should reach the undersigned by 29.2.2020.

Sd./- Collector, Nuapada.

**DISTRICT MINERAL FOUNDATION, JAJPUR**

Ph.- 06728-222227, E-mail : dmfjajpur@gmail.com
Website - www.jajpur.nic.in

Letter No.DMF/103/2020 Date: 31.01.2020

**WALK-IN INTERVIEW FOR SPECIALISTS / DOCTORS**

Candidatures are invited for walk-in interview for appointment of Super Specialists/ Specialists/ Doctors in District Headquarter Hospital, Jajpur and CHC & PHCs of Sukinda & Danagadi block out of District Mineral Foundation Fund. The vacancy details and all other requisite qualification, experience is available in website www.jajpur.nic.in.

The date of walk-in interview : 12.02.2020
Venue: Collector's Conference Hall

Sd./- Collector & Managing Trustee
DMF, Jajpur

Address: DRDA Office, 2nd Floor, Gandhi Chhak, Jajpur Town, Dist.- Jajpur-755001

No.O-949 :-

**Annexure**

**IFB IDENTIFICATION NO. EEBLGR-online-04/2019-20**

| | | | |
|---|---|---|---|
| 1. | Name of work | : | Periodical Maintenance for the road Such as providing SDBC work |
| 2. | Total no of works | : | 1 (ONE) no . |
| 3. | Approximate Estimated Cost | : | Rs 79.56 Lakhs |
| 4. | Time for completion | : | 1 ( One ) Calander month |
| 5. | Mode of Submission of tender | : | Tender should be submitted online in www.tenders.ori.nic.in |
| 6. | Other details are as follow | | As per TCN No.EEBLGR-online-04/2019-20 |

| Procurement Officer | Bid Identification No. | Availability of Tender on line for bidding | | Last date and time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| Executive Engineer, R.W.Divn., Bolangir | Online Tender/04/BLGR | 03.02.2020 At 11.00 A.M. | 13.02.2020 upto 5.00 P.M. | 12.02.2020 upto 1.00 P.M. | 15.02.2020 at 11.00 A.M. |

- Further details can be seen from the website www.tenders.ori.nic.in
- Any Corrigendum/Addendum will be displayed in the above e tender website only.

25068/11/0004/1920

Sd./- Executive Engineer
R.W. Division, Bolangir

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISON GAJAPATI**
**PARLAKHEMUNDI**

e-mail : rwd_gajapati@yahoo.co.in

**NATIONAL COMPETITIVE BIDDING THROUGH e-Procurement**

Identification No. Online Tender 11/GJP/2019-20

No.O-938

1. Name of the work : Road work
2. Total No. Work : 1 (One) No. of Road work
3. Estimated Cost : Rs. 70.72 lakhs
4. Class of Contractor : 'B' & 'A' Class Contractor
5. Period of Completion : Furnished in Annexure
6. Availability of Tender Online for bidding : 05.02.2020 at 10.00 AM to 20.02.2020 upto 5.30 PM
7. Date and Time of Opening of Tender
   a. Technical Bid : 25.02.2020 at 11.30 AM
   b. Financial Bid : 29.02.2020 at 11.30 AM
8. Last Date & Time of Seeking tender clarification : 19.02.2020 upto 5.30 PM
9. Place of Opening : As per Annexure

Further details can be seen from the Website www.tenderorissa.gov.in

EXECUTIVE ENGINEER
R.W. DIVN.GAJAPATI

25158/11/0012/1920

**BHUBANESWAR DEVELOPMENT AUTHORITY**

AKASH SHOVA BUILDING, PANDIT JAWAHARLAL NEHERU MARG, BHUBANESWAR - 751001
PABX No. 0674-2392801 / 0998 / 6437, FAX No. 0674-2390633 / 085
Visit us at: http://www.bda.gov.in/

Ref. No. 52 Date: 31.01.2020

**INVITATION FOR BIDS (IFB)**
**BID IDENTIFICATION No. BDA/52-SE-II/2019–20**

**Superintending Engineer, Division No.II, BDA, Bhubaneswar** on behalf of Bhubaneswar Development Authority, Bhubaneswar invites tender on Percentage Rate in **Single cover system** to be received in on-line mode only for the following work.

| Sl. No. | Name of work | Approximate value of work (Rs. In lakh) | Validity of Tender | Class of Contractor | Bid Security | Cost of Document (In Rs.) | Last date of online receipt of Bids |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1. | Construction of Fly Ash Brick Compound Wall under BMC & G.A area of Circle-4 around the Govt. Plots | 39.02 | Up to 01 (One) year | 'C' & 'B' Class' | 1% of Estimated cost. | 6,000/- + GST @ 12% 720.00 | 13.02.2020 up to 5.30 P.M. |
| 2. | Construction of Fly Ash Brick Compound Wall under BMC & G.A area of Circle-5 around the Govt. Plots | 38.43 | Up to 01 (One) year | 'C' & 'B' Class' | 1% of Estimated cost. | 6,000/- + GST @ 12% 720.00 | 13/02/2020 up to 5.30 P.M. |

1. The Bid documents will be available in the website **http://tendersodisha.gov.in** from **03/02/2020 to 5.30 P.M. of 13/02/2020.**
2. All Corrigendum and Addendum will be published in the Website only.
3. Other details can be seen in the bidding documents.

Sd/-
Superintending Engineer,
Division No.II, BDA, Bhubaneswar.

ଭାରତର ମହାନ ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକରଙ୍କ ଖେଳିବା ଷ୍ଟାଇଲରେ ମୁଁ ବିଶେଷ ଭାବେ ପ୍ରଭାବିତ ।
–ଆବିଦ ଅଲ୍ଲୀ, ପାକିସ୍ତାନ ଓପନିଂ ବ୍ୟାଟ୍ସମ୍ୟାନ



ଗ୍ୟାରେଥ ବାଲେ ରିୟଲ ମାଡ୍ରିଡ ସହିତ ଅଛନ୍ତି, ସେ ଦଳ ଛାଡୁଛନ୍ତି ବୋଲି ଯାହା ଶୁଣିବାକୁ ମିଳିଛି ତା' ଉପରେ ମୁଁ ମନ୍ତବ୍ୟ ଦେବାକୁ ଚାହେଁନା ।
–ଜିନେଡିନ୍ ଜିଡାନ, ଫୁଟବଲ କୋଚ୍



## ସଂକ୍ଷେପରେ

### ହରମନପ୍ରୀତ, ବୋଲରଙ୍କ ଦମ୍‌ରେ ଜିତିଲା ଭାରତ

କାନବେରା,୩୧।୧- ଭାରତୀୟ ମହିଳା ଦଳ ଚଳିତ ତ୍ରିରାଷ୍ଟ୍ରୀୟ ଟି୨୦ ସିରିଜ୍‌ରେ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ପ୍ରଥମେ ବୋଲରଙ୍କ ଜବରଦସ୍ତ ବୋଲିଂ ଓ ପରେ ଅଧିନାୟିକା ହରମନପ୍ରୀତ କୌରଙ୍କ ଅପରାଜିତ ୪୨ ରନ୍‌ର ଇନିଂସ ବଳରେ ଭାରତ ୫ ଉଇକେଟରେ ଇଂଲଣ୍ଡକୁ ହରାଇ ଦେଇଛି। ଆସନ୍ତା ୨ ତାରିଖରେ ଭାରତୀୟ ଦଳ ତା'ର ଦ୍ୱିତୀୟ ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ଭେଟିବ।
ଶୁକ୍ରବାର ଖେଳାଯାଇଥିବା ମ୍ୟାଚ୍‌ରେ ଇଂଲଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୪୭ ରନ୍ କରିଥିଲା। ଦଳ ପାଇଁ ଅଧିନାୟିକା ହେଥର ନାଇଟ ୪୪ ବଲରେ ୬୭ ରନ୍‌ର ଇନିଂସ ଖେଳିଥିଲେ। ତାଙ୍କ ବ୍ୟତୀତ ଟାମି ବେମାଉଣ୍ଟ ୩୭ ଓ ନାଟଲିଆ ସ୍କିଭର ୨୦ ରନ୍ କରିଥିଲେ। ଭାରତୀୟ ସ୍ପିନର ରାଜେଶ୍ୱରୀ ଗାଏକ୍ୱାଡ(୨/୧୯), ଦୀପ୍ତି ଶର୍ମା (୨/୩୦) ଓ ବାମହାତୀ ରାଧା ଯାଦବ (୧/୩୩) ମିଳିତ ଭାବେ ୫ ଉଇକେଟ ନେଇଥିବାବେଳେ ମିଡିୟମ ପେସର ଶିକ୍ଷା ପାଣ୍ଡେ ୨ ଉଇକେଟ ଅଧିକାର କରିଥିଲେ। ଜବାବରେ ୧୫ ବର୍ଷୀୟା ଶେଫାଳୀ ବର୍ମା (୩୦), ସ୍ମୃତି ମନ୍ଧାନା (୧୫) ଓ ଜେମିମା ରୋଡ୍ରିଗୁଏଜ (୨୬) ଭାରତୀୟ ଦଳକୁ ଭଲ ଆରମ୍ଭ ଦେଇଥିଲେ। ବେଦ କ୍ରିଷ୍ଣମୂର୍ତ୍ତି (୭) ଓ ତାନିୟା ଭାଟିଆ (୧) କ୍ରିଜରେ ଅଧିକ ସମୟ ତିଷ୍ଠିବାରେ ବିଫଳ ହୋଇଥିଲେ। ଅନ୍ତିମ ଓଭରରେ ଭାରତୀୟ ଦଳକୁ ଜିତିବା ପାଇଁ ୬ ରନ୍ ଦରକାର ଥିଲା। କିନ୍ତୁ ଅଧିନାୟିକା ହରମନପ୍ରୀତଙ୍କ ଛକା ଯୋଗୁ ଟିମ୍ ଇଣ୍ଡିଆ ୩ ବଲ ପୂର୍ବରୁ ମ୍ୟାଚ୍ ଜିତି ନେଇଥିଲା। ଭାରତ ୧୯.୩ ଓଭରରେ ୫ ଉଇକେଟ ହରାଇ ୧୫୦ ରନ୍ କରିଥିଲା।

### କାନାଡ଼ା ବୋଲର ସସ୍‌ପେଣ୍ଡ

ଦୁବାଇ, ୩୧।୧ (ପି.ଟି.): କାନାଡା ବୋଲର ରକିବ୍ ଶାମସୁଦ୍ଦିନ ଅନ୍ତର୍ଜାତୀୟ କ୍ରିକେଟରୁ ସସ୍‌ପେଣ୍ଡ ହୋଇଛନ୍ତି। ଏହି ସ୍ପିନ ବୋଲରଙ୍କ ବୋଲିଂ ଆକ୍ସନ ଅବୈଧ ଥିବା ଚଳିତ ୧୯ ବର୍ଷରୁ କମ୍ ଆଇସିସି (ଇଣ୍ଟରନ୍ୟାଶନାଲ କ୍ରିକେଟ କାଉନ୍‌ସିଲ) ବିଶ୍ୱକପ୍ ଇଭେଣ୍ଟ ପ୍ୟାନେଲର ହୃଦ୍‌ବୋଧ ହୋଇଥିଲା। ଜାନୁୟାରୀ ୨୨ରେ କାନାଡ଼ାର ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ ବେଳେ ଏହି ୧୮ ବର୍ଷୀୟ ବୋଲରଙ୍କ ବିରୋଧରେ ମ୍ୟାଚ ଅଫିସିଆଲମାନେ ଅଭିଯୋଗ ଆଣିଥିଲେ। ଶାମସୁଦ୍ଦିନଙ୍କ ବୋଲିଂ ଆକ୍ସନର ଭିଡ଼ିଓ ଫୁଟେଜ୍‌କୁ ଆଇସିସି ପ୍ୟାନେଲ ଅଫ୍ ହ୍ୟୁମ୍ୟାନ ମୁଭମେଣ୍ଟ ସ୍ପେଶାଲିଷ୍ଟର ସଦସ୍ୟମାନେ ସମୀକ୍ଷା କରିଥିଲେ। ବୋଲିଂ ନିୟମର ଧାରା ୬.୭ ଅନୁସାରେ ଶାମସୁଦ୍ଦିନଙ୍କ ବୋଲିଂ ଆକ୍ସନ ଅବୈଧ ବୋଲି ପ୍ୟାନେଲ ସିଦ୍ଧାନ୍ତରେ ପହଞ୍ଚିଥିଲା। ତାଙ୍କୁ ତୁରନ୍ତ ସସ୍‌ପେଣ୍ଡ କରାଯାଇଥିବା ଆଇସିସି ଏକ ପ୍ରେସ୍ ଇସ୍ତାହାରରେ ପ୍ରକାଶ କରିଛି।

### ଫେରିଲେ ପଦକ ବିଜୟୀ ଶେଖର

କଟକ ଅଫିସ,୩୧।୧: ଗତ ଜାନୁୟାରୀ ୨୫ରୁ ୨୮ ତାରିଖ ପର୍ଯ୍ୟନ୍ତ ଗୋଆର ଭାସ୍କୋଡାଗାମାଠାରେ ଜାତୀୟ ଓପନ ୱିଣ୍ଡସର୍ଫିଙ୍ଗ୍ ଚାମ୍ପିୟନଶିପ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଓଡ଼ିଆ ଖେଳାଳି ଡି.ଶେଖର ରାଓ ବିଗ୍‌ନୋଭା ଇଭେଣ୍ଟରେ ୩ୟ ସ୍ଥାନ ହାସଲ କରିବା ସହ ବ୍ରୋଞ୍ଜ ପଦକ ଜିତିଛନ୍ତି। ପ୍ରତିଯୋଗିତାରେ ଓଡ଼ିଶାର ସୁମିତ୍ରା ବଳବନ୍ତରାୟ, ତେନ୍ଦୁଲକର ମୁଣ୍ଡା, ମହେଶ୍ୱର ସାହୁ ମଧ ଭାଗ ନେଇଥିଲେ। ରାଜ୍ୟ ଦଳ ଶୁକ୍ରବାର ପ୍ରତ୍ୟାବର୍ତ୍ତନ କରିଛି। ଓଡ଼ିଶା ୟାଟିଂ ଆସୋସିଏଶନ ସମ୍ପାଦକ ସବୀର ବକ୍ସ, ସଭାପତି ସୁନୀଲ ରାଉତ, ଉପସଭାପତି ଅରିନ୍ଦମ ସର୍ଖେଲ, ଯୁଗ୍ମ ସମ୍ପାଦକ ସୁବାସ ଦାସ, ପ୍ରଦୀପ ମହାପାତ୍ର ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

# ଭାରତର ଆଉ ଏକ ସୁପର ଶୋ



ଭାରତକୁ ଜିତାଇବା ପରେ ବିରାଟ କୋହଲି ଓ ସଞ୍ଜୁ ସାମସନ ଖୁସି ମନାଉଛନ୍ତି।

## ଟି୨୦ ସିରିଜରେ ଭାରତ ୪-୦
## ଶାର୍ଦ୍ଦୂଳ ମ୍ୟାନ୍ ଅଫ୍ ଦି ମ୍ୟାଚ୍

ୱେଲିଂଟନ, ୩୧।୧(ପି.ଟି.)

ରୋମାଞ୍ଚକ ଢଙ୍ଗରେ ଭ୍ରମଣକାରୀ ଭାରତ ଆଉ ଏକ ସୁପର ଓଭର ବିଜୟ ହାସଲ କରିଛି। ସ୍ଥାନୀୟ ୱେଷ୍ଟପ୍ୟାକ୍ ଷ୍ଟାଡିୟମରେ ଶୁକ୍ରବାର ଖେଳାଯାଇଥିବା ଚତୁର୍ଥ ଟି୨୦ ମ୍ୟାଚ୍‌ରେ ଭାରତ ଘରୋଇ ନ୍ୟୁଜିଲାଣ୍ଡକୁ ସୁପର ଓଭରରେ ପରାସ୍ତ କରି ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୪–୦ରେ ଅଗ୍ରଣୀ ହାସଲ କରିଛି। ଏଥିସହିତ ନ୍ୟୁଜିଲାଣ୍ଡର ସୁପର ଓଭର ଦୁଃସ୍ୱପ୍ନ ଜାରି ରହିଛି। ବୁଧବାର ଖେଳାଯାଇଥିବା ତୃତୀୟ ଟି୨୦ରେ ମଧ୍ୟ ନ୍ୟୁଜିଲାଣ୍ଡ ପରାସ୍ତ ହୋଇ କ୍ରମାଗତ ଦ୍ୱିତୀୟଥର ପାଇଁ ସୁପର ଓଭରରେ ମ୍ୟାଚ୍ ହାତଛଡା କରିଥିଲା। ଇଂଲଣ୍ଡରେ ଅନୁଷ୍ଠିତ ୨୦୧୯ ବିଶ୍ୱକପ୍ ଫାଇନାଲରେ ମଧ୍ୟ ନ୍ୟୁଜିଲାଣ୍ଡ ସମାନ ଢଙ୍ଗରେ ପରାସ୍ତ ହୋଇଥିଲା।

ଟସ୍ ଜିତି ନ୍ୟୁଜିଲାଣ୍ଡ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଭାରତ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲେ ମଧ୍ୟ ୮ ଉଇକେଟ ହରାଇ ୧୬୫ ରନର ସମ୍ମାନଜନକ ସ୍କୋର ହାସଲ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ୨୦ ଓଭରରେ ୭ ଉଇକେଟ ହରାଇ ସମାନ ୧୬୫ ରନରେ ସୀମିତ ରହିଥିଲା। ବିଜୟ ପାଇଁ ଶେଷ ଦୁଇ ଓଭରରେ ୧୧ ରନ ଓ ଅନ୍ତିମ ଓଭରରେ ୭ ରନର ଆବଶ୍ୟକ ହେଉଥିଲା। ଅନ୍ତିମ ଓଭର ବୋଲିଂ କରିବାକୁ ଆସି ଶାର୍ଦ୍ଦୂଳ ଠାକୁର ଚମତ୍କାର ପ୍ରଦର୍ଶନ କରିଥିଲେ। ନ୍ୟୁଜିଲାଣ୍ଡ ଏହି ଓଭରରେ ୪ ଉଇକେଟ ହରାଇ ୬ ରନ ସଂଗ୍ରହ କର ସ୍କୋର ସମାନ କରିବା ସହ ବିଜୟଠାରୁ ୧ ରନ ଦୂରରେ ରହିଯାଇଥିଲା। ଏହା ପରେ ସୁପର ଓଭରରେ ନ୍ୟୁଜିଲାଣ୍ଡ ପ୍ରଥମେ ବ୍ୟାଟିଂ କରି ଗୋଟିଏ ଉଇକେଟ ହରାଇ ୧୩ ରନ ସଂଗ୍ରହ କରିଥିଲା। ଜବାବରେ ଭାରତ ୧ ଉଇକେଟ ହରାଇ ଗୋଟିଏ ବଲ ବାକି ରଖି ୧୬ ରନକରି ବିଜୟ ହାସଲ କରିଥିଲା।

ଉଚ୍ଚକୋଟୀର ବୋଲିଂ ପ୍ରଦର୍ଶନ ପାଇଁ ଶାର୍ଦ୍ଦୂଳଙ୍କୁ ମ୍ୟାନ୍ ଅଫ୍ ମ୍ୟାଚ୍ ବିବେଚିତ କରାଯାଇଥିଲା। ପଞ୍ଚମ ତଥା ଅନ୍ତିମ ଟି୨୦ ଆସନ୍ତା ରବିବାର ମାଉଣ୍ଟ ମାଉନଗାନୁଇରେ ଖେଳାଯିବ।

୧୬୬ ରନ ଆଭରେଜ ଟାର୍ଗେଟର ପିଛା କରି ନ୍ୟୁଜିଲାଣ୍ଡ ଆଉଟ୍ ଅଫ୍ ଫର୍ମ ତଥା ଅଭିଜ୍ଞ ଓପନର ମାର୍ଟିନ ଗୁପ୍ଟିଲଙ୍କୁ ଆରମ୍ଭରୁ ହରାଇଥିଲା। ୪ ରନ କରିଥିବା ବେଳେ ଉଇକେଟକିପର ଲୋକେଶ ରାହୁଲଙ୍କୁ କ୍ୟାଚ୍ ଦେଇ ଗୁପ୍ଟିଲ ବୁମ୍‌ରାଙ୍କ ଶିକାର ହୋଇଥିଲେ। ଦ୍ୱିତୀୟ ଉଇକେଟରେ ଅନ୍ୟତମ ଓପନର କଲିନ ମୁନରୋ ଟିମ୍ ସିଫର୍ଟ ୪୪ ବଲରୁ ୭୪ ରନ କରି ଦଳକୁ ଭଲ ଆରମ୍ଭ ପ୍ରଦାନ କରିଥିଲେ। ତେବେ ମୁନରୋ ୬୪ (୪୭ ବଲ, ୬ ଚୌକା, ୩ ଛକା) ଓ ସିଫର୍ଟ ୫୭ (୩୯ ବଲ, ୪ ଚୌକା, ୩ ଛକା)ରନର ଅର୍ଦ୍ଧଶତକୀୟ ପାଳି ଖେଳି ଉଭୟ ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଥିଲେ। ଅଭିଜ୍ଞ ରସ୍ ଟେଲର ୨ ଚୌକା ସହ ୧୮ ବଲରୁ ୨୪ ରନକରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ଭାରତ ତରଫରୁ ଠାକୁର ୨, ବୁମ୍‌ରା ଓ ୟୁଜବେନ୍ଦ୍ର ଚହଲ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ସିରିଜରେ ପ୍ରଥମଥର ପାଇଁ ଖେଳିବାର ସୁଯୋଗ ପାଇଥିବା ସଞ୍ଜୁ ସାମସନ ୫ ବଲରୁ ୧ ଛକା ସହ ୮ ରନ କରି ପ୍ରଥମେ ଆଉଟ ହୋଇଥିଲେ ଓ ଭାରତ ଆରମ୍ଭରୁ ଝଟ୍‌କା ଖାଇଥିଲା। ଅଧିନାୟକ ବିରାଟ କୋହଲି ମଧ୍ୟ ଚମକ ଦେଖାଇ ନ ପାରି ୨ ଚୌକା ସହ ୯ ବଲରୁ ୧୧ ରନ କରିଥିବା ବେଳେ ଦ୍ରୁତ ବୋଲର ହାମିଶ ବେନେଟଙ୍କ ବଲ୍‌ରେ ମିଚେଲ ସାଣ୍ଟନରଙ୍କୁ କ୍ୟାଚ୍ ଦେଇଥିଲେ। ଶ୍ରେୟାସ ଆୟାର ଓ ଶିବମ ଦୁବେ ମଧ୍ୟ ଫେଲ୍ ମାରିଥିଲେ। ଆୟାର ୧ ଓ ଦୁବେ ୧୨ ରନ କରି ସ୍ପିନର ଇଶ୍ ସୋଧିଙ୍କ ଶିକାର ହୋଇଥିଲେ। ତେବେ ଓପନର ରାହୁଲ ଆଉଟ ହେବା ପୂର୍ବରୁ ୨୬ ବଲରୁ ୩ ଚୌକା ଓ ୨ ଛକା ସହ ୩୯ ରନ ସଂଗ୍ରହ କରିଥିଲେ। ସେ ସୋଧିଙ୍କ ବଲ୍‌ରେ ମିଡ୍ ଉଇକେଟକୁ ଜୋରଦାର ଶଟ୍ ଖେଳିଥିଲେ ମଧ୍ୟ ବାଉଣ୍ଡରୀରେ ସାଣ୍ଟନରଙ୍କୁ କ୍ୟାଚ୍ ଦେଇଥିଲେ। ଗୋଟିଏ ପଟେ ଉଇକେଟ ପତନ ଜାରି ରହିଥିବା ବେଳେ ଅନ୍ୟପଟରେ ମନୀଷ ପାଣ୍ଡେ ଧୈର୍ଯ୍ୟର ସହ ବ୍ୟାଟିଂ କରିଥିଲେ ମଧ୍ୟ ଦ୍ରୁତ ଗତିରେ ରନ ସଂଗ୍ରହ ଜାରି ରଖିଥିଲେ। ୩୬ଟି ବଲର ସମ୍ମୁଖୀନ ହୋଇ ସେ ୩ ଚୌକା ସହ ୫୦ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଶେଷ ପର୍ଯ୍ୟନ୍ତ ଅପରାଜିତ ରହି ଦଳକୁ ସମ୍ମାନଜନକ ସ୍କୋର ପ୍ରଦାନ କରିଥିଲେ। ଶାର୍ଦ୍ଦୂଳ ୨ ଚୌକା ସହ ୧୫ ବଲରୁ ମହତ୍ତ୍ୱପୂର୍ଣ୍ଣ ୨୦ ରନ ସଂଗ୍ରହ କରିଥିଲେ। ସେହିପରି ନବୀଦପ ସଇନି ୨ ଚୌକା ସହ ୯ ବଲରୁ ୧୧ ରନ ସଂଗ୍ରହ କରି ପାଣ୍ଡେଙ୍କୁ ଉପଯୁକ୍ତ ସହଯୋଗ କରିଥିଲେ। ୱାଶିଂଟନ ସୁନ୍ଦର ଖାତା ଖୋଲିପାରି ନ ଥିବା ବେଳେ ୟୁଜବେନ୍ଦ୍ର ଚହଲ ୧ ରନକରି ଆଉଟ ହୋଇଥିଲେ। ନ୍ୟୁଜିଲାଣ୍ଡ ତରଫରୁ ବୋଲିଂରେ ଲେଗ୍ ସ୍ପିନର ସୋଧି ସର୍ବାଧିକ ୩, ବେନେଟ ୨, କାମଚଳା ଅଧିନାୟକ ତଥା ଅଭିଜ୍ଞ ଦ୍ରୁତ ବୋଲର ଟିମ୍ ସୌଦି, ସ୍କଟ କୁଗେଲେଜିନ ଓ ମିଚେଲ ସାଣ୍ଟନର ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ। ଭାରତ ତାରକା ଓପନର ରୋହିତ ଶର୍ମା, ଦ୍ରୁତ ବୋଲର ମହମ୍ମଦ ସାମି ଓ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କୁ ବିଶ୍ରାମ ଦେଇଥିଲା। ଏମାନଙ୍କ ବଦଳରେ ସାମସନ, ୱାଶିଂଟନ ଓ ସଇନିଙ୍କୁ ସୁଯୋଗ ଦିଆଯାଇଥିଲା।



ଡେଥ୍ ଓଭରରେ ଚମତ୍କାର ବୋଲିଂ ପାଇଁ ଶାର୍ଦ୍ଦୂଳ ଠାକୁରଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

### ଶେଷ ଓଭରର ନାଟକ

(ନ୍ୟୁଜିଲାଣ୍ଡ ପାଇଁ ୬ ବଲ୍‌ରୁ ଆବଶ୍ୟକ ଥିଲା ୭ ରନ)
ପ୍ରଥମ ବଲ୍: ରସ୍ ଟେଲର ଆଉଟ, କଟ୍-ଶ୍ରେୟାସ ଆୟାର
ଦ୍ୱିତୀୟ ବଲ୍: ୪ ରନ(ଡାରିଲ ମିଚେଲ)
ତୃତୀୟ ବଲ୍: ସିଫର୍ଟ ରନଆଉଟ
ଚତୁର୍ଥ ବଲ୍: ୧ ରନ(ମିଚେଲ ସାଣ୍ଟନର)
ପଞ୍ଚମ ବଲ୍: ଡାରେଲ ମିଚେଲ ଆଉଟ, କଟ୍-ଶିବମ୍ ଦୁବେ
୬ଷ୍ଠ ବଲ୍: ୧ ରନ ନେଇ ଦ୍ୱିତୀୟ ରନ ଉଦ୍ୟମରେ ସାଣ୍ଟନର ରନଆଉଟ
(ବୋଲର: ଶାର୍ଦ୍ଦୂଳ ଠାକୁର)

### ସୁପର ଓଭର

**ନ୍ୟୁଜିଲାଣ୍ଡ: ୧୩/୧**
(ଟିମ୍ ସିଫର୍ଟ/କଲିନ୍ ମୁନ୍‌ରୋ)

| ବଲ୍ | ରନ |
|---|---|
| ୧ | ୨ (ସିଫର୍ଟ) |
| ୨ | ୪ (ସିଫର୍ଟ) |
| ୩ | ୨ (ସିଫର୍ଟ) |
| ୪ | ୦ (ସିଫର୍ଟ ଆଉଟ) |
| ୫ | ୪ (ମୁନ୍‌ରୋ) |
| ୬ | ୧ (ମୁନ୍‌ରୋ) |

(ବୋଲର: ଯଶପ୍ରୀତ ବୁମ୍‌ରା)

**ଭାରତ: ୧୬/୧**
(ଲୋକେଶ ରାହୁଲ-ବିରାଟ କୋହଲି)

| ବଲ୍ | ରନ |
|---|---|
| ୧ | ୬ (ରାହୁଲ) |
| ୨ | ୪ (ରାହୁଲ) |
| ୩ | ୦ (ରାହୁଲ ଆଉଟ) |
| ୪ | ୨ (କୋହଲି) |
| ୫ | ୪ (କୋହଲି) |

(ବୋଲର: ଟିମ୍ ସୌଦୀ)



ଯଶପ୍ରୀତ ବୁମ୍‌ରା

## ବଦଳିଲା ଅଲିମ୍ପିକ୍ ଯୋଗ୍ୟତା ପର୍ଯ୍ୟାୟ କାର୍ଯ୍ୟସୂଚୀ

ସିଡ୍‌ନୀ,୩୧।୧
ମହିଳା ଅଲିମ୍ପିକ ଫୁଟବଲ ଯୋଗ୍ୟତାପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟ ଆୟୋଜନ ପୂର୍ବରୁ ମାରାତ୍ମକ କରୋନା ଭାଇରାସ ପ୍ରଭାବ ଦେଖିବାକୁ ମିଳିଛି। ଇଭେଣ୍ଟରେ ଚାଇନା ଦଳର ମ୍ୟାଚ୍ ଥିବାରୁ ଆୟୋଜକମାନେ କାର୍ଯ୍ୟସୂଚୀରେ ପରିବର୍ତ୍ତନ କରିଛନ୍ତି। ୪ ଦଳକୁ ନେଇ ହେବାକୁ ଥିବା ଟୁର୍ଣ୍ଣାମେଣ୍ଟରେ ଚାଇନା, ଅଷ୍ଟ୍ରେଲିଆ, ତାଇୱାନ ଓ ଥାଇଲାଣ୍ଡ ପରସ୍ପର ସହ ଖେଳିବେ। ଏହି ଇଭେଣ୍ଟ ପ୍ରଥମେ ଉହାନଠାରେ ଖେଳାଯିବାର ଥିଲା, ଯେଉଁଠାରେ କରୋନା ଭାଇରସର ପ୍ରକୋପ ଚରମସୀମାରେ ରହିଛି। ପରବର୍ତ୍ତୀ କ୍ରମେ ଏସିଆନ ଫୁଟବଲ କନଫେଡେରେଶନ ଇଭେଣ୍ଟ ଆୟୋଜନ ଦାୟିତ୍ୱ ଅଷ୍ଟ୍ରେଲିଆକୁ ଦେଇଥିଲା। ଚାଇନାରେ ଭାଇରସ ଯୋଗୁ ୨୦୦ରୁ ଅଧିକ ପ୍ରାଣ ହରାଇ ଥିବାବେଳେ ପ୍ରାୟ ୬ ହଜାର ଆକ୍ରାନ୍ତ ଥିବା ଜଣାପଡ଼ିଛି। ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ ଗୁରୁବାର ସ୍ୱାସ୍ଥ୍ୟ ସଙ୍କଟ ଘୋଷଣା କରିଛି। ଚାଇନା ମହିଳା ଦଳ ଅଷ୍ଟ୍ରେଲିଆରେ ୨୯ ତାରିଖରେ ପହଞ୍ଚି ସାରିଛି। ସେମାନଙ୍କୁ ଫେବୃୟାରୀ ୫ ତାରିଖ ପର୍ଯ୍ୟନ୍ତ ବ୍ରିସବେନର କ୍ୱାରାଟାଇନରେ ରଖାଯାଇଛି। ଦଳର କୌଣସି ଖେଳାଳିଙ୍କ ନମୁନା ପଜେଟିଭ ନ ଥିବା ଚାଇନିଜ ଫୁଟବଲ ଆସୋସିଏଶନ ପକ୍ଷରୁ କୁହାଯାଇଛି। ପୂର୍ବ କାର୍ଯ୍ୟସୂଚୀ ଅନୁଯାୟୀ, ଚାଇନା ୩ ତାରିଖରେ ତା'ର ପ୍ରଥମ ମ୍ୟାଚ୍‌ରେ ଥାଇଲାଣ୍ଡକୁ ଭେଟିବାର ଥିଲା। କିନ୍ତୁ ଏବେ ୫ ତାରିଖରେ ଅଭିଯାନ ଆରମ୍ଭ କରିବ। ଇଭେଣ୍ଟରେ ୧୨ ତାରିଖକୁ ଅତିରିକ୍ତ ମ୍ୟାଚ୍ ଦିନ ଭାବେ ସାମିଲ କରାଯାଇଥିବା ଫୁଟବଲ ଫେଡେରେଶନ ଅଷ୍ଟ୍ରେଲିଆ (ଏଫ୍ଏଫ୍ଏ) ପକ୍ଷରୁ ଶୁକ୍ରବାର କୁହାଯାଇଛି।

## ଭାରତ- ପାକିସ୍ତାନ ସେମିଫାଇନାଲ

ବେନୋଇ,୩୧।୧(ପି.ଟି.)

ଦକ୍ଷିଣ ଆଫ୍ରିକାରେ ଚାଲିଥିବା ୧୯ ବର୍ଷରୁ କମ୍ ବିଶ୍ୱକପ୍‌ର ସେମିଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ଉପମହାଦେଶର ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ପରସ୍ପରକୁ ଭେଟିବେ। ଫାଇନାଲ ଟିକେଟ ପାଇଁ ଆସନ୍ତା ୪ ତାରିଖରେ ଏହି ଦୁଇ ଦଳ ପୋଚେଫ୍‌ଷ୍ଟ୍ରୁମ୍‌ରେ ମୁହାଁମୁହିଁ ହେବେ। ଗତଥରର ଚାମ୍ପିୟନ ଭାରତ ପୂର୍ବରୁ କ୍ୱାର୍ଟର ଫାଇନାଲରେ ଅଷ୍ଟ୍ରେଲିଆକୁ ହରାଇ ସେମିକୁ ଉଠିଥିଲା। ସେହିପରି ଦ୍ୱିତୀୟ ସେମିଫାଇନାଲରେ ନ୍ୟୁଜିଲାଣ୍ଡ ଓ ବାଂଲାଦେଶ ୬ ତାରିଖରେ ପରସ୍ପରକୁ ଭେଟିବା ସ୍ପଷ୍ଟ ହୋଇଛି। ଶୁକ୍ରବାର ଏଠାରେ ଖେଳାଯାଇଥିବା ଅନ୍ତିମ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ପାକିସ୍ତାନ ୫୩ଟି ବଲ ବାକିରଖି ୬ ଉଇକେଟରେ ଆଫଗାନିସ୍ତାନକୁ ହରାଇ ସେମିକୁ ଉଠିଛି।

## ନ୍ୟୁଜିଲାଣ୍ଡକୁ ସୁହାଉନି ସୁପରଓଭର

ୱେଲିଂଟନ, ୩୧।୧(ପି.ଟି.)

ଚଳିତ ଟି୨୦ ସିରିଜରେ ନ୍ୟୁଜିଲାଣ୍ଡ କ୍ରମାଗତ ଦ୍ୱିତୀୟଥର ପାଇଁ ସୁପର ଓଭରରେ ଭାରତ ନିକଟରୁ ପରାଜିତ ହୋଇଛି। ନ୍ୟୁଜିଲାଣ୍ଡକୁ ସୁପର ଓଭର ସୁହାଉନି। ଏହି ପର୍ଯ୍ୟାୟରେ ଦଳର ରେକର୍ଡ ଆଦୌ ଭଲ ନୁହେଁ। ଦଳ ଏପର୍ଯ୍ୟନ୍ତ ୮ ଥର ସୁପର ଓଭର ଖେଳିଥିବାବେଳେ ୭ ଥର ପରାଜିତ ହୋଇଛି। ଏଥିପାଇଁ ଦଳ ନିଜକୁ ଦାୟୀ କରିବା ଛଡ଼ା ଅନ୍ୟ ଗତି ନାହିଁ।

ଟି୨୦ ଅନ୍ତର୍ଜାତୀୟରେ ନ୍ୟୁଜିଲାଣ୍ଡ ଏପର୍ଯ୍ୟନ୍ତ ୭ ଥର ସୁପର ଓଭର ଖେଳିଛି। ଏଥିରୁ ୬ଟିରେ ପରାଜିତ ହୋଇଛି। ସେହିପରି ୨୦୧୯ ଆଇସିସି ବିଶ୍ୱକପ ଫାଇନାଲରେ ଇଂଲଣ୍ଡ ବିପକ୍ଷ ଦିନିକିଆରେ ଖେଳିଥିବା ଏକମାତ୍ର ସୁପର ଓଭର ମଧ୍ୟ ଦଳ ସପକ୍ଷରେ ଯାଇ ନ ଥିଲା। ଏଥିରେ ନ୍ୟୁଜିଲାଣ୍ଡ ହାରି ନ ଥିଲେ ହେଁ ରନ ସମାନ ହେବାରୁ ବାଉଣ୍ଡାରି ନିୟମରେ ଇଂଲଣ୍ଡ ବିଜୟୀ ହୋଇଥିଲା। ଭାରତ ବିପକ୍ଷ ଶେଷ ୨ଟି ଟି୨୦ ସୁପର ଓଭରରେ ମାନସିକ ଦୃଢ଼ତା ଦେଖାଇ ପାରିନାହିଁ ନ୍ୟୁଜିଲାଣ୍ଡ। ବୁଧବାର ମ୍ୟାଚରେ ନିର୍ଦ୍ଧାରିତ ୨୦ ଓଭରର ଅନ୍ତିମ ୪ ବଲ୍‌ରୁ ବିଜୟ ପାଇଁ ଦଳ ମାତ୍ର ୨ ରନ ଆବଶ୍ୟକ କରୁଥିଲା। ହାତରେ ୬ ଉଇକେଟ ମଧ୍ୟ ଥିଲା। ମାତ୍ର ଦଳ ତାହା ହାସଲ କରିପାରି ନ ଥିଲା। ସେହିପରି ଶୁକ୍ରବାର ଦଳ ହାତରେ ୭ ଉଇକେଟ ଥାଇ ୧୨ ବଲ୍‌ରୁ ମାତ୍ର ୧୧ ରନ ଆବଶ୍ୟକ କରୁଥିବାବେଳେ ଆତ୍ମହତ୍ୟା କଳାଭଳି ପ୍ରଦର୍ଶନ କରିଥିଲା। ନ୍ୟୁଜିଲାଣ୍ଡ ଥରେମାତ୍ର ୨୦୦୮ରେ ଖ୍ରୀଷ୍ଟଚର୍ଚ୍ଚଠାରେ ଅଷ୍ଟ୍ରେଲିଆ ବିପକ୍ଷ ଟି୨୦ରେ ସୁପର ଓଭରରେ ବିଜୟୀ ହୋଇପାରିଥିଲା।

### ସୁପର ଓଭରରେ ନ୍ୟୁଜିଲାଣ୍ଡ

- ଟି୨୦ ବନାମ ୱେଷ୍ଟଇଣ୍ଡିଜ, ଅକ୍‌ଲାଣ୍ଡ, ୨୦୦୮(ପରାସ୍ତ)
- ଟି୨୦ ବନାମ ଅଷ୍ଟ୍ରେଲିଆ, ଖ୍ରୀଷ୍ଟଚର୍ଚ୍ଚ, ୨୦୧୦(ବିଜୟ)
- ଟି୨୦ ବନାମ ଶ୍ରୀଲଙ୍କା ପାଲିକେଲ, ୨୦୧୨(ପରାସ୍ତ)
- ଟି୨୦ ବନାମ ୱେଷ୍ଟଇଣ୍ଡିଜ, ପାଲିକେଲ, ୨୦୧୨(ପରାସ୍ତ)
- ଦିନିକିଆ ବନାମ ଇଂଲଣ୍ଡ, ଲର୍ଡ୍ସ, ୨୦୧୯(ପରାସ୍ତ)
- ଟି୨୦ ବନାମ ଇଂଲଣ୍ଡ, ଅକ୍‌ଲାଣ୍ଡ, ୨୦୧୯(ପରାସ୍ତ)
- ଟି୨୦ ବନାମ ଭାରତ, ହାମିଲଟନ, ୨୦୨୦(ପରାସ୍ତ)
- ଟି୨୦ ବନାମ ଭାରତ, ୱେଲିଂଟନ, ୨୦୨୦(ପରାସ୍ତ)




ନ୍ୟାଶନାଲ ଆଡ୍‌ଭେଞ୍ଚର ଫେଷ୍ଟିଭାଲରେ ଭାଗ ନେବାକୁ ଯିବା ପୂର୍ବରୁ ଅତିଥିଙ୍କ ସହ ଆସାର ୪୧ ଜଣିଆ ପ୍ରତିନିଧି ଦଳ।

## ଭାଗନେବ ଆସାର ୪୧ ଜଣିଆ ଦଳ

### ନ୍ୟାଶନାଲ ଆଡ୍‌ଭେଞ୍ଚର ଫେଷ୍ଟିଭାଲ

ଭୁବନେଶ୍ୱର, ୩୧।୧(କ୍ରୀଡ଼ା ପ୍ରତିନିଧି)

ଚଣ୍ଡିଗଡ଼ଠାରେ ହେବାକୁଥିବା ୨୬ତମ ନ୍ୟାଶନାଲ ଆଡ୍‌ଭେଞ୍ଚର ଫେଷ୍ଟିଭାଲରେ ଆସା (ଆସୋସିଏଶନ ଫର ଆଡ୍‌ଭେଞ୍ଚର ଆଣ୍ଡ ସୋସିଆଲ୍ ଆକ୍ଟିଭିଟିଜ୍)ର ୪୧ ଜଣିଆ ଦଳ ଅଂଶଗ୍ରହଣ କରିବ। ନ୍ୟାଶନାଲ ଆଡ୍‌ଭେଞ୍ଚର କ୍ଲବ ଆନୁକୂଲ୍ୟରେ ଆୟୋଜନ ହେବାକୁ ଯାଉଥିବା ଏହି ଫେଷ୍ଟିଭାଲରେ 'ଜଳ ବଞ୍ଚାଅ, ଜୀବନ ବଞ୍ଚାଅ' ବାର୍ତ୍ତା ସହ ଆସା ଟିମ୍ ଶୁକ୍ରବାର ଛତିଶଗଡ଼ ଯାତ୍ରା କରିଛି। ଚିନ୍ମୟ ମହାରଣା ଦଳର ନେତୃତ୍ୱ ନେଉଛନ୍ତି। ନ୍ୟାଶନାଲ ଆଡ୍‌ଭେଞ୍ଚର ଫାଉଣ୍ଡେଶନ(ଏନଏଏଫ) ସହ ଅନୁବନ୍ଧିତ ଆସା ଗତ ୨୫ ବର୍ଷ ଧରି ଏହି ଫେଷ୍ଟିଭାଲରେ ଯୁବ ଦୁଃସାହସିକ କ୍ରୀଡ଼ାବିତ୍‌ଙ୍କୁ ସୁଯୋଗ ଦେଇଆସୁଛି। ଏଭରେଷ୍ଟ ଆରୋହୀ ତଥା ଆସାର ସମ୍ପାଦକ ଗଣେଶ ଚନ୍ଦ୍ର ଜେନା ଇନ୍‌ଷ୍ଟ୍ରକ୍ଟର ଭାବେ କ୍ୟାମ୍ପରେ ଯୋଗଦେବେ। ପ୍ରତିନିଧି ଦଳକୁ ବିଦାୟ ଜଣାଇବା ପାଇଁ ଉଦ୍ଦିଷ୍ଟ ଉତ୍ସବରେ ଆସାର ପରାମର୍ଶଦାତା ଅଶୋକ ମହାନ୍ତି, ସଦସ୍ୟ ଶିଶିର କୁମାର ସେନାପତି, ଅତୁଲ୍ୟ କୁମାର ବୋଉତ୍, ଶକ୍ତିରଞ୍ଜନ ମହାନ୍ତି, ଦୀନେଶ କୁମାର ରାଉତ ପ୍ରମୁଖ ଉପସ୍ଥିତ ରହି ଶୁଭେଚ୍ଛା ଜଣାଇଛନ୍ତି।



"ଏପ୍ରିଲ ୨୮ ସୁଦ୍ଧା ର୍ୟାଙ୍କିଙ୍ଗ ତାଲିକାର ଶ୍ରେଷ୍ଠ ୧୬ ମଧ୍ୟରେ ରହିପାରିଲେ ସାଇନା ନେହ୍ୱାଲ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିପାରିବେ।

—ପାରୁପଲୀ କାଶ୍ୟପ, ସାଇନାଙ୍କ ମେଣ୍ଟର



"ମ୍ୟାଚରେ ସୁପର ଓଭର ପରିସ୍ଥିତି ଉପୁଜିଲେ ବିଚଳିତ ନ ହୋଇ ଶେଷପର୍ଯ୍ୟନ୍ତ ସୁଯୋଗ ଅପେକ୍ଷାରେ ରହିବା ଉଚିତ।

—ବିରାଟ କୋହଲି, ଭାରତୀୟ ଅଧିନାୟକ

## ସଂକ୍ଷେପରେ

### ଡୋପ୍ ଟେଷ୍ଟ: ରେସ୍‌ଲର ରବିନ୍ଦର ୪ ବର୍ଷ ବାସନ୍ଦ

ନୂଆଦିଲ୍ଲୀ, ୩୧।୧(ପି.ଟି.)-ଗତବର୍ଷ ୨୩ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ବିଜୟୀ ରେସ୍‌ଲର ରବିନ୍ଦର କୁମାର ଡୋପ୍ ଟେଷ୍ଟରେ ଧରାପଡ଼ିଛନ୍ତି। ନ୍ୟାଶନାଲ ଆଣ୍ଟି ଡୋପିଂ ଏଜେନ୍ସି(ନାଡା) ତାଙ୍କୁ ୪ବର୍ଷ ବାସନ୍ଦ କରିଛି। ତାଙ୍କଠାରୁ ଯେଉଁଦିନ ସାମ୍ପଲ ସଂଗ୍ରହ କରାଯାଇଥିଲା, ସେହିଦିନଠାରୁ ଆଜିପର୍ଯ୍ୟନ୍ତ ଭାଗ ନେଇଥିବା ସମସ୍ତ ପ୍ରତିଯୋଗିତାରେ ତାଙ୍କର ସମସ୍ତ ଫଳାଫଳ ରଦ୍ଦ କରିବା ସହ ପଦକ, ପଏଣ୍ଟ ଏବଂ ପୁରସ୍କାର ପ୍ରତ୍ୟାହାର କରିନେବା ଲାଗି ନାଡାର ଆଣ୍ଟି ଡୋପିଂ ଡିସିପ୍ଲିନାରି ପ୍ୟାନେଲ ନିର୍ଦ୍ଦେଶ ଦେଇଛି। ଫଳତଃ ବିଶ୍ୱ ଚାମ୍ପିୟନଶିପ୍‌ରେ (୨୦୧୯ ଅକ୍ଟୋବର ୨୮ରୁ ନଭେମ୍ବର ୩ ପର୍ଯ୍ୟନ୍ତ) ଏହି ରେସ୍‌ଲର ଜିତିଥିବା ପଦକ ମଧ୍ୟ ପ୍ରତ୍ୟାହାର କରିନିଆଯିବ। ଗତବର୍ଷ ଫେବୃୟାରୀ-ମାର୍ଚ୍ଚରେ ଜୟପୁରଠାରେ ଅନୁଷ୍ଠିତ ୬୭ତମ ଅଲ୍ ଇଣ୍ଡିଆ ପୋଲିସ୍ ରେସ୍‌ଲିଂ କ୍ଲଷ୍ଟର ଚାମ୍ପିୟନଶିପ୍ ସମୟରେ ରବିନ୍ଦରଙ୍କଠାରୁ ଡୋପ୍ ସାମ୍ପଲ ସଂଗ୍ରହ କରାଯାଇଥିଲା। ଏଥିରେ ୱାଡା(ୱାର୍ଲ୍ଡ ଆଣ୍ଟି ଡୋପିଂ ଏଜେନ୍ସି) ଦ୍ୱାରା ନିଷିଦ୍ଧ ୧୯-ନୋରାଣ୍ଡ୍ରୋଷ୍ଟେରୋନ୍(ମେଟାବୋଲିଟ୍ ଅଫ୍ ନାଣ୍ଡ୍ରୋଲୋନ୍)ର ମାତ୍ରା ରହିଥିଲା। ରବିନ୍ଦର ଚାହିଁଥିଲେ ବି' ସାମ୍ପଲ ପରୀକ୍ଷା ପାଇଁ ନିବେଦନ କରିପାରିଥାନ୍ତେ। ମାତ୍ର ସେ ତାହା କରି ନ ଥିଲେ। ସେ ଚିକିତ୍ସା ପାଇଁ ଔଷଧ ବ୍ୟବହାର କରିଥିଲେ। ନିର୍ଦ୍ଦୋଷ ବୋଲି ଯୁକ୍ତି ଉପସ୍ଥାପନ କରିବା ଲାଗି ଯଥେଷ୍ଟ ସମୟ ମାଗିଥିଲେ। ଏହା ସତ୍ତ୍ୱେ ଆଥଲେଟ୍ ଜଣକ ଗତବର୍ଷ ଡିସେମ୍ବର ୩ରେ ଧାର୍ଯ୍ୟ ଶୁଣାଣି ବେଳେ ଅନୁପସ୍ଥିତ ରହିଥିଲେ। ତାଙ୍କୁ ପୁଣି ୭ଦିନ ସମୟ ଦିଆଯାଇଥିଲା, ତଥାପି ସେ ଶୁଣାଣି ପାଇଁ ଆସି ନ ଥିଲେ। ଡୋପ୍ ଟେଷ୍ଟରେ ଧରାପଡ଼ିବା ପରେ ରବିନ୍ଦରଙ୍କୁ ୨୦୧୯ ମେ ୧୪ରେ ସାମୟିକ ବାସନ୍ଦ କରାଯାଇଥିଲା। ସେହିଦିନଠାରୁ ନାଡାର ୪ ବର୍ଷିଆ ବାସନ୍ଦ ଦଣ୍ଡ କାର୍ଯ୍ୟକାରୀ ହେବ।

### ମେଣ୍ଡିସଙ୍କ ଶତକ: ଦ୍ୱିତୀୟ ଟେଷ୍ଟ ଡ୍ର

ହରାରେ, ୩୧।୧(ଏଏଫ୍‌ପି)-ଶ୍ରୀଲଙ୍କା ବ୍ୟାଟ୍ସମ୍ୟାନ କୁସାଲ ମେଣ୍ଡିସ (୧୧୬*)ଙ୍କ ଅପରାଜିତ ଶତକ ଯୋଗୁ ଶ୍ରୀଲଙ୍କା ସ୍ଥାନୀୟ ହରାରେ ସ୍ପୋର୍ଟ୍ସ କ୍ଲବଠାରେ ଚାଲିଥିବା ଦ୍ୱିତୀୟ କ୍ରିକେଟ ଟେଷ୍ଟ ମ୍ୟାଚକୁ ଡ୍ର ରଖିପାରିଛି। ଏହି ମ୍ୟାଚ ଜିତି ଦୁଇ ମ୍ୟାଚବିଶିଷ୍ଟ ସିରିଜକୁ ୧-୧ ବରାବର ସ୍ଥିତିକୁ ଆଣିବା ଲାଗି ଘରୋଇ ଦଳର ପ୍ରୟାସ ବ୍ୟର୍ଥ ହୋଇଛି। ଏହି ଭେନ୍ୟୁରେ ଗତ ସପ୍ତାହରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଶ୍ରୀଲଙ୍କା ୧୦ ଉଇକେଟରେ ବିଜୟ ଲାଭ କରିଥିଲା। ଫଳରେ ଭ୍ରମଣକାରୀ ଦଳ ସିରିଜକୁ ୧-୦ରେ ଜିତିନେଇଛି। ଶୁକ୍ରବାର ସକାଳେ ଜିମ୍ବାୱେ ମାତ୍ର ଗୋଟିଏ ବଲ୍ ସାମ୍ନା କରିଥିଲା। ଅଧିନାୟକ ସିନ୍ ୱିଲିୟମ୍ସ ଏକ ଛକା ମାରି ଅର୍ଦ୍ଧଶତକ ହାସଲ କରିବା ପରେ ଦଳ ଏହାର ଦ୍ୱିତୀୟ ଇନିଂସ ଘୋଷଣା କରିଥିଲା। ୩୬୧ ରନର ବିଜୟ ଲକ୍ଷ୍ୟ ପିଛା କରିବାବେଳେ ଶ୍ରୀଲଙ୍କା ଦିମୁଥ କରୁଣାରତ୍ନେ, ଓସାଣ୍ଡା ଫର୍ନାଣ୍ଡୋ (୪୭) ଏବଂ ଆଞ୍ଜେଲୋ ମାଥ୍ୟୁସଙ୍କ ଉଇକେଟ ହରାଇଥିଲା। ମାତ୍ର ମେଣ୍ଡିସଙ୍କ ୭ମ ଟେଷ୍ଟ ଶତକ ଯୋଗୁ ଦଳ ମ୍ୟାଚ ଡ୍ର ରଖିବାରେ ସକ୍ଷମ ହୋଇଥିଲା। ମେଣ୍ଡିସ ତାଙ୍କ ୧୧୬ ରନର ଇନିଂସରେ ୨୩୩ ବଲ୍ ସାମ୍ନା କରିଥିଲେ। ସେ ୧୩ ଚୌକା ଓ ଗୋଟିଏ ଛକା ଲଗାଇଥିଲେ। ଶ୍ରୀଲଙ୍କା ଅନ୍ତିମ ଦିବସ ଖେଳ ଶେଷ ସୁଦ୍ଧା ୩ ଉଇକେଟରେ ୨୦୪ ରନ କରିଥିଲା। ବିଜୟଠାରୁ ୧୫୭ ରନ ପଛରେ ରହିଯାଇଥିଲା।

ସଂକ୍ଷିପ୍ତ ସ୍କୋର: ଜିମ୍ବାୱେ ପ୍ରଥମ ଇନିଂସ: ୪୦୬। ଶ୍ରୀଲଙ୍କା ପ୍ରଥମ ଇନିଂସ: ୨୯୩। ଜିମ୍ବାୱେ ଦ୍ୱିତୀୟ ଇନିଂସ: ୨୪୭/୭, ଘୋଷଣା। ଶ୍ରୀଲଙ୍କା ଦ୍ୱିତୀୟ ଇନିଂସ: ୨୦୪/୩

# ଜୋକୋଭିଚ-ଥିମ୍ ଫାଇନାଲ



ଡୋମିନିକ୍ ଥିମ୍

**ମେଲବୋର୍ନ,୩୧।୧ (ଏଏଫ୍‌ପି)**

ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ ଓପନର ପୁରୁଷ ସିଙ୍ଗଲ୍ସ ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ରବିବାର ଟାଇଟଲ ପାଇଁ ଫାଇନାଲ ମୁକାବିଲାରେ ଦ୍ୱିତୀୟ ସିଡ ସର୍ବିୟାର ଅଭିଜ୍ଞ ଖେଳାଳି ନୋଭାକ ଜୋକେଭିଚ ଓ ପଞ୍ଚମ ସିଡ ଅଷ୍ଟ୍ରିଆର ଡୋମିନିକ୍ ଥିମ୍ ପରସ୍ପରକୁ ଭେଟିବେ। ଶୁକ୍ରବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ଥିମ୍ ମାରାଥନ ୩-୬, ୬-୪, ୭-୬, ୭-୬ ସେଟ୍‌ରେ ସପ୍ତମ ସିଡ ଖେଳାଳି ଜର୍ମାନୀର ଆଲେକ୍‌ଜାଣ୍ଡର ଜେଭରେଭଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ୧୬ଟି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଥିବା ଜୋକୋଭିଚ୍ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ୭-୬, ୬-୪, ୬-୩ ସେଟ୍‌ରେ ତୃତୀୟ ସିଡ ସୁଇଜରଲାଣ୍ଡର ଅଭିଜ୍ଞ ଖେଳାଳି ରୋଜର ଫେଡରରଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ଏହାପୂର୍ବରୁ ଥିମ୍ କ୍ୱାର୍ଟର ଫାଇନାଲରେ ବିଶ୍ୱର ୧ ନମ୍ବର ଖେଳାଳି ରାଫାଲ ନାଡାଲଙ୍କୁ ମାରାଥନ ୭-୬, ୭-୬, ୪-୬, ୭-୬ ସେଟ୍‌ରେ ହରାଇ ସେମିରେ ପ୍ରବେଶ କରିଥିଲେ। ସେହିପରି ଜୋକୋଭିଚ୍ ୬-୪, ୬-୩, ୭-୬ ସେଟ୍‌ରେ ୩୨ ତମ ସିଡ୍ କାନାଡାର ମିଲୋସ ରାଓନିକଙ୍କୁ ହରାଇ ସେମି ଟିକେଟ ହାସଲ କରିଥିଲେ। ଥିମ୍ ଓ ଜେଭରେଭଙ୍କ ମଧ୍ୟରେ ଅନୁଷ୍ଠିତ ସେମିଫାଇନାଲ ମ୍ୟାଚ୍‌ରେ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲା। ନିଜ ପ୍ରଦର୍ଶନରେ ଥିମ୍ ଖୁସି ଜାହିର କରିଛନ୍ତି। ଜେଭରେଭଙ୍କ ପ୍ରଦର୍ଶନକୁ ସେ ପ୍ରଶଂସା କରିଛନ୍ତି। ତେବେ ଫାଇନାଲ ମ୍ୟାଚ୍‌ରେ ପ୍ରକୃତ ଚ୍ୟାଲେଞ୍ଜର ସମ୍ମୁଖୀନ ହେବେ ବୋଲି ସେ ସ୍ୱୀକାର କରିଛନ୍ତି। ଜୋକୋଭିଚ୍‌ଙ୍କୁ ଗତ ଦୁଇଟି ମ୍ୟାଚ୍‌ରେ ଥିମ ପରାସ୍ତ କରିଥିଲେ ମଧ୍ୟ ଫାଇନାଲରେ କୋକୋଭିଚ୍ ଫେଭରାଇଟ୍ ବିବେଚିତ ହେଉଛନ୍ତି।

## କ୍ରିକେଟ ଉପଦେଷ୍ଟା କମିଟିରେ ମଦନ ଲାଲ

**ନୂଆଦିଲ୍ଲୀ, ୩୧।୧ (ପି.ଟି.)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଦ୍ୱାରା ପୂର୍ବତନ କ୍ରିକେଟର ରୁଦ୍ରପ୍ରତାପ ସିଂ, ମଦନଲାଲ ଏବଂ ସୁଲକ୍ଷଣା ନାଏକ ପ୍ରମୁଖ ଶୁକ୍ରବାର କ୍ରିକେଟ ଉପଦେଷ୍ଟା କମିଟି (ସିଏସି)ର ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ସେମାନଙ୍କ କାର୍ଯ୍ୟକାଳ ୧ ବର୍ଷ ରହିବବୋଲି ବିସିସିଆଇ ସମ୍ପାଦକ ଜୟ ଶାହ ପ୍ରକାଶ କରିଛନ୍ତି। ଚୟନକର୍ତ୍ତା ଏମ୍.ଏସ୍.କେ. ପ୍ରସାଦ ଏବଂ ଗଗନ ଖୋଦାଙ୍କ କାର୍ଯ୍ୟକାଳ ଶେଷ ହେଉଥିବାରୁ ତାଙ୍କ ସ୍ଥାନରେ ନିଯୁକ୍ତି ସିଏସିର ପ୍ରଥମ କାର୍ଯ୍ୟ ହେବ। ସିଏସି ଆହୁରି ମଧ୍ୟ ଜାତୀୟ ଦଳଗୁଡ଼ିକର ମୁଖ୍ୟ କୋଚ୍ ବାଛିବେ। ଗତବର୍ଷ ସ୍ୱାର୍ଥନିହିତ ଦ୍ୱନ୍ଦ୍ୱ କାରଣରୁ ସିଏସିରୁ କପିଳ ଦେବ, ଅଂଶୁମାନ ଗାଏକ୍ୱାଡ ଏବଂ ଶାନ୍ତା ରଙ୍ଗାସ୍ୱାମୀଙ୍କ ଇସ୍ତଫା ପ୍ରଦାନ ପରେ ପଦବୀଗୁଡ଼ିକ ଖାଲି ପଡ଼ିଥିଲା। ପ୍ରଥମେ ଗୌତମ ଗମ୍ଭୀର ସିଏସିର ଜଣେ ସଦସ୍ୟ ହେବେ ବୋଲି ଶୁଣାଯାଉଥିଲା। ମାତ୍ର ସେ ପାର୍ଲାମେଣ୍ଟର ଜଣେ ସଦସ୍ୟ ଥିବାରୁ ତାଙ୍କ ନାମ ବିଚାରକୁ ନିଆଯାଇ ନ ଥିଲା। ତାଙ୍କ ବଦଳରେ ଉତ୍ତର ପ୍ରଦେଶର ଆରପି ସିଂଙ୍କୁ ମନୋନୟନ କରାଯାଇଥିଲା। ସିଏସିର ସେ ସର୍ବକନିଷ୍ଠ ସଦସ୍ୟ। ସିଏସି ହେଉଛି ଏକ ହାଇପ୍ରୋଫାଇଲ ପରିଷଦ। ସୁଚାରୁରୂପେ ଦାୟିତ୍ୱ ତୁଲାଇବା ଏହାର ସବୁଠାରୁ ବରିଷ୍ଠ ସଦସ୍ୟ ମଦନ ଲାଲଙ୍କ ପାଇଁ ଏକ ଚ୍ୟାଲେଞ୍ଜ ହେବ। ବିସିସିଆଇ ସମ୍ବିଧାନ ଅନ୍ତର୍ଗତ ସ୍ୱାର୍ଥନିହିତ ନିୟମ ଅନୁସାରେ ଅତୀତରେ ଗାଙ୍ଗୁଲି, ଭିଭିଏସ ଲକ୍ଷ୍ମଣ ଏବଂ ସଚିନ ତେନ୍ଦୁଲକରଙ୍କୁ ମଧ୍ୟ ସେମାନଙ୍କ ପଦବୀରୁ ଇସ୍ତଫା ଦେବାକୁ ପଡ଼ିଥିଲା। ପୂର୍ବତନ ପେସ୍ ବୋଲର ମଦନ ଲାଲ ଭାରତ ତରଫରୁ ୩୯ ଟେଷ୍ଟ (୭୧ ଉଇକେଟ) ଏବଂ ୬୭ ଅନ୍ତର୍ଜାତୀୟ ଦିନିକିଆ (୭୩ ଉଇକେଟ)ରେ ପ୍ରତିନିଧିତ୍ୱ କରିଥିଲେ। ପରେ ସେ ଜାତୀୟ ଦଳର କୋଚ୍ ଏବଂ ସିନିୟର ସିଲେକ୍ସନ କମିଟିର ଜଣେ ସଦସ୍ୟ ଭାବେ କାର୍ଯ୍ୟ କରିଛନ୍ତି। ସିଂ ଥିଲେ ଜଣେ ଫାଷ୍ଟ ବୋଲର। ସେ ଭାରତ ତରଫରୁ ୧୪ ଟେଷ୍ଟ (୪୦ ଉଇକେଟ), ୫୮ ଅନ୍ତର୍ଜାତୀୟ ଦିନିକିଆ (୬୯ ଉଇକେଟ) ଏବଂ ଅନ୍ତର୍ଜାତୀୟ ଟି୨୦ (୧୫ ଉଇକେଟ) ଖେଳିଛନ୍ତି। ଦକ୍ଷିଣ ଆଫ୍ରିକାରେ ୨୦୦୭ରେ ଟି୨୦ ବିଶ୍ୱକପ୍ ଜିତିଥିବା ଭାରତୀୟ ଦଳର ସେ ଅନ୍ୟତମ ସଦସ୍ୟ ଥିଲେ। ସୁଲକ୍ଷଣା ତାଙ୍କ ୧୧ ବର୍ଷର କ୍ୟାରିୟର ମଧ୍ୟରେ ଦେଶ ତରଫରୁ ଦୁଇଟି ଟେଷ୍ଟ, ୪୬ ଅନ୍ତର୍ଜାତୀୟ ଦିନିକିଆ ଏବଂ ଏବଂ ୩୧ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି।

## କେନିନ-ମୁଗୁରୁଜା ଟାଇଟଲ ମୁକାବିଲା ଆଜି

**ମେଲବୋର୍ନ, ୩୧।୧(ଏଏଫ୍‌ପି)**

ଶନିବାର ଅଷ୍ଟ୍ରେଲିଆନ ଓପନ ମହିଳା ସିଙ୍ଗଲ୍ସ ଫାଇନାଲ ମ୍ୟାଚ୍ ଖେଳାଯିବ। ଟାଇଟଲ ପାଇଁ ଏହି ନିର୍ଣ୍ଣାୟକ ମୁକାବିଲାରେ ୧୪ତମ ସିଡ ଆମେରିକାର ସୋଫିଆ କେନିନ୍ ଓ ସ୍ପେନ୍‌ର ୩୨ତମ ସିଡ୍ ଖେଳାଳି ଗାର୍ବାଇନ୍ ମୁଗୁରୁଜା ପରସ୍ପରକୁ ଭେଟିବେ। କେନିନ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ୭-୬, ୭-୬ ସେଟ୍‌ରେ ବିଶ୍ୱର ୧ ନମ୍ବର ମହିଳା ଖେଳାଳି ଅଷ୍ଟ୍ରେଲିଆର ଆଲେକ୍ସ ବାର୍ଟିଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ସେହିପରି ପୂର୍ବରୁ ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ମୁଗୁରୁଜା ୭-୬, ୭-୫ ସେଟ୍‌ରେ ଚତୁର୍ଥ ସିଡ ରୋମାନିଆର ସାଇମୋନା ହାଲେପ୍‌ଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ।

୨୧ ବର୍ଷିୟା କେନିନ୍ ତାରକା ଖେଳାଳିମାନଙ୍କୁ ହରାଇ ବିପର୍ଯ୍ୟୟ ଘଟାଇବା ସହ ଫାଇନାଲରେ ପ୍ରବେଶ କରି ସମସ୍ତଙ୍କୁ ଚକିତ କରିଛନ୍ତି। ଶ୍ରେଷ୍ଠ ୧୦ ସିଡେଡ ଖେଳାଳିଙ୍କ ମଧ୍ୟରୁ ୬ ଜଣ ପରାସ୍ତ ହୋଇ ତୃତୀୟ ରାଉଣ୍ଡରେ ହିଁ ବିଦାୟ ନେଇଥିଲେ। ମସ୍କୋ ଜନ୍ମିତ କେନିନ୍ ଗୁରୁବାର କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ ସେମିଫାଇନାଲ ଖେଳିଥିଲେ। ଫାଇନାଲରେ ପରାସ୍ତ ହେଲେ ମଧ୍ୟ କେନିନ ର୍ୟାଙ୍କିଙ୍ଗ୍‌ରେ କ୍ୟାରିୟର ଶ୍ରେଷ୍ଠ ନବମ ସ୍ଥାନ ଅଧିକାର କରିବେ। ଏବେ ସେ ୧୫ତମ ସ୍ଥାନରେ ରହିଛନ୍ତି। ଫାଇନାଲରେ ମୁଗୁରୁଜାଙ୍କୁ ହରାଇଲେ ସେ ଟାଇଟଲ ହାସଲ କରି ସପ୍ତମ ସ୍ଥାନ ଅଧିକାର କରିବେ। ୧୨ ମାସ ତଳେ କେନିନ ହୋବାର୍ଟରେ ତାଙ୍କର ପ୍ରଥମ ଡବ୍ଲ୍ୟୁଟିଏ ଟାଇଟଲ ହାସଲ କରିଥିଲେ।

ଅନ୍ୟପଟେ ମୁଗୁରୁଜା ଫାଇନାଲରେ ଫେଭରାଇଟ ବିବେଚିତ ହେଉଛନ୍ତି। ଅଭିଜ୍ଞତା ଦୃଷ୍ଟିକୋଣରୁ ସେ କେନିନ୍‌ଙ୍କଠାରୁ ଦୁଇପାଦ ଆଗରେ ରହିବେ। ମୁଗୁରୁଜା ପୂର୍ବରୁ ୨୦୧୬ରେ ଫ୍ରେଞ୍ଚ ଓପନ ଓ ୨୦୧୭ରେ ୱିମ୍ବେଲଡନ ଟାଇଟଲ ହାସଲ କରିଛନ୍ତି। ତେବେ ସେ ପ୍ରଥମଥର ପାଇଁ ଅଷ୍ଟ୍ରେଲିଆନ୍ ଓପନ ଫାଇନାଲ ଖେଳିବାକୁ ଯାଉଛନ୍ତି। ଫାଇନାଲରେ ପହଞ୍ଚିବା ପୂର୍ବରୁ ମୁଗୁରୁଜା ଟପ୍ ୧୦ ସିଡେଡ ଖେଳାଳିଙ୍କ ମଧ୍ୟରୁ ୩ଜଣଙ୍କୁ ପରାସ୍ତ କରିଛନ୍ତି। ତେବେ ଫାଇନାଲ ମ୍ୟାଚ୍‌ରେ ସେତେଟା ସହଜ ହେବନାହିଁ ଓ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡିବ ବୋଲି ସେ କହିଛନ୍ତି।

## ମ୍ଲାଡେନୋଭିକ-ବାବୋସଙ୍କୁ ଡବଲ୍ସ ଟାଇଟଲ



ମହିଳା ଡବଲ୍ସ ଚାମ୍ପିୟନ କ୍ରିଷ୍ଟିନା ମ୍ଲାଡେନୋଭିକ୍ ଓ ଟିମିଆ ବାବୋସ ଟ୍ରଫି ସହ।

**ମେଲବୋର୍ନ, ୩୧।୧**

ଫ୍ରାନ୍ସର କ୍ରିଷ୍ଟିନା ମ୍ଲାଡେନୋଭିକ୍ ଓ ହଙ୍ଗେରୀର ଟିମିଆ ବାବୋସଙ୍କ ଯୋଡ଼ି ଅଷ୍ଟ୍ରେଲିଆନ ଓପନର ମହିଳା ଡବଲ୍ସ ଟାଇଟଲ ହାତେଇଛନ୍ତି। ୩ ବର୍ଷ ମଧ୍ୟରେ ମ୍ଲାଡେନୋଭିକ୍-ବାବୋସଙ୍କ ଏହା ଦ୍ୱିତୀୟ ଅଷ୍ଟ୍ରେଲିଆନ ଓପନ ଟାଇଟଲ। ଏହି ଯୋଡ଼ି ୬-୨, ୬-୧ ସେଟ୍‌ରେ ୱିମ୍ବେଲଡନ ଓପନ ଚାମ୍ପିୟନ ହିଏ ସୁ ୱି ଓ ବାର୍ବୋରା ଷ୍ଟ୍ରାଇକୋଭାଙ୍କୁ ହରାଇ ଦେଇଛି। ବିଜୟ ଲାଗି ଏକ ଘଣ୍ଟା ୧୨ ମିନିଟ୍ ଲାଗିଥିଲା। ମିଳିତ ଭାବେ ଦୁହିଁଙ୍କ ୩ୟ ଗ୍ରାଣ୍ଡସ୍ଲାମ ଓ ମୋଟ ଉପରେ ୧୦ମ ଟାଇଟଲ।

## ଭାରତୀୟ ଦଳରେ ଋତୁପର୍ଣ୍ଣା

**ଭୁବନେଶ୍ୱର, ୩୧।୧(କ୍ରୀଡ଼ା ପ୍ରତିନିଧି)**

ଫିଲିପାଇନ୍ସର ମାନିଲାଠାରେ ଏସିଆନ୍ ଟିମ୍ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଫେବୃୟାରୀ ୧୧ରୁ ୧୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ଘୋଷିତ ଭାରତୀୟ ଦଳରେ ଓଡ଼ିଶାର ଋତୁପର୍ଣ୍ଣା ପଣ୍ଡା ସ୍ଥାନ ପାଇଛନ୍ତି। ଭାରତର ଦୁଇ ମହିଳା ତାରକା ଖେଳାଳି ପି.ଭି. ସିନ୍ଧୁ ଓ ସାଇନା ନେହ୍ୱାଲ ପ୍ରତିଯୋଗିତାରୁ ଓହରି ଯାଇଛନ୍ତି। ଭାରତୀୟ ଦଳରେ ସ୍ଥାନ ପାଇଥିବାରୁ ଋତୁପର୍ଣ୍ଣାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି। ପ୍ରତିଯୋଗିତାରେ ଉନ୍ନତ ପ୍ରଦର୍ଶନ ପାଇଁ ତାଙ୍କୁ ମୁଖ୍ୟମନ୍ତ୍ରୀ ଶୁଭେଚ୍ଛା ଜଣାଇଛନ୍ତି।

ଭାରତୀୟ ଦଳ(ମହିଳା): ମାଳଭିକା ବନସଦ, ଅସ୍ମିତା ଚାଲିହା, ଆକର୍ଷି କାଶ୍ୟପ, ଗାୟତ୍ରୀ, ପୁଲେଲା ଗୋପିଚାନ୍ଦ, କେ. ଅଶ୍ୱିନୀ ଭଟ୍ଟ, ଶିଖା ଗୌତମ, କେ. ମନୀଷା, ଋତୁପର୍ଣ୍ଣା ପଣ୍ଡା। ପୁରୁଷ : କିଡାମ୍ବି ଶ୍ରୀକାନ୍ତ, ଏଚ୍. ଏସ. ପ୍ରଣୟ, ବି. ସାଇ ପ୍ରଣୀଥ, ଶୁଭଙ୍କର ଦେ, ଲକ୍ଷ୍ୟ ସେନ୍, ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ, ଚିରାଗ ସେଟ୍ଟୀ, ଏମ.ଆର. ଅର୍ଜୁନ, ଧ୍ରୁବ କପିଳା।

## ଜାତୀୟ ସିନିୟର ମହିଳା ହକି
## ଓଡ଼ିଶାର ପ୍ରଭାବୀ ପ୍ରଦର୍ଶନ ଜାରି

**ଭୁବନେଶ୍ୱର, ୩୧।୧(କ୍ରୀଡ଼ା ପ୍ରତିନିଧି)**

କେରଳର କୋଲ୍ଲାମଠାରେ ଚାଲିଥିବା ଜାତୀୟ ସିନିୟର ମହିଳା ହକି (ଡିଭିଜନ-ଏ) ଚାମ୍ପିୟନଶିପ୍‌ରେ ଓଡ଼ିଶାର ପ୍ରଭାବୀ ପ୍ରଦର୍ଶନ ଜାରି ରହିଛି। ଗୁରୁବାର ପ୍ରଥମ ଦିବସରେ କେରଳକୁ ୩-୧ ଗୋଲରେ ହରାଇଥିବା ଓଡ଼ିଶା ଶୁକ୍ରବାର ଦ୍ୱିତୀୟ ଦିବସ ମଧ୍ୟପ୍ରଦେଶ ବିପକ୍ଷ ମ୍ୟାଚକୁ ୨-୨ ଗୋଲରେ ଡ୍ର ରଖିଛି। ତୀବ୍ର ସଂଘର୍ଷପୂର୍ଣ୍ଣଭାବେ ଶେଷ ହୋଇଥିବା ମ୍ୟାଚର ୩୪ତମ ମିନିଟରେ ଦୀପ୍ତି ଲାକ୍ରା ଗୋଲ ଦେଇ ଓଡ଼ିଶାକୁ ଅଗ୍ରଣୀ କରାଇଥିଲେ। ୪୪ତମ ମିନିଟରେ କରିସ୍ମା ସିଂଙ୍କ ଗୋଲ ବଳରେ ମଧ୍ୟପ୍ରଦେଶ ମ୍ୟାଚକୁ ସମାନ ସ୍ତରକୁ ନେଇ ଆସିଥିଲା। ୫୧ତମ ମିନିଟରେ ନଭନୀତ କୌର ଗୋଲ ଦେଇ ମଧ୍ୟପ୍ରଦେଶକୁ ଅଗ୍ରଣୀ କରାଇଥିଲେ। ତେବେ ଚାପ ପରିସ୍ଥିତିରେ ଓଡ଼ିଶା ଧୈର୍ଯ୍ୟହରା ନ ହୋଇ ୫୮ତମ ମିନିଟରେ ରିଙ୍କି କୁଜୁରଙ୍କ ଗୋଲ ସହାୟତାରେ ମ୍ୟାଚ ଡ୍ର ରଖିଥିଲା।

# ରାଇଜିଂ ଷ୍ଟୁଡେଣ୍ଟ ଚାମ୍ପିୟନ

**କଟକ ଅଫିସ,୩୧।୧**

ଓସିଏର ଭିଜନ-୨୦୨୪ ପରିପ୍ରେକ୍ଷୀରେ କଟକ ଜିଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଚାଲିଥିବା ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ନିମପୁର ଗ୍ରାଉଣ୍ଡରେ ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ରାଇଜିଂ ଷ୍ଟୁଡେଣ୍ଟ ୬୯ ରନରେ ଜୁଭେନାଇଲ କ୍ଲବକୁ ହରାଇ ଚାମ୍ପିୟନ ହୋଇଛି। ଟସ୍ ଜିତି ରାଇଜିଂ ଷ୍ଟୁଡେଣ୍ଟ ପ୍ରଥମେ ବ୍ୟାଟିଂ କରିଥିଲା। ଯଜ୍ଞଜିତ ସାହୁଙ୍କ ଅପରାଜିତ ୪୯ ଓ ପ୍ରତ୍ୟୁଷ ପ୍ରଧାନଙ୍କ ୪୧ରନ ସହାୟତାରେ ଦଳ ୭ ଉଇକେଟ ହରାଇ ୧୪୯ରନ କରିଥିଲା। ଜୁଭେନାଇଲ ପକ୍ଷରୁ ସାଇଦୀପ ମହାପାତ୍ର ସର୍ବାଧିକ ୩ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଜୁଭେନାଇଲ ୮୦ ରନରେ ଅଲଆଉଟ ହୋଇଥିଲା। ସିଦ୍ଧାର୍ଥ ଜୈନ ସର୍ବାଧିକ ୧୯ରନ କରିଥିଲେ। ରାଇଜିଂ ପକ୍ଷରୁ ଶୁଭମ ବେହେରା ୪୪ରନ ବିନିମୟରେ ୫ଟି ଉଇକେଟ ଅକ୍ତିଆର କରିଛନ୍ତି। ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କଟକ ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ଆଶୀର୍ବାଦ ବେହେରା, ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ସଂସଦର କାର୍ଯ୍ୟକାରୀ ସଭାପତି ଭକ୍ତବଲ୍ଲଭ ଦାସ, ଉପସଭାପତି ରଞ୍ଜନ କୁମାର ବିଶ୍ୱାଳ, ଅଭିଜିତ ପାଲ ପ୍ରମୁଖ ଉପସ୍ଥିତ ଥିଲେ।




ଚାମ୍ପିୟନ ରାଇଜିଂ ଷ୍ଟୁଡେଣ୍ଟ ଦଳ ଟ୍ରଫି ସହ ଅତିଥିଙ୍କ ଗହଣରେ।

## ମନେ ପଡ଼ନ୍ତି

SAD DEMISE
With profound grief and sorrow we announce the sad demise of

SOMNATH BANDYOPADHYAY IAS RETD.
on Thursday, 30th January, 2020
ଧ-୧୬୪୮୬

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ଶ୍ରୀଯୁକ୍ତ ଛଇଲ ସାହୁ
ଆବିର୍ଭାବ: ୦୯।୦୬।୧୯୩୬
ତିରୋଧାନ: ୨୨।୦୧।୨୦୨୦
ବାପା, ତୁମେ ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲିଗଲ। ତେଣୁ ତୁମ୍ଭର ଆତ୍ମାର ସଦ୍‌ଗତି କାମନା କରୁଛୁ।
ଶୋକସନ୍ତପ୍ତ:
ତୁମ୍ଭର ପରିବାରବର୍ଗ
ପୁଅ, ଝିଅ ଓ ବନ୍ଧୁ ପରିବାରବର୍ଗ।
ଧ-୧୬୪୫୬

୧୭ତମ ଶ୍ରାଦ୍ଧବାର୍ଷିକ

ସ୍ୱର୍ଗତ ବୃନ୍ଦାବନ ଚନ୍ଦ୍ର ପଟ୍ଟନାୟକ
ଜଗନ୍ନାଥ ବିହାର, ବରମୁଣ୍ଡା, ଭୁବନେଶ୍ୱର
ତିରୋଧାନ: ପବିତ୍ର ମାଘସପ୍ତମୀ
ଆପଣଙ୍କ ସ୍ମୃତି ଆମମାନଙ୍କ ପାଇଁ ଚିର ଅମର ହୋଇ ରହୁ। ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
ଶୋକସନ୍ତପ୍ତ:
ପତ୍ନୀ: ମନି, ଝିଅ: ରୁନୁ, ପିନୁ, ଜ୍ୱାଇଁ: ଲକ୍ଷ୍ମୀ ନାରାୟଣ, ବିରଜା, ପୁଅବୋହୂ: ସାଇ, ଇତି, ନାତି ନାତୁଣୀମାନେ।
ଧ-୧୬୪୮୭

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତା ପ୍ରମିଳା ବେହେରା
ସ୍ୱାମୀ: ହରିହର ବେହେରା
ଅଡ଼ସପୁର, କଟକ
ଆବିର୍ଭାବ: ୦୧।୦୧।୧୯୫୪
ତିରୋଧାନ: ୧୨।୦୨।୨୦୧୯ (ମାଘସପ୍ତମୀ)
ତୁମେ ଆମ୍ଭମାନଙ୍କୁ ଶୋକସାଗରରେ ଭସାଇ ଓ ଅହ୍ୟ ସୁଲକ୍ଷଣୀ ହୋଇ ବୈକୁଣ୍ଠ ପାରିହୋଇ ଗଲ, ଯାହା ଶ୍ରୀଜଗନ୍ନାଥ ଓ ସଦ୍‌ଗୁରୁମାନଙ୍କ ଅପାର କରୁଣା ଥିଲା। ତୁମ ଆଶୀର୍ବାଦ ଆମ ଉପରେ ସବୁବେଳେ ଥାଉ। ତୁମ ଆତ୍ମାର ସଦ୍‌ଗତି ପାଇଁ ଏତିକି ବିନମ୍ର ପ୍ରାର୍ଥନା।
-:ଇତି:-
କୁନା, ମୁନା, ମାମି, ସବିତା, ମାନାଲି, ଧନଲି।
ଧ-୧୪୫୭୪

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି

ଶ୍ରୀ ଇତିଶ୍ରୀ ମିଶ୍ର
ଆବିର୍ଭାବ: ୨୧।୦୬।୧୯୬୭
ତିରୋଧାନ: ୧୨।୦୨।୨୦୧୯
L.B 411, Bhimatangi Housing Board Colony, Phase-II, P.O-BBSR
ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ:
ଲୁଟୁନ୍, ଚନ୍ଦନ୍, ମିଲନ୍, ବବୁଲ୍, ସିତୁନ୍, ଜିତା, ବୁଲନ୍, ଲିନା, ରାନୁ, ବୁଲୁ।
ଧ-୧୬୪୭୨

ଷଷ୍ଠ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତ ସନ୍ତୋଷ ପ୍ରସାଦ ପାଣିଗ୍ରାହୀ
ରେଡ୍‌କ୍ରସ୍ ରୋଡ୍, ପୁରୀ
ଆବିର୍ଭାବ: ୦୯।୦୯।୧୯୮୩
ତିରୋଧାନ: ୦୧।୦୨।୨୦୧୪
ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପରିବାରବର୍ଗ।
ଧ-୬୮୮୧୫

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶନିବାର, ଫେବୃୟାରୀ ୧/୨୦୨୦ Bhubaneswar, Saturday, February 1/2020

# ପୁରୀ-କୋଣାର୍କ ବସ୍ ଚଳାଚଳ ବନ୍ଦ

**ପୁରୀ ଅଫିସ, ୩୧।୧**

ପୁରୀ-କୋଣାର୍କ ବେଳାଭୂମି ରାସ୍ତାର ରାମଚଣ୍ଡୀଠାରେ ଗୁରୁବାର ହୋଇଥିବା ଦୁର୍ଘଟଣାକୁ ନେଇ ଶୁକ୍ରବାର ପୁରୀରୁ କୋଣାର୍କ ମଧ୍ୟରେ ବସ୍ ଚଳାଚଳ ବନ୍ଦ ରହିଛି। ଦୁର୍ଘଟଣା ଘଟାଇଥିବା କ୍ୟାଣ୍ଟର ଚାଳକଙ୍କୁ ଟୁରିଷ୍ଟ ବସ୍ ଯାତ୍ରୀ ମାଡ଼ ମାରିବା ଯୋଗୁ ତାଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ କରି ଏହି ରୁଟ୍‌ରେ ଯାତାୟତ କରୁଥିବା ବସ୍ ଚାଳକ, କଣ୍ଡକ୍ଟର ଏବଂ ହେଲ୍‌ପର ଧାରଣା ଦେଇଥିବାରୁ ଶୁକ୍ରବାର ରାତି ପର୍ଯ୍ୟନ୍ତ ବସ୍ ଚଳାଚଳ କରି ନ ଥିଲା। ଫଳରେ ଶନିବାର ମାଘ ସପ୍ତମୀ ବୁଡ଼ ପାଇଁ ଚନ୍ଦ୍ରଭାଗା ଯିବାକୁ ଥିବା ଅନେକ ତୀର୍ଥଯାତ୍ରୀ ହଟହଟା ହୋଇଥିଲେ। ଏପରିକି ତୀର୍ଥଯାତ୍ରୀମାନେ ଟେମ୍ପୋ, କାର ଆଦି ଭଡ଼ା କରି ଅଧିକ ଖର୍ଚ୍ଚାନ୍ତ ହୋଇ କୋଣାର୍କ ଓ ଚନ୍ଦ୍ରଭାଗା ଯାଉଥିବା ଦେଖିବାକୁ ମିଳିଥିଲା।

ସୂଚନା ଅନୁଯାୟୀ, ଗୁରୁବାର କୋଣାର୍କରୁ ପୁରୀ ଆସୁଥିବା ଷୋଳପୁଅ ମା' ନାମକ ଯାତ୍ରୀବାହୀ କ୍ୟାଣ୍ଟର ରାମଚଣ୍ଡୀ ନିକଟରେ ଠିଆ ହୋଇଥିବା ଏକ ଟୁରିଷ୍ଟ ବସ୍‌କୁ ଧକ୍କା ଦେଇଥିଲା। ଫଳରେ କ୍ୟାଣ୍ଟର ଚାଳକଙ୍କ ମୃତ୍ୟୁ ହୋଇଥିବାବେଳେ ୧୬ଜଣ ଯାତ୍ରୀ ଆହତ ହୋଇଥିଲେ । ତେବେ ଟୁରିଷ୍ଟ ବସ୍ ଯାତ୍ରୀଙ୍କ ମାଡ଼ରେ କ୍ୟାଣ୍ଟର ଚାଳକଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରି ଶୁକ୍ରବାର ପୁରୀରେ ପୁରୀ-କୋଣାର୍କ ରୁଟ୍‌ରେ ଚଳାଚଳ କରୁଥିବା ବସ୍ କର୍ମଚାରୀମାନେ ସକାଳୁ ଧାରଣା ଦେଇଥିଲେ। କ୍ୟାଣ୍ଟର ଡ୍ରାଇଭର ଅର୍ଜୁନ ମହାକୁଡ଼ଙ୍କୁ ମାଡ଼ ମାରିଥିବା ଟୁରିଷ୍ଟ ବସ୍ ଯାତ୍ରୀଙ୍କୁ ଗିରଫ ଦାବିରେ ଧାରଣା ଦିଆଯାଇଛି। କର୍ମଚାରୀମାନେ ଏ ନେଇ ନୀଳଗିରି ମୋଟର କର୍ମଚାରୀ ସଂଘକୁ ମଧ୍ୟ ଲିଖିତ ଭାବେ ଜଣାଇଛନ୍ତି। ଷୋଳପୁଅ ମା' ବସ୍ ଡ୍ରାଇଭରଙ୍କୁ ବାଡେଇ ବାଡେଇ ମାରି ଦିଆଯାଇଥିବାରୁ ସେମାନେ ମଧ୍ୟ ନିରାପଦ ମଣୁନାହାନ୍ତି ବୋଲି କର୍ମଚାରୀମାନେ ଦର୍ଶାଇ ସଂଘର ଦୃଷ୍ଟି ଆକର୍ଷଣ କରିଛନ୍ତି।



ବସ୍ କର୍ମଚାରୀମାନେ ଧାରଣା ଦେଇଛନ୍ତି।

## ବସ୍ ଚାଳକଙ୍କୁ ମାଡ଼ ମରାଯିବାରୁ ମୃତ୍ୟୁ ଅଭିଯୋଗ

**ମାଘ ବୁଡ଼ ପାଇଁ ଯିବାକୁ ତୀର୍ଥଯାତ୍ରୀ ହଟହଟା**



ପୁରୀ ଷ୍ଟାଣ୍ଡରେ ବସ୍‌ଗୁଡ଼ିକ ଅଟକି ରହିଛି।

ଅନ୍ୟପକ୍ଷରେ ଷୋଳପୁଅ ମା' ବସ୍ ହେଲ୍‌ପର ରଶ୍ମିରଞ୍ଜନ ବେହେରା ମଧ୍ୟ କୋଣାର୍କ ଥାନାରେ ଚାଳକ ଅର୍ଜୁନଙ୍କୁ ଟୁରିଷ୍ଟ ବସ୍‌ର ଯାତ୍ରୀମାନେ ଗୋଡେଇ ଗୋଡେଇ ବାଡେଇରୁ ତାଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ କରିଛନ୍ତି। ଏ ଦିଗରେ ଯଦି ଉଚିତ୍ ନ୍ୟାୟ ନ ମିଳେ ତେବେ ଆଗକୁ ପୁରୀ ଜିଲାର ବିଭିନ୍ନ ରୁଟ୍‌କୁ ବସ୍ ଚଳାଚଳ ବନ୍ଦ କରାଯିବ ବୋଲି ନୀଳଗିରି ମୋଟର କର୍ମଚାରୀ ସଂଘର କେତେକ ସଦସ୍ୟ କହିଛନ୍ତି। ତେବେ ଏହି ଧାରଣା ଯୋଗୁ ପୁରୀ-କୋଣାର୍କ ମଧ୍ୟରେ ବସ୍ ଚଳାଚଳ ବନ୍ଦ ରହିଛି। ଶନିବାର ମାଘ ସପ୍ତମୀ। ଚନ୍ଦ୍ରଭାଗାରେ ବୁଡ଼ ପକାଇବା ଲାଗି ହଜାର ହଜାର ତୀର୍ଥଯାତ୍ରୀ ପୁରୀରୁ କୋଣାର୍କ ଯିବା ଲାଗି ଶୁକ୍ରବାର ସକାଳେ ପହଞ୍ଚିଥିଲେ। ମାତ୍ର ବସ୍ ବନ୍ଦ ଥିବାରୁ ସମସ୍ୟାରେ ପଡ଼ିଥିଲେ। ବାଧ୍ୟ ହୋଇ ଅନେକ ଟେମ୍ପୋ ଓ କାର୍ ଆଦି ଭଡ଼ା କରି ଯାଇଥିଲେ।



ମେଳାପଡ଼ିଆରେ ଶ୍ରଦ୍ଧାଳୁଙ୍କ ସମାଗମ

# ମାଘ ବୁଡ଼ ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ

**କୋଣାର୍କ, ୩୧।୧(ଡି.ଏନ.ଏ)**

ପବିତ୍ର ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ମାଘ ବୁଡ଼ ପକାଇବା ପାଇଁ ମେଳାପଡ଼ିଆରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଏଠାକୁ ଆସିଥିବା ଶ୍ରଦ୍ଧାଳୁମାନେ ଗୁରୁବାର ମେଳାପଡିଆରେ ମାଟିହାଣ୍ଡିରେ ବ୍ୟଞ୍ଜନ ପ୍ରସ୍ତୁତ କରି ଅର୍କାଦିତ୍ୟଙ୍କ ଉଦ୍ଦେଶ୍ୟରେ ଅର୍ପଣ କରି ଖାଦ୍ୟ ଗ୍ରହଣ କରିଛନ୍ତି। ଏହାପରେ ନିକଟସ୍ଥ ହାଣ୍ଡିଭଙ୍ଗା ପୁଷ୍କରିଣୀରେ ହାଣ୍ଡି ବିସର୍ଜନ କରିଥିବା ଦେଖିବାକୁ ମିଳିଛି। ଚଳିତବର୍ଷ ମେଳା ପଡ଼ିଆ, ଛୋଟାରାମ ଦାସ ଆଶ୍ରମ, ମହାବୀର ମଠ, ଲାଇଟହାଉସ ଛକ, ହେଲିପ୍ୟାଡ, ବସଷ୍ଟାଣ୍ଡ ଆଦି ଅଞ୍ଚଳରେ ଶ୍ରଦ୍ଧାଳୁମାନେ ଅସ୍ଥାୟୀ ଶିବିର ପକାଇଛନ୍ତି। ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି ଅନୁଯାୟୀ ତିନି ଠାକୁର ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ବାହାରି ଗୁରୁବାର ରାତ୍ର ୨ଟା ୪୦ ମିନିଟ୍‌ରେ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ସ୍ନାନମଣ୍ଡପରେ ପହଞ୍ଚିବା ପରେ ରୀତିନୀତି ଅନୁଯାୟୀ ସ୍ନାନ କରିବେ। ଏହାପରେ ଶୁକ୍ରବାର ଭୋର ୪ଟାରେ ଶ୍ରଦ୍ଧାଳୁମାନେ ବୁଡ଼ ପକାଇବେ। ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ରନ୍ଧାଖାଦ୍ୟ ବଣ୍ଟନ, ସ୍ୱାସ୍ଥ୍ୟସେବା ଶିବିର, ହଜିଲା ଖୋଜିଲା ମଞ୍ଚ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ପୁରୀ ଜିଲାପାଳ ବଲୱନ୍ତ ସିଂ, ଏସ୍‌ପି ଉମାଶଙ୍କର ଦାଶ, ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ ଚନ୍ଦ୍ରଭାଗାରେ ଉପସ୍ଥିତ ରହି କାର୍ଯ୍ୟ ତଦାରଖ କରୁଛନ୍ତି। ମେଳାପଡ଼ିଆରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଖୋଲାଯାଇଥିବା ୬୦ଟି ଅସ୍ଥାୟୀ ଟ୍ୟାପ୍ ମଧ୍ୟରୁ ଅନେକ ଟ୍ୟାପ୍‌ରେ ଗୋଳିଆ ଓ ବାଲିମିଶ୍ରିତ ପାଣି ବାହାରୁଛି। ତେଣୁ ଶ୍ରଦ୍ଧାଳୁମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରଶାସନ ପକ୍ଷରୁ ୫ଟି ପାଣି ଟ୍ୟାଙ୍କର ରଖାଯାଇଥିଲେ ମଧ୍ୟ ତାହା ପର୍ଯ୍ୟାପ୍ତ ହେଉନାହିଁ। ଅନ୍ୟପକ୍ଷରେ ଗୁରୁବାର କୋଣାର୍କ-ପୁରୀ ମେରାଇନ ଡ୍ରାଇଭ ରାସ୍ତାରେ ହୋଇଥିବା ଦୁର୍ଘଟଣାରେ ବସ୍ ଚାଳକଙ୍କ ମୃତ୍ୟୁକୁ ନେଇ ପୁରୀ-କୋଣାର୍କ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ଶୁକ୍ରବାର ଗାଡ଼ି ଚଳାଚଳ ବନ୍ଦ ରଖାଯାଇଛି। ଫଳରେ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କୁ ହଇରାଣ ହେବାକୁ ପଡ଼ିଛି।

## ୫ରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ

### ବଜେଟ୍, ହେରିଟେଜ କରିଡ଼ର ନେଇ ହେବ ଆଲୋଚନା

**ପୁରୀ ଅଫିସ, ୩୧।୧:** ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଆସନ୍ତା ୫ ତାରିଖରେ ଅନୁଷ୍ଠିତ ହେବ । ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ପୂର୍ବାହ୍ନ ୧୧ଟାରେ ହେବାକୁ ଥିବା ଏହି ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରାଯିବ। ବିଶେଷକରି ଶ୍ରୀମନ୍ଦିର ହେରିଟେଜ କରିଡର, ସୁପ୍ରିମ୍‌କୋର୍ଟରେ ଦାୟର କରାଯାଇଥିବା ସତ୍ୟପାଠ, ଶ୍ରୀମନ୍ଦିର ବଜେଟ ସମେତ ପ୍ରାୟ ୧୦ଟି ପ୍ରସଙ୍ଗ ଉପରେ ଆଲୋଚନା କରାଯିବ ବୋଲି ଜଣାପଡ଼ିଛି। ଶ୍ରୀମନ୍ଦିର ସଂସ୍କାର ମାମଲାର ଶୁଣାଣି ଗତ ୮ ତାରିଖରେ ସୁପ୍ରିମ୍‌କୋର୍ଟରେ ହୋଇଥିଲା। ମାତ୍ର ଶ୍ରୀମନ୍ଦିର ପ୍ରଶାସନ ଅସମ୍ପୂର୍ଣ୍ଣ ରିପୋର୍ଟ ଦେଇଥିଲା। ସମ୍ପୂର୍ଣ୍ଣ ରିପୋର୍ଟ ଦାଖଲ କରିବା ଲାଗି ଶ୍ରୀମନ୍ଦିର ପ୍ରଶାସନ ସମୟ ମାଗିଥିଲା। ୨ ସପ୍ତାହ ମଧ୍ୟରେ ଏହି ରିପୋର୍ଟ ପ୍ରଦାନ କରିବା ଲାଗି ମନ୍ଦିର ପ୍ରଶାସନକୁ କୁହାଯାଇଥିଲା। ତେଣୁ ସୁପ୍ରିମ୍‌କୋର୍ଟରେ ଦାଖଲ ସତ୍ୟପାଠ ସଂକ୍ରାନ୍ତରେ ବୈଠକରେ ତର୍ଜମା ହେବ। ସେହିପରି ଶ୍ରୀମନ୍ଦିର ହେରିଟେଜ କରିଡ଼ର ରୂପରେଖ ନେଇ ମଧ୍ୟ ଆଲୋଚନା କରାଯିବ। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଶ୍ରୀମନ୍ଦିର ବଜେଟ୍। ଏଥର ବଜେଟ୍ କେମିତି ରହିବ ସେ ସମ୍ପର୍କରେ ପରିଚାଳନା କମିଟି ବୈଠକରେ ପୁଙ୍ଖାନୁପୁଙ୍ଖ ତର୍ଜମା କରାଯିବ। ଏତଦ୍‌ବ୍ୟତୀତ ଅର୍ଥ ସବ୍‌କମିଟି ରିପୋର୍ଟ ଓ ସେବାୟତ କଲ୍ୟାଣ ସବ୍‌କମିଟି ରିପୋର୍ଟ ଅନୁମୋଦନ କରାଯିବ ବୋଲି ଜଣାପଡ଼ିଛି। ତେବେ ଅଦିନିଆ ରଥଯାତ୍ରା ପ୍ରସଙ୍ଗ ବୈଠକରେ ଉଠାଇବେ ପରିଚାଳନା କମିଟି ସଦସ୍ୟ। ନିକଟରେ ମୁମ୍ବାଇରେ ଇସ୍କନ ପକ୍ଷରୁ ଅନୁଷ୍ଠିତ ରଥଯାତ୍ରାକୁ ନେଇ ଆଲୋଚନା ବେଶ୍ ସରଗରମ ହେବାର ସମ୍ଭାବନା ରହିଛି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**କଟକ ରୋଡ,୩୧।୧(ଡି.ଏନ୍.ଏ.):** ଲକ୍ଷ୍ମୀସାଗର ପୋଲିସ ଶୁକ୍ରବାର ରାତିରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ସେ ହେଲେ ପୁରୀ ଜିଲା ଚନ୍ଦନପୁର ଥାନା ଅଧୀନ ଦାସଗୋବା ଗ୍ରାମର ପ୍ରକାଶ ମଲ୍ଲିକ(୨୨)। ସୂଚନା ଅନୁଯାୟୀ, ପ୍ରକାଶ ତାଙ୍କ ପରିବାର ସହ ଲକ୍ଷ୍ମୀସାଗର ଅଞ୍ଚଳରେ ଏକ ଭଡ଼ାଘରେ ରହୁଥିଲେ। ରାତି ପ୍ରାୟ ୯ଟା ରେ ସେ ରହୁଥିବା ଘର ଭିତର ପଟୁ କବାଟ ବନ୍ଦ କରି ଫ୍ୟାନରେ ଝୁଲିଥିବା ନେଇ ଥାନାକୁ ଖବର ମିଳିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ଶନିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଥାନାର ଜଣେ ଅଧିକାରୀ କହିଛନ୍ତି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜ ହୋଇଥିବା ଜଣାପଡ଼ିଛି।

# 'ସଂସ୍କୃତି ଆଳାପ'ରେ ମିଳିଲା ଶୃଙ୍ଖଳାଜ୍ଞାନ

**ଭୁବନେଶ୍ୱର,୩୧।୧(ବ୍ୟୁରୋ)**

ସ୍ୱଚ୍ଛତା, ଶୃଙ୍ଖଳା ଓ ପ୍ରତିବଦ୍ଧତା ସହ କାମ କରିବାକୁ ଅଧିକାରୀ ଓ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଛି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ। ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସୁଫଳ ଯେପରି ଲୋକଙ୍କ ନିକଟରେ ପହଞ୍ଚିବ ସେନେଇ ବିଭାଗୀୟ ପଦାଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ମୁଖ୍ୟମନ୍ତ୍ରୀଙ୍କ '୫-ଟି' ତଥା ପଞ୍ଚସୂତ୍ରୀ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ବିଭାଗ ଗୁରୁତ୍ୱ ଦେଇଛି। ଏହାସହିତ ପ୍ରତ୍ୟେକ କ୍ଷେତ୍ରରେ ଅଭିନବ କାର୍ଯ୍ୟକ୍ରମ ହାତକୁ ନେବାକୁ ବିଭାଗ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଶୁକ୍ରବାର ସନ୍ଧ୍ୟାରେ ବିଭାଗ ପକ୍ଷରୁ ଭାଷା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କୁ ନେଇ ଆୟୋଜିତ 'ସଂସ୍କୃତି ଆଳାପ' କାର୍ଯ୍ୟକ୍ରମରେ ଏନେଇ ପୁଙ୍ଖାନୁପୁଙ୍ଖଭାବେ ଆଲୋଚନା ହୋଇଛି। ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭାଗ ପକ୍ଷରୁ ଚାଲିଥିବା କାର୍ଯ୍ୟକ୍ରମଗୁଡ଼ିକୁ ଆହୁରି ବ୍ୟାପକ କରିବାକୁ ପରାମର୍ଶ ଦିଆଯାଇଛି। ଏହି ଅବସରରେ ବିଭିନ୍ନ ମତାମତ ଓ ପ୍ରସ୍ତାବ ଉପସ୍ଥାପନ ହୋଇଥିଲା।

ରାଜ୍ୟରେ ପ୍ରଚଳିତ ବିଭିନ୍ନ ଶବ୍ଦାବଳୀକୁ ନେଇ ଏକ ସାମୁଦାୟିକ ଅଭିଧାନ ସଂକଳନ, ପ୍ରତି ଜିଲାରେ ଭାଷା ପ୍ରଚାରକ ନିୟୋଜନ, ମେଟ୍ରୋ ସହରଗୁଡ଼ିକରେ ଶାସ୍ତ୍ରୀୟ ସଂଗୀତ କାର୍ଯ୍ୟକ୍ରମ, ଦେଶର ବିଭିନ୍ନ ରାଜ୍ୟର କାର୍ଯ୍ୟକ୍ରମରେ ଓଡ଼ିଶୀ ସଙ୍ଗୀତର ଅନ୍ତର୍ଭୁକ୍ତି, ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ସଙ୍ଗୀତ ଓ ସଂସ୍କୃତି ଗବେଷଣା ନିମନ୍ତେ ବୃତ୍ତି ଓ ଫେଲୋଶିପ୍ ପ୍ରଦାନ, ବିଭିନ୍ନ ଏକାଡେମୀର ପୁରସ୍କାର ସଂଖ୍ୟା ସମେତ ଅର୍ଥରାଶି ବୃଦ୍ଧି ପାଇଁ କାର୍ଯ୍ୟକ୍ରମରେ ପ୍ରସ୍ତାବ ଆଗତ ହୋଇଥିଲା। ଏହାସହ ପ୍ରସିଦ୍ଧ ସଙ୍ଗୀତ ଗୁରୁ ସିଂହାରୀ ଶ୍ୟାମସୁନ୍ଦର କର ଓ ଖ୍ୟାତନାମା ଚିତ୍ରଶିଳ୍ପୀ ରବିନାରାୟଣ ନାୟକଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ, ପ୍ରତି ଜିଲାରେ ସ୍ଥାନୀୟ ଚିତ୍ରଶିଳ୍ପୀଙ୍କୁ ସମ୍ପୃକ୍ତ କରି ଆର୍ଟ ଗ୍ୟାଲେରି ପ୍ରତିଷ୍ଠା, ରାଜ୍ୟରେ ଅନୁସୃତ ୭୧ ଲୋକକଳା ଉପରେ ଲିଖିତ ବିବରଣୀ ପ୍ରସ୍ତୁତି, କେନ୍ଦ୍ର ଲଳିତକଳା ଏକାଡେମୀ ଧାରାରେ ଓଡ଼ିଶା ଲଳିତକଳା ଏକାଡେମୀ ସମ୍ବିଧାନର ପୁନଃପ୍ରଣୟନ ଏବଂ ବିଶିଷ୍ଟ ଉର୍ଦ୍ଦୁ କବି ମୀର୍ଜା ଗାଲିବଙ୍କ ଜୀବନୀ ତଥା ଗଜଲ ସମ୍ବଳିତ ପୁସ୍ତକ ପ୍ରକାଶନ ଉପରେ ପ୍ରସ୍ତାବ ସଂଗୃହୀତ ହୋଇଥିଲା। ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ନିର୍ଦ୍ଦେଶକ ବିଜୟ କୁମାର ନାୟକ, ଯୁଗ୍ମ ଶାସନ ସଚିବ ସଂଘମିତ୍ରା ଶତପଥୀ ଓ ଲିପ୍‌ସା ଦାସ, କଳା ସଂସ୍କୃତି ସଂଘ ରାଜ୍ୟ ପ୍ରକଳ୍ପ ସଂଯୋଜକ ବାସୁଦେବ ମାଳବିଷୋୟୀ ପ୍ରମୁଖ ଉପସ୍ଥିତ ରହି ପ୍ରସ୍ତାବ ଓ ମତାମତଗୁଡ଼ିକ ଶୁଣିବା ସହିତ ଆନୁଷଙ୍ଗିକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଭାଷାବିତ୍ ଡ. ଦେବୀପ୍ରସନ୍ନ ପଟ୍ଟନାୟକ, ସାହିତ୍ୟିକ ଓ ଚିନ୍ତକ ହରପ୍ରସାଦ ଦାସ, ପ୍ରାକ୍ତନ ପ୍ରଶାସକ ସହଦେବ ସାହୁ, ନୃତ୍ୟଶିଳ୍ପୀ ଡ. ଅରୁଣା ମହାନ୍ତି, ଚିତ୍ରଶିଳ୍ପୀ ରାମହରି ଜେନା, ଲଳିତକଳା ଏକାଡେମୀ ପୂର୍ବତନ ସଚିବ ଚନ୍ଦ୍ରମଣି ବିଶ୍ୱାଳ, ବିଜୟ ଜେନା, ବିଶିଷ୍ଟ ଶାସ୍ତ୍ରୀୟ ସଂଗୀତ ଗୁରୁ ଡ. ଚିତ୍ତରଞ୍ଜନ ପାଣି, ସୁଶ୍ରୀ ମୀନାକ୍ଷୀ ବେହେରା, ନାଟ୍ୟକାର ଡ. ଶୈଳେଶ୍ୱର ନନ୍ଦ, ଲାଲା ବୀରେନ୍ ପ୍ରସାଦ ରାୟ, ନୃତ୍ୟଗୁରୁ ଦୁର୍ଗାଚରଣ ରଣବୀର, ଉର୍ଦ୍ଦୁ କବି ଅବଦୁଲ୍ ହକ୍ ଓ ଶିକ୍ଷାବିତ୍ ଅର୍ସାଦ୍ ଜମିଲ୍ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରସ୍ତାବ ପ୍ରଦାନ କରିଥିଲେ।



ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଶୁକ୍ରବାର ଆୟୋଜିତ କାର୍ଯ୍ୟକ୍ରମ ଶ୍ରୀଜଗନ୍ନାଥାୟରେ ପରିବେଷିତ ନାଟକ 'ସାଗର ସଙ୍ଗମ'ର ଏକ ଦୃଶ୍ୟ।



ଗ୍ଲୋବାଲ ଥିଏଟର ଫେଷ୍ଟିଭାଲ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ପୁରସ୍କୃତ ହୋଇଥିବା ମଣିପୁର କଳାକାରମାନେ।

# ୫ ଶ୍ରେଷ୍ଠ ନାଟକ ପୁରସ୍କୃତ

**ଗ୍ଲୋବାଲ ଥିଏଟର ଫେଷ୍ଟିଭାଲ ଉଦ୍‌ଯାପିତ**

**କଟକ ଅଫିସ, ୩୧।୧**

ଥିଏଟର ମୁଭ୍‌ମେଣ୍ଟ ପକ୍ଷରୁ କଟକ କଳାବିକାଶ କେନ୍ଦ୍ରଠାରେ ଚାଲିଥିବା ଗ୍ଲୋବାଲ ଥିଏଟର ଫେଷ୍ଟିଭାଲ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ନିର୍ବାଚନ କମିଶନର ରବିନାରାୟଣ ସେନାପତି ଯୋଗଦେଇଥିଲେ। ଗତ ୨୦ ତାରିଖରୁ ଚାଲିଥିବା ଏହି ଫେଷ୍ଟିଭାଲରେ ମୋଟ୍ ୫୦ଟି ନାଟକ ମଞ୍ଚସ୍ଥ ହୋଇଥିଲା। ଏଥିସହିତ ବିଭିନ୍ନ ରାଜ୍ୟର କଳାକାର ଅଂଶଗ୍ରହଣ କରି କଥକ, ଓଡ଼ିଶୀ, ମଣିପୁରୀ, ଭାରତନାଟ୍ୟମ, ଆଧୁନିକ, କ୍ଲାସିକାଲ, ସେମିକ୍ଲାସିକାଲ ନୃତ୍ୟ ପରିବେଷଣ କରିଥିଲେ। ମଞ୍ଚସ୍ଥ ନାଟକଗୁଡିକ ମଧ୍ୟରୁ ଶ୍ରେଷ୍ଠ ୫ଟି ନାଟକ ପୁରସ୍କୃତ କରାଯାଇଥିଲା। ଶ୍ରେଷ୍ଠ ପ୍ରଯୋଜନା କ୍ଷେତ୍ରରେ ବାରାଣସୀର ନାଟ୍ୟସଂସ୍ଥା ମଞ୍ଚଦୂତମ ପ୍ରଥମ ପୁରସ୍କାର ପାଇଥିଲା। ସେହିପରି କଥକ ନୃତ୍ୟରେ ମଧ୍ୟପ୍ରଦେଶ ନବରଙ୍ଗ କଳାକେନ୍ଦ୍ର ପ୍ରଥମ, ଛତିଶଗଡର କଳାବିକାଶ କେନ୍ଦ୍ର ଦ୍ୱିତୀୟ ଓ ମୁମ୍ବାଇ କଳାଞ୍ଜଧି ସ୍କୁଲ ଅଫ ଆର୍ଟ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଭାରତନାଟ୍ୟମରେ ଗୁରୁଦେବ ଏକାଡେମୀ ପ୍ରଥମ, କଳାଞ୍ଜଳି ଦ୍ୱିତୀୟ ଓ ଆସାମର ସୁରେଶ ସଙ୍ଗୀତ ଅନୁଷ୍ଠାନ ତୃତୀୟ ସ୍ଥାନ ହାସଲ କରିଥିଲା। ଶାସ୍ତ୍ରୀୟ ନୃତ୍ୟରେ ଆସାମ, ମଣିପୁରର କଳାକାର ପୁରସ୍କୃତ ହୋଇଥିବାବେଳେ ଲୋକନୃତ୍ୟ ଓ ଆଧୁନିକ ନୃତ୍ୟରେ ଓଡିଶା, ପଶ୍ଚିମବଙ୍ଗ, ଝାଡଖଣ୍ଡ, ମଧ୍ୟପ୍ରଦେଶ, ମହାରାଷ୍ଟ୍ରର କଳାକାରଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଜଷ୍ଟିସ ଅନନ୍ତ ସୂର୍ଯ୍ୟନାରାୟଣ ନାଇଡୁ, କାର୍ଯ୍ୟକାରୀ ସଭାପତି ଡ. ଜୟନ୍ତ ପଣ୍ଡା, ଡ. ନାରାୟଣ ସାହୁ ଓ ଗୋଲକ ବିହାରୀ ଦାସ ମହାପାତ୍ର ଉପସ୍ଥିତ ଥିଲେ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ନାବାଳିକା ଛାତ୍ରୀଙ୍କୁ ଅପହରଣ ଅଭିଯୋଗ

**ଖୁଣ୍ଟୁଣୀ(ଡି.ଏନ୍.ଏ.):** ଗୁରୁଡ଼ିଝାଟିଆ ଥାନା ଅଞ୍ଚଳର ଜଣେ ନାବାଳିକା ଛାତ୍ରୀଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ଏ ସମ୍ପର୍କରେ ଏକ ମାମଲା(ନଂ.୧୩/୨୦) ରୁଜୁକରି ତଦନ୍ତ ଚଳାଇଛି। ଗତ ୨୯ତାରିଖରେ ଜଗତ୍‌ସିଂପୁର ଅଞ୍ଚଳର ଜଣେ ଯୁବକ ତାଙ୍କ ଝିଅକୁ ଅପହରଣ କରିଥିବା ଛାତ୍ରୀଙ୍କ ବାପା ଥାନାରେ ଗୁରୁବାର ଅଭିଯୋଗ କରିଥିଲେ। ଉକ୍ତ ଯୁବକଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଥିବା ଆଇଆଇସି ବିଜୟ କେତନ ବିସି କହିଛନ୍ତି।

## ଆଜି କ'ଣ କେଉଁଠି

କଟକ

- ଏବିଭିପିର ୪୪ତମ ରାଜ୍ୟ ଅଧିବେଶନର ଦ୍ୱିତୀୟ ଦିବସ, ବସୁନ୍ଧରା ପଡ଼ିଆ, ବିଡ଼ାନାସୀ, ପୂର୍ବାହ୍ନ ୧୧ଟା।
- ମହ୍ଲାର ପକ୍ଷରୁ ୨୩ତମ ମହ୍ଲାର ଫେଷ୍ଟ ଉତ୍ସବ, ୟୁଜିଏମ୍‌ଇ ସ୍କୁଲ ପରିସର, ମହାନଦୀ ବିହାର, ସନ୍ଧ୍ୟା ୬ଟା।

## କ୍ୟାବିନ ଜଳିଗଲା

**କଟକ ଅଫିସ,୩୧।୧:** ଶୁକ୍ରବାର ପୂର୍ବାହ୍ନରେ ଅଗ୍ନିକାଣ୍ଡ ଘଟି ଚାଉଳିଆଗଞ୍ଜ ଖେଳପଡ଼ିଆ ନିକଟରେ ଥିବା ପାର୍ବତୀ ରାଉତଙ୍କ ପାନ ଦୋକାନ ଜଳିଯାଇଛି। ଫଳରେ କ୍ୟାବିନ୍‌ରେ ଥିବା ସାମଗ୍ରୀ ନଷ୍ଟ ହୋଇଛି। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଶର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଚାଉଳିଆଗଞ୍ଜ ଅଗ୍ନିଶମ କେନ୍ଦ୍ରର ଷ୍ଟେଶନ ଅଫିସର ମୀନକେତନ ବେହେରା ସୂଚନା ଦେଇଛନ୍ତି।

## ଉଚ୍ଛେଦ ସ୍ଥାନ ପରିଦର୍ଶନ କଲେ ଆର୍‌ଡିସି

**କଟକ ଅଫିସ, ୩୧।୧:** ଏସ୍‌ସିବି ମେଡ଼ିକାଲ ପରିସରସ୍ଥ ଉଚ୍ଛେଦ ସ୍ଥାନ ଶୁକ୍ରବାର ପରିଦର୍ଶନ କରିଛନ୍ତି କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆରଡିସି) ଅନିଲ କୁମାର ସାମଲ। କିଛିଦିନ ତଳେ ୧୩ଟି କ୍ୱାର୍ଟର ଭଙ୍ଗା ଯାଇଥିଲା। ଏହି ସମସ୍ତ ସ୍ଥାନ ପରିଦର୍ଶନ କରିବା ପରେ ଆର୍‌ଡିସି ସାମଲ ସ୍ଥାନାନ୍ତର ହେବାକୁ ଥିବା ସୁଇପର କଲୋନୀ ଏବଂ ବେହେରା କଲୋନୀ ମଧ ବୁଲି ଦେଖିଥିଲେ। ଆରଡିସିଙ୍କ ଏହି ପରିଦର୍ଶନ ସମୟରେ ଏସ୍‌ସିବି ମେଡିକାଲର ପ୍ରଶାସନିକ ଅଧିକାରୀ କଳ୍ପତରୁ ବେହେରା ଉପସ୍ଥିତ ଥିଲେ।

## ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

**କଟକ ଅଫିସ, ୩୦।୧:** ଭିଜିଲାନ୍ସ ନିର୍ଦ୍ଦେଶାଳୟର ଏସ୍‌ପି ଅକ୍ଷୟ କୁମାର ଦାସ, ଉପ ନିର୍ବାହୀଯନ୍ତ୍ରୀ ଗୟାଧର ସେନାପତି, ନିର୍ଗମନ ଅଧୀକ୍ଷକ ମହମ୍ମଦ ହୁସେନ ଓ ଡ୍ରାଇଭର ହାବିଲଦାର ଗୋକୁଳାନନ୍ଦ ମହାନ୍ତି ଶୁକ୍ରବାର ଅବସର ଗ୍ରହଣ କରିଛନ୍ତି। ଏହି ଉଦ୍ଦେଶ୍ୟରେ ଏକ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଭିଜିଲାନ୍ସ ନିର୍ଦ୍ଦେଶକ ଡ. ଦେବାଶିଷ ପାଣିଗ୍ରାହୀ ଅଧକ୍ଷତା କରି କହିଥିଲେ, ଅଧିକାରୀମାନଙ୍କ ସଚ୍ଚୋଟତା, ଆନ୍ତରିକତା, ସ୍ପଷ୍ଟବାଦିତା ଏବଂ ଉଚ୍ଚକୋଟୀର କାର୍ଯ୍ୟଧାରା ସେମାନଙ୍କୁ ଜଣେ ଉତ୍ତମ ମଣିଷରେ ପରିଣତ କରିଛି। ଏହି ସଭାରେ ଅତିରିକ୍ତ ଡିଜି ପି.ଏସ୍. ରଣପିସେ, ଡିଆଇଜି ସଞ୍ଜୟ କୁମାର କୌଶଲ, ଆଇନ ଉପଦେଷ୍ଟା ଦିଲ୍ଲୀପ କୁମାର ମିଶ୍ର, ଅଧୀକ୍ଷଣ ଯନ୍ତ୍ରୀ ଶିଶିର କୁମାର ପଟ୍ଟନାୟକ, ଡିଏସ୍‌ପି ପ୍ରଦ୍ୟୁମ୍ନ କୁମାର ଦ୍ୱିବେଦୀ, କୃଷ୍ଣଚନ୍ଦ୍ର ନାୟକ ଓ ପ୍ରସନ୍ନ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଟୁଟୁଆ ହତ୍ୟାକାରୀ ମିଞ୍ଜାଙ୍କୁ ଆଜୀବନ କାରାଦଣ୍ଡ

**ଭୁବନେଶ୍ୱର,୩୧।୧(ବ୍ୟୁରୋ)**

ଖୋର୍ଦ୍ଧା ଜିଲା ବାଲିପାଟଣା ଥାନାଞ୍ଚଳରେ ଘଟିଥିବା ବହୁ ଚର୍ଚ୍ଚିତ ପ୍ରଶାନ୍ତ ପ୍ରଧାନ ଓରଫ ଟୁଟୁଆ ହତ୍ୟା ଘଟଣାର ରାୟ ଶୁକ୍ରବାର ସ୍ପେଶାଲ ଜଜ୍ ସିବିଆଇ-୧ କୋର୍ଟରେ ପ୍ରକାଶ ପାଇଛି। ବିଚାରପତି ଗୋପାଳଚନ୍ଦ୍ର ବେହେରା ଦୋଷୀ ସାବ୍ୟସ୍ତ ହୋଇଥିବା ରୋହିତ ପ୍ରଧାନଙ୍କୁ ଆଜୀବନ କାରାଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ହେଲେ ଅଧିକ ଗୋଟିଏ ବର୍ଷ ସଜା ଭୋଗିବାକୁ ପଡ଼ିବ ବୋଲି ବିଚାରପତି ତାଙ୍କ ରାୟରେ ଶୁଣାଇଛନ୍ତି। ଏହାସହ ମୃତଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଡିଷ୍ଟ୍ରିକ୍ଟ ଲିଗାଲ ସର୍ଭିସ୍ ଅଥରିଟିଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଅର୍ଥାତ୍ ଗତ ମଙ୍ଗଳବାର କୋର୍ଟ ୨୨ଜଣଙ୍କ ସାକ୍ଷ୍ୟ ଓ ୩୩ କାଗଜପତ୍ରକୁ ପରଖିବା ପରେ ରୋହିତଙ୍କୁ ଦୋଷୀ ସାବ୍ୟସ୍ତ କରିଥିବାବେଳେ ଅନ୍ୟ ୫ଜଣ ଏସ୍.କେ. ସାବତ, ପ୍ରଦୀପ କୁମାର ନାୟକ, ବିପିନ କୁମାର ବେହେରା, ସଦାଶିବ ପ୍ରଧାନ ଓ ମନୋରମା ନାୟକଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ। ମାମଲାର ପରିଚାଳନା କରିଥିଲେ ସରକାରୀ ପିପି ସୁରେଶ ବାରିକ। ମାମଲାରୁ ପ୍ରକାଶ, ପୁରୀ ଜିଲା ନିମାପଡ଼ା ଥାନା କାନପୁର ଗ୍ରାମର ସଦାଶିବ ପ୍ରଧାନଙ୍କ ପୁଅ ପ୍ରଶାନ୍ତ ୨୦୧୦ ଜୁଲାଇ ୬ରେ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ଏନେଇ ନିମାପଡା ଥାନାରେ ଅଭିଯୋଗ କରିଥିଲେ। ସେହିମାସ ୧୦ ତାରିଖରେ ଖୋର୍ଦ୍ଧା ଜିଲା ବାଲିପାଟଣା ଥାନା ଅନ୍ତର୍ଗତ ଭଇରିପୁର ଗ୍ରାମସ୍ଥିତ ଏକ ପୋଖରୀରୁ ବସ୍ତାରେ ବନ୍ଧା ହୋଇଥିବା ଏକ ମୃତଦେହ ମିଳିଥିଲା। ମୃତଦେହକୁ ଖଣ୍ଡଖଣ୍ଡ କରି କଟାଯାଇଥିବା ଓ ପଚିଯାଇଥିବାରୁ ପରିବାର ଲୋକେ ଚିହ୍ନଟ କରିବା ସମ୍ଭବ ହୋଇ ନ ଥିଲା। ଡିଏନ୍‌ଏ ଟେଷ୍ଟରୁ ଉକ୍ତ ମୃତଦେହଟି ପ୍ରଶାନ୍ତଙ୍କର ବୋଲି ସ୍ପଷ୍ଟ ହୋଇଥିଲା। ମୃତ ପ୍ରଶାନ୍ତଙ୍କ ବାପା ସଦାଶିବଙ୍କ ଅଭିଯୋଗକ୍ରମେ ବାଲିପାଟଣା ଥାନା ପୋଲିସ କେସ୍ ନଂ-୯୩/୨୦୧୦ ଦଫା ୩୦୨,୨୦୧ ଓ ୩୪ ଲଗାଇ ତଦନ୍ତ ଆରମ୍ଭ କରିଥିଲା। ଜୁଲାଇ ୧୫ରେ ମୁଖ୍ୟ ଅଭିଯୁକ୍ତ ରୋହିତଙ୍କୁ ନିମାପଡ଼ା ବସ୍‌ଷ୍ଟାଣ୍ଡ ନିକଟରୁ ଗିରଫ କରାଯାଇଥିଲା।



ବିଭିନ୍ନ ଦାବି ନେଇ ଦେଶବ୍ୟାପୀ ବ୍ୟାଙ୍କ ଧର୍ମଘଟ ଅବସରରେ କଚେରି ରୋଡସ୍ଥିତ ଏସ୍‌ବିଆଇ କଟକବ୍ରାଞ୍ଚ ସମ୍ମୁଖରେ ଶୁକ୍ରବାର କର୍ମଚାରୀମାନେ ବିକ୍ଷୋଭ କରୁଛନ୍ତି।

## ଦେଶବ୍ୟାପୀ ବ୍ୟାଙ୍କ ଧର୍ମଘଟ

**କଟକ ଅଫିସ, ୩୧।୧**

ବିଭିନ୍ନ ଦାବି ନେଇ ୟୁନାଇଟେଡ ଫୋରମ ଅଫ ବ୍ୟାଙ୍କ ୟୁନିୟନ୍ସ ପକ୍ଷରୁ ଦୁଇଦିନିଆ ଦେଶବ୍ୟାପୀ ଧର୍ମଘଟ ଡାକରା ଦିଆଯାଇଛି। ଯାହାଫଳରେ ଶୁକ୍ରବାର କଟକ ଜିଲାରେ ୬୦୦ରୁ ଊର୍ଦ୍ଧ୍ୱ ସରକାରୀ, ବେସରକାରୀ ଓ ବିଦେଶୀ ବ୍ୟାଙ୍କ ବନ୍ଦ ରହିଛି। ଏଥିଯୋଗୁ ବହୁକୋଟି ଟଙ୍କାର ବ୍ୟାଙ୍କ କାରବାର ବ୍ୟାହତ ହୋଇଛି। ଏହି ଅବସରରେ ବକ୍ସିବଜାରିରୋଡସ୍ଥିତ ଫେଡେରାଲ ବ୍ୟାଙ୍କ ସମ୍ମୁଖରେ ବ୍ୟାଙ୍କ କର୍ମଚାରୀ ଓ ଅଫିସରଙ୍କ ଏକ ମିଳିତ ସମାବେଶ ଅନୁଷ୍ଠିତ ହୋଇଥିଲା। ଏହି ସମାବେଶରେ କିଶୋର ଜେନା, ପ୍ରଦୀପ ଷଡଙ୍ଗୀ, ଶରତ ଚନ୍ଦ୍ର ମଲ୍ଲିକ, ଉପେନ୍ଦ୍ର ମହାନ୍ତି, ଦିଲ୍ଲୀପ ମଲ୍ଲିକ, ବିଜୟ ପ୍ରହରାଜ, ନିଗମ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ




କର୍ମଶାଳାରେ ଯୋଗଦେଇଥିବା ଅତିଥିବୃନ୍ଦ।

**କଟକ ଅଫିସ, ୩୧।୧**

ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ମଧୁସୂଦନ ପ୍ରେକ୍ଷାଳୟରେ ଦୁଇଦିନିଆ ଆନ୍ତର୍ଜାତିକ ସମ୍ମିଳନୀ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ଏହାକୁ ଉଦ୍‌ଘାଟନ କରି କହିଥିଲେ, ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନରେ ଏହିଭଳି ସମ୍ମିଳନୀ ହେବା ଉଚିତ, ଯାହାଦ୍ୱାରା ଛାତ୍ରୀଛାତ୍ରମାନେ ଗବେଷଣାତ୍ମକ ଶିକ୍ଷା ପାଇପାରିବେ। ଏଥିରେ ବକ୍ତାଭାବେ ପ୍ରଫେସର ଏଫ.ଏମ. ସାହୁ ଓ ଫିଲିପାଇନ୍ସସ୍ଥିତ ସେବୁ ନର୍ମାଲ ବିଶ୍ୱବିଦ୍ୟାଳୟର ପ୍ରଫେସର ଏମ.ଏ. ରୋସିତା ଆମୋୟାସ ହେରନାନୀ ଯୋଗଦେଇଥିଲେ। କାନାଡା ଆଲବର୍ଟା ବିଶ୍ୱବିଦ୍ୟାଳୟର ପ୍ରଫେସର ଜେ.ପି. ଦାସ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ମହାବିଦ୍ୟାଳୟର ଅଧକ୍ଷା ଡ. ଚିନ୍ମୟୀ ମହାପାତ୍ର ସ୍ୱାଗତ ଭାଷଣ, ମନସ୍ତତ୍ତ୍ୱବିଜ୍ଞାନ ବିଭାଗ ମୁଖ୍ୟ ଡ. ଝୁମ୍‌କି ରଥ ଅତିଥି ପରିଚୟ ପ୍ରଦାନ, ଅଧ୍ୟାପିକା ଗୋପାଙ୍ଗନା ଦାସ କାର୍ଯ୍ୟକ୍ରମ ପରିଚାଳନା ଓ ଡ. ଯୋଗମାୟା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଏହି ସମ୍ମିଳନୀରେ ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟରୁ ପ୍ରାୟ ୭୦ଜଣ ପ୍ରତିନିଧି ଯୋଗଦେଇଥିଲେ। ଉପସ୍ଥାପିତ ପ୍ରବନ୍ଧଗୁଡ଼ିକ ଏକ ପୁସ୍ତକରେ ସ୍ଥାନ ଦିଆଯିବ। ସେଥିମଧ୍ୟରୁ ଶ୍ରେଷ୍ଠ ବିବେଚିତ ପ୍ରବନ୍ଧକୁ ଉଦ୍‌ଯାପନୀ ଦିବସରେ ପୁରସ୍କୃତ କରାଯିବ।

# ବେଲେଶ୍ୱର ହତ୍ୟା ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ଦାବି

**କଟକ ଅଫିସ,୩୧।୧**

ମଧୁପାଟଣା ଥାନା ଅନ୍ତର୍ଗତ ବେଲେଶ୍ୱର ଗ୍ରାମରେ ଗତ ଡିସେମ୍ବର ୧୩ ତାରିଖରେ ଜଣେ ଅବସରପ୍ରାପ୍ତ ବରିଷ୍ଠ ନାଗରିକ ଓ ତାଙ୍କ ସ୍ତ୍ରୀଙ୍କୁ ହତ୍ୟା କରାଯାଇଥିଲା। ହେଲେ ଏପର୍ଯ୍ୟନ୍ତ ହତ୍ୟାକାରୀଙ୍କ ଟେର୍ ପାଉନି ପୋଲିସ। ଏହାକୁ ନେଇ କଟକ ବରିଷ୍ଠ ନାଗରିକ ମହାସଭା ପକ୍ଷରୁ ଡିଜିପି ଅଭୟଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରାଯାଇଛି। ହତ୍ୟାକାଣ୍ଡର ତଦନ୍ତ ଦାୟିତ୍ୱ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିବାକୁ ଦାବି ହୋଇଛି। ପୋଲିସ ଉପରେ ସହରବାସୀଙ୍କ ଆସ୍ଥା ଓ ବିଶ୍ୱାସ ବଞ୍ଚାଇ ରଖିବାକୁ ହେଲେ ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ କରାଯିବା ଆବଶ୍ୟକ ବୋଲି ମହାସଭା ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ବରିଷ୍ଠ ନାଗରିକମାନଙ୍କୁ ସୁରକ୍ଷା ଦେବାରେ ହେଳା କରାଯାଉଛି ବୋଲି ମଧ ଅଭିଯୋଗ ହୋଇଥିଲା। ପ୍ରତ୍ୟେକ ଥାନାରେ ଥିବା ନୋଡାଲ ଅଫିସର ଏ ଦିଗରେ ବିଶେଷ ଧ୍ୟାନ ଦେବାକୁ ମହାସଭା ପକ୍ଷରୁ ଡିଜିପିଙ୍କୁ ନିବେଦନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମହାସଭା ସଭାପତି ଡ. କୃପାସିନ୍ଧୁ ପଣ୍ଡା, ସମ୍ପାଦକ ବିଷ୍ଣୁମୋହନ ଦାସ ସାମନ୍ତଙ୍କ ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

## ଜାଭିୟର ସ୍କୁଲର ନୂତନ କ୍ୟାମ୍ପସ ଉଦ୍‌ଘାଟିତ

**କଟକ ସଦର,୩୧।୧(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁରସ୍ଥିତ ସେଣ୍ଟ ଜାଭିୟର ସ୍କୁଲର ନୂତନ କ୍ୟାମ୍ପସ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ବ୍ୟାଙ୍କ ଅଫ ଇଣ୍ଡିଆର ଜୋନାଲ ମ୍ୟାନେଜର ୱାଇ.ଏନ.ଦ୍ୱିବେଦୀ ଓ ସହକାରୀ ଜେନେରାଲ ମ୍ୟାନେଜର ଭରତ ବରାଳ, ତୁଷାର ଗୁପ୍ତା ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ ବ୍ୟାଙ୍କର କନ୍ଦରପୁର ଶାଖା ପରିଚାଳକ ପ୍ରଭାତ କୁମାର ବେହେରା, ନରେଶ ଚନ୍ଦ୍ର ଜେନା, ପରିଚାଳନା କମିଟିର ନିର୍ଦ୍ଦେଶିକା ବୈଜୟନ୍ତୀ ଜେନା ଉପସ୍ଥିତ ଥିଲେ। ସ୍କୁଲର ଅଧକ୍ଷ ଖଲିକୁଜ ଜମାଲ ବିବରଣୀ ପାଠ କରିଥିଲେ।

# ଦୁଇଦିନ ହେବ 'ଅଗ୍ନି ମହୋତ୍ସବ'

**କଟକ ଅଫିସ,୩୧।୧**

କଟକ ସହର ଅଗ୍ନି ଉତ୍ସବ କମିଟି ଆନୁକୂଲ୍ୟରେ ସ୍ଥାନୀୟ ଉପର ବାଲିଯାତ୍ରା ପଡ଼ିଆଠାରେ ଅଗ୍ନି ମହୋତ୍ସବ-୨୦୨୦ର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟିର ଆବାହକ ରାଜେନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସୁକାନ୍ତ ସାହୁ ଗତବର୍ଷର ଆୟବ୍ୟୟ ପାଠ କରିଥିଲେ। ପ୍ରଦୀପ ସାହୁ ଚଳିତବର୍ଷ ଅଗ୍ନି ମହୋତ୍ସବ ଆୟୋଜନ ସମ୍ପର୍କରେ ସୂଚନା ଦେଇଥିଲେ। ଆଗାମୀ ମହୋତ୍ସବକୁ ଏକ ଦିନ ପରିବର୍ତ୍ତେ ଦୁଇ ଦିନ ବାଲିଯାତ୍ରା ଉପର ପଡ଼ିଆରେ ପାଳନ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଆସନ୍ତା ୮ ଓ ୯ ତାରିଖରେ ଏହି ଉତ୍ସବ ହେବ। ଉତ୍ସବରେ ରାଜ୍ୟର ସୁନାମଧନ୍ୟ କଣ୍ଠଶିଳ୍ପୀ ଓ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ପାରମ୍ପରିକ ପିଠାପଣାର ଆୟୋଜନ କରିବା ପାଇଁ ମଧ କମିଟି ନିଷ୍ପତ୍ତି ନେଇଛି। ବିଡ଼ାନାସୀଠାରୁ ବିଦ୍ୟାଧରପୁର ଅଞ୍ଚଳ ପର୍ଯ୍ୟନ୍ତ ବାସ କରୁଥିବା ସମସ୍ତ ତୈଳିକ ପରିବାର ସାମିଲ ହେବା ସହ ସହର ବାହାରୁ ତୈଳିକ ପରିବାର ସାମିଲ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ବୈଠକରେ ମଧୁସୂଦନ ସାହୁ, ରାକେଶ ସାହୁ, ବୁଲା ସାହୁ, ନିରଞ୍ଜନ ସାହୁ, ଅକ୍ଷୟ ସାହୁ, ପ୍ରଦୀପ ସାହୁ, ଭିକାରି ସାହୁ, ସୁରେନ୍ଦ୍ର ସାହୁ, ଶରତ ସାହୁଙ୍କ ସମେତ ସହରର ସମସ୍ତ ଅଞ୍ଚଳରୁ ମୁରବି ପ୍ରତିନିଧି ଯୋଗଦେଇଥିଲେ।

## ଏବିଭିପିର ରାଜ୍ୟ ଅଧିବେଶନ ଉଦ୍‌ଘାଟିତ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଛାତ୍ରୀଛାତ୍ର।

**କଟକ ଅଫିସ, ୩୧।୧**

ବିଡାନାସୀସ୍ଥିତ ବସୁନ୍ଧରା ପଡିଆଠାରେ ଶୁକ୍ରବାର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର(ଏବିଭିପି) ୪୪ତମ ରାଜ୍ୟ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ରାଷ୍ଟ୍ରୀୟ ସମ୍ପାଦକ ଆଶିଷ ଚୌହାନ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ରାଜ୍ୟ ସଭାପତି ଓ ସମ୍ପାଦକ ନିର୍ବାଚନ ହୋଇଥିଲା। ସଙ୍ଗଠନର ପ୍ରାକ୍ତନ ରାଜ୍ୟ ସଭାପତି ଦିଲ୍ଲୀପ ଦାସଙ୍କ ଦ୍ୱାରା ରାଜ୍ୟର ମହାନଗର ଓ ନଗର ଶାଖାର ମତ ଅନୁସାରେ ସଭାପତି ଭାବେ ଡ. ଭାଗୀରଥି ପୃଷ୍ଟି ଓ ସମ୍ପାଦକ ଭାବେ ଶଶିକାନ୍ତ ମିଶ୍ର ନିର୍ବାଚିତ ହୋଇଥିଲେ। ଏହି ଅଧିବେଶନରେ ଦେଶର ଶିକ୍ଷା ଓ ସାମାଜିକ ସ୍ଥିତି ଏବଂ ସଙ୍ଗଠନର କାର୍ଯ୍ୟାବଳୀ ଉପରେ ଆଲୋଚନା ହୋଇଥିଲା। ଏହି ଅଧିବେଶନରେ ପରିଚାଳନା ସମିତି ଅଧକ୍ଷ ସୌରଚନ୍ଦ୍ର ମହାପାତ୍ର, ଡ. କିଶାନଲାଲ ଅଗ୍ରୱାଲ, ଡ. ମାନସ ସାହୁ, ମହାନଗର ସମ୍ପାଦିକା ସୋନାଲୀ ବେହେରା, ସହଦେବ ସାହୁଙ୍କ ସମେତ ରାଜ୍ୟର ବହୁ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରୁ ୧ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଅଧିବେଶନର ଦ୍ୱିତୀୟ ଦିବସରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେବେ ବୋଲି ସଙ୍ଗଠନ ପକ୍ଷରୁ ସୂଚନା ଦିଆଯାଇଛି।

## ମାଘସପ୍ତମୀ ବୁଡ଼ ପାଇଁ ମନ୍ଦିରରୁ ବାହାରିଲେ ଶୋଭନେଶ୍ୱର

**ନିଆଳି ତା ୩୧।୧(ଡି.ଏନ୍.ଏ.)**

ନିଆଳି ଅଞ୍ଚଳର ଇଷ୍ଟ ଦେବତା ଶ୍ରୀ ଶୋଭନେଶ୍ୱର ମହାଦେବ ମାଘସପ୍ତମୀ ବୁଡ଼ ପାଇଁ ଶୁକ୍ରବାର ସନ୍ଧ୍ୟାରେ ମନ୍ଦିରରୁ ବାହାରି ପ୍ରାଚୀ ନଦୀର ସୁନାମୁହିଁ ଘାଟ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ଶୋଭନେଶ୍ୱରଙ୍କ ଚଳନ୍ତି ପ୍ରତିମାକୁ ଏକ ସୁସଜ୍ଜିତ ବିମାନରେ ବସାଯାଇଥିଲା। ଏହା ପରେ ଏକ ଶୋଭାଯାତ୍ରାରେ ବାଜା, ବାଣ, ଘଣ୍ଟଘଣ୍ଟା, ବାଡିଖେଳ,ବନିଟି ଖେଳ, ଲଉଡି ଖେଳ, ହରିବୋଲ, ହୁଳହୁଳି ମାଧ୍ୟମରେ ଦିନାସିଂହପାଟଣା ନିକଟ ପ୍ରାଚୀ ନଦୀର ସୁନାମୁହିଁ ଘାଟକୁ ନିଆଯାଇଥିଲା। ଏହି ଶୋଭାଯାତ୍ରାରେ ହଜାର ହଜାର ଶ୍ରଦ୍ଧାଳୁ ସାମିଲ ହୋଇଥିବା ବେଳେ ଘାଟ ନିକଟରେ ବୁଡ଼ ପକାଇବା ପାଇଁ ଭକ୍ତମାନେ ଅପେକ୍ଷା କରିଥିବା ଦେଖିବାକୁ ମିଳିଥିଲା। ଶନିବାର ଭୋରରୁ ଶୋଭନେଶ୍ୱର ପ୍ରାଚୀ ନଦୀରେ ସ୍ନାନ କରିବା ପରେ ଭକ୍ତମାନେ ବୁଡ଼ ପକାଇବେ ବୋଲି ଜଣାପଡିଛି। ଘାଟ ଓ ମାଘ ସପ୍ତମୀ ପଡ଼ିଆକୁ ଆଲୋକମାଳାରେ ସଜାଯାଇଛି।

## ପୋତାପୋଖରୀରେ ହେବ ବିଜୁ ପଟ୍ଟନାୟକ ସଂସ୍କୃତି ଭବନ

**କଟକ ଅଫିସ, ୩୧।୧**

କଟକ ମହାନଗର ନିଗମ ଅନ୍ତର୍ଗତ ପୋତାପୋଖରୀଠାରେ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଶୁକ୍ରବାର ବିଜୁ ପଟ୍ଟନାୟକ ସଂସ୍କୃତି ଭବନର ଶିଳାନ୍ୟାସ କରିଛନ୍ତି। ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବିଧାୟକ ସୌଭିକ ବିଶ୍ୱାଳ ଯୋଗଦେଇ ଆସନ୍ତା ଦୁଇ ବର୍ଷ ମଧ୍ୟରେ ଏହି ଭବନର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିସହିତ




ଶିଳାନ୍ୟାସ ଅବସରରେ ମନ୍ତ୍ରୀ ପ୍ରତାପ ଜେନା ଓ ଅନ୍ୟମାନେ।

ମନ୍ତ୍ରୀ ଜେନା ପୋତାପୋଖରୀସ୍ଥିତ ନେତାଜୀ ଖେଳପଡିଆରେ ଏକ ଗ୍ୟାଲେରି ଉଦ୍‌ଘାଟନ କରିବା ସହ ରାଧାକୃଷ୍ଣଜୀଉଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମେୟର ମୀନାକ୍ଷୀ ବେହେରା, ପୂର୍ବତନ ଡେପୁଟି ମେୟର ଅଜୟ କୁମାର ବାରିକ, ବିଜୟ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ।

## କଟକ ଜିଲା ସମ୍ବାଦପତ୍ର, ପତ୍ରିକା ବିକ୍ରେତା ସଂଘର ବନ୍ଧୁମିଳନ

**କଟକ ଅଫିସ, ୩୧।୧**

କଟକ ଜିଲା ସମ୍ବାଦପତ୍ର ଓ ପତ୍ରିକା ବିକ୍ରେତା ସଂଘର ବନ୍ଧୁମିଳନ ଦେଓଝରରେ ଅନୁଷ୍ଠିତ ହୋଇଛି। ଗତ ୨୭ ତାରିଖରେ ସଂଘ ସଭାପତି ସତ୍ୟ ମହାନ୍ତିଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ନୂଆବଜାରରୁ ବାହାରିଥିଲେ। ପରେ ସଦସ୍ୟମାନେ ଚମ୍ପେଶ୍ୱରନାଥ ମନ୍ଦିର, ଭଟାରିକା, ଅଂଶୁପା ଆଦି ସ୍ଥାନ ବୁଲିଥିଲେ। ଏଥିରେ ସଂଘର ଉପଦେଷ୍ଟା କାର୍ତ୍ତିକ ଚନ୍ଦ୍ର ସିଂ, ଉପସଭାପତି କୈଳାସ ଚନ୍ଦ୍ର ପରିଡ଼ା, ସାଧାରଣ ସମ୍ପାଦକ ବିଷ୍ଣୁମୋହନ ଘଡାଇ, କୋଷାଧକ୍ଷ ରଞ୍ଜନ ବିଶୋଇ, ଶମ୍ଭୁ ହେମ୍ବ୍ରମ୍, ବିରଞ୍ଚି ନାରାୟଣ ମହାନ୍ତି, ରଞ୍ଜନ ପ୍ରଧାନ, ଅଶୋକ ପଣ୍ଡା, ମଙ୍ଗୁ ରାଉତ ପ୍ରମୁଖ ସାମିଲ ହୋଇଥିଲେ।

## ସରକାରଙ୍କୁ ପ୍ରତିବାଦ ଜଣାଇଲେ ମହିଳା

**କଟକ ଅଫିସ, ୩୧।୧**

ବୋସ୍ କ୍ୟାମ୍ପସ ମଧ୍ୟରେ ଥିବା ପୂର୍ତ୍ତ ବିଭାଗ, ଜାତୀୟ ରାଜପଥ, ମତ୍ସ୍ୟ ବିଭାଗ, ଜଳସମ୍ପଦ ବିଭାଗ, ଡାଇରେକ୍ଟୋରେଟ ଅଫ ଟେକ୍ନିକାଲ ଏଜୁକେଶନ ଏବଂ ବୋସ୍‌ର ବହୁ ପରିବାରବର୍ଗଙ୍କୁ ଏସ୍‌ସିବି ମେଡିକାଲ ଦ୍ୱିତୀୟ କ୍ୟାମ୍ପସ ପାଇଁ ଏକ ମାସ ମଧ୍ୟରେ ସରକାରୀ ବାସଭବନ ଖାଲି କରିବାକୁ ବିଭାଗୀୟ ଅଧିକାରୀ ଆଦେଶନାମା ଜାରି କରିଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ସହରରେ ଏତେ ସଂଖ୍ୟାର ଭଡାଘର ମିଳିବା କଷ୍ଟକର। ଆଗକୁ ପରୀକ୍ଷା ଆସୁଥିବାରୁ ପିଲାମାନଙ୍କ ପାଠପଢାରେ ପ୍ରଭାବ ପଡ଼ିବା ଆଶଙ୍କା ରହିଛି




ମାନବଶୃଙ୍ଖଳ ମାଧ୍ୟମରେ ମହିଳାମାନେ ପ୍ରତିବାଦ ଜଣାଉଛନ୍ତି।

ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଏହା ବିରୋଧରେ ଶୁକ୍ରବାର ଶତାଧିକ ମହିଳା ମାନବଶୃଙ୍ଖଳ ଦ୍ୱାରା ସରକାରଙ୍କ ନିକଟରେ ନିଜର ପ୍ରତିବାଦ ଜଣାଇଛନ୍ତି। ତୁରନ୍ତ ବିକଳ୍ପ ବ୍ୟବସ୍ଥା ନ ହେବା ଯାଏ ଜାରି ହୋଇଥିବା ଆଦେଶନାମାକୁ ପ୍ରତ୍ୟାହାର କରିବାକୁ ଦାବି ହୋଇଛି। ଅନ୍ୟପକ୍ଷରେ ଏହାକୁ ନେଇ ଆଗାମୀ ଦିନରେ ଜିଲାପାଳଙ୍କୁ ଭେଟିବେ ବୋଲି ଅଞ୍ଚଳବାସୀ କହିଥିଲେ।

## ପୂର୍ବ ଶତ୍ରୁତାରୁ ଗଣ୍ଡଗୋଳ: ଜଣେ ଗିରଫ

**କଟକ ଅଫିସ,୩୧।୧**

ଗଣ୍ଡଗୋଳ କରିବା ଅଭିଯୋଗରେ କ୍ୟାଣ୍ଟନମେଣ୍ଟ ପୋଲିସ ଶୁକ୍ରବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସୂତାହାଟ ତନ୍ତିସାହିର କେ. ଆଦିନାରାୟଣ ରାଓ। ପୋଲିସ ସୂତ୍ରରୁ ପ୍ରକାଶ, ପୂର୍ବ ବିବାଦକୁ କେନ୍ଦ୍ରକରି ସୂତାହାଟ ତନ୍ତିସାହିର ବି. ଶ୍ରୀନିବାସ ରାଓ ଓ ଆଦିନାରାୟଣଙ୍କ ମଧ୍ୟରେ ଗୁରୁବାର ଗଣ୍ଡଗୋଳ ହୋଇଥିଲା। ଆଦିନାରାୟଣ ଉତ୍ତ୍ୟକ୍ତ ହୋଇ ଶ୍ରୀନିବାସଙ୍କୁ ନିସୁକ ମାଡ ମାରିଥିଲେ। ଏ ନେଇ ଶ୍ରୀନିବାସ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୪/୨୦) ରୁଜୁକରିଥିଲା।

# ଆଦେଶନାମାକୁ ମାନିଲେନି ୨୭ ସରପଞ୍ଚ

**କଟକ ସଦର,୩୧।୧(ଡି.ଏନ୍.ଏ.)**

**ରାସ୍ତା ଆଲୋକୀକରଣ ପ୍ରକଳ୍ପ**

କଟକ ଜିଲାର ବିଭିନ୍ନ ବ୍ଲକରେ ଗ୍ରାମ୍ୟ ରାସ୍ତା ଆଲୋକୀକରଣ କରିବା ପାଇଁ ଏକ ନିର୍ଦ୍ଦିଷ୍ଟ ଠିକା ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା। ଉକ୍ତ ସଂସ୍ଥା ଦ୍ୱାରା ସମସ୍ତ ପଞ୍ଚାୟତର ସରପଞ୍ଚମାନେ ନିଜ ନିଜ ଅଞ୍ଚଳରେ ଏଲଇଡି ଲାଇଟ ଲଗାଇବା ଲାଗି କଟକ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ୨୦୧୯ ସେପ୍ଟେମ୍ବରରେ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶକୁ କଟକ ଜିଲାର ୨୭ ପଞ୍ଚାୟତ ପାଳନ ନ କରି ଅନ୍ୟ ସଂସ୍ଥା ଦ୍ୱାରା ଏଲଇଡି ଲାଇଟ ଲଗାଇଥିବା ଗ୍ରାମ୍ୟ ଉନ୍ନୟନ ସଂସ୍ଥାରେ ଶୁକ୍ରବାର ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଚତୁର୍ଦ୍ଦଶ ଅର୍ଥ କମିଶନଙ୍କ ଆର୍ଥିକ ଅନୁଦାନରେ ଗ୍ରାମାଞ୍ଚଳରେ ଆଲୋକୀକରଣ ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ଏକ ଠିକା ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା। ପ୍ରକଳ୍ପ ନିର୍ଦ୍ଦେଶକ ତଥା କଟକ ଜିଲା ପରିଷଦର ସମ୍ପାଦକ ପତ୍ର ସଂଖ୍ୟା ୪୧୨/ ୬-୯-୧୯ରେ ୧୪ଟି ବ୍ଲକରେ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶନାମା ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ଚିଠି ନଂ. ୪୨୨୬/୨୫-୨-୧୯କୁ ଆଧାର କରି ଦିଆଯାଇଥିଲା। ପ୍ରଥମାବସ୍ଥାରେ ଜିଲା ମଧ୍ୟରେ ଥିବା ୨୭ ପଞ୍ଚାୟତର ସରପଞ୍ଚମାନେ ଆଦେଶ ନ ମାନି ବାହାର ଠିକା ସଂସ୍ଥାଠାରୁ ଏଲଇଡି ଲାଇଟ କ୍ରୟ କରି ରାସ୍ତାରେ ଲଗାଇଛନ୍ତି। ଏହା ସରକାରୀ ନିର୍ଦ୍ଦେଶନାମାକୁ ଉଲ୍ଲଂଘନ କରିଛି। ଅଭିଯୋଗ ସମ୍ପର୍କରେ କଟକ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ମହମ୍ମଦ ଅବଦ୍ଦାଲ ଅଖତାର କୁହନ୍ତି, ଏହା ଉପରେ ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସୂଚନାଥାଉ କି, ରାଜ୍ୟ ସରକାର ଏହି ପ୍ରକଳ୍ପରେ ଆଉ ଟଙ୍କା ଖର୍ଚ୍ଚ କରାଯାଇ ପାରିବ ନାହିଁ ବୋଲି ପଞ୍ଚାୟତିରାଜ ବିଭାଗ ପତ୍ରସଂଖ୍ୟା ୨୨୯୯/୨୯-୧-୨୦୨୦ ରେ ନିର୍ଦ୍ଦେଶନାମା ଜାରି କରିଛନ୍ତି।

**ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କ ମୃତ୍ୟୁ**

ଚୌଦ୍ୱାର,(ଡି.ଏନ୍.ଏ.): ସଡ଼କ ଦୁର୍ଘଟଣାରେ ଆହତ ହୋଇଥିବା ବ୍ୟକ୍ତିଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ହେଲେ ଇନ୍ଦ୍ରାଣୀପାଟଣା ପଞ୍ଚାୟତ ଗୌଖାନା ଗ୍ରାମର ଅରକ୍ଷିତ ନାୟକ। ଅରକ୍ଷିତ ଗୁରୁବାର ରାତିରେ ବିଲ୍ଟ କାରଖାନା ରାସ୍ତାରେ ଯାଉଥିବାବେଳେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ପରିବାର ଲୋକେ ତାଙ୍କୁ ପ୍ରଥମେ ଚୌଦ୍ୱାର ପରେ କଟକର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।



## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଶ୍ରମିକ ମୃତ

**ନିଶ୍ଚିନ୍ତକୋଇଲି,୩୧।୧(ସ୍ୱ.ପ୍ର.):** ବିଦ୍ୟୁତ୍ ଆଘାତରେ ଶୁକ୍ରବାର ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ବୁହାଲ ଗ୍ରାମର ଅଭିରାମ ସେଠୀ(୪୫)। ଅପରାହ୍ନରେ ଅଭିରାମ ଢଳେଇ କାର୍ଯ୍ୟସାରି ମିକ୍ସ୍ଚର ମେଶିନକୁ ରାସ୍ତାକୁ ଆଣୁଥିବାବେଳେ ଏକ ବିଦ୍ୟୁତ୍ ତାର ସର୍ଟ ସର୍କିଟ ହୋଇ ମିକଶ୍ଚର ମେଶିନ ଉପରେ ଛିଡି ପଡିଥିଲା। ଫଳରେ ମେଶିନ ଚାର୍ଜ ହୋଇ ଯାଇଥିଲା। ଅଭିରାମ ମେଶିନ ଧରିଥିବାରୁ ତାଙ୍କ ଦେହରେ ବିଦ୍ୟୁତ୍ ଆଘାତ ଲାଗିଥିଲା। ଘଟଣାସ୍ଥଳରେ ସେ ଗୁରୁତର ହୋଇ ପଡିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବ୍ଲକ ଉପାଧକ୍ଷା ସବିତା ମହାନ୍ତି ଓ ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି। ନିୟମ ଅନୁସାରେ ଅଭିରାମଙ୍କ ପରିବାରକୁ ସହାୟତା ଯୋଗାଇ ଦିଆଯିବ ବୋଲି ଉଭୟ ପ୍ରତିଶ୍ରୁତି ଦେଇଛନ୍ତି।

### ଖଳାରୁ ଧାନ ଖାଇଗଲେ ହାତୀ

**ଟିଗିରିଆ,୩୧।୧(ଡି.ଏନ.ଏ.):** ଟିଗିରିଆ ଥାନା ଅଧୀନ ହରିଡ଼ାପଶି ଗ୍ରାମରେ ଜଙ୍ଗଲୀ ହାତୀ ପଶି ବ୍ୟାପକ କ୍ଷତି ଘଟାଇଛନ୍ତି। ଗୁରୁବାର ରାତିରେ ଗ୍ରାମର ଚଉପାଢ଼ୀ ସାହିକୁ ୨ ହାତୀ ପଶି ଦୀପୁ ସ୍ୱାଇଁଙ୍କ ଖଳାରେ ଥିବା ଧାନ ଖାଇଥିବା ଅଭିଯୋଗ ହୋଇଛି। ପ୍ରତିବର୍ଷ ଧାନ ଅମଳ ସମୟରେ ହରିଡ଼ାପଶିରେ ହାତୀଙ୍କ ଦୌରାତ୍ମ୍ୟ ଦେଖିବାକୁ ମିଳୁଛି। ଗତବର୍ଷ ଭୋର ସମୟରେ ଶୌଚ ହେବାକୁ ଯାଇଥିବା ଜଣେ ବ୍ୟକ୍ତିଙ୍କୁ ଏକ ଦନ୍ତା ଦଳିଚକଟି ମାରି ଦେଇଥିଲା। ତେଣୁ ବନ ବିଭାଗ ଲୋକଙ୍କ ଧନ ଓ ଜୀବନକୁ ସୁରକ୍ଷିତ କରିବା ଦିଗରେ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରିବାକୁ ଦାବି ହୋଇଛି। ଏ ସମ୍ପର୍କରେ ଟିଗିରିଆ ବନପାଳ ରାକେଶ ପ୍ରଧାନ କହିଛନ୍ତି, ଗୋଟିଏ ହାତୀ ଗ୍ରାମ ନିକଟ ଜଙ୍ଗଲରେ ଚଳପ୍ରଚଳ କରୁଛି। ତେବେ ଉକ୍ତ ଗ୍ରାମରେ ହାତୀ ଘଉଡ଼ାଇବା ଲାଗି କର୍ମଚାରୀ ନିୟୋଜିତ ରହିଛନ୍ତି।

### ଅବକାରୀ ଚଢ଼ାଉ, ୨ ଗିରଫ

**ବାଙ୍କୀ,୩୧।୧(ବି.ପ୍ର.):** ବାଙ୍କୀ ଅବକାରୀ ବିଭାଗ ପକ୍ଷରୁ କଳାପଥର ଓ ଫାସିବସ୍ତ ଗ୍ରାମରେ ଚଢାଉ କରାଯାଇ ୨୮ଲିଟର ଚୋରା ରନ୍ଧା ମଦ ଜବତ କରାଯିବା ସହ ୨ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ କଳାପଥର ଗ୍ରାମର ହାଡିବନ୍ଧୁ ସାହୁ(୩୪) ଓ ଫାସିବସ୍ତ ଗ୍ରାମର ପୂର୍ଣ୍ଣଚନ୍ଦ୍ର ନାୟକ(୩୦)। ଉଭୟ ଚୋରାମଦ କାରବାର କରୁଥିବା ଅଭିଯୋଗ ହୋଇଥିଲା। ଅବକାରୀ ବିଭାଗ ଅଧିକାରୀ ଅଶୋକ କୁମାର ଶତପଥୀଙ୍କ ନିର୍ଦ୍ଦେଶକ୍ରମେ ଉପନିରୀକ୍ଷକ ତେଲେସଙ୍ଗର ଲାଖରା, ସହକାରୀ ଉପନିରୀକ୍ଷକ ଦୀପକ ସାମଲ, ସନ୍ତୋଷ ମହାରଣା, ସଞ୍ଜୟ ରାଉତ, ସୋନାଲୀ ନାୟକ ପ୍ରମୁଖ ଚଢାଉ କରିଥିଲେ।

# ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ସଚିବ ରଞ୍ଜନା ଚୋପ୍ରା

ଆଠଗଡ଼,୩୧।୧(ସ୍ୱ.ପ୍ର.)

ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ପ୍ରମୁଖ ସଚିବ ରଞ୍ଜନା ଚୋପ୍ରା ଶୁକ୍ରବାର ଆଠଗଡ଼ ବ୍ଲକ ଅଞ୍ଚଳ ଗସ୍ତ କରିଛନ୍ତି। ସେ ଗସ୍ତ ସମୟରେ ଆଠଗଡ଼ ବ୍ଲକର ଭୋଗରା ପଞ୍ଚାୟତ ଓ କଟିକିଆ ସାହି ପଞ୍ଚାୟତରେ ହୋଇଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ। ଭୋଗରା ପଞ୍ଚାୟତରେ ଅପରାହ୍ନରେ

**ସଚିବଙ୍କ ଟିଗିରିଆ, ଆଠଗଡ଼ ଗସ୍ତ**

ପହଞ୍ଚି ଉନ୍ନୟନ ମୂଳକ କାର୍ଯ୍ୟ ତଦାରଖ କରିବା ସହ ବ୍ୟକ୍ତିଗତଭାବେ ହିତାଧିକାରୀଙ୍କୁ ଭେଟି ସେମାନଙ୍କ ସମସ୍ୟା ସମ୍ପର୍କରେ ବୁଝିଥିଲେ। ପଞ୍ଚାୟତରେ ହୋଇଥିବା ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପ୍ରକଳ୍ପ, ଇନ୍ଦିରା ଆବାସ, ବିଜୁ ପକ୍କାଘର, ସୌଭାଗ୍ୟ ଯୋଜନା ଓ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ସମ୍ପର୍କରେ ଲୋକଙ୍କୁ ପଚାରି ବୁଝିଥିଲେ। ପରେ କଟିକିଆ ସାହି ପଞ୍ଚାୟତ ଗସ୍ତ କରି ସେଠାରେ ନିର୍ମାଣାଧୀନ ଉଠା ଜଳସେଚନ ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା କରିଥିଲେ। ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟା ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତାଙ୍କ ଗସ୍ତ ସମୟରେ ଜିଲାପାଳ ଭବାନୀଶଙ୍କର ଚୟନୀ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ମହମ୍ମଦ ଅବଦଲ ଅଖତାର, ଉପଜିଲାପାଳ ଅମୀୟ ସାହୁ, ବିଡିଓ ଅଜାମ୍ବର ମହାନ୍ତି, ତହସିଲଦାର ତପନ ଖୁଣ୍ଟିଆଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

## ପୋପରା ଆଶ୍ରମ ବିଦ୍ୟାଳୟ ସମସ୍ୟା ବୁଝିଲେ

ଟିଗିରିଆ,୩୧।୧(ଡି.ଏନ.ଏ.)

ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ପ୍ରମୁଖ ସଚିବ ରଞ୍ଜନା ଚୋପ୍ରା ଟିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁ ପଞ୍ଚାୟତର ନୂଆସଡ଼କସ୍ଥିତ ପୋପରା ଆଶ୍ରମ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଏହି ସମୟରେ ସେ ବିଦ୍ୟାଳୟର ପରିମଳ, ଶ୍ରେଣୀଗୃହ ଓ ହଷ୍ଟେଲ ଆଦି ବୁଲି ଦେଖିବା ପରେ ବିଦ୍ୟାର୍ଥୀଙ୍କ ସହ ଆଲୋଚନା କରିଥିଲେ। ବିଦ୍ୟାଳୟର ସୁବିଧା ଅସୁବିଧା ସମ୍ପର୍କରେ ପ୍ରଧାନଶିକ୍ଷୟିତ୍ରୀ ସୁଲୋଚନା ରାଉତଙ୍କଠାରୁ ପଚାରି ବୁଝିଥିଲେ। ବିଦ୍ୟାଳୟରେ ବାଳକ ହଷ୍ଟେଲ ଗୃହ ଓ ଖାଇବା କକ୍ଷ, ରୋଷେଇ ଘର ନ ଥିବାରୁ ତୁରନ୍ତ ଏହାର ନିର୍ମାଣ ପାଇଁ ଆକଳନ ପ୍ରସ୍ତୁତ କରି ଜଣାଇବାକୁ ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସଚିବ ବିଭାଗୀୟ ନିୟନ୍ତ୍ରଣ କକ୍ଷ ସହ ସଂଯୁକ୍ତ ବିଦ୍ୟାଳୟରେ ଥିବା ହେଲ୍ପଲାଇନ ନମ୍ବରକୁ ଡାଏଲ କରି ଯାଞ୍ଚ କରିଥିଲେ। ପିଲାଙ୍କ ପାଇଁ ଖେଳପଡ଼ିଆ ସମସ୍ୟା ସଂକ୍ରାନ୍ତରେ ମଧ୍ୟ ଆଲୋଚନା ହୋଇଥିଲା। ସଚିବଙ୍କ ଏହି ପରିଦର୍ଶନ ସମୟରେ ଜିଲାପାଳ, ବ୍ଲକ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସହ ଟିଗିରିଆ ତହସିଲଦାର ତଥା ଭାରପ୍ରାପ୍ତ ବିଡିଓ ପରେଶ ନାୟକ, ବ୍ଲକ ମଙ୍ଗଳ ଅଧିକାରୀ ରଞ୍ଜୁ ଦେଇ, ବ୍ଲକ ସହକାରୀ ଯନ୍ତ୍ରୀ ଓ ଗ୍ରାମ୍ୟ ଜଳ ଯୋଗାଣ ଏବଂ ପରିମଳ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାର୍ଥୀ ବିଭିନ୍ନ କ୍ଷେତ୍ରରେ ପ୍ରତିଭା ପ୍ରଦର୍ଶନ କରି କୃତିତ୍ୱ ହାସଲ କରିଥିବା ଜାଣି ସଚିବ ସନ୍ତୋଷ ପ୍ରକାଶ କରିଥିଲେ।


ପୋପରା ଆଶ୍ରମ ବିଦ୍ୟାଳୟ ବୁଲୁଛନ୍ତି ସଚିବ, ଜିଲାପାଳ ଓ ଅନ୍ୟ ଅଧିକାରୀ।


ବାଙ୍କୀ ବ୍ଲକ ଅଧୀନ ଚର୍ଚ୍ଚିକା ଗ୍ରାମର ଶ୍ରୀରଘୁନାଥ ଦେବଙ୍କ ବାର୍ଷିକ ଉତ୍ସବ ଉପଲକ୍ଷେ ଆୟୋଜିତ କଳସ ଶୋଭାଯାତ୍ରା।


ବଡ଼ମ୍ବା ବ୍ଲକ ଅଧୀନ ଶଙ୍ଖାମେରୀ ଶନିଶ୍ଚର ଦେବଙ୍କ ବାର୍ଷିକ ଉତ୍ସବ ଅବସରରେ କଳସ ଯାତ୍ରା କରାଯାଉଛି।

## କେଶପୁର-କୋରପଦା ରାସ୍ତା ଶିଳାନ୍ୟାସ

କଟକ ସଦର,୩୧।୧(ଡି.ଏନ୍.ଏ.)

କଟକ ସଦର ବ୍ଲକ ଅନ୍ତର୍ଗତ ଆୟଉପୁର ପଞ୍ଚାୟତ କେଶପୁର-କୋରପଦା ରାସ୍ତାର ଶିଳାନ୍ୟାସ ଶୁକ୍ରବାର ବିଧାୟକ ଚନ୍ଦ୍ରସାରଥି ବେହେରାଙ୍କ ଦ୍ୱାରା ହୋଇଯାଇଛି। ପ୍ରାୟ ୨୦ଲକ୍ଷ ଟଙ୍କା ବ୍ୟୟରେ ରାସ୍ତା କାର୍ଯ୍ୟ କରାଯିବ। ଏହା ପରେ ରାସ୍ତା ଆଲୋକୀକରଣ ସହ ଫକୀରପଡ଼ା, କନ୍ଦରପୁର ଓ ଆୟଉପୁର ପଞ୍ଚାୟତର ମଧ୍ୟସ୍ଥଳରେ ଏକ ବ୍ୟାୟାମଶାଳା କରାଯିବ ବୋଲି ବିଧାୟକ ବେହେରା କହିଥିଲେ। ଆୟଉପୁର ପଞ୍ଚାୟତ ସଭାପତି ରୋହିତ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ପ୍ରମୋଦ ମହାପାତ୍ର, ପଣ୍ଡିତ କୃଷ୍ଣଚନ୍ଦ୍ର ତ୍ରିପାଠୀ, କିଶୋର ସାହୁ, ଭିକାରୀ ଚରଣ ବେହେରା, ରଜନୀକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସରପଞ୍ଚ ଯତୀନ ରାଉଳ, ପ୍ରଫୁଲ୍ଲ ଭୋଇ, ପ୍ରମୋଦ ରାଉତ ପ୍ରମୁଖ ପଞ୍ଚାୟତର ସମସ୍ୟା ସମ୍ପର୍କରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସୁକାନ୍ତ ହାତୀ ଓ ପ୍ରଦୀପ୍ତ ମାହାଳି ବିଜେଡିରେ ଯୋଗଦେଇଥିଲେ। ରମେଶ ଚନ୍ଦ୍ର ହାତୀ, ହିମାଂଶୁ ଶେଖର ଦାସ ଓ ଶିବ ଚରଣ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

## କ୍ରିକେଟ: ଫକୀରପଡ଼ା ଚାମ୍ପିୟନ

ନରାଜ,୩୧।୧(ଡି.ଏନ.ଏ.)

ବାରଙ୍ଗ ବ୍ଲକ ଅଧୀନ ମହାବୀର ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଚାଲିଥିବା ନରଣପୁର କପ୍ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ମୁଣ୍ଡମୁହାଣ ଓ ଫକିରପଡା ମଧ୍ୟରେ ହୋଇଥିଲା। ମୁଣ୍ଡମୁହାଣ ଟସ୍ ଜିତି ନିର୍ଦ୍ଧାରିତ ୧୫ ଓଭର ଖେଳି ୬ଟି ଉଇକେଟ ହରାଇ ୧୦୦ ରନ ସଂଗ୍ରହ କରିଥିଲା। ଫକିରପଡା ୧ ଉଇକେଟ ହରାଇ ୧୨ ଓଭର ୧ଟି ବଲ ଖେଳି ୧୦୧ ରନ ସଂଗ୍ରହକରି ଚାମ୍ପିୟନ ହୋଇଥିଲା। ଫକିରପଡା ଦଳର ସଞ୍ଜୟ ସ୍ୱାଇଁ ମ୍ୟାନ ଅଫଦି ମ୍ୟାଚ ହୋଇଥିଲାବେଳେ ମୁଣ୍ଡମୁହାଣ ଦଳର ଚନ୍ଦନ ରାଉତ ମ୍ୟାନ ଅଫଦି ସିରିଜ ହୋଇଥିଲେ। ସୁଭ୍ରଜିତ ବିଶ୍ୱାଳ, ଟିକୁ ବିଶ୍ୱାଳ, ସାଗର ସ୍ୱାଇଁ ଓ ଜିତୁ ଦାସ ବେଷ୍ଟ ଭଲେଣ୍ଟିୟର ହୋଇଥିଲେ। ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ୧୪ ହଜାର ଟଙ୍କା ସହ ଚାମ୍ପିୟନ ଟ୍ରଫି ଓ ରନର୍ସଅପ ଦଳକୁ ୧୦ ହଜାର ଟଙ୍କା ସହ ରନର୍ସ ଅପ ଟ୍ରଫି ପ୍ରଦାନ କରିଥିଲେ। ସରପଞ୍ଚ ମାନିନୀ ସାହୁ, ସୁମିନା ପ୍ରଧାନ, ସାମାଜିକ କର୍ମୀ କବିନ୍ଦ୍ର ସଂ, ସୁକୁମାର ବଡ଼ିଆ, ସୁଜିତ ସ୍ୱାଇଁ, ସନ୍ତୋଷ ପାଣି, ବିଜୟ ସାହୁ ଓ ପ୍ରମୋଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। କ୍ଲବର ମାନୁ ରାଉତ, ନାନୁ ନାୟକ, ମାନସ ମହାନ୍ତି, ଦୀପକ ସ୍ୱାଇଁ, ରାଜା ବିଶ୍ୱାଳ, ଦୀପକ ରାଉତ, ଓ ବେଣୁଧର ରାଉତ ପ୍ରମୁଖ ମ୍ୟାଚକୁ ପରିଚାଳନା କରିଥିଲେ।

## ନାଗରିକଙ୍କ ସାମ୍ବିଧାନିକ କର୍ତ୍ତବ୍ୟ ସମ୍ପର୍କିତ କର୍ମଶାଳା

ଆଠଗଡ଼,୩୧।୧(ସ୍ୱ.ପ୍ର.)

ଆଠଗଡ଼ ତାଲୁକ ଆଇନ ସେବା କମିଟି ଆନୁକୂଲ୍ୟରେ ନାଗରିକଙ୍କ ସାମ୍ବିଧାନିକ କର୍ତ୍ତବ୍ୟ ସମ୍ପର୍କିତ ଏକ କର୍ମଶାଳା ଶୁକ୍ରବାର ଅଦାଲତ ପରିସରରେ ଅନୁଷ୍ଠିତ ହୋଇଛି। ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ଅରବିନ୍ଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସମ୍ବିଧାନରେ ନାଗରିକଙ୍କ ଅଧିକାର ସମ୍ପର୍କିତ ବ୍ୟାଖ୍ୟା କରାଯାଇଥିବାବେଳେ କର୍ତ୍ତବ୍ୟ ସମ୍ପର୍କରେ ମଧ୍ୟ ଅବଗତ କରାଯାଇଥିଲା। ସିଭିଲ ଜଜ୍ ସିନିୟର ଡିଭିଜନ ଶରତ ଜେନା, ଏସଡିଜେଏମ୍ ଶାଶ୍ୱତୀ ମିଶ୍ର, ଜେଏମ୍ଏଫ୍ସି ସୌମ୍ୟଶେଖର ମହନ୍ତ, ଆଇନଜୀବୀ ଫଣିଭୂଷଣ ରଥ, ଓକିଲ ସଂଘ ସଭାପତି ପ୍ରଶନ୍ନ ରାଉତ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପ୍ରତାପ ପଟ୍ଟନାୟକ ସଭା ସଂଯୋଜନା କରିଥିଲେ।

## ସେମିରେ ଶଙ୍ଖାମେରୀ ବାପୁଜୀ ଆସୋସିଏଶନ୍

ବଡ଼ମ୍ବା,୩୧।୧(ଡି.ଏନ.ଏ)

**ଫୁଟ୍‌ବଲ୍ ଟୁର୍ନାମେଣ୍ଟ**

ବଡ଼ମ୍ବା ବ୍ଲକ ଅଧୀନ ଶଙ୍ଖାମେରୀ ବାପୁଜୀ ଫୁଟ୍‌ବଲ୍ ଆସୋସିଏଶନ୍ ପକ୍ଷରୁ ସ୍ଥାନୀୟ ଖେଳପଡିଆରେ ଚାଲିଥିବା ବାପୁଜୀ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଶୁକ୍ରବାର ୪ର୍ଥ ଦିବସ ମ୍ୟାଚ ଅନୁଷ୍ଠିତ ହୋଇଛି। ଏହି ମ୍ୟାଚ୍ ଆୟୋଜକ ଶଙ୍ଖାମେରୀ ବାପୁଜୀ ଫୁଟ୍‌ବଲ ଆସୋସିଏଶନ୍ (ବଡମ୍ବା) ଓ ମୁକ୍ତାଦେଇପୁର ଫୁଟ୍‌ବଲ ଆସୋସିଏଶନ୍(ଆଠଗଡ଼) ମଧ୍ୟରେ ହୋଇଥିଲା। ପ୍ରଥମାର୍ଦ୍ଧ ଓ ଦ୍ୱିତୀୟାର୍ଦ୍ଧ ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବାରୁ କେହି କାହାରିକୁ ଗୋଲ୍ ଦେଇ ପାରି ନ ଥିଲେ। ଟ୍ରାଏବ୍ରେକର ମାଧ୍ୟମରେ ୩-୧ ଗୋଲ୍‌ରେ ବାପୁଜୀ ଫୁଟବଲ ଆସୋସିଏଶନ ବିଜୟୀ ହୋଇ ପ୍ରଥମ ସେମିଫାଇନାଲରେ ପ୍ରବେଶ କରିଥିଲା। ମୁଖ୍ୟଅତିଥିଭାବେ ଆଇନଜୀବୀ ଆୟୁଷମାନ୍ ପଟ୍ଟନାୟକ ଯୋଗଦେଇଥିବାବେଳେ ସାମାଜିକ କର୍ମୀ ସମୀର କୁମାର ସାମନ୍ତରାୟ ଓ ଫାର୍ମାସିଷ୍ଟ କମଳ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ରେଫରି ଶକ୍ତିପ୍ରସାଦ ମହାପାତ୍ର ମ୍ୟାଚ ପରିଚାଳନା କରିଥିଲେ। ରବିବାର ବାପୁଜୀ ଫୁଟ୍‌ବଲ ଆସୋସିଏଶନ୍ ଓ କରଡାପଲ୍ଲୀ ଫୁଟ୍‌ବଲ ଆସୋସିଏଶନ୍ (ଟିଗିରିଆ) ମଧ୍ୟରେ ପ୍ରଥମ ସେମିଫାଇନାଲ୍ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନ ସମ୍ପାଦକ କିଶୋରଚନ୍ଦ୍ର ରାଉତରାୟ ସୂଚନା ଦେଇଛନ୍ତି।

## କ୍ଷତିପୂରଣ ପାଇଁ ଉପଜିଲାପାଳଙ୍କୁ ସ୍ମାରକପତ୍ର

ବାଙ୍କୀ,୩୧।୧(ସ୍ୱ.ପ୍ର.)

- ସରକାରୀ ଅନୁମତିପ୍ରାପ୍ତ ଦୋକାନରୁ ବିହନ କିଣିବାରୁ ଫସଲ ଅମଳ କମିଲା
- କ୍ଷତିଗ୍ରସ୍ତ ହେଲେ ଶତାଧିକ ଚାଷୀ

ପଶ୍ଚିମ ବାଙ୍କୀର ଚାଷୀମାନେ ସରକାରଙ୍କ ଦ୍ୱାରା ଅନୁମତିପ୍ରାପ୍ତ ଦୋକାନରୁ ବହୁ ମୂଲ୍ୟ ଦେଇ ବିହନ ଓ ସାର କିଣି ଚାଷ କାର୍ଯ୍ୟରେ ବ୍ୟବହାର କରିଥିଲେ। ହେଲେ ସେସବୁ ବିହନ ଓ ସାର ନ କଲି ହୋଇଥିବାରୁ କୌଣସି ଫସଲ ଭଲ ହେଲାନାହିଁ। ଫଳରେ ସେମାନେ କ୍ଷତିରେ ସମ୍ମୁଖୀନ ହୋଇଥିବା ଅଭିଯୋଗ କରିଛନ୍ତି। ତେଣୁ କ୍ଷତିପୂରଣ ପାଇଁ ଶୁକ୍ରବାର ସେମାନେ ବାଙ୍କୀ ଉପଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଉପଜିଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲାପାଳ ବିଜୟ କୁମାର ସାହୁ ଚାଷୀଙ୍କଠାରୁ ସ୍ମାରକପତ୍ର ଗ୍ରହଣ କରିଥିଲେ। ଚାଷୀମାନେ ଦେଇଥିବା ସ୍ମାରକପତ୍ରରେ ଦର୍ଶାଯାଇଛିଯେ, ଟମାଟୋ, କୋବି, ମୂଳା, ଲଙ୍କା, ବିନ୍ ଓ ଶିମ୍ବ ଫସଲରୁ ଯେଉଁ ପରିମାଣରେ ଉତ୍ପାଦନ ହେବା କଥା ସେଥିରୁ ୬୦ଭାଗ କମ୍ ମିଳୁଛି। ଉଚ୍ଚ ଦରର କିଟନାଶକ ଔଷଧ ଓ ସାର ମଧ୍ୟ ଠିକ୍‌ରେ କାମ ଦେଉନି। ପରିବାରର ସମସ୍ତ ସଦସ୍ୟ ପରିଶ୍ରମ କରି ମଧ୍ୟ ପରିବା ଉତ୍ପାଦନରୁ ଗୁଜରାଣ ମେଣ୍ଟାଇ ପାରୁ ନାହାନ୍ତି। ଫଳରେ କରଜ କରି ଫସଲ କାର୍ଯ୍ୟରେ ଲଗାଇଥିବାରୁ କରଜ ଟଙ୍କା ପରିଶୋଧ କରିପାରୁନାହାନ୍ତି। ତେଣୁ ପ୍ରଶାସନ ଏଦିଗରେ ଦୃଷ୍ଟିଦେବାକୁ ସେମାନେ ଦାବି କରିଛନ୍ତି। ପଶ୍ଚିମ ବାଙ୍କୀ କୃଷକ ପରିଷଦ ସାଧାରଣ ସମ୍ପାଦକ ତଥା ଆଡ୍‌ଭୋକେଟ୍ ପ୍ରଦୀପ ପଟ୍ଟନାୟକ ଓ କାର୍ଯ୍ୟକାରୀ କମିଟି ସଭ୍ୟ ତଥା ଡମପଡ଼ା ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ସରୋଜ ମତଗଜ ସିଂହଙ୍କ ନେତୃତ୍ୱରେ ଚାଷୀମାନେ ବାଙ୍କୀ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ସ୍ମାରକପତ୍ର ପ୍ରଦାନ କରିଥିଲେ। ବାଙ୍କୀ ବ୍ଲକ ପୁଇଁଚା ପଞ୍ଚାୟତ ପାଣିକୋରଡ ଗ୍ରାମର ମନମୋହନ ଖଟୁଆ, ଲକ୍ଷ୍ମଣ ପ୍ରଧାନ, ରମେଶ ଚନ୍ଦ୍ର ପ୍ରଧାନ, ଯଦୁମଣୀ ବେହେରା, ଲକ୍ଷ୍ମୀଧର ବେହେରା, ଯଦୁମଣୀ ମୁଦୁଲି, ମଥୁରୀ ପ୍ରଧାନ, ଗୋବିନ୍ଦ ପ୍ରଧାନ, ମଧୁସୂଦନ ମୁଦୁଲି, ଭରତ ପ୍ରଧାନ, ଶରତ ପ୍ରଧାନଙ୍କ ସମେତ ବହୁ ଚାଷୀ ସ୍ମାରକପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ।


ସହକାରୀ ଜିଲାପାଳଙ୍କୁ ଚାଷୀମାନେ ସ୍ମାରକପତ୍ର ଦେଉଛନ୍ତି।

## ଛାତ୍ରୀଛାତ୍ର କ୍ରୀଡ଼ା ଉପରେ ଧ୍ୟାନ ଦେବା ଆବଶ୍ୟକ

ନିଶ୍ଚିନ୍ତକୋଇଲି,୩୧।୧(ସ୍ୱ.ପ୍ର.)

**ମଣ୍ଡଳସ୍ତରୀୟ କ୍ରୀଡ଼ା ଉତ୍ସବ**

ନିଶ୍ଚିନ୍ତକୋଇଲି ଶିକ୍ଷାମଣ୍ଡଳ ଆନୁକୂଲ୍ୟରେ ମଣ୍ଡଳସ୍ତରୀୟ କ୍ରୀଡ଼ା ଉତ୍ସବ ଜିଗ୍ନିପୁର ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ବିଡିଓ କର୍ଣ୍ଣଦେବ ସମାଦ୍ଦାର ଉଦ୍‌ଘାଟନ କରିଥିଲେ। ମଣ୍ଡଳ ଶିକ୍ଷାଧିକାରୀ ମନୋରଞ୍ଜନ ବାରିକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ପଞ୍ଚାୟତିରାଜ ଓ ଆଇନ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ କ୍ରୀଡ଼ା କ୍ଷେତ୍ରରେ ଓଡ଼ିଶା ସରକାର ବହୁ ପଦକ୍ଷେପ ନେଇଛନ୍ତି। ଏପରି କି ଅନ୍ତର୍ଜାତୀୟସ୍ତରୀୟ ଖେଳ ମଧ୍ୟ ସଫଳତା ସହ ଓଡ଼ିଶାରେ ଆୟୋଜିତ ହୋଇଛି। ଖେଳ ମାଧ୍ୟମରେ ପିଲାଙ୍କ ଶାରିରୀକ ବିକାଶ ହୋଇଥାଏ। ତେଣୁ ପିଲାମାନେ ପାଠ ପଢିବା ସହ ଖେଳ ଉପରେ ଧ୍ୟାନ ଦେବା ଆବଶ୍ୟକ ବୋଲି ମତପ୍ରକାଶ କରିଥିଲେ। ମୁଖ୍ୟବକ୍ତା ବ୍ଲକ ଅଧକ୍ଷା ସବିତା ଓଝା, ଉପାଧକ୍ଷାଙ୍କ ପ୍ରତିନିଧି ରମାକାନ୍ତ ମହାନ୍ତି, ସମ୍ମାନିତ ଅତିଥି ଜିଲାପରିଷଦ ସଭ୍ୟା ସବିତା ସାମଲ, ପ୍ରାକ୍ତନ ବ୍ଲକ ଅଧକ୍ଷ ଗିରିଶ ରଞ୍ଜନ ମହାପାତ୍ର, ସ୍ଥାନୀୟ ସରପଞ୍ଚ ତିଳୋତମା ରାଉତ, ସମିତିସଭ୍ୟା ବିନୋଦିନୀ ବେହେରା ପ୍ରମୁଖ ଯୋଗଦେଇ ଶିକ୍ଷା ଓ କ୍ରୀଡ଼ାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଏବିଇଓ ଲକ୍ଷ୍ମଣ ଲେଙ୍କା ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ନିକୁଞ୍ଜ ବିହାରି ମହାନ୍ତି ଧନ୍ୟବାଦ ଦେଇଥିଲେ।


ମଣ୍ଡଳସ୍ତରୀୟ କ୍ରୀଡ଼ା ଉତ୍ସବରେ ଅତିଥି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

## ବୈଦ୍ୟେଶ୍ୱର ଦିଶା କ୍ଲବ ବିଜୟୀ

ବାଙ୍କୀ, ୩୧।୧(ସ୍ୱ.ପ୍ର./ବି.ପ୍ର.)


ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ କ୍ରିକେଟ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି।

**ରାଜ୍ୟସ୍ତରୀୟ ହରିଶ୍ଚନ୍ଦ୍ର ମିଶ୍ର କ୍ରିକେଟ**

ବାଙ୍କୀ ବ୍ଲକ ପଥୁରୀପଡ଼ା ମହାବେରେଣା ବିଦ୍ୟାପୀଠ ଖେଳ ପଡିଆରେ ମହାବେରେଣା କ୍ଲବ ପଥୁରୀପଡା ଆନୁକୂଲ୍ୟରେ ଶୁକ୍ରବାର ୩୨ତମ ରାଜ୍ୟସ୍ତରୀୟ ହରିଶ୍ଚନ୍ଦ୍ର କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ ଦ୍ୱାରା ଏହା ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ ଖୋର୍ଦ୍ଧା କାଇପଦର ଓ ବୈଦ୍ୟେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କାଇପଦର ଦଳ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୯ ଉଇକେଟ ହରାଇ ୨୧୧ରନ୍ କରିଥିଲା। ଦଳ ପକ୍ଷରୁ ସୁରେନ୍ଦ୍ର ଚମ୍ପତି ୫୨ରନ୍, କୁଳଦୀପ ପାଇକରାୟ ୩୨, ପ୍ରଶାନ୍ତ ମାର୍ଥା ୨୯ରନ୍ କରିଥିବା ବେଳେ ଦିଶା ବୈଦ୍ୟେଶ୍ୱର ଦଳର ଗଣେଶ୍ୱର ସାହୁ ଓ ସୁଶାନ୍ତ ସୁବୁଦ୍ଧି ଉଭୟ ୨ଟି ଲେଖାଏ ଉଇକେଟ ହାସଲ କରିଥିଲେ। ଦିଶା ବୈଦ୍ୟେଶ୍ୱର ଦଳ ୧୫.୫ ଓଭର ଖେଳି ୩ ଉଇକେଟ ବିନିମୟରେ ୨୧୬ ରନ୍ ସଂଗ୍ରହ କରିଥିଲା। ସୁଶାନ୍ତ ସୁବୁଦ୍ଧି ୮୮ ରନ୍ କରି ନଟ୍ ଆଉଟ୍ ରହିଥିଲେ। ସୁଶାନ୍ତ ପଣ୍ଡା ୮୪ରନ୍ କରିଥିଲେ। କାଇପଦର ଦଳର ଦିଲୀପ କୁମାର ଓ ପ୍ରସନ୍ନ ମାର୍ଥା ଗୋଟିଏ ଲେଖାଏଁ ଉଇଟେକ ନେଇଥିଲେ। ଦିଶା ବୈଦ୍ୟେଶ୍ୱର ୭ ଉଇକେଟରେ ବିଜୟୀ ହୋଇଥିଲା। ବୈଦ୍ୟେଶ୍ୱର ଦଳର ସୁଶାନ୍ତ ସୁବୁଦ୍ଧି ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ଘୋଷିତ ହୋଇଥିଲେ। ମୁଖ୍ୟ ଅତିଥି ବିଧାୟକ ତ୍ରିପାଠୀ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢୀ, ବାଙ୍କୀ ଆଥଲେଟିକ୍ ଆସୋସିଏଶନ୍ ସାଧାରଣ ସଂପାଦକ ଆଡ୍‌ଭୋକେଟ ସନ୍ତୋଷ କୁମାର ରଣା, ରାଜ୍ୟ ସମବାୟ ବ୍ୟାଙ୍କ୍ ନିର୍ଦ୍ଦେଶକ ଗତିକୃଷ୍ଣ ସ୍ୱାଇଁ, ଅଂଶୁପା ମହାବିଦ୍ୟାଳୟ ଅଧକ୍ଷ ପ୍ରଦୀପ କୁମାର ବେଉରା ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସାମାଜିକ କର୍ମୀ ବିଜୟ କୁମାର ପ୍ରତିହାରୀ ଏହି ଉତ୍ସବରେ ଅଧକ୍ଷତା କରିଥିଲେ। ସୁଧିର ରଞ୍ଜନ ପଣ୍ଡା ଓ ଶୁଭେନ୍ଦୁ ମିଶ୍ର ଖେଳ ପରିଚାଳନା କରିଥିଲେ। କ୍ରିକେଟ କ୍ଲବର ସାଧାରଣ ସମ୍ପାଦକ ସଦାଶିବ ଦାଶ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶନିବାର ଖୋର୍ଦ୍ଧା କୁମାର ବସ୍ତ ଓ ଆଠଗଡ଼ ମଧ୍ୟରେ ଖେଳ ଅନୁଷ୍ଠିତ ହେବ।



ଥରେ ଖ୍ୟାତି ଅର୍ଜନ କରିଗଲେ ତାକୁ ଜୀବନ ତମାମ ଧରି ରଖିବା ଭାରି କଷ୍ଟ।

- ଭଲ୍‌ଟାୟର



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସଂସ୍କୃତିମ ଅର୍ଗାନାଇଜେଶନ ପକ୍ଷରୁ କବିଚନ୍ଦ୍ର ଡ. କାଳି ଚରଣ ପଟ୍ଟନାୟକ ଓଡ଼ିଶୀ ମ୍ୟୁଜିକ ସେମିନାର, ରବୀନ୍ଦ୍ର ମଣ୍ଡପ, ପୂର୍ବାହ୍ନ ୧୦ଟା।
- ବିଶ୍ୱ ପ୍ରସିଦ୍ଧ ସାଧୁ ସନ୍ଥ ମହାକୁମ୍ଭମେଳା, ଖଣ୍ଡଗିରି, ପୂର୍ବାହ୍ନ ୧୦ଟା ୪୫।
- ଶାରଳା ପ୍ରଡକ୍ସନ, ସାରଳା ଆର୍ଟ ଏକାଡେମୀ ଏବଂ ଶ୍ରଦ୍ଧା ସୁମନ କ୍ରିଏଟିଭ ଆର୍ଟ ନିଉ ଦିଲ୍ଲୀ ଆନୁକୂଲ୍ୟରେ ୨୧ତମ ସାରଳା ଦାସ ସମ୍ମାନ-୨୦୨୦ ଉତ୍ସବ, ଗୀତଗୋବିନ୍ଦ ଭବନ, ପୂର୍ବାହ୍ନ ୧୧ଟା ୩୦।
- ଆହିସ୍ତା ଆହିସ୍ତା ଭିଡିଓ ରିଲିଜ ସେରିମନି, ହୋଟେଲ ଆର୍ୟା ପ୍ୟାଲେସ, ଜନପଥ, ସନ୍ଧ୍ୟା ୫ଟା।
- ଲିଟିଲ ଷ୍ଟାର ସ୍କୁଲର ୨୩ତମ ବାର୍ଷିକ ଦିବସ ସମାରୋହ, ରୁଚିକା ମାର୍କେଟ ଦୁର୍ଗା ମଣ୍ଡପ, ବରମୁଣ୍ଡା, ସନ୍ଧ୍ୟା ୫ଟା ୩୦।
- ମୟୂରଭଞ୍ଜ କଲଚରଲ ଆସୋସିଏଶନ ପକ୍ଷରୁ ମୟୂରଭଞ୍ଜ ଉତ୍ସବ, ଉତ୍କଳ ମଣ୍ଡପ, ସନ୍ଧ୍ୟା ୬ଟା।
- ସଂସ୍କୃତିମ ଅର୍ଗାନାଇଜେଶନ ପକ୍ଷରୁ କବିଚନ୍ଦ୍ର ଡ. କାଳି ଚରଣ ପଟ୍ଟନାୟକ ଓଡ଼ିଶୀ ସଙ୍ଗୀତ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।

**କଟକ**

- ଏବିଭିପିର ୪୪ତମ ରାଜ୍ୟ ଅଧିବେଶନର ଦ୍ୱିତୀୟ ଦିବସ, ବସୁନ୍ଧରା ପଡ଼ିଆ, ବିଡ଼ାନାସୀ, ପୂର୍ବାହ୍ନ ୧୧ଟା।
- ମହ୍ଲାର ପକ୍ଷରୁ ୨୩ତମ ମହ୍ଲାର ଫେଷ୍ଟ ଉତ୍ସବ, ୟୁଜିଏମ୍‌ଇ ସ୍କୁଲ ପରିସର, ମହାନଦୀ ବିହାର, ସନ୍ଧ୍ୟା ୬ଟା।

**ବାଲିଅନ୍ତା**

- ବିଶ୍ୱ କଲ୍ୟାଣ ମହାଯଜ୍ଞର ସୂର୍ଯ୍ୟପୂଜା, ଇଚ୍ଛାଦେଇପାଟଣା, ମୁକ୍ତେଶ୍ୱର ମହାଦେବ ମନ୍ଦିର, ପୂର୍ବାହ୍ନ ୯ଟା।
- ୮ମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞର ସୂର୍ଯ୍ୟପୂଜା, ଗଡ଼ଶ୍ରୀରାମପୁର, ପୂର୍ବାହ୍ନ ୯ଟା।
- ମୋ ସ୍କୁଲ ଅଭିଯାନର ସଭାଗୃହ ଓ ପାଠାଗାର ଉଦ୍‌ଘାଟନ, ଜଗନ୍ନାଥପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପୂର୍ବାହ୍ନ ୧୦ଟା ୩୦।
- ମା ଜାଗୁଳାଇ ସରସ୍ୱତୀ ଶିଶୁ ମନ୍ଦିରର ଏକାଦଶତମ ବାର୍ଷିକ ଉତ୍ସବ, ଅଲାରପୁର, ଅପରାହ୍ନ ୨ଟା ୩୦।
- ଫୁଟବଲ ଟୁର୍ନାମେଣ୍ଟ, ଭିଙ୍ଗାରପୁର, ଶ୍ରୀ ବକ୍ରେଶ୍ୱର ହାଇସ୍କୁଲ ପଡ଼ିଆ, ଅପରାହ୍ନ ୩ଟା।
- ଜଗନ୍ନାଥପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ, ଅପରାହ୍ନ ୫ଟା।

## ସଂକ୍ଷେପରେ

### ବ୍ରାଉନସୁଗାର ଜବତ, ଜଣେ ଗିରଫ

**କଟକ ରୋଡ, ୩୧।୧(ଡି.ଏନ୍.ଏ.):** ବ୍ରାଉନସୁଗାର ବିକ୍ରି ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୋଲିସ ହଳଦୀପଡ଼ିଆ ବସ୍ତିରୁ ଶୁକ୍ରବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅଧୀନ ରାୟପଲ୍ଲୀ ଗ୍ରାମର ପ୍ରଦୀପ ପ୍ରଧାନ। ତାଙ୍କ ନିକଟରୁ ୮ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ସୂଚନା ଅନୁଯାୟୀ, ପ୍ରଦୀପ ଦୀର୍ଘଦିନ ଧରି ବସ୍ତିରେ ବ୍ରାଉନସୁଗାର ବିକ୍ରି କରୁଥିବା ନେଇ ଜଣାପଡ଼ିବା ପରେ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୧ଟା ରେ ପୋଲିସ ଚଢ଼ାଉ କରି ତାଙ୍କୁ ଧରିଥିଲା। ଏ ନେଇ ଥାନାରେ ଏକ ମାମଲା(ନଂ.୩୪/୨୦)ରୁଜ ହୋଇଛି। ସୂଚନାଥାଉ କି, ଗତ ୨୪ତାରିଖରେ ଉକ୍ତ ବସ୍ତିରୁ ପୋଲିସ ୪୪ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ଜଣେ ଯୁବତୀଙ୍କ ସମେତ ୩ ଜଣଙ୍କୁ ଗିରଫ କରିଥିଲା।

### ଲକ୍ଷାଧିକ ଟଙ୍କାର ସୁନାଅଲଙ୍କାର ଚୋରି

**ବାଲିଅନ୍ତା,୩୧।୧(ଡି.ଏନ୍.ଏ.):** ପାହାଲ ଫାଣ୍ଡି ଅଧୀନ ନଖରା ଗ୍ରାମ ନିକଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମ୍ମୁଖରେ ଥିବା ଏକ ଘରେ ଭଡ଼ାରେ ରହୁଥିବା ଜଣେ ବ୍ୟକ୍ତିଙ୍କ ଘରୁ ଚୋରି ହୋଇଥିବା ଶୁକ୍ରବାର ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ବ୍ୟକ୍ତି ଜଣଙ୍କ ଗୁରୁବାର ପରିବାର ସହ ନିଜ ଗ୍ରାମ ହରିଅନ୍ତାକୁ ଯାଇଥିଲେ। ଶୁକ୍ରବାର ସନ୍ଧ୍ୟାରେ ଭଡାରେ ରହୁଥିବା ଘରେ ପହଞ୍ଚିବା ପରେ ତାଙ୍କ ଘରୁ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଦୁର୍ବୃତ୍ତମାନେ ତାଙ୍କ ଘର ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନାଅଲଙ୍କାର ଓ ଟଙ୍କା ନେଇଯାଇଥିବା ସେ ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତିକରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

# ରାସ୍ତାକୁ ଗାଈ ଛାଡ଼ିଲେ ଧରିନେବ ସ୍କ୍ୱାଡ୍

**ଭୁବନେଶ୍ୱର, ୩୧।୧(ବ୍ୟୁରୋ)**



- କାଞ୍ଜିଆ ହୁଦାରେ ୩ ଦିନ ରଖାଯିବ
- ଗାଈ ନେବାକୁ ହେଲେ ୫ ହଜାର ଗଣିବେ ମାଲିକ
- ୩ ଦିନ ପରେ ନିକଟ ଜିଲାର ଏସ୍‌ଏଚ୍‌ଜିକୁ ହସ୍ତାନ୍ତର ହେବ

ଏଣିକି ରାସ୍ତାକୁ ଗାଇ ଛାଡ଼ିଲେ ମାଲିକ ଗଣିବେ ୫ହଜାର ଜରିମାନା। ନଚେତ୍ ପାଳିତ ଗାଇକୁ ହରାଇବାକୁ ପଡ଼ିବ। ଏଭଳି କଡା ନିଷ୍ପତ୍ତି ଗ୍ରହଣ କରିଛି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)। ରାଜଧାନୀ ତଥା ଉପକଣ୍ଠ ଅଞ୍ଚଳ ରାସ୍ତାରେ ଦଳ ଦଳ ହୋଇ ରହୁଥିବା ଗୋରୁ ପଲ ଯୋଗୁ ଟ୍ରାଫିକ ସମସ୍ୟା ସହ ଦୁର୍ଘଟଣା ବଢ଼ୁଛି। ଏନେଇ ବିଏମ୍‌ସିର ଚିନ୍ତା ବଢ଼ିଛି। ଗୋ-ମଙ୍ଗଳ କାର୍ଯ୍ୟ ଖସଡ଼ାକୁ ଗୁରୁତ୍ୱ ଦିଆଯିବା ସହ ଦୁର୍ଘଟଣା ଜନିତ ସମସ୍ୟାର ସମାଧାନ ପାଇଁ ଶୁକ୍ରବାର ଅତିରିକ୍ତ କମିଶନର ଅବନିକାନ୍ତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା। ବିଏମ୍‌ସି ଅଞ୍ଚଳରେ ପ୍ରାୟ ୧୨ ହଜାର ଗୃହପାଳିତ ଗାଇ ଅଛନ୍ତି। ମାଲିକମାନେ ବିଭିନ୍ନ ସମୟରେ ସେମାନଙ୍କ ଗାଇକୁ ଖୋଲାରେ ଛାଡ଼ିଦେଇଥାନ୍ତି। ତେଣୁ ଏଥିଯୋଗୁ ସୃଷ୍ଟି ହେଉଥିବା ସମସ୍ୟାକୁ ନେଇ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇ କେତେକ ନିଷ୍ପତ୍ତି ନିଆଯାଇଥିଲା। ମିଳିଥିବା ସୂଚନାନୁସାରେ, ଆସନ୍ତା ମାର୍ଚ୍ଚ ମାସଠାରୁ ଗୃହପାଳିତ ଗାଇଙ୍କୁ ରାସ୍ତା ଉପରେ ଦେଖିଲେ ବିଏମ୍‌ସିର ସ୍ୱତନ୍ତ୍ର ସ୍କ୍ୱାଡ୍ ଧରିନେବ। କାଞ୍ଜିଆହୁଦାରେ ୩ଦିନ ପାଇଁ ରଖାଯିବ। ଏହି ସମୟ ମଧ୍ୟରେ ମାଲିକମାନେ ଜରିମାନା ଦେଇ ସେମାନଙ୍କ ଗାଇକୁ ନେବେ। ଦ୍ୱିତୀୟଥର ଏପରି ବେଆଇନ କାର୍ଯ୍ୟ କଲେ ସମ୍ପୃକ୍ତ ମାଲିକଙ୍କୁ ଆଉ ଗାଇଟିକୁ ଫେରାଯିବ ନାହିଁ। ତାହାକୁ ବିଏମ୍‌ସି ନିକଟ ଜିଲାର ଗୋପାଳନ କରୁଥିବା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)କୁ ହସ୍ତାନ୍ତର କରିବ ବୋଲି ବିଏମ୍‌ସି ଡେପୁଟି କମିଶନର ତଥା ଗୋ-ମଙ୍ଗଳ କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜକ ଶ୍ୟାମସୁନ୍ଦର ସେଠୀ କହିଛନ୍ତି। ବୈଠକରେ ସବ୍‌ଡିଭିଜନାଲ ଭେଟେରିନାରି ଅଧିକାରୀ ଡକ୍ଟର ସୁଧୀର କୁମାର ସେନାପତି, ନୋଡାଲ ଅଫିସର ତ୍ରିଲୋଚନ ସାହୁ, ଗୋ-ମଙ୍ଗଳ ପରାମର୍ଶଦାତା ଡ. ମହେଶ ମିଶ୍ର ଏବଂ ଆଇନ ପରାମର୍ଶଦାତା ରାମକୃଷ୍ଣ ନନ୍ଦ ପ୍ରମୁଖ ଉପସ୍ଥିତ ରହି ଗୋ-ମଙ୍ଗଳର କାର୍ଯ୍ୟ ଖସଡା ବାବଦରେ ଆଲୋଚନା କରିଥିଲେ। ତେବେ ଭବିଷ୍ୟତରେ ଷଣ୍ଢ ଓ ଗାଈମାନଙ୍କ ମଙ୍ଗଳ ନିମନ୍ତେ ବିଏମ୍‌ସି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସହ ଜନସଚେତନତା ଜାରି ରଖିବ ବୋଲି ଅଧିକାରୀମାନେ କହିଛନ୍ତି।

# କ୍ଲବ୍ ୩୯ରେ ବୁଲିଲା ଖଣ୍ଡା

**ଭୁବନେଶ୍ୱର,୩୧।୧(ବ୍ୟୁରୋ)**

- ସଂଘବଦ୍ଧ ଆକ୍ରମଣରେ ଯୁବକ ଗୁରୁତର
- ମୁଖ୍ୟ ଅଭିଯୁକ୍ତ ସମେତ ୩ ଗିରଫ: ଖଣ୍ଡା, ବାଇକ୍ ଜବତ

ଖଣ୍ଡଗିରି ଥାନା ଅନ୍ତର୍ଗତ ଜାଗମରା ଅଞ୍ଚଳରେ ଥିବା କ୍ଲବ୍ ୩୯ରେ ପାର୍ଟି ଚାଲିଥିବାବେଳେ ଖଣ୍ଡା ବୁଲିଛି। ଦୁଇ ଗୋଷ୍ଠୀ ମଧ୍ୟରେ ବଚସାରୁ ବଡ଼ଧରଣର ଗଣ୍ଡଗୋଳ ଘଟିଛି। ସଂଘବଦ୍ଧ ଆକ୍ରମଣ ସହ ଖଣ୍ଡା ଚୋଟରେ ପ୍ରତିପକ୍ଷ ଗୋଷ୍ଠୀର ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଜାଗମରା ଅଞ୍ଚଳର ଅଭିଷେକ ଜେନା। ଏହି ଘଟଣାରେ ପୋଲିସ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଖଣ୍ଡଗିରି ଥାନା ସଁପୁର ଅଞ୍ଚଳର ମୁଖ୍ୟ ଅଭିଯୁକ୍ତ ସ୍ମୃତି ରଞ୍ଜନ ନାୟକ ଓରଫ ସାନ୍ଟୁ, ସହଯୋଗୀ ଅନ୍ଧାରୁଆ ଅଞ୍ଚଳର ରଙ୍କନିଧି ପ୍ରଧାନ, ଆକାଶ ରାୟ ଓ ଘାଟିକିଆ ଅଞ୍ଚଳର ସୁମନରାଜ ବାରିକ। ତେବେ ସମ୍ପୃକ୍ତ ଜଣେ ନାବାଳକଙ୍କୁ ପୋଲିସ ଧରି ପଚରାଉଚରା ପରେ ବାଳ ସୁଧାର ଗୃହକୁ ପଠାଇ ଦେଇଛି।

ପୋଲିସ ସୂଚନା ମୁତାବକ, ଗୁରୁବାର ବିଳମ୍ବିତ ରାତିରେ କ୍ଲବ ୩୯ରେ ମଉଜମସ୍ତି ଚାଲିଥିଲା। ଜାଗମରା ଅଞ୍ଚଳର ଅଭିଷେକ ସାଙ୍ଗମାନଙ୍କ ସହ ମିଶି ନାଚଗୀତରେ ମଜି ଯାଇଥିଲେ। ଏହି ସମୟରେ କୌଣସି କଥାକୁ ନେଇ ମୁଖ୍ୟ ଅଭିଯୁକ୍ତ ସ୍ମୃତି ଓ ଅଭିଷେକଙ୍କ ସାଙ୍ଗଙ୍କ ମଧ୍ୟରେ ପ୍ରଥମେ କଥା କଟାକଟି ଓ ପରେ ବଚସା ହୋଇଥିଲା। ଏହାପରେ ସ୍ମୃତି ଓ ତାଙ୍କର ସହଯୋଗୀ ସଂଘବଦ୍ଧ ଭାବେ ଅଭିଷେକ ଓ ତାଙ୍କ ସାଙ୍ଗଙ୍କୁ ଆକ୍ରମଣ କରିଥିଲେ। ଏହି ସମୟରେ ସ୍ମୃତି ଏକ ଖଣ୍ଡା ଆଣି ଅଭିଷେକଙ୍କୁ ଏକାଧିକ ଚୋଟ ପକାଇ ଫେରାର ହୋଇଯାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ରକ୍ତଲଗା ଖଣ୍ଡା, କପଡା ଓ ବାଇକ ଜବତ କରିଥିଲା। ଏ ନେଇ ଅଭିଷେକଙ୍କ ବଡ଼ଭାଇ ସୂର୍ଯ୍ୟକାନ୍ତ ଜେନା ଥାନାରେ ଅଭିଯୋଗ କରିବାପରେ ପୋଲିସ ୭୯/୨୦ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ଆରମ୍ଭ ହେଲା ଜାତୀୟ ଆଦିବାସୀ ନୃତ୍ୟ ମହୋତ୍ସବ

**ଭୁବନେଶ୍ୱର,୩୧।୧(ବ୍ୟୁରୋ)**

ପ୍ରଥମଥର ପାଇଁ ଆଦିବାସୀ ମେଳା ସହ ମିଳିତଭାବେ ଆୟୋଜିତ ହୋଇଛି ଜାତୀୟ ଆଦିବାସୀ ନୃତ୍ୟ ମହୋତ୍ସବ। ୟୁନିଟ୍-୩ସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ଆଦିବାସୀ ମେଳାର ଷଷ୍ଠ ଦିବସରୁ ମହୋତ୍ସବ ଆରମ୍ଭ ହୋଇଛି। ଓଡ଼ିଶା ସମେତ ନାଗାଲାଣ୍ଡ, ମିଜୋରାମ, ସିକିମ, ଆସାମ, ଛତିଶଗଡ଼, ରାଜସ୍ଥାନ, ମହାରାଷ୍ଟ୍ର, ଗୁଜରାଟ, ହିମାଚଳ ପ୍ରଦେଶ ଆଦି ରାଜ୍ୟରୁ ଆସିଥିବା ଜନଜାତି କଳାକାରଙ୍କ ପାରମ୍ପରିକ ନୃତ୍ୟରେ ମେଳା ପରିସରକୁ ପ୍ରକମ୍ପିତ କରିଥିଲା। ଦୀର୍ଘ ୩ ଦିନବ୍ୟାପୀ ଚାଲିବାକୁ ଥିବା ଏହି ଜାତୀୟ ନୃତ୍ୟ ମହୋତ୍ସବରେ ବିଭିନ୍ନ ରାଜ୍ୟର ଜନଜାତିମାନଙ୍କ ସ୍ୱତନ୍ତ୍ର ବେଶଭୂଷା ସାଙ୍ଗକୁ ବାଦ୍ୟ ଓ ନୃତ୍ୟ ପ୍ରମୁଖ ଆକର୍ଷଣ ରହିବ।

ଅନ୍ୟପକ୍ଷରେ ମେଳାର ପଞ୍ଚମ ସନ୍ଧ୍ୟାରେ ଶହୀଦ ଦିବସ ଉପଲକ୍ଷେ ବିଶିଷ୍ଟ ଗାୟକ ଲକ୍ଷ୍ମୀକାନ୍ତ ପାଲିତ୍ ଓ ସାଥୀଙ୍କ ଦ୍ୱାରା ପରିବେଷିତ ଦେଶାତ୍ମବୋଧକ ସଙ୍ଗୀତ ସହ ଭଜନ ଶ୍ରୋତାଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଥିଲା। ସରସ୍ୱତୀ ପୂଜା ପାଇଁ ଛୁଟି ଥିବାରୁ ପଞ୍ଚମ ଦିନରେ ଆଦିବାସୀ ମେଳାରେ ରେକର୍ଡ ପରିମାଣର ୬୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବିକ୍ରିବଟା ହୋଇଥିଲା। ମେଳା ଦାୟିତ୍ୱରେ ଥିବା ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ତାଲିମ ପ୍ରତିଷ୍ଠାନ ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ସଚିବ ଡ. ଅଖିଳ ବିହାରୀ ଓତା ଏନେଇ ସୂଚନା ଦେଇଛନ୍ତି। ସେହିଭଳି ବିଭିନ୍ନ ରାଜ୍ୟର ଜନଜାତି କଳାକାରଙ୍କ ନୃତ୍ୟ ଓ ବାଦ୍ୟ ପରିବେଷଣ ଦର୍ଶକଙ୍କ ମନ ଛୁଇଁଥିବାବେଳେ ମେଳା ପରିସରରେ ଥିବା ଆଦିବାସୀ ଖାଦ୍ୟ ପ୍ରାଙ୍ଗଣରେ ବିଭିନ୍ନ ପାରମ୍ପରିକ ଖାଦ୍ୟ ଖାଇବାକୁ ଲୋକେ ଅଧିକ ଆଗ୍ରହୀ ଥିଲେ। ଏହାବ୍ୟତୀତ ଆଦିବାସୀ ହାଟରୁ ଜୈବିକ ସାମଗ୍ରୀ କିଣିବାକୁ ବହୁ ଗ୍ରାହକ ଭିଡ଼ ଜମାଇଥିଲେ। ପ୍ରଥମଥର ପାଇଁ ମେଳା ପରିସରରେ ଜନଜାତି କଳାକାରମାନେ ସେମାନଙ୍କ କଳା ପ୍ରଦର୍ଶନ କରୁଥିବାବେଳେ ତାହା ଦେଖିବାକୁ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା।

# ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ





କର୍ମଶାଳାରେ ଯୋଗଦେଇଥିବା ଉଚ୍ଚଶିକ୍ଷାମନ୍ତ୍ରୀ ଅରୁଣ ସାହୁ ଓ ଅନ୍ୟମାନେ।

**କଟକ ଅଫିସ, ୩୧।୧**

ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ମଧୁସୂଦନ ପ୍ରେକ୍ଷାଳୟରେ ଦୁଇଦିନିଆ ଆନ୍ତର୍ଜାତିକ ସମ୍ମିଳନୀ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ଏହାକୁ ଉଦ୍‌ଘାଟନ କରି କହିଥିଲେ, ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନରେ ଏହିଭଳି ସମ୍ମିଳନୀ ହେବା ଉଚିତ, ଯାହାଦ୍ୱାରା ଛାତ୍ରୀଛାତ୍ରମାନେ ଗବେଷଣାତ୍ମକ ଶିକ୍ଷା ପାଇପାରିବେ। ଏଥିରେ ବକ୍ତାଭାବେ ପ୍ରଫେସର ଏଫ୍.ଏମ୍. ସାହୁ ଓ ଫିଲିପାଇନ୍ସସ୍ଥିତ ସେଣ୍ଟ ନର୍ମାଲ ବିଶ୍ୱବିଦ୍ୟାଳୟର ପ୍ରଫେସର ଏମ୍.ଏ. ରୋସିତା ଆମ୍ପୋୟାସ ହେରନାନୀ ଯୋଗଦେଇଥିଲେ। କାନାଡା ଆଲବର୍ଟା ବିଶ୍ୱବିଦ୍ୟାଳୟର ପ୍ରଫେସର ଜେ.ପି. ଦାସ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଚିନ୍ମୟୀ ମହାପାତ୍ର ସ୍ୱାଗତ ଭାଷଣ, ମନସ୍ତତ୍ତ୍ୱବିଜ୍ଞାନ ବିଭାଗ ମୁଖ୍ୟ ଡ. ଝୁମ୍‌କି ରଥ ଅତିଥି ପରିଚୟ ପ୍ରଦାନ, ଅଧ୍ୟାପିକା ଗୋପାଙ୍ଗନା ଦାସ କାର୍ଯ୍ୟକ୍ରମ ପରିଚାଳନା ଓ ଡ. ଯୋଗମାୟା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ସମ୍ମିଳନୀରେ ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟରୁ ପ୍ରାୟ ୭୦ଜଣ ପ୍ରତିନିଧି ଯୋଗଦେଇଥିଲେ। ଉପସ୍ଥାପିତ ପ୍ରବନ୍ଧଗୁଡିକ ଏକ ପୁସ୍ତକରେ ସ୍ଥାନ ଦିଆଯିବ। ସେଥିମଧ୍ୟରୁ ଶ୍ରେଷ୍ଠ ବିବେଚିତ ପ୍ରବନ୍ଧକୁ ଉଦ୍‌ଯାପନୀ ଦିବସରେ ପୁରସ୍କୃତ କରାଯିବ।

# ନଦୀ ତୁଠରୁ ମିଳିଲା ଯୁବକଙ୍କ ମୃତଦେହ

**ବାରଙ୍ଗ, ୩୧।୧(ଡି.ଏନ.ଏ)**

ନନ୍ଦନକାନନ ଥାନା ପୋଲିସ ଶୁକ୍ରବାର ସକାଳେ କେନ୍ଦୁପାଟଣା ଗ୍ରାମ ପାଖ ଖଣ୍ଡିଆ ନଦୀ ଗାଧୁଆ ତୁଠ ପାଖରୁ ଜଣେ ଯୁବକଙ୍କ ମୃତଦେହକୁ ଉଦ୍ଧାର କରିଛି। ମୃତ ଯୁବକ ହେଲେ ଏହି ଥାନା ଅଧୀନ ବେଣାଗାଡିଆ ଗ୍ରାମର ନିରାକର ପୃଷ୍ଟିଙ୍କ ପୁଅ ମନୋଜ। ମନୋଜ ବଡବାଲିପଡା ଛକରେ ଥିବା ଏକ ଫଳ ଦୋକାନରେ କାମ କରୁଥିଲେ। ସ୍ଥାନୀୟ ଗ୍ରାମର କେତେଜଣ ଯୁବକ ଶୁକ୍ରବାର ବଡିଭୋରୁ ନଦୀକୁ ଶୌଚ ପାଇଁ ଯାଇଥିବାବେଳେ ମନୋଜଙ୍କ ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ। ତାଙ୍କ ବାଇକ୍ (ନଂ. ଓଆର୦୨ ଏସି ୬୮୦୨) ଭାଙ୍ଗି ପଡିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଥାନାରେ ନଂ. ୮/୨୦ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପାରିପାର୍ଶ୍ୱିକ ପରିସ୍ଥିତିକୁ ଆଧାର କରି ଏକ ଅଜଣା ଗାଡି ଧକ୍କାରେ ମନୋଜଙ୍କ ମୃତ୍ୟୁ ଘଟିଛି ବୋଲି ତଦନ୍ତକାରୀ ଅଫିସର ନବଘନ ମଲ୍ଲିକ କହିଛନ୍ତି।

# ବ୍ୟବଚ୍ଛେଦ ପରେ ପୋତାଗଲା ମୃତ ତିମି



ସମୁଦ୍ର ବାଲିରେ ଗାତ ଖୋଳି ମୃତ ତିମିକୁ ପୋତାଯାଉଛି।

**ବ୍ରହ୍ମଗିରି, ୩୧।୧(ଡି. ଏନ୍.ଏ)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ସାନପାଟଣା ସମୁଦ୍ରକୂଳରେ ଲାଗିଥିବା ମୃତ ତିମିର ମୃତଦେହକୁ ଶୁକ୍ରବାର ବ୍ୟବଚ୍ଛେଦ କରାଯିବା ପରେ ପୋତି ଦିଆଯାଇଛି। ବ୍ରହ୍ମଗିରି ମଣ୍ଡଳ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ମଳୟ କୁମାର ମିଶ୍ର ମୃତ ତିମିକୁ ବ୍ୟବଚ୍ଛେଦ କରିଥିଲେ। ପରେ ବନବିଭାଗ କର୍ମଚାରୀଙ୍କ ସମେତ ସ୍ଥାନୀୟ ଲୋକେ ସମୁଦ୍ର କୂଳରୁ କିଛି ଦୂରରେ ବାଲିରେ ଗାତ ଖୋଳି ତାହାକୁ ପୋତିଥିଲେ। ଏହି ସମୟରେ ବାଲୁଗାଁ ଏସିଏଫ ଶରତ କୁମାର ମିଶ୍ର, ବ୍ରହ୍ମଗିରି ବିଡିଓ ମଳୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ମୃତ ତିମି ଯେପରି ବାଲିରେ ଶୀଘ୍ର ନଷ୍ଟ ହୋଇଯିବ ସେଥିଲାଗି ମୃତଦେହ ଉପରେ ବ୍ଲିଚିଂ ପାଉଡର ସମେତ କିଛି ଔଷଧ ସିଞ୍ଚନ କରାଯାଇଛି। ତିମି ମୃତ୍ୟୁର କାରଣ ଜଣାପଡ଼ି ନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ରେଞ୍ଜ ଅଧିକାରୀ ସାନସ କୁମାର ମହାପାତ୍ର କହିଛନ୍ତି। ସୂଚନାଯୋଗ୍ୟ, ସାନପାଟଣା ସମୁଦ୍ର କୂଳରେ ଗୁରୁବାର ଅପରାହ୍ନରେ ୩୩ ଫୁଟ ଲମ୍ବର ଏକ ତିମି ମାଛ ମରି ଭାସୁଥିବା ସ୍ଥାନୀୟ ମତ୍ସ୍ୟଜୀବୀ ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ସେମାନେ ବନ ବିଭାଗକୁ ଜଣାଇଥିଲେ। ତିମିଟି ପଚି ନଷ୍ଟ ହୋଇଯାଇଥିବାବେଳେ ଏହାକୁ ସାତପଡ଼ା ବନବିଭାଗ ଜବତ କରିଥିଲା।

## ବ୍ୟାଙ୍କ ଧର୍ମଘଟ





ୟୁନାଇଟେଡ ଫୋରମ୍ ଅଫ ବ୍ୟାଙ୍କ ୟୁନିଅନ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନସ୍ଥିତ ୟୁକୋ ବ୍ୟାଙ୍କ ସମ୍ମୁଖରେ ଦିଆଯାଇଥିବା ଧାରଣା।





ଅଶୋକନଗରସ୍ଥିତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ପରିସରରେ କର୍ମଚାରୀମାନେ କାର୍ଯ୍ୟବନ୍ଦ କରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଗଠନ ହେଲାନି ବୁଧବାରିଆ କମିଟି

**ପୁରୀ ଅଫିସ, ୩୧।୧**

**ଘୋଷଣାକୁ ବର୍ଷେ ବିତିଲା**



ଶ୍ରୀମନ୍ଦିରରେ କୌଣସି ପ୍ରକାର ବିଶୃଙ୍ଖଳା ଓ ନୀତିକାନ୍ତିରେ ବିଭ୍ରାଟକୁ ବରଦାସ୍ତ କରାଯିବ ନାହିଁ। ଠାକୁରଙ୍କ ସେବାପୂଜା ହେଉ କି ଭକ୍ତଙ୍କ ଦର୍ଶନ ସବୁ ଯେପରି ସୁରୁଖୁରରେ ଏବଂ ନିର୍ଦ୍ଧାରିତ ସମୟ ଅନୁସାରେ ଚାଲିବ ସେଥିପାଇଁ ବିଭିନ୍ନ ସମୟରେ ନିଷ୍ପତ୍ତି ନିଆଯାଉଛି। କିନ୍ତୁ ଏହା କାର୍ଯ୍ୟକାରୀ ହେଉଛି କି ନାହିଁ ପରବର୍ତ୍ତୀ ସମୟରେ ତା' ଉପରେ ଆଉ କେହି ଗୁରୁତ୍ୱ ଦେଉନାହାନ୍ତି। ଫଳରେ ଅନେକ ନିଷ୍ପତ୍ତିର ବାସ୍ତବତାକୁ ନେଇ ପ୍ରଶ୍ନ ଉଠୁଛି। ଏମିତି ଏକ ନିଷ୍ପତ୍ତି ହେଉଛି ବୁଧବାରିଆ କମିଟି। ନୀତିକାନ୍ତିକୁ ଶୃଙ୍ଖଳିତ ଏବଂ ସୁବ୍ୟବସ୍ଥିତ କରିବା ଲାଗି ବୁଧବାରିଆ କମିଟି ଗଠନ ପାଇଁ ଶ୍ରୀମନ୍ଦିର ପରିଚାଳନା କମିଟିରେ ନିଷ୍ପତ୍ତି ହୋଇଥିଲା। ଇତିମଧ୍ୟରେ ବର୍ଷେ ବିତିଗଲାଣି କିନ୍ତୁ ଏହି କମିଟି ଗଠନ ହୋଇପାରି ନାହିଁ। ଫଳରେ ମଝିରେ ମଝିରେ ନୀତିକାନ୍ତିରେ ବିଳମ୍ବ ଘଟୁଛି।

ମହାପ୍ରଭୁଙ୍କ ନୀତିକାନ୍ତିର ସୁପରିଚାଳନା ପାଇଁ ୨୦୧୩ରେ ବୁଧବାରିଆ କମିଟି ଗଠନ କରାଯାଇଥିଲା। ପ୍ରାୟ ୨୨ଜଣ ଯୁବ ସେବକ ଏହାର ସଦସ୍ୟ ଥିଲେ। ପରବର୍ତ୍ତୀ ସମୟରେ ଏହାର ସଦସ୍ୟ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଥିଲା। ନୀତି କିପରି ଠିକ୍ ଭାବେ ଚାଲିବ ସେ ନେଇ ପ୍ରତି ବୁଧବାର କମିଟି ବୈଠକ ବସି ଆଲୋଚନା ହେଉଥିଲା। କାହିଁକି ନୀତି ବିଳମ୍ବ ହେଲା, କାହାର ତ୍ରୁଟି ରହିଲା ସେ ସବୁ ଉପରେ ପୁଙ୍ଖାନୁପୁଙ୍ଖ ତର୍ଜମା କରାଯାଉଥିଲା। ସଦସ୍ୟମାନେ ବିଭିନ୍ନ ପର୍ଯ୍ୟାୟରେ ମନ୍ଦିରରେ ଉପସ୍ଥିତ ରହି ନୀତି ତ୍ୱରାନ୍ୱିତ କରୁଥିଲେ। କିନ୍ତୁ ୨୦୧୫ ବେଳକୁ ଏହି କମିଟି ଧୀରେ ଧୀରେ ନିଷ୍କ୍ରିୟ ହୋଇପଡ଼ିଥିଲା। ଏହାପରେ ଶ୍ରୀମନ୍ଦିରରେ ଅନେକଥର ନୀତିରେ ବିଭ୍ରାଟ ଦେଖାଦେଇଛି। କେତେବେଳେ ଠାକୁର ଅଖିଆ ଅପିଆ ରହିଛନ୍ତି ତ ପୁଣି କେତେବେଳେ ଦର୍ଶନରେ ବିଶୃଙ୍ଖଳା ଘଟିଛି। ଏମିତି କି ଶ୍ରଦ୍ଧାଳୁମାନେ ସମସ୍ୟାରେ ବି ପଡ଼ିଛନ୍ତି। କିଛି ସେବାୟତ ଓ କର୍ମଚାରୀଙ୍କ ଭୁଲ୍ ପାଇଁ ଅବ୍ୟବସ୍ଥା ସୃଷ୍ଟି ହୋଇଛି। କିନ୍ତୁ ଏ ଦିଗରେ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ବିଶୃଙ୍ଖଳା ଏବଂ ବିଭ୍ରାଟ ଉପରେ ସମ୍ପୂର୍ଣ୍ଣ ଅଙ୍କୁଶ ଲାଗିପାରୁ ନ ଥିଲା। ତେଣୁ ନୀତିକାନ୍ତିକୁ ଶୃଙ୍ଖଳିତ କରିବା ଲାଗି ଗତବର୍ଷ ଜାନୁୟାରୀ ୧୮ରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା। ଏଥିଲାଗି ତିନିଥାକିଆ ତଦାରଖ ବ୍ୟବସ୍ଥା କରାଯିବ। ଦ୍ୱାରଫିଟାଠାରୁ ସକାଳ ଧୂପ ପର୍ଯ୍ୟନ୍ତ ନୀତିକୁ ତଡ଼ାଉକରଣ ଏବଂ ଭିତରଚ୍ଛ ତଦାରଖ କରିବେ। ସେହିପରି ସକାଳ ଧୂପଠାରୁ ସନ୍ଧ୍ୟା ଆଳତି ପର୍ଯ୍ୟନ୍ତ ଦେଉଳକରଣ ଏବଂ ପାଳିଯୋଶୀ ମହାପାତ୍ର, ସନ୍ଧ୍ୟା ଆଳତିଠାରୁ ରାତ୍ର ପହୁଡ଼ ପର୍ଯ୍ୟନ୍ତ ନୀତିକୁ ଶ୍ରୀମନ୍ଦିର କମାଣ୍ଡର ଏବଂ ତଲୁଚ୍ଛ ତଦାରଖ କରିବା ଲାଗି ନିଷ୍ପତ୍ତି ହୋଇଥିଲା। ପରିଚାଳନା କମିଟି ବୈଠକ ପରେ ତତ୍କାଳୀନ ମୁଖ୍ୟ ପ୍ରଶାସକ ସେତେବେଳେ କହିଥିଲେ, ନୀତିକାନ୍ତିକୁ ଶୃଙ୍ଖଳିତ କରିବା ପାଇଁ ପୂର୍ବରୁ କାର୍ଯ୍ୟକ୍ଷମ କରୁଥିବା ବୁଧବାରିଆ କମିଟି ବନ୍ଦ ରହିଛି। ଏହାକୁ ପୁନର୍ବାର କାର୍ଯ୍ୟକ୍ଷମ କରାଇବା ଲାଗି ନିଷ୍ପତ୍ତି ହୋଇଛି। ୫/୭ ଦିନ ମଧ୍ୟରେ ଏହି କମିଟି କାମ ଆରମ୍ଭ କରିବ। ହେଲେ ଇତିମଧ୍ୟରେ ବର୍ଷେ ବିତିଗଲାଣି। ମାତ୍ର ଏ ପର୍ଯ୍ୟନ୍ତ ବୁଧବାରିଆ କମିଟି ଗଠନ ହୋଇ ନ ଥିବା ଜଣାପଡ଼ିଛି।

ଏ ସମ୍ପର୍କରେ ଶ୍ରୀମନ୍ଦିର କାର୍ଯ୍ୟାଳୟର ଜଣେ ଅଧିକାରୀ କହିଛନ୍ତି, ଠାକୁରଙ୍କ ନୀତିକାନ୍ତିରେ ସମନ୍ୱୟ ରକ୍ଷା କରିବା ପାଇଁ ୨୦୧୩ରେ ଏହି କମିଟି ଗଠନ କରାଯାଇଥିଲା। ପ୍ରତି ବୁଧବାର କମିଟିର ବୈଠକ ବସି ନୀତିକାନ୍ତି ଶୃଙ୍ଖଳା ଲାଗି ଆଲୋଚନା କରାଯାଉଥିବାରୁ ଏହାକୁ ବୁଧବାରିଆ କମିଟି ବୋଲି କୁହାଯାଉଥିଲା। ପ୍ରାୟ ୨ବର୍ଷ ପର୍ଯ୍ୟନ୍ତ କମିଟି ଠିକ୍‌ଠାକ ଦାୟିତ୍ୱ ସମ୍ପନ୍ନ କରିଥିଲା। ହେଲେ ୨୦୧୫ ବେଳକୁ ଏହା ନିଷ୍କ୍ରିୟ ହୋଇଯାଇଥିଲା। ପୁଣି ଏହି କମିଟି କାର୍ଯ୍ୟକ୍ଷମ କରିବା ଲାଗି ନିଷ୍ପତ୍ତି ହୋଇଛି। କିନ୍ତୁ କେବେ ଗଠନ ହେବ ସେ ସଂକ୍ରାନ୍ତରେ ସେ କିଛି ମତ ରଖି ନ ଥିଲେ।

## ସଂକ୍ଷେପରେ

### ଚଢ଼ାଉ ବେଳେ ଚଢ଼ିଗଲା ଟ୍ରକ୍

ଜଣେ ମୃତ, ୧୫ ପାୱାରଟିଲର, ୧ ଜେସିବି ଜବତ

**ଖୋର୍ଦ୍ଧା ଅଫିସ,୩୧।୧:** ଖୋର୍ଦ୍ଧା ପୋଲିସ ଜିଲା ଜଙ୍କିଆ ଥାନାର ଅଁଳାଯୋଡି ମାଙ୍କଡାପଥର ଖଣି ଉପରେ ଶୁକ୍ରବାର ଚଢ଼ାଉ ସମୟରେ ଟ୍ରକ ଚଢ଼ି ଯିବାରୁ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ମଳିପଡା ସୁରେଶ ସାମନ୍ତରାୟ(୪୮)। ଜଙ୍କିଆ ଥାନା ପୋଲିସ ନଂ. ୨୮/୨୦ରେ ଦୁର୍ଘଟଣାଜନିତ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ସେହିଭଳି ୧୫ ପାୱାରଟିଲର ଓ ୧ ଜେସିବି ଜବତ ହୋଇଛି। କେତେଜଣ ମାଫିଆ ଗୋଟିଏ ଜେସିବିକୁ ଖସାଇ ନେଇଛନ୍ତି। ତେବେ ଆଉ ଏକ ଜେସିବିକୁ ଖସାଇ ନେଉଥିବା ଉଦ୍ୟମ ହେଉଥିବାବେଳେ ଟ୍ରକ ମଳିପଡାର ସୁରେଶଙ୍କୁ ଟାଣିକି କିଛି ଦୂରରେ ପକାଇ ଦେଇଥିଲା। ଫଳରେ ସୁରେଶଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟପକ୍ଷେ ପୋଲିସ ମୟୂରଭଞ୍ଜର ଜଣେ ପାୱାରଟିଲର ଡ୍ରାଇଭରଙ୍କୁ ଅଟକ ରଖି ପଚରାଉଚୁରା କରୁଛି।

### ବିଜୁ ଯୁବ କଲ୍ୟାଣ ବିଭାଗ ଅଧ୍ୟକ୍ଷଙ୍କ ଗାଡିକୁ ଟେକାମାଡ଼

ଖୋର୍ଦ୍ଧା ଅଫିସ/ବେଗୁନିଆ, ୩୧।୧ (ଡି.ଏନ୍.ଏ.): ବିଜୁ ଯୁବ କଲ୍ୟାଣ ବିଭାଗର ଅଧକ୍ଷ ବିଜୟ ନାୟକଙ୍କ ଗାଡିକୁ ବେଗୁନିଆର ବୀଣାପାଣି ମହୋତ୍ସବରେ ଶୁକ୍ରବାର ରାତିରେ ଟେକାମାଡ ହୋଇଥିବା ଜଣାପଡିଛି। ଖବରପାଇ ବେଗୁନିଆ ଥାନା ପୋଲିସ ଗାଡିକୁ ଜବତ କରିବା ସହ ଟେକା ମାଡ କରିଥିବା ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ତେବେ ଘଟଣାକୁ ସମାଧାନ କରାଯିବାକୁ ଚେଷ୍ଟା ଜାରି ରହିଛି। ପ୍ରାପ୍ତ ସୂଚନା ଅନୁସାରେ, ବୀଣାପାଣି ମହୋତ୍ସବକୁ ବିଜୁ ଯୁବ କଲ୍ୟାଣ ବିଭାଗର ଅଧକ୍ଷ ବିଜୟ ବିଳମ୍ବରେ ଆସିଥିଲେ। ବିଜୟଙ୍କ ସାଙ୍ଗରେ ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ ଥିଲେ। ବିଜୟ ଆସିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅସୀମା ପଣ୍ଡା ଗୀତ ବୋଲୁଥିଲେ। ସେହି ସମୟରେ କେହି ତାଙ୍କ ଗାଡିକୁ ଟେକାମାଡ କରିଥିବା ଜଣାପଡିଛି। ଏହାକୁ ନେଇ କିଛି ସମୟ ପାଇଁ ଚାପା ଉତ୍ତେଜନା ଦେଖାଦେଇଥିଲା।

### ସିଟି ହସ୍ପିଟାଲ ଦାବି

**ଖୋର୍ଦ୍ଧା ଅଫିସ,୩୧।୧:** ଖୋର୍ଦ୍ଧା ଜିଲା ସଦର ମହକୁମାରେ ଥିବା ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ (ବର୍ତ୍ତମାନର ସିଡିଏମ୍‌ଓଙ୍କ ଅଫିସ)କୁ ସିଟି ହସ୍ପିଟାଲ ରୂପେ କାର୍ଯ୍ୟକ୍ଷମ କରିବାକୁ ମୁଖ୍ୟମନ୍ତ୍ରୀ ଓ ଭୁବନେଶ୍ୱର ଏମ୍‌ପିଙ୍କ ନିକଟରେ ଦାବି କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟଟି ସହରଠାରୁ ଦୂରରେ ରହିଛି। ଏଠାରେ ଆଶୁ ଚିକିତ୍ସା ଓ ସାଧାରଣ ଚିକିତ୍ସା ପାଇଁ ସିଟି ହସ୍ପିଟାଲର ଆବଶ୍ୟକତା ରହିଛି। ସିଡିଏମ୍‌ଓଙ୍କ ଅଫିସ ଭିତରେ ବ୍ଲଡ ବ୍ୟାଙ୍କ ରହିଛି।

# ବସ୍ -ଟ୍ରକ ଧକ୍କା : ୩୦ଆହତ, ୬ ଗୁରୁତର

- ୨ ଘଣ୍ଟା ରାସ୍ତାରୋକୋ
- ଘଟଣାସ୍ଥଳରେ ପହଞ୍ଚିଲେ ଡିଆଇଜି

**ରଣପୁର/ଟାଙ୍ଗୀ, ୩୧।୧ (ସ୍ୱ.ପ୍ର./ଡି.ଏନ.ଏ.)**

ନୟାଗଡ଼ ଜିଲା ଚାନ୍ଦପୁର ଥାନା ୧୬ ନମ୍ବର ଜାତୀୟ ରାଜପଥର ବେଷ୍ଟଛକ ନିକଟରେ ଶୁକ୍ରବାର ଅପରାହ୍ନରେ ଏକ ଟ୍ରକ ସହ ବସ୍‌ର ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଚାଳକଙ୍କ ସମେତ ୩୦ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୬ଜଣଙ୍କ ଅବସ୍ଥା ଗୁରୁତର ରହିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ୨ଟିକୁ ଜବତ କରିବା ସହିତ ଘଟଣାର ତଦନ୍ତ ଜାରି ରଖିଛି । ଏହି ଘଟଣାକୁ ନେଇ ଦୀର୍ଘ ୨ଘଣ୍ଟା ଧରି ରାସ୍ତାରୋକୋ କରାଯାଇଥିଲା।

ପ୍ରକାଶ ଯେ, ଓଡି୦୨ଏ ୯୨୩୭ ନମ୍ବର ବିଶିଷ୍ଟ ଓମ୍ ମା ନାମକ ଏକ ଘରୋଇ ବସ୍ ଭୁବନେଶ୍ୱରରୁ ବାହାରି ବାଲୁଗାଁ ଅଭିମୁଖେ ଯାଉଥିଲା ବେଳେ ଅପରାହ୍ନ ୩ଟାରେ ଚାନ୍ଦପୁର ନିକଟସ୍ଥ ବେଷ୍ଟଛକଠାରେ ବିପରୀତ ଦିଗରୁ ଆସୁଥିବା ଓଡି୦୭ ଏଲ୍ ୨୦୦୩ ନମ୍ବର ବିଶିଷ୍ଟ ଏକ ଟ୍ରକ ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଉକ୍ତ ବସ୍‌ରେ ପ୍ରାୟ ୪୦ରୁ ୪୫ ଯାତ୍ରୀ ଥିଲେ। ସେମାନଙ୍କ ମଧ୍ୟରୁ ପ୍ରାୟ ୩୦ଜଣ ଆହତ ହୋଇଥିବାବେଳେ ୬ଜଣଙ୍କ ଅବସ୍ଥା ଗୁରୁତର ଅଛି। ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ଟାଙ୍ଗୀ ଦମକଳ ବାହିନୀ ସହାୟତାରେ ଆହତ ଯାତ୍ରୀଙ୍କୁ ଉଦ୍ଧାର କରି ନିକଟସ୍ଥ ଚାନ୍ଦପୁର ଏବଂ ଟାଙ୍ଗୀ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ । ସେମାନଙ୍କ ମଧ୍ୟରୁ ବସ୍ ଡ୍ରାଇଭର ଅଖିଳ ବେହେରା (୫୫), ଯାତ୍ରୀ ଅନୀତା ସାହୁ (୧୪), ରଙ୍ଗଲତା ତାଡ (୬୨), ଅନୀତା ସାହୁ (୩୫), ଭୁବନେଶ୍ୱର ମହନ୍ତ (୪୫) ଏବଂ ବନମାଳୀ ପ୍ରଧାନ (୨୭)ଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଛି। ଆହତ ବସଯାତ୍ରୀଙ୍କ ଘର ନିକଟସ୍ଥ ଟାଙ୍ଗୀ,ଚାନ୍ଦପୁର,ନାରୁଣୀ,ବାଲୁଗାଁ ଅଞ୍ଚଳରେ ବୋଲି ଜଣାପଡ଼ିଛି। ବେଷ୍ଟଛକ ଠାରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ତାହାର ପ୍ରତିକାର ଦାବି ସହ ସେଠାରେ ଏକ ଓଭରବ୍ରିଜ ନିର୍ମାଣ ଦାବିରେ ସ୍ଥାନୀୟ ଲୋକମାନେ ଅପରାହ୍ନ ୪ଟାରୁ ସେଠାରେ ରାସ୍ତାରୋକୋ କରିଥିଲେ । ଫଳରେ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ବହୁ ଯାନବାହନ ଅଟକି ରହିଥିଲା। ଥାନା ଏସଆଇ ଏସ.ଏସ. ହରୋ ସେଠାରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ଦୀର୍ଘ ୨ଘଣ୍ଟା ପରେ ଅର୍ଥାତ ସନ୍ଧ୍ୟା ୬ଟାରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଖବରପାଇ କେନ୍ଦ୍ରାଞ୍ଚଳ ଡିଆଇଜି ଆଶିଷ ସିଂ ସେଠାରେ ପହଞ୍ଚି ଘଟଣାର ତଦାରଖ କରିଥିଲେ।



ଦୁର୍ଘଟଣାଗ୍ରସ୍ତ ବସ୍ ।



ନିର୍ମାଣାଧୀନ ରାସ୍ତାରୁ ବାଲି ଧସିଯାଇଛି ।

# ଦୁଇ ରାସ୍ତା କାର୍ଯ୍ୟ ନିମ୍ନମାନର

**ଖୋର୍ଦ୍ଧା ଅଫିସ,୩୧।୧**

ପ୍ରାୟ ୪ ମାସ ତଳେ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ପିତାପଲ୍ଲୀଠାରୁ ଗୁରୁଜଙ୍ଗ ଦେଇ ଯାଇଥିବା ରାସ୍ତା ନିର୍ମାଣ ହୋଇଥିଲା। ତେବେ ରାସ୍ତାଟି ଖାଲ ଖମା ହେଉଥିବାବେଳେ ଉପରେ ପିଚୁ ପକାଇ କାମଚଳା କାମ ଆରମ୍ଭ କରାଯାଉଛି। ସେହିଭଳି ଭାବରେ କୁମାରବସ୍ତ କୁକୁଡ଼ା ଫାର୍ମଠାରୁ ଉପରସାହିକୁ ଯାଇଥିବା ରାସ୍ତା ବିନା ମେଟାଲରେ ପିଚୁ ପକାଯାଇ କାର୍ଯ୍ୟ କରାଯାଉଛି। ଯାହାକି ରାସ୍ତାର ସ୍ଥାୟିତ୍ୱ ରହିବନି। ଏହାକୁ କିଛି ଗ୍ରାମବାସୀ ବିରୋଧ କରି ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଡ଼ାକି ଦେଖାଇବାରୁ ଠିକାଦାରଙ୍କର ଗୁମାସ୍ତା ସେମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏ ସମ୍ପର୍କରେ ନିର୍ବାହୀ ଯନ୍ତ୍ରୀ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଖୋର୍ଦ୍ଧାଙ୍କୁ ଫୋନ ମାଧ୍ୟମରେ ପଚାରିବାରୁ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ପାରି କଥାକୁ ବୁଲାଇ ବଙ୍କାଇ କହିଥିଲେ। ଏ ସମ୍ପର୍କରେ ଜିଲାପାଳ ତଥା ଦୁର୍ନୀତି ନିବାରଣ ବିଭାଗ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଜଟଣୀରେ ବ୍ୟାଙ୍କ ଧର୍ମଘଟ




ବ୍ୟାଙ୍କ ସମ୍ମୁଖରେ ଧାରଣାରତ କର୍ମଚାରୀ ।

**ଜଟଣୀ,୩୧।୧(ଡି.ଏନ.ଏ.):**

୧୨ ଦଫା ଦାବିନେଇ ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିୟନର ୨ ଦିନିଆ ଧର୍ମଘଟ ଡାକରା ପରିପ୍ରେକ୍ଷୀରେ ଜଟଣୀରେ ସମସ୍ତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ବନ୍ଦ ରହିଛି। ଭାରତୀୟ ଷ୍ଟେଟବ୍ୟାଙ୍କ କର୍ମଚାରୀ ସଂଘ ଭୁବନେଶ୍ୱର ମଣ୍ଡଳର ଉପସଭାପତି ନିତ୍ୟାନନ୍ଦ ବେହେରାଙ୍କ ନେତୃତ୍ୱରେ ଜଟଣୀ ଷ୍ଟେଟ ବ୍ୟାଙ୍କ ଶାଖା ସମ୍ମୁଖରେ ଶୁକ୍ରବାର କର୍ମଚାରୀମାନେ ଧାରଣା ଦେଇଥିଲେ।

# ସମ୍ବଲପୁରୀ ନୃତ୍ୟରେ କମ୍ପିଲା

## ପଲ୍ଲିଶ୍ରୀ, ପୁସ୍ତକ ମେଳା ଉଦ୍‌ଯାପିତ




କଳାକାରମାନଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ପରିବେଷଣ ।

**ଖୋର୍ଦ୍ଧା ଅଫିସ,୩୧।୧**

ଖୋର୍ଦ୍ଧା ସହରର ହାବେଳିପଡିଆରେ ୫ ଦିନ ଧରି ଚାଲିଥିବା ପଲ୍ଲିଶ୍ରୀ ଓ ପୁସ୍ତକ ମେଳା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବଲାଙ୍ଗୀରର ଢ଼ୋଲ ମହୁରୀ କଳା ପରିଷଦ ପକ୍ଷରୁ ପ୍ରଥମେ ମଞ୍ଚରେ ଶୁଭିଥିଲା ସମ୍ବଲପୁରୀ ନୃତ୍ୟ। ପରେ କେନ୍ଦୁଝରର ବାସୁଦେବପୁର ନୃତ୍ୟାନୁଷ୍ଠାନ ପକ୍ଷରୁ ଜୁମର ନୃତ୍ୟ ପରିବେଷଣ କରାଯାଇଥିଲା। ସେହିଭଳି ଖୋର୍ଦ୍ଧାର ଦୁଇ ଛୋଟ ପିଲା ପ୍ରଦର୍ଶନ କରିଥିଲେ ସମ୍ବଲପୁରୀ ନୃତ୍ୟ। ଗଜପତି ସଙ୍କଟ ତାରିଣୀ ନାଟ୍ୟ ପରିଷଦ ପକ୍ଷରୁ ରାଧାକୃଷ୍ଣଙ୍କର ଲୀଳା ମଞ୍ଚସ୍ଥ ହୋଇଥିଲା। ଖୋର୍ଦ୍ଧାର କଳିଙ୍ଗ ପାଇକ ଆଖଡା ପକ୍ଷରୁ ସାମରିକ କଳା ପରିବେଷଣ କରାଯାଇଥିଲା । ମଞ୍ଚ ପରିଚାଳନା କରିଥିଲେ ଅନନ୍ୟା ମିଶ୍ର ଓ ଶମ୍ଭୁଦତ୍ତ ସ୍ୱାଇଁ ।

### ମାଟି ଗାଉଛି ବୀରତ୍ୱର ଗାଥା

ପଲ୍ଲିଶ୍ରୀ ଓ ପୁସ୍ତକ ମେଳାର ଅନ୍ତିମ ଦିବସରେ ବିଜ୍ଞାନ ଓ କାରିଗରୀ କୌଶଳ, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ପଣ୍ଡା ଯୋଗ ଦେଇ କହିଥିଲେ। ଖୋର୍ଦ୍ଧା ଜିଲାର ବିଶେଷତ୍ୱ ରହିଯାଇଛି ଇତିହାସ ପୃଷ୍ଠାରେ। ଖୋର୍ଦ୍ଧାର ମାଟି ଗାଏ ବୀରତ୍ୱର ଗାଥା। ସ୍ୱାଧୀନତା ସଂଗ୍ରାମ, ସାହିତ୍ୟ ଓ ସଂସ୍କୃତି ସହ ଖୋର୍ଦ୍ଧା ଜିଲା ଯୋଡି ହୋଇରହିଛି। ଅନ୍ୟପକ୍ଷେ ଲୋକକଳାକୁ ଉଜ୍ଜୀବିତ କରି ରଖିବାକୁ ହେଲେ ପଲ୍ଲିଶ୍ରୀ ମେଳାର ଆୟୋଜନ କରିବାକୁ ପଡିବ। ସେହିପରି ଖୋର୍ଦ୍ଧାରେ ପରି ରାଜ୍ୟର ବିଭିନ୍ନ ଜିଲାରେ ବିଜ୍ଞାନ କେନ୍ଦ୍ର ହେବ। ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର, ଜିଲା ପରିଦେ ଅଧ୍ୟକ୍ଷ ପ୍ରଫୁଲ୍ଲ ଦଳେଇ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ।

### ମଞ୍ଚ ଗୋଟିଏ, ଦୁଇ କାର୍ଯ୍ୟକ୍ରମ

ପଲ୍ଲିଶ୍ରୀ ଓ ପୁସ୍ତକ ମେଳା ପାଇଁ ମଞ୍ଚ ଗୋଟିଏ କରାଗଲା। ହେଲେ ଲୋକଙ୍କ ଆଦୃତି ହେଲା ନାହିଁ। ଲୋକଙ୍କ ଇଚ୍ଛା ମୁତବାକ କାର୍ଯ୍ୟକ୍ରମ କରାଯାଉ ନ ଥିବାରୁ ଚଳିତବର୍ଷ ପଲ୍ଲିଶ୍ରୀ ମେଳାରେ ଗହଳି ନ ଥିଲା। ଦୁଇ କାର୍ଯ୍ୟକ୍ରମ ପୃଥକ୍ ପୃଥକ୍ ଭାବେ କରିବାକୁ ସରକାର ଅର୍ଥ ବ୍ୟୟ ବରାଦ କରୁଛନ୍ତି। ହେଲେ ପ୍ରଶାସନ ପକ୍ଷରୁ ଉଭୟ କାର୍ଯ୍ୟକ୍ରମକୁ ମିଶାଇ ଗୋଟିଏ କାର୍ଯ୍ୟକ୍ରମ କରି କାମଚଳା ଭାବେ ଶେଷକରି ଦିଆଯାଇଥିବା ଅଭିଯୋଗ ଉଠିଛି।

### ଘରେ ପଶି ଆଲ୍‌ମାରି ତାଡି ଚୋରି, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୩୧।୧(ବ୍ୟୁରୋ)**

ଖଣ୍ଡଗିରି ଥାନା ଅନ୍ତର୍ଗତ ଡୁମଡୁମା ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ଘରେ ପଶି ଆଲମିରା ତାଡି ଚୋରି କରୁଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅନ୍ତର୍ଗତ ଯଦୁପୁର ଅଞ୍ଚଳର ମହମ୍ମଦ ତସିବ। ସୂଚନା ମୁତାବକ, ଡୁଡୁମା ହାଉସିଂବୋର୍ଡ କଲୋନୀ ଅଞ୍ଚଳରେ ବିଜୟ କୁମାର ନାୟକ ରୁହନ୍ତି। ଗୁରୁବାର ସନ୍ଧ୍ୟା ସାଢେ ୬ଟାରେ ବିଜୟ ତାଙ୍କ ପଡୋଶୀ ଘରକୁ ଯାଇଥିଲେ। ଏହି ସମୟରେ ବିଜୟଙ୍କ ଘରେ ପଶି ଆଲମିରା ତାଡି ସେଥିରୁ ଲ୍ୟାପଟପ, ୬ ହଜାର ଟଙ୍କା ଏବଂ ଦାମୀ ହତ ଘଣ୍ଟା ସହ ଅନ୍ୟାନ ସାମଗ୍ରୀ ଚୋରି କରି ଫେରାର ହେଉଥିଲେ ଅଭିଯୁକ୍ତ ମହମ୍ମଦ। ବିଜୟ ଘରକୁ ଆସି ଚୋର ପସିଥିବା ଦେଖି ଚିତ୍କାର କରିଥିଲେ। ପଡୋଶୀ ଓ ସ୍ଥାନୀୟ ଲୋକେ ପହଞ୍ଚି ଅଭିଯୁକ୍ତ ମହମ୍ମଦଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ।

### ହଜରେ ବ୍ରାଉନସୁଗାର କାରବାର

**ଖୋର୍ଦ୍ଧା ଅଫିସ,୩୧।୧:**

ଖୋର୍ଦ୍ଧା ପୋଲିସ ଜିଲା ଜଙ୍କିଆ ଥାନା ହଜ ଗାଁରେ ବ୍ରାଉନସୁଗାର କାରବାର ଅବାଧରେ ଚାଲିଛି। ପୋଲିସ ଓ ଅବକାରୀ ବିଭାଗକୁ ହାତବାରିଶି କରି କେତେଜଣ ବ୍ରାଉନସୁଗାର ବ୍ୟବସାୟୀ ସେମାନଙ୍କ କାରବାରକୁ ଅବାଧରେ ଚଳାଇ ଆସୁଛନ୍ତି। ଜିଲାପାଳ ଓ ଏସ୍‌ପି ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ପଞ୍ଚାୟତ କାର୍ଯ୍ୟର ସମୀକ୍ଷା କଲେ ବିଧାୟକ

**ଟାଙ୍ଗୀ (ଖୋର୍ଦ୍ଧା), ୩୧।୧ (ଡି.ଏନ.ଏ.):**

ଟାଙ୍ଗୀ ବ୍ଲକ୍ ଅନ୍ତର୍ଗତ ବଡପାରୀ ପଞ୍ଚାୟତର ସଭାଗୃହରେ ସମୀକ୍ଷା ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର ଓ ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଯୋଗଦେଇ କାର୍ଯ୍ୟର ସମୀକ୍ଷା କରିଥିଲେ। ଟାଙ୍ଗୀ ଏବିଡିଓ ମୋହନ ବେହେରା, ସମିତିସଭ୍ୟ ଚକ୍ରଧର ମହାନ୍ତି, ଗଦାଧର ପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ପରିପ୍ରେକ୍ଷୀରେ ବଡପାରୀ ସିଭିଲ ସୋସାଇଟି ଦ୍ୱାରା ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ମଞ୍ଜୁର ହୋଇଥିବା ଅନୁଦାନରେ ଶ୍ରୀନୀଳକଣ୍ଠ ଦେବଙ୍କ ମନ୍ଦିରର ପ୍ରାଚୀର ନିର୍ମାଣ ସହ ମନ୍ଦିର ପରିସରର ଉନ୍ନୟନ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ସିଭିଲ ସୋସାଇଟିର ସଭ୍ୟମାନଙ୍କର ସକ୍ରିୟ ସହଯୋଗରେ ସମସ୍ତ କାର୍ଯ୍ୟ ସମ୍ପାଦନ କରାଯାଇଥିଲା।




ସମୀକ୍ଷା ବୈଠକରେ ଯୋଜନା ବୋର୍ଡ ଅଧକ୍ଷ ପ୍ରଶାନ୍ତ ଜଗଦେବ, ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଓ ଅନ୍ୟମାନେ ।

# ନୟାଗଡ଼ ଚିନିକଳ ପୁଣି କାର୍ଯ୍ୟକ୍ଷମ ଦାବି

## ବୋଲଗଡରେ କ୍ରିୟାନୁଷ୍ଠାନ କମିଟିର ପଦଯାତ୍ରାକୁ ସ୍ୱାଗତ

**ବୋଲଗଡ,୩୧।୧ (ଡି.ଏନ୍.ଏ.)**

ନୟାଗଡ ଚିନିକଳର ପୁଣି କାର୍ଯ୍ୟକ୍ଷମ ଦାବିରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ନୟାଗଡଠାରୁ ଭୁବନେଶ୍ୱର ବାହାରିଥିବା ପଦଯାତ୍ରା ଶୁକ୍ରବାର ବୋଲଗଡ ଅଞ୍ଚଳରେ ପହଞ୍ଚିଛି। ଏହି ପଦଯାତ୍ରାକୁ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ବର୍ଗର ଲୋକେ ସ୍ୱାଗତ କରିବା ସହ ସମର୍ଥନ ଜଣାଇଛନ୍ତି। ବୋଲଗଡଠାରେ କୃଷକ ନେତା ରବୀନ୍ଦ୍ର କୁମାର ପରିଡା, କଂଗ୍ରେସ ନେତା ଧୀରେଶ ମହାପାତ୍ର, ଶିକ୍ଷାବିତ୍ ଗୋପୀନାଥ ଖାଡେଙ୍ଗା, ସାମାଜିକ କର୍ମୀ ସନ୍ତୋଷ କୁମାର ପ୍ରଧାନ ପ୍ରମୁଖଙ୍କ ସହ ଅନ୍ୟମାନେ ପଦଯାତ୍ରାରେ ଆସିଥିବା କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନଙ୍କୁ ସ୍ୱାଗତ କରିବା ସହ ସମର୍ଥନ ଜଣାଇଥିଲେ। ପରେ ପଦଯାତ୍ରା ୫୭ ନଂ. ଜାତୀୟ ରାଜପଥରେ ଆସି ସନ୍ଧ୍ୟାରେ ରାଜସୁନାଖଳା ତ୍ରିନାଥବଜାରଠାରେ ପହଞ୍ଚିଥିଲା। ଏଠାରେ ରାଜସୁନାଖଳା ମହୋତ୍ସବ କମିଟିର ସମ୍ପାଦକ ଚିତ୍ତରଞ୍ଜନ ପ୍ରଧାନ, କର୍ମକର୍ତ୍ତା ପ୍ରସନ୍ନ କୁମାର ପ୍ରଧାନ, ଆର୍ତ୍ତତ୍ରାଣ ପ୍ରଧାନ, ମନୋଜ ମହାପାତ୍ର ସିପିଆଇ(ଏମ) ନେତା ସୁରେଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖଙ୍କ ସମେତ ଅନ୍ୟମାନେ ସଦସ୍ୟମାନଙ୍କୁ ସ୍ୱାଗତ କରିବା ସହ ଏଥିରେ ସାମିଲ ହୋଇଥିଲେ। ଏହି ଅବସରରେ ଏଠାରେ ଆୟୋଜିତ ପଥପ୍ରାନ୍ତ ସଭାରେ କ୍ରିୟାନୁଷ୍ଠାନ କମିଟିର ସଦସ୍ୟ ମନୋଜ କୁମାର ସାହୁ, ଶିବରାମ ମହାପାତ୍ର, ଯୋଗେଶ ଖୁଣ୍ଟିଆ ପ୍ରମୁଖଙ୍କ ସମେତ ଅନ୍ୟମାନେ ଚିନିକଳ ପୁଣି କାର୍ଯ୍ୟକ୍ଷମ ଦାବିରେ ଅଭିଭାଷଣ ରଖିଥିଲେ। ନୟାଗଡ ଓ ଖୋର୍ଦ୍ଧା ଜିଲା ସହ ଆଖପାଖ ଜିଲାର ବିଭିନ୍ନ ବ୍ଲକର ଚାଷୀମାନେ ନୟାଗଡ ଚିନିକଳ ଚାଲିଲେ ଆଖୁ ଚାଷ କରି ଲଭବାନ ହୋଇପାରିବେ ବୋଲି କହିଥିଲେ। ନୟାଗଡ ଚିନିକଳ ଚାଲିଥିବା ବେଳେ ବୋଲଗଡ ବ୍ଲକ ଅଞ୍ଚଳର ଚାଷୀମାନେ ଆଖୁଚାଷ କରି ଲାଭବାନ ହେଉଥିଲେ ବୋଲି ସ୍ଥାନୀୟ ନେତା ତଥା ଚାଷୀମାନେ ବକ୍ତବ୍ୟ ରଖିଥିଲେ। ଏପରି କି ଏହି ଚିନିକଳ ବନ୍ଦ ହେବା ଫଳରେ ବୋଲଗଡ ବ୍ଲକ ଅଞ୍ଚଳରେ ଭିତ୍ତିଭୂମି, କୁଶଳୀ ଶ୍ରମିକ, ଆଗ୍ରହୀ ଚାଷୀ ଥାଇ ମଧ ଆଖୁଚାଷ ଦିନକୁଦିନ କମିବାରେ ଲାଗିଛି। ତେଣୁ ଚିନିକଳକୁ ପୁଣି କାର୍ଯ୍ୟକ୍ଷମ କରିବା ଦାବିକୁ ବୋଲଗଡ ଅଞ୍ଚଳର ଚାଷୀମାନଙ୍କ ସମେତ ବିଭିନ୍ନ ବର୍ଗର ଲୋକେ ସ୍ୱାଗତ କରିଥିଲେ। ସନ୍ଧ୍ୟା ହୋଇଯାଇଥିବାରୁ ଏହି ପଦଯାତ୍ରାରେ ସାମିଲ ଥିବା କ୍ରିୟାନୁଷ୍ଠାନ କମିଟିର ସଦସ୍ୟ ଓ ସମର୍ଥକମାନେ ବୋଲଗଡ ବ୍ଲକ ବଡକୁମାରୀ ପଞ୍ଚାୟତର କଲ୍ୟାଣ ମଣ୍ଡପଠାରେ ରାତ୍ରିଯାପନ କରିଛନ୍ତି। ଏହି ପଦଯାତ୍ରା ଭୁବନେଶ୍ୱର ନବୀନ ନିବାସକୁ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ଦାବି ସମ୍ପର୍କିତ ସ୍ମାରକପତ୍ର ଦେବ ବୋଲି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସୂଚନା ଦିଆଯାଇଛି।



ପଦଯାତ୍ରା ଦଳଙ୍କୁ ସ୍ୱାଗତ କରାଯାଉଛି।

# ବସ୍ତି ପାଲଟିଛି ଅପରାଧୀ, ନିଶାବେପାରୀଙ୍କ ଆଡ୍ଡାସ୍ଥଳ

## ବୌଦ୍ଧିକ ବିକାଶ, ସାମାଜିକ ସଚେତନତା ଅଭାବ ଏହା ପଛର କାରଣ

**ଜଟଣୀ, ୩୧।୧(ଡି.ଏନ.ଏ.):**

ଜଟଣୀରେ ଥିବା ବସ୍ତିଗୁଡିକ ଅପରାଧୀ ଓ ନିଶାବେପାରୀଙ୍କ ପ୍ରମୁଖ ଆଡ୍ଡାସ୍ଥଳ ପାଲଟିଛି। ଫଳରେ ବସ୍ତି ଅଞ୍ଚଳର ବାତାବରଣ ଦିନକୁଦିନ କଳୁଷିତ ହେବାରେ ଲାଗିଛି। ବିଶେଷକରି ଅଶିକ୍ଷିତ, ଗରିବ ତଥା ଶ୍ରମିକ ଶ୍ରେଣୀର ଲୋକେ ଏଠାରେ ରହୁଥିବାରୁ ଅପରାଧୀ ଓ ନିଶା ମାଫିଆ ଏହାର ସୁଯୋଗ ନେଉଛନ୍ତି। ବସ୍ତିର ଯୁବପିଢିଙ୍କୁ ସେମାନେ ଟାର୍ଗେଟରେ ରଖୁଛନ୍ତି। ଏପରି ବାତାବରଣ ସୃଷ୍ଟି କରୁଛନ୍ତି ସେମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ବସ୍ତିର ଅନେକ ଯୁବପିଢ଼ି ପଥଭ୍ରଷ୍ଟ ହୋଇପଡୁଛନ୍ତି। ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ହୋଇଯାଉଛନ୍ତି। ନିଶା ସେବନ ସହ ଏହି କାରବାରରେ ସାମିଲ ହୋଇଯାଉଛନ୍ତି। ଅନେକ ସମୟରେ ପୋଲିସ ଚଢ଼ାଉ କରି ବିଭିନ୍ନ ବସ୍ତିରୁ ବୋମା, ମାରଣାସ୍ତ୍ର ଓ ନିଶାଦ୍ରବ୍ୟ ଜବତ କରୁଛି। ଦୁଇଦିନ ପୂର୍ବେ ଏଠାରେ ଥିବା ଏକ ବସ୍ତିର ଘର ଉପରେ ପୋଲିସ ଚଢ଼ାଉ କରି ବହୁ ସଂଖ୍ୟାରେ ବୋମା, ମାରଣାସ୍ତ୍ର ଓ ନିଶାଦ୍ରବ୍ୟ ଜବତ କରିଥିଲା। ଏଠାରେ ଆପରାଧିକ କାର୍ଯ୍ୟକଳାପ ଚଳାଉଥିବା ଓ ନିଶା କାରବାର କରୁଥିବା ମାଫିଆମାନେ ଚତୁରତାର ସହ ଖସି ଯାଉଛନ୍ତି। ହେଲେ ବସ୍ତିର ନିରୀହ ଯୁବକମାନେ ମାମଲାରେ ଛନ୍ଦି ହୋଇପଡୁଛନ୍ତି। ପୂର୍ବରୁ ବସ୍ତିଗୁଡିକରେ ସରକାରୀ, ବେସରକାରୀ ଭାବେ ପିଲାଠୁ ବଡ ପର୍ଯ୍ୟନ୍ତ ସମସ୍ତଙ୍କୁ ସାକ୍ଷର ଓ ସଚେତନତା କରାଯାଉଥିଲା। ଦୀର୍ଘଦିନ ହେବ ତାହା ଆଉ କରାଯାଉନାହିଁ। ବସ୍ତିବାସିନ୍ଦାଙ୍କର ବୌଦ୍ଧିକ ବିକାଶ ଓ ସାମାଜିକ ସଚେତନତା ବୃଦ୍ଧି ଘଟିଲେ ଆପରାଧିକ କାର୍ଯ୍ୟକଳାପ ଉପରେ ରୋକ ଲଗା ଯାଇପାରନ୍ତା। ଏଥିପାଇଁ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ଉଦ୍ୟମ ଦରକାର ବୋଲି ସାଧାରଣରେ ମତପ୍ରକାଶ ପାଇଛି।

### ଏମାନେ ଯାହା କୁହନ୍ତି...

କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାର ଚାପ ତଥା ଜୀବିକା ଅନ୍ୱେଷଣ ସକାଶେ ଗ୍ରାମାଞ୍ଚଳରୁ ଶ୍ରମିକମାନଙ୍କର ଭୌଗୋଳିକ ଗତିଶୀଳତା ସହରାଞ୍ଚଳରେ ବସ୍ତିସଂଖ୍ୟା ବୃଦ୍ଧି କରିଥାଏ। ଭୋଟ୍ ବ୍ୟାଙ୍କ ବୃଦ୍ଧି ପାଇଁ ଏହି ବସ୍ତିଗୁଡିକ ରାଜନେତାମାନଙ୍କ ପାଇଁ ପୁଞ୍ଜି ପାଲଟିଥାଏ। କିନ୍ତୁ ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ ଭଳି ମୌଳିକ ସୁବିଧା ଏଠାରେ ଉପଲବ୍ଧ ହୋଇ ନ ଥାଏ। ଯାହାଦ୍ୱାରା ବସ୍ତିଗୁଡିକରେ ଅଶିକ୍ଷା, ଅସଚେତନତା ଓ ଦାରିଦ୍ର୍ୟ କାରଣରୁ ଅନେକ ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ରହିଥାନ୍ତି। ଯାହା ସହରାଞ୍ଚଳରେ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି କରିବାରେ ଅନ୍ୟତମ କାରଣ। ୮୦ ଦଶକରେ ପୁରୀ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବାବେଳେ ଜାତୀୟ ସେବା ଯୋଜନାରେ ସାଥୀମାନଙ୍କ ସହ ସନ୍ଧ୍ୟାରେ ପୁରୀର ବସ୍ତିଗୁଡ଼ିକରେ ଛୋଟ ପିଲାଙ୍କଠାରୁ ପୌଢ଼ ପର୍ଯ୍ୟନ୍ତ ସମସ୍ତଙ୍କୁ ସାକ୍ଷର ଓ ସଚେତନ କରାଇବାର କାର୍ଯ୍ୟକ୍ରମ ହାତକୁ ନେଇଥିଲୁ। ଅନ୍ଧାର ବସ୍ତିରେ ଲଣ୍ଠନ ଆଲୁଅରେ କୋଠ ଘରେ ଯୁବତୀଯୁବକ ଓ ବୟସ୍କମାନଙ୍କୁ ସାକ୍ଷର କରାଇବାକୁ ବିଭିନ୍ନ ନୈତିକ ଶିକ୍ଷା ତଥା ସଚେତନତା ଭିତ୍ତିକ ବାର୍ତ୍ତା ବାଣ୍ଟୁଥିଲୁ। ମହାବିଦ୍ୟାଳୟର ମେଧାବୀ ଛାତ୍ରଙ୍କ ସଂସ୍ପର୍ଶରେ ଆସି ବସ୍ତିର ବିପଥଗାମୀ ଯୁବଗୋଷ୍ଠୀ ଅନୁପ୍ରାଣୀତ ହେଉଥିଲେ। ଆଜିକାଲି ସରକାରୀ ସ୍ତରରେ ଏପରି କାର୍ଯ୍ୟକ୍ରମ ଦେଖିବାକୁ ମିଳୁନାହିଁ। ଏହାକୁ ପୁନଃ ଆରମ୍ଭ କରିବାର ଆବଶ୍ୟକତା ରହିଛି।

**–ପ୍ରେମାନନ୍ଦ ମହାରଣା, ଅଧ୍ୟାପକ**

ଜଟଣୀରେ ଜାଗା ମିଶନ ଦ୍ୱାରା ୧୬ ବସ୍ତି ଚିହ୍ନଟ ହୋଇଛି। ଏହାଛଡ଼ା ଆଉ କେତୋଟି ବସ୍ତି ମଧ ରହିଛି। ବସ୍ତିଗୁଡିକରେ ନିଶା ନିବାରଣ, ଶୈକ୍ଷିକ ତଥା ସାମାଜିକ ବାତାବରଣ ସୃଷ୍ଟି କଲା ଭଳି କୌଣସି କାର୍ଯ୍ୟକ୍ରମ ହେଉନାହିଁ। ଫଳରେ ଅପରାଧୀମାନେ ଏହାର ସୁଯୋଗ ନେଉଛନ୍ତି। ଅନେକ ବସ୍ତିରେ ନିଶା କାରବାର ବୃଦ୍ଧି ପାଇଛି। ବସ୍ତିଗୁଡିକରେ ଅପରାଧୀମାନେ ଆତ୍ମଗୋପନ କରି ରହୁଛନ୍ତି। ଏହାଦ୍ୱାରା ବସ୍ତିବାସିନ୍ଦାଙ୍କ ସାମାଜିକ ଜୀବନ ଧୀରେ ଧୀରେ ନିମ୍ନଗାମୀ ହେବାକୁ ଲାଗିଛି। ଏଠାରେ ଥିବା ବିଭିନ୍ନ ଜାତୀୟସ୍ତରର ଅନୁଷ୍ଠାନ ପାର୍ଶ୍ୱବର୍ତ୍ତୀ ବସ୍ତିଗୁଡିକରେ ସାମାଜିକ ଓ ଅର୍ଥନୈତିକ ବିକାଶ ଦାୟିତ୍ୱ ନେବା ଦରକାର।

**–ଯୋଗେଶ ନାୟକ, ସଭାପତି, ଜଟଣୀ ବସ୍ତି ବାସିନ୍ଦା ମହାସଂଘ**

ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷଙ୍କ ମତାମତ ନିଆଯାଇ, ଆଲୋଚନା ମାଧ୍ୟମରେ ବସ୍ତିଗୁଡିକରେ ସଚେତନତା ସୃଷ୍ଟି ପାଇଁ ଉଦ୍ୟମ କରାଯିବ। ମ୍ୟୁନିସିପାଲିଟି ଦ୍ୱାରା ଏପରି କାର୍ଯ୍ୟକ୍ରମ ଆରମ୍ଭ କରିବା ଉପରେ ଦୃଷ୍ଟି ଦିଆଯିବ।

**–ଦେବବ୍ରତ ସାହୁ, ସବକଲେକ୍ଟର, ଭୁବନେଶ୍ୱର**



ଥରେ ଖ୍ୟାତି ଅର୍ଜନ କରିଗଲେ ତାକୁ ଜୀବନ ତମାମ ଧରି ରଖିବା ଭାରି କଷ୍ଟ।
-ଭଲ୍‌ଟାୟର



## ଆଜି କ'ଣ କେଉଁଠି

**ପୁରୀ**
- ଅତିବଡ଼ୀ ଜଗନ୍ନାଥ ଦାସଙ୍କ ତିରୋଧାନ ମହୋତ୍ସବ, କପିଳେଶ୍ୱରପୁର, ସକାଳ ୮ଟା।
- ମଦର୍ସ ପବ୍ଲିକ ସ୍କୁଲର ଚତୁର୍ଥ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା, ସ୍କୁଲ ପରିସର, ଅପରାହ୍ନ ୧ଟା ୩୦।
- ଅତିବଡ଼ୀ ଜଗନ୍ନାଥ ଦାସଙ୍କ ମହାପ୍ରୟାଣ ଦିବସ ପାଳନ, ବଡ଼ ଓଡ଼ିଆ ମଠ, ଅପରାହ୍ନ ୫ଟା ୩୦।
- ଭଗବତୀ ଚରଣ ପାଣିଗ୍ରାହୀଙ୍କ ଜୟନ୍ତୀ ସମାରୋହ, ଭଗବତୀ ବିଦ୍ୟା ନିକେତନ (ଅଠରନଳା), ସନ୍ଧ୍ୟା ୬ଟା।

**ସାକ୍ଷୀଗୋପାଳ**
- ରାମହରି ଦାସ ଓଡ଼ିଶୀ ଗୁରୁକୁଳ ଟ୍ରଷ୍ଟ ପକ୍ଷରୁ ଗୁରୁକୁଳ ଉତ୍ସବ-୨୦୧୯, ବୀରଗୋବିନ୍ଦପୁର (ବଡହାଟ), ସନ୍ଧ୍ୟା ୬ଟା।

## ଯୁବତୀଙ୍କୁ ଅପହରଣ ଅଭିଯୋଗ

ନିମାପଡ଼ା,୩୧।୧(ଡି.ଏନ୍.ଏ.): ନିମାପଡ଼ା ଥାନା ଅଞ୍ଚଳର ଜଣେ ୨୪ବର୍ଷୀୟା ଯୁବତୀଙ୍କୁ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ଅଞ୍ଚଳର ଜଣେ ବ୍ୟକ୍ତି ଅପହରଣ କରିନେଇଥିବା ଅଭିଯୋଗ ହୋଇଛି। ପୋଲିସ ଏ ସମ୍ପର୍କରେ ଏକ ମାମଲା(ନଂ.୨୬/୨୦) ରୁଜୁକରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଯୁବତୀ ଜଣକ ଘରେ ଏକୁଟିଆ ଥିବା ବେଳେ ପଟ୍ଟାମୁଣ୍ଡାଇ ଅଞ୍ଚଳର ବ୍ୟକ୍ତିଜଣଙ୍କ ତାଙ୍କୁ ଅପହରଣ କରିନେଇଛନ୍ତି। ତାଙ୍କ ଝିଅକୁ ସେ ଅପହରଣ କରିନେଇଛନ୍ତି ବୋଲି ଯୁବତୀଙ୍କ ବାପାଙ୍କୁ ବ୍ୟକ୍ତି ଜଣକ ଟେଲିଫୋନ ମାଧ୍ୟମରେ ଜଣାଇଥିଲେ। ଏହା ସହ ଯୁବତୀଙ୍କୁ ବିବାହ କରିବା ଲାଗି କହିବା ସହ ୫ଲକ୍ଷ ଟଙ୍କା ଦେବା ପାଇଁ ଦାବି କରିଥିବା ଅଭିଯୋଗପର୍ଦ୍ଦରେ ଦର୍ଶାଯାଇଥିବା ଜଣାପଡିଛି।

## ବ୍ରାହ୍ମଣଙ୍କ ଆନ୍ଦୋଳନ ସ୍ଥଗିତ

ପୁରୀ ଅଫିସ, ୩୧।୧: ଶ୍ରୀମନ୍ଦିର ଆନନ୍ଦ ବଜାର ବ୍ରାହ୍ମଣ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗୁରୁବାରଠାରୁ ସିଂହଦ୍ୱାରରେ ଆମରଣ ଅନଶନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ ସରକାରଙ୍କ ସହ ଆଲୋଚନା ପରେ କମିଟି ଏଥିରୁ ଓହରିଯାଇଛି। ଆମରଣ ଅନଶନକୁ ବର୍ତ୍ତମାନ ସ୍ଥଗିତ ରଖାଯାଇଥିବା କମିଟି ଶୁକ୍ରବାର ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛି। ଏଥିରେ ଦର୍ଶାଯାଇଛି ଯେ, ଗଚିବ ଭୋଜନୀ ବ୍ରାହ୍ମଣମାନଙ୍କୁ ବିନା କାରଣରେ ପ୍ରଶାସନ ଆନନ୍ଦ ବଜାରରୁ ତଡ଼ି ଦେଇଛି। ଏହା ବିରୋଧରେ ଆମରଣ ଅନଶନ ଲାଗି ନିଷ୍ପତ୍ତି ହୋଇଥିଲା। ମାତ୍ର ସରକାର ଏଥିରେ ହସ୍ତକ୍ଷେପ କରି ବ୍ରାହ୍ମଣଙ୍କ ସହ ଆଲୋଚନା କରିଥିଲେ। ଗୁରୁବାର ସର୍କିଟ ହାଉସ୍‌ରେ ସରକାରଙ୍କ ପକ୍ଷରୁ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ସହ ଏହି ଆଲୋଚନା ହୋଇଥିଲା। ବିତାଡିତ ବ୍ରାହ୍ମଣ ନିଶ୍ଚିତ ନ୍ୟାୟ ପାଇବେ ବୋଲି ପ୍ରତିଶ୍ରୁତି ମିଳିଛି। ଏଥିରେ ସେମାନଙ୍କୁ ପରିଚୟପତ୍ର ପ୍ରଦାନ କରିବାକୁ ବ୍ରାହ୍ମଣମାନେ ଦାବି କରିଥିଲେ। ସେମାନଙ୍କୁ ନ୍ୟାୟ ମିଳିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ବର୍ତ୍ତମାନ ଆମରଣ ଅନଶନକୁ ସ୍ଥଗିତ ରଖାଯାଇଛି ବୋଲି କମିଟିର ଆବାହକ ସୂର୍ଯ୍ୟନାରାୟଣ ରଥ କହିଛନ୍ତି। କିନ୍ତୁ ଯଦି ପ୍ରତିଶ୍ରୁତି ମୁତାବକ ସେମାନଙ୍କୁ ନ୍ୟାୟ ନ ମିଳେ ତେବେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ରଥ କହିଛନ୍ତି। କମିଟି ସଭାପତି ଗୋପାଳ ଚନ୍ଦ୍ର ଦାଶ, ସମ୍ପାଦକ ଦୁର୍ଗାମାଧବ ତ୍ରିପାଠୀ ପ୍ରମୁଖ ଏହି ଆଲୋଚନା ବେଳେ ଉପସ୍ଥିତ ଥିଲେ।

# ଟୁଟୁଆ ହତ୍ୟାକାରୀ ମିଞ୍ଜାଙ୍କୁ ଆଜୀବନ କାରାଦଣ୍ଡ

**ଭୁବନେଶ୍ୱର,୩୧।୧(ବ୍ୟୁରୋ)**



ପ୍ରଶାନ୍ତ ପ୍ରଧାନ ଓରଫ ଟୁଟୁଆ

ଖୋର୍ଦ୍ଧା ଜିଲା ବାଲିପାଟଣା ଥାନାଞ୍ଚଳରେ ଘଟିଥିବା ବହୁ ଚର୍ଚ୍ଚିତ ପ୍ରଶାନ୍ତ ପ୍ରଧାନ ଓରଫ ଟୁଟୁଆ ହତ୍ୟା ଘଟଣାର ରାୟ ଶୁକ୍ରବାର ସ୍ପେଶାଲ ଜଜ୍ ସିବିଆଇ-୧ କୋର୍ଟରେ ପ୍ରକାଶ ପାଇଛି। ବିଚାରପତି ଗୋପାଳଚନ୍ଦ୍ର ବେହେରା ଦୋଷୀ ସାବ୍ୟସ୍ତ ହୋଇଥିବା ରୋହିତ ପ୍ରଧାନଙ୍କୁ ଆଜୀବନ କାରାଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ହେଲେ ଅଧିକ ଗୋଟିଏ ବର୍ଷ ସଜା ଭୋଗିବାକୁ ପଡ଼ିବ ବୋଲି ବିଚାରପତି ତାଙ୍କ ରାୟରେ ଶୁଣାଇଛନ୍ତି। ଏହାସହ ମୃତଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଡିଷ୍ଟ୍ରିକ୍ଟ ଲିଗାଲ ସର୍ଭିସ୍ ଅଥରିଟିଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଅର୍ଥାତ୍ ଗତ ମଙ୍ଗଳବାର କୋର୍ଟ ୨୨ଜଣଙ୍କ ସାକ୍ଷ୍ୟ ଓ ୩୩ କାଗଜପତ୍ରକୁ ପରଖିବା ପରେ ରୋହିତଙ୍କୁ ଦୋଷୀ ସାବ୍ୟସ୍ତ କରିଥିବାବେଳେ ଅନ୍ୟ ୫ଜଣ ଏସ୍.କେ. ସାବତ, ପ୍ରଦୀପ କୁମାର ନାୟକ, ବିପିନ କୁମାର ବେହେରା, ସଦାଶିବ ପ୍ରଧାନ ଓ ମନୋରମା ନାୟକଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ। ମାମଲାର ପରିଚାଳନା କରିଥିଲେ ସରକାରୀ ପିପି ସୁରେଶ ବାରିକ।

ମାମଲାରୁ ପ୍ରକାଶ, ପୁରୀ ଜିଲା ନିମାପଡ଼ା ଥାନା କାନପୁର ଗ୍ରାମର ସଦାଶିବ ପ୍ରଧାନଙ୍କ ପୁଅ ପ୍ରଶାନ୍ତ ୨୦୧୦ ଜୁଲାଇ ୬ରେ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ଏନେଇ ନିମାପଡା ଥାନାରେ ଅଭିଯୋଗ କରିଥିଲେ। ସେହିମାସ ୧୦ ତାରିଖରେ ଖୋର୍ଦ୍ଧା ଜିଲା ବାଲିପାଟଣା ଥାନା ଅନ୍ତର୍ଗତ ଭଇରିପୁର ଗ୍ରାମସ୍ଥିତ ଏକ ପୋଖରୀରୁ ବସ୍ତାରେ ବନ୍ଧା ହୋଇଥିବା ଏକ ମୃତଦେହ ମିଳିଥିଲା। ମୃତଦେହକୁ ଖଣ୍ଡଖଣ୍ଡ କରି କଟାଯାଇଥିବା ଓ ପଚିଯାଇଥିବାରୁ ପରିବାର ଲୋକେ ଚିହ୍ନଟ କରିବା ସମ୍ଭବ ହୋଇ ନ ଥିଲା। ଡିଏନ୍‌ଏ ଟେଷ୍ଟରୁ ଉକ୍ତ ମୃତଦେହଟି ପ୍ରଶାନ୍ତଙ୍କର ବୋଲି ସ୍ପଷ୍ଟ ହୋଇଥିଲା। ମୃତ ପ୍ରଶାନ୍ତଙ୍କ ବାପା ସଦାଶିବଙ୍କ ଅଭିଯୋଗକ୍ରମେ ବାଲିପାଟଣା ଥାନା ପୋଲିସ କେସ୍ ନଂ-୯୩/୨୦୧୦ ଦଫା ୩୦୨, ୨୦୧ ଓ ୩୪ ଲଗାଇ ତଦନ୍ତ ଆରମ୍ଭ କରିଥିଲା। ଜୁଲାଇ ୧୫ରେ ମୁଖ୍ୟ ଅଭିଯୁକ୍ତ ରୋହିତଙ୍କୁ ନିମାପଡ଼ା ବସଷ୍ଟାଣ୍ଡ୍ ନିକଟରୁ ଗିରଫ କରାଯାଇଥିଲା।

### ପୂରା ଘଟଣାକ୍ରମ...

କେରଳର ଏକ ସଂସ୍ଥାରେ ମ୍ୟାନେଜର ଭାବେ ଚାକିରି କରିଥିଲେ ପ୍ରଶାନ୍ତ। ତାଙ୍କ ଅଧୀନରେ ହତ୍ୟାକାରୀ ରୋହିତ କାମ କରୁଥିଲେ। ଚୌକି ଲୋଭରେ ପ୍ରଶାନ୍ତଙ୍କୁ ମାରିବାକୁ ଯୋଜନା କରିଥିଲେ ରୋହିତ। ଘଟଣା ଦିନ ରୋହିତ ତା'ର ଭଉଣୀ ଘର ପଛପଟ ବଗିଚାକୁ ପ୍ରଶାନ୍ତଙ୍କୁ ଡାକିଥିଲେ। ସେଠାରେ ରୋହିତଙ୍କର ୫ଜଣ ସହଯୋଗୀ ତାଙ୍କ ସହ କଥାହୋଇ ଚାଲିଯାଇଥିଲେ। ଏହାପରେ ରୋହିତ ଏକ କଟୁରୀରେ ପ୍ରଶାନ୍ତଙ୍କୁ ହାଣି ଅତି ବୀଭତ୍ସ ଭାବେ ହତ୍ୟା କରିଥିଲେ। ଶରୀରର ବିଭିନ୍ନ ଅଙ୍ଗକୁ ଖଣ୍ଡଖଣ୍ଡ କରି ପେଟ୍ରୋଲ ପକାଇ ଜାଳି ଦେଇଥିଲେ। ଏହାପରେ ଦରପୋଡ଼ା ଅଙ୍ଗକୁ ବସ୍ତାରେ ବାନ୍ଧି ପୋଖରୀକୁ ଫିଙ୍ଗି ଦେଇଥିଲେ। ଦେଢ଼ମାସ ତଳେ ପ୍ରଶାନ୍ତ ବିବାହ କରିଥିଲେ। ତେଣୁ ସେ ହାତରେ ପିନ୍ଧିଥିବା ୬ଟି ସୁନାମୁଦି, ଏକ ସୁନା ଚେନ୍ ଓ ଅନ୍ୟକିଛି ସୁନାଗହଣା ଲୁଟିନେବା ପରେ ରୋହିତ ତାହାକୁ ତାଙ୍କ ଭଉଣୀ ନିକଟରେ ରଖିଥିଲେ। ପୋଲିସ ରୋହିତଙ୍କୁ ଗିରଫ କରିବା ପରେ ଉକ୍ତ ସୁନା ଅଳଙ୍କାରକୁ ଜବତ କରିଥିଲା।

# ଦ୍ୱିପ୍ରହରରେ ଘରେ ପଶି ଲୁଟ୍



ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି ।

**ପୁରୀ ଅଫିସ,୩୧।୧:**

### ଆଲମାରି ଭାଙ୍ଗି ସୁନା ଅଳଙ୍କାର ନେଇଗଲେ

ପୁରୀରେ ସକ୍ରିୟ ହୋଇଉଠିଛନ୍ତି ଲୁଟେରା। ରାତିରେ ନୁହେଁ ଦ୍ୱିନ ଦ୍ୱିପ୍ରହରରେ ବି ଘରେ ପଶି ଲୁଟ୍ କରୁଛନ୍ତି। ପୋଲିସକୁ ଚ୍ୟାଲେଞ୍ଜ ଦେବା ଭଳି ଶୁକ୍ରବାର ସମୁଦ୍ରକୂଳ ଥାନା ସିଟି ରୋଡ ଅନ୍ତର୍ଗତ ସହଯୋଗ ସାହିରେ ଏମିତି ଏକ ଲୁଟ୍ ଘଟିଛି। ଦୁର୍ବୃତ୍ତମାନେ ସୁଶାନ୍ତ ନାୟକଙ୍କ ଘରୁ ସୁନା, ଅଳଙ୍କାର ଓ ଟଙ୍କା ଲୁଟ୍ କରିଛନ୍ତି। ଏ ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ ମଧ୍ୟ ଅଭିଯୁକ୍ତଙ୍କ ସମ୍ପର୍କରେ କୌଣସି ସୁରାକ୍ ପାଇପାରି ନାହିଁ। ଲୁଟ୍ ସୁନା ଅଳଙ୍କାରର ମୂଲ୍ୟ ୫ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି କୁହାଯାଉଛି।

ଅଭିଯୋଗ ମୁତାବକ, ସୁଶାନ୍ତ ବାହାରେ ରୁହନ୍ତି। ଶୁକ୍ରବାର ମଧ୍ୟାହ୍ନରେ ତାଙ୍କ ସ୍ତ୍ରୀ ନମିତା କୌଣସି କାମରେ ବାହାରକୁ ଯାଇଥିଲେ। ଏହି ସମୟରେ ତାଙ୍କ ଶାଶୁ ବାହାର ପଟକୁ ଥିବା ଘରେ ବସି ଟିଭି ଦେଖୁଥିଲେ। କିଛି ସମୟ ପରେ ନମିତାଙ୍କ ଶାଶୁ ଭିତର ଘରକୁ ଯିବାରୁ ଦେଖିଲେ ଆସବାବପତ୍ର ଏଣେତେଣେ ପଡ଼ିଛି। ତେଣୁ ସେ ନମିତାଙ୍କୁ ଫୋନ କଲେ। ନମିତା ପହଞ୍ଚି ଦେଖିଲେ ଆସବାବପତ୍ର ଛିନଛତ୍ର ଭାବେ ପଡ଼ିଛି। ଆଲମାରିରେ ଥିବା ୨,୪୦୦ ଟଙ୍କା, ଗୋଟିଏ ସୁନାହାର, ଗୋଟିଏ ସୁନାଚେନ, ୬ଟି ମୁଦି, ୨ଟି କାନଫୁଲ ଆଦି ସୁନା ଅଳଙ୍କାର ନାହିଁ। ଏ ନେଇ ସେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏବଂ ଡଗ୍ ସ୍କ୍ୱାଡ୍ ପହଞ୍ଚି ତଦନ୍ତ କରିଥିଲେ ମଧ୍ୟ ଚୋରି ଜିନିଷ କିମ୍ବା ଦୁର୍ବୃତ୍ତଙ୍କ ସମ୍ପର୍କରେ ସୁରାକ୍ ମିଳିପାରି ନାହିଁ। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ଲୁଟେରାମାନେ ସ୍ଥାନୀୟ ଅଞ୍ଚଳର ବୋଲି ପ୍ରାଥମିକ ତଦନ୍ତରୁ ପୋଲିସ ଅନୁମାନ କରିଛି । ନମିତା ଘରୁ ଯିବା ପରେ ଦୁର୍ବୃତ୍ତମାନେ ତାଙ୍କ ପାଚେରି ଡେଇଁ ଭିତରକୁ ପଶି ଏଭଳି କାଣ୍ଡ ଭିଆଇଥିବା ସନ୍ଦେହ କରାଯାଉଛି। ଏହାକୁ ନେଇ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ଦିନରେ ଯଦି ଘରେ ପଶି ଲୁଟେରା ଏଭଳି ଲୁଟ୍ କରିପାରୁଛନ୍ତି ତେବେ ରାତିରେ ସେମାନେ କିପରି ନିରାପଦ ଭାବିବେ ବୋଲି ଲୋକେ କହିଛନ୍ତି।





ଧର୍ମଘଟରେ ସାମିଲ ହୋଇଥିବା ପୁରୀ ଷ୍ଟେଟବ୍ୟାଙ୍କର କର୍ମଚାରୀମାନେ ଶୁକ୍ରବାର ବ୍ୟାଙ୍କ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

## ଅବସର ନେଲେ ଉପଖଣ୍ଡ ଅଧିକାରୀ

**କାକଟପୁର, ୩୧।୧(ଡି.ଏନ.ଏ):**

କାକଟପୁର ଗ୍ରାମ୍ୟ ଉନ୍ନୟନ ଉପଖଣ୍ଡ ଅଧିକାରୀ ଉପେନ୍ଦ୍ର ନାୟକ ଶୁକ୍ରବାର ସରକାରୀ ଚାକିରୀରୁ ଅବସର ଗ୍ରହଣ କରିଛନ୍ତି। କୋଣାର୍କ ଗ୍ରାମ୍ୟ ଉନ୍ନୟନ ଉପଖଣ୍ଡ ଅଧିକାରୀ ଚିନ୍ତାମଣି ସେଠୀ କୋଣାର୍କ ଓ କାକଟପୁର ଉଭୟ ଉପଖଣ୍ଡର ଦାୟିତ୍ୱ ନିର୍ବାହ କରିବେ। ନାୟକ ୨୦୧୮ ଜାନୁଆରୀ ୩ରେ କାକଟପୁର ଉପଖଣ୍ଡର ଦାୟିତ୍ୱ ଗ୍ରହଣ କରିଥିଲେ।

# ଡେଲାଙ୍ଗର ଐତିହ୍ୟ, ବୀରଗାଥା ଅବିସ୍ମରଣୀୟ

**ଡେଲାଙ୍ଗ, ୩୧।୧(ଡି.ଏନ.ଏ):**

### ଜାତୀୟ ଗ୍ରାମୀଣ ଗାନ୍ଧୀ ଉତ୍ସବ

ପୁରୀ ଜିଲା ଡେଲାଙ୍ଗ ବ୍ଲକ ମୁନିଦା ପଞ୍ଚାୟତର କବି ପ୍ରସନ୍ନ ପାଟ୍ଟଶାଣୀ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ଜାତୀୟ ଗ୍ରାମୀଣ ଗାନ୍ଧୀ ଉତ୍ସବ ଉଦଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କିସ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହରେକୃଷ୍ଣ ଶତପଥି ଯୋଗଦେଇ ଡେଲାଙ୍ଗର ଐତିହ୍ୟ (ଦୟା, କରୁଣା ଓ କର୍ମ) ତଥା ବୀରଗାଥା ସମ୍ପର୍କରେ ଆଲୋକପାତ କରିଥିଲେ। ବୌଦ୍ଧଧର୍ମ ପ୍ରଚାରକ ଦିଗ୍ ନାଗଙ୍କ ନାମରେ ଡେଲାଙ୍ଗ ନାମିତ ହୋଇଥିଲା। ଏଠାରେ ଯୋଗଜନ୍ମା ମହାପୁରୁଷ ବାଇ ଦାଶ ଆବିର୍ଭାବ ହୋଇଥିଲେ। ଜାତିର ଜନକ ମହାତ୍ମା ଗାନ୍ଧୀ ସାରା ଭାରତରେ ଅହିଂସାର ବାର୍ତ୍ତା ବାଣ୍ଟୁଥିବାବେଳେ ଏହି ମାଟିରେ ୭ଦିନ ରହିଥିଲେ। ସ୍ୱାଧିନତା ଆନ୍ଦୋଳନରେ ଡେଲାଙ୍ଗର ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ଏହି ମାଟି ପବିତ୍ର ବୋଲି ଶତପଥି କହିଥିଲେ। ମୁଖ୍ୟବକ୍ତା ଭାବେ କବି ତଥା ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟ୍ଟଶାଣୀ ଯୋଗଦେଇ ମୁନିଦା ହାଇସ୍କୁଲ୍ ଏକ ଅପହଞ୍ଚ ଅଞ୍ଚଳରେ ପ୍ରତିଷ୍ଠା ହୋଇଥିବାବେଳେ ଆଜି ବଡ ଶିକ୍ଷାନୁଷ୍ଠାନ ଭାବେ ମୁଣ୍ଡ ଟେକିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ପ୍ରାଣୀ ସମ୍ପଦ ବିଭାଗ ନିର୍ଦ୍ଦେଶକ ତଥା ସାହିତ୍ୟିକ ରତ୍ନାକର ରାଉତ, ଶିଶୁ ସୁରକ୍ଷା ଆୟୋଗ ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ, ଭିଜିଲାନ୍ସ ବିଭାଗ ଉପନିର୍ଦ୍ଦେଶକ ଦିଲୀପ ଛୋଟରାୟ ମଞ୍ଚାସୀନ ଥିଲେ। ଅଭିନେତ୍ରୀ ପ୍ରିୟଙ୍କା ମହାପାତ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କ ପ୍ରତିଭା ଅନ୍ୱେଷଣ କରି ଲୋକଲୋଚନକୁ ଆଣିବା ପାଇଁ ଆହ୍ୱାନ ଦେଇଥିଲେ। ଅଭ୍ୟର୍ଥନା କମିଟି ସଭାପତି ଜଟାଧାରୀ ପରିଡ଼ା ଓ ବିଶ୍ୱମୁକ୍ତିର ସମ୍ପାଦକ ପ୍ରଫେସର ଶଶାଙ୍କ ଚୂଡ଼ାମଣି ସ୍ୱାଗତ ଭାଷଣ ଦେଇଥିଲେ। ସୂର୍ଯ୍ୟନାରାୟଣ ଜେନା ମଞ୍ଚ ସଞ୍ଚାଳନା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।





ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

## ଟଙ୍କା ପାଇଁ ଖଣ୍ଡା ଚୋଟ

**ପୁରୀ ଅଫିସ,୩୧।୧:**

ପୁରୀରେ ପୁଣି ଅସାମାଜିକଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇଛି। ଶୁକ୍ରବାର ଗୋଟିଏ ଦିନରେ ଦୁଇଟି ଘଟଣା ଏହାକୁ ସ୍ପଷ୍ଟ କରୁଛି। ସିଟି ରୋଡ ଅଞ୍ଚଳରେ ସ୍ପଷ୍ଟ ଦିବାଲୋକରେ ଘରେ ପଶି ଦୁର୍ବୃତ୍ତ ଲୁଟ୍ କରିଥିବାବେଳେ ଆଇଟିଆଇ ଛକ ନିକଟ ରାସ୍ତାରେ ଜଣେ ପଥଚାରୀଙ୍କୁ ଟଙ୍କା ପାଇଁ ଖଣ୍ଡାରେ ଆକ୍ରମଣ କରାଯାଇଛି। ଏ ନେଇ ସମୁଦ୍ରକୂଳ ଥାନାରେ ଲିଖିତ ଅଭିଯୋଗ ହୋଇଛି।

ଅଭିଯୋଗ ମୁତାବକ, ଗୁରୁବାର ଅପରାହ୍ନ ପ୍ରାୟ ୫ଟାରେ ତାଳବଣିଆ ଭୁଦାନ ନଗରର ସୁନିଲ କୁମାର ପାଣିଗ୍ରାହୀ ଘରୁ ବାହାରି ଚାଲି ଚାଲି ଆଇଟିଆଇ ଛକ ଆଡକୁ ଯାଉଥିଲେ। ନିରୋଳା ସ୍ଥାନ ଦେଖି ରାସ୍ତାରେ ୪ ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇଥିଲେ ଏବଂ ଖଣ୍ଡା ଦେଖାଇ ଭୟଭୀତ କରି ଟଙ୍କା ମାଗିଥିଲେ। କିନ୍ତୁ ସେମାନଙ୍କ କଥା ନ ଶୁଣି ସୁନିଲ ବିରୋଧ କରିଥିଲେ। ଫଳରେ ଯୁବକମାନେ ଖଣ୍ଡାରେ ତାଙ୍କ ମୁଣ୍ଡକୁ ଏକ ଚୋଟ ମାରିଥିଲେ। ସୁନିଲଙ୍କ ପକେଟରେ ଥିବା ୫୦୦ ଟଙ୍କା ନେଇ ପଳାଇ ଯାଇଥିଲେ। ଆହତ ସୁନିଲଙ୍କୁ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରିଥିଲେ ମଧ୍ୟ କୌଣସି ସୁରାକ୍ ପାଇପାରି ନାହିଁ।

## କଲେଜ ଛାତ୍ରୀଙ୍କୁ ଅପହରଣ ଅଭିଯୋଗ

**ନିମାପଡ଼ା,୩୧।୧(ଡି.ଏନ୍.ଏ.):**

ଚାରିଛକ ଫାଣ୍ଡି ଅଞ୍ଚଳର ଜଣେ ୧୯ବର୍ଷୀୟା କଲେଜ ଛାତ୍ରୀଙ୍କୁ ଅପହରଣ କରାଯାଇଥିବା ଗୁରୁବାର ଅଭିଯୋଗ ହୋଇଛି। ନିମାପଡ଼ା ପୋଲିସ ଏ ସମ୍ପର୍କରେ ଏକ ମାମଲା (ନଂ. ୨୫/୨୦)ରୁଜୁକରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ଗତ ୨୯ତାରିଖରେ ଛାତ୍ରୀ ଜଣକ କଲେଜରୁ ପରୀକ୍ଷା ଦେଇ ଆସୁଥିବା ବେଳେ କୋଣାର୍କ ଥାନା ଅଞ୍ଚଳର ଜଣେ ଯୁବକ ତାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଅପହରଣ କରିନେଇଛନ୍ତି। ଏ ନେଇ ଛାତ୍ରୀଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ଘଟଣାକୁ ୩ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ସମ୍ପୃକ୍ତ ଯୁବକଙ୍କ ସନ୍ଧାନ ପାଇ ନଥିବା ଜଣାପଡିଛି।

# 'ଶିକ୍ଷା ମାଧ୍ୟମରେ ସତ୍ୟତାକୁ ଉପଲବ୍ଧି କର'

**କୋଣାର୍କ, ୩୧।୧(ଡି.ଏନ.ଏ):**

କୋଣାର୍କ ଥାନା ଅଧୀନ କୁରୁଜଙ୍ଗ ପଞ୍ଚାୟତସ୍ଥିତ ବଟେଶ୍ୱର ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହକୁ ଶୁକ୍ରବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉଦଘାଟନ କରିଛନ୍ତି। ବିଦ୍ୟାଳୟ ପରିସରରେ ମହାତ୍ମା ଗାନ୍ଧୀ, ପଣ୍ଡିତ ଗୋପବନ୍ଧୁ ଦାସ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ମଧୁସୂଦନ ଦାସ ପ୍ରମୁଖ ମହାପୁରୁଷଙ୍କ ପ୍ରତିମୂର୍ତ୍ତିକୁ ରାଜ୍ୟପାଳ ଉନ୍ମୋଚନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । କାକଟପୁର ବିଧାୟକ ତଥା କ୍ରୀଡ଼ା, ଯୁବସେବା ଓ ଆଇଟି ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପୁରାତନ ଛାତ୍ର ସଂଘ ସଭାପତି ଲକ୍ଷ୍ମଣ କୁମାର ପଣ୍ଡା, ସମ୍ପାଦକ ସୁଧୀର ଚନ୍ଦ୍ର ଭୂୟାଁ ଏବଂ ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ଦେଈ ପ୍ରମୁଖ ମଞ୍ଚାସୀନ ଥିଲେ। ରାଜ୍ୟପାଳ ଉଦ୍‌ବୋଧନ ଦେଇ କହିଥିଲେ ସତ୍ୟ ଓ ଧର୍ମ ଅଭିନ୍ନ ଅଟେ। ସମସ୍ତେ ସତ୍ୟର ଅଂଶ ଏବଂ ଏହା ଦ୍ୱାରା ମଣିଷର ଅନ୍ତର୍ନିହିତ ଗୁଣାତ୍ମକ ବିକାଶ ସହ ବୌଦ୍ଧିକ ମାନସିକ ପରିସ୍ଫୁଟ ହୋଇ ଐଶ୍ୱରୀୟ ସତ୍ତା ଉପଲବ୍ଧି ହୋଇଥାଏ । ସ୍ନେହ, ପ୍ରେମ, କୃତଜ୍ଞତା ଓ ସହନଶୀଳତା ନୀତି ଆପଣାଇ ଅନ୍ୟକୁ ଗ୍ରହଣ କରିବା ହିଁ ବାସ୍ତବ ସତ୍ୟ। ଶିକ୍ଷା ମାଧ୍ୟମରେ ସତ୍ୟତାକୁ ଉପଲବ୍ଧି କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଐଶ୍ୱରୀୟ ସତ୍ତାରେ ନିଜକୁ ହଜାଇ ଧ୍ୟାନସ୍ଥ ହେବା ହିଁ ପ୍ରକୃତ ଶିକ୍ଷା। ଏହି ସମାରୋହରେ ଜଗତସିଂହପୁର ଏମ୍‌ପି ଡ. ରାଜଶ୍ରୀ ମଲ୍ଲିକ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟାଳୟର ସମସ୍ୟା ସମାଧାନ ପାଇଁ ଦାବି ଉପସ୍ଥାପନ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ପୁରାତନ ଛାତ୍ର ଅକ୍ଷୟ କୁମାର ଜେନା ଅତିଥି ପରିଚୟ ଓ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ସ୍ୱର୍ଗତ ଲୋକନାଥ ମହାରଣା, ସ୍ୱର୍ଗତ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ସ୍ୱର୍ଗତ ରାମଚନ୍ଦ୍ର ରଥ, ସ୍ୱର୍ଗତ ଭ୍ରମରବର ମହାରଣାଙ୍କ ଅବଦାନ ପାଇଁ ତାଙ୍କ ପରିବାର ସଦସ୍ୟଙ୍କୁ ସମ୍ମାନିତ କରାଯାଇଥିଲା । ବିଦ୍ୟାଳୟର ପ୍ରଥମ ବ୍ୟାଚ ମେଧାବୀ ଛାତ୍ର ବିଜୟ କୁମାର ମହାନ୍ତି, ପ୍ରତିଷ୍ଠାତା ସଭ୍ୟ ହରେକୃଷ୍ଣ ମହାନ୍ତି ଓ ପୂର୍ବତନ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ପଣ୍ଡା ପ୍ରମୁଖଙ୍କୁ ରାଜ୍ୟପାଳ ସମ୍ବର୍ଦ୍ଧିତ କରିଥିଲେ। ସୁବର୍ଣ୍ଣ ଜୟନ୍ତୀ ସମାରୋହର ସ୍ମରଣିକା ସୈକତ ସମ୍ପଦ ଉନ୍ମୋଚିତ ହୋଇଥିଲା। ପୁରାତନ ଛାତ୍ର ସଙ୍ଗଠନର କୋଷାଧ୍ୟକ୍ଷ ଅଭୟ ବିଶ୍ୱାଳ, ଗୋଲେଖ ନାୟକ, ନଟବର ସେନାପତି, ଜ୍ଞାନରଞ୍ଜନ ବିଶ୍ୱାଳ, କର୍ଣ୍ଣ କୁମାର ସେନାପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଉତ୍ସବକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉଦ୍‌ଘାଟନ କରୁଛନ୍ତି ।

# ଗଠନ ହେଲାନି ବୁଧବାରିଆ କମିଟି

**ପୁରୀ ଅଫିସ, ୩୧।୧:**

### ଘୋଷଣାକୁ ବର୍ଷେ ବିତିଲା



ଶ୍ରୀମନ୍ଦିରରେ କୌଣସି ପ୍ରକାର ବିଶୃଙ୍ଖଳା ଓ ନୀତିକାନ୍ତିରେ ବିଭ୍ରାଟକୁ ବରଦାସ୍ତ କରାଯିବ ନାହିଁ। ଠାକୁରଙ୍କ ସେବାପୂଜା ହେଉ କି ଭକ୍ତଙ୍କ ଦର୍ଶନ ସବୁ ଯେପରି ସୁରୁଖୁରରେ ଏବଂ ନିର୍ଦ୍ଧାରିତ ସମୟ ଅନୁସାରେ ଚାଲିବ ସେଥିପାଇଁ ବିଭିନ୍ନ ସମୟରେ ନିଷ୍ପତ୍ତି ନିଆଯାଉଛି। କିନ୍ତୁ ଏହା କାର୍ଯ୍ୟକାରୀ ହେଉଛି କି ନାହିଁ ପରବର୍ତ୍ତୀ ସମୟରେ ତା' ଉପରେ ଆଉ କେହି ଗୁରୁତ୍ୱ ଦେଉନାହାନ୍ତି। ଫଳରେ ଅନେକ ନିଷ୍ପତ୍ତିର ବାସ୍ତବତାକୁ ନେଇ ପ୍ରଶ୍ନ ଉଠୁଛି। ଏମିତି ଏକ ନିଷ୍ପତ୍ତି ହେଉଛି ବୁଧବାରିଆ କମିଟି। ନୀତିକାନ୍ତିକୁ ଶୃଙ୍ଖଳିତ ଏବଂ ସୁବ୍ୟବସ୍ଥିତ କରିବା ଲାଗି ବୁଧବାରିଆ କମିଟି ଗଠନ ପାଇଁ ଶ୍ରୀମନ୍ଦିର ପରିଚାଳନା କମିଟିରେ ନିଷ୍ପତ୍ତି ହୋଇଥିଲା। ଇତିମଧ୍ୟରେ ବର୍ଷେ ବିତିଗଲାଣି କିନ୍ତୁ ଏହି କମିଟି ଗଠନ ହୋଇପାରି ନାହିଁ। ଫଳରେ ମଝିରେ ମଝିରେ ନୀତିକାନ୍ତିରେ ବିଳମ୍ବ ଘଟୁଛି।

ମହାପ୍ରଭୁଙ୍କ ନୀତିକାନ୍ତିର ସୁପରିଚାଳନା ପାଇଁ ୨୦୧୩ରେ ବୁଧବାରିଆ କମିଟି ଗଠନ କରାଯାଇଥିଲା। ପ୍ରାୟ ୨୨ଜଣ ଯୁବ ସେବକ ଏହାର ସଦସ୍ୟ ଥିଲେ। ପରବର୍ତ୍ତୀ ସମୟରେ ଏହାର ସଦସ୍ୟ ସଂଖ୍ୟା ମଧ ବୃଦ୍ଧି ପାଇଥିଲା। ନୀତି କିପରି ଠିକ୍ ଭାବେ ଚାଲିବ ସେ ନେଇ ପ୍ରତି ବୁଧବାର କମିଟି ବୈଠକ ବସି ଆଲୋଚନା ହେଉଥିଲା। କାହିଁକି ନୀତି ବିଳମ୍ବ ହେଲା, କାହାର ତ୍ରୁଟି ରହିଲା ସେ ସବୁ ଉପରେ ପୁଙ୍ଖାନୁପୁଙ୍ଖ ତର୍ଜମା କରାଯାଉଥିଲା। ସଦସ୍ୟମାନେ ବିଭିନ୍ନ ପର୍ଯ୍ୟାୟରେ ମନ୍ଦିରରେ ଉପସ୍ଥିତ ରହି ନୀତି ତ୍ୱରାନ୍ୱିତ କରୁଥିଲେ। କିନ୍ତୁ ୨୦୧୫ ବେଳକୁ ଏହି କମିଟି ଧୀରେ ଧୀରେ ନିଷ୍କ୍ରିୟ ହୋଇପଡ଼ିଥିଲା। ଏହାପରେ ଶ୍ରୀମନ୍ଦିରରେ ଅନେକଥର ନୀତିରେ ବିଭ୍ରାଟ ଦେଖାଦେଇଛି। କେତେବେଳେ ଠାକୁର ଅଖିଆ ଅପିଆ ରହିଛନ୍ତି ତ ପୁଣି କେତେବେଳେ ଦର୍ଶନରେ ବିଶୃଙ୍ଖଳା ଘଟିଛି। ଏମିତି କି ଶ୍ରଦ୍ଧାଳୁମାନେ ସମସ୍ୟାରେ ବି ପଡ଼ିଛନ୍ତି। କିଛି ସେବାୟତ ଓ କର୍ମଚାରୀଙ୍କ ଭୁଲ୍ ପାଇଁ ଅବ୍ୟବସ୍ଥା ସୃଷ୍ଟି ହୋଇଛି। କିନ୍ତୁ ଏ ଦିଗରେ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ବିଶୃଙ୍ଖଳା ଏବଂ ବିଭ୍ରାଟ ଉପରେ ସମ୍ପୂର୍ଣ୍ଣ ଅଙ୍କୁଶ ଲାଗିପାରୁ ନ ଥିଲା। ତେଣୁ ନୀତିକାନ୍ତିକୁ ଶୃଙ୍ଖଳିତ କରିବା ଲାଗି ଗତବର୍ଷ ଜାନୁୟାରୀ ୧୮ରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା। ଏଥିଲାଗି ତିନିଆକିଆ ତଦାରଖ ବ୍ୟବସ୍ଥା କରାଯିବ। ଦ୍ୱାରଫିଟାଠାରୁ ସକାଳ ଧୂପ ପର୍ଯ୍ୟନ୍ତ ନୀତିକୁ ତଡ଼ାଉକରଣ ଏବଂ ଭିତରଚ୍ଛ ତଦାରଖ କରିବେ। ସେହିପରି ସକାଳ ଧୂପଠାରୁ ସନ୍ଧ୍ୟା ଆଳତି ପର୍ଯ୍ୟନ୍ତ ଦେଉଳକରଣ ଏବଂ ପାଟ୍ଟଯୋଶୀ ମହାପାତ୍ର, ସନ୍ଧ୍ୟା ଆଳତିଠାରୁ ରାତ୍ର ପହୁଡ଼ ପର୍ଯ୍ୟନ୍ତ ନୀତିକୁ ଶ୍ରୀମନ୍ଦିର କମାଣ୍ଡର ଏବଂ ତଳୁଛ ତଦାରଖ କରିବା ଲାଗି ନିଷ୍ପତ୍ତି ହୋଇଥିଲା। ପରିଚାଳନା କମିଟି ବୈଠକ ପରେ ତତ୍କାଳୀନ ମୁଖ୍ୟ ପ୍ରଶାସକ ସେତେବେଳେ କହିଥିଲେ, ନୀତିକାନ୍ତିକୁ ଶୃଙ୍ଖଳିତ କରିବା ପାଇଁ ପୂର୍ବରୁ କାର୍ଯ୍ୟକ୍ଷମ କରୁଥିବା ବୁଧବାରିଆ କମିଟି ବନ୍ଦ ରହିଛି। ଏହାକୁ ପୁନର୍ବାର କାର୍ଯ୍ୟକ୍ଷମ କରାଇବା ଲାଗି ନିଷ୍ପତ୍ତି ହୋଇଛି। ୫/୭ ଦିନ ମଧ୍ୟରେ ଏହି କମିଟି କାମ ଆରମ୍ଭ କରିବ। ହେଲେ ଇତିମଧ୍ୟରେ ବର୍ଷେ ବିତିଗଲାଣି। ମାତ୍ର ଏ ପର୍ଯ୍ୟନ୍ତ ବୁଧବାରିଆ କମିଟି ଗଠନ ହୋଇ ନ ଥିବା ଜଣାପଡ଼ିଛି।

ଏ ସମ୍ପର୍କରେ ଶ୍ରୀମନ୍ଦିର କାର୍ଯ୍ୟାଳୟର ଜଣେ ଅଧିକାରୀ କହିଛନ୍ତି, ଠାକୁରଙ୍କ ନୀତିକାନ୍ତିରେ ସମନ୍ୱୟ ରକ୍ଷା କରିବା ପାଇଁ ୨୦୧୩ରେ ଏହି କମିଟି ଗଠନ କରାଯାଇଥିଲା। ପ୍ରତି ବୁଧବାର କମିଟିର ବୈଠକ ବସି ନୀତିକାନ୍ତି ଶୃଙ୍ଖଳା ଲାଗି ଆଲୋଚନା କରାଯାଉଥିବାରୁ ଏହାକୁ ବୁଧବାରିଆ କମିଟି ବୋଲି କୁହାଯାଉଥିଲା। ପ୍ରାୟ ୨ବର୍ଷ ପର୍ଯ୍ୟନ୍ତ କମିଟି ଠିକ୍‌ଠାକ ଦାୟିତ୍ୱ ସମ୍ପନ୍ନ କରିଥିଲା। ହେଲେ ୨୦୧୫ ବେଳକୁ ଏହା ନିଷ୍କ୍ରିୟ ହୋଇଯାଇଥିଲା। ପୁଣି ଏହି କମିଟି କାର୍ଯ୍ୟକ୍ଷମ କରିବା ଲାଗି ନିଷ୍ପତ୍ତି ହୋଇଛି। କିନ୍ତୁ କେବେ ଗଠନ ହେବ ସେ ସଂକ୍ରାନ୍ତରେ ସେ କିଛି ମତ ରଖି ନ ଥିଲେ।



ନିଜର ପାପ କର୍ମ ପାଇଁ ମଣିଷ୍ୟକୁ ଜନ୍ମଜନ୍ମାନ୍ତର କଷ୍ଟ ଭୋଗ କରିବାକୁ ପଡେ।

-ମହାବୀର ଜୈନ



## ସଂକ୍ଷେପରେ

### ଚଢ଼ାଉ ବେଳେ ଖଣି ଭିତରେ ଜଣେ ମୃତ
#### ୧୫ ପାୱାରଟିଲର, ୧ ଜେସିବି ଜବତ

ଖୋର୍ଦ୍ଧା ଅଫିସ,୩୧।୧: ଖୋର୍ଦ୍ଧା ପୋଲିସ ଜିଲା ଜଙ୍କିଆ ଥାନାର ଅଁଳାଯୋଡି ମାଙ୍କଡାପଥର ଖଣି ଉପରେ ଶୁକ୍ରବାର ଚଢ଼ାଉ ସମୟରେ ଟ୍ରକ ଚଢ଼ି ଯିବାରୁ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ମଳିପଡା ସୁରେଶ ସାମନ୍ତରାୟ(୪୮)। ଜଙ୍କିଆ ଥାନା ପୋଲିସ ନଂ. ୨୮/୨୦ରେ ଦୁର୍ଘଟଣାଜନିତ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ସେହିଭଳି ୧୫ ପାୱାରଟିଲର ଓ ୧ ଜେସିବି ଜବତ ହୋଇଛି। କେତେଜଣ ମାଫିଆ ଗୋଟିଏ ଜେସିବିକୁ ଖସାଇ ନେଇଛନ୍ତି। ତେବେ ଆଉ ଏକ ଜେସିବିକୁ ଖସାଇ ନେଉଥିବା ଉଦ୍ୟମ ହେଉଥିବାବେଳେ ଟ୍ରକ ମଳିପଡା ସୁରେଶଙ୍କୁ ଟାଣିକି କିଛି ଦୂରରେ ପକାଇ ଦେଇଥିଲା। ଫଳରେ ସୁରେଶଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟପକ୍ଷେ ପୋଲିସ ମୟୂରଭଞ୍ଜର ଜଣେ ପାୱାରଟିଲର ଡ୍ରାଇଭରଙ୍କୁ ଅଟକ ରଖି ପଚରାଉଚୁରା କରୁଛି।

### ୧୧ରେ ସର୍ବଭାରତୀୟ ଦିବାରାତ୍ର ଭଲିବଲ୍ ଟୁର୍ନାମେଣ୍ଟ

କଣାସ, ୩୧।୧(ସ୍ୱ.ପ୍ର): କଣାସ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଆସନ୍ତା ୧୧ ତାରିଖରେ ମନୋରଞ୍ଜନ ସର୍ବଭାରତୀୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ହେବ। ଏଥିପାଇଁ ସଞ୍ଜୟ କୁମାର ଛୁଆଳସିଂହଙ୍କ ସଭାପତିତ୍ୱରେ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ କ୍ରୀଡ଼ା ଓ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ହେବାକୁ ଥିବା ଏହି ଟୁର୍ନାମେଣ୍ଟରେ ରାଜ୍ୟ ଓ ରାଜ୍ୟ ବାହାରୁ ୬ଟି ଦଳ ଭାଗନେବେ। ଶାନ୍ତିଶୃଙ୍ଖଳାର ସହ ଖେଳ ପରିଚାଳନା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଖେଳ ଶିକ୍ଷକ ବଟକୃଷ୍ଣ ଜେନା, ପ୍ରଧାନ ଶିକ୍ଷକ ନିରଞ୍ଜନ ପତି, ଶିକ୍ଷାବିତ୍ ଭାଗୀରଥି ମହାପାତ୍ର, ମହେନ୍ଦ୍ର କୁମାର ରଣସିଂହ, ଶ୍ରୀକାନ୍ତ କୁମାର ନାୟକ, ଡମ୍ବରୁଧର ସୁନ୍ଦରାୟ, ବୀରବର ଭଞ୍ଜ, ବିଭୂତି ଭୂଷଣ ରାଉତ, ରମାକାନ୍ତ ପ୍ରଧାନ, ଦେବରାଜ ରଣାହନ୍ଧାଳ, ଶୁଭାଶିଷ ପାହାଡ଼ସିଂହ, ରାଜୀବ ବଳିୟାରସିଂହ, ଆଶିଷ ବଳିୟାରସିଂହ, ପ୍ରେମାନନ୍ଦ ଜାଲି, ସୋମନାଥ ମାନସିଂହ, ମନୋରଞ୍ଜନ ସୁନ୍ଦରାୟ ପ୍ରମୁଖ ଉପସ୍ଥିତ ଥିଲେ।

### ବ୍ୟବଚ୍ଛେଦ ପରେ ପୋତାଗଲା ମୃତ ତିମି



ବ୍ରହ୍ମଗିରି, ୩୧।୧(ଡି. ଏନ୍.ଏ): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ସାନପାଟଣା ସମୁଦ୍ରକୂଳରେ ଲାଗିଥିବା ମୃତ ତିମିର ମୃତଦେହକୁ ଶୁକ୍ରବାର ବ୍ୟବଚ୍ଛେଦ କରାଯିବା ପରେ ପୋତି ଦିଆଯାଇଛି। ବ୍ରହ୍ମଗିରି ମଣ୍ଡଳ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ମଳୟ କୁମାର ମିଶ୍ର ମୃତ ତିମିକୁ ବ୍ୟବଚ୍ଛେଦ କରିଥିଲେ। ପରେ ବନବିଭାଗ କର୍ମଚାରୀଙ୍କ ସମେତ ସ୍ଥାନୀୟ ଲୋକେ ସମୁଦ୍ର କୂଳରୁ କିଛି ଦୂରରେ ବାଲିରେ ଗାତ ଖୋଳି ତାହାକୁ ପୋତିଥିଲେ। ଏହି ସମୟରେ ବାଲୁଗାଁ ଏସିଏଫ ଶରତ କୁମାର ମିଶ୍ର, ବ୍ରହ୍ମଗିରି ବିଡିଓ ମଳୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ମୃତ ତିମି ଯେପରି ବାଲିରେ ଶୀଘ୍ର ନଷ୍ଟ ହୋଇଯିବ ସେଥିଲାଗି ମୃତଦେହ ଉପରେ ବ୍ଲିଚିଂ ପାଉଡର ସମେତ କିଛି ଔଷଧ ସିଞ୍ଚନ କରାଯାଇଛି। ତିମି ମୃତ୍ୟୁର କାରଣ ଜଣାପଡ଼ି ନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ରେଞ୍ଜ ଅଧିକାରୀ ସାନସ କୁମାର ମହାପାତ୍ର କହିଛନ୍ତି। ସୂଚନାଯୋଗ୍ୟ, ସାନପାଟଣା ସମୁଦ୍ର କୂଳରେ ଗୁରୁବାର ଅପରାହ୍ନରେ ୩୩ ଫୁଟ ଲମ୍ବର ଏକ ତିମି ମାଛ ମରି ଭାସୁଥିବା ସ୍ଥାନୀୟ ମତ୍ସ୍ୟଜୀବୀ ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ସେମାନେ ବନ ବିଭାଗକୁ ଜଣାଇଥିଲେ। ତିମିଟି ପଚି ନଷ୍ଟ ହୋଇଯାଇଥିବାବେଳେ ଏହାକୁ ସାତପଡ଼ା ବନବିଭାଗ ଜବତ କରିଥିଲା।

# ‘ଶିକ୍ଷା ହେଉଛି ସଚେତନତାର ବାର୍ତ୍ତା’

## ବିଷ୍ଣୁପୁର ନୋଡାଲ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ





ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ଅନ୍ୟ ଅତିଥିମାନେ ।

ନିମାପଡ଼ା,୩୧।୧(ଡି.ଏନ୍.ଏ.): ଶିକ୍ଷା ହେଉଛି ସଚେତନତାର ବାର୍ତ୍ତା। ଚେତନାକୁ ଜାଗ୍ରତ କରିବା ହିଁ ହେଉଛି ଶିକ୍ଷା। କ୍ଷୁଦ୍ର ମଧ୍ୟରେ ବିରାଟକୁ ଅନୁସନ୍ଧାନ କରିବା ହିଁ ହେଉଛି ଶିକ୍ଷା ବୋଲି ଶୁକ୍ରବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ନିମାପଡ଼ା ବ୍ଲକ ଅନ୍ତର୍ଗତ ବିଷ୍ଣୁପୁର ନୋଡାଲ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ପ୍ରଫେସର ଲାଲ ଏହା କହିଛନ୍ତି। ସେ ଆହୁରି କହିଥିଲେ ଯେ, ଆମେ ସମସ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦେଶର ଲୋକ। ଆମର ଅସ୍ତିତ୍ୱ ହେଉଛି ଶାନ୍ତି, ମୈତ୍ରୀ, ଚେତନା, ନୀରବତା, ଜ୍ଞାନ ଓ ଶୂନ୍ୟତା। ବିଶ୍ୱରେ ଶାନ୍ତି, ମୈତ୍ରୀ ବଜାୟ ରଖିବା ପାଇଁ ଆମେ ଭାରତବାସୀ ଜଗନ୍ନାଥଙ୍କ ଦେଶର ଲୋକ ସାରା ବିଶ୍ୱବାସୀଙ୍କୁ ଦିଗଦର୍ଶନ ଦେବା ଆବଶ୍ୟକ। ଅନ୍ୟପକ୍ଷରେ ପ୍ରତ୍ୟେକ ଶିଶୁଙ୍କ ମୁହଁରେ ହସ ଫୁଟାଇବାକୁ ଅଭିଭାବକ, ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ଗୁରୁଜନମାନେ ଯତ୍ନବାନ ହେବା ଆବଶ୍ୟକ ବୋଲି ରାଜ୍ୟପାଳ ଲାଲ କହିଥିଲେ। ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ, ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ ରୋଗ ଗବେଷଣା କେନ୍ଦ୍ରର ଅବସରପ୍ରାପ୍ତ ନିର୍ଦ୍ଦେଶକ ଡା. ଚିତ୍ତରଞ୍ଜନ ନାୟକ, ସ୍ତମ୍ଭକାର ଓ କଣ୍ଠଶିଳ୍ପୀ ଛନ୍ଦା ମିଶ୍ର, ଶିକ୍ଷାବିତ୍ ଗୋପୀନାଥ କର, ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ବଳବନ୍ତରାୟ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ଉତ୍ତୋରତର କାମନା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ମୁଖପତ୍ର ‘ବିଷ୍ଣୁପଦୀ’ ଓ ବିଦ୍ୟାଳୟର ଘନଶ୍ୟାମ ଦାଶ ସ୍ମୃତି ପାଠାଗାରକୁ ରାଜ୍ୟପାଳ ପ୍ରଫେସର ଲାଲ ଉନ୍ମୋଚନ କରିଥିଲେ। ସୁବର୍ଣ୍ଣ ଜୟନ୍ତୀ ସମାରୋହ କମିଟି ଓ ପୁରାତନ ଛାତ୍ର ସଂଘ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ମୋହନ ଦାଶ, ସ୍ୱର୍ଗତ ଘନଶ୍ୟାମ ଦାଶ, ସ୍ୱର୍ଗତ କ୍ଷେତ୍ରମୋହନ ନାୟକ, ମନ୍ତ୍ରୀ ଦାଶଙ୍କୁ ମରୋଣତ୍ତର ସମ୍ମାନ ପ୍ରଦାନ କରାଯାଇଥିଲା। ଏହା ସହିତ ଛାତ୍ରୀ ଶାଳିନୀ ନାୟକ, ଶାଳିନୀ ଭୋଇ, କଣ୍ଠଶିଳ୍ପୀ ଶାନ୍ତିଲତା ଛୋଟରାୟଙ୍କ ସମେତ ୨୬ଜଣ କୃତୀ ପ୍ରତିଭା, ରାଜ୍ୟପାଳ, ମନ୍ତ୍ରୀ ଦାଶ, ଓ ଏମ୍‌ପି ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।



ଲୋକେ ଶୁକ୍ରବାର ପୁରୀ ମଙ୍ଗଳା ନଦୀ ପାରିହୋଇ କୋଲୁଅ ଗ୍ରାମକୁ ଯାଉଛନ୍ତି ।

### ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

କଣାସ, ୩୧।୧(ସ୍ୱ.ପ୍ର.): କଣାସ ବ୍ଲକ ଯାମଳଗୋଦା ପଞ୍ଚାୟତର ବସନ୍ତପୁର ଗ୍ରାମରେ ୨୭ତାରିଖଠାରୁ ଚାଲିଥିବା ୭୪ତମ ବିଶ୍ୱଶାନ୍ତି ମହାଯଜ୍ଞ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ୪ଦିନ ଧରି ଶୁଭ ଅଧିବାସ, ଅଙ୍କୁରାରୋପଣ, କଳସଯାତ୍ରା, ବାଲୁଙ୍କେଶ୍ୱର ଦେବଙ୍କ ଯଜ୍ଞପୀଠକୁ ଆଗମନ, ତେତିଶ କୋଟି ଦେବଦେବୀଙ୍କୁ ଆହୁତି ପ୍ରଦାନ ଓ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ହୋଇଥିଲା।

### ପୁରାତନ ଛାତ୍ରଙ୍କ ବୈଠକ

କଣାସ, ୩୧।୧(ସ୍ୱ.ପ୍ର.): କଣାସ ବ୍ଲକ ସାହୁପଡ଼ା ପଞ୍ଚାୟତସ୍ଥିତ ଗ୍ରାମେଶ୍ୱର ବିଦ୍ୟାଳୟର ପୁରାତନ ଛାତ୍ରମାନଙ୍କୁ ନେଇ ଏକ ବୈଠକ ପ୍ରଧାନଶିକ୍ଷକ ଶ୍ରୀବସ୍ତ ରାହାଡସିଂହଙ୍କ ସଭାପତିତ୍ୱରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ମୋ ସ୍କୁଲ୍ ଯୋଜନା ଅନୁଯାୟୀ ବିଦ୍ୟାଳୟର ଉନ୍ନତି ପାଇଁ ଏକ କମିଟି ଗଠନ କରାଯାଇଥିଲା। ପ୍ରଫୁଲ୍ଲ କୁମାର ଜେନା ସଭାପତି, ବ୍ରଜକିଶୋର ବେହେରା ଓ ଶଶାଙ୍କ ଶେଖର ରାୟ ଉପସଭାପତି, ବିଜୟ କୁମାର ମହାପାତ୍ର ସମ୍ପାଦକ, ଦେବେନ୍ଦ୍ର କୁମାର ମିଶ୍ର ଯୁଗ୍ମ ସମ୍ପାଦକ, ଭିକାରି ଗୁମାନସିଂହ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିବାବେଳେ ତ୍ରିନାଥ ମାଝୀ, ଅର୍ଜୁନ ଚରଣ ସାମନ୍ତରାୟ, ବିଜୟ କୁମାର ପାଲଟାସିଂହ ଉପଦେଷ୍ଟା ମଣ୍ଡଳୀ କର୍ମକର୍ତ୍ତା ଭାବେ ନିର୍ବାଚିତ ହୋଇଥିଲେ। ୧୧ଜଣ କାର୍ଯ୍ୟକାରୀ କମିଟିକୁ ମନୋନୀତ ହୋଇଥିଲେ।

# ଅଭିଯୁକ୍ତଙ୍କୁ ଧରିବାକୁ ଯାଇ ପୋଲିସ ହଟହଟା

ଗୋପ,୩୧।୧(ଡି.ଏନ୍.ଏ.): ଗୋପ ପୋଲିସ ନୂଆଖୋଲମରା ପଞ୍ଚାୟତର ନନ୍ଦିଗୋରଡା ଗ୍ରାମକୁ ଫେରାର ଅଭିଯୁକ୍ତ ଧରିବାକୁ ଯାଇ ଗୁରୁବାର ରାତିରେ ପୋଲିସକୁ ହଟହଟା ହେବାକୁ ପଡ଼ିଛି। ଏହା ସହ ଗ୍ରାମବାସୀ ସେମାନଙ୍କୁ ୩ଘଣ୍ଟା ଅଟକ ରଖିଥିଲେ। ଏହା ପରେ ମୋବାଇଲ ଫୋନରେ ରେକର୍ଡିଂରେ ଭୁଲ ମାଗି ଫେରିଥିବା ଜଣାପଡିଛି। ସୂଚନା ଅନୁଯାୟୀ, ଗୋପ ପୋଲିସ ପକ୍ଷରୁ କେତେକ ସ୍ଥାନରେ ଫେରାର ଅଭିଯୁକ୍ତଙ୍କୁ ଗିରଫ କରାଯାଉଥିବା ବେଳେ ଗୁରୁବାର ରାତିରେ ପୋଲିସ ନନ୍ଦିଗୋଡ଼ା ଗ୍ରାମକୁ ଯାଇଥିଲା। ଏହି ଗ୍ରାମରେ ଦିଲୀପ ପଲେଇଙ୍କ ନାଁରେ ୱାରେଣ୍ଟ ଥିବା ବେଳେ ପୋଲିସ ଆଉ ଜଣଙ୍କ ଘରେ ଭୁଲରେ ବସିଯାଇଥିଲା। କବାଟ ବାଡେଇ ପରିବାର ସଦସ୍ୟଙ୍କୁ ଗାଳିଗୁଲଜ କରି ୨ଜଣ ଯୁବକଙ୍କୁ ଥାନାକୁ ଆଣୁଥିବା ବେଳେ ପରିବାର ଷଳାକ ଓ ଗ୍ରାମବାସୀ ପୋଲିସକୁ କାଗଜପତ୍ର ମାଗିଥିଲେ। ପୋଲିସ ନିକଟରେ କାଗଜପତ୍ରରେ ୱାରେଣ୍ଟ ଦିଲୀପ ପଲେଇ ଥିବା ବେଳେ ବାପାଙ୍କ ନାଁ ଅଲଗା ରହିଥିଲା। ପରେ ପୋଲିସ ହଡ଼ବଡ ହେବା ସହ ଧରିଥିବା ଦୁଇ ଯୁବକଙ୍କୁ ଛାଡି ଦେଇଥିଲା। ରାତ୍ର ୧ଟା ରୁ ଭୋର ୪ଟା ପର୍ଯ୍ୟନ୍ତ ନନ୍ଦିଗୋରଡା ଗ୍ରାମରେ ପୋଲିସ ଗ୍ରାମବାସୀଙ୍କ ଦ୍ୱାରା ଅଟକ ଥିବା ବେଳେ ପୋଲିସ ଏକ ସାଦା କାଗାଜରେ ଭୁଲ କରିଥିବା ଲେଖିଥିଲେ ମଧ୍ୟ ଗ୍ରାମବାସୀ ପୋଲିସଙ୍କୁ ଛାଡି ନ ଥିଲେ। ବହୁ ବୁଝାଶୁଝା ପରେ ପୋଲିସ ମୋବାଇଲ ଫୋନ ରେକର୍ଡିଂ ମାଧ୍ୟମରେ ଆମ ଭୁଲ ବସତଃ ଏପରି କରିଥିବା କହିବା ପରେ ଗ୍ରାମବାସୀ ପୋଲିସଙ୍କୁ ଛାଡିଥିଲେ। ଗୋପ ପୋଲିସର ଏଭଳି କାର୍ଯ୍ୟକୁ ନେଇ ଗୃହକର୍ତ୍ତା ବନବିହାରୀ ପଲେଇ ଏସପିଙ୍କୁ ଅଭିଯୋଗ କରିବେ ବୋଲି କହିଛନ୍ତି। ଏ ସମ୍ପର୍କରେ ଗୋପ ଥାନା ଅଧିକାରୀ ସୁଧୀର କୁମାର ସାହୁ କୁହନ୍ତି, ଗ୍ରାମବାସୀ ପୋଲିସଙ୍କୁ ଅଟକ ରଖିଥିବା କଥା ସେ ଅସ୍ୱୀକାର କରିଥିଲେ।

# କ୍ଷତିଗ୍ରସ୍ତଙ୍କୁ ସହାୟତା ପ୍ରଦାନ ଦାବି

କାକଟପୁର/ଅସ୍ତରଙ୍ଗ, ୩୧।୧: (ଡି.ଏନ.ଏ): କାକଟପୁର ଏବଂ ଅସ୍ତରଙ୍ଗ ଅଞ୍ଚଳରେ ଗୁରୁବାର ସନ୍ଧ୍ୟାରେ ହୋଇଥିବା ଝଡ଼ବର୍ଷାରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଅନେକ ସ୍ଥାନରେ ଗଛ, ବିଦ୍ୟୁତ ଖୁଣ୍ଟ ଉପୁଡି ପଡ଼ିବା ସହ କେତେକ ଘରର ଚାଳ ଓ ଆଜବେଷ୍ଟସ୍ ଛାତ ଉଡ଼ିଯାଇଛି। ବହୁ ପାନବରଜ କ୍ଷତିଗ୍ରସ୍ତ ହୋଇଛି। ଧାନ ସମେତ ବିଭିନ୍ନ ଫସଲ ନଷ୍ଟ ହୋଇଛି। ମହେଶ୍ୱର ତ୍ରିପାଠୀ କଲେଜ ଛକ ନିକଟରେ ରଖିଥିବା ମୋଟର ସାଇକେଲ ଗଛ ପଡ଼ିବାରୁ ତାହା ଚାପି ହୋଇ ଭାଙ୍ଗିରୁଜି ଯାଇଛି। ଅଗ୍ନିଶମ ବିଭାଗ କର୍ମଚାରୀ ରାସ୍ତାରେ ପଡ଼ିରହିଥିବା ଗଛ, ବିଦ୍ୟୁତଖୁଣ୍ଟ, ତୋରଣ ଆଦିକୁ ହଟାଇବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ଏହି ଝଡ଼ବର୍ଷାରେ କ୍ଷତିଗ୍ରସ୍ତ ପରିବାର ଓ ଚାଷୀଙ୍କୁ ତୁରନ୍ତ ସରକାରୀ ସହାୟତା ଦେବାକୁ ଦାବି ହେଉଛି।

# ଓଡ଼ିଶୀ ନୃତ୍ୟଶିଳ୍ପୀଙ୍କୁ ସମ୍ବର୍ଦ୍ଧନା



ରୋଜାଲିନ ସୁନ୍ଦର ରାୟ ଓ ଲିଜାଲିନ ସୁନ୍ଦର ରାୟଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି ।

ସାକ୍ଷୀଗୋପାଳ, ୩୧।୧ ( ଡି.ଏନ.ଏ.): ନୂଆଦିଲ୍ଲୀରେ ସାଧାରଣତନ୍ତ୍ର ଦିବସ ପରେଡରେ ପ୍ରଦର୍ଶିତ ଓଡ଼ିଶା ପ୍ରଜ୍ଞାପନ ମେଢରେ ପ୍ରତିନିଧିତ୍ୱ କରି ସଫଳତା ଆଣିଥିବା ସାକ୍ଷୀଗୋପାଳ ଅଞ୍ଚଳର ଓଡ଼ିଶୀ ନୃତ୍ୟ ଶିଳ୍ପୀ ଦୁଇଭଉଣୀଙ୍କୁ ଶୁକ୍ରବାର ସମ୍ବର୍ଦ୍ଧିତ କରାଯାଇଛି। ସେମାନେ ହେଲେ ବୀରରାମଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ପଟ୍ଟନାୟିକିଆର ରୋଜାଲିନ ସୁନ୍ଦର ରାୟ ଓ ଲିଜାଲିନ ସୁନ୍ଦର ରାୟ। ଦିଲ୍ଲୀରୁ ଫେରିବା ପରେ ପଟ୍ଟନାୟିକିଆ ଛକଠାରେ ତାଙ୍କୁ ସରପଞ୍ଚ ପ୍ରସନ୍ନ କୁମାର ଷଡଙ୍ଗୀଙ୍କ ସହ ମହମ୍ମଦ ଜିକିରିୟା, ଦୀପା ବେହେରା, ହଞ୍ଚ କିଶୋର ବାରିକ, ବ୍ରଜକିଶୋର ପ୍ରଧାନ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ସୂଚନାଯୋଗ୍ୟ, ରୁକୁଣା ରଥ ପ୍ରଜ୍ଞାପନ ମେଢ଼ରେ ଏହି ଦୁଇ ଭଉଣୀ ଅକାର୍ଷଣୀୟ ପାରମ୍ପରିକ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ।

# ବିଦ୍ୟା ମନ୍ଦିରରେ ମାତୃ ସମ୍ମିଳନୀ

ପୁରୀ ଅଫିସ,୩୧।୧: ମଧୁବନସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଏବଂ ଘୋଡ଼ାବଜାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶୁକ୍ରବାର ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମଧୁବନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ କୁନି କୁନି ଛାତ୍ରୀଙ୍କ ଓଡ଼ିଶୀ ନୃତ୍ୟ ପରେ ମାଆମାନଙ୍କର ସୁଚିନ୍ତିତ ମତାମତ ନିଆଯାଇଥିଲା। ଏଥିସହ କ୍ଷୁଦ୍ର ନାଟକ ବେଟି ବଚାଓ ଓ ବେଟି ପଢାଓ ପରିବେଷଣ କରାଯାଇଥିଲା। ଏଥିରେ ମାଆମାନଙ୍କ ମଧ୍ୟରେ ରଙ୍ଗୋଲି, ହସ୍ତକର୍ମ, ଆଶୁ କବିତା ଆବୃତ୍ତି କରାଯାଇଥିଲା। ରଙ୍ଗୋଲିରେ ପ୍ରିୟଙ୍କା ସାହୁ, ସସ୍ମିତା ସାହୁ ଓ ରଶ୍ମିରେଖା ବରାଳ, ହସ୍ତକର୍ମରେ ବିଜୟଲକ୍ଷ୍ମୀ ସାହୁ, ସସ୍ମିତା ଦାଶ, ମନୋସ୍ମିତା ଦଳାଇ, ଆଶୁ କବିତା ଆବୃତ୍ତିରେ କୃଷ୍ଣପ୍ରିୟା ପୃଷ୍ଟି, ପ୍ରିୟଦର୍ଶିନୀ ପତି ଓ ମମତା ଜେନା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇ ପୁରସ୍କୃତ ହୋଇଥିଲେ। ସେହିପରି ଘୋଡାବଜାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅଭିଭାବିକାଙ୍କ ମଧ୍ୟରେ ଝୋଟି, ସ୍ୱଦେଶୀ ପିଠା ପ୍ରସ୍ତୁତି, ପୁଚି, ସଙ୍ଗୀତ ଚୌକି, ବକ୍ତୃତା, ସଙ୍ଗୀତ କବିତା ଆବୃତ୍ତି ସହିତ ସ୍ୱଚ୍ଛତା, ଜଳ ଓ ଶକ୍ତି ସଂରକ୍ଷଣ ଏବଂ ପର୍ଯ୍ୟାବରଣ ବିଷୟରେ ପ୍ରତିଯୋଗିତା କରାଯାଇଥିଲା। ଶ୍ରେଷ୍ଠ ପ୍ରତିଭାଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉପରୋକ୍ତ ଦୁଇ ବିଦ୍ୟାମନ୍ଦିରର ଏହି କାର୍ଯ୍ୟକ୍ରମକୁ ବହୁ ବିଶିଷ୍ଟ ବ୍ୟକ୍ତି ଅତିଥି ଏବଂ ବିଚାରକ ଭାବେ ଯୋଗଦେଇଥିଲେ।



ମଧୁବନ ଶିଶୁ ମନ୍ଦିରରେ ଅନୁଷ୍ଠିତ ପ୍ରତିଯୋଗିତାରେ ପୁରସ୍କୃତ ମା'ମାନେ ।

# କଲେଜର ବାର୍ଷିକ ଉତ୍ସବ





ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

ସାକ୍ଷୀଗୋପାଳ, ୩୧।୧ ( ଡି.ଏନ.ଏ. ): ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ୪୩ତମ ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଚିନ୍ତାମଣି ପଣ୍ଡା, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ପ୍ରଫେସର ଶୁକଦେବ ମହାନ୍ତି ଯୋଗଦେଇଥିଲେ। ଅଧ୍ୟକ୍ଷ ପ୍ରଫେସର ନିହାର ରଞ୍ଜନ ଦାଶ ଉତ୍ସବରେ ସଭାପତିତ୍ୱ କରିଥିଲେ। ଛାତ୍ର ସଂସଦ ଉପଦେଷ୍ଟା ନଳୀନି ଲୋଚନ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଯୁକ୍ତ ୨ ସ୍ତରରେ କବିତା ବିଶ୍ୱାଳ, ଅଶ୍ୱିନ କୁମାର ମହାପାତ୍ର, ସ୍ୱାଗତିକା ରଥ ଯଥାକ୍ରମେ କଳା, ବାଣିଜ୍ୟ ଓ ବିଜ୍ଞାନ ବିଭାଗରେ ସର୍ବୋଚ୍ଚ ନମ୍ବର ରଖି ସ୍ୱର୍ଗତ ନନ୍ଦନନ୍ଦନ ଦାଶ ସ୍ମୃତି ସମ୍ମାନ ପାଇଥିଲେ। ଯୁକ୍ତ ୩ରେ ସ୍ୱାଗତିକା ମହାପାତ୍ର, ରାମଚନ୍ଦ୍ର ରଥ କଳା ଓ ବାଣିଜ୍ୟ ବିଭାଗରେ ଚଳିତବର୍ଷର ଶ୍ରେଷ୍ଠ ଗ୍ରାଜୁଏଟ ଭାବେ ସମ୍ମାନିତ ହୋଇଥିଲେ। କ୍ରୀଡ଼ା ଓ ହିମାଳୟ ଅଭିଯାନରେ ଅଂଶଗ୍ରହଣ କରିଥିବା ଖେଳାଳିମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ରତିକାନ୍ତ ପରିଡା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମନୋଜ କୁମାର ପରିଡା ସହଯୋଗ କରିଥିଲେ। ରାଜ କିଶୋର ପତି ଧନ୍ୟବାଦ ଦେଇଥିଲେ। ଶେଷରେ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଅସ୍ତିତ୍ୱ ହରାଉଛି ଦୟାନଦୀ

- ଚାଷ ପ୍ରଭାବିତ
- ତଟବାସୀଙ୍କ ଦୁର୍ଦ୍ଦଶା ବଢୁଛି
- ପୁନରୁଦ୍ଧାର ଦାବି



ପୋତି ହୋଇପଡୁଥିବା ଦୟାନଦୀ ।

କଣାସ, ୩୧।୧(ସ୍ୱ.ପ୍ର.) ଦୟା କଣାସ ଅଞ୍ଚଳର ଏକ ପ୍ରମୁଖ ନଦୀ। କଣାସ ଅଞ୍ଚଳବାସୀଙ୍କ ପାଇଁ ଏହି ନଦୀ ପ୍ରଳୟଙ୍କରୀ ବନ୍ୟା ରଚି କେବେ ଦୁଃଖର କାରଣ ହୋଇଛି ତ ଆଉ କେତେବେଳେ ନିଜ ତଟଦେଶରେ ପନିପରିବା ଓ ନାନା ପ୍ରକାର ଫସଲ ଭରିଦେଇ ଜୀବନ ଧାରଣର ପ୍ରମୁଖ ଭୂମିକା ଗ୍ରହଣ କରିଆସିଛି। ଦୟାନଦୀ ବାଲକାଟୀ ସରଦେଇପୁରଠାରୁ ଭାର୍ଗବୀ ନଦୀରୁ ବାହାରି ଧଉଳି ପାଦଦେଶରେ ପ୍ରବାହିତ ହୋଇ ତିରିମଲ୍ଲ, ଘୋରଡ଼ିଆ, ତ୍ରିଲୋଚନପୁର, କଣାସ, ଗଡ଼ବଳଭଦ୍ରପୁର ଦେଇ ଚିଲିକା ହ୍ରଦରେ ମିଶିଛି। ଏହି ନଦୀ ଏବେ ଧୀରେ ଧୀରେ ଅସ୍ତିତ୍ୱ ହରାଇବାକୁ ବସିଲାଣି। ଅଞ୍ଚଳବାସୀଙ୍କ ଉପରେ ଏବେ ଏହାର ପ୍ରଭାବ ପଡ଼ିଲାଣି। ତିରିମଲ୍ଲଠାରୁ ଗଡବଳଭଦ୍ରପୁର ପର୍ଯ୍ୟନ୍ତ ୨୫କି.ମି. ଦୟାନଦୀ ବୋହିଆସି ସେଠାରେ ଚିଲିକା ସହ ବଡଗୋଠରେ ନିଜକୁ ହଜାଇ ଦେଇଛି। ଦୟାନଦୀ ତଟରେ କଣାସବାସୀ ପନିପରିବା ଓ ଫସଲ ଚାଷ କରି ଖାଦ୍ୟ ପାଇପାରୁଛନ୍ତି। ମାତ୍ର ରାଜ୍ୟ ସରକାର ଦୟା ନଦୀର ରକ୍ଷଣାବେକ୍ଷଣ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଫଳରେ ଏବେ ନଦୀଶଯ୍ୟା ପୋତିହୋଇ ପଡ଼ିଲାଣି। ସମ୍ପ୍ରତି ନଦୀରେ ଜଳ ରହୁନାହିଁ। ଦିନ ଥିଲା, ଏହାର ଦୁଇପାର୍ଶ୍ୱରେ ପନିପରିବା ଓ ବିଭିନ୍ନ ଫସଲରେ ନଦୀପଠା ହସି ଉଠୁଥିଲା। ପଠାରେ କଲରା, ପୋଟଳ, ବାଇଗଣ, ମୂଳା, ପୋଇ, କଖାରୁ, ଚିନାବାଦାମ ଫସଲ କରାଯାଇ ରାଜ୍ୟର ବିଭିନ୍ନ ସହରକୁ ପଠାଯାଉଥିଲା। ସେହିପରି ପଶ୍ଚିମବଙ୍ଗର କୋଲକାତା, ବିହାରର ଟାଟା ଓ ଜାମସେଦପୁର ସହରକୁ ମଧ୍ୟ ଟ୍ରକ୍ ଯୋଗେ ପଠାଯାଉଥିଲା। ଏହାଦ୍ୱାରା ଲୋକେ ସ୍ୱଚ୍ଛଳ ହୋଇପାରୁଥିଲେ। ମାତ୍ର ଏବେ ଚିତ୍ର ଭିନ୍ନ। ଜଳାଭାବ କାରଣରୁ ସ୍ଥାନୀୟ ବାସିନ୍ଦା ପନିପରିବା କିମ୍ବା କୌଣସି ଅର୍ଥକରୀ ଫସଲ ଚାଷ କରିପାରୁନାହାନ୍ତି। ଏଥିଯୋଗୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ରାଜ୍ୟ ସରକାର ତୁରନ୍ତ ଦୟାନଦୀର ପୁନରୁଦ୍ଧାର ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।